ହରିଜନ

SHAMBHU DAS

ଶ୍ରୀ ଗୋପୀନାଥ ମହାନ୍ତି

ବିଦ୍ୟାପୁରୀ

Digitized by srujanika@gmail.com

HARIJAN (Novel)
By Sri Gopinath Mohanty
Published by Vidyapuri, Cuttack 753002
Reprinted 1984

ବିଦ୍ୟାପୁରୀ ଦ୍ୱାରା
ପୁନର୍ମୁଦ୍ରଣ ଡିସେମ୍ବର ୧୯୮୩

ପ୍ରକାଶକ
ଶ୍ରୀ ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ଫସାର ପ୍ରେସ
ଚେଲେଙ୍ଗା ବଜାର, କଟକ ୭୫୩୦୦୯

ମୂଲ୍ୟ ଟ ୨୮.୦୦
ସାଦା ବନ୍ଧାଇ ଟ ୨୫.୦୦

Digitized by srujanika@gmail.com

SHAMBHU DAS

ଉପହାର

ଯେ ମୋ ଭୁଣ୍ଡରେ ଦେଲେ ଭାଷା,
ହାତରେ ଦେଲେ ଖଡ଼୍ଗ,
ଛାତିରେ ଦେଲେ ସାହସ—
"ଭୟ ନାହିଁ, ମୁଁ ତୋ ଆଗରେ ଅଛି ପଛରେ ଅଛି,"
ସେହି ମୋର ସାହିତ୍ୟିକ ଗୁରୁଦେବ—
ଜନ୍ମଗତ ଅଗ୍ରଜ,
ଓଡ଼ିଆ ସାହିତ୍ୟର ଗୌରବ-ରବି—
ଶ୍ରୀ କାହ୍ନୁଚରଣ ମହାନ୍ତିଙ୍କୁ
ଏ ମୋର ମାଟି କାଦୁଅ ଗଢ଼ା ହାଡ଼ ହାଡ଼ିଆଣୀ ଦୋଟି
ଉପହାର ଦେଲି ।

ଗୋପ

Digitized by srujanika@gmail.com

Theirs be the colour the music
the glory the gold,
Mine be a handful of ashes,
a mouthful of mould.

—Masefield.

Digitized by srujanika@gmail.com

ହରିଜନ

ଏକ

ସୁନ୍ଦର—ସବୁ ସୁନ୍ଦର, ସୁନା ବସି ଦେଖୁଥିଲା । ପଛୁଆଣି ଖସ୍ୱରେ ରଙ୍ଗ ବଦଳାଉଛି, ମୁହଁପଟେ ଖଣ୍ଡିଆ ତୋଟାର ଟେକା ଟେକା ଆମ୍ବଗଛ ସବୁ ଅଳସରେ ଢଳୁଛି, ଫୁଲ ଭର୍ତ୍ତି, ଭଁ ଭଁ ମହୁମାଛି । ଅଳିଆକୁଡ଼ର ବୋତକା ଗନ୍ଧ ଉପରେ ଅତର ଛିଞ୍ଚା ହେଲା ପରି ଫଗୁଣର ନଡ଼ୁଆ ବାସ୍ନା । ଆମ୍ବତୋଟା ତଳର ଖାଲ କୁଦ, ସେକରେ ସାମ୍ନାରେ ବଡ଼ ରାସ୍ତା ଗାଁକୁ ଯାଇଛି—ମଶାଣିକୁ । ପଛକୁ ପଛ ହୋଇ ମଣିଷର ଖୁରୁ ପାଦଚିହ୍ନ—ରାସ୍ତା, ବାଟ, ନଈବାଲି । ଛପିଲା ପରି ନଈ ଧାର । ତୋଟା ପାଖର ଖାଲୁଆ ମେହେନ୍ତରପଲ୍ଲୀରୁ ନଈ ଦିଶେ ନାହିଁ, ନଈ ଉପରେ ଆକାଶ ଦିଶେ । ସେଠି ଛିଣ୍ଡା ହାର ପରି ମାଳ ମାଳ ଚଢ଼େଇ । ଚଳନ୍ତା ଛବି—ସଡ଼କ ଧୂଳି, ପେଲାପେଲି ମଣିଷ, ବଡ଼ ସହର, ଆକାଶର ଚଢ଼େଇ । ସବୁ ଉଡ଼ିଯାଉଛି, ସବୁ ଚାଲିଯାଉଛି । କଳା ଭଅଁର ରଙ୍ଗର ମଟରଗାଡ଼ି ଭିତରେ ସିଗାରେଟ୍‌ମୁହାଁ ଦାମିକା ବାବୁ, ଚଷମା ପିନ୍ଧା ଦାମିକା ଧଳାଲୋକ । ବୁଢ଼ା ଭିକାରୀଟିଏ ବାଡ଼ି ଭରା ଦେଇ ଟଳିଲା ପରି ଚାଲିଛି । ପଛେ ପଛେ ଗାଡ଼ିବାଲାର ହଟ୍ ହଟ୍ । ରେଳ ବେଳ ହେଲାଣି ପରା ! ରିକ୍‌ସା ପଛକୁ ରିକ୍‌ସା ଧାଇଁଛି ଟିଣିଂ ଟିଣିଂ । ନାଳିଆ ଧୂଳିରେ ଦି'ଗୋଡ଼ିଆ ପଶୁ ଦିଶୁଛି ଲମ୍ବ ଜୁଡ଼ୁବୁଡ଼ୁ । ଦୁନିଆଁ ଲମ୍ବ ଜୁଡ଼ୁବୁଡ଼ୁ ଧୂଳିର ମେଘ, ଗହଳିର ତୋଫାନ, ବଡ଼ ସହର । ତଥାପି କେଡ଼େ ସୁନ୍ଦର—ସବୁ ଖାଲି ଧାଇଁ ପଳେଇଛି । ଜାଢଜାଢକା, ମୋଟା ସରୁ, ରଙ୍ଗର ଗୁଣ୍ଡା । ସୂର୍ଯ୍ୟ ଅସ୍ତ ହେଉଛି । ମଶାଣିର ବାଲିବନ୍ତ ଉପରେ ଝାପ୍‌ସା ଫିକା ପଡ଼ିଲାଣି । ତଳେ ତଳେ କଅଁଳିଆ ନଦ···

Digitized by srujanika@gmail.com

"ପୁନି—ପୁନି" ବୋଉ ଡାକୁଛି । ଡାକୁଥାଉ ସେ । କୋଠାର ବଣ ଗହଳରେ ଶେଷ ଖରାର ରଙ୍ଗ । ଦେଉଳର ଅଗରେ । ତା ତଳେ ପାଖର ନଡ଼ିଆବାହୁଙ୍ଗା ଉପରେ ଝିଟ୍‌କିନା ପଳେଇ ଯାଉଛି, ଆଉ ଆସିବ ନାହିଁ । ଏ ବେଳ, ରୁନ୍ଧାରୁନ୍ଧି, ସନ୍ଧାସନ୍ଧି । "ପୁନି—ପୁନି, ଆଇଲୁ ଲୋ ଚୂଲିପଣୀ— !" ରଡ଼ିଲାଗିଛି, ଦୁନିଆ ଓଲଟେଇବ ପରି ! ପଛଆଡ଼େ ତା'ର ଆପଣାର ସାହି, ମେହେନ୍ତରବସ୍ତି, ନାକଧରାପୁର । ଖଟେଇ ହେଲା ପରି ଭଙ୍ଗା ଦଦରା ଚାଳ ହୋଇ ଅଛିଏ । ବସ୍ତି ସେକରେ ସହରଯାକର ଅଳିଆ ଗଦାଇବା ଜାଗା । ନାକଧରାପୁର୍—ବୋଉ କାନ ଅତରା ପକେଇ ଡାକସ୍ରଡ଼ୁଛି । କେତେବେଳୁଣିକା ଖରା ବେଶ ପାଲଟି ପକେଇଲାଣି । ଶିଶ ରୁଟୁଛି । ପୁଣି ଚହଳ ସାହିର ଧୂଳି ଧୂଆଁ । ଅଛିବ ଜାଡ । ନର୍ଦ୍ଦମା ପରି ମଣିଷ । ସେଇଠି ପୁରୁଣା ସମାଜର ଚେର । ତାଙ୍କର ଏ ନାକଧରାପୁର, ସୁରଆଡ଼ୁ ବଡ଼ ସହରର କାନ୍ଥ, ପାଚେରି, କୋଠା ଧାଇଁ ଆସୁଛି । ଅର୍ଦ୍ଧଚନ୍ଦ୍ର ଦେଉଛି ନଇଆଡ଼କୁ । ନାକଧରାପୁର ଉଠୁ ନାହିଁ । ଚେକାମାଡ଼ି ବସିଛି, ସହରର ଫୁସ୍‌ଫୁସ୍ ଭିତରେ ଯକ୍ଷ୍ମାଜୀବାଣୁ ଅଟକ ।

"କୁଆଡ଼େ ଗଲୁ ଲୋ—ଅଇଲୁ ଚୂଲିପଣୀ— !" ସେ ପାଖର ସେ ବଡ଼ କୋଠା, ଷଣ୍ଢ ପରି ମୁଣ୍ଡ ଟେକିଛି । ଧନଦୌଲତ ଆଖିଝଲସା ବଡ଼ପଣ । ସେଠି କେଉଁ ମିଞ୍ଜିମିଞ୍ଜିକା ମେହେନ୍ତରବସ୍ତି କେବେ ଥିଲା, ତା'ର ହାଡ଼ ଗୁଣ୍ଡା ହୋଇ, ଖତ ହୋଇ ଫୁଟିଛି କାରୁକାର୍ଯ୍ୟର ସୁନ୍ଦରପଣ । ଅବିନାଶବାବୁଙ୍କ ଦୋତାଲା କୋଠା । କେଡ଼େ ସୁନ୍ଦର ଶୁଆପକ୍ଷିଆ ଶାଢ଼ୀ । ବାବୁଘର ଅଳିଅଳି ଝିଅ ମାନମୟୀ ଠିଆ ହୋଇ ଦୃଶ୍ୟ ଦେଖୁଛି । ତା'ର ଶାଢ଼ୀ ଜାଉଜାଉକା । କ'ଣ ସେ କହୁଛି ? କାହିଁକି ଏତେ ହସୁଛି ? କୋଠା ତଳେ କିଏସେ ଏମାନେ ? ଆଲୁଳି ହୋଇ ବଡ଼ ସୁନ୍ଦର ମାନେ ତାକୁ । ବାଳ ଫିଟିପଡ଼ିଛି, ଦେହରେ ଅଧେ ଲୁଗା, କାନର ଅଳଙ୍କାର ଦୋହଲି ଲାଗିଛି । ଏକା ବୟସର ସେ, ମାନମୟୀ—ଦୂରର ଛବି ।

ମାନମୟୀ ଗଲା । ତା'ର ଭାଇ ଅଘୋରବାବୁ ଠିଆ ହୋଇଛନ୍ତି, ବଡ଼ବାବୁଙ୍କ ବଡ଼ ପୁଅ । ମଣିଷ ହେବ ତ ଏମିତି ହେବ । କି ପୋଷାକ— କି ସୁନ୍ଦର—ଭେଣ୍ଡା ଟୋକା, ଦେହରେ ଜୋର୍ ଥିବ ବହୁତ । କେଉଁଠି ଟିକିଏ ଖୁଣ ନାହିଁ । କଅଁଳ ଦେହ—ବାସୁଥିବ ପରା—କେଡ଼େ ବଡ଼ ବୟସ୍କ ସେ ! ଗୋଟିକିଆ ଭଳି । ମନକୁ ଟାଣି ନିଏ, ଯେତେ ଦେଖୁଥିଲେ ଆଶା ମେଣ୍ଟେ ନାହିଁ ।

Digitized by srujanika@gmail.com

SHAMBHU DAS

କ'ଣ କଲେ ସେ ସୁଖ ମିଳେ ? ଭଙ୍ଗାବସ୍ତିର ନର୍ଦ୍ଦମା-କଳା ସଂସାର ଉପରକୁ ଉଠିଯାଇ ଉଞ୍ଚ କୋଠାର ଛାତ ଉପରର ମାୟା ଜୀବନ । ଗୋଟିକିଆ ନବୋଲା - ସେଠି ପବନରେ ଧୂଳି ନ ଥିବ—ଅସନା ନାହିଁ, ଅଭାବ ନାହିଁ । ଦୂରକୁ ଦୂରକୁ ଦିଶିଯାଉଥିବ । ସେ ଉପରୁ ପୃଥିବୀ ଆହୁରି ସୁନ୍ଦର ନିସ୍ତବ୍ଧ, ସବୁବେଳେ ସୁନ୍ଦର । କଳବାଜା, ବିଜୁଳି ଆଲୁଅ, ଫୁଲକୁଣ୍ଡ, ସବୁବେଳେ ଭୋଜି । ମଇଳା ଗାଡ଼ି ଥିବ ନାହିଁ ସେଠି, ନ ଥିବ ଛୁଞ୍ଚୁଣୀ ଟୋକେଇ, ନର୍ଦ୍ଦମା— ।

ଛାତ ଉପରେ ଉପର ରଜା । ସେଠୁ ଅଘୋରବାବୁ ଦୂର ନୁହେଁ । କୁଆଡ଼େ ଚାହିଁଛନ୍ତି ସେ ? କ'ଣ ଭାବୁଛନ୍ତି ? ସେ କ'ଣ ପୁନିକୁ ଦେଖୁଥିବେ ? ପୁନି କଥା ଭାବୁଥିବେ ? – ଭାବନ୍ତୁ ନ ଭାବନ୍ତୁ, ଆଖି ବୁଜିଲେ ନେଇ ହୁଏ ନାହିଁ ସେ ଥିବାଯାକେ ।

"ଆଲୋ ପୁନି—" ଡାକ ପାଖକୁ ଆସୁଛି । "ମଲା, ତୁ ଏଇଠି ଅଛୁ, ମୁଁ ପାଟି କରି କରି ମରୁଚି ! ଆଜି ଯାଉ ତୋ ପିଠି ନ ଭାଙ୍ଗିଚି । ଦଇଥା, କେମିତି ଗେଣ୍ଡା ଫୁଲ ହେଇଚି ଦେଖିବୁ ଚଲେ । କାଲିକି ଚଟେ ପାଇଟିକି ପଠେଇବି । କିଛି ନ କହୁଚ ବୋଲି ଯୁଆଡ଼େ ପାରି ପିଆଡ଼େ—ଦେଖିଲାବେଳକୁ ମାଟିମେଦ ପରି ଗୁଣୀ ନଥ୍ କନା ବସିଚନ୍ତି । ଗୁଲ୍ ଗୁଲ୍ ।"

ମିଛ କଥା, ବୋଉ ଆଉ ଯାହା କରୁ, ପାଇଟିକି ପଠେଇବ ନାହିଁ । ଲୋକେ କହି କହି ଥକିଚନ୍ତି; ସେ ଚଳିଁ ନାହିଁ । ଏକା ଜିଦ, ଏକା ନାହିଁ । ସେ ପଛେ କାମରେ ଘାଣ୍ଟି ହଉଥିବ, ପୁନିକୁ ଛାଡ଼ିବ ନାହିଁ ।

"ବୋଉ, କ'ଣ ସୁଣ୍ଡା ସୁଣ୍ଡା ଗେଲବ ?"

"ନାଇଁ, ରସଗୋଲା ଆସିବ ଯେ ଗିଳିବୁ— ।" ତଥାପି ଜେମାର ମନ ଥିର ହେଲା ନାହିଁ । ସତେ ତ, ଘୋଡ଼କ ଟିଅ କ'ଣ ଲଗେଇ ଭାତ ଖାଇବ ? ଅଣ୍ଟାରେ ପଇସା ଯୋଡ଼ିଏ ଜାକି ଜେମା ବାହାରି ପଡ଼ିଲା । ବଜାରକୁ ଯାଇ ଦେଖିବ ଅନ୍ତତଃ ପିଚେଇ ଶୁଖୁଆ ଦି ପଇସାର ।

"ମୁଁ ଆଉଚି, ତୁ ଆ, କୁଆଡ଼ିକୁ ବାହାରିବୁ ନାଇଁ; ବୁଝିଲୁ ହୁସିଆର— !" ଭାତଗୁଣ୍ଡା ଜାକି ପୁନି କହିଲା, "ହୁଁ –"

□ □

Digitized by srujanika@gmail.com

ଦୁଇ

ଯା—ମା' ପାଣି ଥୋଇ ଦେଇ ଯାଇ ନାହିଁ । ଯାଇଚ ତ ଯୁଗ ପାହିଚ । ଅନ୍ଧାର ଘରେ ଅଣ୍ଡାଳି ଅଣ୍ଡାଳି ମିଳିଲା କଣା ମାଠିଆଟା, କଣାରୁ ଚୂନ ଖସିପଡ଼ିଥିବ, ପାଣି ନାହିଁ । ଶିକ୍‌କୁଳି ଲଗେଇ ଦେଇ ପୁନ ପାଣି ଆଣି ବାହାରିଲା । ମୁହଁ ବାନ୍ଧି ପକାଇଲା ପରେ ଅବିନାଶବାବୁଙ୍କ ଘର ଦୋତାଲା କୋଠାର ବିଜୁଳି ଆଲୁଅ ଦାଉ ଦାଉ ଜଳିଲାଣି । ଏତିକିବେଳେ ମାନମୟୀ ଗୀତ ବୋଲେ, ହାର୍ମୋନିୟମ୍ ସୁର ସହିତ ଭାସି ଆସେ ତା'ର ମନଫୁଲଣି ଗୀତ । ଉପରୁ ଝଡ଼ିପଡ଼ୁଥିବା ଗଛର ଅଇଣ୍ଠା ପାଖୁଡ଼ା ମୁହେଁ ମୁହେଁ ପୁନ ଓଲଟାଇ ବସେ, ତୁଣ୍ଡ ଲେଉଟେ ନାହିଁ । ବିରକ୍ତ ହୁଏ । ପୁଣି ମନେ ମନେ କସରତ୍ କରେ, ଗୁଣ୍ଠି ଗୁଣ୍ଠି ହୁଏ । ମନ ବୁଝେ ନାହିଁ—ରାଣୀ ଚନ୍ଦ୍ରକାନ୍ତୀର ଭେଦାଭେଦ । ଗୁଣ୍ଠି ଗୁଣ୍ଠି ହୋଇ ପୁନ ଚାଲିଥିଲା । କଟି କଟି ଅନ୍ଧାର । ନଲଟଣ ଆସିବାକୁ ଝୁମ୍ପ ଅଛି, ନଲଟଣ ନାହିଁ । ମଦୁଆ ଚାଲିଛନ୍ତି । ଗୁଣ୍ଠି ଗୁଣ୍ଠି ବନ୍ଦ ହୋଇଗଲା, କାନ୍ଥକୁ ଆଉଜି ପୁନ ଟାଳିଚଲେ । ମଦୁଆ ଚାଲିଛନ୍ତି, ହସ, ହାକୁଟି, ପାଟି । ଘରୁ ଘରୁ ବେଢେଇ ନିଆଁର ଧାସ ପଡ଼ିଛି ଅନ୍ଧାର ବାଟକୁ, ଦିଶିଯାଉଛି—କାହା କାମିଜରୁ ଚେନାଏ, କାହା ମୁଣ୍ଡରୁ ଫାଳେ । ଗ୍ରେବ୍‌ବାଟର ପଟ୍ଟାର । ଆଗରେ କଳଲମଟର ଘର, ଯୁଇକଢ଼ିର ଘର । ସେ ବାଟ ମାଡ଼ିବାକୁ ବୋଉର ହୁକୁମ୍ ନାହିଁ, କଡ଼ା କଟକଣା । ଆଗରେ ଲୁଚା ମଦ ଦୋକାନର ହାଉ ହାଉ । ଗଳିସନ୍ଧିରୁ ପୋଡ଼ା ମଦର ଗନ୍ଧ, ଲୋକଙ୍କ ବକର ବକର । ଅନ୍ଧାର ଛଳେ ଛଳେ ଢୁଲୁକ ଲଗିଛି ନାକଧରାପୁର୍ । ମେହେନ୍ତରପାଲିରେ ରାତ ।

ଅନ୍ଧାରେ ଅନ୍ଧାରେ ମାଡ଼ି ଆସୁଛି କଏ ସେ, ଜଳନ୍ତା ବିଡ଼ିଗୁଲ ପାଖେଇ ଆସୁଛି କତିକି । "କଏରେ ? ସନିଆଁ କରେ—"

"ଆହା, ମୋ ପୁନେଇଁ ଚାନ୍ଦ, ଧରାପଡ଼ିଲୁ ଆଜି—"

"ଗୁଡ଼୍ ଗୁଡ଼୍, ଭଲ ଦଶା ଅଛି ତ । ମଲା, ସେମିତ କାହିଁକି ହଉଚୁ ମଁ । ଶୁଙ୍ଘେ ତୋ ମୁହଁ । ଉହୁ—ଗୁଡ଼ିଦଉଚୁ—"

ସନିଆଁ ହସିଲା । "ଦେଖିଲୁ ତ, ମଦ ପିଇ ନାହିଁ । ଦାକ, ତତେ ଦେଖିଲେ ମତେ ନିଶା ଲାଗେ । କେମିତ ଗୁଡ଼ିବ କହିଲୁ ? ଗଣ୍ଠି ସଡ଼ଲେ—"

Digitized by srujanika@gmail.com

SHAMBHU DAS

'ତୋ ମୁଣ୍ଡ ଗଣ୍ଡି ପଡ଼ିଗଲା । ଡକାଗ୍ରଜ୍ଜିବ ଦେଖିବୁ ?''

''ଏତେ ବଢ଼ ବୁଧାଟାଏ ମାରଦେଲୁ ଠିକ୍ ଫୁଲ ପଡ଼ିଲା ପରି । ଆଉ ଗୋଟାଏ ମାର୍ ପୁନି; ତତେ ମୋ ରାଣ ଅଛି । ତୋର ସବୁ ସହିବ, ଦେଖିବୁ ନୋଇଁ । ତୁ ରାଣୀ ହେଇ ବସିବୁ—ମତେ ଗୋଇଠା ମାରବୁ । ମୁଁ ପିଠି ଦେଖେଇ ଦେଇ କହିବ, ଆଉ ଗୋଟାଏ, ଆଉ ଗୋଟାଏ—ମୋ ପିଠି ଗଲ୍ କରୁଚ—'' ସନିଆଁ ଅଭିନୟ କଲା । ପୁନି ହସିଲା ।

''କୋଉ ନାଟରୁ ଶିଖିଲୁ, ହେଇରେ 'ମୋ ପିଠି ଗଲ୍ କରୁଛି ?' ମାଇଚଆଟା, ଯାତ୍ରାରେ ରାଣୀ ହେଇଥିଲୁ କି ରେ ?''

''ତୁ ତ ହବୁ ରଜା, ମୁଁ ରାଣୀ ହେବ ନାଇଁ କ'ଣ ହେବ ? ଯିବା ଯାତ୍ରା ଦେଖି ! ଗୁଲ୍ ପଲେଇବା । କେବେ ତ ଆସୁନୋଉଁ, ମୁଁ ସବୁଦନେ ଡାକୁଚ । ପୁନ ପୁନ କଏ ଡାକୁଚ—ସ୍ନେହ ବାପ କଏ ଡାକୁଚ—''

''ତୋ ସାଙ୍ଗରେ ମୁଁ ଯିବ ନାଇଁ, ଯା ଖୁକ୍—''

''କାଇଁକି, ତତେ କଂସ କଂସ ଖାଇଦେବ କି ଡରୁଚୁ ? ସତେରେ ପୁନି, ବାହାର ଆ । କେମିତି ରାତି ହେଇଛି ଦେଖିଲୁ ! ଗୁଲ୍ ବାବୁ ହବା, ବୁଲିବା, ତତେ କେତେ ଜନଷ ଦେବ ଦେଖିବୁ—''

''ହଁ, ଦବୁ ନାଇଁକି, ମୁଁ ଜାଣିଚ କୋଉଠୁ ଅଳଆ ଟିଣରୁ ଭଙ୍ଗା ପାନିଆଁ ଖଣ୍ଡେ, କାହାର ଫଟା ଆରସି ଟଗୁଡ଼ାଏ, ଏଇଆ ତ ତୋ ଯୋଗ । ସେଇଥିପାଇଁ ରାତି ରାତି ବୁଲୁଥିବ ତୋ ସାଙ୍ଗରେ, ନୁହେଁ—?''

''କ'ଣ କରବ କହିଲୁ ? ମଇଲା ଗାଡ଼ି ଫେଲ ଫେଲକା ଗଣ୍ଡାଏ ପଇସା । କୋଉଦନ ଟିକଏ ଅଳସ କଲେ କୋରମାନାରେ ଅଧେ ଯିବ କଟି; ଯାହା ରହିବ, ଗଳିଯିବ ବୋରେବୋର ଆଙ୍ଗୁଠି ଫାଙ୍କରେ—''

''ଶବାକ୍ ! ସବୁ ମଦଙ୍କଟିରେ—''

''ହଁ ଛଲୋଉଥା, ଛଲୋଉଥା । କାନ୍ଧରେ ପଇଲେ ବଳେଇ ଶିଖିବୁ ବଲେ । କହିବୁ ଗିରସ୍ତ ଲୋ, ଆଉ ବୋତଲେ—''

''ଭକ୍ ଭକ୍, ଖର ଫାଜଲ ହେଇଯାଉଚୁ—''

''ଫାଜଲ କ'ଣ ହେଲ ? ଧିଅ ମେହେନତର ତୁ ଜାଣୁ କ'ଣ ? ଟୋପାଏ ନ ପିଇଲେ କାମ ଚଲେ ? କଏ ନ ପିଉଚ ଖାଲି ତୋ ଛଡ଼ା ?

Digitized by srujanika@gmail.com

ତତେ ତୋ ବୋଉ ଧାନ କୋରମେଇଁରେ ଜନ୍ମକଲା । କହିଲା, ବାବୁଘର ଝିଅ ମୋର ଫୁଲପାଖୁଡ଼ା, କାମକୁ ଯିବ ନାହିଁ, ବସି ବସି ଖାଇବ । ଖରା ଲାଗିବ ନାହିଁ, କାକର ଲାଗିବ ନାହିଁ, ଖାଲି ଝୁଲୁଥିବ, ଏମିତି ଝୁଲୁଥିବ—!''

''ଗୁଡ଼ୁଚୁନା ? ଦେଖ୍, କାମୁଡ଼ି ଦେବ ପୁଳାଏ—''

''ବାବୁଘର ଝିଅ କାମୁଡ଼ନ୍ତି ନାହିଁ—''

''ନାହିଁ, ଗେଲ କରନ୍ତି, ତୁ ଦେଖିଚୁ—''

''କ'ଣ ଯେ ମୋ ମନ ହଉଚି, କ'ଣ କହିବି ତତେ ! ତୁ ଯେତେବେଳେ ବଡ଼ ହବୁ, ଘର କରିବୁ, ମୁଁ ବି ତତେ ଏମିତି ବସେଇ ରଖିଥିବି । ଦେଖିବୁ, ମତେ କହୁଥିବୁ ସେତେବେଳେ । ପଇସା ଥାନ୍ତା, ତତେ ଶାଢ଼ୀ କିଣି ଦଉଥାନ୍ତି, ଅଲଙ୍କାର ପିନ୍ଧାନ୍ତି । ନାହିଁ, ଏ କାମରେ ଚଳିବ ନାହିଁ—ଧର୍ମବୁଢ଼ା କଥା ନ କଲେ ଗତି ନାହିଁ ।''

ପୂନର ମନକୁ ପାପ ଛୁଇଁଲା । ସନଆଁ ହୁଣ୍ଡାଟାଏ । ତା ପାଇଁ ସବୁ କରିପାରେ । ଆଉ, ସନଆଁ ତାକୁ ରୁଚେ, ପିଲାଟିଦିନୁଁ ଏକାଠି । ଧୂଳିଆ ଧୂସରା ହୋଇ ଫୁରୁଫୁରୁ ବାଳ ଉଡ଼େଇ ଡେଇଁବୁଲିବା ଦିନୁଁ ସନଆଁ ଆଉଜି ଆସିଛି ତା କତିକି । ସେଦିନ ଯାଇଛି । ବୋହୂବୋହୂକା ଖେଳିବା ଦିନ ଯାଇଛି । ଝିଙ୍କି ଗାଡ଼ିଆ ଦାଢ଼ରେ ସନ୍ତସନ୍ତିଆ କୋଇଲିଖିଆ ଅରମାରେ ବସି ବନ୍ସି ପକେଇବା ଦିନ ସରିଛି । ପୂନ ବଢ଼ି ଉଠୁଛି । ସନଆଁ ଭେଣ୍ଡା ହେଲାଣି । ଏମିତି ତାକୁ ଦେଖି ପକେଇଲେ ପୂନଆଁ ଯାକର ବାବୁପଣର କଳ୍ପନା ତା'ର ଗଳୁର ବସି ଆଶ୍ରୟ କରେ ଧର୍ମବୁଢ଼ାର ଉପଦେଶ । ସେ ଛ ମାରାତ୍ମକ । ପୂନର ଗ୍ଲାନି ଥରେ ।

''କ'ଣ କହିଲୁ—ଧର୍ମବୁଢ଼ା, ଧର୍ମବୁଢ଼ା ! ତା'ର ଚେଲା ହେଲୁଣି କରେ ସନଆଁ ?''

''କ'ଣ ହେଲା, ଭଲ ତ କହେ ସେ । ସ୍କୁଲ୍‌ନୋଇଁ ଶୁଣିବୁ । ଚୋରି କଲେ ପାପ ହୁଏ ନାହିଁ, ହାରିଗଲେ ପାପ ହୁଏ । ଏଇ ତ ତା'ର ଅ ଆ । ଆମେ ଚୋରି ନ କରି ଚୋର, ପାପ ନ କରି ପାପୀ, ଆମେ ଘୃଣା ଦଉଡ଼ି କଣ୍ଟା । ଲୋକେ ମା ପେଟରୁ ଶିଖି ମାଲ ବାନ୍ଧି ଆଣିଥିଲେ ଯେ, ସେମାନେ ବସି ଖାଉଥିବେ, ଆମେ ଉପାସ ଭୋକରେ ମରୁଥିବା ? ସଜେଇ ସାଜେଇ ଦେଲେ କେଡ଼େ ସୁନ୍ଦର ମାନନ୍ତା ତତେ । ଦୋକାନ ବାଟେ ଗଲେ ଆଲୁଅରେ ସବୁ ଝକ୍ ଝକ୍ କରେ, ମନ ହାଇଁପାଇଁ ହୁଏ । ଯେତେ ଟୋକୀ ଦେଖିଲେ ତୋଠୁ ସୁନ୍ଦର ନାହିଁ କେହି । ତୋର ଖଣ୍ଡେ ଭଲ ଲୁଗା ନାହିଁ । ଧର୍ମବୁଢ଼ା କ'ଣ ମିଛ କହେ ?''

Digitized by srujanika@gmail.com

"ଆଉ ଆଉ, କିଏ ଶୁଣିବ ସନିଆଁ। ତୋ ମୁଣ୍ଡ ବିଗିଡ଼ିଛି, ତୁ ସେମିତି ହ' ନା। ବାନ୍ଧିନେଇ ଦେବେ ମାଡ଼ ଯେ ପାଇବୁ। ତୁ ଯଦି ଧମାବୁଢ଼ା କଥାରେ ମାତି ଚାଲିବୁ, ମୁଁ ତତେ ପାଟି ଫିଟେଇବି ନାହିଁ। ସତରେ ତ ତୁ ବାଜୁଙ୍ଗାଟା! —ହଉ ତୁ ଗଲୁ, ବୋଉ ଆସିଲାଣି ପରା, ଦେଖ୍ ନୁ—"

"ଇଲେ ମୋ ଦାଉ! ତୋର ଯୋଉ ବୋଉ—" ସନିଆଁ ତାର ବୋଉକୁ କିଛି ଦପଦ ବର୍ଣ୍ଣନା କରିଦେଇ ଗୀତ ବୋଲି ବୋଲି ପଳେଇଲା। ଗଲା ପରେ ପୁନର ସ୍ନେହ ଉଚ୍ଛୁଳିଲା। ଅନେଇଁ ରହିଲି ସେହି ଅନ୍ଧାରକୁ। ଦେହ ଘଷି ହୋଇ କଥା କହିଯାଏ, ଆଉଜେଇ ହୋଇ ରହିବାକୁ ମନ ହୁଏ, ଦେହଯାକ ଶିରି ଶିରି ଲାଗେ। ଚାଲିଗଲେ ମନ ଛକପକ ହୁଏ। ସେ ବି ପଳାଇଲା। କାହିଁକି ନୁହେଁ? ବୋଉ ଆସିବଣି। ମନ ଦବିଗଲା। କୁଆଡ଼େ ଯାଇଥିଲୁ ବୋଲି ଝାଡ଼ିଦେବ ପଟାଏ। ଝୁଣି ପକେଇବ। ସେମିତି ସେ ବାନ୍ଧିରଖି ଯୋଗ କରୁଥିବ, ପଦାକୁ ଛାଡ଼ିବ ନାହିଁ। ସନିଆଁର ପରା ନାହିଁ। ଦି ପାହୁଣ୍ଡ ଗଲେ ଘର।

ଛାଇ ପରି ଅଟକି ରହିଲି ପୁଣି। ମିଟିମିଟି ହୋଇ ଦିଶିଲେ ମନଗଢ଼ା ସୁଖର କଳ୍ପନା। ଲିଭି ହୋଇଯାଏ, ଥରେ ନାହିଁ।

ଧଳା କଳା ହୋଇ ଭବିଷ୍ୟତ୍। ସେଠି ଜକାଜକ ମଣିଷ, ଦୁନିଆଁ ଭର୍ତ୍ତି କୋଠା-କୁଡ଼ିଆ, ଧୂଳି-ଧୂଆଁ। କରପତିଆ ହୋଇ, ଲୁଆଁଣିଆ ହୋଇ ଘାସ ଖଣ୍ଡେ କେଉଁଠି, ଅଗଣାରେ ଦିଟା ଗେଣ୍ଡୁଫୁଲ। ତା ପରେ? ତା ପରେ?

ହୋସ୍ ହେଲା। ଅବିନାଶବାବୁଙ୍କ ବଡ଼ କୋଠା, ଦାଉ ଦାଉ ଜଳୁଛି ବିଜୁଳିବତୀ, ମାନମୟୀର ସୁନ୍ଦର ଗୀତ ଭାସିଆସୁଛି ଦୂରରୁ। ସନିଆଁ—ମଦଖଟି—ମଇଳା ଗାଡ଼ି—ଧମାବୁଢ଼ାର କଥା—ମାନମୟୀର ଶାଢ଼ୀ—ବଡ଼ କୋଠା—ଅଘୋରବାବୁ କଣ କରୁଥିବେ?—ଗୋଳିଆ ଫୋଳିଆ ହୋଇଯାଉଛି। କଣ କଲେ ମଣିଷ ମାନେ, ଅଘୋର ହୋଇ ଜନ୍ମହୁଏ? ସେଠିକି ଅଭାବ ପହଞ୍ଚେ ନାହିଁ, କଳାଚକବାଳ ପହଞ୍ଚେ ନାହିଁ, ଖରାରେ ପିଟିବା ନାହିଁ, ବର୍ଷାରେ ଫଉଲିବା ନାହିଁ—ମୂଲ୍ ଖଟି ଝାଳ ନାଳ ହେବା ନାହିଁ।

ବସି ବସି ଖାଇବା, ଭଲ ଖାଇବା, ଭଲ ପିନ୍ଧିବା, କଳବାଜା ବଜେଇବା। ବୟସ ତୁଲେ ଏ ବି ଗୋଟାଏ ସ୍ୱପ୍ନ!

କଣ କଲେ ମଣିଷ ସେଠିକି ପହଞ୍ଚେ?

☐ ☐

Digitized by srujanika@gmail.com

ତିନି

ଏ କଣ, ମା ଏମିତି ହଉଚି କାହିଁକି ? ଅନ୍ଧାର ଘରେ ବକଲମିଶା ପାଟି—

"ଏଲୋ ଏ ଚୂଲିପଶୀ, ଆହାହା ଉହୁହୁ—ଘରକୁ ଶ୍ୱେରକୁ ଦେଇ କୁଆଡ଼େ ଯାଉଥିଲୁ ହେ ନଅଁସି ! ଆହାହା—ଉହୁହୁ—!" "କଣ ହେଲା ବୋଉ ? କଣ ହେଲା ! କଣ ହେଲା ! ଏମିତି କାହିଁକି ଛଟପଟ ହଉଚୁ ?"

ପିଣ୍ଡାକୁ ଆଉଜା ଗୋଡ଼ ଲମ୍ବେଇ ଜେମା ପାଁ-ଗାଳିଆ ଦେଇ ପଡ଼ି ଛଟଛଟୋଉଚି, ଏଣ୍ଡୁ ତେଣ୍ଡୁ ଶୋଧୁଚି । ତାର ବକଲପଣ ପଶିଲାଣି ପୁନି ଦେହରେ । କିଏ ଅଛୁ ? କାହାକୁ ଡାକିବ ? ଏତିକବେଳେ ସନିଆଁଟା ଗଲା ଗୃଲ ! "ବୋଉ, ହେ ବୋଉ, କଣ ହେଲା ?" ସ୍ୱର ଫାଟିଯାଉଛି କାନ୍ଦଣାରେ । ଜେମା ଆପଣାକୁ ସମ୍ଭାଳି ନେଇ ହସିଦେବାକୁ ଚେଷ୍ଟା କଲା । "କିଲୋ, ଏମିତି ବଳବଳୋଉଚୁ ତୁ କାହିଁକି ? ମୋର କ'ଣ ହେଲା କି ? କ'ଣ ସାପ ଖାଇଲା କି ବାଡ଼ି ଖାଇଲା ଯେ, ଗ୍ରୁନିଆ ହଉଚୁ, ହେଇ ଲୋ ? ମୁଁ ମଲେ ଏ ଦହଗଞ୍ଜ ହବ କିଏ ?"

"କ'ଣ ହେଲା ବୋଉ, କହୁନୁ ଆଗ—"

"କିଛି ନାହିଁ ଯେ," ଜେମା ଥଙ୍ଗେଇ ଥଙ୍ଗେଇ ହେଉଥାଏ, ଯେପରି କି କହିବାକୁ ବଳ ଖୋଜୁଚି—ପାଉ ନାହିଁ । "ହାଟକୁ ଯାଇଥିଲି, ଶୁଖୁଆ ଦି ପଇସାର କିଣିଲି । କହିଲି, ପିଲାଟା ଏକୁଟିଆ ଥିବ, ଧଅସି ଯାଏଁ । ସେଇଠୁ—" ନା, ବଳ ସରିଗଲା । ଜେମା ଫାଙ୍କ ହେଉଛି, ଗଡ଼ି ହେଉଛି—"ହୁଁ, ଡିରବର ହଉଥିଲି, ସେ ଯୋଉ ଓକିଲ ବଣିବାବୁଙ୍କ ଘର ଅଛି, ନିତି ଆମ ଗତାଗତ ବାଟ । ଏବେ ସିନା କୋଠା ଲଗେଇଚନ୍ତି ଯେ, ବାଟ ବୁଜିଚନ୍ତି । ଭାବିଲି, ଚାଲିଯିବି ସଳଖେ । ସେଇଠୁ—"

ବୋଉ ପାଟି ପାଖେ ମୁହଁ ଫଟେଇ ଅପେକ୍ଷା କରି ରହିଥାଏ ପୁନି । କହିଆସୁଛି । ବାହାରିବ କ'ଣ ସେ ଭୟଙ୍କର କଥା, ଯାହାକୁ ଶୁଣିଲେ ରକ୍ତ ପାଣି ହୋଇଯିବ । ବୋଉର ଏ ବକଲର ଦାରୁଣ କାରଣ—

"ବାହାରି ଆସୁଥିଲି ଗୋଦା ବାଟେ । ପଛରୁ ସେଇ ଯୋଉ କାମୁଡ଼ା କୁକୁର ଅଛି, ସବୁବେଳେ ବନ୍ଧା ହେଇଥାଏ; ଗୋଡ଼େଇ ତ ଆଇଲା ଲୋ ଝିଅ ! ସେ କାଳଟା ଗର୍ଜ୍ଜିନ ଗ୍ରୁଡ଼ି ଗୋଡ଼େଇ ଆଇଲା ଲୋ ଝିଅ—ଉହୁ—"

Digitized by srujanika@gmail.com

ଅପେକ୍ଷା ସରିଗଲା । ଭେଁ କିନା ପୁଣି କାନ୍ଦ ପକେଇଲା । ବୋଉ ବେଳକୁ ଭୁଲେଇ ଅନ୍ଧ ହୋଇ ତା'ର ସେ କି କାନ୍ଦଣା ! ଚିହ୍ନିଛି ସେ କୁକୁରକୁ । ଏଡ଼େ ମୁହଁ, ଜିଭ ଲହ ଲହ, ଦାନ୍ତ ଦେଖେଇ ନିଶ ଫୁଲେଇ ଦେଇ ଗୋଡ଼େଇ ଆସୁଛି ପରି ବଡ଼ଲୋକ ଘର ବିଲାତି କୁକୁର ତାର ହାଡ଼ ଚମ ଦ'ଖଣ୍ଡି ମା ଆଡ଼କୁ ଖିନଭିନ କରି ପକେଇବାକୁ !

"କାନ୍ଦନା, କାନ୍ଦନା –" ବୋଉ ପିଠି ଆଉଁସୁଛି । "ଶୁଣ୍, ଶୁଣ ହ—"

"କାହିଁକି ସେ କାମୁଡ଼ା କୁକୁର ପୋଷିବେ ? ଆମକୁ ଖାଇବାକୁ ? କୋଉ ରଜା ସେ, କ'ଣ ସେ କି ? ସନିଆଁକୁ କହିଦେଲେ ତା ହାଡ଼ ଗୁଣ୍ଡା କରିଦବ । କାହିଁକି ଖାଲି ସନିଆଁ, ଗୁଲ୍‌ଖିବା ଧନାବୁଢ଼ା କହନ୍ତି । ସାହିଯାକ ଅଇଗ୍ରା ଉଠେଇ ନେଇଯିବ । ଦେଖିବା କେମିତିଆ କୁକୁର, କେମିତିଆ ଗେଲବସର ବାବୁ ! କ'ଣ ଭଣା ଭଣା କରିଦେଲା ବୋଉ –?" ରାଗରେ କାନ୍ଦଣା ମିଶିଯାଉଛି । ଅବୁଝୁଛି ଗୋଟାଯାକ ।

"ରହ ମୋ ଫାଙ୍ଗୁଳିଟା, ପାଟି କର ନା । କୁକୁର ମୋର କଣ କରିବ ମ ? କୁକୁର ଖାଇଦେଇଥିଲେ ତୋ ବୋଉ ପୁଣି ଫେରି ଆଇଥାନ୍ତା ? ଶୁଣ୍ । ତେଇଁ ପଳେଇ ଆଇଲି । କୋଉଠି ଠାଏ ନିଆଁ ନଗା ଖାଲ ଭିତରେ ଗୋଡ଼ ପଡ଼ିଗଲା ଯେ, ଗୋଡ଼ଟା ମକଚି ହୋଇଗଲା, କଚ୍ଛିଡ଼ି ହୋଇ ପଡ଼ିଲି । ଉଃ—ହାତ ମାର୍, ଯେମିତି କିଏ ନିଆଁ ଗେଞ୍ଜି ଦଉଚି ଭିତରେ ଭିତରେ । ଗାଣ୍ଡେଇ ଗାଣ୍ଡେଇ, ଯୋସାରି ହୋଇ ହୋଇ ପିଣ୍ଡାଯାକେ ଆଇଲି ଲୋ ପୁନି— ଉଃ, କ'ଣ ହେଉଯାଉଚି । ଗଲୁ, ଡ଼ିବିଟା ନଗେଇ ଆଣିବୁ— ।" ତରତର ହୋଇ ଅଣ୍ଡାଳି ଅଣ୍ଡାଳି ଡ଼ିବିଟା ପାଇଲି । ଏକା ଡ଼ିଆଁକେ ଚଲି ପରି ଛୁ !

"କିଲୋ ପୁନି –" ପଡ଼ିଶା ଘର ଲୋକ କଥା କହୁଚି । ପୁନିର ତର ନାହିଁ ।

'ଦେଇଲ୍ ଦେଇଲ୍ ନିଆଁ ଟିକିଏ, ଝି'ଟି ଦେ'ବା –'

'କାହିଁକି, ତରତର କାହିଁକି ? କଣ ଘୋଡ଼ାରେ ଚଢ଼ି ଆଇଲୁ କି ? ବସ୍ –'

"ଏ ନାନି, ଦେ'ବା ଦେ'ବା ଡ଼ିବିଟା ଲଗେଇ ନିଏଁ –"

"ଆମ ଘରେ ବଳେଇ ମରିଚି, ନିଆଁ ନାହିଁ । ବସୁନୁ ଟିକିଏ, କୁଆଡ଼େ ସବୁ ଗଲେ ଯେ କଥା ପଦେ କହିବାକୁ କେହି ନାହିଁ । ବସ୍ ମଁ ପୁନି । ଆମ ଘରେ ମାଉଁସ ହେଇଚି, ଖତ ଗଣ୍ଡିଏ ଦେବି –।" ପଡ଼ିଶାଘର ବୋହୂ,

Digitized by srujanika@gmail.com

ଯାକୁଲେଉଚ, କଥାରକ୍ଷଣୀଟା । ତରବର ହୋଇ ପୁଣି ଚୁଲୀ ପାଖକୁ ପଶିଗଲା । ଫୁର୍ କୁଟିଆ ଧୂଆଁ ଉଠୁଛି ଚୁଲୀରୁ । ମାଉଁସ ସିଝୁଛି, ମାଉଁସ ପୋଡୁଛି । ଫୁଙ୍କି ଫୁଙ୍କି ଯାଏ । ହଠାତ୍ ଅଗ୍ନିରେ ପୂରେଇ କାନ ଆଡ଼େଇ ନେଇ ପଳେଇଲା ବେଳକୁ ବାର ଚନ୍ଦ୍ରା । ବୋଉର ଗୋଡ଼ ମକଚି ହୋଇଛି ଔଷଧ ଦରକାର । ଯଦିଆଟା ଯିବଣି କୁଆଡ଼େ, ଥିଲେ ବା କରନ୍ତା କଣ ? ଧନୀବୁଢ଼ା ଦୁଙ୍ଗୀରେ ଥିବେ କଏ କଏ, ଭାଗବତ ପଢ଼ା ହଉଥିବ । ସବୁ ବିପତ୍ତିକି ଧନୀବୁଢ଼ାର ସାହାଯ୍ୟ ଥିବ ଟିକଏ ହେଲେ, କୋଉଠୁ ଆଣିଦବ । ପଛରୁ ପାଟିକରୁଛି ପଡ଼ିଶାଘର ବୋହୂ, "ଏମିତି ପଳେଇଗଲୁ, ହଉ ହଉ, ଆଉ ମାଉଁସ ବଳକେ ହେଲେ ଦେବୁ ! କେମିତିଆ କଥଁ ଲାଥା ଜିଭ । ଏଡ଼େ କଳକା । ଦେବୁ ଆଉ ଦେବୁ !"

ଓଃ, ଭଗବାନ୍ ଭଗବାନ୍ ! ବୋଉର କିଛି ନ ହୋଇଥାଉ ଟି । ଦେଉଳକୁ ବାଟ ନାହିଁ ଠାକୁର, ଦୂରରୁ ଡକାପାରୁଛି । ମୋ ବୋଉର କିଛି ନ ହେଉ । କଏ ଅଛି ଆଉ ? ଦବ କଏ ? ବୁଝିବ କଏ ? ନିତି ମଇଲା ନ ଉଠାଇଲେ ପେଟ ଚଳିବ ନାହିଁ । ମୋ'ଠି ମଇଲା ଲଗି ନାହିଁ । ଠାକୁର, ବୋଉ କହେ ମୁଁ ଡାକିଲେ ତମେ ଶୁଣିମ କୁଆଡ଼େ । ମୁଁ ଛୁଆଁ ତା ନୁହେଁ । ମୋ ନେହୁରା ଶୁଣ, ମୋ ବୋଉ ଭଲ ହଉ । ପ୍ରାଣର ଡାକ ଅନ୍ଧାରରେ ମିଶୁଥାଏ । ମନ ଉଚ୍ଛନ୍ନ, ହସିଲା ପରି ଅଗ୍ନି, ଉଚ୍ଚାଳରେ ଡ଼ିବିରିର ଶିଖା । ନଈଁ ନାହିଁ, ବତୀ ଜଳୁଛି । କ'ଣ କହନ୍ତି ପରା, ବତୀ ସିଧା ଜଳିଲେ ଠାକୁର ଗୁହାରି ଶୁଣିବା ନିଶ୍ଚିତ । ଛଣେ ଛଣେ ପୁଣି ବୁଦ୍ଧି ଦଉଥାଏ, ଆଶଙ୍କାରେ ଆଶା ଦେଖୁଥାଏ । ସେମିତି ପଡ଼ିରହିଛି ତା ବୋଉ । 'କଣ ହୋଇଛି ଦେଖେଁ ଦୋଉ— ।' କାନ୍ଦୁଛି ପରା, ଦେଖେଇ ଦଉ ନାହିଁ । ହେଇ, ଦେହଯାକ ଧୂଳିମାଟି ବୋଟେ । ପିଠିରେ, କାନ୍ଧରେ ନୋଳା ଫାଟିଲା ପରି ପଟିପଟିକା କେଜାଣି କେତେ । ରକ୍ତ ବୋହୁଛି । ଗୋଡ଼ଯାକ ଆବୁ ଆବୁ । ଖଣ୍ଡିଆ । 'ଆହା, କି ଦଶା ଦେଲୁ ଲୋ ବୋଉ— ।' କାନ୍ଦ ରୋକି ହେଲା ନାହିଁ —'ମୋ ବୋଉ ଲୋ— !'

"ଧେତ୍ ଅଲଣ୍ଡିଟା, କାହିଁକି ରଡ଼ୁଚୁ ? ନେ, କାନରେ ପୂରା ଅଛି, ଫିଟେଇ ନେ, ମୋ ହାତ ଖରାପ ।" ମୁଠାଏ ପିତେଇ ଶୁଖୁଆ । ଆଇଁଷ ନ ହେଲେ ଝିଅ ଭାତ ଖାଇବ ନାହିଁ । ଘୁସୁରି ଘୁସୁରି କେମା ଘର ଭିତରକୁ ଗଲା । ସେତ୍ତ କଣ, ବୋଉ ଅଗ୍ନିରୁ ଗଡ଼ିଗଲା ଗୋଟାଏ ସଦ୍ୟ ଉପୁଡ଼ା ହୋଇଥିବା କୋବି । 'କୋଉଠୁ ପାଇଲୁ ? କୋବି—' କେମାର ପାଦୁଲି ଓହ୍ଲେଇଲା ପୁଣିର ପାଟି ଉପରକୁ । ସଁ ସଁ ହୋଇ କଣ ବକି ହଉଛି, ଆଖି ଦି'ଟା ରଡ଼ ନିଆଁ ।

'ଚୁପ୍ ଚୁପ୍— ପାଟି କରି ଜଣେଇ ଦଉଚନ୍ତି ସାହିଯାକ, ଅଲକ୍ଷୀ—'

Digitized by srujanika@gmail.com

କାବା ହୋଇ ମା'କୁ ଅନେଇଲା । ଦେହସାକ ମାଡର ନୋଳା, ନହୁନୁହାଣ୍ । କୋବା । ବଗିବାବୁଙ୍କ କୋବବଗିଚ୍ଚ । ବୋଉ ସିଁ ସିଁ ହେଇ ଫୁଲ୍ ଫୁଲ୍ ଭୁଟୁର୍ ଭୁଟୁର୍ ହେଉଛି । କାନ୍ଦ ବନ୍ଦ ହୋଇଗଲା । ମୁହଁ ପୋଡ଼ିଗଲା । ପୁନ ଡାକିଲା, 'ବୋଉ !'

''କଣ କହୁଚୁ—?''

'କିଛି ନାହିଁ ।'

କ'ଣ ଅଟକ ଯାଉଥାନ୍ତା । କୋବଟା ନ ହୋଇଥିଲେ ? ଛୁଆଣି ବନା ଉପରର ଗୁଳ ଫାଲେ ବସିପଡ଼ୁଛି । ପୁରୁ ପୁରୁ ଓହଳୁଛି ଗୁଳରୁ କଳା କୋଚଟ ଧୋକଡ଼ । କୋବଟା ଗଡ଼ୁଛି । ଥରେ କୋବକୁ ଥରେ ମା ମୁହଁକୁ ।

'ଆଲୋ ! ପଚ୍ଛେ ନାକଟେକବୁ ଲୋ ବଡଲୋକ ଘର ଝିଅ । ବଡ଼ ଲୋକ ବାପ କୋଠା ଉପରୁ ଧାଇଁ ଆଉଚ, ଛଇ କାଢ଼ୁଚୁ—' ବୋଉ ରାଗିଲେ କଳ୍ପନା କରେ ସେ ବଡ଼ଲୋକର ଝିଅ । ଏଇଆ କହି ଟିହାଇ ଟିହାଇ ହାଡ଼ରେ ନିଆଁ ଲଗାଏ—'କଲୋ ଉଠୁଚୁ ନା ! ଯା, ଚୁଲ୍ଲି ଜାଳ । ମାଡ଼ ସିନା ପିତା ଲାଗେ, କୋବ ମିଠା ଲାଗିବ ମ । ଦେଖିବୁ ନାଇଁ—ବସି ବସି ନାକ ଟେକୁଚ, ବେହେଲ ଲଗେଇଛୁ । ଯା ଉଠ୍—'

ରୁନ ହୋଇ ଚୁଲ୍ଲି ଜାଳିଲା । ହାଣ୍ଡି ବସେଇଲା । ଆଉ ଧନୀବୁଢ଼ା ଟୁଙ୍ଗୀକୁ ଯିବାକୁ ମନ ଡାକୁ ନାହିଁ । ଭଙ୍ଗା ବୋତଲରୁ କାଣ୍ଡିଆ ସୋରଷ ତେଲ ଟିକିଏ କାଢ଼ି ମା'ର ଗୋଡ଼ରେ, ହାତରେ ଘଷି ଲାଗିଲା । ନରମି ଆସିଲା ମନ । ତା'ର ବୋଉ, ତା'ର ଘର । କାହାକୁ ପରେଇ ଅଛି । ହେ ଠାକୁର, ବୋଉ ଝାଡ଼ଝୁଡ଼ି ହେଇ ଉଠିବସୁ । ବୋଉର ବହୁତ କଷ୍ଟ ।

'ଥାଉ ଥାଉ ପିଲଲୋକ, ହାତ ଘୋଳା ହେଇଯିବଣି ପୁନ…'

'ନାହିଁ ବୋଉ ଦେଖା; ଆହୁରି ଟିକିଏ ଘଷି ଦିଏଁ…'

ବଡ଼ କୋଠା ଆଲୁଅ ଝଲମଲ । ମାନମୟୀ ଗୀତ ବୋଲୁଛି । ଆଉ କଳ୍ପନା ଡେକୁ ନାହିଁ । ତା'ର କ ଯାଏ ?…

'ପୁନାଟି ପର୍ବ କାହା ଆଗରେ କହିବୁ ନାହିଁଟି…' ବୋଉ ବୁଝୋଉଚି ।

□ □

Digitized by srujanika@gmail.com

ଜ୍ୱର

ପାହାନ୍ତାକୁ ଜେମାର ଦେହ ଭଲଯାଇଥାଏ ।

ଜର ଉଠିଲାବେଳକୁ କର ଲେଉଟେଇ କହିଲା, ଆଃ !

ଘାଉଁ ଘାଉଁ ହୋଇ ମଶା ଗଲେ ପଦାକୁ, ହାଡ଼ିସାହି ତୋଟାରେ ବାଦୁଡ଼ି ରାଇଜରେ ଲାଗିଲା କଳରବ । ଦେଖୁ ଦେଖୁ ସକାଳ ମାଡ଼ିଚାଲିଛି । ଧନଘାକର କୋଳାହଳ । ଜେମା ଗାଲେଇ ଶୋଇଲା । ଘର ଦୁଆର ଝରକବାର ଛଟାଛଟ୍ ଶବ୍ଦ । ଘର ଭିତରେ ବ ଓଳଆ ଧୂଳିର ଗନ୍ଧ । ରାସ୍ତାରେ ମଇଳାବୁହା ଗାଡ଼ିର କେଁ-କଟର୍ । ଥାଉ । ଆଉ ଟିକିଏ । ଆଉ ଟିକିଏ ।

ପୂନ ଆସେ, ଅନେଇଦିଏ, ଚାଲିଯାଏ । ରାତି କଥା ମନେପଡ଼େ । ବୋଉର ଦେହ ଭଲ ନାହିଁ । ସବୁଦିନେ ସମୟ ଅନୁସାରେ ଘଟୁଥିବା ଘଟଣାକୁ ଚାହିଁ ଚାହିଁ ହରିଜନପଲ୍ଲୀରେ ବେଳର ମାପ । ଚନାବଣ୍ଟା ବୁଢ଼ାର ବେଳ ଗଡ଼ିଗଲା । ଜର ଏଥରକବେଳେ ପିମ୍ପୁଡ଼ି ଗାତରେ ଚନା ବାଣ୍ଟି ବାଣ୍ଟି ରାସ୍ତାରେ ସେ ଯାଏ, ଫେରେ । ଫେରିଯାଉଛି । ପାଠମାଙ୍କଡ଼ ପଟୁଆର କରି ଯିବାବେଳ ଟପିଗଲା । ଛୁଆପିଲା ଜାକ, ଲଙ୍ଗଳା ଟେକ, ମୁହଁରେ ଦୃଢ଼ପ୍ରତିଜ୍ଞାର ଚହ୍ଲ ଆଙ୍କି ହୋଇ କାନ୍ଥ ଉପରେ ଚଢ଼ି ଚାଲିଲେ ସେମାନେ, ଧୋବଧଉଳିଆଙ୍କ ଘରେ ଲୁଟତରାଜ କରିବାକୁ । ସ୍ଥା ପରେ ଘୋଡ଼ାଚଢ଼ା ଶିଖାଳି ପୋଷାକ ପିନ୍ଧା ବାବୁର ବେଳ । ସେ ବି ଗୋଟାଏ ଘଣ୍ଟା । ସାହିର ପିଲା 'ହେଇ ହେଇ' କରି ଦୌଡ଼ିବେ, କୁକୁର ଗୋଡ଼େଇବେ । ପୂନ ଅପେକ୍ଷା କଲା ନାହିଁ । ଲୋକେ କାମକୁ ଗଲେଣି । ଟୁବି ଗାଡ଼ିଆରେ ବୁଡ଼ପଡ଼ ଆସିଲା । ମା ସେମିତି ଶୋଇଛି । ପୂନ ଡରିଗଲା ।

ଆସ୍ତେ ହଲେଇ ଦେଇ କହିଲା, "ସେତେବେଳୁ ଶୋଇଚୁ ବୋଉ, ଉଠିବୁ ନାହିଁ ?" ଜେମା ମୁହଁ ବୁଲେଇ ଅନେଇଲା । ଚାଳର କଣାବାଟେ ଧାର ଧାର ହୋଇ ଖରା ଆଲୁଅ ପଡ଼ୁଛି । ଏତେ କଣା ହୋଇଗଲାଣି ଚାଳ ! କେବେ ସେ ଏତେବେଳେ ଘରେ ନ ଥାଏ । ପୂନକୁ ଦେଖିଲା ।

"କଲେ, ତୁ ଗାଧୋଇ ସାଇଲୁଣି ?"

ହସିଦେଇ ପୂନ କହିଲା, "ବେଳ କ'ଣ ବସିଚି କି ବୋଉ !"

Digitized by srujanika@gmail.com

ସତେ ତ, ବାବୁଘରମାନେ କ'ଣ ଭାବିବେ ? ଚମକପଣ୍ଡି ଉଠି ବସିବାକୁ ଚେଷ୍ଟା କଲା, ଅଣ୍ଟା ମୋଡ଼ିବାକୁ କଷ୍ଟ । ଦେହ ଦରଜ, ଗୋଡ଼ ଫୁଲିଛି । ମୁହଁ ବିଚକିଟେଇ ଆପଣାର ଦେହକୁ ବସି ଦେଖିଲା । ଭାବିଲା ଏତେଦିନକେ ଆଜି କାମକୁ ଗଲା ନାହିଁ । କଣ ହେବ ? ପୁନି ଚୁଲି ଜାଳି ବସିଲଣି ।

'ପୁନି ?'

'କଣ ବୋଉ !'

'କାହାକୁ କହୁଚୁ ?'

'କୋଉ କଥା ?'

'ମୋ କାମର ବଦଳା !'

'ନାହିଁ ତ !'

'ମରିଯାଉଥାଏ ଟି !'

ଜେମା କହିଲା, 'କେଡ଼େ କଅଁଳକଣ୍ଠି ଝିଅ ଲୋ ମୋ ଦୁଃଖ ବୁଝି-ପକାଉଚ ! ଆହା, କଣ କରିବ ଟି !' ଝିଅକୁ ଶୋଧିଲା । ଦେହକୁ କାଟୁଛି, ଶୋଧି ହେଉ ନାହିଁ । କହିଲା, 'ଇଲେ କାହାକୁ ଟିକଏ ଡାକ ଆଣି ବସେଇ ଦେ ଲୋ, ନଇଲେ ରଟରଟ କରି ଖାଇଯିବେ, ଦେଖିବୁ ।'

ପୁନି ଚଙ୍କୁ ନାହିଁ, ରନ୍ଧା ବସେଇଲଣି ।

"ଇଲେ ଗଲୁ ?"

"କିଏ ଥିବ ଯେ କାହାକୁ ଯାଇ କହିବ ?"

"ନ କହିଲେ ତୁ ପାଇବୁ ଲୋ ଝୁଅ, ମୋର କ'ଣ ଅଛି, ମୁଁ ଶୋଇଲି ।"

ସତକୁ ସତ ପୁଣି ଲମ୍ବ ହୋଇ ଶୋଇ ପଡ଼ିଲଣି ତା ବୋଉ । ପାଗଳ ପରି ବେସ୍ତ ହେଉଚ, ଭାଲୁ ପରି ଘୁସୁରୁଚ । ପାଖକୁ ଯାଇ କଅଁଳେଇ ପିଠିରେ ଆଉଁସିଦେଲା ବେଳକୁ ଚମକପଣ୍ଡି ଜେମା କହିଲା, "ଆଃ, ସେଠି ହାତ ଦେ ନା, ହାତ ଦେ'ନା ।"

ପୁନି କହିଲା – କେମିତ ଲଗୁଚ ବୋଉ ?

"ନା, ବଳେ ଗୁଡ଼ିଯିବ, ବଳେ ଭଲ ହୋଇଯିବ ଯେ ! କେମିତ ଟିକଏ ଗରମ ଗରମ କଣ ପିଇବାକୁ ହନ୍ତା କ ?"

Digitized by srujanika@gmail.com

"ଗୋଲମରଚ ଗରମ ପାଣି"–ଶୁଣିଥିଲା, ତା'ର ଯେତେବେଳେ ଯାହା ହୁଏ, ମା ଏଇଆ ବିଧାନ କରେ । ପୁଣି ମା ଖେଙ୍କି ଉଠିଲା । ପୂନ ବୁଝିପାରିଲା, ମା'ର କଣାପାଣି ଦରକାର । କାହୁଁ ପାଇବ ? ଯାହାର କାରବାର ସେ କରେ ସେ ବୁଝେ । ପଇସା ମାଗିଲେ ମା ଚିଡ଼ିବ । ଗେହ୍ଲେଇ ହୋଇ ପୂନ କହିଲା, 'ଟିକିଏ ଚା' କରିଦିଏ, ମା ।' ପାଟିକି ପିଠା କରି କେମା ଶୋଇ ରହିଥାଏ । ପୂନ ଠଣାଯାକ ଅଣ୍ଡାଳିଲା, ପଇସିକିଆ ଗୁହା ପୁଡ଼ିଆର ହଳଦିଆ କାଗଜଖୋଳ ପଡ଼ିଛି । ଚା' ନାହିଁ । କିଛି ନ କହି ପଦାକୁ ଚାଲିଗଲା । ମା'ର ଦେହ ବେମାର ହୋଇଛି, କିଛି ହେଲେ ଗୋଟାଏ ସେ କରିବ । କଣ ତା'ର ଘୋଟିଛି । ଗ୍ରେଟ କଥାକୁ ଘୁରେଇ ଘୁରେଇ କଳ୍ପନାର ନାଲି ମେଘ ସେ ଛିଆଣ କରେ, ଖିବ ଖିବ ଅଳସେଇ ହୁଏ । ଆପଣା ମନର ଧାରଣାର ଆଲୁଅରେ ଜଳକା ହୋଇ ପୁଣି ବସିପଡ଼େ, କିଛି କରିପାରେ ନାହିଁ ।

ମା ଶୋଇଛି । ମା ବଦଳରେ ମା ସେ ନକେ ।

କ'ଣ କଲେ ଗୋଗୋଚ ବାଡ଼ିଆ ମାଡ଼ର ଦରଜ ମଜବୁ ଛୁଡ଼େ ?

କ'ଣ ହେଲେ ମଣିଷର ମନ ଏଡ଼େ ନଷ୍ଟୁର ହୋଇଯାଏ ? ଗୋରୁ ଗାଈ ପରି ମଣିଷକୁ ସେ ବାଡ଼େଇପାରେ ! ନୂଆବାବୁ ଘୋଡ଼ା ଚଢ଼ା ଶିଖୁଛି । ଅବିନାଶବାବୁଙ୍କ କୋଠାଘରେ ବଡ଼ ଝରକା ଖୋଲିଛି । ବଲେଇକୁ କାଖରେ ଧରି ମୁରୁକିହସା ଦେଇ ମାନ ଘୋଡ଼ା ଚଢ଼ା ଦେଖୁଛି । କୋଠାର ବଣ । ଦୌଲତର ବୋଝ । ଖୁସି ଖୁସି ମଣିଷ । ନା, ତାକୁ ଦେଖିବାକୁ ବେଳ ନାହିଁ । ତା'ର ଚା' ଦରକାର ।

ସାହିମୁଣ୍ଡିଆ ଦୋଟି ଗୁହେଟି ଦୋକାନ । ପଇସା ନାହିଁ, ଚା' ଦରକାର । ଏତେବେଳେ ଏ ସାହିରେ ବେପାର ଭଲ ଚାଲେ ନାହିଁ । କେତେ ଦୋକାନ ପଡ଼ିଛି । ସାହୁପର ଦୋକାନରେ ଗୋଦଣ୍ଡ ବୁଢ଼ୀ ବସିଛି । କଳାହୁଡ଼ୀଟା, କାଳ ଦେବ ନାହିଁ । ପୂନ ଆଗକୁ ଚାଲିଲା । ସବୁ ଗଳି ଭିତରେ ସେପାଖର ସଡ଼କ ଆଡ଼କୁ । ଦିଗ୍ ପିଆଜର ବାସ୍ନା, ଚାଲିଗଲେ ବୋକ ମରେ । ସେ କରର ଦୋକାନରେ ଭିଡ଼ ଲାଗିଛି । ପୂନ ପାଖକୁ ଚାଲିଲା । ଜଣେ ଜଣେ କହିଲା, "ହେ ଟୋକା, ବଲେଇ ହୁଆ ପରି ଗଳାଯାଉଚୁ କୁଆଡ଼େ ? ଛୁଇଁବୁ, ଆଡ଼େଇ ହୋଇ ରହ ।" ଭିଡ଼ର ମୁହଁ ଅରେ ତା ଆଡ଼କୁ ବୁଲିଯାଇ ପୁଣି ସଜାଡ଼ି ହୋଇଗଲା । ମୁହୂର୍ତ୍ତିକର ସେ ନାକ ଟେକା, ଭୁଲିତା ଟେକା, ଅଡ ପଶଚଳ ସେ ମେହେନ୍ତାଣୀ ଟୋକାଟା । ଗହଳ ଭିତରେ ପାଟି କରୁଥାଏ, "ପଇସାକର ଚା', ପଇସାକର

Digitized by srujanika@gmail.com

ଚା', ହାଣ୍ଡି ବସେଇ ଦେଇ ଆସିଚ।" କଏ ଜଣେ କହିଲା, 'ହାଣ୍ଡି ନା ପଲମ?' ଆଉ କଏ ଜଣେ, 'ଏର ଚା'ଖୋର ହେଇଚରେ ଟୋକା!'

ନର୍ଭସ୍ ଅଣ୍ଡା। ପିଠିର ଦରଜ ଏଠି ବୁଝାପଡ଼େ ନାହିଁ।

"ପଇସାକର ଚା'—"

ଦୋକାନୀ କହିଲା, "ଦେ, ପଇସା ଦେ।"

"ଗୁଣ ଖାଉଚ କାଲିକ ଆଣି ଦେବ—"

ଗୁଡ଼ାଏ ଅସଭ୍ୟ ଗାଳି। ତର୍କ ହନୁକେଇ ଲୋକମାନଙ୍କ ପରି ଦୋକାନୀ ଖେଙ୍କି ଉଠିଲା। "ଦୂର୍—ଦୂର୍...ଯା, ଉଠ୍ ବାହ୍ନୁରୁ..." ତାର କୁଷ୍ଠର ଫେର ଗୋଟାଏ ଓଳିଆ ପରି। ତାର ବ ଗୋଦର ଅଛି। ମୁହଁ ଶୁଖେଇ ବୁଲିପଡ଼ିଲା ସରଳ ଦୋକାନୀର ପସରାରେ ଝଣ୍ କନା କଏ ପଇସାଟାଏ ଫୋପାଡ଼ି ଦେଲା। କହିଲା, "ଲିଅ, ପଇସା ପାଇଲ ତ, ଦିଅ ଚା' ଦେଇଦିଅ।" କାନ୍ଧରେ କଏ ହାତ ମାଡ଼ିଦେଇ କହିଁଲେଇ କହିଲା, "ରହ, ପଳେଇ ଯାଉଚ କାହିଁକି? ଚା' ଦବ ନବୁ ପରା..."

ଧୋବ ଦାଢ଼ି ଝୁଲେଇ ଧନୀବୁଢ଼ା ଠିଆ ହେଇଚ। ଅମ୍ଳାନ ପାଣି ପରି ନିର୍ମଳ ସୌମ୍ୟ ମୁହଁ। ଦୋକାନୀ ଚା' ଦେଲା। ପୁନ ହାତକୁ ବଢ଼େଇ ଦେଇ ଧନୀବୁଢ଼ା ପଚାରିଲା, "ପଇସା ନେଇ ମାଲ୍ ବିକୁଚ, ତୁଣ୍ଡ ସୁଖ କାହିଁକି କରୁଚ ହୋ..."

"ଆରେ, ଷଣ୍ଢ ପରି ମାଡ଼ିଆସୁଚ। ଅଇଗୁ ପସରା ମୋର ମାରା କରିଥାନ୍ତା! ଦେଖିଲାବେଳକୁ ମାଗେଣା ଖାଇବାକୁ ମନ! କହନ୍ତୁ ନାହିଁ, ଛାଡ଼ି ଦିଅନ୍ତୁ...?"

"ଏଁ, କଣ କହିଲ...?" ଧନୀବୁଢ଼ାର କଜଳ ପିନ୍ଧିଲା ପରି ହସିଲା ଆଖି ମୁହୂର୍ତ୍ତିକେ କୁହୁଳି ଉଠିଲା। "କ-ହୋ, ମଥାକୁ ପିତ୍ତ ଉଠିଚ କ?..."

ଗଉଁଖି ପାଟି କଲେ, "ହଉ, ହଉ; ଯାଅ, ଯାଅ। କାମ ତ ହୋଇଗଲା... ଆଉ କାହିଁକି..." ଲୋକେ ଆଡ଼େଇ ଦେଲେ।

ଲେଉଟି ଆସିଲାବେଳେ ଧନୀବୁଢ଼ା ପଚାରିଲା ପୁନକୁ..."କଣ ହେଲା ଝିଅ! ତୁ କୁଆଡ଼େ ଆସିଚୁ? ମା କାହିଁ?"

ପୁନ ତା'ର ମା'ର ଅବସ୍ଥା କହି ଦେଇଗଲା। ଧନୀବୁଢ଼ା ଗୋଟାଏ ହେମନ୍ତ୍। ତା'ର କଜଳପିନ୍ଧା ଆଖିଟାରେ ଲୁହ ଭରିଲେଇ ତଥା କାଢ଼ି ନଏ।

Digitized by srujanika@gmail.com

ଗମ୍ଭୀର ହୋଇ ମୁଣ୍ଡ ହଲେଉଥାଏ । "ବଗ୍ର ପିଆଜ ଦ'ଟା ଖାଆନ୍ତୁ ନାହିଁ କିଅ !" ପୁନ ମୁହଁ ମୋଡ଼ୁଥାଏ । "ଆ, ଆ; ଦଟା ଖାଇ ଥା । ପେଟ ଭୋକ ମୁହଁ ଲାଜ କଲ ସୁଖ ନାହିଁ । ମା ଏମିତ, କେତେବେଳେ ଚୁଲ୍ଲୀ ଜଳବ କେଜାଣି । ଖ୍ଲ ଥା ।"

ପାଖ ଦୋକାନରେ ବର୍ଷ ଉଦ୍ଧୂମ୍ ଉଦ୍ଧୂମ୍ ବଗ୍ର ପିଆଜ । କେଡ଼େ ଭଲ ଲୋକ ଏ ଧମାବୁଢ଼ା ! କୃତଜ୍ଞତା ଉଛୁଳି ଆସୁଥାଏ । ଭାବୁଥାଏ ତା'ର କଥା । କାହାର ଉପକାର ବନା ଅପକାର ସେ କରେ ନାହିଁ । ତଥାପି ଲୋକେ ଗୁନ ଗୁନ ହୋଇ ତା ବଷୟରେ କୁହାକୁହି ହୁଅନ୍ତି । ଧମାବୁଢ଼ା ନାଁ ପଡ଼ିଲେ, କେତେ ଅଜାର କଥା ଶୁଣାଶୁଣିରେ ଡର ଦେଖାଏ । ବୁଢ଼ାଲୋକଟିଏ । ସରଳ, ଦୟାବନ୍ତ । କଣ ଅଛି ସ୍ୱାଠିଁ ?

ପୁନ ଭାବୁଥାଏ, ଲୋକେ ଭଲ ନୁହନ୍ତି । ଦୁନଆଟା ନାନ୍ଦୁକ, ହିଂସ୍ରକ । ମୁସ୍ ମୁସ୍ ଲାଗୁଛି ଉଷୁମ ବଗ୍ର ପିଆଜ । ଓଃ, କ ଭୋକ !

'ଖା ଟା; ସିବୁ ତ ଡରବର କାହିଁକ ?'

ବୋଉ କାହିଁକ ଚଡ଼େ ? ଲୋକେ କାହିଁକ କହନ୍ତି, ଧମାବୁଢ଼ା ଷ୍ଟେର ବୁଢି ଦଏ, ଟୋକାଙ୍କ ମୁଣ୍ଡ ବଗିଡ଼ାଏ । କୁଆଡ଼ର ସେ, କ ଜାତ, କଣ ତା'ର ପେଷା, କଏ ଜାଣେ ? ପୁନ ପାଣି ପିଇ ସାରଲଣି । ବୋଉ ପାଇଁ ଦଟା କାନରେ ବାନ୍ଧଲଣି, ଧମାବୁଢ଼ା ବର୍ଷ କଣ ଭାବୁଛି । ବଚନ ଦଣେ; ଠିକ୍ ଭଦ୍ରଲୋକ ପର । ତଥାପି ଆପଣାର ଜାତ ପର ମିଶିରହିଛି ଏ ପଲ୍ଲୀର ସମସ୍ତିଙ୍କ ସାଙ୍ଗରେ । ପେଟ ପୂରବାର ହାକୁଟି ମାର ସାର ପୁନ ଭାବଲା···ହୋଇଥିବ ବା ଲୋକେ ଯାହା କହନ୍ତି । ତା'ର କ ଯାଏ ? ଧମାବୁଢ଼ା ତାକୁ ଦୟା କରଛି ।

'ଘର ବଥା କରୁଛି, ନାହିଁ ? ଆ ମୁଁ ଓଷଦ ଦେବ, ବୋଉକୁ ଦେଇଦବୁ ।' ଅଧବୋତଲେ କ'ଣ । ଠିପି ଲଗାହୋଇଛି । 'ନିଅଟି ନେଇ ଯା । କପଡ଼ା ଘୋଡ଼େଇ ପକା । ଠିପି ଖୋଲବୁ ନାହିଁ ଟି, ଗୁଣ ଉଡ଼ିଯିବ ।'

ମଦ ଗନ୍ଧ । ପନ୍ନୁକୁ ଅନେଇଁଲା, ଧମାବୁଢ଼ା ଗୁଲିଯାଉଛି ।

ଢକ୍ ଢକ୍ କର ସବୁଯାକ ପିଇଦେଇ ଖୁସି ହୋଇ କେମା କହଲା···'ଆଃ ଏଥର ଭଲ ହୋଇଯିବ ।' ପୁନ ପଗୁରଲା 'ଭଲ ଓଷଦ ?' କେମା ହସିଲା । କହଲା···'ଜଣେ ଯାତକର ଦେଇଚ କ'ଣ ନାକେର ହଅନ୍ତା ?' ପୁନ ଖୁ ବସେଇଲା । ଖାଇବାକୁ ଯୁଗ ପାହେ । କଷାପାଣିରେ ଗୁଡ଼ ଟିକଏ, ଗଣ୍ଡାଏ ମୁଢ଼ି । ମେହେନ୍ତର ପାଚ ଗୃହା, ମଇଳା ଗୁଡ଼େ, ଭୋକ ବୁଢ଼େଇ ଦଏ; କାନ୍ଥ

Digitized by srujanika@gmail.com

ଛାଡ଼ ବେଳ ଏ ନୁହେଁ, ବହୁତ ଆଗରୁ, କାମ କରିଯିବା ପୂର୍ବରୁ । ଔଷଧ ଖାଇ, ଗୁହା ଖାଇ, ପିଙ୍କା ଖଣ୍ଡିଏ ଲଗେଇ କେମା ଗ୍ଲୁଟେଇ ଗ୍ଲୁଟେଇ ଯାଇ ପିଣ୍ଡାରେ ବସିଲା । ସବୁ ସହୁ ହୁଅନ୍ତା, କେବଳ ପାଦର ଗଣ୍ଠିଟା ଫୁଲିଯାଇ ଅଚଳରେ ପକେଇଛି । ଘର ଭିତରେ ପୁଣି ରୋଷେଇରେ ଲାଗିଥାଏ । କେମା ଗପୁଥାଏ । ମନ ଖୁସି ଅଛି । ଦେହ ଓଟାର ହେଲେ ବି ମୁଣ୍ଡ ଭିତର ଉଛୁଳା ପରି ।

କେମା କହୁଥାଏ—"ମନ ଟାଣ କରିଥିଲି, ତୋ ପରି ଝିଅ, ତତେ ପାଇଟିକି ପଠେଇବି ନାହିଁ ବୋଲି ହଲପ୍ କରିଥିଲି । ସବୁ ଉଜୁଡ଼ି ଯାଉ, ଦୁନିଆ ବୁଡ଼ିଯାଉ, ଏମିତି ଫୁଲ ପରି ତତେ ସାଇତିଥିବି । ଘରେ ରହିବୁ, ବାହା ହେବୁ; ସେତିକି ତୋ କର୍ମ । ମୋ ଦଶା ତତେ ନ ହେଉ । ସେତେ ମନ କଲେ କଣ ହେବ ? ଆଜି ସିନା ଦିନକର କଥା, ଏମିତି ଯଦି ଫେର୍ ମୁଁ ପଡ଼ିଯାଏଁ, ବିଛଣାରୁ ନ ଉଠେଁ ! କାହାକୁ ଡାକିବି ଯେ ମୋ କାମ କରି ମୋ ଘର ଚୁଲେଇବ ? ଦେଖ ତ କପାଳ !"

ଘଡ଼ିଏ ରହି କେମା ଫେର୍ କହିଲା—"ସେମାନେ କଣ ଛାଡ଼ିଦେବେ ? କାମ ନ କରି ଖାଇବାକୁ ଦେବେ ? ଆଜି ଦିନକ ପଡ଼ିଆ କଲି ଯେ, ଦେଖିବୁ କେମିତି ତେଣ୍ଡା ଉଠିବ । ବାର ପ୍ରକାର କରି ଝିଙ୍କାସିବେ । କଣ କରିବା, ଆମେ ପରି ଗରିବ ଲୋକ ! ଯାହା ଅଛି ନା ବଳ ଅଛି ? ମଲ ଲାଗିଲେ ଅଙ୍କୁଆ ଜାଠ ବୋଲି କେହି ପାଖ ପୁରେଇବ ନାହିଁ । କାମ ମିଳିଲେ ସେଇ ଗ୍ଲୁଟ କାମ । ଧିଅ ମେହେନତ ବେଶି; ପଇସା ଅଳପିକିଆ । କପାଳକୁ ଆଦର ଆମର କାମ ସେଇ···ଯାହା ଆମ ସମସ୍ତେ କରନ୍ତି । କଣ ଆଉ କରିବା !"

ପୁଣି ଭାବିହେଲା···ମା'ର କାମ, ତାର ଭବିଷ୍ୟତ ।

ପାଇଖାନାରୁ ପାଇଖାନା । ଗନ୍ଧ, ଅସନା, ନଳା ପଙ୍କ ।

ମା'ର କଥାର ଗୋଟାଏ ମତଲବ ଅଛି କି ?

କହିଲା···"ଗୋଡ଼ ଦରଜ ହେଉଛି, ଫେର୍ ଟିକିଏ ଉଷୁମ ସୋରିଷ ତେଲ ମାରିଦିଏ ବୋଉ । ନଇଲେ କଣ କୋଉଠୁ କରିବା ବତା । କାଲି ସକାଳକୁ ଦେହ ଭଲ ହୋଇ ଯାଇଥିବ ।" କେମା ଉତ୍ତର ଦେଲାନାହିଁ । ଦୂରକୁ ଅନେଇଁ ବସିଥାଏ । ପୁଣି କହିଯାଉଥାଏ···ତତଲା ସୋରିଷ ତେଲ, ଓଦା ବାଲିପଟି; ଯେତକ ତାର ଜାନ ବା ! କେମାର କାନରେ ପଡ଼ୁ ନ ଥାଏ । ଏକାଦୃଷ୍ଟିରେ ସେହି ଗୋଟାଏ ବାଟକୁ । ତରତର ହୋଇ ଉଠିପଡ଼ି ଘର ଭିତରକୁ ପଶିଗଲା । କହିଲା···'ମୁଁ କଣ କହୁଥିଲି ? ଦେଖିବୁ, ମଲେ ବି ଛାଡ଼ିଦେବେ ?"

Digitized by srujanika@gmail.com

ପୁନି ଗୁନିଆଁ ହେଲା । "କିଏ ଆସୁଛି ବୋଉ ?"

କୋଉ ମୁଲଟା ଏ ପର୍ଯ୍ୟନ୍ତ ଦାଣ୍ଡ ଅଗଣାରେ ଚିତ୍‌ପଟାଂ ହୋଇ ପଡ଼ିରହିଛି । କାଲେ କେହି··· ! "ମୁ ଶୋଇପଡ଼ୁଛି ଲୋ ପୁନି । ସେହି ମୁଁ, ସେ ମୁନିସିପାଲିଟି ମିସ୍ତ୍ରୀଟା । ନୂଆ ଚାକିରି ପାଇଛି ନା, କାମ ଦେଖେଇବାକୁ ଖାଲି ଘର ଘର ଯାଇ ବୁଲି ଲାଗିଛି । କହିଦବୁ···ମୋ ବୋଉକୁ ଜର । ବୁଝିଲୁ··· ?

ଟିଅ ବୁଝିଲା କି ନାହିଁ, ଜାଣିବାକୁ ସେ ଅପେକ୍ଷା କଲା ନାହିଁ । ଘୁସୁରି ଘୁସୁରି ଶୋଇପଡ଼ି ଖାଲି ଘୁସୁରିଲା । ଦେହ ସତେ କି ଫାଟିପଡ଼ୁଛି !

ବୋଉ ଛଟା ଗାଜୁଛି । କାହିଁକି ବୋଉ ମିଛଟାରେ ଜରର ନା ଧରିଲା ? ସେଦିନ ପରା କହେ ମିଛରେ କହିଲେ ସତରେ ଫଳେ । ଅସାର କଥା କହିବା'ର ନୁହେଁ । ତାର ବୋ'ଉକୁ ଜର ହେବ । ସେ କଳ୍ପନା କରିପାରେ ନାହିଁ । ବୁଝି ହେଲା ଦିନରୁ ଦେଖି ଆସିଛି, କେବେ ସାମାନ୍ୟ ଅସୁଖ ହେବା ଛଡ଼ା ବୋଉର କିଛି ହୋଇ ନାହିଁ । ସକାଳୁ ଉଠିଛି, କାମ କରି ଯାଉଛି । ପଇସା ଆଣି ପୋଷିଛି । ଖଟିବା ଆଉ ପୋଷିବା ପାଳିବା ଛଡ଼ା ବୋଉମାନଙ୍କର ଆଉ କାମ ନାହିଁ ବୋଧହୁଏ ।

ସତେ ସତେ ବୋଉକୁ ଜର ହେବ ଯଦି !

ଏତେଦିନକେ ଭଲ ମନରେ ବୋଉ ସାଙ୍ଗେ ଗପିବାକୁ ବେଳ ମିଳିଥିଲା । ଖୁବ ଫୁର୍ତ୍ତିଥିଲା । ସାହି ଲୋକେ କାମକୁ ଗଲାବେଳେ ଆଜି ତା ମା'ର ଛୁଟି ଥିଲା । ପୁଣି ବୋଉ ଶୋଇଲାଣି । ପୁଣି ସେ ଝିକଲ ଚିନ୍ତାର । ତେଣୁ ବଡ଼ ବଡ଼ ପାହୁଣ୍ଡ ପକେଇ ଧପାଲି ଆସୁଛି, ମିସ୍ତ୍ରୀଟା । ଯାହାକୁ ବୋ'ଉ ଡରେ, ପିଲାଟାର କେତେ ବା ବୟସ ! ପାଖ ହୋଇ ଆସୁଛି ସେ । ପୁନି ଶଙ୍କି ଶଙ୍କି ଡାକିଲା···'ବୋଉ !' ଜବାବ୍ ନାହିଁ । ତେଣୁ ରଡ଼ିରଡ଼ିକା ମିସ୍ତ୍ରୀ ଆସିଲା···ଜେମା ମେହେନ୍ତାଣୀ ! ଜେମା ମେହେନ୍ତାଣୀ !

ପୁନି କହିଲା···କାହିଁକି ଖୋଜୁଛ ?

କାହିଁକି ଖୋଜୁଛ ? ଭଲ ଗୁଲଖିରେ କଥା କହୁଚ୍ ଲୋ ଟୋକୀ ! କାହିଁଗଲା ସେ ? ଜେମା ମେହେନ୍ତାଣୀ ! ଘରୁ ଜେମା କୁହାଉଛ । ପୁନି କହିଲା ଶୁଣୁନା, ମୁଁ କ'ଣ ମିଛ କହୁଛି !

"ମିଛ ନୁହେଁ ସତ ! କାଲି ତ କାମ କରି ଆଇଲା, ଆଜି କ'ଣ ଘୋଟିଗଲା ? କ'ଣ ହୋଇଛି ?"

Digitized by srujanika@gmail.com

ପୁଣି କହିଲି—ଜର ହୋଇଚ ।

ମିଛ କଥା । ଖାଲି ବାହାନା, ଖାଲି ପେଟଖୋଳ । ଏମିତି ଜଣେ ଜଣେ କାମ ବନ୍ଦ କରି ଘରେ ରହିବେ, ସାହିସାକ ବୁଲୁଥିବ ମୁଁ ରହାଳି ହୋଇ, ନୁହେଁ ? ଭଲ ଦଶା ଅଛୁ ତ ବାହାର ଆ କେମା ମେହେନ୍ତାଣୀ; ଚାଲି ଆ, ମୁଁ ଠିଆ ହୋଇ ରହିଲି । ଜବାବ୍—କେବଳ ଘୁମୁରିବା । କେମା କମ୍ବଳ ପରି କୁଣ୍ଢେଇ ଲାଗିଛୁ; କଥା କହୁ ନାହିଁ । ପୁଣି କହିଲି—ଶୁଣୁନା ବାବୁ, ଖରି ଜର ହୋଇଚ । କ'ଣ କରିବ, ସବୁଦିନେ ତ ଯାଉଥିଲି—

ହଉ, ନ ଗଲେ ନ ଯାଉ । ଆଜକାର ଦର୍ହମା କଟା ହବ । ଫେର୍ ବଦଳା ନ ଦେଇ ଏମିତି ଘରେ ରହିଗଲେ, ଚାକିରୁ କାଢ଼ି ଦିଆଯିବ । ତୋ ମା'କୁ କହିଦବୁ । ମୁଁ ଯାଉଚ ।

ମିସ୍ତ୍ରୀ ଅଧେ ବାଟ ନ ଯାଉଣୁ ପୁଣି ଫାଇଁ ଫାଇଁ ହସିଲା । ତା'ର ଅଭିନୟ ସେ ଭଲ କରିଛୁ । ଡାକିଲା—ବୋଉ ! କେମା ସେମିତି ହେଉଛୁ । ପୁଣି କହିଲା—ସେ ଗଲାଣି ମ, ଉ'ଠୁ । କେମା ଜବାବ୍ ଦେଲା ନାହିଁ । ଦେହ ଅସୁସ୍ଥ ଥିଲା ପରି ସକେଇ ହୋଇ ଲାଗିଲା ପଡ଼ି ପଡ଼ି ।

କେତେବେଳ ଗଲା । ଗ୍ରେପେଇବାସ ସାରି ପୁଣି ଗଲା ବୋଉକୁ ଉଠେଇ । "କେତେବେଳଯାକେ ଶୋଇଥିବୁ ବୋଉ, ଉଠୁ ।"

ଉଷ୍ଣ ମ କାଦରେ ବୋଉ ଶୋଇଚ । ହାତ ମାରିଲା । ଲୁଗାକାନକୁ ଦେହ ଉପରକୁ ଟାଣି ନେଇ କେମା ଆହା-ଉହୁ ହେଲା । କଷ୍ଟରେ କହିଲା, ରୁ ଖା ଲେ; ମୋ ଦେହ ଭଲ ଲାଗୁ ନାହିଁ ।

□ □

Digitized by srujanika@gmail.com

ପାଞ୍ଚ

ସେମାନେ ଶୋଇଛନ୍ତି—ବଡ଼ ସହରର ଲୋକେ ।

ଆପଣା ସମସ୍ତର ହାତଗଢ଼ା ସଂସାରରେ ଗୁରେଇ ହୋଇ ଶୋଇ ରହିଛନ୍ତି ସେମାନେ । ସ୍ୱପ୍ନ ଦେଖୁଛନ୍ତି ସହର ନିଷ୍ଫଳ । କେବଳ ସହରୁ ମଣିଷର ବ୍ୟକ୍ତିତ୍ୱର ପ୍ରତୀକ ପରି ଜକାଜକ ବଡ଼ ବଡ଼ କୋଠା । ପରସ୍ପରଠୁଁ ଉଚେ, ମପାଚୁପା । ଚଳନ୍ତି ସମସ୍ତ ମଝିରେ ଇଟା ସୁର୍କିର ବସ୍ତୁତ ଅଚଳନ୍ତି ଉଦ୍ଧପଣ । ନିଷ୍ଫଳ ଔଦ୍ଧତ୍ୟ । ମୁହାଁମୁହିଁ ସ୍ପର୍ଦ୍ଧା । ଗୋଟିକିଆ ମଣିଷର ସାନ ସାନ ଦୁର୍ଗ ।

କୋଠାପଣରେ ସହରର ଲେଖା, ମଣିଷପଣ ବାଣ ହୁଏ ନାହିଁ ।

କୋଠା ପରେ କୋଠା, ଗଢ଼ି ଲାଗିଛନ୍ତି ଗଢ଼ି ଲାଗିଛନ୍ତି । ଏହି ସହରର ମୂଳଦୁଆ ଉପରେ ଅଗଣିତ କେତେ ଲୋକ ଗଢ଼ିଥିଲେ । ଶ୍ରେଷ୍ଠୀ ଥିଲେ, ଶ୍ରେଣିକ ଥିଲେ । ସେମାନେ ବି ଗଢ଼ିଥିଲେ ଚିରକାଳକୁ । ଭୁଷୁଡ଼ି ପଡ଼ିଛି । ପୁଣି ଗଢ଼ି ଲାଗିଛନ୍ତି । ଜାଗା ପାଇଁ ଭଡ଼ା ଓଟର୍, ଛଡ଼ାଛଡ଼ି । ବଡ଼ତ ପାଇଁ ଟଣା ଓଟର୍ । ସହରର ବଣୁଆ ଅଞ୍ଚଳ, ଅପନା ଅଞ୍ଚଳକୁ ବି ଧାଇଁଲାଗିଛି ଇଟାର ଫେଣପଡ଼ ମାଳ ମାଳ । ମଶାଣିତଳ ନଈର ବାଲି ।

ରକ୍ତମାଂସର ମଣିଷର ପଥୁରିଆ ଖିଆଲ୍ । ସଞ୍ଚି ଲାଗିଛନ୍ତି, ଗଢ଼ି-ଲାଗିଛନ୍ତି ।

ଆକାଶରେ ଅନ୍ଧାର । ଅମ୍ବିଲ ପବନରେ ଭଙ୍ଗା ମଧରର ହସ । ହଜିଲା ଯୁଗର ଧୂଳି ବୋଳି ହୋଇ ବରଗଛ ମୂଳର ମଶାଣି ଅପନ୍ତ୍ରସ ଧ୍ୟାନମଗ୍ନ । ନଈ ଧାରର ଅବିରଳ ଗତି ।

ତାହାର ଧଡ଼ିରେ ଇଟା ପଥରର ମଣିଷ ବସତି ବର୍ତ୍ତମାନର ।

ସହର ଶୋଇଛି ।

□ □

Digitized by srujanika@gmail.com

ଛଅ

ସକାଳ ହୋଇଥାଏ ।

ଡାକବାଲା ପରି ଖବରବୁହା ସକାଳ ।

କି ଖବର ?

"ଶୁଭ କାହି ଶୁଭେ ରଡ଼ି, ଉଡ଼ି ଯା ବୁଲି ଯା, ଉଡ଼ି ଯା ବୁଲି ଯା—"

ଯଶୋଦା କାଉକୁ ଖାକୁଲେଉ ଥାଏ । ଯଶୋଦା ଅବିନାଶବାବୁଙ୍କ ପୋଇଲି ।

ଉପର ମାହାଲରେ କବାଟ ପଡ଼ିଛି । ବଡ଼ଲୋକ ଘର । କି ତର ଅଛି ସକାଳୁ ଉଠିବାକୁ ?

କାରୁକାର୍ଯ୍ୟରେ ଭର୍ତ୍ତି ହୋଇଛି ଉପର ପିଣ୍ଡାର ବାଡ଼ । ଚକ୍ର ହୋଇଥିବା କୁଣ୍ଡ ଭିତରେ ସେବତି, ଗୋଲାପ । ଶିଳ୍ପୀର କଳ୍ପନାରେ ତିଆରି ସୁନ୍ଦର ବଡ଼-ଲୋକର ଘର । ନେଳିଆ ଦିଶୁଛି ସକାଳ । ଏଠି ପ୍ରାଣକୁ ଆରାମ୍ ଅଛି ।

ଗୁଣ୍ଠୁଣି ମୁଠାଏ ଧରି ଯଶୋଦା ଠିଆ ହୋଇଥାଏ । ଦାନ୍ତ ଘଷିବାକୁ ପାଣି ଥୁଆ ହୋଇ ସାରିଛି କେତେବେଳୁ । ଗାଧୁଆଘର ପ୍ରସ୍ତୁତ ଅଛି । ତଳ ମହାଲରେ ଦୁଧ ସିଝେଇ, ଜଳଖିଆ ତିଆରି କରି, ଗରମପାଣି ବସେଇ ଅପେକ୍ଷା କରିଛି ପୂର୍ଣ୍ଣମା । ତା'ର ଗାଧୁଆପାଧୁଆ ସରିଛି, ଶ୍ଳୋକ ପଢ଼ୁଛି, ଗୁଣୁ ଗୁଣୁ ଶୁଭୁଛି ।

ଆଉ ଉପରେ ଯଶୋଦା କାଉଟା ପାଛେ ଲାଗିଛି—"ଉଡ଼ି ଯା, ବୁଲି ଯା, ଶୁଭେ ରଡ଼ି, ଶୁଭ ବାରତା ଆଣ ।" ତା'ର ଅଭ୍ୟାସ ।

ତା ପାଇଁ କାକପୋଇର ବାରତା ହେଉଛି ଘର ଓଳେଇବୁ, ବାସନ ମାଜିବୁ, କାମ କରିବୁ ! ଗାଳି ମୁଣ୍ଡେଇବୁ ନାହିଁ, ମାଡ଼ ମୁଣ୍ଡେଇବୁ ନାହିଁ । ହୁସିଆର ଥିବୁ ମା ଯଶୋଦା !

ଧଡ଼୍ କରି କବାଟ ଫିଟିଲା । ଭିତରୁ ଏକାନଟକେ କଳକଳା ପାଟି—

"କି-ଲୋ ।"

"ମଲି ମୋର ! ସକାଳୁ କାହା ମୁହଁ ଚାହିଁଲି ବା ! ସେ ଅଲକ୍ଷଣୀ ମଣିଷ କୋଉଠିଥାଏ, ମଣିଷ ଉଠିଲାବେଳକୁ ଓରି ଭର୍ତ୍ତି ମୁହଁ ଉପରେ ଠିଆ ହୁଏ—!"

Digitized by srujanika@gmail.com

ଫାଲୁ ଫାଲୁ ମୁହଁ, ମୁଣ୍ଡବାଳ ଫିଟିପଡ଼ିଛି, ମୁହଁରେ ଶୁଖି ଲାଗିଛି ଜଦ ବେଳର ପାନଛେପ । ସତରେ ପାଟିରେ ଯାକିଥିବା ପାନର ଶେଷଟକ ପାକୁଳି କରି କ ବାବୁଆଣୀ ବାହାରିଲେ । ଘରର ମାଲିକାଣୀ—ସଂସାରର ଲକ୍ଷ୍ମୀ । ଅବିନାଶ-ବାବୁଙ୍କ ସ୍ତ୍ରୀ ।

ପାଟିରେ ପାନପଞ୍ଚ ସାବ୍ନା ରହେ । କେବଳ ପାନରସ ନାଲିଆ ନ ହୋଇ, ହୋଇଥାଏ କାଳିଆ । ମୋଟାସୋଟା ମଣିଷ, ଗୋରି ଟହ ଟହ ପୂରିଲା ପରି ମୁହଁ । ସୁସ୍ପଷ୍ଟ ଅବୟବ । ଚାଳିଶ ବର୍ଷ ସେ ଦେହକୁ ପୁଷ୍ଟିତା ଦେଇଛି

ସମ୍ଭ୍ରାନ୍ତ ଭଦ୍ରମହିଳା, କୁଳୀନା, ଭାଗ୍ୟବତୀ ।

ଲୋକେ ଦଣ୍ଡବତ ହୁଅନ୍ତି । ଅବିନାଶବାବୁ କଥା ମାନି ଚଳନ୍ତି । ପୁରୋହିତମାନେ ଆଉ ଠାକୁର ମନ୍ଦିରମାନଙ୍କର ସେବକମାନେ ଆଶୀର୍ବାଦ କରନ୍ତି—ସେ ଆହୁରି ମୋଟା ହୁଅନ୍ତୁ, ଆହୁରି ପଇସା ରଖନ୍ତୁ, ଆହୁରି ତାଙ୍କର ଭଲ ମାଡ଼ିଯାଉ । ଏଇ ଆଶୀର୍ବାଦ—କେହି ସଂସ୍କୃତରେ, କେହି ଓଡ଼ିଆରେ, କେହି ବା ହିନ୍ଦୀରେ ।

ଭୁଇଁରେ ଦମ୍ପାଦ ମାଡ଼ି, ଚୁଡ଼ି ଝଣକେଇ, କୋଳାହଳ ଉଠେଇ ବାବୁଆଣୀ ତଳକୁ ଚାଲିଗଲେ । ଯଶୋଦା ଆଡ଼େଇ ହୋଇଗଲା । ଶୁଭ କାହିଁକି ଉଡ଼ିଗଲାଣି । ଯଶୋଦା ଚାଲ ଘର ଝାଡ଼ୁ କରି ।

ସେ ଅଲକ୍ଷଣୀ—ସତ ।

ଆଜି ସେ ଅପବାଦର କିଛି ମୂଲ୍ୟ ନାହିଁ । ଆଜି ସେ ଆପତ୍ତି କରିବ ନାହିଁ । ପିତୃକୁଳ, ଶ୍ୱଶୁରକୁଳର ସମୃଦ୍ଧିକୁ ଖାଇ, ମଉଆଳ ଯୌବନର ବିଷ କଣ୍ଠରେ ଧରି ସେ ଅପେକ୍ଷା କରିଥିଲା । ଅବିନାଶବାବୁ ଉଦ୍ଧାର ଯେନ ଆସିଥିଲେ । ଭାବିଥିଲା, ବଡ଼ଲୋକ ପୁଣି ଆଣିଦେବ ଝଡ଼ିଯାଇଥିବା ସ୍ତ୍ରୀପଣର ମର୍ଯ୍ୟାଦା । ଅବିନାଶବାବୁ ଶସ୍ତାରେ ଚାକରାଣୀ ପାଇଲେ । ଚାକରାଣୀ ପାଇବା ବଡ଼ କଷ୍ଟ । ଲୋକେ କହିଲେ ସେ ବୁଦ୍ଧିମାନ୍ । ନ ହେଲେ କି ସାମାନ୍ୟ ଚାକିରିରେ ମଣିଷ ଦୌଲତ ଅରଜେ, ପୁଣି ବଡ଼ ପାହ୍ୟା ପାଏ ?

ସେ ବୁଦ୍ଧିମାନ୍, ସେ ବଡ଼ ।

ଆଉ ଯଶୋଦା ?

ଦୁ' ଦିନର ଝଡ଼ ତୋଫାନ କନ୍ଦାକୋବା, ଭୁଷାଭୁଷି । ତା'ପରେ ଫମ୍ପା ପେଟ କହେ ମୁଁ ଭି ବଡ଼ । ବଡ଼ ସହରର ମଣିଷ—ଜଙ୍ଗଲ କହେ, ବାଟ ନାହିଁ ।

Digitized by srujanika@gmail.com

ଯଶୋଦା ମୁହଁମାଡ଼ି ପୋଇଲା ହେଲା । ତାକୁ ସହରରେ ଥାପି ବଡ଼ ଖାତୁଆଡ଼ ଅବନାଶବାବୁ ଗଲେ ଘୁଙ୍କର କରି, ଧନ ଅର୍ଜି ।

ଆଉ ଘରଂ କବାଟ ଫିଟୁଛି । ଚଟି ଫଟ୍ ଫଟ୍ କରି ଅଯୋରବାବୁ ଓହ୍ଲେଇ ଗଲେ । ବାବୁଙ୍କର ପୁଅ । ତୁଣ୍ଡରେ କୃଷ୍ଣନାମ ଜପିଲା ପରି ଏକା ସୁଆକେ ପୁଝାରୀକୁ ସମ୍ବୋଧନ—"ହେଇଓ ସ୍ବ, ସ୍ବ, ସ୍ବ—"

ଯଶୋଦା ଚଞ୍ଚଳ ଚଞ୍ଚଳ ଘର ଓଲୋଉଥାଏ । ପାଖ ଚଟ୍‌ଟ୍ର ତିଡ଼ିଟିଲେ । ପଡ଼ାକୁ ବାହାରିଲା ବାବୁଙ୍କ ଝିଅ, ମାନ । ବଡ଼ ମଲ ମଲ ଆଖି । ଭଅଁ ଲେଉ ପାଟିକଲା, ଆରେ—"ମତେ କେହି ଉଠେଇ ଦେଲ ନାହିଁ ?" ପିଣ୍ଡାକୁ ଆସିଲା । ମୋଟାସୋଟା ବଲେଇଟିଏ ଗୋଡ଼ପାଖେ ବେଙ୍କେଲା ପକଉଥାଏ, ଘୁଡ଼ୁରୁ ଘୁଡ଼ୁରୁ ହେଉଥାଏ । କୋଡ଼କୁ ଉଠେଇ ନେଇ ମୁହଁରେ ମୁହଁ ଲଗେଇ ଗେଲ କରି କହିଲା—"ମିନ୍ନି, ମୋ ମିନ୍ନି—" ମୋଟାସୋଟା ବଲେଇଟି ଆରାମରେ ଆଖି ବୁଜି ଦେଉଥାଏ, ସ୍ବର ଗୋଡ଼ରେ ଆମ୍ବ ଲଗିଥାଏ । ବାରମ୍ବାର ଛାତି ଗେଲ କରୁ କରୁ କଦା ପଡ଼ିଗଲା ପିଣ୍ଡାର ତାଡ଼ା ଉପରକୁ । ବଲେଇର ଗ୍ରୀବାରେ ସାଇ ଧରି, ଭଙ୍ଗ ଧରି ମାନ ଦୁଇଁ ଥରେ ପାଟିକଲା, "ଇଲେ ମିନ ଦେଖିଲୁଣି ? ଇଲେ ମୋ ଗ୍ରୁପ୍‌ କଲନ୍ ଗୋଲପ ଫୁଟିଛି ଲେ, ଇଲେ କେତେ ସୁନ୍ଦର !" ମାନ ଆନନ୍ଦରେ ନାଚିଲା ଖେପା ଖାଇ । ଆପତ୍ତି କରି ମିନ କହିଲା—"ମେଓଁ ମେଓଁ ।" ବଲେଇକ ଗ୍ରୀବାଦେଇ ଡେଇଁ ଡେଇଁ ମାନ ତଳକୁ ଓହ୍ଲେଇଗଲା । ପାଟିକଲା, "ବୋଉ, ଭାଇ—ଦେଖିବ ଆସ, ଦେଖିବ ଆସ ।"

କିଏ ଡାକି ଡାକିଲାଣି—"ଏ ଯଶୋଦା, ଏ ଚୁଲି ! କୁଆଡ଼େ ମଲୁ—" ନୌଭ ବାରଟା ଆସିବ ବାକପୋଇ ।

ଯଶୋଦା ଭରଡ଼ର ହୋଇ ଝାଡ଼ୁ ମାରିଲା । ଲୋକେ ଡାକିବେ—ଡାକନ୍ତୁ । ସମସ୍ତିଙ୍କ କଥାର ଜବାବ୍ ଦେଲେ ସେ ପାଗଳ ହୋଇଯାଆନ୍ତା ।

ଝରକା ପାଖେ ପଡ଼ାକୁ ଅନେଇ ଠିଆ ହେଲା । ଛିଃ, କି ଅସନା ମେହେନ୍ତରପଲ୍ଲୀ ! ଭଙ୍ଗା ଦଦରା ଅସଣୁଣା ହୋଇ ସେହି ଘରଗୁଡ଼ାକ ଠିଆ ହୋଇଛି । ଲଙ୍ଗଳା, ଧୂଳିଆ ପିଲାଗୁଡ଼ାଏ ଦଉଡ଼ୁଛନ୍ତି । ପଲ ପଲ କୁକୁର । କାହାର ରୂମ ନାହିଁ, କାହା ଦେହରେ ଘାଦୁ । ଦୁଧ ଓହଳୁଛି, ହାଡ଼ ଗଣି-ହେଉଛି । ଛୁଆ ପଲେ ପିଛ କୁତିମାନେ ଦଉଡ଼ୁଛନ୍ତି । ଧରାଧରି, କାମୁଡ଼ା କାମୁଡ଼ି, କୁକୁରଙ୍କ କଜିଆ । ହାଡ଼ସାହିର ଛୋଟାଘାକ ଖାଲି ବାଡ଼ୁଡ଼ି ଲଟକେଇଛନ୍ତି । ମା'ଲୋ, କି ଚେଁ ଚେଁ ! ସହରର ସବୁ ବାଦୁଡ଼ିଙ୍କର ବାସ ଏଇଠି । ଚେଁ ଚେଁ

Digitized by srujanika@gmail.com

ବେଳ ଏବେ ସକାଳଟା ଆଉ ସଞ୍ଜବୁଡ଼ । ସାହିର ମଣିଷ ଦିଶୁନାହାନ୍ତି । ମୁଢ଼ି ଆଉ ଚୁହା ଏକାଠି ପିଣ୍ଡେଇ ଖାଇ କେତେବେଳୁ କାମକୁ ଯିବେଣି । ଚିରା କନା ଶୁଖୁଛି, ଭଙ୍ଗା ହାଣ୍ଡି ଗଡ଼ୁଛି । ଗଦା ଗଦା ଅଳିଆ ଉପରେ ଶୁଭକାଉ ବସି କା କା ରଡ଼ୁଛନ୍ତି । ଶୁଣି କ'ଣ ଖାଉଛନ୍ତି । ଚାଲିଛି ପଙ୍କକୁ ପଙ୍କ ହୋଇ ଘଡ଼ର ଘଡ଼ର ମଇଳା ଗାଡ଼ି । ସେଥିରେ ଦୈତ୍ୟପରି ମଣିଷ । ନଶୁଆ, ନଳି ଆଖିଆ, କଳା କୋଚଟ, ରୁକ୍ଷ । ମଇଁଷି ଗାଡ଼ିର ଚାଳକ । ପାଟିରେ ମୋଟା ମୋଟା ପିଙ୍କା ଗେଞ୍ଜି ଦେଇ ପିଠିଆଡେ ଘୁଅ ଟୋକେଇ କାଖେଇ, ପଟୁଆର କରି ବୁଲୁଛନ୍ତି ସବୁ ବସ୍ତିର ମେହେନ୍ତାଣୀ । ଯଶୋଦା ଧଡ଼୍କିନା ଖିଡ଼କି ବନ୍ଦ କରିଦେଲା ।

ପିଣ୍ଡା ବାଡ଼ା ଉପରେ ଫୁଲକୁଣ୍ଡ ଧାଡ଼ି ଧାଡ଼ି । କି ସୁନ୍ଦର ! ଗୋଟାଏ ନାଲି ଟେଲପ ଫୁଟିଆସୁଛି । କି ସୁନ୍ଦର ସେ ! ପାଖୁଡ଼ାଯାକ ସତେ କି ରକ୍ତରେ ଜୁଡ଼ୁବୁଡ଼ୁ । କାହାର ରକ୍ତ ? ତା'ର ଆପଣାର ? ଯଶୋଦା ମୁହଁ ଶୁଖିଗଲା । କେବେ ଥିଲା ତା'ର ରକ୍ତ ଏପରି । ଆଜି ତା'ର ଦେହ ମଉଳିଛି । ତେବେ କାହାର ରକ୍ତ ? ଏଇ, ଯେଉଁମାନେ ମଠରେ ଖାଇଲା ପରି ଏମିତି ଖାଆନ୍ତି । ଭଲ ଖାଆନ୍ତି, ଗଛତଳେ ଶୁଅନ୍ତି, ଖଟରେ ଶୁଅନ୍ତି, ତାଙ୍କର ରକ୍ତ । ଟଳ ଟଳ ଦିଶୁଛି । ଯଶୋଦାର ପାଗଳ ଭାବନା ଆସିଥାଏ । ହୁ ହୁ ହସୁଥାଏ । ମନ ହେଉଥାଏ, ପାଖୁଡ଼ାଟିଏ ଏଥିରୁ ତୋଳେଁ । ପାଖୁଡ଼ାଟିଏ ତ, କିଏ କ'ଣ ଗାଳିଦେବ ? ଗୋଟାଏ ପାଖୁଡ଼ା ଛିଣ୍ଡେଇଲା । ନିରେଖି ଦେଖୁଥାଏ । ଡାକ ଶୁଭିଲା—"ଯଶୋଦା ଆଛିଲୁ ?"

"ହଁ ମା, ଯାଉଚି ।" ପାଖୁଡ଼ାଟା ମକଚି ମାକଚି ଫୋପାଡ଼ି ଦେଇ ଗୋଡରେ ଦଳିଦେଲା । ସେ ବି ଚାଲି ଓହ୍ଲେଇ ।

Digitized by srujanika@gmail.com

ସାତ

ସତକୁ ସତ ମା'କୁ ଜର ହେଲା । ଦିନେ, ଦି ଦିନ, ତିନି ଦିନ ଚାଲିଛି । କମ୍ପ, ଶୋଷ, ବାନ୍ତି । ନାଲି ନାଲି ଆଖି । ସବୁବେଳେ ଦେହ ବରଡ଼ାପତ୍ର ପରି । ଯେଉଁ ଲୋକଟା ଏତେ ଦୁଃଖକଷ୍ଟରେ ବି ବାକେଣି ଘଣ୍ଟ ପରି ତା'ର ପାଟିର ମର୍ଯ୍ୟାଦା ଅତୁଟ ରଖିଥାଏ, ସବୁ କାମ କରେ, ଆଜି ସେ ପଡ଼ିଛି ।

ପୁନି ଦେଖୁଥିଲି କେବେ ନ ଦେଖିବା ଦୃଶ୍ୟ । ଏ ତାକୁ ନୂଆ । ତା'ର ବୁଦ୍ଧି ହଜିଯାଏ । କେମାର ବିକଳ ଶୁଣି ଶୁଣି ଯେତେବେଳେ ତା'ର ଗ୍ରୁଡ ଭିତର ମନ୍ଥି ଚକଟି ହୋଇପଡ଼େ, ଗାଲରେ ହାତ ଦେଇ ଦୁଃଖ ଆଉ ବିସ୍ମୟରେ ସେ କେମା ଆଡ଼କୁ ଅନେଇଁ ବସେ । ଲୁହରେ ଭସି ଭସି ଭାବେ, ମା' ଆଉ ବଞ୍ଚିବ ନାହିଁ । ମା' ଆଉ ବଞ୍ଚିବ ନାହିଁ । ତାକୁ ଘୁଞ୍ଚାକୁ ପେଲିଦେଇ ଆଖିବୁଜି ନିଶ୍ଚିନ୍ତ ଶୋଇବ ।

ଏତେ ବର୍ଷରେ ପହିଲି ଜରର ପ୍ରାଦୁର୍ଭାବ କେମାକୁ ବି ବିକଳ କରିଥିଲା । ଜର ସେ ଭୁଲି ଯାଇଥିଲା । ଭାବିଥିଲା, ଦେହ ତାର ଲୁହା । ଆଉ ଏ ନୂଆ ଅନୁଭୂତ ନୂଆ ଅନୁଭୋଗ । କେମା ଆଶା ଛାଡ଼ିଦେଇଥିଲା ।

ରାତି । ଡରମାଡ଼େ । ଅଥଳ ବିପଦର ଦରିଆ ସେ । ହାତ ଗୋଡ଼ ପାଏ ନାହିଁ । ଏଠୁ ସେଠୁ ଗୋଟେଇ ଆଣିଥିବା ଅଳିଆ ଆଉ କାଠିକୁଟା ଚୁଲିରେ ଖୁନ୍ଦିଦେଇ ପୁନି ନିଆଁ ଟିକିଏ କରେ ।

"ଟିକିଏ ଭଲ ଲାଗୁଚି ବୋଉ !" ଆଉଁସେ, ଖଇ ପୁଚ୍ଛୁଛି ।

"ଆଉ କି ଭଲ ଲୋ ଝିଅ ! ସେଇ ଅଲକ୍ଷଣା ହାତ ମୋ ଦେହରେ ଲାଗିଲା ଦିନୁଁ ଦେହର ଶିରା ଛୁଟିଛି । ଆଉ ମୁଁ ଭଲ ହେବି ! କି ଅବସ୍ଥା କଲୁ ରେ ଚଣ୍ଡାଳ, ହାଇଁପି ଘର ପୁଅ ! କେତେ ଦିନ ଏମିତି ପଡ଼ିରହିଥିବି, ପୋଷିବ କିଏ; ପାଳିବ କିଏ !"

ଭେଁ କିନା ପୁନି କାନ୍ଦି ଉଠେ । ମଝିରେ ମଝିରେ ଆପଣାକୁ ହାଲୁକା କରିବାକୁ ଏହା ତାର ବାଟ । କେମାର ଦେହର କଷ୍ଟର କାତର, ଆତୁରତା, ପୁନିର କାନ୍ଦଣା କିଏ ଶୁଣେ ? ଶୁଣେ ବଡ଼ ସହରର ରାତି । ଛତିକା ଅନ୍ଧାରରେ ମେହେନ୍ତରପଲ୍ଲୀର କେତେ ଘରୁ କେତେ ପ୍ରକାର ଶବ୍ଦ ସେଥିରେ ମିଶେ । ହାଉ ହାଉ ପେଟରେ କାହା ଘରୁ ପିଲା କାନ୍ଦୁଛି, ଦିନଯାକର ଅର୍ଜନ ହୋଇଥିବା

Digitized by srujanika@gmail.com

ମୂଲ୍ ବଦଳରେ ମଦରେ ତୋଳ ଭର୍ତ୍ତି କରଥିବା ମଦୁଆର କୋଳାହଳ, ଆଉ କେତେ ଜାତର ସ୍ୱର । ସେହ୍ନ ସ୍ରୋତ । ସେଥିରେ ନଗିଙ୍କୁ ପଡ଼େ ଅଲ୍ପନାଣବାବୁଙ୍କ ଝିଅ ମାନମସ୍ତୀର ସ୍ୱରଲହସ୍ତ, ମନ୍ଦିରର ବାଜଣା, ଅସଂଖ୍ୟ ମନ୍ଦିରରେ ଧର୍ମଲୋକଙ୍କର ଠାକୁର ପୂଜାର ଘନଘଣ୍ଟା । ବଜାରର ଘୋ ଘା, ଥିଏଟର ବାଇସ୍କୋପ୍ ବାଜା ।

ମିସ୍ତ୍ରୀ ଚକ୍କ ଚକ୍କ ଗଲାଣି । ତାର କଥାରେ ପୁନକୁ ଡର ମାଡ଼େ । ପିଠିରେ ପଡ଼ିବାକୁ ଜେମାର ବହପ ନାହିଁ । ମିସ୍ତ୍ରୀ କହୁଯାଇଛୁ, କାଲିକ ସେ ପ୍ରଚାର କରିବ, ତା ପରେ ଜେମାର ସ୍ୱୀକାର ନେବ । ତା ପରେ ?

ତୋଟାରେ ସେହ୍ନ ଫଡ଼ ଫଡ଼ ବାଦୁଡ଼ି । ଫାଲ ଫାଲ ମୂର୍ଦ୍ଧାର ପର ଗଛରୁ ଓହ୍ଲାଇଛନ୍ତି । ରାସ୍ତାରେ ସେହ୍ନ ନାଚଦନଆଁ ଭିଡ଼ । ଦୃଶ୍ୟ ସେହ୍ନ ଏକା—ଧୂଳି, କୋଠା, ମଣିଷ । ସେହ୍ନ 'ତା ପରେ'ର ଉତ୍ତର ନାହିଁ । ଜେମାର ଅଠାଳିଆ, ଚଟଚଟ କପାଳରେ ହାତ ମାରେ ।ପୁନ ପଚାରେ, "ବୋଉ, କେମିତି ଲାଗୁଚ ?" ଉଦାସ ପାଉଁଶିଆ ଆଖି ଦୋ'ଟି ଟେକ ଦେଇ ଜେମା ଝିଅକୁ ଦେଖେ । ହୁଗୁଳା ମୁଠାରେ ତା'ର ପାପୁଲିକ ଚୁପି ଧରି ଆପଣାର କପାଳରେ, ଓଠରେ ଥୋଇ ଥୋଇ ବୁଲେଇ ଆଣେ । ସେହ୍ନ ତା'ର ଔଷଧ, ସେହ୍ନ ତା'ର ଅଞ୍ଜନ । ନରକ କାଢ଼ିବା, ଘରକରଣାର ଅଇଠ ଝପର ବଇର ବାଆ ହେଲ ପରି ଉଦାସୀ ଉଡ଼େଇ ଜୀବନ ଭିତରେ ସେତକ ତା'ର ଥାଇଚା ଟାଣ, ତା'ର ଝିଅ ।

ସେମିତି ରାତି । ନ କଟିବା ରାତି କଟିଯାଉଥାଏ । ମା'ଟିଏ, ଝିଅଟିଏ ।

"କାହାକୁ କହିଲୁ ନାହିଁ, ପୁନ—"

"କହିଥିଲି ।"

"କଣ ହେଲା ?"

"ମନା କଲେ ।"

"ରଙ୍ଗକୁ କହିଥିଲୁ ?"

"କହିଲି, ତୁ ଯାଉନୁ ତୋ ମା'ର କାମ କରିବୁ । ଆମକୁ ଡର କାହିଁ ?"

"ଆଲୋ, ମୋ ରାଣ ପକେଇ କହୁଛି ମୁଁ ! ଏତେ ବଡ଼ ସାହରେ କେହ୍ନ ଟିକଏ ନାହିଁ ଦ' ଦନ ବଦଳା ଚଳେଇଦବ—"

ଜେମା ନେହୁରା ହେବା ଶୁଣି ପୁଣି ପୁନର ଧୈର୍ଯ୍ୟ ତୁଟିଯାଏ । ବକ ବକ ଜେମା ଶୋଇପଡ଼ିଛି । ଘଣ୍ଟାରେ ଦୁଇଟା ପିଟିଲା । ପହରୀ ଡାକୁଛି,

Digitized by srujanika@gmail.com

"ବସ୍ତିଓ୍ୱାଲେ ହରିଆର ହୋ ।" ସାଙ୍ଗେ ସାଙ୍ଗେ ଅଣ୍ଡିରା ବଳୁଆ ବୋବେଇ ବୋବେଇ ଶୁଭୁଛି । ଦୁନିଆଁ ଶୋଇପଡ଼ୁଛି । କାଲି ସକାଳେ ଉଠିଲେ କଳି କଳି ବଲ ବଲ ହୋଇ ଧାଇଁବୁଲିବେ ଯେଉଁମାନେ ସମସ୍ତେ ଶୋଇପଡ଼ିଛନ୍ତି । ପୁନିକ ନିଦ ନାହିଁ । ମା ପଡ଼ୁଛି, ପାଟିକି ଅଧାର ନେଉ ନାହିଁ । ସକାଳୁ ଯେଉଁମାନେ ମୂଲକୁ ଯାଆନ୍ତି, ତାଙ୍କର ସମୟ ନାହିଁ । ଘର ଘର ବୁଲି ଖବର ବୁଝିବେ କାହାକୁ ଜର, କାହାକୁ ସର୍ଦ୍ଦି । ଘରେ ପାଣି ସର ସାରିଲଣି । ବାକି ଧନୀବୁଢ଼ାର ଦସ୍ତା । ସେ ବା ଆଉ କେତେ ଦିନ ! ଦ' ଦିନ ହେଲା ଧନୀବୁଢ଼ାର ଦେଖା ନାହିଁ । ପୁନିକୁ ଲୋକେ କାଳି ବାସୀ ଦେବେ ନାହିଁ । ଖାଲି ପେଟରେ ପାଣିଗୁଡ଼ାକ କଲକଲ ଡାକିଲା ବେଳକୁ ମୁଣ୍ଡରେ ଡାକୁଛି ଚକ୍ରା । ଏକାଠି ହେଉଛି, ଗଣ୍ଡି ପଡ଼ୁଛି; ପୁଣି ହୁଗୁଳିଯାଇ ଫିଟିପଡ଼ୁଛି, ତା'ର ପତ୍ତା ନାହିଁ । ଭାବୁଛି, ସେ ବା ଯିବ ମା'ର କାମକୁ । ମିସ୍ତ୍ରୀର କୋପ ଶାନ୍ତ ହେବ, ସବୁ ଭଲ ହେବ । ଗତର ଖଟିଲେ, ଲୋକେ ଦେଖିଲେ କାଲେ କାଳିବାସୀ ଦେବେ ! କିଏ କହିପାରେ ?

କାମକୁ ଯିବ । ସାଙ୍ଗର ଝିଅମାନେ, ରଙ୍ଗା, ଟଗ୍ରି, କଳାମାଣିକ ହେରକା ଯେମିତି ଯାଆନ୍ତି; ସମସ୍ତେ ଯେମିତି ଯାଆନ୍ତି । କାଠରେ ମଇଳାଭର୍ତ୍ତି ଟୋକେଇ, ଝିଲପଣ, ସାବୁପଣ ଡଙ୍କା ହୋଇଥିବ, ଗନ୍ଧୁଥିବ । ପାଇଖାନା ପଛଆଡ଼େ ଆଣ୍ଠେଇ ପଡ଼ୁଥିବ, ପୁଣି ସେଇ ଟୋକେଇ । ସେଇ ମାଛି ଭଣ ଭଣ ଗନ୍ଧଆ ସଂସାର । ସେଇ କର୍ମକ୍ଷେତ୍ର ।

ଦୌଲତ ସଞ୍ଚି କୋଠା ଗଢ଼ିବାକୁ ନୁହେଁ ।

କେବଳ ମୁଠିଏ ଖାଇବାକୁ । ଜନ୍ମର ଅତି ସାଧାରଣ ଜନମର ଦାବି ମେଣ୍ଟାଇବାକୁ । ପାରିବ ସେ ? କେଉଁ ପ୍ରାଚୀନ ପରମ୍ପରାର ଆଦିମ ମନର ପ୍ରବୃତ୍ତି ଆତୁର ହୋଇ ଡାକ କହେ—ସେ ପାରିବ ନାହିଁ, ପାରିବ ନାହିଁ । ଯେତେ ଯାହା ହେଉ, ସେ ମଣିଷ ।

ହଁ, ଧନୀବୁଢ଼ା ଦେଖା ନାହିଁ । ବିଚିତ୍ର ମଣିଷ ଧନୀବୁଢ଼ା । କୁଆଡ଼ୁ ସେ ଧନ ଅରଜେ, କୁଆଡ଼େ ଯାଏ ସେ ଧନ ଯେ ତା'ର ପତ୍ତା ନାହିଁ । କାଲିକି କିଛି ନାହିଁ । ଆଜି ବା କ'ଣ ଥିଲା ଖାଇବାକୁ ? ଭାବିଲା, କାଲି ସେ ଧନୀବୁଢ଼ାକୁ ଖୋଜି ବାହାର କରିବ । ସଜନିଆଁକୁ ମାଗିବାକୁ ମନ ଯାଏ ନାହିଁ । ମାଗିଲେ ବା ଦିଅନ୍ତି । ମୂଲିଆ ମୂଲ ଲାଗି ପେଟ ପୋଷି ଜାଣେ । ପୁଞ୍ଜିବାଲାଙ୍କ ପରି ମାଗିଯାଚି ସାଉଣ୍ଟି ଉଡ଼ି ଉଡ଼ି ଚଳିଲା ଭଳି ତା'ର ବୁଦ୍ଧି ନାହିଁ କି ଅଭ୍ୟାସ ନାହିଁ ।

Digitized by srujanika@gmail.com

ଏମିତି ସାତ ପାଞ୍ଚ ଭାବୁଥାଏ ଲୋକଙ୍କ ପେଟ ଯୋଗୁଁ ଅନିଦ୍ର ମନରେ । ମା' ଟିକଏ ଶୋଇପଡ଼ିଛି । ପୂନାକୁ ମଶା ଚାବୁଛନ୍ତି । ଦୂରରୁ ଟର୍ଚ୍ଚିରେଇ ଟର୍ଚ୍ଚିରେଇ ଗୋଟାଏ ସିଠି ବାଜିଲା । ପୂନା କାନେଇଲା, ଆହୁରି ସିଠି ଆହୁରି ସିଠି । "ବୋଉ, ହେ ବୋଉ,—"ବୋଉ ଶୋଇଛି । କୁକୁର ଭୁକୁଛନ୍ତି, ତରତର ହୋଇ ଦୌଡ଼ୁଛନ୍ତି କେଉଁମାନେ ? ପୂନା ପାଦ ଟିପେଇ ଟିପେଇ ଦୁଆରମୁହଁକୁ ଆସିଲା । ଦୌଡ଼ି ଦୌଡ଼ି ପାଦଶବ୍ଦ ପାଖକୁ ଆସୁଛି । ଓଃ, କି ରାତି ! ସତେ କି ପଥ ଝଡ଼ିଲେ ଶବ୍ଦ କରି ଉଠିବ । ଦୌଡ଼ିଯିବା ଶବ୍ଦ ଦୂରରେ ମିଳିଗଲା । ଅନ୍ଧାର ଭିତରୁ ଖିଦ୍ କରି ବାହାରି ପଡ଼ିଲା ଧନିବୁଢ଼ା ।

"କିଏ, କେଉଁଠୁ ହିଁଅ—?" ପୂନା ଚମକିଲା ।

"ଡର ନାହିଁ, ମୁଁ ମୁଁ । ଚାଲ୍ ଭିତରକୁ, ଏଠିଟାରେ କାହିଁକି—" ପୂନାର କଥାକୁ ଅପେକ୍ଷା ନ କରି ଧନିବୁଢ଼ା ଭିତରକୁ ପଶିଲା । ଚୁପ ଚୁପ କହିଲା—"ଆ, ମୁଁ କହିବି, ପାଟି କର ନାହିଁ ।" ପୂନାକୁ ସ୍ୱପ୍ନ ପରି ଲାଗିଲା । କିଛି ନ କହି ଚୁପ ହୋଇ ସେ ବି ଆସିଲା । ଧନିବୁଢ଼ା କ'ଣ କହିବ ! ଘର ଭିତରେ କ'ଣ କରୁଛି ସେ, ଅନ୍ଧାରରେ କାହିଁ କିଛି ଦିଶୁ ନାହିଁ । କଥା କହି କହି କେଉଁମାନେ ସବୁ ରାସ୍ତାରେ ମାଡ଼ିଆସିଲେ । ଏକାତାଳରେ ଦୁମୁଦୁମୁ ଜୋତାଶବ୍ଦ । ପୁଲିସ୍ ଚାଲିଛନ୍ତି ।

"ଗୋଟାଏ ଯାଉଚ୍ଛ ପଳେଇଲା—"

"ନାହିଁ ମ, ହେ ସିଆଡ଼କୁ ତ ଦ'ଜଣ ଦୌଡ଼ି ଦୌଡ଼ି ଗଲେ ।"

ସାହି ସେ ମୁଣ୍ଡରେ କେଉଁଠି ହୋ ଉଠିଛି, କୁକୁର ଭୁକୁଚନ୍ତି । ଏକାତାଳର ଜୋତା ଶବ୍ଦ ହସି ହସି ସେହି ଆଡ଼େ ଧାଇଁଗଲା । ଅନ୍ଧାର ଭିତରେ କିଏ ଯେମିତି ସୁଣ୍ଡା ହସ ହସୁଛି । କାଠରେ କାଠ ଘଷିଲା ପରି ।

ବାହାରେ ପୁଣି ସବୁ ଚୁପଚାପ । ଦୂରର ଘୋ ଘୋ କାହିଁ ଦୂରରେ ।

ଧନିବୁଢ଼ା ପଦାକୁ ଆସିଲା, କହିଲା—"ଏ ବାଟେ ଯାଉଥିଲି ଯେ, ଶୁଣିଲି ପୂନାର ମା'କୁ ଜର ହେଉଚି ପରା ! ଆହା, ତିନ ଓଳିରେ ଚୂଲୀ ଜଳୁ ନ ଥିବ, କ'ଣ କରୁଥିବ ପିଲାଲୋକ । ରୁ ପଚା ମୋ ଧରମ ହିଁଅ ଲୋ ମା, କେମିତି ଅଛୁ ? ପଇସା ନବୁ ?"

ଧନିବୁଢ଼ାର କଅଁଳ କଥାରେ ପୂନା ଦବିଗଲା । କହିବାକୁ ଚେଷ୍ଟା କଲା ଆପଣା ଦୁର୍ଦ୍ଦଶାର କଥା । ପାଟି ଥରି ଯାଉଥାଏ । ତା'ର ଚେଷ୍ଟାକୁ ଅଟକେଇ

Digitized by srujanika@gmail.com

ଦେଇ ମୁଣ୍ଡ ସାଉଁଳେଇ ଦେଇ ଧନୀବୁଢ଼ା କହିଲା—'ଥାଉ ଥାଉ, ମୁଁ ସବୁ ଜାଣେ । ଆହା ! ହଉ ନିଅ, ଏ ପଇସା ନେ, ରଖିଥା । ମୁଁ ଯାଉଚି । ମା'କୁ ପଥି କିଣିଦବୁ । ଯାହା ଦରକାର ହେଉଥିବ, କହୁଥିବୁ ।'' ଧନୀବୁଢ଼ା ହସିଲା । ''ତୁ ତ ଡବଡବଟା, ବୁଝି ହସିଆର, ମତେ ଦେଖିଲୁ ବୋଲି କାହାକୁ କହିବୁ ନାହିଁଟି ! କହିବୁ ବା କ'ଣ ? କୋଉ ମତେ ଦେଖିଚୁ ! ପିଲାଲୋକ ନିଦ ମାଡୁଥିବ, ଯା ଶୋଇବୁ ଯା—''

କାହିଁ ଧନୀବୁଢ଼ା ? ପୁଣି ମୁଠାକୁ ଦାବି ଧରିଲା । ଅଶ୍ୱାସ ଆସୁଛି, ବଳ ଆସୁଛି । ସେ ମୁଠାରେ ପଇସା ଅଛି । ଆରାମ୍‌ରେ ନିଦ ଆସୁଛି । ଶୁଭୁଛି ଦୂରରୁ ସାଁ ସାଁ ହୋଇ ପବନ ମାଡ଼ି ଆସୁଛି । ଧୀରେ ଧୀରେ ଘର ଭିତରକୁ ପଶିଗଲା ।

''ବୋଉ, ହେ ବୋଉ, କେମିତି ଲାଗୁଛି ?'' ନା ଥାଉ, ବୋଉ ଶୋଇ ପଡ଼ିଛି । ସ୍ଥିର ହୋଇ ପୁଣି ଶୋଇପଡ଼ିଲା । ନିଦ ଭୋଳରେ କିଛି ଶୁଭୁହେଉ ନାହିଁ । ଖାଲି ଦୂର ପବନର ଶବ୍ଦ । ଏମିତି ଏତିକିବେଳେ ଅନ୍ଧାରେ ଅନ୍ଧାରେ ବଡ଼ ସହରର କୋଠା ଗଳି ଭିତରେ ଅରେଇ ଅରେଇ ଡାକି ଡାକି ସେ ଯାଏ । ଖାଲି ପବନ ନୁହେଁ ସେ । ତାକୁ ରୂପ ଦେବାକୁ ପୁଣିକୁ ଭଲ ଲାଗେ । ଧନୀବୁଢ଼ା, ଅନ୍ଧାର, ପବନ, ଗରିବର ପେଟର ନିଆଁ । ମିଶି ଗୋଳି ହୋଇ ପୁଣି ମନରେ ଗୋଟିଏ ସ୍ୱପ୍ନ ।

ଜୀବନ ବାଟ ବତାଏ, ପୁଣି ସ୍ୱପ୍ନ ଦେଖେ ।

□ □

Digitized by srujanika@gmail.com

ଆଠ

ବଡ଼ ଘରେ ସ୍ୱପ୍ନ ଦେଖୁଥାଏ ଧନୀର ଦୁଲ୍ଲଳୀ ମାନମୟୀ । ଜୀବନଟା ତାର ମପାଚୂପା—କାରିଗର ହେବାର କଷ୍ଟର ଭାଗ ତା'ର ନାହିଁ । ଧୂଳି, ଖରା, ଚନ୍ଦ୍ରା, ଭାବନା । ସେଗୁଡ଼ା ପରର । ତା ପାଇଁ ଧରମବେଠିଆ କରି ଦସ୍ତାନ୍ତୁ ବିଧାତା ଯେଉଁମାନଙ୍କୁ ଜନ୍ମ ଦେଇଛୁ ସେମାନେ ସେଥିରେ ହକଦାର । ତା'ର କେବଳ ଧନ ଦେଖୁ ଦେଖୁ ସ୍ୱପ୍ନ ଦେଖିବା, ହାତ ପାଖେ ସବୁ ସଜା ହୋଇ ରହିଥିବ କେବଳ ହାତ ବଢ଼େଇ ଦେଇ ଅଣ୍ଡାଳ ଘେନଯିବ । ଅଭାବ ହେଲେ ସାମାନ୍ୟ ଆକ୍ଷେପ, ସେଢକରେ ଯେଉଁ ତୋଫାନ ଉଠିବ, ଦୋହଲିବେ ସମସ୍ତେ ଏ କୋଠାରେ । ବାପାଙ୍କଠୁଁ ଗ୍ରୁରଛକର ଯଶୋଦା ପର୍ଯ୍ୟନ୍ତେ ।

ଧରମ୍‌ବେଠିଆ—ପ୍ରକୃତରେ ତାଙ୍କର ସଂଖ୍ୟା କଳି ହେବ ନାହିଁ । ବାପା ଅଛନ୍ତି, ବିଦେଶରେ ବୁଲନ୍ତି, ଧନ ଅର୍ଜନ୍ତି । ଫର୍ମାଶୀ କରି ଚିଠି ନ ଲେଖିଲେ ରୁଷି ବସନ୍ତି । ତେଣୁ ତାଙ୍କୁ ଲେଖିବାକୁ ହୁଏ ବେଙ୍ଗର ଲାଙ୍ଗୁଡ଼ ଆଣିବ, ମଣିଷମୁହାଁ କୁକୁର ଆଣିବ । ଘରେ ଥାଏ ବୋଉ । ଗୁଣ୍ଡା ବଳଦେବାକୁ ଜିଦ ଧରେ । ଜିଭ ଛେଲ୍‌ଦେଲେ ସେ ଖୁସି ହୁଅନ୍ତି । ଯାହା ମାଗିଲେ ପ୍ରଥମେ ନାହିଁ କରେ—ହଁ କରିବାର ପୂର୍ବ ସୂଚନା ସେ । ସେ କଳ୍ପବଟ । ଭାଇ ଅଛନ୍ତି । ଖୁରି ଲଗାନ୍ତି, ଖୁଣନ୍ତି, ଯେତେ ତାଙ୍କୁ ତାଚ୍ଛିଲ୍ୟ କଲେ ତୁଣ୍ଡରେ ବଡ଼ ବଡ଼ କଥା କହି ସାନ କରିଦଅନ୍ତି । କିନ୍ତୁ ସେହି ସେ ଭାଇ—ଭିତରଟା ଜଅଁଳ ନରମ ପୁଚୁ ପୁଚୁ—ବାପାଙ୍କର ହାତ ପାଆନ୍ତି ଘରେଇ ସମ୍ବରଣ । ସେ ବି ସାତପରସ୍ତ କରି ସ୍ନୋ ମାଖନ୍ତି, ଦର୍ପଣ ବ୍ୟବହାର କରନ୍ତି ପ୍ରଚୁର, ସାନ ସାନ କବିତା ଲେଖନ୍ତି । ତେଣୁ ତାଙ୍କର ଟିପ୍‌ପଣୀ—ସାଧାରଣ ପତ୍ରିକାର ନବଦ୍ଧନଥାଁ ଟିପ୍‌ପଣୀ ପରି—ସେ ଦେହକୁ କାଟେ ନାହିଁ । ଅଡ଼ବସି ଦାଉ ସାଧିବାକୁ ସୁଯୋଗ ଦିଏ । ଏହି ବାପା, ବୋଉ, ଭାଇଙ୍କ ସମ୍ପର୍କରେ ତା'ର ସମାଜ । ସେଥିରୁ ଲାଭ—ନୂଆ ମୁହଁ, ନୂଆ ସମ୍ପର୍କ, ନୂଆ ଅନୁଭୂତି । ଦାଣ୍ଡର ବୈଠକଖାନା କୋଠିରେ ଥରେ ବୁଲି ଆସିଲେ, ଧନଗୋଟାକର ମାହାପଣିଆ ଲୁଆଡ଼େ କଟିଯାଏ । ସେଠିକି କେତେ ଲୋକ ଆସନ୍ତି, ବସିଥାନ୍ତି କୁଣ୍ଡରେ ଗଛ ପରି । ପବନ ପରି ମାନମୟୀ ଘୂରି ବୁଲେ । ଗଛ ଘୂଲେ ନାହିଁ, ବୁଲେ ନାହିଁ, ଠାଆକେ ଥାଏ । ପବନ ଦେଲେ ତା'ର ଡାଳପତ୍ର ହଲିଯାଏ । ଭିନ୍ନ ଭିନ୍ନ ଗଛର ଭିନ୍ନ ଭିନ୍ନ ଭଙ୍ଗୀ ଦେଖି ମାନମୟୀ ଖୁସି ହୁଏ । ପ୍ରବଣତା ବୃଦ୍ଧେ । ଧରା ନ ଦେଇ କୃପାଦୃଷ୍ଟିରେ ଅନାଏ । ଆଉ ଦ୍ୱିତୀୟ ଶ୍ରେଣୀର ଦଳେ; ସେମାନେ ସାକ୍ଷାତ୍ ଚଡ଼ିଆଖାନାର ଜନ୍ତୁ । ରୁମାଲଟା ପଡ଼ିଗଲେ

Digitized by srujanika@gmail.com

ତଳୁ ଟେକି ହାତକୁ ବଢ଼େଇ ଦେବାକୁ କୁଦାକୁଦ କରି କଳିଆ କରନ୍ତି, ଫୁଲଦାନ ଓଲଟାନ୍ତି, ଚୌକି ଘୋସାରନ୍ତି । ଚା' ପାଣି ହାତରୁ କାଢ଼ି ନେଲାବେଳେ କାହାର ମୋଟା ଆଙ୍ଗୁଠିଟା ହାତରେ ଗେଞ୍ଜି ହୋଇଯାଏ । ପ୍ଲେଟ୍ ଓ କପ୍‌ରେ ବିଚ୍ଛନ୍ଦ ଲାଗେ । ପାଦ ଅଗରେ ଠିଆ ହୋଇ ପଡ଼ିବାକୁ ପ୍ରସ୍ତୁତ । କିଏ ସେ ଚାଣ୍ଡିରୁ କଥା ନ ବାହାରୁଣୁ ତାମିଲ୍ କରିବାକୁ ପବନ ବେଗରେ ଛୁ' କରିବେ । ଦେଖାଇ ହେବେ ଆପଣାର ତତ୍ପରତା, ଖାରପଣିଆଁ ।

ନୂଆ ବହି ଦରକାର ? ବୁଣିବାକୁ ଭୁଲ୍ ? ଚଟିର ବୋତାମ ଛିଣ୍ଡି ଯାଇଛି କି ? ପାଗଳ ପରି ତୋଫାନ ବେଗରେ ଧାଇଁ ପଳାଇବେ । ଦୂରରୁ ଦିଶୁଥିବ କି ଗତି ! କି ଉଦ୍‌ଭ୍ରାନ୍ତ, କି ବିକଳ ! ସତେ କେସନେ ଘୋଡ଼ାଗାଡ଼ି, ବଳଦଗାଡ଼ି, ମଟରଗାଡ଼ି କବଳରୁ ବଞ୍ଚିଯାଇ ଯା ପଳା – ପଳା – ପଳା – ।

ଏହିମାନଙ୍କୁ ଆବୋରି ସୃଷ୍ଟିରେ ଖିବ ଖିବ ତା'ର ସ୍ୱପ୍ନ, ତା'ର ଜୀବନର ଲୀଳା । ଖେଳେଣା କଣ୍ଢେଇଙ୍କୁ ହଲେଇ, ଗଡ଼େଇ କେତେବେଳେ ଗୋଟି ଗୋଟିକିଆ, କେତେବେଳେ ଏକାଠି ଥୋଇ ଦେଖି ଦେଖି ତା'ର ଦିନ କଟେ । ତା'ର ଝିଅବନ୍ଧୁମାନଙ୍କ ସଙ୍ଗେ ମତାମତ ଦେନାଦେନ ଚାଲେ । ଅନୁଭୂତିର ତୁଳନା, ଚିଠି ଲେଖିବାକୁ ଉପାଦାନ ମିଳେ । ସେ ଯାହା ଲେଖେ, ତାହା ହୁଏ ଅଛପା ଚାରୁକଳା ।

ସେହି ଖେଳ ଭିତରେ ତାର ସମସ୍ୟା ଉପୁଜେ, ଏଡ଼ି ହୁଏ ନାହିଁ । ନିଜେ ଚେଷ୍ଟା କରି ସମସ୍ୟା ନ ଗଢ଼ିଲେ ସୁଆଦ ଆସେ ନାହିଁ । ତେଣୁ ସେ ଚେଷ୍ଟା କରେ । ଧରମବେଠିଆମାନଙ୍କର ଅତିମାତ୍ରାର ଆଗ୍ରହକୁ ସେ ସମାଲୋଚନା କରେ । କେଡ଼େ ସୁନ୍ଦର ପାଠ ପଢ଼ୁଥିଲି । ଆଖି ଧରିଲା, ଟିକିଏ ତ ପଡ଼ିଗଲି ଚହଲ ଚାରିଆଡ଼େ । ସମସ୍ତିଙ୍କର ସମବେତ ଆହା, ଉହୁରେ ମତସିଦ୍ଧ ହେଲା, ବେଶି ପଢ଼ିଲେ ଆଖି ଖରାପ ହେଉଛି, ରଙ୍ଗ ନଷ୍ଟ ହେଉଛି, କ୍ଲେଶ ବଢ଼ୁଛି । ସୁତରାଂ ଅନର୍ଥକ ଗୋଟାଏ କବାଟ ବନ୍ଦ ହେଲା । ସେ ପଥ ରୁଦ୍ଧ—ଜୀବନଟା କଟିବ କିପରି ? ନିଷ୍ଠୁର ଦୁନିଆର ଲୋକେ ବୁଝିଲେ ନାହିଁ । ତା ପରେ ବିବାହ···ଭବିଷ୍ୟତର ଅନିର୍ଦ୍ଦିଷ୍ଟ ଆଶଙ୍କା । ଯେତେ ଥର କଥା ଉଠେ, ବୋଉ କୋଳରେ ମୁଣ୍ଡ ଗୁଞ୍ଜି ଦେଇ ସେସବୁ ସେ ଫୁଙ୍କି ଉଡ଼େଇ ଦେଇପାରେ; କିନ୍ତୁ କେତେ ଦିନ ଏମିତି କଟିବ, ଭାବିଲେ କପାଳରେ ଝାଳ ପଡ଼ିଯାଏ । ସେହି ସେ ଭିକାରୀ ପଳ ପଳ । ବାରମ୍ବାର ସେମାନେ ନାନା ଛଳରେ ବିରକ୍ତ କରିବାକୁ ଆସନ୍ତି । ଶୋଷି ହୋଇ, ଟାଣି ହୋଇ, ଆଉଜି ପଡ଼ିବାକୁ ସମସ୍ତିଙ୍କର ମନ । ଏକା ପ୍ରଶ୍ନ ସବୁରି ଆଖିରେ—

Digitized by srujanika@gmail.com

"କେଉଁ ବରେ ବଣବେ କେମାମଣି—
ଧନୀର ଦୁଲାଳୀ, ମମତା—କରୁଣା—ଅନୁକମ୍ପା—"
ଗ୍ରାମ ମଣିଷଗୁଡ଼ାକ—

ପୂର୍ଣ୍ଣିମାର ଭେକ ଦେଖାଇ ଅପୂର୍ଣ୍ଣ ସମସ୍ତେ । ଛୁଟି ଭଲ ଲାଗେ, ସବୁଠାକ ନୁହେଁ । ଗେଲବସର ହେବାକୁ, ତାମସା କରିବାକୁ, ନିର୍ଜନରେ ଟିକିଏ ଲୁଚକାଳି ଖେଳିଦେଇ ଆପଣାର ଅବସର କଟେଇବାକୁ ଭଲ ଲାଗେ ଖୁବ୍; କିନ୍ତୁ ଗୋଟାକୁ ଆଦରିବାକୁ ସ୍ୱଳ୍ପବେଳକୁ ସବୁ କଳ୍ପନା, ସବୁ ଧାରଣା ଏକାଠି ଚହଲ ପକେଇ ବସନ୍ତି । ନାଁ—ନାଁ—ଏଠି ନୁହେଁ—ଏଠି ନୁହେଁ— ।

ସେମାନେ ଗ୍ରାମମଣିଷ—ଜହ୍ନ ଆଲୁଅ ଜୁଡ଼ୁବୁଡ଼ୁ ପାଳଭୂତ—ଭଙ୍ଗା କେନ୍ଦରା ବୋଝ, ଗୋବର୍ଦ୍ଧନଚନ୍ଦ୍ର ଗାଇ ଯୋଗୀପଲ । ଅବସର ବେଳର ଅଳସ ଚିନ୍ତା, ଅଚ୍ଛିଣ୍ଡା ସୂଅ, ଅସରନ୍ତି ।

ନିଦ୍ରା ପାଏ ନାହିଁ । ସ୍ୱପ୍ନ ଦେଖେ ।

ସୌଖିନ୍ ଦୀର୍ଘଶ୍ୱାସ, ଯନ୍ତ୍ରରେ ତିଆରି ବେଦନାର ଝଙ୍କାର—ଯେପରି ସେ ରାଗିଣୀ ସାଧେ, ସଙ୍ଗୀତ ଗାଏ ।

ସିନେମାର ସ୍ମୃତି, ନାଟକର ସାନ ସାନ ଦୃଶ୍ୟ, ଉପନ୍ୟାସରୁ ପଢ଼ିଥିବା କୋହଭରା ହୃଦୟର କଥା । ଆପଣା ଅନୁଭୂତି ସହିତ ମିଳେଇ, ମିଶେଇ ମାନମୟୀ ଆପଣା ହାତରେ ଅଭିବ ତିଆରି କରେ । ଘିଅଦୁଧ, ମାଛମାଂସ, ଦାମୀ ଖାଦ୍ୟରେ ତିଆରି ଉଷ୍ମ ରକ୍ତର ପ୍ରବାହ ତାକୁ ସାହାଯ୍ୟ କରେ । ସେ ଆପଣାକୁ ବିଶ୍ୱାସ କରିଏ—ସେ ନିରମାଖୀ, ସେ ଅସୁଖୀ । ହଂସୁଲ୍ ଶେଯ କେବଳ କଣ୍ଟାମୟ । ଏତେ ବଡ଼ ପ୍ରାସାଦ କେବଳ କାରାଗାର ।

ନିସ୍ତଳ ରାତିରେ, ଅନ୍ଧାର ଘରେ, କୁମାରୀର କଅଁଳ ଶେଯରେ ଚରିବୁଲନ୍ତି ହାତଗଢ଼ା ମନର ଭୂତ ।

□ □

Digitized by srujanika@gmail.com

ନଅ

ପୁରୁଣା ଦେହ ଉପରେ ସକାଳର ବଉଳିଆ ନିଶା । ଭଙ୍ଗା ଦଦରା ଘରେ ପେଣ୍ଟେଶ୍ୱର ନଦଭଙ୍ଗା ଆଲୁଅ । ପୁନି ଉଠିଲି । ଘାଉଁ ଘାଉଁ ହୋଇ ମଶା ଉଡ଼ିଯାଉଛନ୍ତି ନାଗଅଗିର ବଣକୁ । ବାଦୁଡ଼ି ଚେଁ ଚେଁ ଶୁଣି କାନ ଝାଁଉଁ ହୋଇଯାଉଛି । ନଡ଼ାବନ ପରି ଆଜି ବି । ମଠୁଆ ମଠୁଆ ଲାଗୁଛି, ନଦୁଆ ନଦୁଆ ଲାଗୁଛି । ପିଣ୍ଡାରେ ଗୋଡ଼ ପାରିଦେଇ ବସି ପୁନି ଧୂମେଇଲି । ଦେହ ଆଉ ଉଠୁ ନାହିଁ । କୋଠା ଗହଳରେ ଡଡ଼ାଖାଇ ଆସି ତୋଟାରେ ଚଢ଼େଇ ବସା ବାନ୍ଧିଛନ୍ତି । ଯୋଡ଼ି କଜଳପାତିଙ୍କ ନେଉଡ଼ିଆଗୋଡ଼ି ଡାକ, ଉଦଭଦଳିଆ, ତାପରେ ନୂଆ ହୋଇ ଆଜି କୋଇଲି ବୋବାଉଛି ।

ରେଳ ବେଳ ହେଲଣି ପରା ! ନଇକୂଳିଆ ବଡ଼ ରାସ୍ତାରେ ଗାଡ଼ି-ଘୋଡ଼ା ଧୂମ୍ । ସାହି ଭିତରୁ ଦାଣ୍ଡ ଝରକବାର କର୍କଶ ଶବ୍ଦ । ବଡ଼ ସହରର ଗହଳି ଶବ୍ଦ ଧୀରେ ଧୀରେ ବଢ଼ିଉଠୁଛି ଗୋଷ୍ଠୀ ହୋଇ । ତଥାପି, ଟେଲିଗ୍ରାଫ୍ ତାର ଉପରେ ବସି କଜଳପାତି ଲାଙ୍ଗୁଡ଼ ହଲେଉଛି; କୋଇଲି ବୋବୋଉଛି । ଆଜି କେମିତି ନୂଆ ନୂଆ ଲାଗୁଛି । ଶୋଇବା ବେଳିଆ ମଟି ମଟି, ଆପଣା ଭିତରେ ଖୁସି ଖୁସି ହସୁଛି କିଏ କେଉଁ ମନ୍ତ୍ର । କଇଁଫୁଲ ପରି ଫୁଟିଉଠୁଛି । ନୂଆ ଆଖିରେ ଅଳସ ଛାଳି ଦେଖୁଛି । ତୋଟା ଉପରେ ଲାଗିରହିଛି ଯାହା, ତାହା ସଡ଼କ ଧୂଳି ନୁହେଁ । ସବୁ ସ୍ୱପ୍ନ, ନୂଆ ଅନୁଭୂତିରେ ନୂଆ ସ୍ୱପ୍ନ; ଦେଖାଇ ଦେଉଛି ଖୁସି କରିବା ପାଇଁ ।

ଦୂରରେ ସୂର୍ଯ୍ୟ ଉଉଛି--ହେଇ ।

ଅଘୋରବାବୁ କୋଠା ଉପରୁ ଅନେଇଛନ୍ତି । କି ସୁନ୍ଦର ! ସବୁ ସୁନ୍ଦର । କିଏ କେଉଁଠି ଅଛି ସେହି ଏକା ସୂର୍ଯ୍ୟକୁ ଦେଖୁଛି । ଅଘୋର ବାବୁଙ୍କୁ ଅନେଇଲି । ପହିଲି ହୋଇ ଦେହ ଭିତର ଥରିଗଲା । ପୁନିକୁ ଲାଜ ମାଡ଼ିଲା । ଲାଜ ମାଡ଼େ, ଅନେଇବାକୁ ଭଲ ଲାଗେ । ମନ ଭିତରେ ନୂଆ ଚିନ୍ତା । ଫୁଲ ପାଖୁଡ଼ା ପରି ଦରଫୁଟି ସକାଳ ଟାଣୁଆ ହୋଇ ନାହିଁ ।

ତଥାପି ସେ କୋଇଲିଟା ବୋବୋଉଛି ।

ମୁଣ୍ଡରୁ ନିଦର ଧୂଆଁ ପାତଳ ହୋଇଗଲା । କେତେ ପରିଛନ୍ନ ଅଘୋରବାବୁ । ରାତିରେ ଯେପରି କି ବେଶଭୂଷା ପିନ୍ଧି ଶୋଇ ପଡ଼ିଥିଲେ

Digitized by srujanika@gmail.com

କେତେ ଦାମ୍ ସେ ପଟିପଟିକିଆ ଜାମିନ୍‌ର ! କେତେ ପଇସା ସେ ସିଗାରେଟ୍ ! ଦୀର୍ଘଶ୍ୱାସ ପକେଇଲା । ସୂର୍ଯ୍ୟ ଉଇଁଛୁ ସତ, ସମସ୍ତେ ଦେଖୁଛନ୍ତି ।

ବୋଉ ଶୋଇଛୁ । ପାଖକୁ ଯାଇ କପାଳରେ ହାତ ମାରିଲା । ଜର ନାହିଁ ।

ମୁଣ୍ଡରୁ ବୋଝ ଓହ୍ଲେଇଗଲା । ବାରମ୍ବାର ହାତ ମାରି ଦେଖିଲା । ସତରେ, ଜର ନାହିଁ । କଅଁଳ ଦୃଷ୍ଟି ଢାଳିଦେଇ ଶୋଇଲା । ମା'ର ରୁଗ୍ଣ ଶରୀରକୁ ଅନେଇଁ ରହିଥାଏ । ଆଜି ମନ ଭିତରର ଟାଣୁଆ ପଥୁରିଆ ଯାହା ସବୁ ଗୋଳିହୋଇ ପାଣି ହୋଇଯାଉଛୁ ।

ଗରିବର ସମ୍ପତ୍ତି, ଗରିବର ଭରସା—ଗୋଟିଏ ବୋଉ, ଦୁନିଆରେ ସବୁ । ଆଖିରେ ଲୁହ ଟଳ ଟଳ ହେଉଥାଏ । ମନ ଭିତରେ ଅନର୍ଥକ ହଠାତ୍ ଭାବପ୍ରବଣତା । ଓଠ ଥରିଯାଉଥାଏ । ଅଭିମାନ—କାହା ଉପରେ ? ବୋଉ କପାଳରେ ଆଉଁସି ଆଉଁସି ପୁନି ଡାକିଲା—"ବୋଉ— !"

କେମାର ନିଦ ଭାଙ୍ଗିଗଲା । ଏହି ପରା ବାବୁଘରମାନଙ୍କରେ ପାଇଖାନା ସଫାକରି ଯିବା ବେଳ ! କେତେ ଖରା ହେଲାଣି । କାହିଁକି ସେ ପଡ଼ିରହିଛୁ ? ତରତର ହୋଇ ଉଠିପଡ଼ିଲା । ସ୍ମରଣ ଆସିଲା, ତା'ର ଟୋକେଇ, ମଇଳା ଗାଡ଼ି, ଫାଟ ସନ୍ଧିରୁ ଅସନା ପାଣି ଝରିପଡ଼ୁଥିବ ଅପ ଅପ, ନିତି ସକାଳର ଚହଲାକଣା । ଘରେ ଘରେ ବାଡ଼ି ପଛଆଡ଼ର ଅସନା କୋଠିର ଅନ୍ଧାରୁଆ ତଳ ବଖରା, ତା'ର ସାନ ଗଳି କବାଟ । ତା'ର କାମ, ତା'ର ଅର୍ଜନର ଉପାୟ ।

କାହିଁକି ସେ ପଡ଼ିରହିଛୁ ? ଧଡ଼ପଡ଼ ହୋଇ ଉଠି ପଡ଼ୁ ପଡ଼ୁ ପାଚି ପିଚା କରିଦେଇ ନିସ୍ତେଜ ହୋଇ ପୁଣି ଶୋଇପଡ଼ିଲା । ହେଉ ହେଲା, ସେ ବେଗରେ ପଡ଼ିଥିଲା । ତା'ର ସେ ଦେହ ନାହିଁ । ପେଟରେ କେତେଦିନର ଖେଳ, ଦେହ ଝିମି ଝିମି । ବଳକଲ, ନିସ୍ତେଜ ଦୃଷ୍ଟିରେ ସବୁ ଗୋଳିଆ ପୋଳିଆ ହୋଇଯାଉଛୁ ।

"ଭଲ ଲାଗୁ ନାହିଁ ବୋଉ ?"

କେମା ମୁଣ୍ଡ ହଲେଇଲା । କଚ୍ଛ ସମସ୍ତ ଗୁନ ହୋଇ ପଡ଼ି କେମା କହିଲା—"ମୋ କାମ କିଏ କରୁଚ ପୁନି ? କାହାକୁ ବଦଲା ପାଇଲୁ ?"

"ବଦଲା କଣ ହବ ବୋଉ, ମୁଁ କ'ଣ ନାହିଁ ?"

"ତୁ !" ବଡ଼ ବଡ଼ ଆଖି କରି କେମା ପଚାରିଲା, "କଲେ, ତୁ କଣ କରିବୁ ? ବଦଲା କାହିଁ ? ମୋ ଦେହ ତ ଏତେ ସରି, ବଦଲା ନ

Digitized by srujanika@gmail.com

ହେଲେ ସହଜରେ ଛାଡ଼ିଦେବେ ? କୋଣମାନାରେ କଟିଥିବ ମାସକଯାକର ମେହେନତ । ଖାଇବା କ'ଣ ?"

ଅଭିମାନ କରି ପୁନି କହିଲା—"ତୋର ଖାଲି ବଦଳା—ବଦଳା । ଲୋକଙ୍କର ଆମ ଜମିଦାରୀରେ ଘର ହେଇଚି ସତେ କି ; ଡାକଦେଲେ ଦୌଡ଼ି ଆସିବେ ! ମିଛରେ ସ୍ୱାଙ୍କୁ ତାଙ୍କୁ ନେହୁରି ହେଇ, ଋଣ ହରେଇ ହରେଇ ବେଳ ଯାଉଚି, କାମ କିଛି ନାହିଁ ।"

"ତେବେ !"

"ତୁ ଥିରି ହେଇ ଶୋଇ ଥା । ଆଜି ତ ଆଉ ତତେ ଜର ନାହିଁ, ପଥି ଦି'ଟା ରାନ୍ଧିଦେଏଁ, ତୁ ଖା । ତୁ ସେଥିରୁ କଣ ପାଇବୁ ?"

"କଲେ ! ବଦଳା ବଟେଇବୁ ନାହିଁ ? ମୁଁ ଖାଲି ଥିରି ହୋଇ ଶୋଇଥିବି ?"

"ଅରେ ପଗ୍ଲି କହିଲି ବୋଉ, ମୁଁ ଅଛି । ତୁ ଖାଲି କାମ କରୁଥିବୁ, ବେମାର ପଡୁଥିବୁ ; ମୋର ସବୁଦିନେ ପର ହାତକୁ ଭରସା ହେଇଥିବ, ଘରେ ବସିଥିବି ? ବଦଳା ମିଳିଲା ନାହିଁ, ବୁଝିଲୁ ?" ଦୃଢ଼ କରି ପୁନି କହି ଲାଗିଲା—"ତୋ କାମ କରି ମୁଁ ଯିବି । ଯେମିତି ସମସ୍ତେ ଯାଉଚନ୍ତି, ଯେମିତି ସବୁଦିନେ ତୁ ଯାଉ । ମୋ ରାଣଟି, ସୁନାଟି ପଗ୍ଲି, ତୁ ଏତେ ଖବ ହ ନା—"

"ଏଁ—କଣ କହିଲୁ ?" ଅଣ୍ଟା ସଳଖେଇ କେମା ମେହେନ୍ତାଣୀ ଉଠି ବସିବାକୁ ଚେଷ୍ଟାକଲା । "ତୁ ଯିବୁ କାମ କରି ? ତୁ କରିବୁ ମୋ କାମ ?"

"କାହିଁକି ନ କରିବି ? ମୋ ମନ, ମୋ ଇଚ୍ଛା । ସମସ୍ତେ ଯାଉଛନ୍ତି ; ମୁଁ ବି ଯିବି । ତୁ ଖାଲି ମତେ ସାଇତି ରଖିଥିବୁ ! ଶୁଣିଲି ଲୋକେ ଥଟ୍ଟା କରୁଚନ୍ତି । କହୁଚନ୍ତି, ଏଡ଼େଟାଏ ହେଲୁଣି, ମା ଝୁଣି ହୋଇ ରକ୍ତ ମାଂସ ସାରୁଛୁ; ଏ ବସିଚନ୍ତି ଘରେ ! ମୁଁ କାମକୁ ଯିବି । ଏତେ ବଦଳା ଖୋଜି ଖୁସାମତ କରି ବୁଲିବା ଦରକାର ନାହିଁ ।"

ମା ପ୍ରଶଂସା କରିବ ପଗ୍ଲି ! କହିବ, ମୋ ପୁଅଟିର କେଡ଼େ ସୁନ୍ଦର ବୁଦ୍ଧି ହେଲାଣି । ଘର କଥା ବୁଝିଲାଣି, ଦୁଃଖଧନ୍ଦାକୁ ମନ ଗଲାଣି ।

ଠିକ୍ ଓଲଟା । ଆଖି ତରାଟି କେମା ଅନେଇଁ ରହିଚି ଏକା ଆଖିରେ । କଣ କହିବାକୁ ବସିଛି, ମୁହଁ ଫଟେଇ ହୋଇଯାଉଛି ପିଲାଙ୍କ ପରି । ଆହା !

Digitized by srujanika@gmail.com

ଏତକ ବୋଲି ତା'ର, ତା'ର ବୋଉ । ରୋଗ କି ଦଶା କରିଦେଲା ! ପୁଅ କାନ୍ଦୁଥାଏ । ମା ବାଉଳା ହେଉଛି ।

"ଏ ବୁଲା ବୁଦ୍ଧି କିଏ ଦେଲା ଲୋ ତତେ, ହେ ପୁଅ ! କୋଉ ଭଗାରି ମୋ କପାଳରେ ନିଆଁ ଲଗେଇଲା ? ଆହା ଦଇବ ରେ ! ଇଲୋ ଟୋକା, ମୋ ପେଟରୁ ଜନମ ହେଲୁ ବୋଲି ତୁ ମୁଁ ସମାନ ନୋହୁଁ ଲୋ । ତୁ ଯିବୁ ନାହିଁ; ଯିବୁନାହିଁ; ମୁଁ କହୁଦଉଚି—ଓଃ !"

ଘୋଳା ହୋଇ ପୁଣି ଆଉଜି ପଡ଼ିଲା । ପୁଅ କ'ଣ କହୁଚି; କହୁଥାଉ । ସେ ଅବାଗିଆ ପିଲା, ତା ପାଇଁ ବକିବ କିଏ ?

କହୁଚି ସିନା, ପୁଅ ଯିବ ନାହିଁ – କେମା ଭାବିଲା । ତା'ର ସାତ ପୁରୁଷରେ କେହି ଯାଇ ନ ଥିବେ କି ପୁଅ ଯିବ ନାହିଁ । ଆଖି ବୁଜିଦେଲେ ପନ୍ଦର ବର୍ଷର ଲମ୍ବା ବାଟ କଟିଯାଏ କେଉଁଠୁ କେଣିକା । ନିମେଷକେ ସେ ଫେରି ଆସେ ।

ଆଜି ଆଙ୍ଗୁଠିରେ ବଣ୍ଡି ହୋଇଛି । ପାଦ ଚଟା ହୋଇଯାଇଛି । ମୁହଁରେ ପରସ୍ତ ପରସ୍ତ ଦୁର୍ଭାଗ୍ୟର କଳା । ଆଖି ବୁଜିଦେଲେ ସବୁ ଭୁଲି ହୁଏ । ସେମିତି ସେଦିନ ଫେରିଆସେ ।

କୋଇଲି ବୋବାଉଚି । ପବନରେ ବଉଳର ବାସ୍ନା । ସେଦିନ ଏମିତି ଥିଲା । ଜୀବନକୁ ସାମ୍ନାକୁ ରଖି, ଜାଣି ପରି ଭୁଲି ମାଡ଼ିଯାଉଥିଲି ଅବାଟରେ । ପାଦ ତଳେ ଲଦାଲଦି ବଉଳର ନରମ ଗାଲିଚା । ବସନ୍ତ ଆସିଥିଲା । ଶବ୍ଦଘର ନାହିଁ, ଢୋଲମହୁରି ନାହିଁ, ହୁଳହୁଳି ନାହିଁ । ନୀରବରେ ବସନ୍ତ ଆସିଥିଲା ।

ପୁଅ ଜନ୍ମ ହେଲା । ମେହେନ୍ତର-ସମାଜ ଆଶ୍ଚର୍ଯ୍ୟ ହୋଇ ଅନେଇଁ ରହିଲେ ପୁଅବୋଉର ସୁନ୍ଦର ମୁହଁଟିକୁ । ତା ପରେ 'ସାଙ୍ଗରେ ଏଇଟି କିଏ ଲୋ ମେହେନ୍ତ୍ରାଣୀ ! କହିଲେ, କିଏ ଦେଇଦେଇଛି କି ? କିଏ ବା ଏଇଟି ?"

ଦେଇଦେଇଛି ସତ । ସେତିକି ତା'ର ଦାନ – ସୁନା, ନୀଳା, ମୋତି, ମାଣିକ ।

କାମ ତୋଡ଼ରେ ଦେହରୁ କେତେ ବେଗେ ବୁଲିଯାଉଛି ଫଡ଼ାଫଡ଼ା । ଆଜି କେହି ବିଶ୍ୱାସ କରିବେ ନାହିଁ । ବଡ଼ ଚଞ୍ଚଳ ଦେହଟାକୁ ସେ ଖରଚ କରି ଖୋଲପା ହୋଇଛି, ମେହେନ୍ତରର ସମାଜର ଅନ୍ୟ ସ୍ତ୍ରୀଲୋକ ପରି । ମେହେନ୍ତ୍ରାଣୀ – ତା'ର ବୟସ ନାହିଁ । ନରକରେ ପାଣିହୋଇ ପ୍ରାଣପଣେ

Digitized by srujanika@gmail.com

ଝେଙ୍କଧରିଛି ପଦ୍ମଫୁଲ ପରି ତା'ର ଯୌବନର କଳ୍ପନାର ଶ୍ରେଷ୍ଠ ପ୍ରତୀକକୁ । ସେହି ତା'ର ପୂଜା—ଅନ୍ଧାରୁଆ ଜୀବନ ଉପରେ ପୁନେଇଁର ଚନ୍ଦ୍ର । ଆହା !

କାମ କରି ଗଲାବେଳେ ସାଙ୍ଗରେ ପୂଜା ଭୁଲେଇଲା ନାହିଁ । ମେହେନ୍ତରାଣୀ ପରି ତାଲିମ କଲା ନାହିଁ । କାନରେ ଶୁଣି ପକେଇଛି, ପୂଜା କାମ କରି ଯିବ ନାହିଁ । ହଉଥାଉ ଗଡ଼ର ଗଡ଼ର । "ହଁ ଲୋ, ଭାରି ଝିକୁଟିଆଲି ହଉଚୁ । ଭାରି ତ ସ୍ୱେ—ଯୋଉ କାମ ଆସିବ ସ୍ୱାନ୍ତ ଯେ, ଯିବେ ପାଇଖାନା ସଫା କରି !"

ଜେମା ଆଖିବୁଜି ପଡ଼ିରହିଥାଏ । ପୂଜା ତା'ର କଥାକୁ କାନକୁ ନେଲା ନାହିଁ । ମନ ଝାଣ କରୁଛି, ସେ ନିଶ୍ଚୟ କାମକୁ ଯିବ । କହିଦେଇ ମନ ହାଲୁକା ଲାଗୁଛି । ଲାଗୁଛି, ଏଇ ସତେ କି ମା' ପାଇଁ ସେ ନିଜକୁ ଉଜାଡ଼ି ଦେଇ ସାରିଲାଣି । ସେ ବି ମା'ର ସେବା କରିବ । ଆନନ୍ଦରେ ମନ ଫୁଲୁଛି । ନୂଆ ଜୀବନ ହାତଠାରି ପଦାକୁ ଡାକୁଛି ପଥଆଗ ଦେଖାଇ ।

ରାତିରେ ଧନୀବୁଢ଼ା ପଇସା ଦେଇଯାଇଥିଲା । ଶୋଇବା ସ୍ଥାନରେ ଗୁଡର ଦମ୍ଭ ରହିଛି ସାଇତା ହୋଇ । ମା'କୁ କହିବ ନାହିଁ । ରହସ୍ୟରେ ଆନନ୍ଦ ଅଛି ।

ଘର ଗୃହ କଣ ଓଲେଇ ଆଣିଲେ କେଉଁଠି ଝୁଡ଼ମଲୁଖ ଦାନାଟିଏ ବି ନାହିଁ । ଝୋଲ ମାରିଲା ପରି ମା ପଡ଼ିରହିଛି । ଆଗ ତା'ର ପଥ୍ୟ ଦରକାର । ପଇସା ମୁଠେଇ ପଦାକୁ ବାହାରିପଡ଼ିଲା ।

□ □

Digitized by srujanika@gmail.com

ଦଶ

ବଡ଼ ସହରର ସଫା କରାହେଉଛି । ପୂନ ଚାଲିଥାଏ । ପାଖରେ ଦୂରରେ ଚିନ୍ତାପହରିତ ସହରର ଲୋକେ । କଳ ପରି । ରାସ୍ତାରେ ଝାଡ଼ୁ ଲାଗୁଛି । ଅସନାଗଦା ଦେଖି, ଅଳିଆ ଚିଣ ଦେଖି ମନକୁ ମନ ଅଣ୍ଟା ନଇଁ ପଡ଼ୁଛି, ହାତ କାମ କରୁଛି । ସଢ଼ା ନଳା କରେ କରେ । ପାଇଖାନା ପାଖେ ମଣିଷ କାମ କରୁଛନ୍ତି । ସେହି ଜନ୍ତଦନଆଁ ପଟୁଆର । ଘଡର ଘଡ଼ର ମଇଳା ଗାଡ଼ି, ମଇଳା ଟୋକେଇ କାଖେଇ ମଣିଷ । ସେହି ରକ୍ତମାଂସର ଦେହ ଅବିକଳ । ସେ ଦେହରେ ବି କେବେ କେବେ ତେଲ, ହଳଦୀ ବାଜେ, ସଫା ଲୁଗା, ରଙ୍ଗିଣୀ ଲୁଗା ବେଢ଼ା ହୁଏ, ଫୁଲ ଚଢ଼େ । କାହା ପାଇଁ କେବେ ସେ ଦେହ ବି ହୁଏ ପବିତ୍ର, ଲୋଭନୀୟ, ଆଦରର । ସେହି ଦେହ କାମ କରୁଛି, ଅଳିଆ ଘାଣ୍ଟୁଛି — ଜୀବିକାର ଗତି ।

ମରମକ୍ଷବ ଶୋଇରହୁଛି ।

ନଈରେ ଗାଧୋଇ ପାଧୋଇ, ଗୁଣ୍ଡୁ ଗୁଣ୍ଡୁ ହୋଇ ମନ୍ତ୍ର ପଢ଼ି ଧାର୍ମିକ ଲୋକେ ଚାଲିଛନ୍ତି । ସବୁ ସ୍ତରର ଲୋକେ, ଗୃହଠୁଁ ବ୍ୟବସାୟୀଯାକେ । ମନ୍ଦିରରେ ଘଣ୍ଟା ବାଜୁଛି ଚହଳ ପକେଇ । ମଠରେ ସଙ୍କୀର୍ତ୍ତନର ରୋଳ ।

ବଡ଼ ସହର ଦାନ୍ତ ଘଷୁଛି, ଝାଡ଼ା ହେଉଛି, ଗାଧୋଉଛି ।

ବଡ଼ ସହର ସଫାସୁତୁରା ହେଉଛି । ନଳା ପାଖେ, ପାଇଖାନା ପାଖେ ଆଣ୍ଠେଇ ପଡ଼ିଛନ୍ତି ମଣିଷ ।

ପୂନବୋଉର ପଥ୍ୟ ଦରକାର ।

"ଇଲେ, ତୁ କ'ଣ କାମକୁ ଆଇଚୁ କି ? ଇଲେ ଅପୂରୁବ ! ରହ ବା ପୂନ, ଶୁଣ୍ ଶୁଣ୍ —" କଜଳମତୀ ଟୋକେଇ କାଖେଇ ମାଡ଼ି ଆସୁଛି । ପଛେ ପଛେ ରଙ୍ଗ, ଟଙ୍କ ।

"ହେ ପୂନ ହେ ପୂନ —"

ଶୁଣିବାକୁ ତା'ର ତର ନାହିଁ ।

ମଇଳା ଗାଡ଼ି ଅଢ଼େଇ ସଜନଆ ଚାଲିଛି । "ତୋ ବୋଉ କେମିତି ଅଛି ପୂନ ? କୁଆଡ଼େ ଯାଉଚୁ ? ଆସିବୁ ଆଜି ? ଆସିବୁ, ତତେ ବାଇସ୍କୋପ୍ ଦେଖେଇ ନେବି ।" ତାନ୍ତ ଦେଖେଇ ସମସ୍ତେ ହସୁଛନ୍ତି । ସଜନଆଁର ଯୋଗ, ସେ

Digitized by srujanika@gmail.com

ଏମିତ ଚୋଲ ପିଟେ । "ହେ, ଗାଡ଼ି ହଟା; ବାଟ ବନ୍ଦ ଭଲୁ–"ପଛର ଗାଡ଼ିବାଲା କଟାଳ କରୁଛି । ପୁଣି ଗୃଲିଗଲି । ବୋଉ ଭଲ ଅଛି, ମନ ଭଲ ଅଛି । ହସଚ ଲାଗୁଛି ଆଜିର ସକାଳ । ପୁଣି ଗହଳି; ବଡ ରାସ୍ତା । ମିଠେଇ ଦୋକାନରେ ମିଠେଇ ଦଶୁଛି ଗଦା ଗଦା । ଭ୍ରୁଁ ଭ୍ରୁଁ ମାଛି ବେଢ଼ିଛନ୍ତି । ଭିତରୁ ଧୂଆଁ ଉଠୁଛି । ଲୋକେ ବସି ଖାଉଛନ୍ତି । ପାଟି ଆଁ ହେଉଛି, ପାଟି ବନ୍ଦ ହେଉଛି । ଖଣ୍ଡ ଖଣ୍ଡ ପୁରି । ଗୋଟା ଗୋଟା ମିଠେଇ । ବାହାରେ ଭିକାରୀ ନାକେଇଛି । ହାଡୁଆ ହାତ ବଢ଼େଇ, ଟେଁ ଟେଁ କରି ଜଣେଇ ଦେଉଛି ତା'ର ମନର କଥା । କୁକୁର ଅପେକ୍ଷା କରିଛନ୍ତି, ଠୁଙ୍ଗା ପଡ଼ିଲେ ମାଡ଼ିବସିବେ ।

ପୁନି ସ୍ନେହିଥାଏ । ପଇସା କେଇଟା ମନ ଭିତରେ ଚହଳ ପକେଇଛି । ଶୁଖିଲା ପେଟରେ ଅଲସୁଆ ଭାବନାର ଫସଲ ଅଗଛୁଆ ଅରମା ପରି । ଭଣ୍ଡାରି ମୁଠି ଖଲି ଖଲି ହେଲଣି ହାତ ଭିତରେ । ତଥାପି ମନେ ମନେ କହୁଛି, ଆଜି ଥାଉ; ଆଉ ଦନେ ।

ମିଠେଇ । ତା ପାଇଁ, ସନଆ ପାଇଁ, ତା ବୋଉ ପାଇଁ । ଲୁଗାପଟା । ଆଉ କେତେ କ'ଣ । ମନଟା ହାଇଁପାଇଁ ହୁଏ । ଧନୀଲୋକଙ୍କ ସୁଖ ଲୋଡ଼ିହେଲେ ମିଳେ ନାହିଁ, କିଣିଲେ ମିଳେ । ତଥାପି ଅବୁଝା ମନଟା ବୁଝେ ନାହିଁ, ସବୁକେଇ ହେଉଥାଏ ଇଚ୍ଛାକୁ ।

ଥରେ ବଜାରକୁ ବାହାରିଲେ ଦେଖି ଦେଖି ଘଣ୍ଟାଏ କାଳ । ପିଲାଦିନୁଁ ଦେଖିବା ଅଭ୍ୟାସ । ହାଡ଼ସାହିର ସମସ୍ତେ ଦେଖନ୍ତି, ଓଠ ଚାଟନ୍ତି, ମୁଣ୍ଡ ହଲାନ୍ତି । ତାଆଁଣା ମନ ପରର ଦେଖି ନିଜେ ଭାବୁଥାଏ ।

କି ମିଳିବ ?

ପଇସାତକ ଉଭେଇଗଲା ଦୋକାନୀର ବାକ୍ସରେ । କେତେ ଡେରି ହେଲଣି, ବୋଉ କଣ ଭାବୁଥିବ ପଡ଼ି ପଡ଼ି ! ତରବର ହୋଇ ଗଲା ବାଟେ ସେ ଫେରି ଚାଲିଲା । ଦ' ପାଖେ ଉଞ୍ଚ ଉଞ୍ଚ କୋଠା ଅନ୍ଧାର କରି ଠିଆ ହୋଇଛି । କବାଟ ବାଟେ ଘରର ଗହଳି ଦିଶୁଛି । ଧିଲାଘରର ଘରକରଣା, ନିତ ଦେଖି ଆଖି ଅଭ୍ୟାସ ହୋଇଯାଇଛି । କି ଚିନ୍ତା ଏଠି ? କାହିଁର ଦୁକ ? ଏଠି କଣ ଏମିତ ଜରୁଆ ମା କଡରେ ପଡ଼ି ଧଳେଇ ହୁଏ ? ଅଭାବର ଫେଣ୍ଟା ଦାନ୍ତ ନକୁଟି ଗୋଡ଼େଇ ଆସେ ଘରର ଚାରି କଣରୁ ? ଠିଆ ହେବାକୁ ବହପ ନାହିଁ । ମିଛରେ କହିବେ ଘୈରଣୀ । ମେହେନ୍ତାଣୀ ଟୋକୀ କଣ ଉଣ୍ଡୁଚି ? ପାନ ଘୋବେଇ ଘୋବେଇ ନକୁଟିଲା ଆଖିରେ ଚାହିଁରହିଛନ୍ତି ଟୋକାମାନେ । ଅସ୍ୱସ୍ତି ଲାଗେ । ବଡ଼ଲୋକ ଘର ଗୁଚ୍ଛ ପଡ଼ିଲେ ଗୁଡରେ କ'ଣ ଗୋଟାଏ ମାଡ଼ିବସେ ।

Digitized by srujanika@gmail.com

ଘରର ଝରକା ବାଟେ ରନ୍ଧାଶାଳର ବାସ୍ନା । ସାତ ଚକୁଳି ଚଉଦ ଚେଁ । ଅଦେଖା ଖାଦ୍ୟର ପରିଚୟ, ଚୁଲ୍ଲୀକୁ ଭେକ କରେ । ନଳା ପାଖେ କୁକୁର ନାକେଙ୍କୋଉଛନ୍ତି । ବାଡ଼ ଠୁକୁଠୁକୁ କରି, ଦେହଯାକ ବନା ଗୁରେଇ, ଖଣ୍ଡିଆ ଖାବୁଡ଼ା ଭୁକାଣ୍ଡି ଦଳ । ବଡ଼ କୋଠା କରେ କରେ ଭଙ୍ଗା ମଣିଷଙ୍କ ଆଟ ଏକର ସେକର ଦୋହଲୁଛି ।

ପିଣ୍ଡାରେ ବସି ମାରୁଆଡ଼ବାବୁ ଗୋରୁକୁ ମିଠେଇ ଖୋଉଛି । ନେଙ୍କୁଡ଼ ଓହଳେଇ ଭୁକାଣ୍ଡି ଉନଟା ନେହୁରି ହେଉଛନ୍ତି । ଗୋ-ମାତା ଜଭ ଦେଖାଇ ଗୃହିଦେଉଛି ଜଳଖିଆଗୁଡ଼ିକ । କଳାଭଅଁର ଆଖିରୁ ସ୍ନେହ ଝରୁଛି ! ଘାଗର ପିନ୍ଧି ଗୋଡ଼ ଝୁମୁ ଝୁମୁ କରି କବାଟକୁ ଆଉଜ ଠିଆ ହୋଇଛି ମାରୁଆଡ଼ି ଝିଅ । "ସରିଗଲ, ଆହୁରି ଦିଅ ବାପା, ଆହୁରି ଦିଅ ।" "ହଜୁର୍ ଖାଇ ନାହିଁ କୋଉଦିନୁଁ, ମରୁଛି ହଜୁର୍—" "ଭଗୋ, ଭଗୋ—" ଗୋମାତା ପାକୁଳି କରୁଛି, କାନ ହଲେଉଛି । "ହେ ଟୋକା, କାହିଁକି ଠିଆହେଇ ଅନେଇଁଚୁ ସେଠିଟାରେ ? ଭଗୋ, ଭଗୋ—" "ଘର ଭିତରେ ଦିଅ ବାପା, ଡାଆଣାଗୁଡ଼ାକ ପେଟରେ ପଶିଯିବେ—"

ସତେ ତ କାହିଁକି ଅନେଇଁ ରହିଛି ସେଠିଟାରେ ସେ ! ଚହଲ ବଢ଼ିଲାଣି । ବୁଲାବିକାଳିଙ୍କ ପାଟି ଓ ଝୁମୁକା ଶବ୍ଦ । ଜନଗହଳ ନେ ଆଣ । ତଳକୁ ମୁହଁ ପୋତି ପୁଣି ଘରମୁହାଁ ବାଟେ ବାଟେ । ମା ଅନେଇଁ ବସିଥିବ । କି ଅବସ୍ଥା ହେଲାଣି ତାର ! ହଠାତ୍ ଝଲଝଲେଇ ଆସିଲା ମା ପ୍ରତି ତାର ସବୁଯାକ ସହାନୁଭୂତି । ଆପଣାକୁ ଗାଳିଦେଇ, ଚଳି, ପୁନ ଫେରି ଗୃଲିଲା ତାର ଭଙ୍ଗା କୁଡ଼ିଆକୁ ।

"ଓଃ, କଲେ ପୁନ ! ଯୁଗେ ହେଲ ! ଆରେ, କଏ ଦେଲା ମ ? କୋଉଠୁ ପାଇଲ୍ବା, କହିଲେ ? ଆହା, ଝିଅଟି ମୋର ଲକ୍ଷ୍ମୀମନ୍ତ । ଅରକ୍ଷିତ ଛୁଆକୁ ଦଇବ ଭରସା—ଆହା—"

ମୁଡ଼ି, ମୁଁ ମା'କୁ ଦେଇ ସାରିଲାଣି । ଭାତ ବସେଇ ଦେଇଛି । ଗୁଣ୍ଡି ଗୁଣ୍ଡି ହୋଇ ଗୀତ ବୋଲି ବୋଲି ପରିବା କାଟୁଛି ।

କେମା ଆଉଜି ବସିଛି । ଆଶ୍ଚର୍ଯ୍ୟ ଲାଗୁଛି, କୋଉଠୁ ପୁନ ସବୁ ସରଞ୍ଜାମ ଯୋଗାଡ଼ ଗୃଲିଆସିଲା ! ଗୋଲମାଳିଆ ମୁଣ୍ଡ କିଛି ଠିକ୍ କରି ପାରୁ ନାହିଁ । ପଗ୍ଭରି ପଗ୍ଭରି ତୃଣ୍ଡ ଘୋଳା ହେଲାଣି, ଝିଅଟା ଖାଲି ହସୁଚି କିଛି କହୁନାହିଁ । ଆଜି ସେ ଘରଣୀ ହୋଇଛି । ଏଇ କେତେ ଦିନ କେତେ କାମ କଲାଣି ସେ ।

Digitized by srujanika@gmail.com

ଝିଅ ନୁହେଁ ତ, ଗନ୍ଧ ଖଣ୍ଡେ । ମା ହୋଇ କି ସୁଖ ତାକୁ ଦେଇପାରିଛୁ ? ବଡ଼ ହେଲଣି, ଘରେ ରହିବ, ଡେଣିକି ।

ପ୍ରଶ୍ନ ଚିହ୍ନ ପରି ଅବିନାଶବାବୁଙ୍କ ବଡ଼ କୋଠା । ଅନେଇଁ ହୃଦର ଖୋଜିଲେ ଖାଲି ଦୀର୍ଘଶ୍ୱାସ । ପୁଣିର ଭବିଷ୍ୟତ୍ ତାହାର ସମାଜର କେଉଁ ମେହେନ୍ତରର ଜୋଇଁ । ଅଳିଆ କାଢ଼ିବ, ଅସନା ଗୋଟେଇବ, ମଇଳା ସଫା କରିବ । ସଞ୍ଜ ବୁଡ଼ୁ ବୁଡ଼ୁ ଜୋଇଁ ମଦ ପିଇ, ମାତି ଅସମ୍ଭାଳ । ଏମିତି ଝିଅ ଝିଅ ଧୋକଡ଼ୀ ହେବ ତା'ର ପୁଣି ବି !

"ହଇ ଲୋ, କହିଲୁ ନାହିଁ, କିଏ ଦେଲା ବା ? କହିବୁ ନାହିଁ ?"

କିଏ ଗୋଟାଏ ଆସୁଛି । ସେହି; ଉଜା ଉଜ ଯେ ଚଜ ଦେଇ ଯାଏ; ମୁନିସିପାଲିଟି ମିସ୍ତ୍ରୀ ।

"ହୁଁ, ଜେମା ମେହେନ୍ତାଣୀ ! ମଜା କରି ଶୋଇଚୁ ? ବେଶ୍, ବେଶ୍ । କାହିଁ, କାଳେ ନ ଗଲୁ ତ ବଦଲା କାହିଁ ? ପାଇବୁ ଏ ମାସରେ ରଇ ଥା । କେମିତି ଛଟାଗାଲ ବସି ଖରା ପୁଉଁଚୁ—ରଇ ଥା, ରଇ ଥା—"

କଥା କହୁ କହୁ ପଞ୍ଚମକୁ । ଦୁର୍ବଳିଆ ଦେହରେ କାଠ ସେହି ଶୋଧା ଶୁଣିବାକୁ ଜେମାକୁ କଷ୍ଟ ପରି ଲାଗୁଛି । ଟଟୋଳ ଧରିଛି । ମନ ହେଉଛି, ପାଟିରେ ବଳ ଥାଆନ୍ତା କି ସେ ସ୍ୱର ଲମ୍ବେଇ ଦିଅନ୍ତା ଏମୁଣ୍ଡୁ ସେମୁଣ୍ଡ । କାହାର ସେ ଧାରେ ନା ଖାଏ ? ମିସ୍ତ୍ରୀ ବି ପ୍ରସ୍ତୁତ ହୋଇ ଆସିଛି । ଗ୍ରାହିତଲେ ଠିଆ ହୋଇ ଝାଳ ମାରିବ, ପିକା ଟାଣିବ, କଳିଆ କରିବ ! ଗୁଣ ଚାର୍ଜି ପାନେ ଦେବାକୁ ବଇଦ ସେ କାଳେ ।

ଜେମା ପାଟି କରୁଛି, "କି ହୋ ବାବୁ, ତମ ତମ ହଉଚ କାହିଁକି ? କାମ ନ କଲେ ପଇସା କାଟିବ । ଘରେ ଆସି ତୋଡ଼ କରୁଚ କାହିଁକି ? ଦେଖୁ ନା ମୋ ଅବସ୍ଥା ! ମୋର ଆଉ କିଏ ଅଛି କାମ କରି ଯିବ ?"

"ଖରି କୁହାଳିଆ ପଡ଼ିଚୁ ଜେମା ମେହେନ୍ତାଣୀ ! କାମ ଗ୍ରୁଡ଼ିଦବୁ, ଆଗରୁ କହିଲୁ ନାହିଁ କାହିଁକି ? ମାସ ମଝିରେ ଅଇଗ୍ର ମୁଁ ଲୋକ ପାଇବି କାହୁଁ ? ଘୁଲୁଖିରେ କଥା କହୁଚୁ ନା ସିଆଣିଆ ପଡ଼ିଚୁ ଖରି ! ହେଁ—"

"ମୋ ଦେହ ମତେ ଅସାଧ । କହି ଦେ ଲୋ ପୁଣି; କ'ଣ ହାଣ୍ଡିରେ ପୂରେଇ ଫାଣ୍ଡି କି ନ ଆସି ହୁକତ କରୁଚ—"

Digitized by srujanika@gmail.com

ରାତି ହୋଇଗଲାଣି, ମା ଖାଇବସିବ । ପୁନି କହିଲା, "ଯାଅ ବାବୁ, ତା କଥାରୁ କ'ଣ ପାଇବ ? ଜରୁଆ ମଣିଷ, କଣ ଠିକଣା ଅଛି କହ ? ତମେ ଯାଅ, କାଲିଠୁଁ ମୁଁ ଯିବି; ତା କାମ କରିଦେବି—"

"ସତ କହୁଚୁ ନା, ତାମସା କରୁଚୁ ଲୋ ଟୋକି ! ସତରେ ତୁ ଯିବୁ ?"

"ହଁ, ମୁଁ ଯିବି । ତମେ ଯାଅ ।"

"ଦେଖ୍, ଫେର୍ ଯଦି କେହି କାମକୁ ନ ଯିବ ଭଲ ହବ ନାହିଁ କହିଦଉଚି—"

ପୁନିକୁ ଚୁହିଁଦେଇ ମୁହଁରେ ହାତ ବୁଲେଇ ଆଣିଲା ମିସ୍ତ୍ରୀ । ଝାଲ ବଲ ବଲ ହୋଇ ସୁନ୍ଦର ଦିଶୁଛି । ନୂଆ ଆମଦାନି—ବିଶ୍ୱାସ ହେଉ ନାହିଁ ।

"ସତେ ଯିବୁ ତୁ ?"

"କହିଲି ପରା—"

ମିସ୍ତ୍ରୀ ଚାଲିଗଲା । କେମା ଡାକିଲା, "ପୁନି—"

"କ'ଣ ପାଇବୁ ଲୋ ତୁ ବୋଉ ! ତୁ ଖାଇ ବସ—"

□ □

Digitized by srujanika@gmail.com

ଏଗାର

ଆଜି ସେ ଆସୁଛି—ସୁର ।

ମାନମୟୀ ଆପଣାର ଅନ୍ତର ଭିତରେ ବାରମ୍ବାର ତାର ପଦଶବ୍ଦ ଶୁଣେ । ଚହଲରେ ଉତ୍ଫୁଲ୍ଲ ପଡ଼ି ପଦାକୁ ଅନାଏଁ । ପୁଣି ବସି ଅପେକ୍ଷା କରେ ।

ତାର ବନ୍ଧୁ ବିଷ୍ଟୁ କାଲି ଗୃକର ହାତରେ ବନ୍ଧ ଖଣ୍ଡିଏ ପଠେଇ ଦେଇଥିଲା । ସେଥିରେ ଗୃଣି ଆଙ୍ଗୁଳି ଚଠି । ସୁର ଆଜି ଆସିବ । କିଛି ନୂଆ ଅର୍ଥ ଅଛି କି ତହିଁରେ ? ବିଛଣାରେ ଆଉଜି ପଡ଼ି ମାନମୟୀ ସେହି ଚଠିଟାକୁ ଥରକୁ ଥର ଦେଖେ । ବିଷ୍ଟୁର ଗୋଲ ଗୋଲ ଅକ୍ଷରଗୁଡ଼ାକ ତାଳି ମାରି ତାକୁ ହସରେ ଉଡ଼ାଏ । କ'ଣ ହୋଇଗଲା ? ସୁର ଆସିବ ତ ଆସୁ । ଖେଳେଣା ଆଲମାରିରୁ ଗୋଟାଏ ଖେଳେଣା କୁଆଡ଼େ ହଜିଥିଲା, ପୁଣି ଲେଉଟି ଆସିବ ହୁଏ ତ ।

କିନ୍ତୁ ଏତେଦିନ ତା'ର ଅନ୍ତର୍ଦ୍ଧାନ ଫଳରେ ମାନମୟୀ ବହୁତ ଭାବିଛି । ଥିବା ନ ଥିବା ଏକାଠି ସେହି ମୂର୍ତ୍ତିରେ ଆରୋପି, ଅନ୍ୟ ସମସ୍ତିଙ୍କ ସହିତ ତୁଳନା କରି ଦେଖିଛି; ସେ କେବଳ ଖେଳେଣା ନୁହେଁ । ବାରମ୍ବାର କେତେ ଦୀର୍ଘଶ୍ୱାସ, କେତେ ଭାବନା, କେତେ ଆଶା । ଯେ ହାତମୁଠାରେ ନ ରହେ, ତାକୁ ଖେଳେଣା କୁହାଯିବ କାହିଁକି ? ସୁର ତାର କିଏ ?

ଯେତେ ତଡ଼ିଦେଲେ ଗୁଆଁ ର କଳାଭଅଁ ର ପରି ବାରମ୍ବାର ସେହି ସ୍ମରଣ ଫେରି ଆସି ତାର କାନ ପାଖେ ଭାଁ ଭାଁ କରେ । କ'ଣ ସେ କାହାର କରିଛି ଯେ, ଲୋକେ ତାକୁ ହଟହଟା କରିବେ ? ବିଷ୍ଟୁ ଥଟ୍ଟା କରେ । ଅନ୍ୟମାନେ ରହସ୍ୟ କରନ୍ତି । ସୁର କଥା କୁଆଡ଼େ ସେ ବେଶି ପସନ୍ଦରେ ବୋଲି । ଭାବିଲେ କାନମୂଳ ଲାଲ ହୋଇଯାଏ, ମୁହଁ ଝାଳେଇ ପଡ଼େ । ଏତେ ଜଣଙ୍କ ସଙ୍ଗେ ଚଳ୍ପା, ତା ସଙ୍ଗେ ବି । ସମସ୍ତିଙ୍କ ସଙ୍ଗେ ଟିକିଏ ବେଶି, ତା ସଙ୍ଗେ ଟିକିଏ ଅଳ୍ପ । ସୁର ତାର କାହର ନୁହେଁ । ସାମାନ୍ୟ ପୃଥକ୍ ହେଲେ ବି ସମାଜକୁ ସେ ପାର୍ଥକ୍ୟ ସ୍ଥାନ ଦଶିବ ନାହିଁ । ସେ ଖୁବ୍ ବଡଲୋକ ପୁଅ, ପ୍ରଚୁର ସମ୍ପତ୍ତି; ତେଣୁ ତା'ର ଦାନଗୁଡ଼ାକ ଏକର ସେକର ଫୋପାଡ଼ି ମାରେ ଏବଂ ସେ ଗୋଟାଏ ସମସ୍ୟା । ଯେତିକ ଅଳ୍ପ ସେ ଗୃହେଁ, ସେହି ଦୃଷ୍ଟିରୁ ଅନୁଭବ କରି ହୁଏ କେଡ଼େ ଉପାସୀ ତା'ର କ୍ଷୁଧା; କିନ୍ତୁ ସେ ଗୁରେଇବୁରେଇ ହୁଏ ନାହିଁ । ମମତାର କଥା ପକେଇଲେ, ଝକ୍ ଝକ୍ ଦାନ୍ତରେ ଶାଣଦିଆ ହସ ହସିଦେଇ ସବୁ ସ୍ଥାନ କରିଦିଏ । କେତେ ଦିନ ଆସେ ନାହିଁ, ଦେଖାଏ ସତେ କି ସେ କେଡ଼େ ଉଚ୍ଚରେ !

Digitized by srujanika@gmail.com

କିନ୍ତୁ ଥରେ ଅଧେ ଏକୁଟିଆ ଥିଲାବେଳେ କୌଣସି ଛୁଟକରେ ଯେତେବେଳେ ଆଙ୍ଗୁଠିରେ ଆଙ୍ଗୁଠି ଛୁଇଁ ହୋଇଯାଏ, ଗୁଉଁକନା ଲାଗେ । ମୁହଁ ଟେକି ଅନେଇଁଲେ ଦିଶେ ସୁର ଆଉ ପ୍ରକାରେ କେମିତି । କେତେବେଳେ ହଠାତ୍ ସେ କଅଁଳ ହୋଇଯାଏ ତା'ର କଥାବାର୍ତ୍ତାରେ । ନିଘା ପଡ଼େ, ତଳଓଠ ଥରୁଛି । ମୁହଁ ଉପରେ ଲୁଚିହେଲା ତୋଫାନର ସଂଯମ, ନିଶ୍ୱାସର ବେଗ । ମାନମୟୀ ତା'ର ଦୁଇ ଆଖିରେ ଲାଜ ପୂରେଇ ଚାହେଁ । ଇଚ୍ଛା ହୁଏ, ଏମିତି ଧରି ରଖିଥିବ ଆଖିଏ ଆଖିଏ । ସୁର ଏହାପରେ ପଳୁଥାନ୍ତା, ସେ ତା'ର ମନଇଚ୍ଛା ଥରେ ଥରେ ସାନ କଣ୍ଟାରେ ତାକୁ ଫୋଡ଼ି ଦେଉଥାନ୍ତା । ଫଟା ବେଲୁନ୍‌ପରି ଚେପା ହୋଇ ତାହାରି ଗୋଡ଼ ତଳେ ଭୂଇଁରେ ଲେଟିପଡ଼ନ୍ତା ସେ । ତା'ପରେ ଆପଣାର ଅଳତା ବୋଳା ସରୁ ପାଦଟି ଅଳପେ ଉଠାନ୍ତା, ଧିରି କରି ଚାପି ଦିଅନ୍ତା । ଚିରଦିନ ତା'ର କରି ବାନ୍ଧି ରଖିଥାନ୍ତା । କଳା ଚୁଡ଼ିଆଣିର ଛୁଞ୍ଚରେ ଆଖିରେ ଝିକମିକି ମାରି, ଉଦ୍ୟତ ହୋଇ, ବାରମ୍ବାର ସେ ଚାହିଁ ରହେ । ଦେଖେ ସେ ସୁର ବଦଳିଗଲାଣି । ଆଉ ଜଣେ କିଏ ସେ, ପବନରେ ଉଡ଼ିଯାଉଛି ଝିରକା ବାଟେ ।

ସେ ଅଦ୍ଭୁତ, ସେ ଦୁର୍ବୋଧ । ତେଣୁ ସେ ସାଧାରଣ ପଣର ବାହାରେ ।

ଓଲଟି କ୍ଷତବିକ୍ଷତ କରେ—ଏତିକି ।

ତିନି ମାସ ତଳେ ସହରକୁ ଅନ୍ଧାର କରିଦେଇ ସେ ଗାଁକୁ ଯାଇଥିଲା । ରୁମାଲରେ ନାଁ ଲେଖା ହେଉଛି, ଫୁଲ ପଡ଼ୁଛି ନାଁକୁ ନା ଛନ୍ଦା ହୋଇ । ନ କହି ସୁର ଚାଲିଗଲା । ତା ପାଇଁ କେତେ ଆଲୋଚନା । ଅନେକେ କହୁଥିଲେ, ସେ ଗଲାଣି ବାହା ହେବାକୁ । ମାନମୟୀ ତା'ର ଶୋକରେ କାନ୍ଦିଥିଲା । ସେହି ଅଦ୍ଭୁତ ବାହା ହୋଇ ନାହିଁ । ପୁଣି ଫେରି ଆସିଛି; ଅଥଚ ଏମିତି ତା'ର ଅକଲ ଯେ, ଏଠିକି ଆଗ ନ ଆସି, ଆଗ ଯାଇଥିଲା ବିଷ୍ଣୁ ପାଖକୁ । ବିଷ୍ଣୁ—ବେଙ୍ଗପରି—ଚଷମା ଆଖି—ମୋଟା—ଓଳା—ବିଷ୍ଣୁ ପାଖକୁ ଆଗ ସେ କାହିଁକି ଗଲା, ଏଠିକି ନ ଆସି ?

କି ସମସ୍ୟା ! ଗହନ, ପୁରାତନ । ପଡ଼ି ପଡ଼ି ଛଟପଟ ଲାଗୁଥାଏ । ବିଷ୍ଣୁ ପଢେଇଥିବା ଉପନ୍ୟାସର ପୃଷ୍ଠା ଓଲଟାଇ ଭାବୁଥାଏ ଆପଣାର ଉପନ୍ୟାସ ହୁଅନ୍ତା କିପରି । ନାୟିକା—ସେ । ନାୟକ—ଅବଶ୍ୟ ସୁର । ତିନି ମାସର ଅଦର୍ଶନ ତାକୁ କେତେ ପାଖକୁ ବୋଲି ଆଣିଛି । ନାୟକ ପଣରେ ପ୍ରତିଷ୍ଠା କରିଛି । ଗୋଟାକୁ ଗୋଟା ଖଣ୍ଡ ଖଣ୍ଡ ଅନୁଭୂତି ଯୋଖି ହୋଇ ହେଉଥାଏ ତା'ର କାହାଣୀ । କେତେବେଳେ ଆପଣାକୁ ଚିଡ଼ାଉଥାଏ ଆପଣାର ଅନାସ୍ଥା ପାଇଁ,

Digitized by srujanika@gmail.com

କେତେବେଳେ ପୂରକୁ । ସେଇ ଚନ୍ଦ୍ରା—କେତେ ନକ୍ସମାଖୀ ସେ, କେତେ ନିର୍ଦ୍ଦୟ ମଣିଷକାଠ !

"ଦେଇ—!" ଯଶୋଦା ଡିଆଁ ହୋଉଛି । ଧଡ଼ପଡ଼ ହୋଇ ମାନମୟୀ ଉଠି ବସିଲା ।

"କଏ ଆସିଚ କଲେ ଯଶୋଦା ? ଆସିଚ ?"

"ଧୋବା ଆସିଚ ଦେଇ । ହେଇଛ, ଖବର କାଗଜ ।"

"ଯା ଭାଗ୍ ।"

"ଇସ୍ । ଏ ଦାମୀ ଶାଢ଼ୀଟା ସ୍ୟାହ୍ କେମିତି ହେଲା ? ମା ଲୋ, ମତେ ସାଆନ୍ତାଣୀ ଗାଳିଦେବେ । କହିବେ, ତୁ ଛଡ଼ିଚୁ ।" ଯଶୋଦା ବିଳାପ କଲା, "ଏ କ'ଣ ହେଇଚ, ଦେଇ—"

"ତୋ ମୁଣ୍ଡ ହେଇଚ । ଦେଖୁନୁ, ପୂର୍ବି ସେଇ ବୋତଲକ ଓଲଟେଇ ପକେଇଲା । ଯା, ନେଇ ଯା—" ଯଶୋଦା ସବୁ ପରିଷ୍କାର କରୁଛି । ତାର ଚନ୍ଦ୍ରାଧାର୍‌ରେ ଗୋଳମାଳ ଘଟୋଉଛି ।

"ଆଚ୍ଛା ଝସର ଖସର ! କ'ଣ କରୁଚୁ ସେଠି ? ଯାଉନୁ କାହିଁକି ?"

ବିରକ୍ତ ହୋଇ ଖବର କାଗଜ ଓଲଟୋଉଛି । ସଭାସମିତି, ବକ୍ତୃତା, ବିଜ୍ଞାପନ । ଦୁନିଆର ଯୋ ଯା କାଗଜ ଉପରକୁ ଉଠିଛି । ସେଠି ସେ ନାହିଁ । ସେଠି ସୁର ନାହିଁ ।

ଘରର ବଡ଼ତ୍ୱ ପାଇଁ ଏଇଥିରୁ ଗୁଡ଼ାଏ ବହୁତ ଆସେ । ଜାତି ଜାତି ଖବର କାଗଜ, ପତ୍ରପତ୍ରିକା । ଦାଣ୍ଡଘରେ ଆଲମାରୀ ଆଲମାରୀ ବହି । ସାଜସଜା-ପରି ଏଥିରୁ ବି ଗୁଡ଼ାଏ । ନ ହେଲେ ଶ୍ରେଣୀର ମର୍ଯ୍ୟାଦାରେ ହାନି ଘଟିବ ।

ଯଶୋଦା ଶୁଣିବ ନାହିଁ । ଘର ସଫା କରୁଛି । ଖବର କାଗଜ ଧରି ଆର କୋଠିକୁ ଚାଲିଗଲା । କୁଣ୍ଡର ଫୁଟିଲା ଫୁଲଗୁଡ଼ିକୁ ଆଉଁସି ଦେଇଗଲା ।

ଆଜି ସେ ଆସିବ । ଆଜି ବି କଣ ସବୁଦିନ ପରି ? ଏମିତି ଚାହିଁ ଲେଉଟାଣିବେଳେ ହଠାତ୍ ସେ ଆସି ପହଞ୍ଚେ । ରେଡ଼ିଓ ବାଜୁଛି । ଚା' ପାତ୍ର ସାମ୍ନାରେ ଥୋଇ, ଆରାମ କରି ବସି ଅଘୋରବାବୁ ସମ୍ବାଦ ଶୁଣୁଛନ୍ତି ।

"ଓଃ ! ଦିଅ ମ ବୁଲେଇ ଷ୍ଟେ; ସବୁବେଳେ ଖାଲି ଖବର । ଦେଖ, ଗୀତଫିତ କିଛି ନାହିଁ କି ?" ଅଘୋରବାବୁ ହସିଦେଲେ ।

Digitized by srujanika@gmail.com

"ଖବର କାଗଜଟା ଧରି ବୁଲୁଛୁ ଯେ ମାନ, ପଢ଼ା ସରିଲଣି ? ତତେ କିଏ ଦେଲା ? ମୁଁ ଏଣେ ଖୋଜୁଛି ।" ମାନ କାଗଜ ବଢ଼େଇ ଦେଲା । ରେଡ଼ିଓର ସୁଇଚ ମୋଡ଼ି ମୋଡ଼ି ସନ୍ଧାନ କରି ବସିଲା, ସାରା ପୃଥିବୀରେ କେଉଁଠି ବାଜୁଛି ଗୀତ ତା'ର ମନମାଫି ।

"ହେଇ ଦେଖ୍ ମାନ, କେତେ ବାହାରିଛି ଦେଖ୍ । ଦିନୁଁ ଦିନ ନୂଆ ନୂଆ ରୂପରେ ସାମ୍ୟବାଦୀ ଫସ୍ୟାର ଆଗେଇ ଆସୁଛି କେମିତି । ତାହାରି ଆଗୁଆ ଝଣ୍ଡା କଂଗ୍ରେସର ହରିଜନ ନୀତି । ଦକ୍ଷିଣରେ କେତେ ମନ୍ଦିର ଖୋଲିଦେଲେ, ଦେଖିଲୁ—"

ମୁହଁ ଟେକି ସୁନ୍ଦି ହାଇ ମାରିଲା । ଏମିତି ସିଏ ଯୁଦ୍ଧକୁ ଆହ୍ୱାନ କରେ ।

"ଭଲ କରି ପଢ଼୍, ବୁଝିବୁ ।"

"ମୋ ମତରେ ଫସ୍ୟାର ହେବା ଉଚିତ୍ ଆମରି ଘର ପାଖେ । ଏହି ବାଦୁଡ଼ି ଚେଁ ଚେଁ ତେନ୍ତୁଳିଗଛଗୁଡ଼ାକ ମୂଳରୁ ହାଣି ଦିଅନ୍ତେ । ମେହେନ୍ତରସାହିଟା ମୂଳପୋଛ କରି ଏଠୁ ହଟେଇ ଦିଅନ୍ତେ, ଭଲ ହୁଅନ୍ତା ନାହିଁ ସିଏ ? କେଡ଼େ ସୁନ୍ଦର ମନ୍ଦିର ଗଢ଼ା ହୋଇପାରନ୍ତା ସେଠି । ଘୂରି କରେ ଫୁଲବଗିଚା । ନହୁବା ଗୋଟାଏ ବଡ଼ ବାଇସ୍କୋପ୍ ଘର, ପାର୍କ, କେତେ କ'ଣ—"

"ନହୁବା ଗୋଦାମ ଧାଡ଼ି ଧାଡ଼ି, ରେଲ୍‌ଷ୍ଟେସନ୍ । ଠିକ୍ କହୁଛୁ । ହରିଜନ ନୀତିର ପ୍ରଚାର କାର୍ଯ୍ୟ ପାଇଁ ତତେ ପଠେଇବା ଉଚିତ୍ । ଫ୍ୟାସିଷ୍ଟ୍ । ନାତ୍‌ସୀ ।"

"ରକ୍ଷା କର; ତମ ହାରୁଡ଼ି ପ୍ରହାର କର ନାହିଁ ସିଇ । ଭୁଲ୍ ଯଦି କହିଲି ଅପରାଧ କ୍ଷମା କର । ହଁ, ହରିଜନ ନୀତି ଖୁବ୍ ଭଲ ଲାଗେ ତମକୁ ନିଶ୍ଚୟ; ନ ହେଲେ ବାରମ୍ବାର କାହିଁକି ସେହି କଥା ? ତମକୁ କ'ଣ ଅସନା ଭଲ ଲାଗେ ? ହାଉ ହାଉ ଭଲ ଲାଗେ ? ରୋଗିଣା, ମଦୁଆ, ଯାଦୁରା, କୋଢ଼ିଆ—"

"ଆଉ, ଆଉ; ବେଶି ବକ୍ ନା—"

ରେଡ଼ିଓ ଷ୍ଟେସନ କାଉଁ କାଉଁ, ଘାଉଁ ଘାଉଁ କରୁଛି ହାତ ତଳେ । ମାନମସ୍ତୀ ଗୀତଟିଏ ଖୋଜୁଛି । ଅଘୋର ପୁଣି ଖବର କାଗଜ ଉପରେ ଠାଏ ନିବଦ୍ଧ ରହିଲଣି । ମୁହଁରେ ଉତ୍ସାହ । ଏପରି ସୁଯୋଗ ମାନମସ୍ତୀ ଛାଡ଼ିଦେଇ ପାରେ ନାହିଁ । କହିଗଲା—"ମଲା, ଚିଡ଼ୁଛୁ କାହିଁକି ? ସତରେ କଣ ଏହି ଅପରିଚ୍ଛନ୍ନ ହାଡ଼ସାହି ତମକୁ ଭଲ ଲାଗେ ? ହରିଜନ ନୀତି ତ ଏହି ତମ ସାମ୍ନାରେ । ଯାହାକୁ ବିଶ୍ୱାସ କର ନାହିଁ, ତାକୁ ପ୍ରଚାର କରିବାର ମାନେ ?—"

Digitized by srujanika@gmail.com

"ଏଁ ବିଶ୍ୱାସ କରେ ନାହିଁ !" ଉଦାର, ପ୍ରସନ୍ନ ମୁହଁରେ ଆଶ୍ଚର୍ଯ୍ୟର ଝଲକ ।

"ବିଶ୍ୱାସ କରେ ନାହିଁ ! ତୋ ପରି ମୁଁ ନୁହେଁ, ବୁଝିଲୁ ? ସ୍ୱାର୍ଥ ଛାଡ଼ି ଅନ୍ୟର ଦୃଷ୍ଟିରେ ଦୁନିଆକୁ ଦେଖିବାକୁ ଚେଷ୍ଟା କରନ୍ତୁ ଯଦି, ତୁ ବି ମୋ ପରି ଭାବନ୍ତୁ । ତତେ ଯେତେ ବୁଝେଇଲେ, ଯେତେ ପଢ଼େଇଲେ, ତୁ ରହିଗଲୁ ଗୋଟାଏ ସ୍ପେଟିଆ ଫ୍ୟାସିଷ୍ଟ । ତୋ ଦେଇ ହେବ ନାହିଁ—"

ମାନମୟୀ ହସିଲା । "ବାପା ତୁମ ଉପରେ ଭାର ଦେଇଥିଲେ ପରା, ମେହେନ୍ଦ୍ରସାହୁ ଜମି କିଣି ପକେଇବାକୁ ! ସତେ ତ, ମୁଁ ଭୁଲିଯାଇଥିଲି । ଯା, ଆସ କରୁଥିଲ, କଣ ହେଲା ଭାଇ; ଅନୁମତି ମିଳିଲା ? ସତରେ—ବୋଉ ପଚାରୁଥିଲା । ଯାଆନ୍ତା ଏକାଥରେ ନିଃ ଭୁଟି । ସ୍ୱେର ଉପଦ୍ରବ ଅନ୍ତତଃ ମଣିଷ ଉଦ୍ଧାର ପାଆନ୍ତା—" ଅଘୋରବାବୁ ଗମ୍ଭୀର ହୋଇ ଖବର କାଗଜରେ ବୁଡ଼ିଗଲେ । ମାନମୟୀ ତାର ଗୀତର ସନ୍ଧାନ ପାଇଲା । ବିକଳ ହୋଇ ଚିତ୍କାର କଲା ପ୍ରାଣ ମନ୍ଦିର ଚକଟି ଗୋଟିଏ ଉର୍ଦ୍ଦୁ ରାଗିଣୀ ।

"ଓଃ—" ଅଘୋରବାବୁ କହିଲେ—ଆସ୍ତେ କର, କାନ ଫାଟି ଯାଉଛି ।

"କଣ ହେଲା କହିଲ ନାହିଁ ଭାଇ, ସେହି ହାଡ଼ିସାହି କିଣିବା କଥା । ଯାହାଙ୍କ ହାତରେ କାମ ଅଛି, ଏଠି ସମସ୍ତେ ତ ଆମର ଜଣାଶୁଣା, ସାଧୁ ଉଦ୍ୟମ ବି, ବାପାଙ୍କ ଆଦର୍ଶବାଦ । ଦୁଃଖର କଥା, ବାପାଙ୍କ ଆଦର୍ଶବାଦରେ ତୁମେ ଅନୁପ୍ରାଣିତ ହୋଇପାରୁ ନ ? ବାପା ଯଦି ଜାଣିବେ ସେମାନଙ୍କ ପାଇଁ ସହାନୁଭୂତିରେ ତୁମେ ତୁନି ହୋଇ ବସିଛ, ଆଉ କଏ ଶସ୍ତାରେ ସେ ଜମିତକ କିଣି ନେଉଛି, ତେବେ କେବେ ଖୁସି ହେବେ ନାହିଁ । ତୁମେ ଜାଣ, ମୁଁ ବି ଜାଣେ । ଏଇ ଠିକ୍ ବେଳ ମିଳିଛି । ସହର ଗଢ଼େଇ ନାଁରେ ଆମ କୋଠାକୁ ଲାଗି ଏତେ ବଡ଼ ବସ୍ତିର ମାଟିତକ ହାତକୁ ଆଣିବା । ତେବେ ତୁମେ ତ ସେଥିରେ କାମ କରୁଛ; ମୋଠୁଁ ବେଶି ଜାଣ ତୁମେ । କ'ଣ ହେଲା ଭାଇ, କହିବ ନାହିଁ ?"

"ଧେତ୍, ବାରମ୍ବାର ଖାଲି ବିରକ୍ତ କରୁଚୁ । ତୋର ତୁ ଗୀତ ଶୁଣୁ । ଏ ସବୁ କଥାରୁ ତୁ କ'ଣ ପାଇବୁ—"

"ବାଃ, ଖବର କାଗଜ ପଢ଼ିବାକୁ କହୁଚ, ଆପଣା ଘର କଥା ପଚାରି ଜାଣିବାକୁ କିଛି ଦୋଷ ଅଛି ?" ଉର୍ଦ୍ଦୁ ରାଗିଣୀ ପ୍ରଚୁର ଦୁଃଖ ଢାଳି ଯାଉଛି ।

Digitized by srujanika@gmail.com

ଆଲୁଲାୟିତା ବେଗମ୍ ଗାୟିକା, ଅଙ୍ଗୁର୍ ଗଳାରୁ ଝରୁଛି ଶିଳ୍ପକଳା— ମଣ୍ଡିତ ପ୍ରାଣସ୍ପର୍ଶୀ କରୁଣ ଯମୁନା; କଲ୍ପ ସ୍ୱରକୁ ପରାସ୍ତ କରିବାକୁ ହେବ । ମାନମୟୀ ସ୍ୱର ଶୁଭିଲାଗିଲା । ଧୀରେ ଧୀରେ ରାଗିଣୀର କେଉଁ ଝଙ୍କାର ତାର ମନରେ ଭେଦଗଲା, ମନ ଭୁଲିଗଲା ଛେଣିକ । ସୋଫାରେ ଆଉଜି ପଡ଼ି ଅଧବୁଜା ଆଖିକରି ଘନ ଘନ ଦୀର୍ଘଶ୍ୱାସ ।

ଟେଲିଫୋନ୍ ଝଣଝଣେଇଲା । ଉଠିପଡ଼ି ଅଘୋର ପାଖକୁ ଗଲା ।

"ହେଇ – ସୁର ଆସୁଛି – "

"ଏଁ—"

"ଆଃ ! ଜଲ୍‌ଦ ଆସିଲେ ସିନା ଯା'ନ୍ତେଣି କ୍ଲବ୍‌କୁ ଟେନିସ୍ ଖେଳ ! ବସେଇ ରଖିଲା । ଯା, ବୋଉକୁ କହିଦେ, ପୂଜାଘରକୁ କହ ।"

ଗ୍ରୀବ ଉପରେ ହାତରଖି । ଦେହ ଭିତର କେମିତି ହୋଇଯାଉଛି । ମୁହଁ ଥରେ ରଙ୍ଗା—ଥରେ ଶେଥା ।

□ □

Digitized by srujanika@gmail.com

ବାର

ପାହାନ୍ତିଆରୁ ପୂନ ଉଠିଲା । ଆଜ ତାର ଗୋଟାଏ ଦନ । ସେ କାମକୁ ଯିବ ।

ଜନ୍ମଦନ ଆଉ ମରଣରେ ଦନ ପରି ଆଜି ବ ଗୋଟାଏ ସ୍ମରଣୀୟ ଦନ ତାର । ଯେତେବେଳେ ମଣିଷ ପେଟରେ ଜନ୍ମ ହୋଇଥିବା ·ମଣିଷ ଛୁଆ ଓଲ୍ଟେଇଯିବ କୁକୁର, ଘୁଷୁରି ପରକୁ, ହାତରେ ମଇଳା ଘାଣ୍ଟିବ, ଦେହରେ ମଇଳା ଟୋକେଇ କୁଣ୍ଢେଇବ । ପୂନଆର ଆଉ ଦଶ ଜଣଙ୍କ ବଲ ବଲ ହୋଇ ଅନେଇଥିବ, ଆଉ ଉଠିପାରିବ ନାହିଁ ଉପରକୁ ।

ଚଉଦ ବର୍ଷର ମୁଣ୍ଡରେ ଭବିଷ୍ୟତ ପଶେ ନାହିଁ । ପୂନ ଛନ ଛନ ହେଲା । ଗୋଟାଏ କୁତୂହଳ, ଗୋଟାଏ ସ୍ଫୂର୍ତ୍ତି । ସାଙ୍ଗର ଲୋକଙ୍କ ପରି ସେ ବ ଖଟିବ, ରୋଜଗାର କରିବ । ଆଉ ମା ବେକରେ ପଥର ହୋଇ ଝୁଲିରହିବ ନାହିଁ । ଫିଟି ଖୁଲିଯିବ, ଉଡ଼ି ଖୁଲିଯିବ । ମା'କୁ ଲୁଚେଇ ଦ' ପହରେ ଆମ୍ବ ଗୋଟେଇ ଗଲା ପରି, ସନିଆଁ ସାଙ୍ଗରେ ଦ' ଅଣିଆ ଟିକଟରେ ସହରର ବାଇସ୍କୋପ୍ ଦେଖି ଗଲା ପରି । ମା ଜାଣିବ ପଛରେ । ଫେରିଲେ ସେ ବଗିଡ଼ିବ । ତାପରେ ଟିକଏ ସାଲୁକ ସାଲୁକ, ଟିକଏ ଖୁସାମତ । ସବୁ ସୁଧୁରି ଯିବ, ସବୁ ଭଲ ହୋଇଯିବ ।

ଆଜିର ଦନଟା କେତେ ଆଗରୁ ଆସିବା ଉଚତ ଥିଲା । ଆସି ପାରି ନାହିଁ । ବାଧା ଦେଇଆସିଛି ଯେ, ସେ ମକ୍ରନଦରେ ଶୋଇଛି । ତାକୁ ଉଠେଇବା ଦରକାର ନାହିଁ ।

ତରତର ହୋଇ ବେଶ ହୋଇପଡ଼ିଲା । ମୁହଁ ଧୋଇଲା, ମୁଣ୍ଡ କୁଣ୍ଡେଇଲା, ଲୁଗା ପାଲଟିଲା । ଦଳର ପଚ୍ଛିଆରରେ ବଡ଼ ମଣିଷ ପରି ଆଜ ସେ ବାହାରିବ । କଅଁଳ ମନରେ ତରଳ ଔତ୍ସୁକ୍ୟ । କେଜାଣି କେଉଁ ତୀର୍ଥଯାତ୍ରା ଆଜ ତାର !

ପାଟି ଶୁଭୁଛି, ସେମାନେ ଆସିଲେ । କାଲିଠୁଁ କହି ରଖିଥିଲା ।

"କାଲେ ପୂନ, ଯିବୁ ବୋଲି କହୁଥିଲୁ ସତରେ ନା ମିଛରେ ବା – "

"ହଇ ଲୋ, ରୁ କଣ—?" ଟଙ୍କା ଆଉ ରଙ୍ଗ ହସି ହସି ଗଡ଼ିଲେ । "କାଲୋ, ଯାତା ଦେଖି ଯିବୁ କ ?" ଯାଯା, ମଇଳା ଛିଣ୍ଡା ଖଣ୍ଡେ ପାଲଟିପକା;

Digitized by srujanika@gmail.com

ତା ଉପରେ କ'ଣ କେତେ ଗୁଡ଼ । ଛୁଟା ଲାଗିବ । ଗୁଞ୍ଜୁଣି କାହିଁ ? ଟୋକେଇ କାହିଁ ? ହଉ, ଚଞ୍ଚଳ ଆ, ସେମାନେ ଦେବେ ସେଠି ।'' ପୁନ ଅପ୍ରସ୍ତୁତ ହେଲା । ମନେପଡ଼ିଲା, ମା ଯେମିତ ବେଶ ହୁଏ । ଅଧେ ଉତ୍ସାହ ଉଭେଇଗଲା । ଆଉ ପଛେଇ ହୋଇ ହେବ ନାହିଁ । ସେମାନେ ଅପେକ୍ଷା କରିଛନ୍ତି, ହସୁଛନ୍ତି । ଘର ଭିତରକୁ ପଶି ମା'ର କଳା କନାଖଣ୍ଡ ଦେହରେ ଘୋଡ଼େଇ ହୋଇ ପକେଇଲା ବେଳକୁ ଦେହରେ ଗୁଡ଼ୁଚିକନା ଲାଗିଲା ।

ଅଣ୍ଟାଭିଙ୍ଗି ଠିଆ ହୋଇ ଟଙ୍କା ଡାକୁଛି, ଚଞ୍ଚଳ ଆ । ଘରୁ ବାହାର ପଡ଼ିଲା ବେଳକୁ ଅସମ୍ଭବ ସାରାଦ୍ୱାରେ ମନ ହାଲୁକା ଲାଗିଲା । ବଜର ବଜର ହୋଇ ଦଳ ଚାଲିଛନ୍ତି । ତାହାର ଭିତରେ ହଜିଯାଇଛି ସେ । ତରତର ଚାଲି । ଏକାମୁହାଁ ମଣିଷ । ସକାଳ ଖୋଲିଯାଉଛି । ଚନ୍ଦ୍ର ଛୁଆ ବୁଢ଼ା ଚନ୍ଦ୍ର ପୋଟଳ ଧରି ପିମ୍ପୁଡ଼ି ଗାତ ଖୋଜି ଖୋଜି ବୁଲୁଛି । ମନ୍ଦ ବୋଲି ବୋଲି ନଈକୂଳରେ ଦେଉଳ ଆଡ଼କୁ କେହି କେହି ଚାଲିଛନ୍ତି । ସୁନ୍ଦର ଶାନ୍ତ ସକାଳ । ଭଗବାନଙ୍କୁ ସ୍ମରଣ କରିବା ବେଳ ।

ଆଗରେ ସେ ବଡ଼ ଘର । ମଇଳା ସଫା କରିବା ଲୋକେ, ରାସ୍ତା ସଫା କରିବା ଲୋକେ ଏକାଠି ହୋଇଛନ୍ତି । ହାଜିରା ପଡ଼ୁଛି । ଗହଳି ଲାଗିଛି । ସନିଆଁ ଚମକି ଆସିଲା ।

''କଲେ ପୁନ ରୁ ବ ?''

''କ'ଣ ହେଲା ?''

ଅନ୍ୟର କଥାଭାଷା ହୋଇଥାନ୍ତି । ସନିଆଁ ସବୁଦିନେ କେତେ ଉପରୁ ଦେଖ ଯାଉଁ ଅନାଏ । ଆଜି ତା'ର ଆପଣାର କାନ୍ଧ ଉଞ୍ଚ ହୋଇଯାଇଛି । ସମସ୍ତେ ବ୍ୟସ୍ତ, ଗପିବାକୁ ସନିଆକୁ ସମୟ ନାହିଁ । ସନିଆ ଚାଲିଗଲା । ମିସ୍ତ୍ରୀ ଆସିଲା—''ସତେରେ ରୁ ଆସିଲୁ ?''

''କହିଥିଲି ପରା ବାବୁ !''

''ହଉ, ତୋ ମା ବଦଳ ତୋ ନାଁ ଲେଖେଇ ଦଉଚି । ପୁଣି ତୋ ବୋଉ ଆସିଗଲେ ଅଲଗା ହୋଇ ତୋର ବ ନାଁ ରହିବ । ଦରମା ପାଇବୁ, ବୁଝିଲୁ ?''

ଏଣିକି ତେଣିକି ଚାହିଁ ପୁଣି ପାଖକୁ ଆସି, ସହାନୁଭୂତ ଦେଖାଇ ମିସ୍ତ୍ରୀ କହିଲା – ଟୋକେଇ, ଗୁଞ୍ଜୁଣୀ ଆଣି ନୋହୁଁ ପରା ! ଆ, ମୁଁ ଦେଇଦଉଚ ।

Digitized by srujanika@gmail.com

ପୁନି ତାର ସାଙ୍ଗେ ସାଙ୍ଗେ ଗଲା । କରପଟିଆ ଡାକ ନେଇ ମିସ୍ତ୍ରୀ କହିଲା—ରୁ ଘର ଭଲ ଟୋକାଟିଏ । ତୋ ମା ପରି ନୋହୁଁ ।

'ଆଉ କାହା ପରି ବାବୁ ?'

"ହୁଁ, ତୋ ନାଁଟି କଣ ?"

"ପୁନି ।"

"ବାଃ, ଖୁବ ଭଲ ନାଁଟିଏ ।" ମିସ୍ତ୍ରୀ ତାର ମୁଣ୍ଡରେ ହାତ ବୁଲେଇଲା । "ଘର ଭଲ ଟୋକାଟିଏ, ଖାଇବା ପିଇବା ବିନା ଶୁଖି ଯାଇଚୁ । ଦେହକୁ ଖଣ୍ଡେ ଭଲ ଲୁଗା ବି ନାହିଁ । ଆହା ! ମୁଁ ତ ସେଥିନୁଁ ଡାକୁଚି, ଏଠିକି ଆଇଲେ, କାମ କଲେ, ରୋଜଗାର କଲେ ପିନ୍ଧା ଭଲରେ ଚଳିବୁ; ନହେଲେ କେମିତି, ଏଁ ?"

ଆଉଁସି ପକାଉଚି; ଛୁଆଁ-ଅଛୁଆଁ ବାଛୁ ନାହିଁ । ଏଠି ତାର ଭିନେ ରୂପ । "ହଁ, ହେଇ ଦେଖିଲୁ—ଆଜିଠୁଁ ଏ ଟୋକେଇଟା ତୋର, ଏ ଗୁଣ୍ଡୁଣିଟା ତୋର । କାହାକୁ ଦବୁ ନାହିଁ କି ହଜେଇବୁ ନାହିଁ, ବୁଝିଲୁ ? ଯାହା ଦରକାର, ମତେ କହିବୁ—' ଲଜକୁଳା ମୁହଁଟିକି ଉପରକୁ ଟେକି ଧରୁଚି । "ମତେ କହିବୁ, ପଛେ କଥାଭଙ୍ଗା ହେବା ଯେ— ।"

ତେଣେ ମଣିଷଙ୍କ ଧୋ ଧା ଶୁଭୁଚି । ମିସ୍ତ୍ରୀ ଡାକୁଚି—"ଜଲ୍ଦି ବାହାର୍, କାମ କରି ଯିବୁ ।" କଣ କାମ, କୋଉଠିକି ଯିବ ? ଭିଡ଼ ଭିତରକୁ ମିସ୍ତ୍ରୀ ପଶିଯାଉଚି । ପଛରୁ ଡାକ ହସିଦେଇ ପୁନି ପଚାରିଲା—ଟିକିଏ ବତେଇ ଦିଅନ୍ତ ନାହିଁ ବାବୁ— ।

"ହଁ, ହଁ, ନୂଆ ମଣିଷ; ତାଲିମ୍ କର । ସବୁ ବତେଇ ଦେବ ଲୋକେ—" ପାଖ ଲୋକ ଥଟ୍ଟା କଲେ । ହସରେ ଉଡ଼େଇଲେ । ଜୁଳୁ ଜୁଳୁ କରି ଅନେଇଁ ଠିଆ ହୋଇଥିଲା ବେଳକୁ ମିସ୍ତ୍ରୀ ତୋଡ଼ କାଢ଼ୁଚି, "ହେଃ, କେତେବେଳ ହେଲାଣି ଦେଖୁଚୁ ନା; ବସି ଫଟେଇ ହଉଚୁ ? ଏଇମାନେ ତତେ ଘର ଚହ୍ନେଇ ଦେବେ । ଯା, କାମ କର ।" ହୋ କରି ଏକାଠି କେତେ ପାଟି । ପଦାକୁ ବାହାରି ଆସିଲା । ଟୋକେଇ ଧରି, ଗୁଣ୍ଡୁଣି ଧରି ସହରଯାକ ଲୋକ ବିଛେଇ ହୋଇ ପଡ଼ୁଚନ୍ତି । ଖରା ଫିଟୁ ଫିଟୁ ଖାଲି କାମ—କାମ ।

ଅ, ଆ ଆରମ୍ଭ ହୋଇଗଲା । ଏଇ ଟୋକେଇଟା, ଏଇ ଗୁଣ୍ଡୁଣିଟା ତା'ର । ଏହି ତା'ର ଜୀବନଯାତ୍ରାର ପ୍ରତୀକ । ଏହି ଲୋକେ ତା'ର କାମର ସାଙ୍ଗୀ । ନୂଆ ଅଭିଯାନ ମନ୍ଦ ଲାଗି ନାହିଁ । କୁତୂହଳ ବଢି ଚାଲିଚି ।

Digitized by srujanika@gmail.com

ତା ପରେ : 'ଆ ଲୋ ହୁଣ୍ଡୀ, ଦେଖୁଚୁ କ'ଣ ? ଜଲ୍‌ଦି ସାରିଲେ ଆଉ ଘର ଅଛି ପରା !'' ରଙ୍ଗ ଡାକୁଛି ଜଳି । ଧଡ୍‌କିନା ଟେଣ୍ଟ ପଛ କବାଟ ଖୋଲି-ଦେଲା । ଜାକୁଟି ହୋଇ ଦେହ ଶୀତେଇ ଶୀତେଇ, ପୁଣି ସେ ଅନ୍ଧାର ଖୋଲି ଭିତରକୁ ଅଣେଇଲା । ଦୁର୍ଗନ୍ଧ ହାବୁକା ମାରୁଛି, ମୁଣ୍ଡ ଭୁମିଯାଉଛି । ଶୋଇ ଶୋଇକା ଅପେକ୍ଷା କରୁଛି ତାକୁ ମେହେନ୍ତରଣୀର ନରଧଦନଅଁ ଜୀବନ । ସତେ ତ, ଏଇ ତ କାମ । କୁଆଡ଼େ ସେ ଆସିଛି ? କିଏ ତାକୁ ତଡ଼ିଆଣିଲା ? ସ୍ୱା ପରେ ? ଆଖି ବୁଜି ଚେତନା ହଜେଇ, ସେହି ନରକର ଖୋସରେ ସେ ଆପଣାକୁ ସମର୍ପି ଦେଲା । 'କଲେ, ଠିଆ ହେଇ ରହିଚୁ କ'ଣ ବା ?'' ଟେଣ୍ଟ, ରଙ୍ଗ କଣ ସବୁ କହୁଛନ୍ତି ? କଣ ସବୁ ଦିଶୁଛି ? କଣ ସବୁ ଶୁଭୁଛି ? ସାମ୍ନାରେ ସେହି ଅନ୍ଧାର, ଦୁର୍ଗନ୍ଧ । ଝାଙ୍କିପଡ଼ି ପୁଣି ଠିଆ ହୋଇଥାଏ ।

ଉପରୁ ନଳାବାଟେ କିଏ ପାଣି ଢାଳିଦେଲା । ଟେଣ୍ଟ ଡାକପକେଇଛି—"ସମ୍ଭାଳି—ସମ୍ଭାଳି—"

ଉବୁଟୁଦା ହୋଇ ନିଶ୍ୱାସ ବନ୍ଦ ହୋଇଯାଉଛି । ବଳ ସରିଗଲାଣି, ହାତ ଗୋଡ ଚଳୁ ନାହିଁ । ମୁହଁରେ ଲୁଗା ମାଡ଼ିଦେଇ ରଙ୍ଗ, ଟେଣ୍ଟ ହସୁଛନ୍ତି, ପୁନିର ଅବସ୍ଥା ଦେଖୁଛନ୍ତି । ଟେଣ୍ଟ କହିଲା—କଲେ, ଭେଟେଣା ହେଲୁ କଲେ ? ଆହା, ବିଚରା ଅଦନଅଁ କୁଣିଆଁ । କ ଦେରେ ଠିଆ ହେଇଚ ! ସତେ ମ—

ରଙ୍ଗ କହିଲା—କଲେ କେତେ ଦେଖୁଚୁ ମ ? ଗହ୍ଲିର ଭିତରେ ନଉ ଦେଖୁଥିବୁ; ଦେଖିବୁ ରହ ବର୍ଷାଦିନେ । ମାଲେ, ଏତେ ଛୁଆଛୁକର, ଆଇଲୁ କାହିଁକି ?

ପିଠିଆଡୁ ଟେଣ୍ଟ ପେଲିଦେଲା । ଦହେଁ କହିଲେ—ଯା, ଜଲ୍‌ଦି ସାର୍—

ନାକ କାନ ବୁଜି, ମୁହଁ ଫଟେଇ ଦେଇ ପୁନି ମଇଳା ବାଲଟି ଟାଣି ଆଣିଲା । ଟାଉ ଟାଉ କରି ରଙ୍ଗ ଆଉ ଟେଣ୍ଟ ତାକୁ ପୁନିର ବାଲ୍‌ଟିରେ ଅଜାଡ଼ି ପକେଇଲେ । ପୁନିକୁ ପାଟିକଲେ—ବଢ଼ିଣା ମାର୍ ଜଲ୍‌ଦି ଜଲ୍‌ଦି ।

"ହଁ, ଦେ ଉଠା ଝଅଟି । ସେମିତ କ'ଣ ହଉଚୁ ମ ! ଅଭ୍ୟାସ କରିବୁ ପଛେ । ଗୁଲ୍ । ଆଲେ, ପିଲ କ'ଣ ମଇଳା କରନ୍ତି ନାହିଁ ? ସେମିତ ଭାବ୍ । ନୂଆ ନୂଆ ସବୁ ଅଡ଼ୁଆ ଲାଗେ । ଆଜି ଦିନକ ତ—"

ଠେଲପେଲ ହୋଇ ତଣ୍ଟିଯାକେ ବାନ୍ତି ଉଠିଆସୁଛି । ଦାବି ରଖୁଛି ଜୋର୍ କରି । ମଇଳା ଟୋକେଇ କାଖରେ ବୋହି ପିଠି ଆଡ଼କୁ କରି ମୁଣ୍ଡ ପୋତି ପୁନି ଚାଲିଲା । ଭାବୁଥାଏ, ଏ କ'ଣ ହେଲା ? କାହିଁକି ସେ ଉଚ୍ଛନ୍ନ ହୋଇ ଘରୁ ପଳେଇ

Digitized by srujanika@gmail.com

ଆସିଥିଲ ? ଏତେ ବଡ଼ ଦୁନିଆରେ ଆଉ କ'ଣ କିଛି କାମ ନାହିଁ ପେଟ ପୋଷିବାକୁ ? କଣ ସେ—କ'ଣ ବୋହୁଛି—ଯାଉଛି କୁଆଡ଼େ ? ସ୍ୱା' ପଣିଯାଇ-ଥାଏ । ଆପଣା ପିଣ୍ଡ ଉପରେ ଧିକ୍କାର ଆସୁଥାଏ । ଟୋକେଇ କାଖେଇ, ମୁଣ୍ଡରୁ ପୋଡ ପେଟକୁ ଗଣ୍ଡିଏ ରୋଜଗାର କରିବ । ଏଇ ଦଇବର ଭିଆଣ ତା ପାଇଁ ।

ଭାବ ହେଉ ନ ଥାଏ । ଗୋଟାଏ ଦୁଃସ୍ୱପ୍ନ ଭିତରେ ବାଟ ଗ୍ଭଲୁଛି ଆଖି ବୁଜି ।

"ଇଲେ, ଇଲେ—"ରଙ୍ଗ ପାଟିକଲା । "ଯାଉଛି, ଯାଉଛି । ଥୋଇ ଦେ ପୁନି, ଥୋଇ ଦେ— ।" ଅତର୍କ୍ଟରେ ଟୋକେଇଟା ଥୋଇ ଦେଉ ଦେଉ ଛଇଆଡ଼ି ହୋଇ ମଇଳାଗୁଡ଼ାଏ ତଳେ ପଡ଼ିଗଲା । "ମଲା ମ ଅଲଣ୍ଡିଟା, ଭଲ କରି ବାଲି ବଛେଇ ନ ଥିଲୁ କି ଲୋ ?"

ଅଟେ ଦେଖିଦେଇ ପୁନି କହିଲା—ଇସି—

"ଇସି କ'ଣ ଲୋ ପିଠିଯାକ ତ ବାଲୁ ବାଲୁ କଲୁଣି—ହଉ, ହଠା—"

ନାକରେ ଲୁଗା ମାଡ଼ି, ଛେପ ପକେଇ ପକେଇ, ବାଟୋଇ ପାଟି କରୁଛନ୍ତି—ଏହେ—ଜଲ୍‌ଦି, ଜଲ୍‌ଦି । ଗୃରିଆଡ଼ୁ ପାଟି—ଜଲ୍‌ଦି—ଜଲ୍‌ଦି— ।

ତର ତର ହେଉ ହେଉ ହାତ ଅସନା ହୋଇଗଲା । ହାତକୁ ତଳେ ଘଷି ଘଷି, ବିକଳ ହୋଇ ପୁନି ରଙ୍ଗ ମୁହଁକୁ ଟଗ୍ଭ ମୁହଁକୁ ଅନେଇଲା । ଭରସା ନାହିଁ, ସହାନୁଭୂତ ନାହିଁ । ସେମାନେ ଖାଲି ହସୁଛନ୍ତି ।

"କଲୋ, ସେମିତ କାହିଁକି ହଉଚୁ ବା ! ଏମିତ ହେଲେ ରୁ କାମ କରିବୁ ?"

'ଗନ୍ଧ—'

ଟଗ୍ଭ, ରଙ୍ଗ ହସି ହସି ଗଡ଼ିଗଲେ । "ଶୁଣ ତା କଥାକୁ, ନୂଆ କଥା କହୁଚ—ଗନ୍ଧ !" ଟଗ୍ଭ ପିଙ୍କା ଯାଚିଲା—"ନେ ପିଙ୍କା ଟେଣ୍ଡେ । ଲଗା, ଗନ୍ଧ ମରିଯିବ ।"

'ମୁଁ ପିଙ୍କା ଟାଣେ ନାହିଁ ।'

"ନ ହେଲେ ଆଜକ ଟାଣ୍ ବା, କେତେ ଗ୍ଲେପର ହଉଚୁ ଲୋ ପୁନି !'

"କେବେ ତ କାମ କରି ନ ଥିଲୁ, ପିଙ୍କାର ମର୍ଯ୍ୟାଦା ଜାଣିବୁ କୋଉଠୁ ?" ରଙ୍ଗ କହିଲା—ପିଙ୍କା ଟାଣିବୁ, ମଦ ପିଇବୁ, କାମ କରିବୁ,

Digitized by srujanika@gmail.com

ପଇସା ରୋଜଗାର କରିବୁ । ନଇଲେ ଆଉ କି ଗତି ଅଛି ଆମର ? ଟୋକି କହିଲା—ଆଉ କିଛି ନାହିଁ । ଏଇ ଆମର କୁଳ-ବେଉସା, ଏଇଠି ଛୁଆଁ ତା ଲାଗେ ନାହିଁ । ଆଉ ଯୋଉଠିକି ଗଲେ ପାଟି କରୁଥିବେ—ଛୁଇଁ ଦେଲା, ଛୁଇଁ ଦେଲା । ଆଲୋ ଟାଣ୍ ବା !

ଅତି ଆଗ୍ରହରେ ଚଁ ଚଁ କରି ରଙ୍ଗ ଆଉ ଟୋକି ଆପଣା ଆପଣା ପିଙ୍କା ଶୋଷୁଛନ୍ତି । ଉଷୁମିଳଆ ଘୁଅ ଗନ୍ଧ ଉପରେ ନେଳିଆ କଡ଼ା ଧୂଆଁ ପଜ ଧୂଆଁର ଗୁଳ ପୋଡ଼ିଲା ଗନ୍ଧ ପରି ଗନ୍ଧ । ଆପତ୍ତି ନ କରି ପୁନି ପିଙ୍କା ମୁହଁରେ ଦେଲା । ଆଜି ସବୁ ଅପ୍ରାକୃତ, ସବୁ ନୂଆ ଆଜିଠୋଉଁ ।

‘‘ଜଲ୍ଦି ଆ ମ, କେତେ ମଠ କରୁଛୁ ! ଆଜି କେତେ ଘରେ କେତେ ଯେ ଗାଳି, ଦେଖିବୁ ନାହିଁ, ଆପେ ଶୁଣିବୁ ଯେ ! ଆଇଲୁ ଧଅସି—’’

‘‘ଆଲୋ ଚଞ୍ଚଳ ଚାଲ୍ । ସାଇକେଲ ଚଢ଼ି ମିସ୍ତ୍ରୀ ଆସୁଚି କାମ ତନଖିବାକୁ ।’’ ସେମିତି ଠାଆକୁ ଠାଆ । ଅଧବାଟରେ ରଙ୍ଗ ବାଟଭାଙ୍ଗି ଗଲା । କହି ଦେଇଗଲା—ଅମଣିଆ ବଳଦ, ଭଲ କରି କାମ କରିବୁ, ନଇଲେ ଶୋଧା ଖାଇବୁ ଜାଣି ଥା । ଟୋକି ହସି ହସି ଗଡ଼ିଗଲା । କହିଲା—କୁଆଡ଼େ ସେ ଗଲା ଜାଣିଛୁ ? ପୁନି ପଚାରିଲା—କୁଆଡ଼େ ? ‘‘ଥାଉ, ଥାଉ, ପଛେ ବୁଝିବୁ; ରୁଟା ପିଲାଲୋକ ।’’ କୁଆଡ଼େ ଗଲା, ଜାଣିବାକୁ ପୁନିର ଉତ୍ସାହ ନାହିଁ । ଯୁଆଡ଼େ ଯାଉ ପଛେ ।

ମଇଳାଗାଡ଼ି ଥୁଆ ହୋଇଛି । ସନିଆଁ ବସି ଗୋଡ଼କୁ ଗ୍ରୁଟୁଛି, ପିଠି ମାରୁଛି । ‘‘କଲେ, ତୁ ବାହାରି ପଡ଼ିଲୁ କି ? ହଉ, ଭଲ କଲୁ । ଏଣିକି ରୋଜଗାର କରିବୁ । ପକା ଏଥିରେ । କାମ କେମିତି ମଜା ! ଘରେ ବସୁଥିଲୁ କାହିଁକି ?’’ ଆପେ ତା’ର ଟୋକେଇ ଟେକି ଅଜାଡ଼ି ନେଇ କହିଲା—ଯା ଏଥର । ଗାଡ଼ି ଅଡ଼େଇ ସନିଆ ଚାଲିଗଲା । ଏମିତି ହୁଣ୍ଡାଟା ସେ, ତୁଣ୍ଡରେ ପଦେ ହସ ବି ନାହିଁ ? ଝକଲପଣିଆ ଆଖି ବାଟେ ଠେଲି ହୋଇ ପଦାକୁ ବାହାରିବାକୁ ଚେଷ୍ଟା କରୁଥାଏ । ପୁନି ଦେଖିଲା, ଗାଡ଼ି ଅଡ଼େଇ ଅଡ଼େଇ ସନିଆ ଦୂରରେ ଚାଲିଯାଉଛି । ଆପଣା ରାଗରେ ଆପେ ପୋଡ଼ିଜଳି ହୋଇ ପୁନି କାମରେ ବୁଡ଼ିଲା ।

ବାରମ୍ବାର ବାରମ୍ବାର । ସେହି ଗନ୍ଧିଆ ନରକର ଅନ୍ଧାର ଭିତରେ ତାକୁ ବୁଡ଼ି ବୁଡ଼ି ଉଠିବାକୁ ହେବ । ଟୋକେଇ ଭର୍ତ୍ତି ହେଉଥିବ ବାରମ୍ବାର । ବାରମ୍ବାର କାହା ମଇଳାଗାଡ଼ିରେ ଅଜାଡ଼ି ହେଉଥିବ । ମୁହଁ, ହାତ, ଦେହ, ସେ ବି ଘୁଅ; ସେ ବି ଅସନା । ଜଗତଟା ଏମିତି । ଗୋଟାସୁଦ୍ଧା । ସାଇତା

Digitized by srujanika@gmail.com

ହୋଇ ବଢ଼ିଥିବା ଚଉଦ ବର୍ଷର ଧାରଣା ବିଶ୍ୱାସ, କାହିଁ କେଉଁ ନରକରେ ଝଡ଼ି ପଡ଼ଲଣି ସବୁ । ମନ ଭିତରକୁ ମୁରୁଗ୍ରି ଚହଟି ଯାଉଛି ।

ଶାସ୍ତ୍ର କହେ—ଦେହ ଗୋଟାଏ ମନ୍ଦିର ।

ପୁନର ମନ୍ଦିରରେ ଦେବତା ନାହିଁ । ସେ ଅଛୁବ ।

ଦ ଥର ବାନ୍ତ କଲଣି । ଦେହ ଦୁର୍ବଳ ।

ସଦାବନ୍ତି'ଆ ପାଇଖାନା ପାଖେ ଖୁଣ୍ଟକୁ ଆଉଜ ଠିଆ ହୋଇଛି କରୁଣ ହୋଇ । ଗୁରଆଡ଼େ ଦଶୁଛି ନାନା ବର୍ଣ୍ଣର ନରକର ରଙ୍ଗ, ତାର ବିବରଣ । ନାଳିଆର କଳା ପାଣି, ଅସନା ପଙ୍କକୁ ଟିଣ ଟିଣ କର ଉଠେଇ ନେଇ ମେହେନ୍ତରମାନେ ଗାଡ଼ିରେ ଡାଳୁଛନ୍ତି । ସେ ଆଉ ପାରୁ ନାହିଁ । ଆଖି ଆଗରେ ଚକ ଭ୍ରମୁଛି ।

ପଛରୁ କଏ ରଡ଼ୁଛି, "କ ବେ ଟୋକା, କେତେବେଳଯାକେ ମତେ ଏଠି ଅଟକେଇ ରଖିଥିବୁ ? ଯିବ, ଦେଖିବୁ ଅଇଗ୍ଲୁ ?" ମେହେନ୍ତର ପାଟି କରୁଛି । ମଦ ପିଇଛି, ଆଖି ନାଲିଆ ଦଶୁଛି । ରାସ୍ତାରେ ଲୋକ ଗ୍ଲୁଲିଛନ୍ତି, ଘୃଣାରେ ମୁହଁ ବୁଲେଇ ନେଉଛନ୍ତି । ଛେପ ପକେଇ ପକେଇ ଧୋବ ଧାଉଳିଆ ହୋଇ ଗ୍ଲୁଲିଛନ୍ତି ଚଳନ୍ତି ପାଇଖାନା ।

"ଶୁଭୁଚ ଟୋକା ? ଯାଉଚ ରଇଥା—"

ସେ ପାଖେ ଟଭି ଯାଉଛି । ଆତଙ୍କରେ ପୁନ ଡାକିଲା—ଟଭି, ଟଭି— !

"ହଁ, ଟଭି ଟଭି—" ମେହେନ୍ତର ଖତେଇ ହେଉଚ । ଟଭି ଆସିଲା । ଭିତରେ ପଶିଲାବେଳକୁ ପଳେ ଘୁଷୁରି । ବିରକ୍ତ ହୋଇ ଘୁଷୁରି ବାହାର ଗ୍ଲୁଲିଗଲେ । ଟଭିର ହାତ କେମିତି କଲା ପର ! "ଦେ ଧର୍—" ଟଭି କହିଲା । "ସେମିତି ହ'ନା । ସବୁଦନେ ନ ହେଲେ ତୋ କାମ କରବ କଏ, କହିଲୁ ? ମେହେନ୍ତାଣୀ ଝିଅ, ଏମିତି ବାରନ୍ତ ନା !" ଧ ଖଣ୍ଡ ଛେଲୁଆରେ ଧସ୍ତାଧର, ଡଙ୍ଗା ତନ୍ତି । ପୁନ ମୁହଁରେ କଥା ନାହିଁ । "କରେ ଖେଙ୍କା ମାଙ୍କଡ଼, ନୂଆ ମଣିଷ ଦେଖି ଡରୁଛୁ କି ଉଠୁ କାହିଁକ ?" ମେହେନ୍ତର ଗାଡ଼ି ନେଇଗ୍ଲୁଲିଗଲା ।

ପୁଣି ପାଇଖାନା, ପୁଣି କାମ । ଖରା କେତେ ଉଞ୍ଚକୁ ଉଠିଲଣି । ଛାତିରେ ପ୍ରାଣ ଧକ ଧକ । ଟୋକେଇ କାଖେଇ ଟଭି ପଛେ ପଛେ ପୁନ ଗ୍ଲୁଲିଥାଏ । "ହେଇ ଲେ, ଏଇ ତୋ ଶେଷ ଘର । ଆ ଯିବା ଆ ।"

ଅବିନାଶବାବୁଙ୍କ ବଡ଼ କୋଠାର ବାଉଦୁଆର ଅପେକ୍ଷା କର ରହିଛି ତାକୁ ନିମନ୍ତ୍ରଣ କରିବାକୁ ।

□ □

Digitized by srujanika@gmail.com

ତେର

ଗ୍ରାମୋଫୋନ୍ ରେକର୍ଡ଼ରେ ସାନାଇର ଆଳାପ ବାଜୁଛି । ଧ୍ୱନିର ପୃଷ୍ଠପଟ ଗଢ଼ିଦେଇ ମାନମୟୀ ଠିଆହୋଇ ରହିଛି ଗୋଟିଏ ଭଙ୍ଗୀରେ । ଅଧା ଅଜାଣତାରେ ସାମ୍ନା କାନ୍ଥର ବଡ଼ ଦର୍ପଣରେ ଫୁଟି ଉଠିଥିବା ଆପଣାର ଛବିକୁ ଗୁହିଁ ଦେଉଛି । ମୁହଁରେ, ଆଖିରେ ବିଭିନ୍ନ ଭାବର ଭଙ୍ଗୀ ଦେଖାଇ, ଦେଖୁଛି ତାର ପ୍ରତିଫଳ ।

ରଙ୍ଗ କାଚ, କାରୁକାର୍ଯ୍ୟ, ରଙ୍ଗିଣୀ ପର୍ଦ୍ଦାରେ ନିବୁଜା ପିଣ୍ଡା-କୋଠରି । ନକଲି ଶଙ୍ଖମଲମଲ ପଥରର ଖଣ୍ଡ ଖଣ୍ଡ କାନ୍ଥ ଚିକ୍ ହୋଇଛି । ଛବି ଭିତରେ ଛବି । ଖୋଲେଇ ଡଲେଇ ହୋଇ ଗଢ଼ା ହୋଇଥିବା କମକୁଟମୟ 'ଫର୍ଣ୍ଣିଚର୍' ଉପରେ କେଉଁଠି ନକଲି ତାଜମହଲ୍, କେଉଁଠି କାଠ ପଥରର ଚଢ଼େଇ, ଜନ୍ତୁ ଉଦ୍ଭିଦ । ଫୁଲଗଛ ପ୍ରଚୁର । ଚିନାମାଟିର ସୁନ୍ଦର କୁଣ୍ଡରୁ ହଳଦିଆ ମରଶାଲ୍ ଗୋଲାପର ଲତା ବାହାରି ନର୍ତ୍ତକୀ ଢଳିପଡ଼ୁଛି ଟେଲେଣା ମନ୍ଦିର ଉପରେ । ମଝିର ବଡ଼ କୁଣ୍ଡରୁ ଫଲନେରନ୍ ଗୋଲାପ ଥୋଡ଼ ଟେକ ବଡ଼ ଫୁଲ ଧରିଛି । ଫୁଲ, ଗଛ ଶୋଭା । କଳ୍ପନାର କୁଞ୍ଜ ସତ ହୋଇଛି ।

ରାସ୍ତା କରର କେଉଁ ଅଜାଗା ଚିତ୍ରକରର ଖିଆଲ୍—କ୍ୟାଲେଣ୍ଡରର ଛବି—ପ୍ରସାଧନର ବିଜ୍ଞାପନ—କେଶବର୍ଦ୍ଧକ ତେଲର ।

କିନ୍ତୁ ମାନମୟୀ ପକ୍ଷରେ ଏ ସବୁ ସତ । ସାଜସଜ୍ଜା ଭଲ ଲାଗେ । ଆରାମ୍ ଭଲଲାଗେ । ଏହି ସୁନ୍ଦର ପଟ୍ଟଭୂମିରେ ନିଜକୁ ନାୟିକା କରି, ଉଙ୍କି ମାରି ମାରି ଖେଳ ଖେଳିବାକୁ ସେ ମନେକରେ ତାର କର୍ତ୍ତବ୍ୟ ।

କାଳର ଅନୁଭୂତ ପାସୋରି ହେଉ ନାହିଁ । ପ୍ରତିଦାନ ପାଇବା ଯଦି ପୂର୍ଣ୍ଣତା ହୁଏ, ତେବେ ତା'ର ହୃଦୟ ପରିପୂର୍ଣ୍ଣ ।

ସୁର ଆସିଥିଲା ।

ପୁଣି ଆସିବ ।

ଆଜି ତାର କି ନିର୍ଘଣ୍ଟ ? ଭାବିଲେ ଗ୍ରନ୍ଥି ଥରେ । କଳ୍ପନାରେ କଳ୍ପନାରେ ଦେହଟା ଅଳସ ହୋଇ ଢଳିପଡ଼ିବାକୁ ଖୋଜେ । ଇଚ୍ଛା ହୁଏ ଦିନ ଆଉ ବଢ଼ନ୍ତା ନାହିଁ, ସମୟର ଗତି ଅଟଳ ହୋଇ ରହିଥାନ୍ତା ଖାଲି ତାରି ପାଇଁ ।

ସେ ପାଖେ କଥାଭାଷା ଶୁଭୁଛି, ଅଘୋରବାବୁ ଓ ତାଙ୍କ ବୋଉଙ୍କର ।

Digitized by srujanika@gmail.com

'କୋଉଠୁ ଚିଠି ଆସିଛି ମ ଅଘୋର, ବାପା ଲେଖିଛନ୍ତି କି ?'

'ହଁ ।'

'କଣ ଲେଖିଛନ୍ତି, ଆଣିଲୁ !'

'ମାନର ବାହାଘର କଥା । ହେଇ ପଢ଼ନ୍ତୁ !'

ଯାନାଇଁ ବନ୍ଦ ହେଲାଣି । ଗ୍ରନ୍ଥ ଭିତର ସ୍ପର୍ଶ କଲାଣି । ଉପନ୍ୟାସର ନାୟିକା କଣ କରେ ଏତେବେଳେ ? ସେ କଣ କାନ୍ଦେ ? ମୂର୍ଚ୍ଛା ଯାଏ । ହାତରେ ତା'ର ପୁସି ବିଲେଇର ଫୁଲୁକା ମୁହଁଟି । ସରୁ ହୋଇ ଦୃଷ୍ଟି ଲାଗିରହିଛି ଗୋଟାଏ ବିନ୍ଦୁରେ । ବିଲେଇର ନାଲି ନାକଟି । "ହେ ପୁସି, ଦେଖ, ରଙ୍ଗଗୁଡ଼ାକ ବାଲି ବାଲି ହେଇଯିବ ଯେ ! ଦେଖ, ଅତର ଛୁଇଁଦିଏଁ । ଆଃ—ଓଲଟା—"

ବୋଉ ହସିଦେଉଛି । "ସତେ, ବାହାଘର କଥା ଲେଖିଛନ୍ତି ? ଝିଅ ବାହାଘର କଥା ଭାବି ଭାବି ସ୍ୱପ୍ନରେ ନିଦ ହଉ ନ ଥିବ ପରା ! ସବୁ ଚିଠିରେ ଗୋଟାଏ ଲେଖାଁ ନୂଆ ନୂଆ ପାତ୍ର । ଏ ଥର କିଏ ରେ ?"

"ଖୁବ୍ ଯୋଗ୍ୟ ପିଲା । ଘର ନାଁ ଡାକ୍ ଥିଲା, ଟିକିଏ ବସିଯାଇଛି ଯାହା, ସେ କିଛି ନୁହେଁ । ଆଜିକାଲି ଏପରି ସଚ୍ଚରିତ୍ର ପିଲା ଖୁବ୍ କମ୍ ପାଇବ । ଖୁବ୍ ଉଚ୍ଚଶିକ୍ଷିତ, ନୂଆ ସ୍ୱିକଣରେ ପଣ୍ଡିତ—"

"ତୁ କଣ କହୁଚୁ ମ ! ବୋଉ ରହସ୍ୟ କରୁଛି । କୋଉ ଚିଠିଟା ପଢ଼ୁଚୁରେ, ଏ ଥରଟା ନା ଗଲା ଥରଟା, ହଇ ରେ ! ସ୍ୱିକାର କରେ, କ'ଣ ଲାଟ୍‌ସାହେବ ହେଇଚ କରେ ଅଘୋର୍ ?—"

ତା'ର ବାହାଘର କଥା ପଡ଼ୁଛି । ବୋଉ ହସରେ ଉଡ଼ାଉଛି । ସାନ୍ତ୍ୱନା ସେଇକି । ଏମିତି ଦିନେ ରହସ୍ୟଟା ସତ ପାଲଟିଯିବ । ଜଣେ ଆସି ପହଞ୍ଚିବ; ଧରି ନେବାକୁ କେଉଁ ଅଜଣା ଜୀବନକୁ । କାହିଁକି ଏ ନିଷ୍ଠୁରତା ? ବାହା କରି ଡଙ୍ଗି ନ ଦେବା ଯାକେ କ'ଣ ମଣିଷର ମନ ଶାନ୍ତ ହୁଏ ନାହିଁ ? ବିଶ୍ୱାସର—ସେ ଗୋଟାଏ ପ୍ରୂଣ୍ଟିଚ୍ଛେଦ । କିଏ ଖୋଜୁଛି ? କିଏ ମାରୁଛି ? କାହିଁକି ଏ ଯାତନା ?

"ଲାଟ୍ ସାହେବ ହେଲେ ବି ତୋ ଝିଅ ନାଖି ହେବ ନାହିଁ ବୋଉ ! କମ୍ ପାତ୍ର ତ ହାତରୁ ଯାଉନାହାନ୍ତି !"

"ହଁ ରେ ହଁ । ତୋଠୁଁ ଭାଗ ନେବ ନାହିଁ ମ, ତୁ ଏତେ ଭାବୁଛୁ କାହିଁକି ? ପିଲାଛୁଆ ହେବେ, ତେବେ ବୁଝିବୁ ବୋଉର ମନ କଣ—" କେମିତି କଥଁ ଲେଇ

Digitized by srujanika@gmail.com

ହୋଇ ସ୍ୱର ହୋଇଯାଉଛି ବୋଉର ସ୍ୱର । ଏଥର ସେ ନାକ ପୋଛୁଥିବ ।
"ଦେଲୁ, ଚଠିଟା ଦେଲୁ ।"

ଦୀର୍ଘଶ୍ୱାସ ।

"ହେ ପୁସି, ଛୁଙ୍କ୍ ନା, ଛୁଙ୍କ୍ ନା—ଧେତ୍ । ଢାଳିଦେଲୁ ଅଚାରଗୁଡ଼ାକ ? ତତେ ଆଉ ଧରିବ ନାହିଁ; ତୁ ଭାରି ଦୁଷ୍ଟ ।"

ହଂସପର ପଦ୍ମିନି ଗୁଲିଗଲ । ଡାଳି ମାରି କହିଲ—ଆରେ ଚଠି ଆସିଲଣି କି ? କାହାର ଚଠି ? ବାପା ଲେଖିଛନ୍ତି ? ଦେଖେଁ, ଦେଖେଁ । ତରତର କରି ଓଲଟେଇଗଲ । "ହେଇ ତ ଲେଖିଛନ୍ତି; କ'ଣ ଜମି କଣା ହେବ ଯେ, ସେ ବୈଶାଖ ବୁଝିବାକୁ ଆସିବେ ।"

ବୋଉ କହିଲେ—"ହଁ, ହଁ; ଏଇ ମେହେନ୍ତ୍ରର ସାହି କଣିବା ବୈଶାଖରେ ପତ୍ର ! ସତେ ତ, ମନେ ନ ଥିଲା । ଗଲୁ ନାହିଁ ଅଘୋର, ବୁଝି ଆସିଥାନ୍ତୁ । ତୁଟା ଭାରି ଅଳସୁଆ—"

"ହେଇ ପତ୍ର, ଦେଖୁନୁ ବୋଉ—ବାପା ଚଡ଼ିକରି ଲେଖିଛନ୍ତି—ହେଇ ଦେଖ୍ । ମୁଁ ଏଠି ବସି ଧନ୍ଦ ହେଉଥିବ, ଦ ସ୍ତ୍ରୀ ଜଣ ଲୋକଙ୍କ ପାଖକୁ ଯା ଥାଏ କରି ମଙ୍ଗେଇ ପାରୁନା ତୁମେ ଯେ, ମୁଁ ନ ଗଲେ ନ ଚଳେ—"

ହାତରୁ ଚଠି ଝାମ୍ପି ନେଇ ଅଘୋରବାବୁ କହିଲେ—ଖୁବ୍ ମାମ୍ଲତ୍ ହୋଇଗଲ; ଥାଉ, ଥାଉ—ବୋଉ କହିଲେ—ଠିକ୍ ତ ଲେଖିଛନ୍ତି । କଣ ମିଛ କଥା ? ଅଧେ ସୁବିଧା କରିଦେଇ ଗଲେ । ଦ ସ୍ତ୍ରୀ ଥର ଯାଇ ପକ୍କା କରିଦେଇ ପାରୁନୁ ? କଥାଟା ମାଣ୍ଡୋଉଚ ସିନା ! ଅନ୍ୟ ଲୋକ କଣ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁ ନ ଥିବେ ? ଏତେକରି ଆଗରୁ ପଇସା ଖର୍ଚ୍ଚ କରି ଯଦି ହାତରୁ ଖସିଯିବ, କେମିତି ଦୁଃଖ ହେବ କହିଲୁ ଦେଖି !

'ହଁ, ତା ନୁହେଁ କଣ ।' ମାନମୟୀ ଯୋଡ଼ି ଦେଲ । ଉତ୍ସାହିତ ହୋଇ ବୋଉ ଉପଦେଶ ବାଢ଼ିଦେଲେ—"ପୁରୁଷର ପ୍ରଧାନ ଗୁଣ ଉଦ୍ୟୋଗ । ଘରେ ବସିଲେ, ବସି ଖାଇଲେ ନଈବାଲି ସରେ—।"

"ଓଃ, ପାରିହେବ ନାହିଁ । ବାହାରିଲ ହିତୋପଦେଶ । କାହିଁ, କଣ ତମର ଟଙ୍କାଗୁଡ଼ାକ ଝଲ ଝଲ ହେଉଚ, ବାକ୍ସରେ ରଖିହେଉ ନାହିଁ ? ହାଡ଼ିସାହି ଗୋଟାକ କିଣି କଣ ହେବ ? ସେମାନେ କଣ ଉଠିଯିବେ ନା ଖଜଣା ଦେବେ ଯେ, ଏତେ ତରତର ! ତମର ହୋଇ ନାଁ'କୁ ରହିଥିବ ସାହିଟା, ସେମାନେ ଯେମିତି ଅଛନ୍ତି, ସେମିତି ରହିଥିବେ ।" ଅଘୋରବାବୁ କହିଲେ ।

Digitized by srujanika@gmail.com

"କଦାପି ନୁହେଁ ।"

"ନୁହେଁ ତ ଯା ଶୀଘ୍ର୍, ମତେ ବିରକ୍ତ କର ନାହିଁ ।" ତାର ଚଟି ତାଡ଼ାଟା ଧରି ଖାଇ ଦୂରକୁ ଘୁଞ୍ଚିଗଲେ । ବୋଉ କହିଲେ – କାମ କଥା କହିଲେ ତୁ ଏମିତି ଚିଡ଼ୁ କାହିଁକି ବାବୁ ? –

"ହେଇ, ନିମନ୍ତ୍ରଣ—ନିମନ୍ତ୍ରଣ –" ମାନମୟୀ ଆବିଷ୍କାର କଲା । ନିରୁପମା ବାହା ହଉଚି ବୋଉ ! ଆରେ, କେଡ଼େ ଚଞ୍ଚଳ ! ଯା, ନିରୁପମା ବାହାଘର ଠିକଣା ହୋଇଗଲା ।"

ଉତ୍ସୁକ ହୋଇ ମୁହଁ ଟେକି ଅଘୋର ଚାହିଁରହିଛୁ । "ଦେଖିଲୁ ତ ବୋଉ ! ବୋହୂକରି ଆଣିଥିଲେ କଣ ତୋର ଖରାପ ହୋଇଥାନ୍ତା ? ଏତେ ଥର ଦୌଡ଼ିଲେ, କଣ ସବୁଦିନେ ବସି ରହିଥାନ୍ତେ ? ଆଜ ଯିବା ତାଙ୍କ ଘରକୁ ଚୁଲ । ବୋଉ, କଣ କହୁଚୁ ? ଭାଇ, ଯିବା ନା ?—"

"ଗଲ ତୁମେ ସବୁ ଏଠୁ, ମୁଁ କାମ କରେ –"

ବୋଉ କହିଲେ – ଆରେ, ସେହି ଜମି କଣା କଥାଟା ଯା ଆଜ ବୁଝି ଆ, ନ ହେଲେ ସେ ଆସିଲେ ଚିଡ଼ିବେ –

ନ ଶୁଣିଲାପରି ଅଘୋରବାବୁ ବସି ଲେଖି ଲାଗିଲେ । ମା, ଝିଅ ଦୁହେଁ ଚାଲିଗଲେ । ତା'ପରେ ଉଦାସ, କ୍ଳାନ୍ତ ଦୃଷ୍ଟି ଟେକି ଆଉଜି ବସି ରହିଲେ । ସିଗାରେଟ୍ ପରେ ସିଗାରେଟ୍ ଶେଷ ହେଉଛି । ଅଳସ ଜୀବନ ଭିତରେ ଫୂର୍ତ୍ତି ନାହିଁ । ନିତି ଯେତେ ଖବରହେଲେ ଗୁରୁଆଡ଼େ ନିର୍ଘଣ୍ଟର ବନ୍ଧନ । ନିରୁପମା ବାହା ହେଉଛି । ଆଜ ଲାଗୁଛି, ନିରୁପମା ସେତେ ଅଗୁଣର ନ ଥିଲା ପରା ! ମନଟା ନରମେଇ ଆସୁଛି ବୃଥାରେ । କଅଁଳ ଲାଗୁଛି । ମନେ ମନେ ଗୋଟାଏ ସମସ୍ୟା ଆସି ଅଡ଼ୁଆ ଲଗାଉଛି । କଣ ଗୋଟାଏ ଅଜଣା ଦୁଃଖ ।

ଖତେଇ ହେଲାପରି କାନ୍ଥରୁ ଦିଶୁଛି ସମୟର ମୁହଁ । ଟିକ୍ ଟିକ୍ ହୋଇ କଣ୍ଟା ଚାଲିଛି । କାମ ନାହିଁ, ପ୍ରେରଣା ନାହିଁ । ସିଗାରେଟ୍ ଧୂଆଁ ଭିତରେ ପାସୋରି ସ୍ମୃତି ଆସି ଝାଇ ଦେଖାଉଛି । ତାହା ଛଡ଼ା ଆପଣାର ପରିବେଷ୍ଟନୀରେ କିଛି ସ୍ପନ୍ଦନ ନାହିଁ । ସବୁ ଫମ୍ପା, ମାନ୍ଦା, ମୁଣ୍ଡା ସୁନା । ଶାନ୍ତି ନାହିଁ ।

□ □

Digitized by srujanika@gmail.com

ଚଉଦ

ଗାଧୋଇବା ବେଳ ଗଡ଼ି ଯାଉଥାଏ । ମେହେନ୍ତରର ସାହର ଟୁବି ଗାଡ଼ିଆକୁ ଗାଧୋଇବାକୁ କେତେ ଲୋକ ଆସିଲେଣି, କେତେ ଲୋକ ଗଲେଣି । ପୁନ ବସିଛି ତ ବସିଛି । ଗାଧୁଆ ସରୁ ନାହିଁ ।

ଯାଙ୍ଗର କେତେ ଲୋକ ଡାକଦେଇ ଯାଆନ୍ତି – କଲେ ପୁନ, ଉଠିବୁ ନାହିଁ କଲେ ? ହୋଷ୍ ନାହିଁ ।

ଗାଧୁଆ ସରିଲେ ରନ୍ଧାବଢ଼ା, ଖିଆପିଆ । ଧନଯାକର କାମ ଅପେକ୍ଷା କରି ବସିଛି । ପଡ଼ିଥାଉ ସେ । ପୁନର ଆଉ ଖିଆପିଆରେ ମନ ନାହିଁ । କେଉଁଥିରେ ମନ ନାହିଁ, କେଉଁଥିରେ ସରାଗ ନାହିଁ । ଜୀବନର ସରସପଣ ଉପରେ କିଏ ନରକର କଳା ପାଣି ବୋଳିଦେଇ ଯାଇଛି । ଭାବିଲେଣିର ଅନ୍ତ ନାହିଁ । ଯେତେ ଭାବିଲେ ଯେଉଁଠି ସେଇଠି ।

ଘଷି ଘଷି, ଧୋଇ ଧୋଇ ଦେହ ଶେଥା ପଡ଼ିଗଲାଣି । କାଚ କାଚ ଲୁଗାରୁ ଦାଗ ଯାଇଛି, ମନର ଦାଗ ମେଣ୍ଟି ନାହିଁ । ଆହୁରି – ଆହୁରି ।

ସମସ୍ତେ ଯାଇ ସାରିଲେ । ତୁଠ ଖାଲି ହେଲା । ହାତ ଦଣ୍ଟାକୁ ବାଲିରେ ରଗଡ଼ି ରଗଡ଼ି, ଚମ ଆମ୍ବୁଡ଼ି ହୋଇ ନାଲି ପଡ଼ିଗଲାଣି । ଦର୍ପଣ ପରି ସେହି ଓଦା ପାପୁଲି ଦଣ୍ଟାକୁ ମୁହଁ ପାଖରେ ଟେକି ଧରି, ଦେହ ଶୀତେଇ ପୁନ କହିଲା, ଛି – ଛି – ।

ପ୍ରାଣର କଥା ଖାଲି ସେହି ଦି ପଦ । ଲୁହ ଟଳ ଟଳ ଆଖିରେ ଅନେଇ ରହି, ସେହି ଦି ପଦ କଥା – ଛି, ଛି ।

ଭଲ ତ ଥିଲି ସବୁ, କଣ ହୋଇଗଲା ! ମାଟିଘଟ ଅପବିତ୍ର ହୋଇଛି, ଗାଡ଼ିଆ ପାଣିରେ ବିସର୍ଜନ ଦେଇପାରିଲେ ଭଲ ହୁଅନ୍ତା ପରା ! ଯେତେ ଘୋର ହେଲେ ସେହି ହାତ ଦଣ୍ଟା, ଆଜି ଯହିଁରେ ନରକ ଘାଣ୍ଟିଛି ।

ବାସ୍ନାଣୀ ପରି ରଗଡ଼ି ଲାଗିଥାଏ, ରଗଡ଼ି ଲାଗିଥାଏ । ଆଙ୍ଗୁଠି, ନଖ ପାପୁଲି – ରକ୍ତ ବୋହିଲାଣି, ପୋଡ଼ିଲାଣି ।

ନା, ଗାଡ଼ିଆର ପାଣି ସରିଯିବ ପଛେ, ଜମା ଯିବ ନାହିଁ, ଜମା ଭଲ ହେବ ନାହିଁ । ନରକର ଜୀଅନ୍ତା ବିଭୀଷିକା ।

Digitized by srujanika@gmail.com

ଛି – ଛି—

ଉଦୁମୁଦା ଗନ୍ଧ ମୁଣ୍ଡ ଭିତରୁ ଆଉ ଗୁଞ୍ଜୁରୁ ନାହିଁ । ଦେହସାକ ଅସନା ବୋଲିହୋଇ ରହିଲା ଭଳି । ଟୁବି ଗାଡ଼ିଆର ପାହାଚ ଉପରେ ବସି, ହା' ପଶିଲ ଆଖିରେ ପାଣିକି ଅନେଇଁଲେ, ସବୁ ସେଗୁଡ଼ା ମନେ ପଡ଼େ । ଆଖି ଆଗେ ଆଗେ ନାଚୁଛି । ଘୃଣଆଡ଼େ ।

କଣ ହେବ ? କେମିତି ଯିବ ଏ ପାପ ? ସକାଳେ ଝାଉଁଳି ପଡ଼ୁଛି । ଦୁନିଆଁ କଳା ନର୍ଦ୍ଦମା । ସେ ଖସି ପଡ଼ୁଛି । ବିକଳ ହୋଇ ରଗଡ଼ି ଲାଗିଛି । ପୂନିର ଗାଧୁଆ ସରୁ ନାହିଁ ।

"କଲେ ପୂନି, ତୁ ଆଜି ଉଠିବୁ ନାହିଁ କଲେ ?" କଜଳମତି ଚୁଠକୁ ଓହ୍ଲେଇ ଡାକିଲା । "ତତେ ଶୋକ ଶୋଷ କରୁନାହିଁ ? ତୋ ବୋଉ ଗୋଟି ଗୋଟି କରି ସମସ୍ତଙ୍କୁ ପଗ୍ଭରୁଚି, କାଟିପର୍ଣ୍ଣି ହଉଚି । ତୁ ଯାଉନୁ—"

କଜଳମତି ସାବୁନ ଲଗେଇ ଗାଧେଇଲା ଆର୍ ସି, ପାନିଆଁ ସାଙ୍ଗରେ ଆଣିଥିଲା । ମୁଣ୍ଡରେ ନାଲିଆ ତେଲ ମାରି, ଗୁଳ୍ପଇତଳେ ବସି ମୁଣ୍ଡ କୁଣ୍ଡେଇଲା ।

"କଲୋ, ତତେ କ'ଣ ଲାଗିଚି କଲୋ ? ବୋଉକୁ ନ କହି କାମ କରି ଗଲୁ; ସାହିଯାକଙ୍କୁ ଗଞ୍ଜଣା ଝାଡ଼ୁଚି । ତୁ ଏଠି ବସିଚୁ ?"

ବୋଉର ମୂର୍ତ୍ତି ମନେ ପଡ଼ିଲା । ସତେ ତ !

"ଗାଳି ଦେଲେ ଦଉ, ମୁଁ କଣ କରିବି ? ତା ପାଇଁ ବଦଳା ଆଉ ଗୋଟାଏ ଠିଆରି କରିବ କିଏ ? କାମ କରି ଗଲେ କଣ ପାତକ ପଡ଼ିଗଲା ?" ଦା'ବ ଦା'ବ କଥା କହୁଛି । ମନେପଡ଼ୁଛି ସବୁ ।

ସେଇ କଥା ତ ସମସ୍ତେ ବୁଝେଇଲେ ଲୋ । ନଜେ ଧନୀବୁଢ଼ା ଆସି କହିଗଲେ, "ତମେ ବେସ୍ତ ହନା ପୂନିବୋଉ । ତମ ଧିଅ ଏମିତି, ପୂନି କାମକୁ ଗଲା କଣ ନାଙ୍କର କଲା ? ଯେବେ ହେଲେ ତ ଯ ଆନ୍ତା; ଆଜି କଣ, କାଲି କଣ ? କିଏ ବୁଝେଇବ ତାକୁ ? ତୁ ଯା—"

ଦେହଟା ଶୀତେଇ ପଡ଼ୁଚି । ସବୁଦିନେ ସେହି କାମ, ସେହି ନରକ ଘାଣ୍ଟିବା ! ସେତିକି ପାଇଁ ସେ ଜୀବନରେ ସ୍ୱର୍ଗୀ । ସବୁଦିନେ ସେଇଆ !

"ହଇ ଲେ, ଏ କଣ ହେଲୁଣି ମ ! ଆଖି ଦ'ଟା କୁମ୍ଭାଟୁଆ ପରି, ଧିଅଟା ଶେଥା । ଜର ହବ ଯେ—" ଯାଉ, ଧିଅଟା ପୋଡ଼ିଜଳି ଯାଉ । କଜଳମତୀ କି ତେଲ ଲଗେଉଚି ? ଯୂଇଫୁଲର ବାସ୍ନା । ଘୃଣଆଡ଼େ ଯୂଇଫୁଲ

Digitized by srujanika@gmail.com

ଫୁଟିଉଠୁଛି ! ରଙ୍ଗ ଶାଢ଼ୀ ପିନ୍ଧି, ବାଳ ମୁକୁଳେଇ, ସୁନ୍ଦର କଜଳମତି ଅଳସେଇ, ଅଳସେଇ କଥା ଗପୁଚି । ସେଠି ମହକ ଅଛି । ସେଠି ଅଛି ଆଶାର ବାଣୀ । ଜୀବନଟା ପୋଡ଼ାଜଳା ଅଙ୍ଗାରକୁଢ଼ ନୁହେଁ । ଓଟାଣ ହୋଇ ଯାଇ ଆଣ୍ଟେଇ ପଡ଼ି, ପୁନି ହାତ ବଢ଼େଇଲା; କହିଲା—ମତେ ଟିକଏ ତେଲ—

''ଟିକଏ କଣ କରିବୁ ଲୋ ? ଦେଖା, ତୋ ମୁଣ୍ଡ ବାନ୍ଧିଦିଏଁ ।''

ଆଉଁସି ଆଉଁସି, ସାଉଁଳି ସାଉଁଳି ମୁଣ୍ଡ ବାନ୍ଧିଦେଉଛି, କଥା କହୁଛି ହସି ହସି । ଦେହକୁ ଦେହ ଲାଗି ମହକରେ ଆଖି ବୁଜି ହୋଇପଡ଼ୁଛି । ତୀବ୍ର ସୁଖର ପ୍ରବଳ ଆନନ୍ଦ ପାଇଁ ଜୁଆରିଆ ହୋଇ ଆକାଙ୍‌କ୍ଷା ଉଠୁଛି । ଭାବୁଛି, ଗୋଟାସୁଦ୍ଧା ସେ କଜଳମତିର । ନୂଆ ଜୀବନ । ସେଠି କଜଳମତି ପର ନୁହେଁ ।

ଏହି କଜଳମତିକୁ କେତେ ଲୋକ ପୁଣି ଦେଖିପାରନ୍ତି ନାହିଁ । କି ଯାଏ ସୁନ୍ଦର ? ସେ ମଇଳା କାଢ଼ିଛି, ଗନ୍ଧରେ ସିଝିଛି । ଗୁଠରେ ଆଉଜିଛି କଜଳମତିର କୋଡ଼ରେ । କାନ ପାଖେ କେତେ ସୁଆଦିଆ କଥା ମନ ଜାଣି । କଜଳମତି ନୂଆ କଥା କହୁଚି । କହୁଚି, ସେ ସୁନ୍ଦର । ସଜେଇଦେଲେ ପଖି ପରି । ଲୋକେ ଝୁରି ହେବେ । କହୁଚି, ତା'ର ସୁନ୍ଦର କପାଳରେ ଦୁଃଖ ଲେଖା ନାହିଁ । ମଇଳା କାଢ଼ିବାର ଅସନା ବାଟଠୁଁ ଫୁଲଫୁଟା ଅବାଟରେ ପଡ଼ିଗଲେ ମଉଜ ଅଛି । ଅଭାବ ନାହିଁ, ପେଟ ବିକଳ ନାହିଁ ।

''ହେଇ, ଦେଖ୍ ତୋ ମୁହଁକୁ; ସତେ ପୁନେଇଁର ଚାନ୍ଦ । ମା'ଲୋ, କେତେ ଲୋକ ଗଦାହେଲେଣି ତତେ ଦେଖିବାକୁ । ହେଇ, ତେଣିକ ନଘା କର । ହସୁଚୁ କଣ ଲୋ; ମୋ ପାଖକୁ ଆସନ୍ତୁ କ ଜାଣନ୍ତୁ । ଉଠ୍ ଏଥର ଯିବା, ଡେରି ହେଲା—''

ଦ ପାହୁଣ୍ଡ ନ ଯାଉଣୁ, କଜଳମତି ବିଲବିଲେଇ ପାଟି କଲା— ''ହଇଲୋ ପୁନି ! କଣ ହେଲା ?''

କଜଳମତି କୁଣ୍ଢେଇ ପକେଇ ହସି ହସି ଗଡ଼ିଗଲା । କଣ ସେ କହୁଚି ? ପୁନି କଳାକାଠ ପଡ଼ିଗଲା । ''ନେ ମୋ ଓଦା ଲୁଗାଟା, ମତେ ଥରି ଲାଗୁଚି, ତୁ ଗୁଡ଼େଇ ହେଇ ଚାଲ୍ । ତୋ ବୋଉ ପାଖେ ଛାଡ଼ିଦେଇ ଆସିବି—''

''ସେମିତି କାହିଁକି ହଉଚୁ''

''ତୋ ମୁଣ୍ଡ ଗଣ୍ଡି । ଚାଲ୍ ଆ ।''

□ □

Digitized by srujanika@gmail.com

ପନ୍ଦର

କଳାବତୀ ପୂନକୁ ଆଣି ଗ୍ରୁଡ଼ିଦେଇଗଲା । ଫୁସ୍ ଫୁସ୍ କରି ଜେମାକୁ କଣ ବୁଝେଇ ଦେଇଗଲା । ପୂନକୁ ଶୁଭିଯାଉଥାଏ ଝିକଏ ଝିକଏ । ମୁହଁ ଶୁଖିଯାଉଥାଏ ! ଆଶଙ୍କାରେ ଛାତି ଧଡ଼ ଧଡ଼ । କଣେଇଁ କଣେଇଁ ଗ୍ହୁଁଥାଏ; ବୋଉ କାଳେ କିଛି କହିବ କି ?

କିଛି ନ କହି, ଥିର ହୋଇ ଜେମା ଆଉଜ ଠିଆ ହୋଇଛି । ଜେମା ଡାକିଲା—ପୂନ । ଦେହକୁ କାଠ କରି ପୂନ କଥା ଶୁଣିବାକୁ ଅପେକ୍ଷା କଲା । ଭେଁ କରି କାନ୍ଦଉଠି ଜେମା ବାହୁନିଲା—ଆଲୋ ମୋ ପୂନ ଲୋ !

ବୋଉର ମଥା ବଗିଡ଼ିଛି । କାନ୍ଦି କାନ୍ଦି ଭସେଇ ଦଉଛି । କିଛି ବୁଝିହେଉ ନାହିଁ । କଳାବତୀ ଭାତ ଘରୁ ଭାତ ନେଇ ଆସିଲା । କହିଲା—ଛି, କାନ୍ଦୁଛ କାହିଁକି ? ଥଏ ଧର । ପୁଣି ଅସରାଏ । ପୂନ ବକା ପରି ବସି ରହିଥାଏ । ଗୋଡ଼ରୁ ହାତରୁ ପ୍ରାଣ ଗ୍ରୁଡ଼ି ଯାଉଥାଏ । ଜେମା ଭାତ ଘେନି ଆସି କହିଲା—ଖାଇ ଦେ ଧନ— । ପୁଣି ତାରି କାନ୍ଦ । କହିଲା—ଭାତ ଖା, ବସିଲୁ କାହିଁକି ?

ଭାତ । ହାତ ବଢ଼େଇଲାବେଳକୁ ସବୁ ମନେପଡ଼ିଲା । ଓଲଟେଇ ପୋଲଟେଇ ହାତ ପାପୁଲିକୁ ଦେଖି ଲାଗିଲା । ଏହି ହାତ ଏଇଠି ଲାଗିଥିଲା । କୋଉ ହାତରେ ସେ ଭାତ ଖାଇବ ?

"କିଲେ ଖାଉନୁ—"

ଭାତଗୁଣ୍ଡା ପାଟିକି ନେଉଁ ନେଉଁ ଦେହ ବୁଲେଇ ଉଠିଲା । ବଡ଼ଲା ମୁହଁ କରି ଜେମା ବସିରହିଛି । ଭାତରେ ଲୁହ ମିଶିଗଲା । ପୂନ ଖାଇ ପାରିଲା ନାହିଁ ।

"କିଲେ ଗ୍ରେପଣ୍ଡ ହଉଚୁ ? ଭାତ ଖାଉନୁ ? କାନ୍ଦୁଚୁ କାହିଁକି ଲୋ ? ମଲା, ଯେବେହେଲେ ତ ଘରେ ରହିଲୁ; କୋଉଠି ବରଘର ଲାଗିଚି ଶାଶୁଘର ଯାଉଚୁ ଯେ, ବାହୁନୁଚୁ ? ଏଥିପାଇଁ ଗୋଟାଏ କାନ୍ଦ କଣ ?"

କେମିତି ଖାଇବ ! ଏଇ ହାତ— ।

Digitized by srujanika@gmail.com

ସ୍ମୃତି ପଟରେ ଅସନାକୁଡ଼ ଫୁଟି ଅନେଇଛି । ସ୍ମୃତି ନୁହେଁ, ସେଇ କଦାକାର, ସେଇ ବଣୁଷିକା, ଦୁର୍ଗନ୍ଧ । ଲୁହ ବୋହି ଯାଉଛି । ପାଟିରେ ଭାତଗୁଣ୍ଡା ଗିଳି ହେଉ ନାହିଁ । ଅ'କଣ ପୁନ କହିଲା — ଭୋକ ନାହିଁ ବୋଉ ।

"କୋଉଠୁ ହବ ? ଖରାରେ ବୁଲି, ଧାଁଅ ଗରମ । ଯା, ଶୋଇପଡ଼ ।"

ବେଳ କଟିଯାଉଛି । ଛାଇ ଲମ୍ବି ଯାଉଛି, ଲମ୍ବିଯାଉଛି । ପଛର କଥା ଖସି ଖସି ଆଗକୁ ଚାଲିଯାଉଛି । ଆଗର ଅଜଣା ଘଟଣା, ନିଜ ମନର ଆକାଙ୍କ୍ଷା ପ୍ରବୃତ୍ତି ମଣ୍ଡି ହୋଇ, ରଙ୍ଗ ବୋଳି ହୋଇ ବଢ଼ି ବଢ଼ି ଆସୁଛି ସାମ୍ନାକୁ । ରହି ରହିକା ସବୁ ଧାରଣା ପୁଣି ଗୋଳମାଳ ହୋଇଯାଉଛି, ଭୁଲ ହୋଇଯାଉଛି । କେବେ ନ ଆସିଥିବା ନୂଆ ଆକାଙ୍କ୍ଷା ମନରେ ଉଙ୍କି ମାରୁଛି । ତମସାର ମୂର୍ତ୍ତି ଭିତରେ ମାଟିର ଗ୍ରାଗିଣୀ ଗୁଞ୍ଜରି ଉଠୁଛି । ଯୌବନ ଆସିଛି । ଦେହର ନିଶା ମନକୁ ଘାରୁଛି ।

ନୂଆ ଅସରାରେ ଓଦା ମାଟିର ବାସ୍ନା । ରଜସଂକ୍ରାନ୍ତିର ମଉଛବ । କ'ଣ ଛାତି ଓଲଟ ପାଲଟ ହୋଇ ବଦଳି ଲାଗିଛି ।

ଛୁଣ୍ଡା ହେଁସ ଉପରେ ଘର କଣରେ ପୁନ ସେମିତି ପଡ଼ିରହିଛି । ଶୁଭୁଛି, ବୋଉ ବୁଲିଚାଲି କଲାଣି । ଦାନଘାକ ଦୁଆରମୁହଁରେ ସେ ଗୋଡ଼ ଲମ୍ବେଇ ବସିଥିଲା । ବାହାର କଏ ଗୋଟିଏ ଗୋଟିଏ ଆସିଥିଲେ ସେ ସମସ୍ତିଙ୍କୁ ଗେରଗର ହୋଇ ବିଦା କରିଥିଲା । ବୋଉ ପହରା ଦେଉଛି । ବୋଉର ଉପଦେଶ ସେ ଶୁଣିଛି । ଲାଜ ପୋଟିଛି । ଘର ଭିତରେ ଅନ୍ଧାର ପଡ଼ିଲାଣି । ଅନ୍ଧାରର ନରମେଳାରେ ଶୁଣା କଥା, ଦେଖା କଥା ସୁମରି, ସଙ୍କେତରେ ଆପଣାକୁ ଥାପି, ସେ ସୁଖ ଖୋଜୁଛି । ଯୌବନର କାଉଁଶ ଲାଗିହୋଇ ଏଇ ପୃଥିବୀର ଝିଅଟିଏ । ସମସ୍ତିଙ୍କ ସଙ୍ଗେ ସମାନ ତା'ର ମାଟିର ଗଢ଼ଣ ।

"ବଜାରରୁ ଆସୁଚି ପୁନ, ଥିବୁ ।" ବୋଉ ବାହାରି ଚାଲିଗଲା । ଖାଲି ଅନ୍ଧାର ।

କାନେଇଁ କାନେଇଁ ପଡ଼ିରହିଛି । ନିତି ଦିନର ଚହଲା ଚହଲି ଆଜି ଚହଲି ନୁହେଁ । ସେଥିରେ ସଙ୍କେତ ଅଛି ।

□ □

Digitized by srujanika@gmail.com

ଷୋଡ଼ଶ

ଅଘୋରବାବୁ ମଟର ନେଇ ବୁଲି ବାହାରିଛନ୍ତି ।

ଏପରି ତ ବୁଲିବାକୁ ପଡ଼େ ତାଙ୍କ ସମାଜରେ । କୌଣସି ଜରୁର୍ କାର୍ଯ୍ୟ ପାଇଁ ନୁହେଁ—ଏବଂ ଜରୁର୍ କାର୍ଯ୍ୟର ସଙ୍କା ସମସ୍ତିଙ୍କ ପକ୍ଷରେ ସମାନ ନୁହେଁ । ସେ ସମାଜ ଯାହା କରେ, ତାହା ଯେ କେବଳ ଆବଶ୍ୟକ ପାଇଁ କରେ, ତାହା ବି ନୁହେଁ; କେବଳ ଗୋଟାଏ ଅଭ୍ୟାସ । ସେହି ଅଭ୍ୟାସ ବଳରେ ସେ ସମାଜ ତଳର ସ୍ତର ସ୍ତର ସମାଜରୁ ଭିନେ—ତେଣୁ ।

ଭିତ୍ତିରେ ଇଟା, ପଥର ପ୍ରଚୁର । ସମ୍ପତ୍ତି ଅଗାଧ । ପ୍ରଚଣ୍ଡ ଆଗ୍ନେୟଗିରି ପରି ମୂର୍ତ୍ତିମନ୍ତ ଓ କ୍ରିୟାଶୀଳ ହୋଇ, ନିଜେ ବାପା ଅର୍ଜନର ଭିଆଣ ଲଗେଇବାକୁ ସମର୍ଥ ଅଛନ୍ତି । ତେଣୁ ଅଘୋରବାବୁ ବସ୍ତୁବାଦୀ ହେବାର ପ୍ରୟୋଜନ ଅନୁଭବ କରି ନାହାନ୍ତି । ଆଦର୍ଶବାଦୀ ହେବାକୁ ମଧ୍ୟ ତାଙ୍କର ଅଧିକାର ନାହିଁ । କାରଣ, ତାଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଧାନ ଅଧିକାର ତାଙ୍କର ଜନ୍ମଗତ ଶ୍ରେଣୀର । ତେଣୁ ସେ ଯେଉଁପରି ପୋଷାକ ପିନ୍ଧନ୍ତି ପଛେ, ଯେଉଁ କଳାର ଅଥବା ଯେଉଁ କାଟର; ଯେପରି ସମ୍ପ୍ରଦାୟରେ ବୁଲୁଥାନ୍ତୁ, ଉଣ୍ଡରେ ଯାହା କହନ୍ତୁ; ଅବିନାଶବାବୁଙ୍କ ପୁଅ ଅଘୋର-ବାବୁ କହିଲେ ଜଣାପଡ଼େ, ଦମ୍ଭିଲ ଶ୍ରେଣୀର ଜଣେ ଯୁବକ । ସେ ଶିକ୍ଷିତ, ବିଶ୍ୱବିଦ୍ୟାଳୟର ମାନପତ୍ର ତାର ସାକ୍ଷୀ; କିନ୍ତୁ ବାପା ବୋଉଙ୍କ ବିବେଚନାରେ ତାଙ୍କର ବୁଦ୍ଧି ଆସି ନାହିଁ । ଆହୁରି ଶୃଙ୍ଖଳନକୁ ଅପେକ୍ଷା । ବୟସ ଯୌବନ ଆଣିଦେଇଛି, ସ୍ୱାସ୍ଥ୍ୟ ଓ ବଳର ଅଭାବ ନାହିଁ; କିନ୍ତୁ ଘରର ବିବେଚନାରେ ତାଙ୍କର ବାଲ୍ୟଜୀବନ ଶେଷ ହୋଇ ନାହିଁ, ବାଲଲୀଳା ଖେଳିବାର ବୟସ ଏହି । ଏହିପରି ପାରିପାର୍ଶ୍ୱିକ ଅବସ୍ଥାର ଶୃଙ୍ଖଳମଧ୍ୟରେ ତାଙ୍କର ବର୍ତ୍ତମାନ୍ ଯୌବନ୍ରାଜ୍ୟ ।

ଟେନିସ୍ ଖେଳ ପରେ ଘରକୁ ଫେରିଥିଲେ । ସନ୍ଧ୍ୟାର ପ୍ରାରମ୍ଭିକ ପାନଭୋଜନାଦି ଶେଷ କରି ପୁଣି ସେ ବାହାରି ପଡ଼ିଲେ । ସହରର ବଡ଼ ରାସ୍ତା ଲମ୍ବିଛି ଏମୁଣ୍ଡ ସେମୁଣ୍ଡ, ଏ ଗଳି ସେ ଗଳି । ଦମ୍ଭ ସମାଜର ଅନେକଙ୍କୁ ସେହି ରାସ୍ତାରେ ବୁଲୁଥିବାର ଦେଖାଯାଏ । ଏ ଦୋକାନ ଆଗରେ ଅଳ୍ପ ଟିକିଏ । "ପିନ୍‌କଣ୍ଟା ଅଛି ?" ମାଇଲିଏ ପରେ ଆଉ କେଉଁଠି - "ଏକ ବାକ୍‌ସ ଚକ୍‌ଲେଟ୍—।" ଷ୍ଟେସନଠି ପାଞ୍ଚ ମିନିଟ୍ ଯିବା ଆସିବା ଲୋକଙ୍କ ଭିତରେ ଅଜଣା କାହାରିକୁ ଦେଖିବା ଅଭିପ୍ରାୟରେ । ପୁଣି ମଟର ଚଲେଇ ରାସ୍ତାଏ ରାସ୍ତାଏ । ବଡ଼ ସହରର ସହୃପରେ ଲୋକେ ଭୁଣ୍ଡ ହୋଇଛନ୍ତି । ସେଠି ବି ପାଞ୍ଚ ମିନିଟ୍ ଚର୍ଚ୍ଚା କଲେ

Digitized by srujanika@gmail.com

ନିତ୍ୟକର୍ମର ବାହାରେ ତାହା ଗଣ୍ୟ ନୁହେଁ । ତା'ପରେ ଥିଏଟର, ବାଇସ୍କୋପ, ମନ୍ଦିର—ମନ୍ଦିର ବୁଲିଗଲେ, ଧଣ୍ଡା ଆଣିଦେଲେ ମା ଖୁସି ହୁଅନ୍ତି । ସବନ୍ତ ଐଶ୍ୱର୍ଯ୍ୟ ବଢ଼ିବ, ପୁଅର ଧର୍ମରେ ମତି ଅଛି । ପୁଣି ମଣିଷ ଗହଳି ରାସ୍ତାରେ ମଟର ଉଡ଼େଇ ଆଭିଜାତ୍ୟ ପ୍ରଚାର କରି ଏ ଘରୁ ସେ ଘର, ସେ ଘରୁ ଏ ଘର ।

କିନ୍ତୁ ବୁଲି ବୁଲି ସାରା ହେଲେ ବି ଘଟଣା ଘଟେ ନାହିଁ । ମାଟିର ଦୁନିଆଁ ଯଥେଷ୍ଟ ମନେହୁଏ ନାହିଁ । ଜୀବନଟା ଫସରା ଲାଗେ ।

ଆଜିର ସମ୍ବାଦ ନିରୁପମା ।

ବାଟରେ ଦୋକାନମାନଙ୍କରେ ରେଡ଼ିଓ ଦୁନିଆଁ ଯାକର ଖବର ବିକୃତ ସ୍ୱରରେ ହାଟମୁହାଁ ହୋଇ ପ୍ରଚାର କରି ଲାଗିଛି । ଟାଉନହଲରେ ମସ୍ତବଡ଼ ରାଜନୈତିକ ସଭା । ରାଜନୀତି ମଟର ଅଟକି ରହୁ ନାହିଁ । ମନର ପିଠିଆଡ଼େ ଗୁଁ ଗୁଁ ଭାବହେଉଛି, ନିରୁପମା ବିଭା ହୋଇଯିବ ।

ନିରୁପମା ତା'ର କିଏ ? କେହି ନୁହେଁ । ଚଳିତା ସମାଜରେ ଅସଂଖ୍ୟ ନିରୁପମା । କିଏ ସାମ୍ନାକୁ ଆସେ ନାହିଁ । ଘର ଭିତରେ ଥାଇ ତାର ଅଦୃଶ୍ୟ ଅସ୍ତିତ୍ୱ ବାହାରେ କୁତୁହଳରେ କୁହୁକ ଗଢ଼େ । କିଏ ପଦାକୁ ବାହାରେ, ସମ୍ଭାଷଣ କରେ । ଶିକ୍ଷିତ ସମାଜର ସଦ୍ୟପ୍ରସ୍ତୁତ ବ୍ୟାବହାରିକ କାଇଦାରେ ପରିଷ୍କାର ଦାନ୍ତରେ ହସିଦେଇ, ଧରାଦେଇ—ଛୁଆଁ ନ ଦେଇ, ଉପାସ୍ଥରେ, ତର୍କରେ, ଯୁକ୍ତିରେ ଆପଣା ବ୍ୟକ୍ତିତ୍ୱର ଧାସ ଦେଖାଇଯାଏ ।

ସମାଜର ଝିଅ ସମସ୍ତେ । ସମସ୍ତେ ବିଭା ହେବେ । କେହି ତପସ୍ୟା କରି ଅଟକି ରହିବ ନାହିଁ କାହା ପାଇଁ; କିନ୍ତୁ ଭାବପ୍ରବଣତାର ଜୋର ବିଚିତ୍ର ହୋଇ ଲାଗିରହିଛି । ଗୋଟାଏ କିଏ ଗଲେ, ମନରେ ଖାଞ୍ଚ ଲାଗି ଭାବନାର ପୁଞ୍ଜି ବାଦ ସାମାନ୍ୟରେ ଦୋହଲି ଉଠେ ।

ଆପଣା ସଙ୍ଗେ ବହୁତ ଯୁକ୍ତିତର୍କ କରିଥିଲି । ଘଟନାଟିକୁ ହସରେ ଉଡ଼ାଇବାକୁ ଚେଷ୍ଟା କରିଥିଲି । ସାଧାରଣ କଥା ଭାବି ନ ଭାଳିବାକୁ ମନସ୍ଥ କରିଥିଲି; କିନ୍ତୁ ଗାଡ଼ି ଆସି ନିରୁପମା ଘର ଦୁଆରମୁହଁରେ ଅଟକିଗଲା । ଅଘୋର ଓହ୍ଲେଇଲେ ।

ଅଭ୍ୟର୍ଥନା ଘରେ ଟେବୁଲ୍‌ର କାଗଜପତ୍ର ଉପରେ ମୁହଁ ଅଜାଡ଼ି ଦେଇ, ସମଗ୍ର ଭାବନାକୁ ପୁଞ୍ଜୀଭୂତ କରି ଧ୍ୟାନରେ ବସିରହିଛନ୍ତି ସେ—ଯାହାଙ୍କୁ ଦମ୍ଭିଲି ଶ୍ରେଣୀ ଜଣେ ଅଗ୍ରଣୀ ବୋଲି ମନେକରନ୍ତି । ଲୋକେ ସମ୍ମାନ କରନ୍ତି, ବଡ଼ ସହରର ଜଣେ କର୍ଣ୍ଣଧାର ବୋଲି । କପାଳ ଉପରକୁ କିଛି ଦୂର ପର୍ଯ୍ୟନ୍ତ ଚନ୍ଦା ହୋଇଯାଇ କପାଳର ବିସ୍ତୃତି ବଢ଼ାଇଛି, ତେଣିକି ଅଳ୍ପ ଅଳ୍ପ ଧଳା ବାଳ ।

Digitized by srujanika@gmail.com

ପ୍ରଜ୍ଞାପଣରେ ପଣଚସ୍ତ । ଚଣମା ପଡ଼ୁଆଡ଼େ ଗମ୍ଭୀର ଦୃଷ୍ଟି । ଅନେକେ ଭପସ୍ୟା କରନ୍ତି । ସିଦ୍ଧିର ଅଧିକାଂଶ ଅଳ୍ପ କେତେଜଣ ଭାଗ୍ୟବାନ୍ । ଯୋଗବିଭୂତି ତାଙ୍କର ଏତେ ପ୍ରବଳ ଯେ; ଯେଉଁଥିରେ ଦୃଷ୍ଟିପଡ଼େ, କାହାର ଘର କି କାହାର ଜମି କମ୍ବା କାହାର ଜୀବିକା; ତାହା ସହଜରେ ଓଟାଣ ହୋଇ ଆସେ । ସମସ୍ତିଙ୍କଠୁଁ ଭଲା ଯେନି, ଦନ୍ଦୁଁଦନ ଆପଣାର ଦେହର ବିଜୁଳି ବଢ଼ି ବଢ଼ି ସହରଯାକ ଝଲସି ଉଠେ । ଚଲନ୍ତି ଯୋଗର ମାର୍ଗ ତାଙ୍କର ନଖ ଦର୍ପଣରେ । ଉପାସ୍ତ ସମ୍ମନ୍ଧେ ସେ ନିର୍ବିକାର ଏବଂ ଅନାସକ୍ତ । ତେଣୁ ଯଥାଯୋଗ୍ୟ ଭେକ ଅନେକ । କେତେବେଳେ ବିଲାତି କନାର ଉତ୍କୃଷ୍ଟ ସାହେବୀ ପୋଷାକ, କେତେବେଳେ ଖଦଡ଼, ଟୋପି ସହିତ ସମ୍ପୂର୍ଣ୍ଣ । କେତେବେଳେ ଢିଲା ପାଇଜାମା, ବିଭିନ୍ନ ପାଗଯୋଗକୁ ବିଭିନ୍ନ ପତାକା ତାଙ୍କର ନୀଳଚକ୍ର, କେତେବେଳେ ୟୁନିଅନ୍ ଜ୍ୟାକ୍, କେତେବେଳେ ତିରଙ୍ଗା, କେବେ କେବେ ଦା ହାତୁଡ଼ି । ଭଗତ୍‌ସିଂଙ୍କଠୁଁ ଆମେରି ପର୍ଯ୍ୟନ୍ତ ସବୁ ପ୍ରକାର ଛବି ସେ ରଖନ୍ତି । ଋତୁପରିବର୍ତ୍ତନ ସହିତ ସମତାଳ ରଖି, ତାଙ୍କର ଅଭ୍ୟର୍ଥନା ଘରର ସାଜସଜ୍ଜାରେ ପରିବର୍ତ୍ତନ ଘଟେ, ଅବିକଳ ବାରମାସୀ ଚଢ଼େଇପରି ।

ଶୈଳେନ୍ଦ୍ରବାବୁ ଏକୁଟିଆ ବସିଥାନ୍ତି । ଆଜିର ବେଶ ଶୁଭ୍ର ଖଦଡ଼ । ସୁସଯତ ଉଜ୍ଜ୍ୱଳ ନକଲି ଦାନ୍ତରେ ମଧୁର ହସଟିଏ ହସି ସମ୍ଭାଷଣ କଲେ ।

"ଅଘୋର୍, ଆସ ବାବା, ବସ । ଭଲ ତ ସବୁ ?"

"ଆଜ୍ଞା ହଁ ।"

"ବହୁତ ଦନୁଁ ତମକୁ ଦେଖି ନାହିଁ ଯେ—"

"ଆସିବାକୁ ଭାରି ଇଚ୍ଛା ହୁଏ; କାମ ଥାଏ—"

ଆଡୁରି ହସି ଶୈଳେନ୍ଦ୍ରବାବୁ କହିଲେ—"ଇଚ୍ଛା ତ ଅବଶ୍ୟ ହେଉଥିବ । ଅବିନାଶ ବାରମ୍ବାର ଲେଖେ, ଅଘୋର ତମକୁ ଲାଗିଲି । ତାକୁ ତାଲିମ କରୁଥିବ ।"

ଆହ୍ଲାଦ ହସିଲେ । କହିଲେ—ସେ କେବେ ଆସିବ ? ମା ଭଲ ଅଛନ୍ତି ? ବିନୀତ ହୋଇ ଅଘୋର ତାର ଜବାବ ଦେଲା । ସେହି ଦୃଷ୍ଟିରେ ଓଟାଣ ହୋଇ କହି ପକାଇଲା—ବାପା ଲେଖିଥିଲେ, ସେହି ହାଡ଼ସାହି ନେବା କଥା । ଆପଣମାନଙ୍କଠାରୁ ଅନୁମତି ମିଳିଲେ, ସେ ଅଗ୍ରସର ହେବେ । ଆପଣ ତ ଜାଣନ୍ତି ସବୁ କଥା— ।

ନିବିଷ୍ଟ ମନରେ ଶୈଳେନ୍ଦ୍ରବାବୁ ସବୁ ଶୁଣୁଛନ୍ତି । ନିବିଷ୍ଟ ମନରେ ଗମ୍ଭୀର ହୋଇ ଶୁଣିବା ତାଙ୍କର ଅଭ୍ୟାସ । କହିଲେ—ହୁଁ, ମୁଁ ଜାଣେ । ଅନୁମତି ନ ମିଳିବ ବୋଲି ଅବିନାଶ ଆଶଙ୍କା କରୁଛି କାହିଁକି ? କାହିଁ, ତା ପକ୍ଷରୁ

Digitized by srujanika@gmail.com

କଣ ବନ୍ଦୋବସ୍ତ ହେଉଛି, ମୁଁ ତ ଜାଣେ ନାହିଁ ! ଅନୁମତି ତ ହାତର କଥା; କିନ୍ତୁ ତା ପରେ ?—

ମନକୁ ମନ କହିଲାଗିଲେ—"ଆଜିକାଲି ଯେଉଁ ସମସ୍ତ ସେଥିରେ ସତର୍କ ହୋଇ ଚଳିବା ଭଲ । ଖାଲି ଜମିଟା କିଣିନେଇ; ଲୋକଗୁଡ଼ାଙ୍କୁ ଯା' ବୋଲି କହିଲେ ତ ଯିବେ ନାହିଁ ! ସେମାନଙ୍କୁ ଭେଳେଇବାକୁ ଲୋକଙ୍କର ଅଭାବ ନାହିଁ । ସହର ତରଫରୁ ଅବଶ୍ୟ ଆମେ ଯୋଜନା ଦେବୁଁ ଯେ, ହାଡ଼ିସାହିଟା ଦୂରକୁ ଉଠିଯିବା ଭଲ । ସେଠି ସେମାନଙ୍କୁ ଯଥେଷ୍ଟ ଜାଗା ଅଣ୍ଟୁ ନାହିଁ ଓ ସହର ବି ବଢ଼ିପାରୁ ନାହିଁ । ତାଙ୍କର ହିତଟା ଆଗରେ ରଖି କାରଣ ଦିଆହେବ । ତଥାପି—ଜନମତଟା ଟିକିଏ ଅଡୁଆ । ଅବନୀଶକୁ ବୁଝେଇ ଲେଖିଦେବୁ । ସବୁ ଧୀରେ ଧୀରେ—" ଯେପରି କି କଣ ଗୋଟାଏ ଅଛି, କହିପାରୁ ନାହାନ୍ତି; ସେମିତି ଟିକିଏ କାଶି ହସିଦେଲେ । ପଚାରିଲେ—"ତୁମେ ଖଦଡ଼ ପିନ୍ଧ ନା କାହିଁକି ?"

ଅଘୋର ଅପ୍ରସ୍ତୁତ ହେଲା । ଶୈଳେନ୍ଦ୍ର କହିଲେ—ମୁଁ ରମେଶକୁ କହିଦେଇଛି ଖଦଡ଼ ପିନ୍ଧିବାକୁ । ଗୋଟାଏ ସାଜ, ବେଶ୍ ଚଳିଯିବ ।

ଅଘୋର ଛଟପଟ ହେଉଥାଏ । ଉତ୍ସାହରେ ପଚାରିଲା—ରମେଶ ଅଛି ?

"ରମେଶ ନାହିଁ । ନରୁ ହେରକା ସମୟେ ମାମୁଁ ଘରକୁ ଯାଇଛନ୍ତି କି ନା ! ଚିଠି ପାଇଥିବ ବୋଧହୁଏ—"

"ହଁ, ଖୁବ ଭଲ ହେଲା । ସଦାନନ୍ଦ ଖୁବ ଭଲ ପାତ୍ର—"

ତୀକ୍ଷ୍ଣ ଦୃଷ୍ଟିରେ ଥରେ ଅନେଇଁ ଦେଇ ଶୈଳେନ୍ଦ୍ରବାବୁ କହିଲେ—"ତୁମେ ବି ଭାବୁଛ ?···କେବଳ ଭଲ ହେଲେ ତ ଯଥେଷ୍ଟ ନୁହେଁ ! ଉପରକୁ ଉଠିବାକୁ ହେଲେ ଯେତିକି ବୁଦ୍ଧି ଖେଳେଇ ଉଦ୍ୟୋଗ କରିବା ଦରକାର, ମୁଁ ଭାବୁଛି, ସଦାନନ୍ଦଠି ସେ ସବୁ ନାହିଁ । ବଡ଼ ସୁଧି । ଅଳୁଆଳ ହେବାକୁ ମନ ନାହିଁ । ନା ତୁମେ କ'ଣ କହୁଛ ? ଅଘୋରବାବୁ କେବଳ ହସିଲେ । କହିଲେ—ଖୁବ୍ ଭଲ ପିଲା, ଅଗାଧ ସମ୍ପତ୍ତି—"

ଶୈଳେନ୍ଦ୍ରବାବୁ ହସି ହସି କହିଲେ—ଦେଖାଯାଉ—

ବିଦାୟ ନେଇ ଆସିଲାବେଳେ ଶୈଳେନ୍ଦ୍ରବାବୁ ସ୍ମରଣ କରାଇଦେଲେ, "ଅବନୀଶକୁ ଲେଖିଦିଅ; ଶୁଦ୍ଧାଟା ପଠେଇ ଦେଉ ଚଞ୍ଚଳ—"

ଏତିକିରେ ସବୁ ରହିଗଲା । ପୁଣି ଶୈଳେନ୍ଦ୍ରବାବୁ କାର୍ଯ୍ୟରେ ମୁହଁ ବୁଡ଼େଇଲେ । ମଟରରେ ବସି, ଆଶ୍ୱସ୍ତ ହୋଇ ଅଘୋର ଦୀର୍ଘଶ୍ୱାସ ମାରିଲା ଏବଂ ଭାବିଲା, ଏ କଣ ହେଲା ? କାହିଁକି ସେ ଆସିଥିଲା ଏଠିକି ! ସଦାଳାପ

Digitized by srujanika@gmail.com

ଟିକିଏ ସହେଇ ନ ହୋଇ, ଚଳେ ଚଳେ ଯେମିତି ଅଣ୍ଡା ବେପାରିଆ ହୋଇଗଲା । ସତେ କି ଏଠି ସେ ସାତ ପରଠୁଁ ପର ! ବାହାରେ ଭଦ୍ରତାର ସ୍ୱଭାବ ନାହିଁ, ଭିତରେ ସୌହାର୍ଦ୍ଦ୍ୟ ଅଭାବ; ସେତିକି । ନିରୁପମା ନାହିଁ । ସଲଜ ଆଖିର ଅବୁଝା କଥା ନାହିଁ । ଘରେ ଲେଖା ନାହିଁ 'ସ୍ୱାଗତଂ' । ତେବେ—ଭାବିଲାବେଳକୁ ଲାଜ ମାଡ଼େ । ବାପାଙ୍କର ଦୂତ ହୋଇ ଆସିଥିଲା ସେ ସତ୍ପୁତ୍ର, ଶୈଳେନ୍ଦ୍ରବାବୁଙ୍କ ସାହାଯ୍ୟ ନେବାକୁ । କୁହାପୋଛା କରି ବ୍ୟବସାୟର ହିତ କରିବା ଲାଗି । ଉତ୍ତର ନେଇଯିବ ଯେ, ଶୈଳେନ୍ଦ୍ରବାବୁ ପ୍ରାର୍ଥନା ମଞ୍ଜୁର କରିଛନ୍ତି; କେବଳ ସର୍ତ୍ତପୂରଣ କରିଦେଲେ ହେଲା । ତେବେ କଣ ସେ ଘର ସଙ୍ଗେ ଏତିକି ସମ୍ବନ୍ଧ ? ମନ ଭିତରୁ ଶୈଳେନ୍ଦ୍ରବାବୁଙ୍କ ସଙ୍ଗେ ପ୍ରତିଦ୍ୱନ୍ଦ୍ୱିତା ଭାବ ଆସିଲା । ଭାବିଲା, ଅଜାଣାରେ ସେ ନିଜକୁ ଖୁବ୍ ଶ୍ରେଷ୍ଠ କରି-ଦେଇଛି । ଶୈଳେନ୍ଦ୍ରବାବୁଙ୍କ ସମ୍ବନ୍ଧେ ସେ ଅନେକ କଥା ଜାଣେ । ବ୍ୟବସାୟୀ ଶୈଳେନ୍ଦ୍ରଙ୍କ ପାଖରେ ସେ ତଳହାତ ହୋଇ ମାଗିଛି ଏବଂ ମାଗିଛି କ'ଣ ବା ?—ଯାହା ତା'ର ମତର ବିରୋଧୀ, ଗରିବ ଲୋକଙ୍କୁ ନିଆଶ୍ରା କରିବା ବିଧାନ । ସେଥିରେ ଗୌରବ ନାହିଁ । ଅଜାଣାରେ, ନିଜ ଇଚ୍ଛା ବିରୁଦ୍ଧରେ ସେ କହିପକେଇଛି । ତା'ର ଅବସ୍ଥାର ଉଧାର ନେଇ ଅବିନାଶବାବୁ କହିଛନ୍ତି । ସେ କହି ନାହିଁ ।

ମଟର ଚାଲିଛି । ଭାବପ୍ରବଣ ଧାରଣାରେ ମନେ ମନେ ଆର୍ଦ୍ର ହୋଇ-ଯାଉଛି କବିତାମୟ ଦାରିଦ୍ର୍ୟର ଛବି ଏବଂ ତାହା ପ୍ରତି ସହାନୁଭୂତି ! ବୁଲା କୁକୁରଟାଏ ମଟର ତଳେ ଚାପିହୋଇ ମଲାଣି । ବାଟଚଲା ବୁଢ଼ାଲୋକଟିଏ ସୂତାଖିଅକେ ମଟର ଦାଉରୁ ବଞ୍ଚିଗଲା । ଦାରିଦ୍ର୍ୟ କଥା ଭାବି ବିକଳ ହେଉ ହେଉ ନୂଆ ଛବି ଦିଶିଲାଣି—ଛନ୍ଦ ସଜାଇ ବାଜିଉଠିଲାଣି ନିରୁପମା, ନିରୁପମା । ବାଟ ନିଛାଟିଆ ପଡ଼ିଲାଣି । ମଝି ସହରର ଆଲୁଅ ମାଳ ମାଳ କେତେ ପଛରେ । ମଟରଠୁଁ ଦ୍ୱିଗୁଣ ବେଗରେ ଧାରଣା ଧାଇଁଛି । ନିରୁପମା, ନିରୁପମା । ଛଇଳଛଟକମୟ ସାମାଜିକ ଉନ୍ନତ ସମ୍ପ୍ରଦାୟର ପରିଚିତ ହୋଇଥିବା ଆପଣା ଶ୍ରେଣୀର ଦଳା ଝିଅ ମନେ ପଡ଼ୁଛନ୍ତି । ଦୂରରେ ପଛେଇ ରହୁଛନ୍ତି । ଦର୍ପଣ ପରି ନଖ, ପରିଷ୍କାର ପରିଚ୍ଛନ୍ନ ଦେହ, ମାର୍ଜିତ ଆଚାର-ବ୍ୟବହାର; କିନ୍ତୁ ସେମାନେ ପାଦକୁ ପାଦ ତାଳ ରଖିପାରି ନାହାନ୍ତି । ସବୁରି ସତେ କି ମାପା ଗଢ଼, ନିରୋଧର ସଙ୍କେତ । ଆଶା ଛୁଟୁଛି । ସବୁ ସଂସ୍କାର ଫୋପାଡ଼ି ଦେଇ, ଆପଣାକୁ ଗୋଟେଇ ପୋଟେଇ, ହୃଦୟର ଉପରେ ଆକାଙ୍କ୍ଷା ଧାଉଁଛି ସାମ୍ନାର ଧୂଳି ଭିତରକୁ, ଅନ୍ଧାର ଭିତରକୁ ।

□ □

Digitized by srujanika@gmail.com

ସତର

"ପୂଜମାଁ, ହେ ପୂଜମାଁ—"

ରାତି ପାହି ଦେଲା । ଜବାବ ଦେଲା ତାର ଦେହ ଗୋଟାକ । ଡାକ ତାକ ଭିତରେ ଅଟୁଟ । ଅନ୍ଧାରରେ ପୂଜ ଅନ୍ଧ ଗୋଟାଏ ହୋଇ ନିଜକୁ ଡାକୁଛି, "ପୂଜମାଁ, ହେ ପୂଜମାଁ ।" ହେଉ, ଆଉ ପାଖେ ସେ । ସଜନୀଁ । ଦୂର ଅର୍ଥରେ ସଜନୀ 'ପୂଜମାଁ' ଡାକେ ।

"କବାଟ ଖୋଲ । ମୁଁ ମ, ସଜନୀ । ହେ ପୂଜମାଁ—"

ହାକୁଡା ମାରି କବାଟ ଫିଟେଇଦେଲା । ଅନ୍ଧାର ଢଳ୍ ଢଳ୍ ।

ସେମିତ ଭୂଜ ହୋଇ ପୂଜ ବୁଡ଼ିରହିଲା । ଦୁଆରବନ୍ଧରେ ଛିଡା ପରି ଟାଙ୍ଗି ହୋଇଛି ସେହି ଅନ୍ଧାରର ରୂପ । ଅନ୍ଧାର ତାକୁ ମୂର୍ତ୍ତି ପାଲଟିଛି ।

ଅନ୍ୟସ୍ଥ ହୋଇ ସଜନୀ ଲେଉଟିଗଲା । ତାର ପାଦର ଶବ୍ଦ ମିଳେଇ ନ ଯାଉଣୁ, ଧଡ଼ପଡ଼ ହୋଇ ପୂଜ ଛୁଟିପଡ଼ିଲା । ପଛରୁ ଡାକିଲା, "ସଜନୀ, ଶୁଣିଗଲୁ ଟି—?"

"ଆରେ—କିଏ ଅନ୍ଧାରରେ କଣ କରୁଛୁ ପୂଜ ? ତୋ ବୋଉ କାହିଁ ? ଏମିତି ବେଳ ବେଳକୁ ରୁ—"

"ହେ, ମତେ ତୁ ନାହିଁ, ତୁ ନାହିଁ କହୁଚ—"

"କଣ, ହେଉଚ କଣ ତୋର ? ତୁ ଆଉ ହେଇ ଘରେ ପଶିରୁ—"

"ହଉ, ହଉ; ରୁ ଯା ଏଥର । ଯା ପଳା—"

"ଆଲୋ ପୂଜ, ଦେଖିଜାଣ, ନା ନ ଦେଖିଜାଣ ! ଏମିତ ପଳା ପଳା କହୁଚୁ, ପରେ ଶୁଣିବୁ ପଛେ । ତୋ ପେଇଁ କେଉଁ ଆଣିଚ ଆଗ ଦେଖିଲୁଣି ନା ! ଗାଡ଼ି ନେଇ ଖୋଜ ବୁଲୁଥିଲି; ଦ' ପହରେ କୁଆଡ଼େ ରହିଲୁ ? ହେଇ, ଦେଖ୍, ଦେଖ୍ । ଉଚ୍ଚ କଣ କଲୁ ? ଦାଆପିଲି ଅଛୁ ମୋ ପାଖେ ।"

"କଣ ଆଉ ଆଣିବୁ ସଜନୀ !" ହସିଦେଇ ପୂଜ କହିଲା—ସବୁଦିନ ପରି ଅଳଆଗଦାରୁ ଗୋଟେଇ କଣ କିଛି ଗୋଟାଏ; ନ ହେଲେ ପେଡ଼ାଟାଏ କି ଆର୍ ସି ଖଣ୍ଡେ । ସେଇଥି ପାଇଁ ସାହି କମେଇ ଏବେ ପାଟିରେ ରଡ଼ି ରଡ଼ି ଆସୁଚୁ—ପୂଜମା, ପୂଜମା—"

Digitized by srujanika@gmail.com

"ଇଲେ ନେ, ଦେଖ୍, କଣ ଆଣିଚ—"

ଆଙ୍କ ଝଣ୍ଡେ ଲୁଗା ।

"ଦେଖ୍, କ ଦେରେ ହେଇଚ—" ସନଆ ଉଆସିଲ ମାଣବାରୁ ପୁନ ଫୁଙ୍କି ଦେଇ ଦେଲ । "ମଲ ମଲ, ଘୁନଆ ହଉଚୁ କାହିଁକ ବା—ଆଚ୍ଛା କଣ ଦେଖ୍..."

କେମିତ ଛିଟଶାଢ଼ୀ ହେଇଚ—କ ଦେରେ ମାନବ ତତେ । ଦାନ୍ତ ଚିପି ଚିପି, ଫୁସ୍ ଫୁସ୍ କଣ କହଲ—ଦେଖ୍, ଆଚ୍ଛା କଣ ଦେଖ୍ । ମାରେଁ ଆଉ ଗୋଟାଏ କାଠି, ଦେଖିବୁ—

ଶାଢ଼ୀ ଧରୁ ଧରୁ ପୁନ ଗୋଟାସୁଛା ଅରୁଥାଏ । ଅଙ୍କେଇ ଅଙ୍କେଇ ହୋଇ କହଲ—ଥାଉ; ରଇ ଥା ।

"ପିନ୍ଧପକା ଝଅଟି । ଚାଲ୍, ବାହାର୍ । ଠିଆ ହୋଇ ରହଲୁ କଣ୍—ହଁ—"

ଭଲ ଲାଗୁଛ ସନଆର ହାତ । ଏମିତ ଅନ୍ଧାରେ ଅନ୍ଧାରେ । ଭଲ ଲାଗୁଛ, ଅଲସ ଲାଗୁଛ । କଣ ବକଲାଗିଛ ସେ ବାହାପିଆଟା ! "ହେ—ହୁଁ—" ଟାଣ ହାତ, ବଳୁଆ ବାହା । ନରମ ବଚନକା ବାଢ଼ିବାକୁ ଗରଜ ପଡ଼ୁଛ ତାର । "ବାଃ, ବାଃ । ପୁନ, କେଡ଼େ ସୁନ୍ଦର ବାସୁଛୁ—କଣ ଲଗେଇଚୁ; ଉଁ-ହୁଁ—"

ସନଆକୁ ଆସ୍ତେ ଠେଲଦେଇ ଘୁଞ୍ଚିଯାଇ, ପୁନ କହଲ—ସେମିତ କାହିଁକ ହଉଚୁ ମ ! ମନା କଲ ପରା, ତୁ ନା ବୋଲୁ ! ବୋଉ ଆସୁଥିବ, ଖାଇଯିବ ତତେ । ଗଲୁ ରୁ ଯା; ଯା କହୁଁଚ ।

"ହିଁ, ଶାଢ଼ୀ ଆଣିଦେଲ । ସେଇଠୁ ମା ଝୁଅ ଦହେଁ ଚଢ଼ିଦେଇ, କବାଟ କଲଦେବ ନାହିଁ କ ? ବୁଦ୍ଧି ହେଲଣି ତୋର । ସେମିତ ମୁଁ ଯିବ ନାହିଁ । ଚାଲ୍, ରୁ ବ ଯିବୁ । ବୁଲିଯିବା ଚାଲ୍ । ଖାଲଟାରେ ବସିଚୁ କାହିଁକ ? ଆ, ବାହାର୍—"

"ଫେର୍—ମତେ ଛୁ ନା; ବୋଉ ଗାଳଦେବ । କେଡ଼େ ଓଲୁଟାଏ ରୁ ! ଯାଉଚ ମୁଁ, ଦେଖ୍"—ଧାଇଁ ଧାଇଁ ପୁନ ଅନ୍ଧାର ଘର ଭିତରକୁ ପଶିଗଲା । ସନଆ ଓଲୁ ପର ଠିଆ ହୋଇଥାଏ । କହଲ—ଭଲ ରେ !

ପହଲ ଉପହାର ତାର ଜୀବନରେ । ସେହ ଶାଢ଼ୀ ଝଣ୍ଡକ ଆଣିବା ପାଇଁ କେତେ ପାଞ୍ଚ ଭାବଥିଲ । କେତେ ଉପାୟ ଯୋଖି ବିପଦ ମୁଣ୍ଡେଇ, ସମୁଦ୍ର ମନ୍ଥି,

Digitized by srujanika@gmail.com

ସେ ପାଉଥିଲା ରହୁ । ଶାଢ଼ୀ ଖଣ୍ଡ ଧରି ପୁନି ଅନ୍ଧାର ଘରେ ପଶିଲା ଆଉ ରହିଗଲା ସେ ଭକୁଆ ହୋଇ ଯୋଉଠି—ସେଇଠି ।

ଘର ସେ କଣ୍ଡରୁ ପୁନିର ହସ ଶୁଭିଲା । "ମଲା ମ, କ୍ରୋପରା ହଉଚ ! ଶାଢ଼ୀ ଖଣ୍ଡେ ଆଣି ଦେଇଚ ବୋଲି । କେଡ଼େ ଓଲୁଟାଏ ମ, ଯାଉନୁ—"

"ଓହୋ—" ସନିଆଁ ଆନନ୍ଦରେ ଡିଆଁଟାଏ ମାରିଲା; ଯେପରି କି ଏଇଥିପାଇଁ ସେ ଅପେକ୍ଷା କରିଥିଲା । ଚୌକାଠରେ ମୁଣ୍ଡ ବାଡ଼େଇ ହୋଇଗଲା ।

"ଦେଖ୍, ପୁନି, ପାହାରେ ଦେଲି । ହେଲେ, ସେ ଶାଢ଼ୀଟାକୁ ରୁ ପିନ୍ଧିବୁ । ଆସି ଦେଖିଯିବି—" ଦୁମ୍ ଦୁମ୍ ହୋଇ ଦୌଡ଼ିଗଲା । ଆସୁ ବିପଦ, ଯେ ଯାହା କହୁ; ପୁନି ତାର ଶାଢ଼ୀ ପିନ୍ଧିବ । ଏମିତି ଆହୁରି କେତେ କଣ ସେ ଆଣିଦେବ । ଦେଉ ଦେଉ ଦିନେ ଗୋଡ଼ ତାର ପଡ଼ିଯିବ ଖାଲରେ ଯଦି, ପୁନି ବାହୁନିବ । ତା'ରି ଲାଗି ଆପଣାକୁ ଉଜାଡ଼ିଦେବାକୁ ମନ ହୁଏ । ଦୁନିଆର ସବୁଯାକ ମୋହିନୀ ସେହି ମୁହଁ ଖଣ୍ଡିକରେ । ଧନୀବୁଢ଼ାର ମନ୍ତ୍ର ପ୍ରତି ସମ୍ମାନ ଆସୁଥାଏ । ସେହି ଶିଖେଇଛୁ ନିର୍ଭିକ ହୋଇ ଆନନ୍ଦ ଖୋଜିବାକୁ । ସବୁ ବିପଦକୁ ସେ ପିଠି ପଛେଇ ଦେବ । ଭୟ ନାହିଁ । ମନେ ମନେ ସନିଆ ପୁନି ସଙ୍ଗେ କଥା-ଭାଷା କରି, ମନମାଫି ଉତ୍ତର ପାଇ ପାଇ, ଆପଣାଭୁଲା ହୋଇ ଧାଇଁଥାଏ । ଇଚ୍ଛା ହେଉଥାଏ, ଧନୀବୁଢ଼ା ପାଖକୁ ଯିବ । କହିବ—ମୁଁ ତୋର ଚେଲା, ମୁଁ ତୋର ଗୋଲାମ । ବଡା ଆଉ କଛୁ । ତା ପରେ ସିଧା ମଦଖଟି । ପୁନି କି କହୁ କଛୁ; ସେ କଣ ଖୁସି ହୋଇ ନ ଥିବ ? ଆଜିର ଏ ଦିନ—ସେ ଖଣ୍ଡେ ଶାଢ଼ୀ ଆଣି ଦେଇପାରିଛୁ । କି ଆନନ୍ଦ ! ଯା ପରେ ଅବଶ୍ୟ ମଦଖଟି—।

ଖଣ୍ଡେ ଦୂର ନ ଯାଉଣୁ ପୁନିମା ସଙ୍ଗେ ହାବୁଡ଼ା ହାବୁଡ଼ି । ଶାଢ଼ୀ ଦେବା କଥା ତଣ୍ଟି ଯାକେ ଉଠି ଉଠି ଆସୁଥାଏ । ଭାବିଲା, ସେ କଛୁ କହିବ ନାହିଁ । ପୁନିମା ନିଜେ ଦେଖୁ, ନିଜେ ବୁଝୁ ।

"କରେ—"

"ଯା, ଯା, ପୁନି ଅନ୍ଧାରରେ ବସିଚ ମାଉସୀ— ।" ଉପାୟ ନାହିଁ, ପେଟରୁ କଥା ବାହାରିଗଲା । "ଅନେଇଁଲୁ ମୋ ଆଡ଼କୁ ସନିଆ ! ଆମ ଘରକୁ ଯାଇଥିଲୁ କି ରେ ଅଲକ୍ଷଣା ! କହ, ସତ କହ; ନଇଲେ ଅଇଗ୍ର--"

"କାହିଁକି, ହେଲା କଣ ମାଉସୀ ? ତମ ଘରକୁ ଗଲେ କଣ ପାପ ଲାଗିବ— ?"

Digitized by srujanika@gmail.com

"ସେ ସବୁ ସେକ୍‌ଚାଲିଆ କଥାଗୁଡ଼ାକ ମତେ ସୁଣ ଲାଗେ ନାହିଁ ଜାଣି ଥା । ମୁଁ ନାହିଁ, କେହୁ ନାହାନ୍ତି । କାହିଁକି ବାର ବଜାଣ୍ଡ ମଣିଷ ଯିବେ ମୋ ଘରକୁ ? ମୁଁ ପୁନିକି ମନାକରି ଦେଇଛୁ; ତତେ ମନାକରି ଦେଉଚି । ଯେତେ ଦିନ ପିଲା ପିଲା ଥିଲି ଯିନା ! ଆଉ ସେ ମିଶିବ ନାହିଁ ତୋ ସାଙ୍ଗରେ—"

ସନିଆ କାବା ହୋଇଗଲା । ତେବେ—ପୁନିମାର ସ୍ୱଭାବ ସେ ଜାଣେ । ଭରସି କରି ବିଶ୍ୱାସରେ ପଚାରିଲା 'ପୁନି ଘରେ ରହିଲାଣି କି ମାଉସୀ ?'

"କରେ, କରେ ଚୁଲିପଶା, ତୋ ବାପର କଣ ଗଲା ? ଯା, ଯା; ଖାକ୍ ଖାକ୍—"

"ବାଟରେ ଦେଖିଲେ ଦୁରୁଡ଼ୋଉଚୁ କାହିଁକି ? ମୁଁ ତୋର କଣ କଲି ?—"

ଯିବୁଟିରୁ; ଆଉ ଦିନେ ଯଦି ମୋ ଦୁଆର ମାଡ଼ିବୁ ଦେଖିବୁ ପୁଣି । ଯାବତ ବଜାଣ୍ଡ ଟୋକା, କୁକୁର ଧାଉଡ଼ି ଲାଗେଇଚ । ଯା, ପଳା—"

"କାହିଁକି ମିଛରେ ମତେ ଗାଳିଦଉଚୁ ମାଉସୀ ? ଯାଇଥିଲି ତ କଣ ତୋର ଉଜାଡ଼ି ଦେଇ ଆସିଚି, ଯା ଦେଖିବୁ । ପୁନି ପାଇଁ ଖଣ୍ଡେ ଛିଟ ଶାଢ଼ୀ ଆଣିଦେଇଥିଲି ବୋଲି ଯାଇଥିଲି ।" ଆଉ ଯିବ କୁଆଡ଼େ ? ସଇଁ ସଇଁ ହୋଇ କେମା ଗର୍ଜିଉଠିଲା । କହିଲା—ଛିଟ ଶାଢ଼ୀ—ଏମିତି ଛିଟ ଶାଢ଼ୀ ଦେଇ ଆସେ ରେ ରାଣ୍ଡୀ ଅଣ୍ଟୁକୁଣ୍ଡ ଘର ପୁଅ ! କୁହାଳିଆ ପଡ଼ିବୁ ! ଦେଖ ହୋ—" ଗୋଳମାଳ ଶୁଣି ବାଟୋଇ ଅଟକିଲେଣି । ଦି ଜଣ ଚମକି ଆସିଲେଣି ପାଟି କରି କରି—"କଣ ହେଲା ? କଥା କଣ ?"

"ଦେଖ ତ ଏ କେମିତି କହୁଚି—"

"ହାଁ, ହାଁ ; ଲଗା ତାକୁ । ଆରେ ଥୋପା ମ—ବଢା ଗଲା କାହିଁ—"

"ଆଉ ଦିନେ ଯଦି ରୁ ମୋ ଘରକୁ ଆସିବୁ—" ଗର୍ଜି ଲାଗିଚି ପୁନିର ବାଘୁଣୀ ମା । ସନିଆ ପାର୍ । କି ଦୋଷ କରିଛୁ କାହାର ସେ ! କାହିଁକି ଏମିତି ପୁନିମା ଉରୁବୁଛୁ । ଭାବିବାକୁ ବେଳ ନାହିଁ । ମଦୁଆ ପାଟି କରୁଛନ୍ତି । ସନିଆ ଅନ୍ଧାରରେ ଅଦୃଶ୍ୟ ହେଲାଣି ।

କେମାକୁ ଘେରେଇ ପକେଇଲେଣି ସାନ୍ତ୍ୱନାରେ । ହାମ୍ ବଜାରର ସହାନୁଭୂତ । 'କୋଉଠିକି ଯିବ ? ହଁ, କଣ ହେଲା ? କୁଆଡ଼େ ଗଲା ସେ

Digitized by srujanika@gmail.com

ପିଲ୍ଲ ? କଣ କଥା ?' ମୁହଁକୁ ପୋଡ, ଚରଚର କରି ପୂଜାର ମା ଘରଆଡ଼କୁ ଚାଲିଲା । ପଛରୁ ମଦୁଆ ପାଟି କରି କରି ଆସୁଛନ୍ତି—"ଏମିତ ପଳେଇ ଯାଉଚ କାହିଁକ ? ହୋ ଯାଙ୍ଗୀ; କହିଗଲ ନାହିଁ ?"

ମଦୁଆଟା ଘରଯାକେ ପିନ୍ଧୁ ଧରିବ ନାହିଁ ତ ! ବାଟକୁ ଛାଡ଼ିଦେଇ କେମା ଆର ଗଳାକୁ ଚାଲିଗଲା । ପଛରୁ ମଦୁଆ ଘୂଙ୍ଗୁଳେଇ ଆଣୁଛି ଗୀତ ବୋଲିଲା ପରି, "ପଳେଇଲା ରେ ପଳେଇଲା ।"

ଏମିତ ସାହି, ଏମିତ ଘର ! ବାର ଲୋକଙ୍କ ବୁଦ୍ଧି । ମଦୁଆ, ବଜାଣ୍ଡି, ମଣିଷର ଥାଇତା ନାହିଁ । ହେଁ ହେଁ, ଫେଁ ଫେଁ, ହେରେସୀ, ଫୁଲେଇ, ଜୁଡ଼ାବାନ୍ଧୀ, ଫୁଲନାଇ । ଯେତେବେଳେ ଦେଖିଲେ ସମ.ନ ତାଙ୍କର ସଂଖ୍ୟା । କର୍ଣ୍ଣ ମଲେ ପାଞ୍ଚ, ଅର୍ଜ୍ଜୁନ ମଲେ ପାଞ୍ଚ । ଉଡ଼ି ଉଡ଼ି ସୁଖ ସରିଯାଏ । ରୋଗ ଘୋଟେ, ଘା ଫୁଟେ, ଆୟୁଷ ଲୁଟିଯାଏ । ଅନ୍ଧାରୁଆ ଘର ଭିତରେ ସନ୍ତସନ୍ତିଆ ଫିମ୍ପିମରି ଚଟାଣରେ, ଛିଣ୍ଡା ହେଁସ ଉପରେ କିଏ ସେ ପଡ଼ିରହେ । ନାକରେ କାନ୍ଦ କାନ୍ଦ ଅପେକ୍ଷା କରେ, କେବେ ଦିନ ସରିବ । ଗୋଡ଼-ଦଳା ବାସିଫୁଲ । ତାର ଜାଗା ଖାଲି ପଡ଼ି ନାହିଁ । ମୁହଁରେ ତେଲ, ହଳଦୀ ବୋଳା ହୋଇ ଆଉ କିଏ ହସୁଛି ।

ସେ ନାହିଁ ।

ନା, ଆପଣା ଧୂଆଁତ ଦେଖିଛି, ଉଡ଼ା ଜୀବନରେ ସୁଖ ନାହିଁ । ପୂଜାକୁ ସେ ଉଜାଡ଼ି ଦେବ ନାହିଁ । ମା'ର ମନ । ଛୁଆବାଲି ବୋଲେଇ ପରି ପରକୁ ଖାଇ ଗୋଡ଼ୋଉଛି; କାଲୁ ବଢ଼ିଲା ନଈ ପରି ବଢ଼ିଲା ଝିଅ । କେତେ ଦିନ ତାକୁ ଅଟକେଇ ହେବ ! ବର ଦରକାର । ସଜନିଆ ବାଭ ହେବାକୁ ଚାହେଁ । ସାଧାରଣ ମେହେନ୍ତାଣୀ ଭଳିଯା, ଅସନା କାମରେ ନଖ ଘୋଷରି ହେବ । ମଦ ପାଣି ଖାଇ ଦୁଃଖ ଭୁଲିବ । ତାର ମେହେନ୍ତର ବର । ତାର ବି ସେହି କାମ, ସେହି ପରିଚୟ । ତାଡ଼ି ପିଇ ମାତିବ, ପିଟିବ । ସେହି ବାଟରେ ଯିବେ କୁକୁରଛୁଆ ପରି ତାଙ୍କର ଅକର୍ମା ଛୁଆ, ଅଭାବରୁ ଅଭାବକୁ, ଦୋଷରୁ ଦୋଷକୁ । କଥା ନ ମାନି ସୁନା ଗୋଡା ଡେଇଁ ଚାଲିଯାଉଛି । କପାଳର ଲିଖନ । ସହରର ଧନ ତାଙ୍କର ନୁହେଁ । ଏଇ ହସଖୁସିରେ ତାଙ୍କର ଭାଗ ନାହିଁ, ଆଶା ନାହିଁ, ବଡ଼ତ ନାହିଁ । କୋଠା ସେ ପାଖର ଅଳିଆକୁଢ଼ ସେମାନେ । ଫଟାହାଣ୍ଡି ପରି କପାଳ ତାଙ୍କର ପୋଡ଼ା ।

କିଏ ଡାକଥିଲା ପୂଜାକୁ ତାହାରି ପେଟରେ ଜନ୍ମ ହେବାକୁ ?

Digitized by srujanika@gmail.com

ଅବିନାଶବାବୁ ଘରେ ବିଜୁଳି ଆଲୁଅ ଜଳୁଛି । ମେଘନାଦ ପାଚେରି ବଢ଼ୁଛି ଅସୁରର ପିଠି ପରି । ଉପରେ ଥାଏ; ତଳୁ ଟେକା ଗଲେ ତାକୁ ବାଜେ ନାହିଁ ।

ପନ୍ଦରଟା ବର୍ଷ କାଳ ପରି; କିନ୍ତୁ ଏହି ଆଲୁଅର ଆଖିରେ ସେ ବିମୂଢ଼ । ଜେମାର ମନ କଣ ହୋଇଯାଉଥାଏ । ପଦ୍ମହି ଡାକିଲି, ପୂନର ସୋର୍ ନାହିଁ । ନଦ ମଲମଲ ହୋଇ ପୂନ ଉଠିଲି । "କୁଆଡ଼େ ଯାଇନୋଉଁ ତ ?" "କୁଆଡ଼େ ଯିବ ବୋଉ !" ଆଶ୍ୱସ୍ତ ଲଗିଲି ।

ଜେମା ହାତ ବଢେଇ ଦେଲି ।

□ □

Digitized by srujanika@gmail.com

ଅଠର

ଏମିତି କହିଦେଲବାଲ ! ପୁନ ପାଖକୁ ସେ ଆଉ ଯିବ ନାହିଁ; ନୁହେଁ— ସନିଆ ଶୁଣୁଥାଏ, ପୁନ ବୋଉର ମିଜାଜ ବିଗିଡ଼ିଛି । ଅକାରଣରେ ତାର ସବୁଗର ମୁହଁ ଉପରେ ନର୍ଘାତିଆ ମାଡ଼ ଦେଲା । କାହିଁକି ? ତାର ଉତ୍ତର ନାହିଁ । ବିନା କାରଣରେ, ବିନା ବଚନକାରେ ଏଠି ସବୁ ଘଟେ । ଭାଗ୍ୟ, ସମସ୍ତ । ଅପ୍ରତ୍ୟାଶିତ । ମଦ ପିଇ କାହାର ମୁଣ୍ଡ ଖରାପ ହୁଏ, କାହାର ବା ମଦ ନ ମିଳିଲେ ହୁଏ । କିଏ ଦୁର୍ବଳ ଦେହରେ ଦିନଯାକ କାମ କରି ଟିକିଏ କଥାରେ ଭୁକି ଉଠେ । ସବୁ ସୁଧୁରିଯିବ । ଧୂଳିଆ ମୁଣ୍ଡ କାମରେ ଲୋଟୁଥାଏ, ଯାହାପାଏ ତାହା ଓଟାରି ନିଏ ଦୁଇ ହାତରେ । ପରିଣାମର ନକ୍ସା କାଟିବାକୁ ସମୟ ନାହିଁ ।

ମନଟା ଖରାପ ହୋଇଥିଲା । ସବୁଯାକ ରାଗ ପଡ଼ିଲା ସେହି ଦି'ଟା ଲୋକଙ୍କ ଉପରେ; ଯେଉଁମାନେ ଭଲୋଇ ହୋଇ ତାର ନର୍ଯାତନାରେ ସାହାଯ୍ୟ କରିବାକୁ ଚାଲି ଆସିଥିଲେ । ଅନ୍ଧାରୁଆ ଦେଖି ବାଟ ଓଗାଳି, ପଚାରିଲା, କିଏ ତୁମେ ? ଅବସ୍ଥା ଘଟାନ୍ତା, ଚହଲାନ୍ତା ସେ ସନିଆ । ଗରମ ହୋଇ ଉଠିଲା । ପିଇ ନେବାକୁ ମନ କରି ପୁଣି ପୁନ ଘରବାଟେ ଗଲା । ରୋଷେଇ ବସିଛି । ପୁନର ପାଟି ଶୁଭୁଛି ଘର ଭିତରୁ । ହଠାତ୍ ମନେହେଲା, ପୁନ ତାର ଭାରି ଦରକାର । ସେହି ଛିଟ ଶାଢ଼ୀ ଖଣ୍ଡିକ ପିନ୍ଧି ପୁନ ପଦାକୁ ବାହାରି ଆସନ୍ତା । ତାହାରି ତୁଣ୍ଡରେ କହନ୍ତା-- ମୁଁ ଆସିଚ । କି ସୁନ୍ଦର ରାତି ହେଇଚ ! ବୁଲି ଯାଆନ୍ତେ ନାହିଁ ?

ଡାକିବାକୁ ମନ ହେଉଛି । ଅଟକି ରହୁଛି । ଘରେ ବସିଛି ଡର । ତାର ନାଁ ଜେମା । ମନକୁ ବୁଲେଇ ଦେଇ ସାନ୍ତ୍ୱନା ଦେଲା । ଆଜି ପାଗ ବିଗିଡ଼ିଛି, ଆଉ ଦିନେ, ଆଉ ଦିନେ । ସାହିଲୋକେ ଚାଲିଛନ୍ତି, ନୂଆଲୋକ ଚାଲିଛନ୍ତି । ଦିନର କାମର ପ୍ରତିଦ୍ୱନ୍ଦ୍ୱୀ ସ୍ୱରୂପ ଠିକ୍ ଓଲଟି ପଡ଼ି ଭଲ ଶାଢ଼ୀ ପିନ୍ଧି, ଫୁଲ ନାଇ, ହାଲ୍କା ମନରେ ଚଳଚଳେଇ, ଚଳଚଳେଇ ବୁଲି ଲାଗିଛନ୍ତି ସାହିର ଝିଅମାନେ । କିଏ କୁଆଡ଼େ ଯାଉଛି । ସାହିର ପିଲା, ସନିଆ ଦେଖି ଦେଖେ ନାହିଁ । ତାର ମୁଣ୍ଡ ପଛରେ ଦମ୍ଭ ହୋଇ ବସିରହିଛି ପୁନ ।

ପୁନ ଘର ଆଗରେ ବହୁତ ଡେରି ହୋଇଗଲା । ନିଘା ହେଲାବେଳକୁ ଅଚିହ୍ନା ଭଲଲୋକ ଦି'ଜଣ କୁଆଡ଼େ ଗଲେଣି । ମନ-ଖରାପ ଭଲ ହୋଇ ନାହିଁ । କେଉଁଠି କିଏ ଘୋଟିଛି ଆଜି ! ପୁରିଲା ପୁରିଲା ସହର ଭିତରେ କଳ ବିଗିଡ଼ି ଯାଇଛି । ଭଲ ଲାଗୁ ନାହିଁ, କେମିତି ନିଛାଟିଆ ଲାଗୁଛି । ମିଲଦାନୁଁ ଏଇ

Digitized by srujanika@gmail.com

ସହରରେ ବଢ଼ି, ଆଜ ଲାଗୁଛି ଏଠି ତାର କେହି ନାହିଁ, ଏଠି ତାର ସମ୍ବନ୍ଧ ନାହିଁ । ବଡ଼ ସହର କେବେ ଆପଣାର ହୁଏ ନାହିଁ ।

କୋଠାଭର୍ତ୍ତି ଗହଳମସ୍ତ ଏହି ବଡ଼ ସହର । ନାନା ପତ୍ତନରୁ ମାଲ ମାଲ ହୋଇ ବତୀ ଝୁଲୁରହିଛି । କଳା ଆକାଶରେ ସହରର ଆଲୁଅ ଧାସ । ଦୂରର ଗାଡ଼ି ଆଲୁଅ ଦଉଡ଼ୁଛି ପଛକୁ ପଛ । ଉଲ୍‌କା ପରି ଆଲୁଅରେ ଗାର କାଟିଦେଇ ମଟର ପଳେଉଛି । ଗାଡ଼ି, ଘୋଡ଼ା, ମଣିଷ, କୋଠା । ଅହରହ ଶବ୍ଦ । ବେପାର, ପଇସା, ଟଙ୍କାର ସହର । ଦରିଦ୍ରର ସ୍ଥାନ ନାହିଁ ।

ଦିନାକେତେ ତଳେ ଏ ହାଡ଼ିସାହି କେତେ ବଡ଼ ଥିଲା । ଜକାଜକ ନୁହେଁ ମେଲା ଖୋଲା । ଥାଉ ସେଠି ଖାଲି କୁଦ, ମଇଳା ଅଳିଆ, ଛଡ଼ା ଛଡ଼ା ହୋଇ ଗାଁ ପରି ସେ । କରତୁ କରତୁ ଅତଡ଼ା ଖାଇଲା ପରି ବଡ଼ ସହର ସବୁ ଖାଇଯାଉଛି । କୋଠା ବସିଲାଣି । କେତେ କୋଠାର କଙ୍କାଳ ଠିଆ ହେଲାଣି । ଛିଅର ବୁନିଆଦି କିଏ କୁଆଡ଼େ ଗଲେଣି, ତାଙ୍କର ଆଜ ପତ୍ତା ନାହିଁ । ମନ ଖୁସିଥିଲେ ସନିଆ ଏହି ସହରକୁ ଚାହେଁ, ସହର ହସିଲା ପରି ଦିଶେ । ପୂଜବୋଉର ଗାଳି ଆଜ ସହରରେ ବାଜି ଲେଉଟି ଆସୁଛି । ଶବ୍ଦେ କଣ୍ଠରେ ସହର ଅଟ୍ଟା କରୁଛି, ଗୁଡ଼ଘର ପିମ୍ପୁଡ଼ିର ନୁହେଁ, ଦୂର୍ ପଳା, ଦୂର୍ ପଳା ।

ମନ ଖୁସି କରିବାକୁ ସାଙ୍ଗୀ ଦରକାର । ଡାକ ଡାକ ଫେରିଲା । ଏତେ ଡେରିରେ କେହି ମିଳିବେ ନାହିଁ । ସଞ୍ଜରୁ ଧରିଥିଲେ ମଜା ହୋଇଥାନ୍ତା । ମଦ ଖାଇବାକୁ, ବୁଲିସିବାକୁ ପଇସା ଦରକାର । ଯାହା ସଞ୍ଚିଥିଲା, ଝାଡ଼ିଝୁଡ଼ି ଦେଇ ଛିଟ ଶାଢ଼ୀ କିଣିଛି । ଛିଟ ଶାଢ଼ୀ, ଛିଟ ଶାଢ଼ୀ । ଦିନକର ପାଗଳାମି ସବୁ ଟାଣିନେଇ, ବଦଳରେ ଦେଇଛି ରାସ୍ତାରେ ଶୋଧା, ଗାଳି । ଦୁଗୁଣେଇ ହୋଇ ପୂଜମା'ର ଶୋଧା ମନେପଡ଼ିଲା । ବିଶ୍ୱାସର ତଳକୁ ଭେଦିଲା ନିରାଶା । ସେ ହାରିଛି ।

କିଏ ଜଣେ ଆସୁଛି । ଓଢ଼ଣା ପକେଇଛି । ସାଙ୍ଗରେ ଚାଲିଛି ଛୁଆ ବକଟେ । ଭଲ ଶାଢ଼ୀ ପିନ୍ଧିଛି । ବାପ୍ପା ବୋଲି ହୋଇଛି । ଅନ୍ଧାରେ ଅନ୍ଧାରେ ଛପିଲା ପରି ଚାଲିଯାଉଛି । ସନିଆ ତାର ପିଚ୍ଛା ନେଲା । ଚାଲିଚାଲିକା ମଶାଣି ଆଡ଼କୁ । ମଶାଣି ବାଟର ଦୋଛକି ସେ ପାଖେ ବରଗଛ ମୂଳେ ଲୁଚି ହୋଇ ବସିପଡ଼ିଲା । ରାସ୍ତାରେ ଟଳି ଟଳି, ଗୀତ ବୋଲି ବୋଲି ମଦୁଆ ଚାଲିଛନ୍ତି । ଦୂରରେ ତଳେ ମଶାଣିରେ କିଏ ଜଳୁଛି । ନାଲିଆ ଧାସରେ ମାଲ ଖାଇ ଦିଶୁଛନ୍ତି । କାହିଁକି ବସିଲା ସେଠି ସେ ! କଥା ନାହିଁ, ବାର୍ତ୍ତା ନାହିଁ । ସାହିର

Digitized by srujanika@gmail.com

ମଣିଷ । ଏହି ସହରର କମିଆଁ । ମାହାଳିଆ ଚାଲୁଥିଲେ ଅନୁଭୂତ ମଜା ହାଉଡ଼େ । କୁତୁହଳ ତୁଟେଇବାକୁ, ସମସ୍ତ କାଟିବାକୁ । ଫୁଟି ଫୁଟିକା ଜଳିଲାଗିଛି ମଶାଣିର ନିଆଁ । ପବନରେ ଧୂଆଁ ଉଡ଼ିଆସୁଛି । ପୋଡ଼ା ମଣିଷର ଫୁରୁକୁଟିଆ ଗନ୍ଧ । କରଛଡ଼ା ଦେଇ ସହର ରହିଛି ଏଠୁ । କୋଠାବାଡ଼ି, ମଣିଷ ଗହଳି । ନଇର ବାଲିଚରରେ ଅନ୍ଧାର ପଡ଼ୁଛି । ମଲା ମଣିଷ ଜଳୁଛି । ଶାଢ଼ୀ ପିନ୍ଧି ବସିରହିଛି କେହି ଜଣେ ବରଗଛ ମୂଳରେ ।

ଦୂରରୁ କିଏ କାନ୍ଦୁଛି । ମଶାଣି ଆଡ଼ୁ କାନ୍ଦଣାର ରୋଳ । ସଂସାର ସରିଗଲା କାହାର ? ଆଖି ଫୁଟିଗଲା । ଭଉଁରି ଭଉଁରି ଧୂଆଁ ଉଠୁଛି । ନୂଆ ନୁହେଁ, ଅଧ ପୁରୁଣା । ଦୂରରୁ କେଉଁଠୁ ନଅଟା ବାଜିଲା । ନିର୍ଜନ ବାଟ । ମଶାଣିରେ କିଏ କାନ୍ଦୁଛି । ସହର ଭିତରୁ ତୀର ବେଗରେ ଧାଇଁ ଆସୁଛି ଗୋଟାଏ ମଟର । ବାଁ, ଡାହାଣ ବାଟ ଛାଡ଼ିଦେଇ, ସିଧା ଏହି ଆଡ଼କୁ । ବରଗଛ ତଳେ ଫଡ଼ ଫଡ଼ ଶବ୍ଦ । ବାଦୁଡ଼ିର ପଖି ନୁହେଁ ମଣିଷର । ଧଡ଼୍ କରି ମଟର ଠିଆ ହେଲା, ଆଲୁଅ ଲିଭିଗଲା । ଧୋବଲା ହୋଇ ଜଣେ ଲୋକ ।

ପାଖକୁ ଯାଉ ଯାଉ ମଟର ପିଠିରେ ଦଟା ବୋଲୁଅ । ଠଣ୍, ଠଣ୍ । ଠିକ୍ ଶୁଭୁଛି । ମଶାଣି ଜଗୁଆଳି ପରି କଳାକଳା ପାଟି । ଅଭଦ୍ର, ଅସଭ୍ୟ । "ଆଜି ଧରାପଡ଼ିଚ ବାପଧନ ! ରହ, ଯାଉଚ ରଇ ଥା । ଚାଲ, ଚାଲ, ସବୁର କର୍ ।" ଧଡ଼ପଡ଼ ହୋଇ ମଟର ଚେଇଁଉଠିଲା । ସାନ ପିଲା ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ି ଯାଉଛି । ଆଲୁଅ ଜାଳି ମଟର ଧାଇଁ ପଳେଉଛି । ଧୂଳି କଟିଗଲାପରେ ଦିଶୁଛି କିଛି ନ ଜାଣିଲାପରି ମୁହଁକୁ ତଳକୁ ପୋତି ସେହି ଓଢ଼ଣା ଚାଲିଛି ଚାସ୍ତାଏ ଚାସ୍ତାଏ । ସନିଆ ବାହାଦୂରି ନେଲା । ଏହି ଗୋଟାଏ କାମରେ ଆଜିର ପରାଜୟ ସୁଧୁରିଗଲା ତାର । ମନଇଚ୍ଛା ଠୋ ଠୋ ହସି ପିଚ୍ଛା ନେଲା ଓଢ଼ଣାର ।

"ଆରେ ହେ, ରହ ରହ । ସାଙ୍ଗ ହେଇ ଯିବା—"

"ମଟର ଚାଲିଗଲା, ଦଉଡ଼ୁ ନାହିଁ ଲୋ—"

ମୁଣ୍ଡରେ ଓଢ଼ଣା ଆଉ ନାହିଁ । ବଡ ମଣିଷଟା ଦୌଡ଼ୁଛି । ଭଁ ଭଁ ହୋଇ କାନ୍ଦି କାନ୍ଦି ଦୌଡ଼ୁଛି ସାନ ପିଲା, ଠିକ୍ ସମାନ୍ତରାଳ ହୋଇ । ଲୋକଟାକୁ ଚହ୍ନିବାକୁ ପଡ଼ିବ । ସନିଆ କୁଦିଗଲା । କଚାଡ଼ି ହୋଇ ପଡ଼ି ପୁଣି ଉଠି ପଡ଼ି ସ୍ତ୍ରୀଲୋକ ଧାଇଁଛି, ପଛେ ପଛେ ସନିଆ । ଉଲ୍ଲାସରେ କୁକୁରପରି, ଗେଧ ମାଙ୍କଡ଼-ପରି ବୋବେଇ ବୋବେଇ ଚାଲିଛି । ସାମ୍ନାରେ ଏହି ବଡ଼ ସହର । ଏଠି ଏତେ ମଣିଷ, ଏତେ ନବରଙ୍ଗ ! ଖୋପ ପରି ଗଳି, ସେଠି ମୂଷା ପରି ମଣିଷ । ସେହି

Digitized by srujanika@gmail.com

ଆଡ଼କୁ ସ୍ତ୍ରୀଲୋକ ଦୌଡ଼ୁଛି । ସନିଆ ଭାବିଥିଲା, ଜଗାପଟ ସମ୍ପୂର୍ଣ୍ଣ ହୋଇଛି; କିନ୍ତୁ ପାଖକୁ ଚମକି ଆସିବା'ରୁ ସ୍ତ୍ରୀଲୋକ ଠିଆ ହେଲା, ଫଁ କରି ଉଠିଲା । ସେ ମୂଷା ନୁହେଁ; ମୂଷା ଯେ ଧରେ—ବିଲେଇ ।

“ମଦୁଆ, ବଦ୍‌ମାସ୍, ଗୁଣ୍ଡା କାହିଁକା; କଣ କରି ପାଇଲୁ କି ରେ ? କୁଆଡ଼େ, ଧାଇଁ ଆସୁଚୁ କୁଆଡ଼େ—କୁତ୍ସିତ ବୀଭତ୍ସ ଗାଳି । ସନିଆର ସାହସ ଉଡ଼ିଗଲା । ଧୀରେ ଧୀରେ ସ୍ତ୍ରୀଲୋକ ଗୃଲୁଛି, ଢ଼କାଳିପରି ପଛେ ପଛେ ସନିଆ । ସାହିମୁଣ୍ଡ, ରାସ୍ତାର ନଲ୍‌ଟଣ । ସ୍ତ୍ରୀଲୋକ ଠିଆ ହେଲା । ଶାଢ଼ୀରେ ଧୂଳି ଲଗିଛି, ବେଶ ନଷ୍ଟ ହୋଇଯାଇଛି । ବୃଳପଢ଼ କହିଲା—କିଏ ରୁ, କଣ କହୁଚୁ ? ପାଟି କରିବି, ଦେଖିବୁ ?—

ସନିଆ ଚହ୍ଲି ପକେଇ କାବା ହୋଇ ଠିଆ ହେଲା ।

“ହଇ ଲୋ, ରୁ ରଙ୍ଗ ! ହଇ ଲୋ ରୁ—?”

“ସନିଆ—!” ରଙ୍ଗ ପ୍ରାୟ କାନ୍ଦିଲାପରି ।

“କିଏ କି ଲୋ ସେ ?”

“କିଏ ?”

“ସେଇ ମଟର ଗାଡ଼ିରେ ?” ରଙ୍ଗ ଅଟେଇ ଅଟେଇ ହେଲା । କହିଲା—କୋଉ ମଟରଗାଡ଼ିରେ ?

ସନିଆ ହୋ ହୋ ହସିଲା । “କହୁନୁ ରଙ୍ଗ, କିଏ ସେ, କିଏ ?”

“ମୁଁ କିଛି ଜାଣେ ନାହିଁ, ଭାକ୍—”

ଗଳି ଅନ୍ଧାରରେ ରଙ୍ଗ ଲୁଚିଗଲା । ଏହି ସେ ରଙ୍ଗ । ଦିନବେଳେ ପାଇଖାନା ସଫା କରେ, ରାତିରେ ବେଶ ହୁଏ । ସନିଆର କି ଯାଏ ? କିନ୍ତୁ ସେହି ମଟରଟା !

ମେହେନ୍ତରର ମଟର ଚଢ଼େ ନାହିଁ । ସନିଆର ଆଖିରେ ସେ ଖେଣ୍ଡାପରି ।

□ □

ଊଣେଇଶ

ନଅଟା ବାଜିଲାଣି । ସାନ୍ଧ୍ୟ ଛୁନା ପଡ଼ିଗଲାଣି । ଅନ୍ଧାର ଭିତରେ ଜୁଳୁ ଜୁଳୁ ହୋଇ ଆଲୁଅ ଦିଶୁଛି । ଧନୀବୁଢ଼ାର ଟୁଙ୍ଗୀ ଖୋଲିଅଛି । ତାର ଘର, ତାର ଆଶ୍ରମ ସବୁ । ଦୁଆରମୁହଁ ପାଖକୁ ଯାଇ ସାନ ବଖରାର ଗଞ୍ଜେଇ ଧୂଆଁ ଭିତରକୁ ସନଆ ସ୍ୱର ଛାଡ଼ିଦେଲି ।

"ଧନୀ ଅଜା—"

"କିଏ ରେ ବାପ, ଟାଣିବ ଦମେ ? ଆସ ଆସ ।"

କଳା ନେସି ହୋଇଥିବା ଫଟା କାଚ ଲାଗିହୋଇ, ନଲ୍‌ଟେଣ୍ଟିଏ ଜଳୁଛି କେଉଁ ଦୂରରେ । ଘରଯାକ ଗଞ୍ଜେଇ ଧୂଆଁ ଲହଡ଼ି ଖାଉଛି । ଆଖି ଅଭ୍ୟସ୍ତ ହେଲେ ଦିଶୁଛି ଧାଡ଼ି ଧାଡ଼ି ହୋଇ ଚେକାମହୁଲ ପକେଇ ହାଡ଼ମାନେ ବସିଛନ୍ତି । ମୁହଁ କରି ବସିଛି ଧନୀବୁଢ଼ା ତାର ଦାଢ଼ି ଝୁଲେଇ । ଆଜି ଧର୍ମଚର୍ଚ୍ଚା ପଡ଼ିଛି ।

"ଧନୀ ଅଜା—"

"ହଁ, ବସ । ବଢ଼େଇଦିଅ ଚଲମ କିଏ ଆସିଲେ । କଳ୍କିଙ୍କ ଅବତାର କଥା କହୁଥିଲି । ସତ୍ୟ, ତ୍ରେତା, ଦ୍ୱାପର ସରିଯାଇଛି, ଆଉ ଅଛି ଏଇ କଳିଟା । ତହିଁରୁ ବା କେତେ ଦିନ ବାକି ଅଛି ? ଆମେ ଶୁଣିଛୁଁ ଏତେ ବର୍ଷ, ସେତେ ବର୍ଷ । ବ୍ରହ୍ମା କରି ଲେଉଟେଇଦେଲେ ଯୁଗେ ବଢ଼ିଗଲା । କଳ୍କିଙ୍କ ଅବତାର ବାହାରିବା ବେଳ ହେଇଗଲା— ।" କିଏ କହିଲା—"ଆମକୁ କାଳ ପଡ଼ିବ ଧନୀ ଅଜା; କଳ୍କି ଅବତାର ବାହାରିଲେ ଆଗ ଆମକୁ ନିପାତ କରିବେ । ଆମେ ତ ମ୍ଲେଚ୍ଛ, ଆମରି ପାଇଁ ସେ ଜନ୍ମ ହେବେ—"

"ଓଲ୍‌ଟା ବୁଝିଚ ଭଗବାନ । ଯେତେ କହିଲେ, ତମେ ତ ଏଠିକି ଆସ ନାହିଁ; ଧର୍ମ ଜାଣିବ କାହୁଁ—"

"ମୁଁ କଣ ମୋ ମନରୁ କହୁଚି ନା, କାଲି ମଠକୁ ଯାଇଥିଲି, ସେଇଠି ଏ କଥା ପଡ଼ିଥିଲା—"

"ଭୁ ଭୁଲେଇ ପଡ଼ିଥିବୁ ଦାଦ," ଆଉ ଜଣେ କହିଲା, "ଠିକଣା କଥା ଶୁଣି ପାରିନୋଉଁ । ଶୁଣ୍, ଧନୀ ଅଜା କହୁଚି—"

Digitized by srujanika@gmail.com

ଧମୀବୁଢ଼ା ବକ୍ତୃତା ଦେଲା, "ସେମାନେ ଚମ୍ପୁକ୍ ଠକ୍ଚକ୍ର । କଳ୍କି ଅବତାର ଆମକୁ ମାରିବା ପାଇଁ ନୁହେଁ । ଆମକୁ ତାରିବେ, ତାଙ୍କୁ ମାରିବେ । ନଷ୍ଟହେବ ଏ ଥର । ଆମେ ମଲେ ମଙ୍ଗଳା ପୂଜା କରିବ କିଏ ? ମଲା ଗୋରୁ ଉଠେଇବ କିଏ ? କାମ କରିବ କିଏ ? ଦେଶ ଗୋଟାକ ଅଚଳ ହୋଇଯିବ । ଆମେ ଭଗବାନଙ୍କର ବେଶି ପ୍ରିୟ, ଆମେ ବଡ଼ ଭକ୍ତ । ଭଗବାନ୍ ଭକ୍ତକୁ ଜାଣିଶୁଣି ହରବରରେ ପକାନ୍ତି, ଯେମିତ କି ସବୁଥିରୁ ଲକ୍ଷ ଉଠେଇ ନେଇ, ଲକ୍ଷ ରଖିବ ତାଙ୍କରିଠିଁ—" ସମସ୍ତେ ବାହା ବାହା ଦେଲେ । ସନିଆକୁ ଝିମ୍ପ ଲାଗୁଥାଏ । ଆଜି ଦୁନିଆ ଓଲଟିଛି । କେଉଁଠି ଗ୍ରେଶବଦ୍ୟା ଶିଖେଇବ, ଦୁଷ୍ଟାମି ଶିଖେଇବ ନା ଆଜି ଧମୀ ଅଜା ଗଞ୍ଜେଇ ଭୋଳରେ ହୋଇଛୁ ଧର୍ମଯାଜକ !

"ଲକ୍ଷ ରଖିଥିବ ତାଙ୍କରିଠିଁ, କାମ କରିଯିବ । ତରକଥିବ ତେରକୁ ! ଦାର୍ଢ୍ୟତାଭକ୍ତ ଶୁଣି ନା—"

"ନାହିଁ—"

"ଯାହା କହୁଚ, ତାହା ତ ଶୁଣୁ ନା । ଆମର ହେଇ ଏଇ ସାହିରେ ଦେଉଳଟିଏ କରିବା କଥା ଥିଲା ପରା, କେଉଁଠି ? ଇଟା ଜମା କଲ ? ଘରପାଖେ ଏତେ କୋଠା ଗଢ଼ାହେଉଚି । ସବୁଥିରୁ ସମସ୍ତେ ଘଢକା ଘଢ ଖଣ୍ଡେ ଖଣ୍ଡେ ଇଟା ବୋହି ଆଣିଲେ, ମାସକ ଭିତରେ ଦେଉଳଟାଏ ଠିଆ ହୁଅନ୍ତା । କାହିଁ, ଏତେ ପୁଳାଏ ଇଟା ଜମେଇଚ, ଶୁଣିଲ ତ ନାହିଁ ।"

'"କରିଦବା, କରିଦବା ହୋ ଏଥର—"

ଧମୀବୁଢ଼ାର ମଥା ବିଗିଡ଼ିଛି । ନଟପଟ ହୋଇ ସନିଆ ଅପେକ୍ଷା କଲା । କୁକୁର ଭୁକିଲେ । ଜୋତା ଶବ୍ଦ ହେଲା । ଅନ୍ଧାର ଭିତରୁ ଦୁଆର ମୁହଁରେ ପାଟି ହେଲା, "ଏତେ ଲୋକ କଣ କରୁଚ ଏଠି ?"

"ଲକ୍ଷ ଲଗେଇଛୁଁ । ଧମୀବୁଢ଼ା କହିଲା—"ଆସିବ କି ଭିତରକୁ ? ହୋ ଭଗବାନ, ଗଞ୍ଜେଇ ଅଛି ନା ଆଉ— ?"

"ବାହାରକୁ ଆସ—"

"କିଏ ହୋ ତମେ ? ତମ ଘର କୁଠି ? କୁଆଡ଼େ ଯିବ ?"

"ଆମେ ପୁଲିସ—"

"କୁଆଡ଼େ ଆସିଚ ପୁଲିସବାବୁ ! କଣ ହେଲା କଣ ?" ସମସ୍ତେ ପଦାକୁ ଆସିଲେ ।

Digitized by srujanika@gmail.com

"ସ୍କୁଲ ହେଉଛି । ଏ ବାଟେ କଏ ଗଲା ଦେଖିଲ କି ?"

"ଆମେ ତ ସଞ୍ଜ ବୁଡ଼ୁ ବୁଡ଼ୁ ଲମ୍ପ ଲଗେଇଛୁଁ । ସଡ଼କ ପଡ଼ିଛି, କେତେ ଲୋକ ଯାଉଚନ୍ତି । ନାମରେ ଆମେ ଭୋଳ୍ । କାହିଁକି ଜଗା କରନ୍ତୁ – "

"କେହି ଦୌଡ଼ି ଦୌଡ଼ି ଯାଇ ନାହିଁ ? କେହି ଲୁଚି ଲୁଚି ଯାଇ ନାହିଁ ?"

"କେମିତିଆ ମଣିଷ, ତାର ହୁଲିଆ କହି ପାରିବ ?"

"ଜାଣିଥିଲେ ଆମେ ପଶୁର ଆସନ୍ତୁ କାହିଁକି ?" "ଯାଅ ବାବୁ, ଆଗରେ ପଶୁର ।" ପୁଲିସ ଗଲେ । ସମସ୍ତେ ଉଠିବାକୁ ହେଲେଣି । ଧର୍ମାବୁଢ଼ା କହିଲା, "ସତାର୍ ଆଉ ଟିକିଏ; ବୃଥା କାହିଁକି ସନ୍ଦେହରେ ପଡ଼ିବ । ଭଜନ୍ ଲଗାଅ—"

ଧର୍ମାବୁଢ଼ା ଆରମ୍ଭ କଲା, "ଥକାମନ ଷ୍ଟୁଲ ସିବା, ଚକାନୟନ ଦେଖିବା—"

ସମସ୍ତେ ତହିଁରେ ସ୍ୱର ମିଶେଇ ଦେଲେ । ସନିଆ ଅପେକ୍ଷା କଲା । ଧୀରେ ଧୀରେ ମନ ବୁଡ଼ିଗଲା ସେହି ଭଜନରେ ।

ତଳେ ଯାହା ଥାଉ, ସ୍କୁଲ କି ଡକାସ୍ୱତି, ମଦୁଆ କି ଲମ୍ପଟ । ସବୁ ବିଭତ୍ସତା, ସବୁ ଦରିଦ୍ରତାକୁ ପଛକୁ କରିଦେଇ, ତୁଣ୍ଡରେ ହରିନାମର ଅମୃତ । ଧନଯାକର ଅନୁଭୂତି ଉଭେଇ ଯାଉଛି । ଅନ୍ଧାରେ ଅନ୍ଧାରେ ଗଢ଼ି ହୋଇଗଲା ଗୋଟିଏ ମନ୍ଦିର । ସେଥିରେ ସିଂହଦ୍ୱାର, ଭିତରେ ବସିଛି ଚକାନୟନ । ବାରମ୍ବାର ମଣିଷ ପଥର କାନ୍ଥରେ ମୁଣ୍ଡ ଭୁଷୁଛି । ପ୍ରାଣରୁ ଡାକ ଉଠୁଛି, "ଚକାନୟନ ଦେଖିବା—"

ସମାଜ ନାହିଁ, ମନ୍ଦିର ନାହିଁ । ଅଛବ ଜାତି ।

ଭଜନ ସ୍କୁଲିଲା । ସନିଆ ଆପଣାର ସମଗ୍ର ବଳ ଏକାଠି କରି ଗଜ ଗର୍ଜି ଗାଇଲା—"ଥକା ମନ ଷ୍ଟୁଲ ସିବା—"

ଉଦ୍ଦେଶ୍ୟ ଭୁଲି ହୋଇଗଲା । ସ୍ୱରର ଗ୍ରନ୍ଥି ତରି ତରି ସହରକୁ ଚଳେଇଲାପରି, ଛଗୁଳେଇଲାପରି କେବଳ ନାମର ଧ୍ୱନି ।

☐ ☐

Digitized by srujanika@gmail.com

କୋଡ଼ଏ

ସଞ୍ଜବୁଡ଼ । ମନ୍ଦିରକୁ ଯିବ ବୋଲି ମାନମୟୀ ପ୍ରସ୍ତୁତ ହେଉଥାଏ । ପୁରୁଣା ଦେଉଳ, ସେଠି ପଥରର ଦେବତା । ଭିତରେ ଦେଉଳିଆ ଫିମ୍ପିମଗ୍ର ଗନ୍ଧ । ଦୀପସଳିତାର ମିଞ୍ଜି ମିଞ୍ଜି ଆଲୁଅ । ରାସ୍ତାରେ ଧୂଳି, ଭିକାରୀ, ରୋଗୀ । ମାନମୟୀର କଅଁଳ ପ୍ରାଣ ପାଇଁ ମନ୍ଦିରର କୌଣସି ପ୍ରକାର ଆକର୍ଷଣ ଥିଲା, ତାହା ନୁହେଁ; କିନ୍ତୁ ମଝିରେ ମଝିରେ ବୋଉଙ୍କର ଆଦେଶ ହୁଏ ମନ୍ଦିରକୁ ଯିବା ପାଇଁ ଏବଂ ସେତେବେଳେ ବାଧିରେ ପଡ଼ି ଯିବାକୁ ପଡ଼େ । ମାନମୟୀ ସଜ ହେଉଥିଲା । ମୁହଁରେ ସ୍ନୋ ଏବଂ କ୍ରୀମ୍, ଓଠରେ ନାଲି ରଙ୍ଗ, ଦେହରେ ଯାବତୀୟ ଅଳଙ୍କାର; ବାଁ ହାତରେ ସରୁ ସୁନା ଘଣ୍ଟାଟି ଯାକେ, ଲୁଗାର ରଙ୍ଗ ଏବଂ କୁଞ୍ଚ । ପଥୁରିଆ ଦେବତାର ପୂଜା କାର୍ଯ୍ୟରେ ଏ ସବୁ ପ୍ରୟୋଜନ ହୁଏ ନାହିଁ; କିନ୍ତୁ ମଣିଷ ଗହଳିକୁ ବାହାରିବାକୁ ହେଲେ ଏ ସବୁ କରିବାକୁ ହିଁ ପଡ଼ିବ । ତେଣୁ ଦର୍ପଣ ସାମ୍ନାରେ ମାନମୟୀ ପ୍ରସ୍ତୁତ ହୋଇଥାଏ । ମୁହଁ ମଠାମଠି କଲାବେଳେ ଦର୍ପଣକୁ ଚାହିଁ ବାରମ୍ବାର ହସେ । କାଚରୁ ଆପଣାଠୁଁ ପ୍ରତିଦାନ ପାଇ ଦେହର ଲୋଭ ବଢ଼େ । ବାହାରେ ମଉଳା ଜହ୍ନ ଆଲୁଅ । ଭିତରେ ଉଜ୍ଜ୍ୱଳ ଆଲୁଅରେ ସେ ଓ ତାର ଦର୍ପଣ । ନିଜକୁ ଆସ୍ତେ ଆସ୍ତେ ଆଉଁସେ । କପାଳ ଉପରୁ ଅବାଧ୍ୟ ବାଳକେରାକୁ କାନ ଉପରକୁ ଖୋସି ଦେଲାବେଳକୁ ଆଙ୍ଗୁଠିଗୁଡ଼ିକ ମଠେଇ ମଠେଇ ହୁଏ ।

ସେପରି କି ସେ ଆଉ କାହାରି ସ୍ପର୍ଶ ବା କଳ୍ପନାରେ ବିଭୋର ।

ଏହି ବେଳଟି ଆପଣା ସଙ୍ଗେ ମୁହାଁମୁହିଁ । ବଡ଼ ଅଦ୍ଭୁତ ଲାଗେ ।

ବହିଲା ବାଙ୍କ ଭ୍ରୂଲତା ତଳୁ ହସ ଛଳଛଳ ଦୋଟି ଆଖି ଅଭିନନ୍ଦନ ଜଣାଉଛି । ରଞ୍ଜିତ ଓଠର ଶୋଣିତ ଧାର ପୃଥିବୀକୁ ବିପଦ ସୂଚେଇଛି । ଏହିପରି ସମୟରେ ପିଠିଆଡ଼ୁ ଗୋଟିଏ ଛାଇ ସେ ଦର୍ପଣ ଉପରେ ପଡ଼ିଲା । ମୁହଁ ପାଖେ ମୁହଁ ସ୍ଥିର ହୋଇ ରହିଲା ଓ ତା ପରେ ଛାଇର ଦୁଇ କାନମୂଳ ସଂଯୁକ୍ତ କରି ଲାଗିରହିଲା ଗୋଟିଏ ହସ । ସେ ମୁହଁରେ ସୌନ୍ଦର୍ଯ୍ୟ ନାହିଁ, ସୌଷ୍ଠବ ନାହିଁ, ପୋଡ଼ା ଗୋଜଣା, ବିଧାତାର ଟାହି ଟାପରା । ବିରକ୍ତ ହୋଇ ବୁଲିପଡ଼ି ମାନମୟୀ କହିଲା—"ମଲି, ମୁଁ ଚମକି ପଡ଼ିଲି । କିଲେ ତୁଲୀ ଯଶୋଦା ! କେମିତି ନାକେଇତ୍ କାହିଁକି ବା !"

Digitized by srujanika@gmail.com

ବାସ୍ତବିକ୍ ଯଶୋଦା ନାକେଇଥାଏ । ନଈପଡ଼ ବଣର ଜଳୁପର ଦେହ ବଙ୍କେଇ, ଦର୍ପଣରେ ନିଜର ଚେହେରାକୁ ଆଶ୍ଚର୍ଯ୍ୟ ଭଙ୍ଗୀରେ ନିରେଖି ଠିଆ ହୋଇଥାଏ ।

"କିଣ ଫାଜଲ୍ ହଉଚୁ ନା କିଣ ବା, ଗଲୁ ରୁ ! କୁଆଡ଼େ ଆଇଲୁ, ଏଁ ?"

ଯଶୋଦା ହସୁଥାଏ । କହିଲା, "ତମେ ଖୁବ ସୁନ୍ଦର ଦିଶୁଛ ଦେଇ । ଆଉ ଦେଖିଲ ମୋ ମୁହଁକୁ, କଳା କେନ୍ଦୁରୁ ଗିଣ୍ଡି ଭୁଟିଯାଇଚ ଗୋ ! ଲେଉଟି-ଗଲେ ଗାଁ ଲୋକେ ବି ଚହ୍ନି ନ ପାରି ପାଟି କରିବେ, ଏଇଟା କିଏ, ଏଇଟା କିଏ !"

"ଆଃ, ମରଣ ନାହିଁ । ଆପଣା ରୂପକୁ ବାହୁନିବାକୁ ଆଇଲେ ଏତିକି-ବେଳେ ! ତୋର କାମ ନାଇଁ ଯେ, ଆସିଲୁ ମତେ ବିରକ୍ତ କରିବାକୁ ? ଯା ପଳା—"

"ତମେ ଚିଡ଼ୁଚ କି ? ସତରେ କହୁଚ । ଛଇ ରହିବ ଏ ନାହିଁ ମଣିଷର ଏ ପୋଡ଼ା ରୂପ । ବାଟରେ ଗଲେ, ଘାଟରେ ଥିଲେ, କେତେ ଲୋକ ଆଁ କରି ଅନେଉଥିଲେ । କିଏ ପାନ ଯାଚୁଥିଲା, କିଏ ଯାଚୁଥିଲା ଫୁଲ; ଶେଷରେ ତମରି ବାପା—"

ଚୌକିଟା ପୋଷାକ ଦେଇ ଉଠିପଡ଼ି ହାତ ଉଞ୍ଚେଇ, ମାନମୟୀ ଧାଇଁଗଲା । କହିଲା, "ରହ, ତୋ ପିଠି ଭାଙ୍ଗୁଚ ଆଜ ।" ବିକଳ ମୁହଁ କରି ଯଶୋଦା ଠିଆ ହୋଇଥାଏ । କହିଲା—ଛୁ, ଛୁ, ମତେ ଛୁଅଁ ନା, ଛୁଅଁ ନା । ତମ ଧୂଅରେ କଳା ଲାଗିଯିବ, ଲୁଗା ମଇଳା ହେଇଯିବ । ରାଗ ନାଇଁ ମ ଦେଇ ! ଦାଣ୍ଡଘରେ ବାବୁମାନେ ବସି ଚାହ ଖେଳୁଛନ୍ତି । ଜଣେ ବାବୁ ଖଣ୍ଡେ ବହି ପଠେଇଦେଲେ ତମେ ପଢ଼ିବ ବୋଲି ଯେ, ନେଇ ଆସିଲି । ଯଶୋଦା ହସିଲା । ଅଣ୍ଟିରୁ ବହି ଖଣ୍ଡେ ବାହାର କରି କହିଲା—"ହେଇ ଦେଖୁନା— ।"

"ମଲା, ଅଣ୍ଟିରେ ପୂରେଇ ଆଣିଚୁ କାହିଁକି ବା, ଏତେ ଭଙ୍ଗା କାହିଁକି ? ଆଣ୍ ଦେ—"

ମୁଁ କି ଜାଣେ ଗୋ ! ଥରେ କରି ମୋ ହାତକୁ ବଢ଼େଇ ଦେଇ କହିଲା—ଯା, ଦେଇଦବୁ । ଝୁଅଟି ଅଣ୍ଟିରେ ପୂରେଇ ଦେଲି । ଘରୁ ବାହାରିଲି ବେଳକୁ ପୁଝାରୀ ବି ଜଳଖିଆ ଧରି ଆସୁଛି । ଆଉ ଟିକିଏ ହେଇଥିଲେ, ସରିଆନ୍ତା ସବୁ ।

Digitized by srujanika@gmail.com

ବୋଉ ଅଛନ୍ତି ରୋଷେଇଘରେ, କଣ କରୁଚନ୍ତି । ଭାବିଲି, ବହିଖଣ୍ଡେ ପାଇଲେ ଦେଇ ଖୁସି ହେବେ ତ ଓଲଟି—"

"ଚୋ ମୁଣ୍ଡ ଗଣ୍ଡି । ତୁ ପଳା—"

ଯଶୋଦା ଚାଲିଗଲା । ଘର ନିର୍ଜନ ।

ଖଣ୍ଡେ ଅରଖ ନୂଆ ଉପନ୍ୟାସ । ପୁରୁଣା ଉପାସ୍ୟ । ପୃଷ୍ଠାଟିକ ଓଲଟେଇ ପକେଇଲାବେଳକୁ, ଚହ୍ଲା ହାତର ଖଣ୍ଡେ ସାନ ଚିଠି । ମହକ ଉଠୁଛି ।

ସୁର ନୁହେଁ—ସୁର ନ ହେଉ, ଜଣେ ଉପାସକ । ଅଜୟବାବୁ ବହି ପଠେଇ ଦେଇ, ଦୁଃଖିତ ହୋଇ ଲେଖିଛନ୍ତି—ବୋଉ କହୁଥିଲା, ତୁମେ ସବୁ ଆସୁ ନା କାହିଁକି ତୁଲି ? ପାଞ୍ଚଟା ଛକ ତଳେ ଉପରେ । ମେଞ୍ଚାଏ କଟାକଟି । ନିରେଖି ଦେଖି ତଳର ଅକ୍ଷର ବାରିବା ସକାଶେ ନିମନ୍ତ୍ରଣ । ତା ପରେ—ଭଲ ବହି, ପଢ଼ି ବୁଝିବ । ଏବଂ ନିଶ୍ଚୟ ଆସିବ ।

ପଦାରେ ଝସ୍ ଝସ୍ । ଚଠି ଖଣ୍ଡ ବ୍ଲାଉଜ୍ ଭିତରେ ଆଶ୍ରୟ ନେଲା । ଅତି କ୍ଷୁଦ୍ର ଖିରୁ ନିବେଦନ । ଦୁନିଆର କଠୋର ଆଖି ଆଗରେ ଝାଉଁଳି ପଡ଼ିବ କାଳେ ! ପ୍ରସାଧନ ସରି ଆସିଥିଲା । ବହି ଓଲଟେଇ ମାନମୟୀ ଭାବିଲାଗିଲା । ଅଜୟବାବୁ ନିତାନ୍ତ ପର ନୁହନ୍ତି । ହସ ମାଡ଼ିଲା—ଏମିତି ମଣିଷ ସେ—ବାଛୁ ବାଛୁ ଖଣ୍ଡେ ବହି ପଠେଇ ଦେଇଛନ୍ତି; ଆପଣା ପ୍ରାଣରେ ଅକୁହା କଥାକୁ ଭାଷା ଦେଇ ଯେ ବାରମ୍ବାର କହିଲାଗିଥିବ ଗ୍ରାମ୍‌ଫୋନ୍ ରେକର୍ଡ ପରି ।

ବହି ପଢ଼ି ଅଜୟବାବୁଙ୍କ ମନ ବୁଝିବା ଦରକାର ପଡ଼େ ନାହିଁ, ସ୍ମରଣ କଲେ ସବୁ ମନେପଡ଼େ । ଟେଲିଫୋନରେ ଡାକ ମୁହାଁମୁହିଁ କଥାଭାଷା ହେଲା-ଭଳି ତାଙ୍କର ପ୍ରବୃତ୍ତି ନାହିଁ । ଦେଖାହେଲେ ମୁହଁ ତଳକୁ; କିନ୍ତୁ ପଦାରେ ଜହ୍ନ ଆଲୁଅରେ ଝଙ୍କା ଗଛର ଗ୍ରୁଇ ପରି ସେ ବି ଜଣେ । ଉପେକ୍ଷି ହୁଏ ନାହିଁ । ତାଙ୍କ ପାଇଁ ବି ମୁହୂର୍ତ୍ତ ଆସେ ।

ଝରକା ପାଖେ ପଦାକୁ ଅନେଇଁ ଠିଆ ହେଲା । ଜହ୍ନ ଆଲୁଅରେ ସବୁ ସୁନ୍ଦର ଦିଶୁଛି । ଆପଣା ଭିତରୁ ସ୍ୱପ୍ନ ଉଡ଼ିଯାଇ, ବାହାରେ ଝୁଲିହୋଇ ରହୁଛି ନିଜ ନିଜର ଆସନରେ । ଦୁନିଆ ସୁନ୍ଦର । ମାଟି ଧୂଳିର ଦୁନିଆରେ ଜଣକୁ ପ୍ରଶଂସା କରି ପୂଜା ଦେବାକୁ ଏତେ ଜଣ ଅଛନ୍ତି, ଭାବିଲେ ସୁଖ ଲାଗେ । ଏକୁଟିଆ ଥିଲେ ବି ଅଦେଖା ଉପାସକଙ୍କ ସ୍ମରି ଗେହ୍ଲେଇ ହେବାକୁ ଦେହ ଭିତରେ ଜୁଆର ଆସେ । ଦୁନିଆ ସୁନ୍ଦର, ହୃଦୟ ଓସାର, ଉଦାର । ସମସ୍ତେ ବନ୍ଧୁ । ତୁଳନା

Digitized by srujanika@gmail.com

କରିବାକୁ ସେ ଚାହେଁ ନାହିଁ । ନିର୍ଦ୍ଦିଷ୍ଟ ଚରମପଣକୁ ପଛକୁ ଫୋପାଡ଼ି ଦେଇ ମାନମୟୀ ହାର୍ମୋନିଅମ୍ ଖୋଲି ଗୀତ ବୋଲିଲା ।

ତଳେ ଚାରି ଜଣ ବସି ବ୍ରିଜ୍ ଖେଳୁଛନ୍ତି । ଅଘୋର ଓ ଅଜୟ, ସୁର ଓ ଇନ୍ଦ୍ରଜିତ୍ । ବିଜୁଳି ଆଲୁଅ ଓ ବହଳିଆ ସିଗାରେଟ୍ ଧୂଆଁ ମିଶି ଗୋଳି ହୋଇ, ଗୋଟାଏ ପୁରାତନ ବ୍ୟୋମ, ସବୁ ଢାଙ୍କି ରଖିଛି । ସେଇଠି ମଣିଷ ତାସଖେଳରେ ମାତନ୍ତି । ସମସ୍ତ-ଶକ୍ତି ଯେ କାନ୍ଧରେ ଥାଇ, ହାତରେ ଥାଇ, ସବୁ ଅପ୍ରୀତିକର ଜଞ୍ଜାଳକୁ ଅଗ୍ନି କରି ବାରମ୍ବାର ପ୍ରହାର କରେ, ସେ ଶୋଇପଡ଼େ, ସତ୍ତା ହଜାଏ ।

ବାହାରେ ଜହ୍ନ ଆଲୁଅ ଯାଏ, ଅନ୍ଧାର ଯାଏ, ସ୍ତବ୍ଧ ଆକାଶରେ ମେଞ୍ଚା ମେଞ୍ଚା ତାରା ବୃଥା ଝକମକ କରୁଥାନ୍ତି । ଭିତରେ ନୂତନ ବ୍ୟୋମରେ ମାର୍ଜିତ ମନର ନୂତନ ସୃଷ୍ଟି, କେବଳ ତାସ୍‌ର ସଂସାର ।

ରୁମ୍‌ରେ ଯୁଦ୍ଧ ଲାଗିଥାଏ । ଚନ୍ତାପଥ ସୁଗମ କରିବାକୁ ଆହୁରି ସିଗାରେଟ୍ ।

"ନୋ ବିଡ୍ — ନୋ ଟ୍ରମ୍ପସ୍ —" ସେଇ ତାର ହୁଙ୍କାର, ଆସ୍ଫାଳନ, ସାଙ୍କେତିକ ଭାଷା । ଉତ୍କଟ ଭାବନାର ରେଖା । ଆଶା—ଆଶଙ୍କା — ଆନନ୍ଦ — ପୁଣି ସବୁ ବଦଳି ଲାଗିଛି ଚଳଚ୍ଚିତ୍ର ପରି । ସଭ୍ୟ ଶିକ୍ଷିତ ମୁହଁରେ ଗହ୍ଵର ଗ୍ରାଚ ପରି, ଆଦିମ ମଣିଷର ପ୍ରାଣର ପିପାସା ଫୁଟି ଫୁଟି ଉଠୁଛି ହିଂସା—ଜିଘାଂସା—ମୋହ ।

"ନୋ ବିଡ୍—ନୋ ଟ୍ରମ୍ପସ୍..." ଅବିରାମ ସେଇ ଖେଳର ଡାକ । ତାହାର ମଝିରେ ସ୍ଵପ୍ନରେ ବିଳିବିଳେଇଲା ପରି ପଡ଼ଶାଘର ଖବର ଓ ଦୁନିଆର ଖବରର, ପୁଣି ସେ ଚର୍ଚ୍ଚା ଅଧାରୁ ଭାଙ୍ଗି ପଡ଼ି କେଉଁଆଡ଼େ ଅନ୍ତର୍ହିତ ହୋଇଯାଏ । ଚାଲେ ଯୁଦ୍ଧର ଫଳାଫଳ, ଯୁଦ୍ଧ କୁଶଳତାର ବିଶ୍ଳେଷଣ, କିଏ ଖେଳିଥିଲେ କଣ ପରିଣତି ଘଟିପାରିଥାନ୍ତା । ହେଲା ନାହିଁ, ଆପଣା ବ୍ୟକ୍ତିତ୍ଵର ପ୍ରତିଷ୍ଠା, ଆପଣା ଛଡ଼ା ଅନ୍ୟ ସମସ୍ତିଙ୍କର ଭୁଲ୍ । ଏହିପରି ଉନ୍ନତ ଚନ୍ତା ।

ଘୂରୁଛି କର୍ଣ୍ଣଧାର ।

ଅଘୋର ହାରିଯାଉଛି । ତାଙ୍କ ଲକ୍ଷରେ ସୁର ଓ ଇନ୍ଦ୍ର ଥରେ ଥରେ ଚାହିଁ ଦେଉଛନ୍ତି । ଚଷମା ଉଢ଼ାଳରୁ ଇନ୍ଦ୍ରର ଆଖି ହସୁଛି । ଅଘୋର ଭାବୁଛି, ଅଜୟର ମସ୍ତିଷ୍କର ଉପାଦାନ କଣ । ସମସ୍ତିଙ୍କୁ ଚାହିଁଦେଇଦେବାକୁ ନଖ ଓ ଦାନ୍ତର ବାରମ୍ବାର ବ୍ୟବହାର ସେ କରିନେଉଛି ମନେ ମନେ ।

ମାନମୟୀ ଗୀତ ବୋଲୁଛି । ଅଜୟ ଖେଳ ଭୁଲ କରି ଦୀର୍ଘଶ୍ଵାସରେ କ୍ଷୟ ହୋଇଯାଉଛି । ସୁର ନିଶ୍ଚିନ୍ତ ହୋଇ ଖେଳୁଛି । ଇନ୍ଦ୍ରଜିତ୍‌ର ଶାନ୍ତ ମୁହଁରେ ବେଳେ ବେଳେ ବିରକ୍ତି ।

Digitized by srujanika@gmail.com

ହାଉସାହରେ କେଉଁଠି ପ୍ରବଳ ଗୋଳମାଳ ହେଲା । ଭାବନାରେ ବାଧା-ପଡ଼ିଲା । ଖେଳ ସଙ୍ଗେ ସଙ୍ଗେ ଶୃଙ୍ଖଳ ମାଳା ଟିପ୍ପଣୀ । ଇନ୍ଦ୍ରଜିତ୍ କହିଲା—ଆଛା ଜାଗାରେ ଘର କରି ରହିଚ ତୁମେ ଅଘୋର, ରାସ୍ତାରେ ହାଉ ହାଉ, ପଡ଼ିଶାରେ ମେହେନ୍ତର, ପଦାରେ ପଦାରେ ଗ୍ଲେଶ, ଡକାଏତ; ଅସହ୍ୟ ।

"ହୁଁ, ଥ୍ରୀ ହାର୍ଟସ୍ । କଣ କହିଲ ? ଘରର ଜାଗା—ମେହେନ୍ତର ସାହି । ତୁମର ଛକ ଉପରର ଘର ଖୁବ୍ ନବେଲା, ନା ! କବିତା ଲେଖିବାକୁ ଖୁବ୍ ଭଲ । ଛାପାଖାନାର ଶବ୍ଦ, ହୋଟେଲର ବାସ୍ନା, ରାସ୍ତାର ଚକ୍କାର; ନା କଣ କହୁଚ ?"

"ଯାହା ଥାଉ, ସେଠି ଏମିତି ଅଭଦ୍ର ପରିସ୍ଥିତି ନାହିଁ । ତୁମର ସୁଧୁରେଇବା ଉଚିତ । ବଡ଼ ଅସ୍ୱାସ୍ଥ୍ୟକର ।"

"ସ୍ଥାନକୁ ନାକଟେକନ୍ତୁ ନାହିଁ ଇନ୍ଦ୍ରବାବୁ ।" ଅଜସ୍ବବାବୁ ତାଙ୍କର କଅଁଳ ଭାଷାରେ କହିଲେ, "ଏହି ମେହେନ୍ତରସାହିରେ ବାସକରି ଅନେକ ମହାପୁରୁଷ ହୋଇଛନ୍ତି । ଆପଣାର ବ୍ୟକ୍ତିଗତ ରୁଚିଠୁଁ ଯୁଗର ରୁଚି ବଡ଼ ।"

"ତା ହେଲେ ଆପଣ ବି ମହାପୁରୁଷ ହେଉନ୍ତୁ ।" ସୁରବାବୁ କହିଲେ । "ହେଇ ଅଘୋର, ଲେଖ ତମର ଡାଉନ୍ । ଯେଉଁ ଖେଳଟା ଖେଳୁଛ ତମେ ଆଜ—"

ଗୀତ ବନ୍ଦ ହେଲାଣି, ପର୍ଦା ହଲୁଛି । ଉତ୍ତେଜିତ ହୋଇ ଅଜସ୍ବବାବୁ କହିଲେ—"କଣ କହୁଛନ୍ତି ଆପଣ ? ଆପଣଙ୍କର କଣ ସହାନୁଭୂତି ନାହିଁ !"

"ଆଦୌ ନାହିଁ ।" ସୁରବାବୁ କହିଲେ । "ମୁଁ ସ୍ୱାର୍ଥପର ।"

"ମୋର ବି ନାହିଁ ।" ଇନ୍ଦ୍ରବାବୁ କହିଲେ । "ଯାହା ଅସନା, ଯାହା ଅସୁନ୍ଦର, ସେଥିପ୍ରତି ମୋର ବି ସହାନୁଭୂତି ନାହିଁ । ପଚ୍ଚରନ୍ତୁ ଅଘୋର ବାବୁଙ୍କୁ ତାଙ୍କର ବା ଆଉପାରେ; କାରଣ ସେ ପାଖରେ ଅଛନ୍ତି—"

"ଧେତ୍ତ କଣ ମ ! ମନଦେଇ ଖେଳନ୍ତୁ ଅଜସ୍ବବାବୁ—"

ପର୍ଦା ଆଡ଼େଇଦେଇ ମା-ଝିଅ ଆସି ପହଞ୍ଚିଗଲେ । ଏକାଠି ଧଡ଼୍ ଧାଡ଼୍ ହୋଇ ସମସ୍ତେ ଉଠିପଡ଼ିଲେ । ତାସ ଖେଳ ଭାଙ୍ଗିଗଲା । ପଦାର ଦୁଇଆ ଅତି ଜୋର୍‌ରେ ଆକ୍ରମଣ କଲା ଭିତର ସଜା କୋଠିକୁ । ବୋଉ କହିଲେ—"ଚାଲ୍ ଅଘୋର, ମନ୍ଦିରକୁ ଯିବା ପଚ୍ଚ ଟିକିଏ—।"

Digitized by srujanika@gmail.com

ଅଜୟବାବୁ ଗ୍ଳହିଁରହିଛନ୍ତି ମାନମୟୀଙ୍କୁ । ପଛଆଡ଼ ସେ ପାପୁଲିରେ ଫୁଙ୍କି ଫୁଙ୍କି ହସୁଛି—

ସୁରବାବୁ କହିଲେ—"ଗ୍ଳଲନ୍ତୁ, ମୁଁ ବି ଯାଉଛି ।"

"ତୁ ନେଇ ଯା ସୁର । ଆମ ଗାଡ଼ିରେ ବୋଧହୁଏ ତେଲ ନାହିଁ ।"

"ତେଲ ନାହିଁ ?" ବୋଉ ଆଶ୍ଚର୍ଯ୍ୟ ହେଲେ । "ପିଇଲି କିଏ ତେଲ-ଗୁଡ଼ାକ ? ଓ, ଖୁବ୍ ବୁଲା ହୋଇଥିଲା ବୋଧହୁଏ ?"

ଅଘୋର କହିଲା—ଶୈଳେନ୍ଦ୍ରବାବୁଙ୍କ ଘରକୁ ଦୁଇ ଥର ଯାଇଥିଲି ।

ବୋଉ ଗମ୍ଭୀର ହୋଇ ଗ୍ଳହିଁଲେ । ଘର କଥାରେ ପିଲାଙ୍କଆଗି ଶିଷ୍ଟାଚା-ରବିରୁଦ୍ଧ ।

ଇନ୍ଦ୍ରଜିତ୍‌ବାବୁ କହିଲେ—"ହଁ, ତାଙ୍କ ସ୍ତ୍ରିଅର ବାପଘର ।"

ମାନମୟୀ କହିଲା—"ବୋଉ, ଆମେ ଟିକିଏ ଯାଆନ୍ତେ !"

"ହେଃ, କୁଆଡ଼େ ଯିବ ? ଡେରି ହୋଇଗଲାଣି, ଚଞ୍ଚଳ ଆସିବ ସୁର ।" ଅଘୋର ଆକଟିଲା । ସୁର ନିଜେ ଫାଟକ ଖୋଲି ଧରିଲା । ନମସ୍କାର ସାରିଲା-ବେଳକୁ ମାନମୟୀ ଅଜୟବାବୁଙ୍କୁ କହିଲା—"ଆପଣ ବି ଆସିଥାନ୍ତେ । ଏତେଗୁଡ଼ାଏ ବାଟ ଘରକୁ ଫେରିବେ ତ !"

ସୁର ଷ୍ଟାର୍ଟ ଦେଲା, ଗାଡ଼ି ଗ୍ଳଲିଗଲା ।

"ଆପଣ କଣ ଯାଉଛନ୍ତି ଅଜୟବାବୁ ?" ଇନ୍ଦ୍ରଜିତ୍ ପଗ୍ଳରିଲା । "ଆଉ କଣ ? ଖେଳ ସରିଲା । ଯାହା ହେଉ, ଆଜିର ବୋର୍ଡ଼ ଶୁଝେଇବାକୁ ଡେରି ହେବ ।

ଅଜୟବାବୁ କହିଦେଇ ଗଲେ—ସଂସାରରେ ଜଟାହିଗ୍ଳ ଲଗିଛି ।

"ଆପଣ ଠିକ୍ ଦାର୍ଶନିକ । ବର୍ତ୍ତମାନ ଅଘୋର, ମୋର ଦରକାର ଖଣ୍ଡେ ବାଡ଼ି । ନ ହେଲେ ତୁମର ସେଉଁ ସାହି ! ସବୁଠୁ ବିପଦ କୁଆଡ଼େ ସେ ଦାଢ଼ିଆ ବୁଢ଼ାଟି; ଚହ୍ନିଚଟି ତାକୁ ? ହାଡ଼ିସାହି ଜଣିବାକୁ ଯାଉଛ ଯେତେବେଳେ ତାକୁ ଚହ୍ନି ରଖିବା ଦରକାର । ହଁ, ତୁମେ ହାଡ଼ିସାହି ଜଣୁଛ ମୁଁ ଜାଣେ । ତୁମେ ସେମିତି ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । ଶୈଳେନ୍ଦ୍ରବାବୁଙ୍କ ପାଖକୁ ମୁଁ ବି ଯାଇଥିଲି—"

"ହେଃ, କୋଉଠି ଜଣିବା କଥା ହେଲାଣି ?"

Digitized by srujanika@gmail.com

"ଚଞ୍ଚଳ ହଣିପକାଅ । ତୁମ ନାଁ ଶୁଣି ମୁଁ ପଛେଇଲି । ସତ କଥା କହିବାକୁ ଗଲେ—ଗ୍ରାଡ଼୍, ସତ କଥା କେହି କହନ୍ତି ନାହିଁ । ତେବେ ମନେ ରଖିଥିବ, ଶୁଭକାର୍ଯ୍ୟରେ ମୁଁ କେବେ ବାଧା ଦେବ ନାହିଁ । ହଉ, ନମସ୍କାର ।"

ଏଇ ଦୁନିଆ—କ୍ଲାନ୍ତ ହୋଇ ଅଘୋର ଝରୁଥାଏ । ସମସ୍ତେ ଫେଲଲ୍‌ବାଲ୍; ଧୂରନ୍ଧର ସମସ୍ତେ । ଇନ୍ଦ୍ରଜିତ୍ ମଧ୍ୟ ଉଦ୍ଦେଶ୍ୟ ଘେନି ଆସିଥିଲେ ।

ଗ୍ରୀଟ ଉପରେ ଏକୁଟିଆ ସେ ବସିଥାଏ । ଜହ୍ନଟା ମରି ଆସିଲାଣି । ପାଦତଳେ ହାଡ଼ପାହି । ନିର୍ଜନ, ନିଗ୍ରୁଟିଆ । ଝିବଲ୍ଲିଗିଲ୍ । କାହା ଘରେ କିଏ; କାହିଁ ମେହେନ୍ଦ୍ରର ପତ୍ନୀ, କାହିଁ ତାର ସଂସାର । ଦୁଇଟା ଦୁନିଆ, ଅଲଗା ଅଲଗା । ଗୋଟାଏ ଆରଟାକୁ ଗିଳିବାକୁ ମନ କରୁଛି । ମନ ଭିତରେ ସହସ୍ର ଆଦର୍ଶବାଦର ସହାନୁଭୂତି ବୋଧ, ସେ ବି ଆପଣାକୁ କରୁଛି ଉଦ୍ଦେଶ୍ୟର ନିମିତ୍ତ । ଯେତେ ଝରୁଥିଲେ ନିସ୍ତାର ନାହିଁ । ପିଲ୍ଲଟିଙ୍କୁ ଆଖିଏ ଆଖିଏ ।

ବହୁକାଳର ଗୋଟାଏ ପୁରୁଣା ଛବି । ନିତି ଦେଖିବା ଅଭ୍ୟାସ । ସେହି ଅନ୍ଧାରରେ ଠାଏ, ପୋଖରୀର ପାଣି ଛଳଛଳେଇ ଲୋକେ ଗାଧାନ୍ତି । ଉପରୁ କାହାର ଘର ଭିତର ଦିଶେ, କାହାର ବାରିପଟ । ଦିନ ଦିନକର ଦୃଶ୍ୟ ଗୋଟି ଗୋଟି ହୋଇ ମନେପଡ଼େ, ନୀରବରେ ମନ ଟାଣିବୁଲେ । ନିତି ପ୍ରସ୍ତୁତ ଧରିଛୁଆଁ ନ ଦେଉଥିବା ମୁହଁରଖା ସମାଜରୁ ଘୋଷି ହୋଇ ଫେରି ଆସିଲାପରେ, ଏହି ଆଢ଼କୁ ବୁଦ୍ଧି ଚହଲାଇବାକୁ ରୂପକ ଥାପି ଫେଳ ଫେଳ ସେ ସୁଙ୍ଘ ପାଏ । ସେଠି ଜାତି ନାହିଁ, ଶ୍ରେଣୀ ନାହିଁ ।

ହାଇଁପାଇଁ ହେଉଥାଏ କୋଠା ଉପରର ସାଧାରଣ ମଣିଷ, ତଳ କୁଡ଼ିଆର ସାଧାରଣ ମଣିଷ କଥା ଭାବି ଖୋଜୁଥାଏ ମମତା ।

□ □

Digitized by srujanika@gmail.com

ଏକୋଇଶ

ସକାଳ ।

ଅଘୋରବାବୁ ଦାନ୍ତ ଘଷୁଥାନ୍ତି । ଚୁଲି ଚୁଲିକା ଘଷିଏ ବେଲଗାଏ ବ୍ରସ୍ ଧରି ଦାନ୍ତ ଘଷୁଥିବା ଏକପ୍ରକାର ଅଭ୍ୟାସ । ବେଳ କଟିଯାଏ, ହାଲୁକା ଲାଗେ । ଏହି ସମୟ, ଯେତେବେଳେ ତୁଣ୍ଡରୁ ଦାନ୍ତଘଷା ଧଳା ଫେଣ ବାହାରିଲା ଅବସ୍ଥାରେ, ଅମ୍ବିଙ୍କ ମନରେ ନାନା ଧାରଣା ଆସେ । ରାତିର ସ୍ୱପ୍ନ ଓ ଦିନର ପହିଲି ଆଲୁଅ ଏକାଠି ହୋଇ ଏକପ୍ରକାର ନୂଆ ଚେତନା ଦେହକୁ ଖେଳ କରି ରହେ ଥୋଡ଼ାଏ ବେଳ । ବ୍ରସ୍‌ର ବାଳ ସଙ୍ଗେ ସଙ୍ଗେ ସେ ମିଳେଇଯାଇ ପୁଣି ପୁରୁଣା ଗତ ଫେରିଆସେ ।

ମେହେନ୍ତାଣୀ ଝାଡ଼ୁ ମାରୁଛି । ପୋଚକା ନଳାରୁ ଗନ୍ଧ ବାହାରୁଛି । ସବୁଦିନ ପରି ମୁହଁ ପୋତି ଚଞ୍ଚଳ ଚଞ୍ଚଳ କାମ କରି ଯାଉଛି ମଣିଷଟା । ମଝିରେ ମଝିରେ କାମ ଉପରୁ ପାଟି—"ଦିଅ—ପାଣି—।" ଆଉ ଝପର ଖପର, ଝପର ଝପର । ଅଘୋରବାବୁ ମେହେନ୍ତାଣୀ ଉପରେ ଦୃଷ୍ଟି ଟେକିଦେଲେ । ବୟସ—କହିହେବ ନାହିଁ; ଚାଳିଶରୁ ପଚାଶ ଯାକେ । ମୁଣ୍ଡା ପରି ମୁହଁ, ହାଡ଼ୁଆ, ଫାଳକିଆ । ସେଥିରୁ ମନର ଭାବ ଜାଣିବା ଅସମ୍ଭବ । ହାତ କାମ କରୁଛି । ବୁଢ଼ିଗୋଡ଼ିଆ ହୋଇ ପରି ହାମୁଡ଼େଇ ପଡ଼ି ମଣିଷଟା କେବଳ ଚୁଲିଯାଉଛି । ସେ ମୁହଁରେ ରସ ନାହିଁ, ସେ ମୁଣ୍ଡକୁ ତେଲ ନାହିଁ । କଳା କୋଟଟ ଲୁଗା ଅଷ୍ଟଚିରି । ଶୁଖିଲା ଦେହର ନଇଁ ପଡ଼ିଥିବା ଦରିଦ୍ରପଣ ନୀରବରେ ଭେକ ଦେଖାଇ ଚାଲିଛି । ସେ କିଛି ଆଶା ରଖି ନାହିଁ, ସେ କିଛି ମାଗୁ ନାହିଁ । ସେ ଜାଣେ, କେହି ତାକୁ ପ୍ରଶଂସିବେ ନାହିଁ, କେହି ତାକୁ ଆହା କରିବେ ନାହିଁ । ଭଦ୍ରମଣିଷର ସମାଜର ମୂଲ ଉଭଲକୁ ସେ ସ୍ୱୀକାର କରେ ନାହିଁ । ଗୌରବର ବଢ଼େଇ କରେ ନାହିଁ । ପାପଚାଳ ଅନ୍ଧାର ଭିତରେ ଜନ୍ମାସୁତ ନୀତିର ବାହାରେ କେବଳ ନୀରବ କର୍ମୀଟିଏ । ସବୁଦିନଆ ।

ଭାବନା ପୁଣି ନୂଆ ଦିଗ ନେଲା—ତାର କଣ ଇତିହାସ ନାହିଁ ! ସବୁଦିନେ କଣ ଏମିତି ଥିଲା ସେ ? ବିଧାତା ମାଟି ମେଞ୍ଚାକ ହାତରେ ବଲି ବଲି ଗଢ଼ିଥିଲେ ମେହେନ୍ତାଣୀ ମୂଳୋହୁଁ, ବେଳୁସୁ ? ତାର ଜୀବନ; ପିଲାଦିନୁଁ ଏ ଯାକେ—ପିଠିଆଡ଼େ ତାର ସଂସାର—ଯେଉଁଠି ତା ମୁହଁକୁ ଚାହିଁ ରହିଥିବେ ହାଡ଼ଭଙ୍ଗାଳିଆ କେହି—କିଏ ତାକୁ ଭଲ ପାଉଥିବେ,— କେଉଁଠି ତାର ବ ହେଲେ ଅଟକି ଥିବ । ତାର ସମସ୍ୟା—।

Digitized by srujanika@gmail.com

ମଣିଷ ଗଢ଼ାରେ ସ୍ୱପ୍ନ ପଶିଲା । ଯଶୋଦା ତାର ବିକୃତ ଗଳାରେ ଗର୍ଜନ ଛାଡ଼ୁଛି, "କି ଲୋ, ଆଖି ଫୁଟିଯାଇଚି କି ? ଏଠି ନଳାରେ ମେଞ୍ଚାଏ ରହିଚ । କାମ କଣ ଆସିବୁ ନା ଠକି ଆସିବୁ, ଏଁ ?"

ରୁନ୍ଧହୋଇ ମେହେନ୍ତାଣୀ ଝାଡ଼ୁ ବୁଲେଇ ନେଲା ।

"ହଇ ଲୋ ଠାପୋଇ ! ହେଇ ଦେଖ୍, ପଛରେ କେତେ ମେଞ୍ଚା ଛାଡ଼ିଦେଇ ଗଲୁ । ଆରେ ବେଲେ ରେ, ଭଲ କାମ କରୁଚ ଆ—"

"ଯଶୋଦା—"

"ଯାଉଚି—"

ମେହେନ୍ତାଣୀ ଅଟକି ରହିଲା । ଧଇଁସଇଁ ହେଲା । କେତେ ଶୁଖି ଯାଇଚି ସେ, କଣ ବେମାର ଥିବ ! ପାଣିଖିଆ ବତାଫାଳ ପରି ହାତଟି ବଢ଼େଇ ପିଠିରୁଁ କାନ୍ଥ ଟାଣି ନେଇ କଣ ଟିକିଏ ଆଣି ପାଟିରେ ପକେଇଲା । ଅଘୋରବାବୁ ମମତା ଲଗାଇ, ନରମ ହୋଇ ଡାକିଲେ—"ମେହେନ୍ତାଣୀ !"

ମୁଣ୍ଡ ଟେକି ଚାହିଁଲା ।

"ବେମାର ଥିଲୁ ବୋଧେ, ଶୁଖିଯାଇଚୁ—"

"ବେମାର ପଡ଼ିଥିଲି ।" ପୁଣି ସେ ଗୁଣ୍ଡୁଣୀ ଚଳେଇଲା ।

"ଶୁଣ୍ ମେହେନ୍ତାଣୀ—" ସେ ଅଟକୁ ନାହିଁ ।

"ଆରେ ଶୁଣୁନୁ, ଦି' ପଦ ସୁଖଦୁଃଖ ହବା—" ଠିଆ ହେଲା ।

"ମୋ ସାଙ୍ଗେ କି ସୁଖଦୁଃଖ ବାବୁ ? ବୁଢ଼ୀହାଡ଼ି ଲୋକ । ତମେ କେତେକର, ଆମେ କେତେକର !"

"ତୁ ଜାଣିଚୁ; ଛୁଆଁଅଛୁଆଁ ଉଠିଯାଉଚି; ସମସ୍ତେ ଆମେ ସମାନ । ଆଜିକାଲି ଆମେ ସେ ସବୁ ମାନୁ ନାହିଁ । ମଣିଷ ଏକ । ଜାତି ମିଛ । ଚାରିଆଡ଼େ ସଭା ସମିତି ଲାଗିରହିଛି ସେହି ଉଦ୍ଦେଶ୍ୟରେ । ହରିଜନ ଓ ସବର୍ଣ୍ଣ ହିନ୍ଦୁ ଏକାଠି ଖାଇଲେଣି । ମନ୍ଦିର ପ୍ରବେଶ ଅଧିକାର ମିଳିଗଲାଣି ତୁମକୁ କେତେଠିଁ । ଅସ୍ପୃଶ୍ୟତା ନିବାରଣ ଏ ଯୁଗର ପ୍ରଧାନ ଯୋଜନା । "ସଭାସମିତିକୁ ଯାଉ ନାହୁଁ ? ଖବର କାଗଜ ଶୁଣୁ ନାହୁଁ ତୁ ! କହୁଚୁ, ତୁମେ ଆମେ ପୃଥକ୍ !"

କି ଉଲ୍ଲାସରେ କହି ହୋଇଗଲା ! କହିଲା ବେଳେ ମୁହଁରେ କପରି ଦୀପ୍ତି; ମନର କପରି ପୁଲକ ! ନୂତନ ଯୁଗର ସନ୍ଦେଶ ବଖାଣିଲା ପରି । କେତେ ସାଧୁଣିତ ସେ ଭାଷାରେ !

Digitized by srujanika@gmail.com

ଘୋଡ଼ା କାଠରେ ଧାସ ଚଢ଼ୁଥିଲା ନାହିଁ । ମଡ଼ା ମୁହଁରେ ହସ ଦିଶୁଥିଲା ନାହିଁ । ଧୀରେ ଧୀରେ ମେହେନ୍ତାଣୀ ମୋହିଁଲାଣି ବାଗ କବାଟ ଆଡ଼କୁ । ଅଘୋରବାବୁ ପୁଣି ଚେଷ୍ଟା କଲେ । କହିଲେ—"ତୁମେ ସମସ୍ତଙ୍କୁ ଛୁଇଁବ, ପାଖରେ ବସିବ । କେହି ତମକୁ ଅଛୁଆଁ ବାରବେ ନାହିଁ । ଏକାଠି ଖାଇବ । ତୁମେ ଆଉ ଉଚ୍ଚଜାତି, ଦେଉଳକୁ ଯିବ । ଏ ସବୁ କଣ ଭଲ ହେବ ନାହିଁ ?"

ତୁଲୁପଡ଼ିଲା ସେ । କହିଲା—"କାଏ କହୁଚ ଏ ମିଛକଥା ? କାହାର ଦିନ ସରୁ ନାହିଁ ଯେ ସେଇଥି ପାଇଁ । କାହାର ଗରଜ ପଡ଼ିଚ ଆମକୁ ଛୁଇଁବ ? ଖାଲି ଛୁଇଁ ପକେଇଲେ ଘର ଅଜାଡ଼ି ଦବ ନା ପେଟ ପୂରିଯିବ ? ଲୁଖୁରା ମୁଣ୍ଡକୁ କେହି ଛୁଇଁବେ ନାଇଁ ବାବୁ ! କେହି ପାଖରେ ପୂରେଇବେ ନାଇଁ ! କଏ ଭାତ ଦବ ଏତେ ଜାତଙ୍କ ସାଙ୍ଗେ ଏକାଠି ଖାଇବାକୁ ? ପେଟ ଧନ୍ଦାରେ ତ କଲବଲ, କାହାକୁ ବେଳ ମିଳିବ ଦେଉଳକୁ ଯାଇ ଦିଅଁ ପୂଜିବାକୁ ? ବଡ଼ଲୋକଙ୍କ ଭିଆଣ ସବୁ କଥା ବାବୁ ! ମଣିଷ ଉପାସରେ ମରୁଥିଲେ ବି ଟାପରା ଲଗେଇଥିବେ ।"

"କଣ କହିଲୁ ?" ବିରକ୍ତ ହୋଇ ଅଘୋରବାବୁ କହିଲେ—ଶୁଣା ହେଉଚ; ତମ ସାହି କୁଆଡ଼େ ଏଠୁ ଉଠେଇନେବେ ଦୂରକୁ, କେଉଁ ଫର୍ଦ୍ଦା ଜାଗାକୁ । ତୁ ଶୁଣିନାହୁଁ ?

ତାର ଗ୍ରୁଞ୍ଚୁଣିମୁଠା ଢିଲା ହୋଇଗଲା । କାବା ହୋଇ ସେ କହିଲା—"ଏଁ ସାହି ଉଠେଇ ନେବେ ! କଏ କହୁଥିଲା ? କଏ ଉଠେଇ ନେବେ ?"

"ଜମି ତ ଆଉ ତମର ନୁହେଁ ! ତୁମେ ବସା ବାନ୍ଧି ରହିଚ । କଣ ହେଲା ? ଆଉ ଠାଏ ରହିବ, ଫର୍ଦ୍ଦା ଜାଗା ପାଇବ—" ।

"ଢ ଖଣ୍ଡ କୁଡ଼ିଆ; ସେତକ ବି ଉଠେଇନେବେ ! ହା ଭଗବାନ୍ !"

"ଆଲେ, ଗ୍ରୁନଥାଁ କାହିଁ ହଉଚୁ ଲୋ ? ସବୁ ତମର ଭଲ ପାଇଁ । ଏଠି କେମିତି ଗୋଡ଼ରେ ସନ୍ଧାସନ୍ଧି ହୋଇ ରହିଚ, ଏମିତି ମଣିଷ ରହନ୍ତି ?"

"ବାବୁ, ଆମେ କଣ ମଣିଷ ?'

"ନାହିଁ, ନାହିଁ; ତମର ଭଲ ପାଇଁ । ଏଠି ଜକାଜକି ହୋଇ ରହିଲେ, ଦେହ ଭଲ ରହୁ ନାହିଁ । ତୁ କାଳେ କେମିତି ବେମାର ପଡ଼ିଲୁ ? ଫରଦ୍ଦ ଜାଗାରେ ରହିଲେ, ଦେହ ପା'କୁ ଭଲ ।"

"ସବୁ ତ ଆମର ଭଲ ପାଇଁ; କଣ ନୁହେଁ କି ? ହଉ ଧର୍ମ ଅଛୁ । କୋଉ ପାପରୁ ଏ ଜନମ ଭୋଗିଲୁଁ । ଫେଣେ ଆହୁରି ମ୍ଳାନ ଅବସ୍ଥା ଲେଖିଚ ଦଇବ ! କେବେ ସାହି ଉଠେଇନେବେ ବାବୁ ?"

Digitized by srujanika@gmail.com

ଆଶା ତାକୁ ଚେଳବଦ ନାହିଁ, ଆଶଙ୍କା ପାଗଳ କରେ—ଅଘୋରବାବୁ ଦେଖୁଥାନ୍ତି । ବାଁରେଇ ଦେଇ କଥା ବୁଲେଇ କହିଲେ—"ସେମିତ କହୁଥିଲ କଏ ନା, କୋଉଠି ଅଛନ୍ତି ହେଲଣି ?"

"ସେଇଆ କହ ବାବୁ, ସେଇଆ କହ । ଛାଡ଼ିଦେଲେ ଆମେ କୁଆଡ଼େ ଯିବୁ ? ବାଆସ୍ତରିଆ ଲୋକ କେତେ କଥା କହନ୍ତି, କୋଉଁଆଭସ୍ଥ ଦେଖାନ୍ତି । ତେବେ—ବଡ଼ଲୋକଙ୍କ ଦୁନିଆରେ ସବୁ କଥା ତ ଘଟୁଛି । ନ ହେବା କଥା, ହେବା କଥା ସବୁ ସମାନ ।"

କବାଟ ସେ ପାଖେ ଗୁରୁ ପଣ ମଣିଷଟା କୁଆଡ଼େ ଅଦୃଶ୍ୟ ହୋଇଗଲା । ଅଘୋରବାବୁ ଅକ୍‌କା ହୋଇ ଗୁହିଁଲେ । ପଛଆଡ଼ୁ ମାନମସ୍ତୀ କହିଲା—କନ୍‌ସର୍ଟ କରେଇ ପାଗଳ ନାହିଁ ଖଇ, ଲୁହେଁ ?

"ଚୁପ୍‌— !"

"ଆରେ, ଚୁପ୍ କଣ ମ, ଭଲ କଥା କହିଲେ—" ଅଭିମାନ କଲା ପରି ସେ ଗୁଲିଗଲା । ତା ପରେ ଅନର୍ଗଳ ହସ । ତା ପରେ ପାଟି, "ବୋଉମ, ହେ ବୋଉ ! ଶୁଣ୍ ଶୁଣ୍ ଗୋଟାଏ କଥା— ।" "ବାହାର କର— ।" ଅଘୋରବାବୁ ତାର ପିଣ୍ଡ ନେଲେ ।

ଜେମା ମେହେନ୍ତାଣୀ ଖବ ଖବ ତାର କାମ କରି ବୁଲୁଥାଏ । ଅନର୍ଥକ ଗୁଡ଼ାଏ ସମସ୍ତ ନଷ୍ଟ ହୋଇଗଲା ଏ ଘରେ । ବଡ଼ଲୋକ ପୁଅର ଅଲଣା କଥା ଶୁଣି ଶୁଣି ବେଳ ଗଲା । ଅବିକଳ ତାର ବାପ ପରି । ଝୁଣ୍ଟିପଡ଼ି ଏତେ ସର ହୋଇ ସାକୁଲ୍ କଥାର ପାଲରେ ପଡ଼ି ମନ ନରମେଇବା ଫଳ ଯଥେଷ୍ଟ ଗୋଟେଇଛି ସେ । ଚହଟଚମାର ବାସ୍ନା ଉଡ଼ିଯାଉଛି । କି ଯାଏ ସେଥିରେ ?

ଗୋଟାଏ କଥା ସତ । ବେମାରି ପରେ ଦେହ ଥରୁଛି, ବାଟ ଗୁଲିଲେ ଆଣ୍ଠୁକୁ ଆଣ୍ଠୁ ବାଜୁଛି । ବୋଝେ କାମ, ଗୋଟିକିଆ ମଣିଷ ।

ବାସ ଉଠେଇନେବେ ! ବିଶ୍ୱାସ ହେଲା ନାହିଁ । ଅସମ୍ଭବ । ଦ' ବର୍ଷ ହେଲା କୁଡ଼ିଆଟିଏ ଛପର ହୋଇନାହିଁ । ଏବର୍ଷ ନ କଲେ ଗୁଆଁକୁ ଖର୍ଚ୍ଚି-ପଡ଼ିବ । ପୁନି । କଣ କରୁଥିବ ସେ !

ଖବନାର ଜମ ନର୍ଦ୍ଦମାର ଫଳରେ କେଉଁଠି ହଜିଗଲା । ପାଇଖାନା କାମ ଯାଉ, ନାଳ କାମ ସାଉ, ମୁଣ୍ଡ ଉଠେଇଲା ବେଳକୁ ମୁଣ୍ଡ ଉପରେ ସୂର୍ଯ୍ୟ । ଘରେ ଭାତ ନାହିଁ । କାଳ ମାଗିଯିବାକୁ ସାହିମୁଣ୍ଡର ଦୋକାନୀ ଖେଙ୍କି ଗୋଡ଼େଇଥିଲା ।

ପାଦ ଘୋଷାରି ଘୋଷାରି, ଗୋଟିଏ ଗୋଟିଏ ହୋଇ ଗୁଲିଲା ଘରମୁହାଁ ।

□ □

Digitized by srujanika@gmail.com

ବାଇଶ

ସାତ ଦିନ ପୁଣି ଅଟକି ରହିଛି ।

ଆପଣା ଭିତରେ ଘୋର ପରିବର୍ତ୍ତନ, ମନ ବଦଳି ଲାଗିଛି । ନୂଆ ଅଭାବ, ନୂଆ ଆକାଙ୍କ୍ଷା, ଭାବନାର ଜୁଆର । ନିଜକୁ ଚାହିଁ, ନିଜକୁ କଲି ଆଶ୍ଚର୍ଯ୍ୟ ଲାଗୁଛି । ପୁରୁଣା କଥାରୁ ମନ ଗୁଡ଼ିଯାଉଛି, ନୂଆ କଥା ପଡ଼ୁଛି ଆଖିରେ । କାନ ପାତିଲି, ଆଖି ସଚେତନ । ଦେହର ସ୍ନାୟୁ ଅପେକ୍ଷା କରି ରହିଛି ଅଳ୍ପ କିଛି ପାଇଲେ, ବଡ଼ କରିଦେଇ ନେଇଯିବ ମସ୍ତିଷ୍କକୁ । ଲୋକ ବୁଡ଼ିଛି । ଦେହ କାଉଁଦା । ଯେଉଁ ଦେହ ଅଛି କି ନ ଅଛି ବୋଲି ଅନୁଭୂତିରେ କେବେ ତାର ଟାଣି ନ ଥିଲା, ଏବେ ମନର ପ୍ରତି କାନ୍ଦ ବିକାନ୍ଦରେ ତାହାରି ପ୍ରଭାବ । ମନ ଉପରେ ତାହାରି ବୋଝ । କେବଳ ମାଟିର ମାୟା, ଯୌବନର ଇନ୍ଦ୍ରଜାଲ ।

ଏମିତି ବଦଳିବ ବୋଲି ପୁଣି କେବେ ବିଶ୍ୱାସ କରି ନ ଥିଲି । ମନେ-ପଡ଼ୁଛି, ତାର ବାଳକୁ ତେଲ ନାହିଁ, ଦେହକୁ ଲୁଗା ନାହିଁ, ଦେହ ସମ୍ପାଦିବାକୁ ସହର ଭିତରେ ଏହି ଦଦରା ସାହି ଭିତରେ ଏ କାଉଛୁଣା ଘର ଯଥେଷ୍ଟ ନୁହେଁ । ଦେହର, ମନର ସବୁ ଅଭାବ ଆଖିରେ ପଡ଼ୁଛି । ମନେପଡ଼ୁଛି, ମଣିଷପଣିଆ ସାର୍ଥକ କରିବାକୁ ଦରକାର ଜିନିଷ, ଜିନିଷ ପାଇଁ ଟଙ୍କା । ତାଙ୍କର ଟଙ୍କା ନାହିଁ ।

ଦେହର ସୁଖ ଦରକାର, କଳ୍ପନାରେ ଚେର ଦରକାର । କିଛି ନାହିଁ । ମନ ଉଡ଼ିବୁଲୁଛି । ଅବସ୍ଥାକୁ ଭାଙ୍ଗିବୁଜି ଦିଅନ୍ତା । ଆପଣା ରୁଚିରେ ଗଢ଼ିନିଅନ୍ତା ଆପଣା ପାଇଁ ଆଧାର । ବିଧାତାର ପେଷରେ ଯୌବନ ବିପ୍ଳବ ଆଣିଛି; କିନ୍ତୁ ବିଧାତା ଉପାସ୍ୟ ଶକ୍ତି ନାହିଁ ।

ସାତ ଦିନ ଗୋଟାଏ ଯୁଗ !

ବୋଉ ଉପଦେଶ ଦିଏ । ଶୁଣି ଶୁଣି ଖାଲି ହସମାଡ଼େ । ଚଳିକୁ ଚାହିଁ ବାଟ ଚାଲିବା ଉପଦେଶ । ଝୁଣ୍ଟିବୁ ନାହିଁ, ପଡ଼ିବୁ ନାହିଁ ଖାଲରେ । କିଏ କାହାର ? ଏତେ ମିଳାମିଶା କାହିଁକି ? ପର କଥା ଶୁଣିଲେ ପାଲରେ ପଡ଼ନ୍ତି ।

ଭଲ ଉପଦେଶ । ପୁଣି ଉପଦେଶ ମାନେ । ବୋଉ କାମ କରି ଯାଇ ସାରିଲା ପରେ, ଓଳି ଉଣ୍ତି ଯେତେବେଳେ କଜଳମତି ଆସେ, ଦୁଇଆର ଶାସ୍ତ୍ର ବଖାଣେ—ପ୍ରଜାପତିର ଶାସ୍ତ୍ର—ଖରା ଝିଲିଝିଲି, ବାସ୍ନା ଜୁଡ଼ୁବୁଡ଼ୁ, ଖରାପ କଥା । ପୁଣି ଆଁ କରି ସବୁ କଥା ଗିଳିପକାଏ ଆଉ ବିଶ୍ୱାସ କରେ ଯେ, ସେ ଚମତ୍କାର । ବିଶ୍ୱାସ କରେ, ସେ ଶକ୍ତିମତୀ ହୋଇଛି, ସେ ପୁଣି—ତାକୁ ବି ପୂଜା କରିବାକୁ, ପ୍ରଶଂସା କରିବାକୁ ଲୋକ ଅଛନ୍ତି ଏ ପୃଥିବୀରେ ।

ଦୁଆରମୁହଁରେ ପଞ୍ଚବଟୀ କୁଡ଼ିଆର ତାର । ତେଉଁ ଯିବାକୁ ଲୋଭ ଦେଖାଇ ଡାକେ । □ □

Digitized by srujanika@gmail.com

ତେଇଶ

ଉଚ୍ଚ ସଡ଼କ କଡ଼ରେ ନାଲି ଧୂଳି ବୋଲିହୋଇ ଠିଆ ହୋଇଛି ଶିରିଷ ଗଛଟା, ମଉଗଜ ପରି । ଗୋଡ଼ ତଳେ ମଟରଗାଡ଼ି ଧାଉଁଛି । ସହରିଆ ଗ୍ୟାସୋଲିନ୍ ଗନ୍ଧ ଉଡ଼ି ପଳେଉଛି । ଚହଟି ଆସୁଛି ବୁଢ଼ା ଶିରିଷର ମଦଗନ୍ଧ ।

ଶୁଆପରି ପକ୍ଷୀ ଝାଡ଼ିଦେଇ ବୁଢ଼ା ଗଛ ଟୋକା ହୋଇଛି । ନଈକୂଳିଆ ଭୁଷୁ ଭୁଷିଆ ପବନରେ ଧଳା କହ୍ଵରା ଆଖିବାଲ ପରି ସରୁ ସରୁ ଫୁଲକେଶର ଲୁହୁଲୁହୁକା ହୋଇଯାଇ ଫୁଟିଉଠୁଛି ମରଣଜୟୀ ହସ ।

ସେ ପାଖେ ନମ୍ର ଗଛରେ ଯାଦୁକରର କାରିଗରି । ହାଲୁକା ସାଦ୍‌କା ପନ୍ଦରୁଆଣି ଧଳା ଫୁଲ ପେନ୍ଥି ପେନ୍ଥି, ତାର ମଧୁରିଆ ବାସ ।

ମନୋହରିଆ ମା ବାଡ଼ିରେ ପାଲଧୂଆ ଗଛ ଧାଡ଼ିକ । ମହୁରିର ତାର ସ୍ୱରର ଆଳାପ ପରି ନାଲି ରେଣୁ ସେଥିରେ ।

ମେହ୍ନମେହ୍ନିକା କନଅର ବୁଦାର ଚକ୍‌କଣ ପନ୍ଦ ସନ୍ଧରେ ଖରା ଧାସ ଝିକିଝିକି ହେଉଛି ।

ଖାଲି ଜକାଜକ କୁଡ଼ିଆ । ସ୍ଥାନେ ସ୍ଥାନେ ସଜନାଗଛ, ପନ୍ଦ ନାହିଁ, ଖାଲି ଫୁଲ ।

ସେଇ କୋଇଲିଟା । କେଉଁ ତୋଟାଳିଆ ଗଣ୍ଡ ମଫସଲରୁ ସହର ଦେଖି ଆସି, କଳ କାରଖାନା, କୋଠା ଗହଳରେ ବାଟବଣା ହୋଇ, ପଳେଇ ପଳେଇ ପହଞ୍ଚିଛି ହାଡ଼ପାହାରେ । ଆତୁର ହୋଇ, ରୁହାଇ ରୁହାଇ କୁହାଟ ମାରୁଛି, ସତେ କି—କହ କହ, ବାଟ ବତେଇ ଦିଅ, ଫେରିଯିବି ।

ଶେଷ ବସନ୍ତ । ଖରା ଗୁଉଁ ଲଟିଯାଉଛି । ଅରମାକୁଡ଼ ଭିତରୁ ନାଗଫେଣା ଟେକ ଧରିଛି ଗୋଟିଏ ନାଲି ଫୁଲ । ସହର ଛେଦରେ କୋଇଲି ବୋବାଉଛି ।

ମନୋହରିଆ ମା ବାଡ଼କରରେ ଝାଟୁଆ ଗଦେଇବାକୁ ଆସି, ଛୁଣ୍ଡା ଟୋକେଇଟା ଧରି ଅକ୍‌କା ହୋଇ ଠିଆ ହୋଇ ଯାଇଥାଏ । ସେ ପାଖରେ ଭଙ୍ଗା ପଲ୍ଲର ପିଣ୍ଡାରେ ଖଣ୍ଡିଆ କୁଷ୍ଠରୋଗୀ ଚେମା ଗୋଡ଼ରେ ଛୁଣ୍ଡାକନା ଗୁରେଇଥାଏ, ଭିକମାଗି ବାହାରିବ । ତାର ଖରଯାକୁ କହୁଥାଏ—"ଦେଖିଲୁ, କୋଇଲିଟା କେମେତେ ବୋବାଉଚ— ।"

Digitized by srujanika@gmail.com

ସନିଆ ତାର କୁଡ଼ିଆ ସାମ୍ନାରେ ଠିଆ ହୋଇ ବଡ଼ ଝାଳୁଥାଏ । କାମକୁ ଯିବା ବେଳ ।

ଆଜି କେମିତି ମଠୁଆ ମଠୁଆ । ଘରଆଡକୁ ଘୂରି ଘୂରି ଅଳସେଇବାକୁ ମନ, କେମିତି ଲାଗୁଛି । ନିତିଦିନିଆ କଳର ଅଭ୍ୟାସ ଗୋଳମାଳିଆ ହୋଇଯାଇଛି ।

ମଣିଷ କଳ ନୁହେଁ ।

ମନୋହରିଆ ମା କହିଲା—"କିରେ ସନିଆ, ଆଜି ଏତେ ଡେରି ?"

"ଆଜି ଯିବି ନାହିଁ ଦେଉଛି—"

"ମଲି ମୁଁ ଅଳସୁଆଟା—"

ନା, ସେ କାମକୁ ଯିବ ନାହିଁ । ଆପଣା ଭୂଣ୍ଡୁରୁ ଥରେ ପ୍ରଚାର କରିଦେଲେ ପରେ ତାର ନିଷ୍ପତ୍ତି ସିଦ୍ଧ ହେଲା, ଆଜିକ ସେ ରହିଯିବ । ବାଲଗୁଡ଼ାକ ବଡ଼ ବଡ଼ ହୋଇ ଯାଇଛି, ଲୁଗା କାଚିବାକୁ ପଡ଼ିବ । ହାଡ଼ଭଣ୍ଡାରି ଖୋଜିବାକୁ ଧୂଳିଆ ରାସ୍ତାରେ ବୁଲିଗଲା ବେଳେ ସନିଆ ଅନୁଭବ କଲା, ଶିରିଷଫୁଲ କେଡେ ବାସୁଛି ! ପଲେ ମାଙ୍କଡ଼ ଗଛ ବରଗଛରେ ଦୋଳି ଖେଳୁଛନ୍ତି । ସତେ କି ଲକ୍ଷ କରି ଟେକା ଫୋପାଡ଼ିବାକୁ ନିମନ୍ତ୍ରଣ କରୁଛନ୍ତି !

ହାଡ଼-ଭଣ୍ଡାରି ସବୁରି ତାର କାମକୁ ବାହାରିଛି । ସ୍ଥିର କରି ସେ ବସେ ନାହିଁ, ସେତିକି ଉତ୍ତର ।

"ଘଣ୍ଟେ ଅଛି ସବୁରିଭାଇ, ଟିକିଏ ଛାନ୍ଦିଦେ—"

"ନାହିଁ, ଆରବେଳା ଆସିବୁ; ଅଇଗ୍ଲ ହବ ନାହିଁ ।" ତାର ପଦେ କଥା । "ଆଗ ପଇସା ନେ ପଛେ, ସାରିଦେଇ ଯା ସବୁରିଭାଇ—"

"ଭଲ ଲୋକ, ଡେରି ହେଇଯାଉଚି ଦେଖୁନୁ ! ଶୋଧା ଖାଇଲାବେଳେ, ପଇସା କାଟିଲା ବେଳେ ତୁ ପିଠିରେ ପଡ଼ିବୁ ?"

"ଟିକିଏ ନାଁକୁ ତ, କେତେବେଳ ଲାଗିବ ? ବସିପଡ଼ ।"

"ଜମା ହବ ନାହିଁ । କୁଆଡ଼େ କନିଆଁ ଘର ଲାଗିଚି କି ? ସବୁର କର, ଆଉ ଟିକିଏ ଭଲ୍ ପରି ବଢ଼ୁ ।" ସବୁରି ବାହାରି ଚାଲିଗଲା ।

ଗାଉଁ ଗାଉଁ ହୋଇ ସନିଆଁ ଫେରିଗଲା । ପାଚିଁ କରି ଲାଭ ନାହିଁ । ରାସ୍ତାରେ ଭଣ୍ଡାରି ବୁଲୁଥିବେ; ସେମାନେ ଅଛୁଆଁ ମଣିଷକୁ ଛୁଇଁବେ ନାହିଁ ।

Digitized by srujanika@gmail.com

ମାଙ୍କଡ଼ ଝୁରୁଡ଼େଇ, ପିଲାଙ୍କ ସାଙ୍ଗେ ଗୋଡ଼େଇ, ଏଣେତେଣେ ହୋଇ ହୋଇ ବୋଝେ ବେଳ । ତା ପରେ ସନିଆ ଗାଧୋଇ ଆସିଲା, ତାର ବାଳକୁ ତକ୍‌କଣି କରି କୁଣ୍ଡେଇଲା, ଫଟା କାମିଜ ଝିଣ୍ଟି ପିନ୍ଧି, ସଜ ହୋଇ ବାହାରି ପଡ଼ିଲା ଆଉ ଥରେ ସାହି ବୁଲି ।

ପୁନି ଘର ପିଣ୍ଡାରେ ବସିଛି କିଏ, ସାଇକଲ ଝିଣ୍ଟ ଡେରି ଦେଇଛି । ତରତର ହୋଇ ମାଡ଼ି ଆସିଲାବେଳକୁ ଦେଖିଲା, ଶେଧ ମାଙ୍କଡ଼ ପରି ମିସ୍ତ୍ରୀ ବସିଚି, ପାନ ଚୋବୋଉଚି । କହୁଚି--ଆସିଲୁ କାଲିକି, ଏଁ ! ମାହାଳିଆଟା ଘରେ ବସି କଣ ହବ ? ଦି ପଇସା ରୋଜଗାର ତତେ ଗନ୍ଧୋଉଚି ? ଚଞ୍ଚଳ ବୁଲିପଡ଼ିଲା । ଗାଳି ଦେଇ ଆରମ୍ଭ କଲା—"କବେ ସନିଆ, ଭାରି ମଗର୍ବ ହେଉଚୁ । କାମକୁ ନ ଯାଇ ବୁଲି ଆଇଚୁ କୁଆଡେ ?"

ଦୁଆରମୁହଁରେ ହସିଦେଇ ପୁନି ଘରକୁ ପଶିଗଲା । ସନିଆ ବିଗିଡ଼ିଲା । କହିଲା—"କାମକୁ ନ ଗଲେ ପଇସା କାଟିଦବ । ତୋଡ ଦେଖାଉଚ କାହାକୁ ? ତମେ କୁଆଡେ ସ୍ୟାଡ଼େ କାମ ଛାଡ଼ିଦେଇ ଆଇଚ ଶୁଣେ—"

ମିସ୍ତ୍ରୀ ଉଠିପଡ଼ିଲା । ଦୁଇ ତରଫ ମୁହାଁମୁହିଁ ଝଟାପଟା ।

"ତତେ ଠିକଣା କରିଦେବି ରହି ଥା । ହାଡ଼ଟୋକା, ସିଆଣିଆ ପଡ଼ିଚୁ—"

"ଆରେ, ଠିକଣା ଏମିତି କଲାବାଲା ! ତମ ହାତ ଗୋଡ଼କୁ ଜଣା-ପଡ଼ୁଚି —"ଦାନ୍ତ ରଗଡ଼ି, ଆଖି ତରାଟି କଥାଶୁଣା ।

"ଦେଖ୍ ପିଲା, ଉପରେ ପଡ଼ି କଜିଆ କରୁଚୁ, ମତେ ଚଢ଼ୋଉଚୁ । ଛୁଆଁ ଅଛୁଆଁ ମାନିବି ନାହିଁ । ପିଟି ଦେବି ଜାଣି ଥା—।"

"ହି ହୋ, ତମର ଭାରି ଜାତି ଅଛି ! ଛୁଆଁ ହେଲେ ମାରି ହେଇଯିବ !"

ଲୋକେ ଜମିଲେଣି । ମିସ୍ତ୍ରୀ ସାଇକଲ ଚଢ଼ି ଚାଲିଗଲା । କହିଗଲା, "ତତେ କାମରୁ ଯେବେ ନ ନିକାଲିଚି, ମତେ ଫେର୍ କହିବୁ ।" "ଆରେ, ନିକାଲିବୁ କଣ, ମୁଁ ଆଉ ଦିନେ ଚାକିରିକି ଯିବି ନାହିଁ । ବଳେ ଗୋଡ଼ ତଳକୁ ଆସି ଖୋସାମତି କରୁଥିବୁ; ଜମା ଯିବି ନାହିଁ । ତୋ ଝିଣ୍ଟିପଣିଆ ଘରେ ସାଇତି ରଖିବୁ ଯା—।" "ହେ ସନିଆ—ହେ ସନିଆ—" ସାହି ଲୋକେ ଥାପଡ଼ୋଉଚନ୍ତି । "ତୋ ମୁଣ୍ଡକୁ ପିତ୍ତ ଉଠିଚି କି ରେ ! ହଇ ରେ, ବାବୁ ଲୋକକୁ ଏମିତି କହନ୍ତି ?" ଖଣ୍ଡେ ଦୂରରେ ସାଇକଲ ଧରି ମିସ୍ତ୍ରୀ ଠିଆ ହୋଇ ଜଳୁଛି । ସନିଆ କହିଲା—ପଚାର ସେ ଭଲ୍ଲୋକକୁ, ସାହି ଭିତରକୁ କୁଆଡ଼େ ଆଇଥିଲା ଏତେବେଳେ ?" ମିସ୍ତ୍ରୀ

Digitized by srujanika@gmail.com

ଗୁଞ୍ଜରିଲଣି । ସଜନୀଆଁ ହଁ ହଁ ହେଉଛି । ବାହାଦୁରୀ ନେବାକୁ ବ୍ୟାଖ୍ୟା କରୁଛି, ଲୋକେ ହସୁଛନ୍ତି । ତାର ତୁଣ୍ଡାପଣକୁ ଝିଙ୍କାସୁଛନ୍ତି—ବଡ଼ଲୋକ ସାଙ୍ଗେ ଖେଳିବ—ପାଇବୁ, ପାଇବୁ ରହ ।

ଘର ଭିତରେ ବସିଛି ପୂଜା । ମନ ହେଉଛି, ପୂଜା ସାଙ୍ଗେ କଥାଭାଷା ଦି'ପଦ ହୁଏ । ଲୋକେ ହସୁଛନ୍ତି । କେଉଁ କଥା କେଉଁଠିକି ଗଢ଼ିଲଣି । ଲୋକ ଦେଖନ୍ତରେ ସେଠିକି ଯିବାକୁ ମନ ହେଉ ନାହିଁ ।

କିଏ ଜଣେ ଉପଦେଶ ଦେଲା, "ଯା ରେ ପୁଅ, ତୋ ବାଟେ ବାଟେ ଯା । ପୂଜାବୋଉ ନାଇଁ; ତାର ଦୁଆରେ ହୁଡ଼ାହୁଡ଼ି ହବାକୁ ତମକୁ ସୁବିଧା ମିଳିଲା ?"

ସକାଳଟା ଏମିତି ବିଗିଡ଼ିଗଲା ମୂଳରୁ । ସଜନୀଆ ଲେଉଟିଗଲା । ମନରେ ଏତିକି ସାନ୍ତ୍ୱନା ଯେ, ରାତିରେ ସେହି ମଶାଣିର ଦୁର୍ଣ୍ୟର ପ୍ରତିଶୋଧ ନେଲା ଭଳି, ତାର ମୁହଁରେ ମିସ୍ତ୍ରୀବାକୁ ବେଳମାନ ପାଇ ଯାଇଚ ।

ପରେ ପହିଲିବେଳକୁ ରାଗଟା ତରଳି ତରଳି ଅଭିମାନ ଯାକେ ଆସିଲଣି । ପେଟ ପୋଷିବାକୁ ଆଉ କଣ ଉପାୟ ନାହିଁ ? ହାତ ଗୋଡ଼ ଅଛି, ଦେହରେ ବଳ ଅଛି, ବୟସ ଅଛି । ଏଡ଼େ ବଡ଼ ସହର, ଏତେ କାମ । ବିଧାତା ଏପରି କଣ ଚେଷ୍ଟା କରିଛି ତାର ଶରୀର ପାଇଁ ଯେ, କେବଳ ମଇଲା କାମ ଛଡ଼ା ଆଉ ସବୁଥିକୁ ସେ ନପଟ, ନପାରଗ !

ଗୁମ୍ ହୋଇ ପିଣ୍ଡାରେ ବସିପଡ଼ିଲା । ଫମ୍ପା ଘର ଛୁଗୁଲୋଉଛି । ସାମ୍ନାରେ ଦୁନିଆର ଜଞ୍ଜାଳ । ବାପ ନାହିଁ, ମା ନାହିଁ, କେହି ନାହାନ୍ତି । ଛୁଆଳିବେଳକୁ ଅନ୍ୟ ଉପାୟ ନାହିଁ । ପୁଣି ସେହି ମଇଲା କାମ, ସେହି ମିସ୍ତ୍ରୀ; ସେ ଦାଢ଼ି ସାଧୁଥିବ । ଦାଢ଼ୁଆ ନଖରେ ଆମ୍ବୁଡ଼ି ଛୁଣ୍ଡେଇ, ମୋଟା ଆଙ୍ଗୁଠିରେ ମକଚ ତାର ମୁହଁ ଉପରେ ତାର ଅଙ୍କିତ ସ୍ୱପ୍ନର ପାଖୁଡ଼ାଗୁଡ଼ାକୁ ହସି ହସି ଧ୍ୱଂସ କରୁଥିବ । ପୂଜା ସଙ୍ଗେ ସହାନୁଭୂତି ହସାହସି, ଗ୍ରୀଷ୍ମ ଫୁଲେଇ ଭିଡ଼ କାମ ବରଗିବ । ସଜନୀଆ ଶରଣ ନେବ ଫେର୍ ତାହାର !

ଛୁଆଳିବେଳକୁ ହାଡ଼ ଜଳେ ।

ଦୃଢ଼ ପ୍ରତିଜ୍ଞା କରି ଉଠିପଡ଼ିଲା । ସହରରେ ବୁଲି ଅନ୍ୟ କାମ ସେ ଖୋଜି ନେବ । ପୂଜା ପାଇଁ, ତା ପାଇଁ । ଯେଉଁଠି ମଇଲା ଘାଣ୍ଟିବା ଥିବ ନାହିଁ । ମନମାଫି କାମ । ଦୁହେଁ ପାଖକୁ ପାଖ ।

ହାଣ୍ଡିଟୋକା ସଜନୀଆଁ ଇଟା ଗହଳିରେ ଧୂଳିଆ ସହରରେ ଜବତା ଖୋଜି ବାହାରି ପଡ଼ିଲା ।

Digitized by srujanika@gmail.com

ପୋଝଙ୍ଗ ଆରପାଖେ କୋଠା ଗଢ଼ା ହେଉଛି । ମୂଲିଆ ଲାଗିଛନ୍ତି । ସନିଆ ଠିଆ ହେଲା । "କାହିଁକି ଠିଆ ହେଲୁ ? କଣ ଦେଖୁଚୁରେ ?"

"ହଉଚି, ଦାଗ ଖୋଜୁଚି । ଟିକଏ ଧକା ନ ଦେଲେ, ଇଟାଗୁଡ଼ାକ କୁଆଡ଼େ ଅନ୍ତର୍ଦ୍ଧାନ ହେଇଯିବ—" ଆରମ୍ଭଟା ଭଲ ହେଲା ନାହିଁ । ବିରକ୍ତ ହୋଇ ସନିଆ କହିଲା—"ମଲା, ସ୍ୱଚ୍ଛ ସ୍ୱଚ୍ଛ ଭଲ ଲୋକକୁ ଚୋର କରୁଚ ! କେବେ ଦେଖିଥିଲ, ତମ ଇଟା ଛୁଇଁଥିଲି ?"

"ନାହିଁ ହୋ, ଖୁବ ଭଲ ଲୋକ ହୋ ତୁମେ; ଯାଅ, ଯାଅ ।"

"ହେ ବାବୁ, ଚଡ଼ୁଚ କାହିଁକି ? ଆସିଥିଲି ପଚାରିବାକୁ, ମୁଁ କାମ କରିବି; ମତେ ରଖିବ ?" ମିସ୍ତ୍ରୀ ପାଟି କରୁଚି—"କାମ କର, କାମ କର । କଥା ଗପିଲେ ବେଳ ଗଡ଼ିଯିବ ।"

"ମିସ୍ତ୍ରୀବାବୁ, ମୁଁ ମୂଲ ଲାଗିବି; ମତେ ରଖିବ ?"

"କି ଜାତ ? ମେହେନ୍ତର ନା ! କୋଠା ଗଢ଼ା ସରୁ, ପାଇଖାନା ହଉ, ତଲେ କାମ କରିବାକୁ ଆସିବୁ ଯେ; ଅବକା ଯା—"

ହୋ ହୋ ହସ । ଲୋକେ ସେ ମିସ୍ତ୍ରୀକୁ ତାରିଫ୍ କରୁଛନ୍ତି । ମୁହଁପୋଡ଼ ସନିଆ ଫେରିଗଲା ।

କାମ—କାମ—କେଉଁଠି କାମ ଅଛି ତା ପାଇଁ ? ଏହି ବଡ଼ କୋଠା, ଅବିନାଶବାବୁଙ୍କ ଘର । ବଡ଼ ଫାଟକ ବାଟେ ଅଘୋରବାବୁ ବାହାରି ଆସୁଛନ୍ତି । ଶାନ୍ତ ମୁହଁରେ ପୂର୍ଣ୍ଣ ସହାନୁଭୂତି ।

ସହାନୁଭୂତି ! ନରମ ହୋଇ ସନିଆ ଡାକିଲା—"ବାବୁ—"

ପ୍ରାଣର ଆବେଗ ଆଖି ଠେଲି ଉଚ୍ଛୁଳି ପଡ଼ୁଛି । ଆଶା କରି ଅନେଇଛି । ଅଘୋରବାବୁ ପକେଟରେ ହାତ ଭର୍ତ୍ତି କଲେ ।

ସନିଆ ସହିଲା—"କାମ ଖୋଜୁଚି ବାବୁ; ଗରିବ ଲୋକ—"

"ଭଲ କଥା । ଭିକ ମାଗିବା ମୁଁ ମୋଟେ ପସନ୍ଦ କରେ ନାହିଁ । ଅନର୍ଥକ ଭିକାରୀ ସମସ୍ୟା ବଢ଼ିଯାଉଛି ଆମ ସହରରେ । କାମ କର, ଖା । ଖୁବ୍ ଭଲ କଥା ।···ମତେ କଣ କହୁଚୁ ?"

"କାମ ଖଣ୍ଡେ ଦିଅନ୍ତୁ ବାବୁ । ଯାହା ବତେଇବେ, ତାହା କରି ପାରିବି; ଦେହ ମେହେନତ୍—।"

Digitized by srujanika@gmail.com

"ତୁ ଝ ଜାତ ?"

"ଏଇ ପାଖ ସାହିରେ ଆଏଁ ବାବୁ—"

"ଓ ! କାମ ତ ନାହିଁ !"

"ଆପଣଙ୍କ ପାଦେ ଶୁକର ରହିବ ବାବୁ !"

ବାବୁ ଚୁଲବୁଲାଉଛନ୍ତି । କାମଗୁଡ଼ାକ ରାସ୍ତାରେ ଥୁଆ ହୋଇ ନାହିଁ ।

ଏମିତ ବାର ଜାଗା । ମିସ୍ତ୍ରୀ ଓ ମଜଲା କାମ କଂବଳରୁ ସ୍ୱାଧୀନ ହେବା ଲାଗି, ସହରସାକ ବୁଲି ପଶୁର ପଶୁର ସାର । ସବୁଠିଁ ଏକା ଜବାବ୍—
"ତୁ କ ଜାତ ?"

ଖରା ତଳ ପଡ଼ିଆଏ । ଚୁଲି ଚୁଲିକା ଗୋଡ଼ ଘୋଳ ହେଲାଣି, ମୁହଁର ପାଣି ମରିଗଲାଣି । କ୍ଳାନ୍ତ ବଢ଼ିବା ସଙ୍ଗେ ସଙ୍ଗେ ମନର ଦୃଢ଼ପଣ ଛିଣ୍ଡିପଡ଼ି ସଡ଼କ ଧୂଳିରେ ହଜିଯାଉଛନ୍ତି । ସକଅ ପୁଣି ସକଅ ହୋଇ ଫେରି ଆସିଲା । ହାଣ୍ଡି ଟୋକାଟିଏ । ଗୋଟାଏ ଦିନ ଅଳସ କରି ଘରେ ବସିବ, ବୋଲ୍‌ଣା ଶୁଣିସାରିଲାଣି ! ସକାଳ ପାହିଲେ ପୁଣି ତାର କାମକୁ ଫେରଯିବ ।

ଚଉଦ

ପୁନବୋଉ ହଲ୍ଲା ଉଠେଇଛି, ମେହେନ୍ତରସାହି ଉଠେଇ ଦେବାକୁ ବସ୍ତୁର ଚାଲିଲାଣି । ପୁନବୋଉର ଘର ଆଗରେ ଭିଡ ବସିଛି । ସନ୍ଧ୍ୟା ପାଖ ପାଖ । ପରିଷ୍କାର ପରିଚ୍ଛନ୍ନ ହୋଇ ସଫା ଲୁଗା ପିନ୍ଧି ମୁଣ୍ଡର ଚୁନ୍ଦା ଚକ ଚକ କରି ସ୍ତ୍ରୀ-ଲୋକମାନେ ବସି ଆଲୋଚନାରେ ଯୋଗ ଦେଉଛନ୍ତି । ଚଇଁ, ଟଙ୍କି, କଜଳମଣି, ଯାଇକଢ଼ୀ ଓ ଅନ୍ୟମାନେ କେତେ । ମନର ଉଗ୍ରଭାବ ସହଜରେ ପ୍ରକଟେଇବାକୁ ଭିତରର ଉପାୟ ସେମାନଙ୍କର ଅସଭ୍ୟ ଗାଳି, କଟାସମା, ହାଉ—ହାଉ । ଲୋକେ ବିଶ୍ୱାସ କରୁନାହାନ୍ତି । କହୁଛନ୍ତି, ପିଠି ଉପରେ ପଡ଼ି ଝଡ଼ପଡ଼ିଲେ ଆକାଶ ଭାଙ୍ଗିପଡୁଛି ବୋଲି ପୁନବୋଉ ଗୁନିଆଁ ହେଉଛି । ମାଟି ଘରର କାନ୍ଥ ଓ ଛପର, ଇଟା ଘର ମଝିରେ ସାହିଖଣ୍ଡିକର ଅବସ୍ଥିତି । ସାମ୍ନାରେ ବଡ ସଡକ ଓ ପଛଆଡ଼େ ମଣିଷ କଲବଲ, ଗେଞ୍ଜାଗେଞ୍ଜି ଘରସବୁ—ଜୀଅନ୍ତା ମଣିଷ ଆଖିରେ ଏ ସବୁ କଦା କନଷ । ଧୂଆଁ ନୁହେଁ, ନାମ ନୁହେଁ ଯେ କାହାରି ଖିଆଲରେ ଉଡ଼ି ଚାଲିଯିବ ।

ପୁନବୋଉର ମାତ୍ସାବାଦ କାହାରିକୁ ପରତେ ହେଉ ନାହିଁ । ତେଣୁ ସେ ଅନୁପସ୍ଥିତ ଶତ୍ରୁ-ଗୋଷ୍ଠୀ ଉଦ୍ଦେଶ୍ୟରେ ଅଦ୍ଭୁତ ଟାଣୁଆ ଗାଳି ବରଷି ଆପଣା ଯୁକ୍ତିର ଜୋର୍ ବଢ଼ାଉଛି । କଜଳମଣି କିମ୍ବା ଯାଇକଢ଼ୀକୁ ଛୁଟୁଡ଼ାଉ ନାହିଁ । କହୁ ନାହିଁ । କହୁ ନାହିଁ ଅନ୍ୟ ଦିନ ପରି ଯେ, ତା ଘରେ ବଢ଼ିଲା ଝିଅ; ବାଜେ ବଜାଖି ଲୋକ ତା ଘରକୁ ଆସିବା ସେ ପସନ୍ଦ କରୁନାହିଁ । ବକ୍ତୃତା ଦେଉଁ ଦେଉଁ ସେ ନେତାପଣର ଆତ୍ମପ୍ରସାଦରେ ବଡ ହୋଇଯାଇଛି । ଆପଣାର ସ୍ୱାର୍ଥ ପାଶୋରି ସମସ୍ତିଙ୍କ ସଙ୍ଗେ ଏକ ହୋଇ, ବିପଦଦଳ ବିରୁଦ୍ଧରେ ମତ ସଂଗ୍ରହ କଲା ପରି ପାଟି କରୁଛି—

‘‘ଶୁଣୁଛ ଲୋ କଜଳମଣି ! ଶୁଣୁଛ ଲୋ ଯାଇକଢ଼ୀ !—ଏ ଝିଆଁ-ନଗାଙ୍କ ମନରେ ଏତେ କଥା ଅଛି ! ଆମେ ତାଙ୍କର ଏତେ ସେବା କରୁଛୁ, ସେମାନେ ଚନ୍ଦ ବୁଲେଉଛନ୍ତି ଆମକୁ ଏଠୁ ତଡ଼ିଦେବେ ବୋଲି; କଣ ପଚାରୁଛ ?’’

‘‘ତୁ କାହିଁକି ନାଚୁଛୁ ମାଉସୀ ! ଖାଲି କହିଦେଲେ ହେଇଗଲା ? ସେ ମନ ତ ଖୋଜୁଥାଏ ସବୁ କଥା କରିବାକୁ; କୋଉଠି ହେଇଯାଏ ?’’

Digitized by srujanika@gmail.com

"କହୁବୁଁ ନାହିଁ ? ଗ୍ରୀଡରେ ଚଢ଼ି ଜଭ ଓଟାରି ଆଣିମୁଁ । କାହାରି ଆମେ ଖାଉ ନା ଧାରୁଁ ?"

"ହଉ, ହଉ । ଦଶଲୋକ ବସି ବଲେ ନିଶାପ କରିବେ ନାହିଁ କି ? କିଏ ଆଗ କରି କରୁଛ କରୁ ।" ସନିଆ ବାଟରେ ବୁଲୁଥିଲା; କୁଦିଆସି ବଡା ଖଣ୍ଡେ ଧରି ପାଟିକଲା—"ଆମେ ସବୁ ଥାଉଁ ଥାଉଁ—"

ପୁନିବୋଉ ଘୋଳିହୋଇ ପଡ଼ିଥାଏ । କାନ୍ଥକୁ ଆଉଜି ବସି ଧକେଇ ହେଲା । କଜଳମତୀ ପୁନି ପାଖକୁ ଆସି କହିଲା—"କରି ସବୁବେଳେ ଘର କଣରେ ପଶିଚୁ ମ ! ପଦାକୁ ବାହାରିବୁ ନାହିଁ ?"

ରଙ୍ଗ, ଟଭ୍ର କାନପାଖେ ଫୁସ୍‌ଫୁସ୍ ହେଲେ । କହିଲେ—"କାଲିଠୁଁ କାମକୁ ଯିବୁ କି ?"

"ବୋଉକୁ କହ ।"

"ମଲା, ଶ୍ରେପଣ ହଉଚୁ ! ବୋଉକୁ କହ—କାହିଁକି ? ଆଉ ପିଲା ହେଉଚୁ କି ?"

"ହେ ମାଉସୀ ! କାଲି ପୁନିକୁ ନେଇ କାମକୁ ଆମେ ଯିବୁଁ; କୋଉ ବାବୁ ଡମକୁ କରି କହିଲା, ପରୁଶ ଆସିବୁଁ ।"

ଜେମା ଘାଲେଇ ପଡ଼ିଚି । ଦୁର୍ବଳ ଦେହରେ ବହୁତ ବକିଲା ପରେ ସେ କ୍ଳାନ୍ତ ।

ଘର ଭିତରେ ଫୁସ୍‌ଫୁସ୍ କଥା, ହସାହସି ଚାଲିଛି । ପଞ୍ଚିଏ ବସି ପୁନିକୁ ଟିଣ୍ଡିହୁଡ଼ା ଶିଖେଉଛନ୍ତି । ସଞ୍ଜ ବୁଡ଼ିଲାଣି । ପୁନିବୋଉ କହିଲା—କି ଲୋ, ତେତେମେସବୁ ବସିଥିବ କି ଲୋ ? କାମ ନାହିଁ ? ଘରକୁ ଯିବ ନାହିଁ ? ଯା ପରେ ପୁଣି ସେ ଗାଳିଦେବ । କାହାରି ଉପରୋଧ ସେ ରଖେ ନାହିଁ । ପୁନିବୋଉର ମିଜାସ ଜାଣି ସମସ୍ତେ ଚାଲିଗଲେ । ପୁନି ବସି ଭାବୁଥାଏ, ସେ କାମକୁ ଯାଉଛି । ଖାଉସ୍ର ଅନୁଭୂତି ତାର ମନର ଚିନ୍ତାକୁ ରୋକି ପାରୁନାହିଁ । ବଂଶ ପରମ୍ପରାରେ ଦେହଘଷା ହୋଇ ରହିଯାଇଛି ସେ, ରକ୍ତବାଟେ ମନର ଚେତନାରେ । ସେ ଦୃଶ୍ୟ ମନେ ପଡ଼ୁ ନାହିଁ । ମନେ ପଡ଼ୁଛି, ବାହାରର ଦୁନିଆଁ, ସାଙ୍ଗସୁଖ, ନିଜେ ଉପାର୍ଜନ କରୁଛି ବୋଲି ଆତ୍ମାଭିମାନ । ବୋଉର ଇଙ୍ଗିତ କଟକଣାରୁ ବାହାରି ତାର କାନର ଗଣ୍ଠି ଫିଟେଇ ମନଇଚ୍ଛା ପଦାରେ ବୁଲିବାର ଆନନ୍ଦ । ଜୀବନର ସହଜନ୍ତମରେ ପଦାକୁ ଠେଲି ହେଉଛି । ସେଇ ବାଟ ଗୋଟାଏ ।

Digitized by srujanika@gmail.com

ସେଠି ରଙ୍ଗ, ଝଙ୍କ, କଜଲମଣ୍ଡ, ସଜନଆ ।
ମିସ୍ତୀ ସଦୁପଦେଶ ଦେଇଛୁ ।
"କାଲିକ ମୁଁ କାମ କରି ଯିବି ବୋଉ ।"

"ଫେର୍ ଯିବୁ ! ଥରେ ଯାଇ ହେଲା ନାହିଁ, ଫେର୍ ଯିବୁ ? କାହିଁକି ଯିବୁ ? କଣ କଅଣ ହଉଚ ?" ବିକଳ ମୁହଁ କରି ଜେମା ଝିଅ ମୁହଁକୁ ଅନେଇଲା ।

"ଗଲେ କଣ ହେଲା ବୋଉ ? ଥରେ ହାଣ୍ଡି ପଦାକୁ ବାହାରିଲେ ଯୋଉ କଥା, ସବୁଦିନେ ପଦାକୁ ବାହାରିଲେ ସେଇ କଥା । ସେଇ କାମ ତ, ବଳେ ଦେହଘଷା ହେଇଯିବ ନାହିଁ କ !"

"କଏ କହିଲା ଲେ ? ଏ ଚୁଲି ବୁଦ୍ଧି ତତେ କଏ ଶିଖେଇଲା ! କୋଉ ଡାକୁଣୀ ପିଶାଚୁଣୀ ତୋ କାନରେ ମନ୍ତ୍ର ଫୁଙ୍କି ଦେଇଗଲା ! ଛି ଛି; ଲୁଆଡ଼େ ଯିବୁ ରୁ ?"

"ସେମିତ ବେସ୍ତ ହ'ନା ବୋଉ । ଦେଖିଲୁ, ତୋ ଧିଅ କଣ ହେଲାଣି ! ସବୁଦିନେ ରୁ କାମରେ ଯାଣ୍ଠି ହଉଥିବୁ, ମୁଁ ଘରେ ବସିଥିବି ? କାହିଁକି ? ବସି ବସି କଣ ମୁଁ କରିବି ? ଏମିତ କେତେ ଦିନ ଚଳିବ ? ଆମେ କଣ ରଜା ହେଇଚୁ କି ମହାଜନ ହେଇଚୁ ?"

"ରୁ ମୋ ସାଙ୍ଗେ ସେମିତ କଗା ନା ପୁନି—"

"ଘରଜ୍ବଆଣି ହେଇ ନାହିଁ, ନ ହେଲେ ନ ସରେ । ଜଣକର ଖାଇବା ମାନଆ ରୋଜଗାର, ସେଥିକି ଦଣ୍ଡା ପେଟ । ଜମା ଅଣ୍ଟୁ ନାହିଁ । ଭାତ ନାହିଁ କି ଲୁଗା ନାହିଁ । ମିଛରେ କାହିଁକି ମୂଲ ନଷ୍ଟ ହଉଥିବ, ମୁଁ ଘରେ ବସିଥିବି; କହିଲୁ ?"

କେମିତ ପାକଲ ବୁଢ଼ୀ ପରି ଝିଅ କଥା କହୁଚ ! ପୁନିର ବୁଦ୍ଧି ହେଲାଣି । ପୁନି ବଡ଼ ହେଲାଣି । ରେପିଲା ଗଛକୁ କୁଣ୍ଢ ପାଏ ନାହିଁ । କଣ ବୋଲି ତାକୁ ବୁଝେଇବ ? ଦାନ୍ତ ରଗଡ଼ି, ଆଖି ତରାଟି ଜେମା କହିଲା—"ବୁଝି ଖବର୍ଦ୍ଦାର୍, ରୁ କାମକୁ ଯିବୁ ନାହିଁ ।"

ପୁନି ହସିଦେଲା ।

ରାତ ଅଧ ହୋଇଥାଏ । ବକବକେଇ ଉଠିପଡ଼ି ପୁନିକୁ କୁଣ୍ଢେଇ ଜେମା ବାହୁନି ବସିଲା—"ଆଲୋ ମୋ ପୁନି ଲୋ—"

Digitized by srujanika@gmail.com

"କଣ ହେଲା ବୋଉ ! କାହିଁକି ସେମିତି ହଉଚୁ ?" ଦେହ ଥରୁଛି, ଝାଳ ଫିଟିଯାଉଛି । ପୁନର ବୋଉ ହାଉଳି ହେଉଛି । "ସେମିତି କାହିଁକି ହଉଚୁ ?"

"ଏଁ ?"

ପୁନ ଆଉଁସି ଲଗିଛି । "କଣ ହେଲା ବୋଉ ?"

"କିଛୁ ନାହିଁ ମ, କଣ ଅସାର ସ୍ୱପ୍ନ ଦେଖିଲି ଯେ ! କିଛୁ ନାହିଁ । ଶୋଇ-ପଡ଼ ।" "ପୁଣି ଚୋ ଦେହ ଖରାପ ହେଲାଣି । ମୁଁ କଣ କରିବି !"

"ସେମିତି କାହିଁକି ହଉଚୁ ବା ? ଶୋ, ଶୋ ।" ପୁନର ମୁଣ୍ଡ ଥାପଡ଼େଇ ଥାପଡ଼େଇ ଜେମା କହିଲା—ତୁ କାମକୁ ଯିବୁ ନାହିଁ ଟି । ସୁନାଟି ପରା, ମୋ ସାନଭଉଣୀ ମାନ—।

"ହେ ଚୋର ଅବାଗିଆ ଆଣ୍ଡିଆ କଥା । ଖାଲି ତୁ କାମ କରି କରି ଏଡେ ଘର ହଉଥିବୁ, ମୁଁ ବସିଥିବି । କାହିଁକି ଯିବି ନାହିଁ ? ଗଲେ କଣ ହବ ? ହଉ, ତୁ କିଛୁ କହ ନା; ଶୋଇପଡ଼ ।"

□ □

Digitized by srujanika@gmail.com

ପଚିଶ

ସକାଳୁ ପୁନି ବୋଉକୁ କହିଦେଇ ଗଲା ନାହିଁ । କାମ କରି ବାହାରି ଚାଲିଗଲା ।

"କଲେ ପୁନି !" "କଲେ ପୁନି !" ଯୁଆଡ଼େ ଗଲେ ତାରି ନାଁ । ନୂଆ ହୋଇ ଲୋକେ ତାକୁ ଆବିଷ୍କାର କରୁଛନ୍ତି ଯେପରି କି । ଅନୁଭବ କରୁଛି, ସେ ନୂଆ ହୋଇଛି । ନ ହେଲେ ଚହଲା ଲୋକଙ୍କର ଏତେ ପ୍ରକାର କଥାର ଛିଟା, ଏ ବିଚିତ୍ର ଚାହାଣୀ କାହିଁକି କେବଳ ତାହାରି ଉପରକୁ ।

"ଭଲ କଲୁ ଆସିଲୁ ।" କଜଳମତି ପାଖକୁ ଲାଗିଆସିଲା । "ରୋଜଗାର କରିବାକୁ ବୟସ ଆସିଚି । ଏଇ ତ ବେଳ । ଘରେ ବସିଥିଲେ ପଚୁରେ କିଏ କାହାକୁ ?" ମନ୍ତ୍ର କଲା ପରି କାନପାଖେ କଜଳମତି ଗୁଣ୍ଡରେ ନୂଆ ହୋଇ ଦୁନିଆ ଲୋକଙ୍କର ନୂଆ ପରିଚୟ । କେଡ଼େ ସୁନ୍ଦର ସେମାନେ, କି ସହାନୁଭୂତି, ଉଦାର ଆଉ ଖୋଲା ହାତମୁଠା ଚହଲିବା ଗ୍ରାହକ । ରୁହାଇ ରୁହାଇ କଜଳମତିର ନିମନ୍ତ୍ରଣ, "କେବେ ତ ଆସୁ ନାହିଁ । ସନ୍ଧ୍ୟାକୁ ଆସନ୍ତୁ, ମୋ କଥା ଖଣ୍ଡନ୍ତୁ ସତ କି ମିଛ । ତୋ ବୋଉ ଯୋହି ଓଳି, କଟକଟା, ବୁଝେଇଲେ କଣ ବୁଝିବ ? ଏଣେ ଦେହରୁ ନେଙ୍କୁଡ଼ି ଛିଣ୍ଡୁଥିବ ତେଣେ କଥାରେ ତାଳଗଛ । ଆସିବୁଟି ? ଶୁଣ ଅଛୁ, କହୁ ଥା—"

ପୁନି ମୁଣ୍ଡ ହଲେଇଲା । ଏଡ଼େ ଯୋଗ ସେ ଏଡ଼ିବ କିପରି ? ହଁ, ସେ ଯିବ ।

ପଛରୁ ରଙ୍ଗ, ଟଷ୍ଟ— "ବୁଝି ଖବରଦାର୍, ସେ କଜଳମତି କଥାରେ ପଡ଼ିବୁ ନାହିଁ ଟି । ତତେ ଖଟେଇବ, ତୋରିଠୁଁ ନିଜେ ଲାଭ ଉଠେଇବ । ଦେଲାବେଳକୁ ଫଟା ପାହୁଲା ନାହିଁ । ଭାରି କଅଁଳକନ୍ଥ; ତାକୁ କଣ କରି ପାରିବୁ କି ଲୋ—"

"ମୋର ସେ କଣ କରିବ ମ—"

କଳା କହରିଆ ଦାନ୍ତ ଦି ପାଟି ଦେଖେଇ ରଙ୍ଗ, ଟଷ୍ଟ ହସାହସି, ଠେଲାଠେଲି ହେଲେ—'ଇଲୋ ସତେ ମ, ମୋଟେ ଜାଣେ ନାହିଁ ମ—ରୁ ଷ କଣ କମ୍ ମଉନମୁହାଁ ଟିଏ ଲୋ ! ଦେଖ୍, ଖବରଦାର୍ । ବୁଲିବୁ ଯଦି ତ ଆସିବୁ ଆମ ସାଙ୍ଗରେ । ଭଲ ଭଲ ଠାଆ ଖାଲି କଜଳମତିକୁ ଜଣା, ଆମକୁ ନୁହେଁ ? କହିବୁଟି ଲୋ ରଙ୍ଗ ତୋ କଳାମାଙ୍କଡ଼ କଥା—"

Digitized by srujanika@gmail.com

"ବୁ କହୁନୁ ତୋ ଗୋରି ମାଙ୍କଡ଼ କଥା—"

ଆଜିର କାମକୁ ସେତେ ଭୟ ନାହିଁ । ଅସନା ଲାଗୁଛି, ଘୃଣା ହେଉଛି; କିନ୍ତୁ ପହିଲି ଚମକ କଟିଯାଇଛି । କଣ ତା ପାଇଁ ଅପେକ୍ଷା କରିଛି ତାର ଧାରଣା ରହିଛି ଆଗରୁ । କାମ ଯାହା ହେଉ, ପରିସ୍ଥିତିକୁ ଘୋଡ଼େଇ ପକେଇ, ମନ ଭିତରେ ଉତ୍ତେଜନାର ଜୁଆର ଖେଳୁଛି । ଭିତରର ପାପର କେଉଁଠି ସମତାଳ ରହୁଛି ବାହାରର ଏହି ଆବର୍ଜନାକୁଢ଼ରେ । ବାଟେ ବାଟେ ଅସନା କାମକୁ ଅସନା ଗପ । ରଙ୍ଗର ପାଟିରେ, ଝିଅର ପାଟିରେ ଅର୍ଗଳ ନାହିଁ । ପୂନିକୁ ମଝିରେ ରଖି, ଦୁହେଁ ଦୁହିଁଙ୍କର ଅନୁଭୂତ ଗାଇ ଯାଉଛନ୍ତି । ପୂନିର ମୁହଁରେ ତାଚ୍ଛ ଖେଳୁଛି, ଆଖିରେ ବିଜୁଳି । କାମ କଟିଯାଉଛି, ସମସ୍ତ କଟିଯାଉଛି ।

କେଉଁଠି ଏତେଦିନ ଏ ପ୍ରବଣତା ଲୁଚି ରହିଥିଲା ! ତାକୁ ଖୋରାକ ମିଳିଛି । ମନ ଓଲଟା ଗାଈ ପରି । ସରୁ ଗଳି ପାଖେ ରଙ୍ଗ ତରତର ହେଲାବେଳକୁ ଝିଅ ତାର କାନ ଧରି ପକେଇଲା । ଅସନା ହାତ, ଅସନା ଲୁଗା ଏକାଠି ବୋଳାବୋଳି । "ରହ ରଙ୍ଗ, ସବୁଦିନେ ଏକୁଟିଆ ଯାଉ କୁଆଡେ ? ଚାଲ୍ ଆଜି ଆମେ ଯିବୁ । ପୂନି ଆସିଛି ପରା, ଆଜି ପୂନିର ପାଠପଢ଼ା— ।"

ଚଞ୍ଚଳ ଚାହାଣୀରେ ଝିଅ ରଙ୍ଗ ହସାହସି ।

"ଅଟକିଲୁ କାହିଁକି ରଙ୍ଗ, ଚାଲୁନୋଉଁ, ଚାଲ୍—"

"ଧେତ୍, ତେମେ ସବୁ କାମ କର ଯା । ମୋ ପଛରେ କାହିଁକି ଗୋଡ଼େଇଛ ?"

"ପୂନି ନୂଆ ଡାହାଣୀ ବୋଲି ଡରୁଚୁ କି ଲୋ—" ରଙ୍ଗ ଇତସ୍ତତଃ ହେଲା । ଦେଖିଲା, କିଛି ଫଳ ନାହିଁ । ଟୋକେଇ କାଖେଇ ଆଗେ ଆଗେ ଚାଲିଲା । ଦୁମୁଦୁମୁ ଗତିରେ ଝିଅ ପଛେ ପଛେ ପୂନି । ଏଠି ପୁଣି କି ନବରଙ୍ଗ ଅଛି ? ଆପଣା ଛାଇରୁ ଗୋପନ ମନର କଥା ଯେପରି କି ଛବି ପରି ଲଖି ରହିଛି ଝିଅର ଅସନା ହସରେ ।

ଅନ୍ଧାରୁଆ ଗଳି, ଅସନା ଗଳି । ଦୁ'ପାଖେ ଉଞ୍ଚ କୋଠାର ପିଠି । ଗୋଟାଏ ଘରର ସାନ କବାଟରେ ଧଡ଼ ଧଡ଼ କରି ବାଡ଼େଇ, ରଙ୍ଗ ଡାକିଲା— "ପୂଷ୍ଟାସ୍ୱ—"

କବାଟ ବାହାରେ ଅସନା ଟୋକେଇ ଥୁଆ ହୋଇଛି । କବାଟ ଖୋଲିଗଲା, ରଙ୍ଗକୁ ଘେନି ପକେଇଲା । କବାଟ ବନ୍ଦ ହେଲା । ଝିଅ ପୂନିକୁ କହିଲା—ଦେଖିଲୁ, କେଡ଼େ ଚଳାଖ୍—!

Digitized by srujanika@gmail.com

ଦୁହେଁ ଅପେକ୍ଷା କରି ଠିଆ ହୋଇଥାନ୍ତି । ଦଳେ ଲଫଙ୍ଗା ଗଲେ, ଧନ ଦ'ପଦରେ ଗୀତ ବୋଲି ବୋଲି । ଗୀତ ଶୁଭେ, ସିଠି ଶୁଭେ; ପୁନ ଅସ୍ଥିର ହୁଏ ।

“କି ଲୋ ରଙ୍ଗ, ରହିଲୁ କି ?” ଟଙ୍କୁ ଡାକିଲା ।

କେତେବେଳ ଗଲା । କବାଟ ଖୋଲିଲା । ଦିଶିଲା, ଛୁଟିପିଟି ହୋଇ ରଙ୍ଗ ପଳେଇ ଆସୁଛି । ତାର ଅସନା କାନକୁ ଫିଟେଇ ଫିଟେଇ ଜଣେ ଲୋକ ପାଟି କରୁଛି—“ଦେଇ ଯା ମ, ଆଉ ଖଣ୍ଡେ ଦେଇ ଯା—”

ବାହାରେ ଦ ଜଣଙ୍କୁ ଦେଖି ଲୋକଟି ଅପ୍ରସ୍ତୁତ ହୋଇଗଲା । ରଙ୍ଗ କହିଲା—“କଣ ଦେଖୁଚୁ ଲୋ ଟଙ୍କୁ ଚନ୍ଦୁପଣି, ଆଇଥିଲୁ ପରା ସାଙ୍ଗରେ, ହେଇ ଦେଖ୍ ସ୍ୱା ବେଭାର । ମୋ କାନ ପାନ କୁଆଡ଼େ ସ୍ୱାଙ୍କୁ ସୁଆଦ ଲାଗେ । ଅରେ, ପଳେଇଗଲ୍ କାହିଁକି ମ ବାବୁ, ଆସୁନ; ଆମ ସାଙ୍ଗରେ—” କବାଟ ବନ୍ଦ ହେଲା । ଟଙ୍କୁ ରଙ୍ଗର ଅଣ୍ଟି ଦରାଣ୍ଡିଲା । “କଣ ଆଣିଚୁ ଦେଖେଁ, ଦେଖେଁ—”

“ଆଲୋ, ପଇସା କଣ ପଡ଼ିଚି ନଢ ନଢ ଖାଲି ଗୋଟେଇ ପକେଇବାକୁ—”

ରଙ୍ଗର ଅଣ୍ଟା ଖାଲି । ପୁଣି ଆଗେ ଆଗେ ରଙ୍ଗ । କିଛିଦୂର ଯାଇ ପୁନ ଦେଖିଲା ରଙ୍ଗର ପିଠିଆଡ଼େ କଣ ଧଳା ହୋଇ ଖଣ୍ଡେ ଲମ୍ବି ବାହାରିଛି । ହାତ ଠାରି ଟଙ୍କୁକୁ ଦେଖାଇଦେଲା କି, ଟଙ୍କୁ ଯାଇ ପଛଆଡ଼ୁ ମାରିଲା ଝେଞ୍ଚାଏ । ରଙ୍ଗ “ରହ ବା, ରହ ବା” କହୁ କହୁ ଟଙ୍କୁର ହାତ ମୁଠାରେ ରଙ୍ଗର ପିନ୍ଧାଲୁଗା ଭିତରୁ ବାହାରି ଆସିଲା ଗୋଟାଏ ଗାମୁଛା । ଟଙ୍କୁ ହସିଲା, ପୁନ ଆଶ୍ଚର୍ଯ୍ୟ ହେଲା । ରଙ୍ଗ ତରତର ହୋଇ ଗୃଳି ଗୃଳି କହିଲା—“ଅଣ୍ଟିରେ ଖୋସି ଦେ ବା, କଣ ଦେଖୁଚୁ ! ପିଲା ହେଇଚୁ ରୁ—”

“କହିଲୁ ପରା କିଛି ଆଣିନୋଉଁ ବୋଲି—ମୋ ସାଙ୍ଗେ କପଟ ଖେଳୁଚୁ ?—”

“ଆଲୋ, ଏ କଣ ପଇସା ? ଏ ତ ଗାମୁଛା । ଆଜି ଅଗାଧୂଆ ମୁହଁରେ ରୁ ଆସିଲୁ ବୋଲି ଫଟା ପାହୁଲଟାଏ ବି ମିଳିଲା ନାହିଁ । ଓର ପଡ଼ିଗଲେ । ଟଙ୍ଗା ହୋଇଥିଲା, ଆଣି ଗେଞ୍ଜିଦେଲି; ଯାହା ମିଳିଲା । ଥାଉ, ବାନ୍ଧିଲା ଘୋଡ଼ା ଘାସ ଖାଏ—”

“ତତେ ଧରିବେ ନାହିଁ ?”—ଡରି ଡରି ପୁନ ପଚାରିଲା ।

Digitized by srujanika@gmail.com

"କଏ ଦେଖିଚ ନା ଜାଣିଚ ? କାହା ଜଭରେ ହାଡ଼ ଅଛୁ, ଏତେ ସତେଇ କଏ ପଡ଼ିଚ ଯେ, ମତେ ସ୍ଥେର ଧରବ ମ —"

ପୁନ ଡରିଲା । ରୁଛାଟାରେ କଣ୍ଠାବାଡ଼ରେ ଲୁଗା ପକେଇ ରଙ୍ଗ ହୁଏ ତ ବହେ ଶୋଧି ଦେଇଯିବ । ଟଖି କହିଲା—"ହଉ, ଗୁଲ୍ ଗୁଲ୍; ଜଣାଗଲା ତୋ କରାମତି ।"

ଅଜ ଦନଯାକ ସଜନଆ ଦେଖା ନାହିଁ ।

ସକାଳୁ ଦନଟା ଆରମ୍ଭ ହୋଇଥିଲା ଏକ ପ୍ରକାର । ଏତେଦନ ପରେ ଦେଖି ମିସ୍ତ୍ରୀ ଯେତେବେଳେ ହେଣ୍ଡିଟାଏ ମାରଥିଲା, କାମ ବରଗିଦେବା ବାହାନାରେ ଡାକନେଇ କେତେ ଖୁସାମତ କଥା ଶୁଣେଇଥିଲା କାନରେ । ସେ ସବୁ ଗୋପନ କଥା । ସାଙ୍ଗମାନଙ୍କୁ କହିଲେ ଖିଅ ଧରବେ, ହସ ଲଗେଇବେ । ସେଡକବେଳୁ ନୂଆ ଜୀବନ ଆସିବା ପାଇଁ କବାଟ ଖୋଲିଯାଇଛୁ, ବାରମ୍ବାର ମନେପଡ଼ୁଛୁ ସଜନଆ । ଚହ୍ନାଲେକେ ଗାଡ଼ି ଅଡ଼େଇ ନେଇ ଗୁଲୁଛନ୍ତି । ସାଙ୍ଗ-ମେଳରେ ଗଡ଼ର ଗଡ଼ର ହୋଇ, ଟୋକେଇ ବୋହି ବାଟ ଗୁଲିଲାବେଳେ ଆଖି ଆପେ ଉଣ୍ଡି ବୁଲୁଛୁ, କାଳେ ସଜନଆ ଆସିବ । ଖରା ମୁଣ୍ଡେ ହେଲଣି; ସକାଳର ଉତ୍ତେଜନା ତରଳି ତରଳି ଆସିଲଣି ଅବସାଦ । ଦେହ ହାତ ଅସନା ବାଲୁ ବାଲୁ । ବାହାର ଯିବାକୁ ବାଟ ଖୋଜି ଖୋଜି, ପ୍ରାଣକୁ ରୁଚୁଛୁ ନ ହୋଇବାର କଳ୍ପନା । ଯେଉଁଠି ଧୂଅକଢ଼ା ନ ଥାନ୍ତା, ପରଶ୍ରମ ନ ଥାନ୍ତା, ଫୁଲ, ଅତର, ବାସ୍ନା, ଭଲ ପାଇବା । ଦେହର ପ୍ରତି ଅଣୁ, ପ୍ରତି କଣିକାକୁ ଉଦ୍‌ବୁଦ୍ଧ କରଦେଇ କେବଳ ସୁଖ ।

"ଆଜି ସଞ୍ଜରେ ଆସିବୁଟି ପୁନ—"

"ହେ ପୁନ, ଶୁଭୁଚ ନା ! ସେ ଦନ ସିନା ଦନକଆ ଆସିଥିଲୁ, ଆଜିଠୁ କାମରେ ତୁ ମୁକର୍‌ର ହେଲୁ । ସଞ୍ଜକୁ ଆସନ୍ତୁ, ଆଜକା ଦନଟା ପାଳନ୍ତେ —"

"କେମିତି ପାଳନ୍ତେ ରଙ୍ଗ ?"

"ଜାଣିନୋଉଁ ? କାହୁଁ ବା ଜାଣିବୁ, ଘରକଣର ବେଙ୍ଗଟିଏ । ଦଶ ପାଞ୍ଚଜଣ ବସନ୍ତେ, ମଦଖଟି ପାଖେ ମଦ ଖାଆନ୍ତେ । ତୋର ନୂଆ ପାଳି, ତୁ ଆମୁକୁ ଖୁଆନ୍ତୁ । ପେଟ ପୂରେଇ ମଦ, ଚୁଙ୍ଗୁଡ଼ି ଭଜା, ପିଠା । ପିଇ ପିଇ ଆମେ ମାତନ୍ତେ । ଲେକମାନେ ଥାଆନ୍ତେ । ରାତିଯାକ ଯୁଆଡ଼େ ଇଛା ସିଆଡ଼େ । ନିଶା, ଫୁର୍ତ୍ତି, ଗୀତ, ନାଚ । ଆଲେ, ଖାଇଦେଲେ ସକାଳକୁ ସବୁ ହଜମ ହୋଇ

Digitized by srujanika@gmail.com

ଯାଉଥାଏ । ପଇସା କିଣ ରହେ ? ଝାଲ୍ ନିଁଟା । ପୁନି ଦେଖିଥିଲା, ଏତିକି ତ ! କଣ କହୁଚ୍, ଆସିବୁ ?"

"ବୋଉ କଣ ଛାଡ଼ିଦବ ଯେ ମୁଁ ଯିବି ? ଆଜି ତ ଏତେ ଡେରି ହେଲାଣି, କଣ କହିବ କେଜାଣି—" "ଭଲ ପିଲା, କୁହାର ବୋଲର ପିଲା, ସବୁଥିକି ବୋଉ ! ସ୍ୱାରି ଖାଲି ବୋଉ, ଆଉ କାହାରି ବୋଉ ନାହିଁ ପରା ! ଆପେ ମନକଲେ କୋଉ ବୋଉ ଅଟକେଇବ ଲୋ ? ବଜାରକୁ ଯାଉଚ, ସାହିକି ଯାଉଚ, ଝାଡ଼ାଫେରି ଯାଉଚ କହିଦେଲେ କଣ ବୋଉ ବାନ୍ଧିରଖିବ ? ରୁଟା ଯୋବଣ୍ଟା, କାଠ, ପଥର । ତୋ ଦେଇ କିଛି ହବ ନାହିଁ—"

ଛଟପଟ ହେଲାଣି । ସନିଆ ଆସୁଚ । ଆପଣା ଅଜାଣତରେ ତରତର ହୋଇ ଚାଲି ପୁନି ସାଙ୍ଗମାନଙ୍କୁ ଟପିଗଲାଣି । "କାହିଁକି ଧାଉଁଚ୍, ହଇ ଲୋ—" ସନିଆ ଗାଡ଼ି ଅଟକେଇ ଝପ୍ଟି ଆସିଲା । କୁହାଟ ମାରିଲା, "ପୁନି—"ହସି ହସି ଛତରଗ୍ରଉଁଲ । ଅସନା ସନିଆ ଦୁ ହାତରେ ଗାଡ଼ି ଉପରକୁ ଟେକି ନେଲା । "ଚଢ଼୍ ଚଢ଼୍; ବସି ଯା ରୁ ଗାଡ଼ିରେ, ମୁଁ ଠିଆ ଠିଆ ଅଡ଼େଇ ନଉଚ । ଚାଲ୍ କଥା ଅଛି ।"

ହାତ ହଲେଇ, ଖଟେଇ, ବଗୁଲେଇ ହୋଇ ରଙ୍ଗ, ଟସ୍ ପାଟି କରୁଛନ୍ତି—"ଲୁଆଡେ ଉଡେଇ ନେଇଯାଉଚୁ ହେଇ ରେ ହେ—ତା ମା ଖୋଜିବ । ଯା'ନା, ଯା'ନା ହେ ପୁନି—"

ଗୋଡ଼ ଦଟା ଝୁଲେଇ ଦେଇ ପୁନି ବସିପଡ଼ିଛି, ଯେମିତି ତାକୁ ସନିଆ ଥୋଇ ଦେଇଥିଲା ସେମିତି । ସନିଆ ପାଖରେ ବସିପଡ଼ି ତରତର କରି ବଳଦ ଅଡ଼ୋଉଚ । ପୁନିର ମଇଳା ଟୋକେଇ, ସନିଆର ମଇଳାଗାଡ଼ି । ସବନ ଦେଉଚ । ସନିଆ କହୁଥାଏ, "ଘରକୁ ଗଲେ ଅଇଗ୍ରା ତୋ ବୋଉ ଛାଡ଼ିବ ନାହିଁ । ଏମିତିରେ ଗାଳିଦେବ ଟିକିଏ । ପିଠି ପଟେଇଦବା । ଯିବା ଚାଲ୍ ସେ ବଡ଼ ପାଇଖାନା ଭିତରକୁ । ସଦାରେ ଗାଡ଼ି ଅଟକିବ, କେହି ନ ଥିବେ ଏତେବେଳେ । ସେଇଠି କଥାବ୍ରଥା ହବା । କହିବି, ଚାଲ୍ ।"

ସୁଖ ଆସୁଛି । ଦେହର ସ୍ପନ୍ଦନରେ ତାର ପରିଚୟ ।

ଗନ୍ଧ, ଅସନା ଭୁଲି ହୋଇଥାଏ । ପାଇଖାନା ପାଇଖାନା ନୁହେଁ; ଉଦୁଉଦିଆ ଦ' ପହର ଦ' ପହର ନୁହେଁ, ରାସ୍ତାରେ ଏତେ ମଣିଷ, ସେମାନେ ନାହାନ୍ତି । ସନିଆ ପାଖରେ ଅଛି ।

□ □

Digitized by srujanika@gmail.com

ଛବିଶ

ଦାମୀ ଖାଦ୍ୟ, ଗରମ ଖାଦ୍ୟ, ନରମ ଜୀବନ । ସେଠି ଗୋଡ଼ ରେଗେଡ଼ା ନାହିଁ, ବାଲି ମଟାଳ ନାହିଁ । ସେଠି ଗରମ ହୋଇ ଦେହରେ ରକ୍ତ ଚାଲେ । ଦେହ ବଢ଼େ, ଦେହ ଫୁଲେ ।

କବି କଳ୍ପନାରେ ଗୋଟାଏ ଡେମ୍ପରେ ଦୁଇଟା ଫୁଲ ପରି ବୟସ ଭୁଲେ ଚଉଦ ବରଷରେ ବଢ଼ି ଚାଲିଥାନ୍ତି ମାନମୟୀ ଓ ଅଘୋର । ଧନର ଆଭିଜାତ୍ୟ ଶିଖେଇଛି ବାହାର ବାଟୋଇଠୁଁ ବି ପାଉଣା ଅସୁଲ କରିବାକୁ । ବଡ଼ଲୋକ ସେମାନେ । ଜୀବନରୁ ସରଟି କାଢ଼ି ଖାଇଯିବାକୁ ଲମ୍ବା ଭାବପ୍ରବଣ ଆଙ୍ଗୁଠି ବଂଶପରମ୍ପରାର ଗୁଣ ମଣ୍ଡି ହୋଇ କ୍ଷିପ୍ର, ଅଭ୍ୟସ୍ତ । କେତେ ଚାକର ଟାଳ ଟାଳି ଟାଳି କ୍ଷୀଣ ହୁଅନ୍ତି । ପାଖରେ ଘୂରିବୁଲିବା ଲୋକ, ଯେଉଁମାନେ ଆଲୁଅ ଚାରିପାଖେ ମାଛି, ପୋତକ ପରି ଅନିର୍ଦ୍ଦିଷ୍ଟ ଆଶାରେ ସ୍ତୋକବାକ୍ୟ କହି କହି ଭଉଁରି ବୁଲି ସେମାନେ ନସ୍ୟାତ୍ ହୁଅନ୍ତି । ଅବିନାଶବାବୁଙ୍କ ସଂସାରର ଗଢ ଏତେ ଟିକିଏ ଏ ପାଖ ସେ ପାଖ ହୁଏ ନାହିଁ, କାହାରି ମର୍ଜି ଯୋଗେଇବାକୁ ।

ଅବିନାଶବାବୁ ମଝିରେ ମଝିରେ ଆସି ମୁହଁ ଦେଖାଇ ଦେଇ ଚାଲିଯାଆନ୍ତି । ସେତିକବେଳେ ଘରକୁ ଧନ ଆସେ । ବାବୁଙ୍କ ପଛେ ପଛେ ଯେତେ ଗାଇଜର କଟକଣା । ବାବୁ ଚାଲିଯାଆନ୍ତି । ତେଣିକି ଟୋକାମାନଙ୍କର, ଟୋକୀମାନଙ୍କର ସଂସାର । ରହିଯାଏ କେବଳ ବାବୁଙ୍କର ବଡ଼ ଛବିଟା, କାଠ ବନ୍ଧା ହୋଇ କାଚ-ମୁହଁରେ ଜଳଜଳ କରି ଚାହିଁବାକୁ ।

ଯଶୋଦାର କାମ ସେହି ଛବିଟାକୁ ଝାଡ଼ିବା, ସଫା କରିବା । ବାବୁଆଣୀଙ୍କ ଆଖିର ଅଦେଖା କଟକଣାରେ କେଞ୍ଚହୋଇ, କେହି ନ ଥିଲା ବେଳେ ବି ଯଶୋଦା ଯେତେବେଳେ ଚଞ୍ଚଳ ଚଞ୍ଚଳ ହୋଇ ଘର ଝାଡ଼ୁଥାଏ; ନିତି ସକାଳୁ ତାର ଟିକିଏ ବେଶି ବେଳ କଟେ ସେହି ଛବି ପାଖରେ । ସେତେବେଳେ ସେ ଗୁଞ୍ଜୁଣୀ-ମୁଠାର କସ୍ରମଢ ଫୁଟାଏ, କାଚ ଯୋଡେଇ ହୋଇଥିବା ଛବି ଉପରେ । ଧୂଳି ଉଡ଼େ, ବୁଢ଼ିଆଣୀ ଲୁଚନ୍ତି । ଯଶୋଦାର ହାତ ଅଟକେ ନାହିଁ, ଗୁଞ୍ଜୁଣୀ ଚାଲେ ।

ସେ ତାର ଜୀବନଟାକୁ ପୋଡ଼ୁଥିଲା ।

ବାହାରର ତୋଫାନ ଭିତରକୁ ଭେଦୁଛି । ତାର ବାହାରର ଅମ୍ଳିଳ କାଠୁଆ ମୁଖା ପରି ମୁହଁକୁ ଦେଖି ଲୋକେ କହନ୍ତି ସେ ଓଲା, ସେ କାବାଡ଼ି ।

Digitized by srujanika@gmail.com

ଅନ୍ୟମନସ୍କପଣିଆରୁ ଅଥାନରେ ହାତ ବାଜେ, ଗୋଡ଼ ପଡ଼େ । ଜନିଷ ବରବାଦ ହେବାରୁ ସେ ଗୋଧା ଖାଏ । ମନ ଭିତରୁ ନଗିଡ଼ ନଗିଡ଼ କେତେବେଳେ ଏକାଠି ହୁଏ ନରମାଖୀ ଜୀବନର ଭାବନା । ଯଶୋଦା ଅସମ୍ଭାଳ ହୋଇ ମନକୁ ମନ ବଡ଼ର ବଡ଼ର ହୁଏ, ବନା କାରଣରେ ହସେ, କାନ୍ଦେ । ଲୋକେ କହନ୍ତି, ତାର ମଥା ଠିକ୍ ନାହିଁ । ମୁଣ୍ଡରେ ପଙ୍କ ଲଦିବାକୁ ଉପଦେଶ ଦଅନ୍ତି ।

କଣଟାଏ ସେ, କ ପ୍ରକାର ମଣିଷ ! ଗୋଟାଏ ପଶୁ । ବାବୁ, ବାବୁଆଣୀ-ମାନେ ତ ତାହାଁ ଉପରେ ଉଡ଼ୁଚନ୍ତି । ସାମାନ୍ୟ ପୁଷ୍ପାସ୍ତା, ଗୃହକରଟା, କେମିତ ହସରେ ଉଡ଼େଇ ଦଅନ୍ତି ତାକୁ ପଦେ ପଦେକେ । ହସନ୍ତି । ତାଳି ମାରନ୍ତି । ଦୋଷ ବାଛନ୍ତି ।

କନ୍ତୁ ଯଶୋଦା ଭାବେ ନାହିଁ ସେ ପାଗଳ । ସ୍ୱୀକାର କରେ ନାହିଁ । କାହାରଠୁଁ କେଉଁଗୁଣେ ସେ କମ୍ ! ଭାବେ, କେବଳ ଦୁନଆର ଷଡ଼ଯନ୍ତ୍ର । ସାନଠୁଁ ବଡ଼ଯାକେ ସମସ୍ତେ ମେଣ୍ଟ ବାନ୍ଧିଛନ୍ତି, ତାକୁ ସ୍ଥାନବଳ ଦେଖି ହଇରାଣ କରିବାକୁ । ଗରବ ମାଇପ ସବୁର ଶାଳୀ । ଏହି ଧାରଣାକୁ ଦୁଧ କଦଳୀ ଦେଇ ପୋଷି ପୋଷି ସେ ମୋଟା କରେ । ନଜ ଭିତରେ, ନଜ ଆଖିରେ ଦୁନଆର ଲୋକଙ୍କୁ ଆଉ ତାକୁ ନଜକୁ ଦୁଇ ଦଳ କର ଧରନେଇ, ଚନ୍ଦ୍ରାରେ ଛନ୍ଦ୍ରାରେ ସେ ଲଢ଼େଇ କରିବାର, ଲଢ଼େଇ ଜିତିବାର ଆତ୍ମପ୍ରସାଦ ଅନୁଭବ କରେ । ଏମିତ ଆପଣା ସଙ୍ଗେ ଖେଳ ଖେଳ ସେ ଆପଣାକୁ ଅନୁକମ୍ପା ଦେଖାଏ । ଆପଣା ଦୁଃଖରେ କାନ୍ଦେ ବୋବାଏ, ପୁଣି ଆପଣାକୁ ବୋଧ ଦିଏ, ମନକୁ ମନ ଅଦେଖା ଶତ୍ରୁ-ମାନଙ୍କୁ କଟାସମ୍ପା କର । ବଶ୍ୱାସ ଏଡ଼େ ସହଜରେ ଆସିନାହିଁ । ଜୀବନ ଗୋଟାକ ଦହଗଞ୍ଜ ହୋଇ, ପଦେ ପଦେ ଜଳ, ଢଳେ ଢଳେ ସଲୁଳ ହୋଇ ବଶ୍ୱାସ ହୋଇଛି, ସେ ନର୍ଯ୍ୟାତତା । ଯାହା ସେ ବୁଝିଛି ଥରେ, ଆଉ ତା ବଦଳିବ ନାହିଁ ।

କଣ ତେବେ ଅଛି ତା ଜୀବନରେ ! କାହିଁକ ତାର ଦନ ଗଣା ? ଦାନ୍ତରେ ଦାନ୍ତ ମାଡ଼, ଆପଣା ନଶ୍ୱାସ ତଳେ ସୁଁ ସୁଁ ହୋଇ ସେ କହୁଥାଏ—ପ୍ରତହଂସା । ଦୁନଆ ଗୋଟାକ ଜଳପୋଡ଼ ଯିବ, ଭସ୍ମ ହୋଇଯିବ । ଧ୍ୱଂସର ଧୂଳ ଧୂଆଁ ଭିତରେ ବୀର ପରି ଠିଆହୋଇ ରହି ସେ ତାଳି ମାରି ମାରି ପାଟି କରିବ, "ମୁଁ କଣ କହୁଥିଲି ? ମୋର ଲୁହ, କୁଆଡ଼େ ଯାଆନ୍ତା ସେ ? ଜଳଯାଉ, ପୋଡ଼ଯାଉ ପାପ, ପାପ । ପାପକୁ ଶାସ୍ତି ହେଲା । ଧର୍ମର ଭାର କମିଗଲା ଏତେଦନକେ—"

ଏହି ମନରେ ସେ ମୌନୀ ହୋଇଛି; କନ୍ତୁ ତାର କୁତୂହଳର ସୀମା ନାହିଁ । ତୁଣ୍ଡ ଯେତେ କହେ ନାହିଁ, ଆଖି ଯେତେ ଦେଖେ । ସବୁର କଣା ଖୋଜ

Digitized by srujanika@gmail.com

କଳାବାଟେ ଭିତରକୁ ଅନେଇବାକୁ ସେ ସବୁବେଳେ ତତ୍ପର । ଦେଖେ, ବୁଝେ, ସାଇତି ରଖେ, ବେଳ ପାଇଲେ ବସି ଭାବିବାକୁ । ଜଣଙ୍କର କଳ୍ପିତ ଦୁର୍ଦ୍ଦଶାରେ ମନରେ ବଳ ଆସେ । ଯେଉଁ ପଣ୍ଡିତ ତାଙ୍କୁ ଘେରେଇ ରହିଛି ଲୁହାର ଶିକୁଳି ପରି, ସେଥିରେ ସୁରୁଗୁ ଲାଗିଛି । ଏମିତି ସମ୍ପତ୍ତିଙ୍କ ବଡ଼ତି ଦିନେ ଧୂଳି ହୋଇ ଗୁଣ୍ଡା ହୋଇଯିବ । ଶିକୁଳି ଖୋଲି ପଡ଼ିବ । ଯଶୋଦା ମୁକ୍ତ ହୋଇ ଲୁହାଟ ଗୁଡ଼ିବ ପିଞ୍ଜରାର ଚଢ଼େଇ ପରି ।

ସକାଳ ହୋଇଥିଲା । ଅଧା ନିଦ ଅଧା ଅନିଦ୍ରାରେ ପଡ଼ି ପଡ଼ି ଭାବିହେଲା ବେଳେ ଯେଉଁ ,ବିଷଗୁଡ଼ାକ ଏକାଠି ଠୂଳ ହୋଇଥାଏ, ସକାଳ ହେଲେ କେମିତି ସେଗୁଡ଼ା ମୁଣ୍ଡ ଭିତରେ ଝଣ୍ଟେଣେଇ ହୁଏ । କେବେ ପିଲାଦିନେ ଆଶା-ଉଚ୍ଛ୍ୱାସରେ ଗୋଡ଼ ଲମ୍ବେଇ ବସି, ପୂର୍ବ ଆକାଶକୁ ଦେଖି ଦେଖି ଫୁଲ ଗୁନ୍ଥିଲା-ବେଳେ ସକାଳକୁ ଭଲ ପାଇଥିଲା । ଯଶୋଦାର ମନ ମରିଛି । ସକାଳ ତାର ଶତ୍ରୁ । ସକାଳ ଆଣେ ଦିନଗୋଟାକର ବୃଷ୍ଟା ।

ଚଢ଼େଇ ହୋଇ ଯଶୋଦା ଭୁଟୁରୁ ଭୁଟୁରୁ ହୋଇ ଗାଇଦିଏ ।

ସେଇ ବଡ ଛବିଟା ପାଖରେ—"ଆହା-ହା, କି ଶୋଭା ରୂପ, କିଛି ଜାଣନ୍ତି ନାହିଁ ସତେ କି ! ଦିଶୁଚ ଟି ଆଜିକି ନା ଅଳନ୍ଧୁ ଲାଗିଚ ? ଦିଏ ଗ୍ରୀଷ୍ମଣୀରେ ଦ ପାହାର ଦେଖା; ଆଖି ଅବା ସଫା ହବ ! ବଡଲୋକ ! ଭାରି ବଡଲୋକ ! "ଯଶୋଦା, ମୋର କୋଠା ଅଛି, ଟଙ୍କା ଅଛି । ନୌକର ଅଛନ୍ତି ତୋ ଗୋଡ ଘଷି ଦେବେ । ରାଣୀ ହବୁ ଲୋ ଯଶୋଦା, ମୋ ସାଙ୍ଗରେ ଚାଲ୍—' ବାଟୁଳି ବାଜୁ ନ ଥିଲା ତୁଣ୍ଡରେ ! ପାଉଁଶ ପଡୁ…"

ଯାଃ, ଭୁଲିଗଲା ସବୁ । ଥକ୍‌କା ହୋଇ ଠିଆ ହୋଇଛି ମାଇପିଟାଏ । ଇଟାର କୋଠା କାହିଁ ଧୂଆଁ ହୋଇ ଯାଇଛି । ଏତେ ବଡ ସହର, ସେଠି ଏତେ ଗହଳି, ଏତେ ମଣିଷ, କେହି ନାହାନ୍ତି ତା ଆଖିରେ । ସ୍ଥୂଳତା ନାହିଁ, ବାସ୍ତବତା ନାହିଁ । ଯଶୋଦା ଉଡ଼ିବୁଲୁଛି କେଉଁ ଦେଶରେ, କେଉଁ ସମୟରେ । ଠିକ୍ ସେହି ଛବି ପରି । ବାହାରଟା ଗୋଟାଏ ଖୋଳପା । ମଣିଷର କେତେକର କେତେ !

ଅଠରଟି ବରଷ ସେଠି କଟିଥିଲା, ସେହି ଦେଶରେ । ସେଠି ଧୋବଳା କୋଠା ନାହିଁ, ସଭ୍ୟତାର ସୁବିଧା ନାହିଁ, ଶବ୍ଦ ନାହିଁ, ମୁଣ୍ଡବୁଲା ନାହିଁ । ଗୁଡ଼ି ଗୁଡ଼ିକା ନାନା ଠାଣିରେ, ନାନା ରୂପରେ ଚାଳଘରଗୁଡ଼ିଏ । ବାଉଁଶ ତାଟିର ବାଡ଼ । ଗୋରୁ, ଗାଈ, ଧୂଳି ଧୀର ଗତିରେ ମନ୍ଥର ଜୀବନ ବାହି ବାହି ଥଣ୍ଡା ଆଖି ମଣିଷ । ସହରଠୁ ବଡ ଦୂରରେ ।

Digitized by srujanika@gmail.com

କୋଟ୍ ପ୍ୟାଣ୍ଟ ପିନ୍ଧି, ଖଣ୍ଡ-ଚଷମା ଲାଗି, ମୁଣ୍ଡରେ ଟୋପି ଦେଇ ଆସୁଛି କିଏ ସେ ? ସେଇ ଆଧୁନିକ ସଭ୍ୟତା । ବାଟେ ବାଟେ ଖାଲି ଜୁହାର୍, ଜୁହାର୍ । ଆଡ଼େଇ ହୋଇଗଲା । ଲଜ୍ଜା ନାହିଁ, ସଙ୍କୋଚ ନାହିଁ, କେହି ନାହିଁ କହିବ ଠିଆ ହ, କୁଆଡ଼େ ଯାଉଛ ?

"କଣ କରୁଛୁ ଯଶୋଦା—"

ଭାବିଲେ ମନ ହଜିଯାଏ । ପୁଣି, ପୋଡ଼ିଗଲା ଜୀବନର ସବୁ ଅଭିଯୋଗ ଆଖିରେ ଠୁଳ କରି ଅନେଇଁ ରହେ ଛବି ମୁହଁକୁ । ସେମିତି ନିଷ୍ଠୁର ସେ ଛବି, ସବୁଦିନେ ଜଳଜଳ ।

"ହଉ ହଉ, ଘୁଣ ଧରିଛି ରେ ! ରଖିବ ନାହିଁ ତୋ ଅଦୋହଡ଼ି ସବୁଦିନେ ।"

ଆରମ୍ଭ ହେଲା । ତାର ଆବିଷ୍କାର ଓ ତାର ମନ୍ତବ୍ୟ । କେହି ଶୁଣିବେ ନାହିଁ, କେହି ଜାଣିବେ ନାହିଁ । ନିତି ନିତି ତାର ଅଣଲ ଓଠର ନୀରବ ଅଭିଶାପ ଶୁଣିଥିବ ତାର ପ୍ରାଣ ।

ମାନମନ୍ଦିରର କୋଠରି । ନାକ ଫଣକେଇ ବାସ୍ନା ଉଣ୍ଡିଲା । ମୁଣ୍ଡ ପାଖେ ଶୁଖିଲା ଫୁଲତୋଡ଼ା ଖଟରେ ଗଡ଼ୁଛି, ଛିଣ୍ଡା କାଗଜ ପଡ଼ିଛି । ପ୍ରସାଧନ ଦ୍ରବ୍ୟ । ସଙ୍ଗୀତର ଉପକରଣ ।

"ଆଖି ବୁଜି ବିଲେଇ ଦୁଧ ପିଉଛି; କିଛି ଜାଣେ ନାହିଁ । ହଉ, ହଉ । ଅଣ୍ଡିର ନିଆଁ ଦିନେ ଦେହକୁ ଚହଟିବ । ଜଣାଯିବ ଯେ, ଜଣାଯିବ ନାହିଁ କି ?" ଭୁଟୁରୁ ଭୁଟୁରୁ ହୋଇ ଯଶୋଦା ନିଜକୁ ଆଶ୍ୱାସ ଦେଲା ।

ଏ ଘରର ଦାସ୍ନା ତାକୁ କଥା କହେ ।

ଆଖି ଆଗରେ ମଉଳା ଫୁଲ ପାଖୁଡ଼ାଗୁଡ଼ାକ ପୁଣି କଅଁଳ ହୁଏ । ଭାସି ଭାସି ଯାଏ ମାନମନ୍ଦିରର ନିରୋଳା ଆଡ଼ୁଆଳର ହଜି ଯାଇଥିବା ଇତିହାସ । କେବେ ସେ ଚଉଚନ୍ଦ୍ର ହୋଇ ବିଛଣାରେ ଶୋଇ ରହି ବହି ଭିତରୁ ଚିଠି ପଢ଼ୁଥିଲା, ଗୋଡ ହଲେଉଥିଲା । କେବେ ସେ ଏକା ନିଶ୍ୱାସରେ କଣ ଲେଖି ଲାଗିଥିଲା; ଗାଲ ଝୁଲି ପଡ଼ି ମୁହଁ ଦିଶୁଥିଲା ଆଉ ପ୍ରକାର । କେବେ ତାର ଦୀର୍ଘଶ୍ୱାସ, ମନମରା ଉଦାସ ମୁହଁ, କଥା କଥାକେ ଚିଡ଼ାଚିଡ଼ । ପୁଣି କେବେ ଛଳଛଳ ଆଖି, ତରତର ଚାଲି । ଅଣଲ ଓଠରେ ଦରକୁହା କଥା । ଆଖିର ତାରା ଝଟକି ଉଠିଥିଲା କାହାପାଇଁ !

Digitized by srujanika@gmail.com

ଯଶୋଦା ଖିଅ ଛଡ଼ାଏ, ଅର୍ଥ କାଢ଼େ, ଦେଖେ କମ୍ଭୁତ । ପେଟ ପୂରେଇ ଦେଖେ । ଆପଣା ବୁଦ୍ଧିକୁ ପ୍ରଶଂସି ହସରେ ଜଳି, ମୁହଁ ଦଶେ ଭୟଙ୍କର । ଆପଣା ସଙ୍ଗେ ମୂଲ ଚଉଲ କରେ ।

ମାନମୟୀ ଘରୁ ତଥ୍ୟ ଗୋଟେଇ ସାର, ଅଘୋରବାବୁଙ୍କ କୋଠରୀରେ ପଶିଲା । ଏଠି ବି ସେ ଘର ଧୂଳରୁ ପ୍ରମାଣ ଅଣ୍ଡାଳି ବସିବ । ସ୍ମରଣ ସଙ୍ଗେ ସଙ୍ଗେ ଅନୁସନ୍ଧାନ ଚାଲିଥାଏ । ଯଶୋଦା ଘର ସଫା କରୁଥାଏ । କଣ ଦେଖନ୍ତି ? କଣ ଖାବନ୍ତି ? କୁଆଡ଼େ ସେ ଯାଆନ୍ତି ? ଖାବେ, ସେ କେବଳ ଛଦ୍ମବେଶୀ ଟୋକା-ବସ୍ତ୍ରସର ଅବର୍ଜୀଣ । ବାହାର ଚକ୍‌କଣ । ଆଉ ଭିତରେ ?—ସମ୍ଭ୍ରାନ୍ତପଣକୁ ତାର ବିଶ୍ୱାସ ନାହିଁ ।

ଅବିନାଶବାବୁଙ୍କ ପୁଅ କେବେ ଭିନ୍ନ ପ୍ରକାର ହୋଇ ନ ଥିବ ପରା ! ଏକା ମଞ୍ଜିର ଫଳ । ଓଃ, କବାଡ଼ି ଗୃହିଣୀ ଯଶୋଦା ତାର କାବା କାବା ଧାରଣାରେ ବୁଡ଼ିଥିଲା ।

ତଳୁ ଡାକପଡ଼ିଲା—"ଯଶୋଦା, ଯଶୋଦା —"

ଓହ୍ଲେଇ ଯାଉ ଯାଉ ଭ୍ରୂକୁଟି ଦେଖାଇ ମା କହିଲେ—"ତୋ ଦେଇ ଆଉ ପାରହେଲା ନାହିଁ । ହଜାରେ ଡାକ ! ମା ଲୋ ! କଣ ରୁ କରୁଥାଉ ?"

ଏମିତି ଲୋକେ ତାକୁ ବିରକ୍ତ କରନ୍ତି । ତାର ସ୍ଥିରବିଶ୍ୱାସ, ଲୋକେ ତା ବିରୁଦ୍ଧରେ ସବୁବେଳେ ଷଡଯନ୍ତ୍ର କରୁଥାନ୍ତି । ସେ ଭୁଟୁରୁ ଭୁଟୁରୁ ହୁଏ । ନିଜକୁ ଆଶ୍ୱାସ ଦିଏ, ତାର ବି ହସିବା ଦିନ ଆସିବ କେବେ । ଯେତେବେଳେ ସେ କହିପାରିବ ତୁମେ ଗୋଟାସୁଦ୍ଧା ଫାଙ୍କି, ତୁମେ ମିଛ ।

ତୁମ ଧନ ଦଉଲତ, ଛଇଛଟକ ଫମ୍ପା । ଯଶୋଦାର ଅଭିଶାପ ଫଳିଛୁ ।

"କି ଲୋ ଯଶୋଦା, ଶୋଇପଡ଼ିଲୁ କି ? କେତେ ଡାକରେ ଆଇଲୁ ବା ? କାନ କଣ ପଥର !"

"ମା ଲୋ, ଆଜ ରଖେଇ ଥୋଇ ଦେବେ ନାହିଁ ଆଉ ।" ଯଶୋଦା ଭୁଟୁରୁ ଭୁଟୁରୁ ହୋଇ ଚାଲିଗଲା—ମେହେନ୍ତାଣୀ ଠିଆ ହୋଇଛୁ । ପାଟି କରୁଛୁ—"ପାଣି ମନ୍ଦେ ଦିଅ, କାମ ସାରେଁ—"

"କି ଲୋ, ରୁ କାହା ଗୁରୁଗୋସେଇଁ କି ? ଘୋଡ଼ାରେ ଚଢ଼ି ଆଇଚୁଆ—"

Digitized by srujanika@gmail.com

"ହେ ମାଉସୀ, ଦିଅ ପାଣି ଟିକେ, କାହିଁକି କଜିଆ କରୁଚ ?" ରଙ୍ଗ କହିଲା—"ହଇ ଲୋ ଛତରଖାଇ, ମାଉସୀ କଣ ଲୋ—"

ଏଁ ସାଆନ୍ତାଣୀ—"

"ହଇଲୋ, କଣ ମୋ ରୁଣ୍ଡରେ ତ ଆସୁଚ—" ଅଘୋରବାବୁ ହସୁଛନ୍ତି ଆଉ ଜଣେ ହସୁଛି; ସେ ନୂଆ ମେହେନ୍ତାଣୀ। "କିଏ ଲୋ ତୁ ? ଚିହ୍ନି ନୋହୁଁ କି ଲୋ ?"

"ଯା ଯଶୋଦା, ଝଗଡ଼ା ଲଗା ନାହିଁ।" ଅଘୋରବାବୁ ଝିଙ୍କାସିଲେ। ବାବୁ ହସୁଛନ୍ତି। ଦୁଆରମୁହଁରେ ବସିଲା ଛବି ଦୋହଲିଲା ପରି ହସୁଛି ପୁଣି। ଯଶୋଦା ପାଣି ଅଜାଡ଼ି ଦେଇ ଗର ଗର ହୋଇ ଚାଲିଗଲା। ଅଘୋରବାବୁ କହିଲେ—"ତୁ ନୂଆ ଲୋକ, ଜାଣୁ ନାହିଁ; ତା କଥା ସେମିତି।"

ଧଳା ଦାନ୍ତ ଉପରେ ବ୍ରୁସ୍ ଧାଇଁଛି। ଧଳା ଫେଣ, ବିଚିତ୍ର ଭଙ୍ଗୀ। ସଜଦୁହାଁ ଦୁଧ ପରି ଦୃଷ୍ଟିରେ ଗୋଳିହୋଇ, କଣ କେମିତି ଜଳିଲା ପରି ଗୋଳିଲା ପରି ରଙ୍ଗ। ସେ ଚାହାଣୀ ଆଗରେ ପୁଣି ଟାଣିହୋଇ ଚାଲିଲା। ହସି ପାରିଲା ନାହିଁ। ଏଇ ଅଘୋର ବାବୁ !

ଜବାବ୍ ଦେଲା ରଙ୍ଗ। କହିଲା, "ବାବୁ, ଆମେ ଡରୁ ନାହିଁ।" ଦେଖିଲା। ଅଘୋରବାବୁ ପୁଣି ଆଡ଼କୁ ମୁହଁ କରି ଠିଆ ହୋଇଛନ୍ତି। କଣ ଭାବୁଛନ୍ତି। ପୁଣି ଆଡ଼କୁ ଘୂରିଯାଇ ରଙ୍ଗ ତାକୁ ଛଳେଇ ଛଳେଇ କହିଲା—"ଚୋଟାକୁ ଯିବୁ ? ଆମ୍ବ ଖାଇବୁ— ?" ପଛଆଡ଼ୁ ମା ଆସୁଛନ୍ତି। କହିଲେ—"ମଲା, ଆଜି ମେହେନ୍ତାଣୀ କୁଆଡ଼େ ଗଲା; ଏଥିରୁ ଦୁ'ଟା କିଏ ଆସିଛନ୍ତି ବା ! କାମ ନାହିଁ, ଦାମ ନାହିଁ, ଠିଆ ଠିଆ; ଖାଲି ଫେଁ ଫେଁ ହସ !"

"ତା ଝିଅ ଭଲ ନାହିଁ ମା !' ରଙ୍ଗ କହିଲା। "ଏଇଟା ତା ଝିଅ, ପୁଣି। କଣ କରିବ, ଝିଅ ମୁଣ୍ଡକୁ କାହାର ହାତ ଅଛି ? ଝିଅକୁ ସାଇତି କରି ରଖିଥିଲା, କାମକୁ ପଠେଉ ନ ଥିଲା। ବେମାର ପଡ଼ିଲା, ଝିଅ ଆଇଲା କାମ କରି—"

"ମଲା ମ ଫୁଲେଇ—" ମାନମୟୀ କହିଲା। "ସାଇତିକରି ରଖିଥିଲା ! ଓଳିଆରେ ମାଣ୍ଡି ରଖିଥିଲା !"

"ଆହା, ସବୁ ମା ମନ ସମାନ। ପେଟ ନ ପୋଡ଼ିଲେ କେହି ଇଚ୍ଛା କରି ଶ୍ରେଷ୍ଠ କାମ କରି ଓହ୍ଲାଏ ନାହିଁ। ସମ୍ପୂର୍ଣ୍ଣ ଅର୍ଥନୈତିକ ସମସ୍ୟା, ବୁଝିଲୁ ମାଈ।" ଅଘୋରବାବୁ କହିଲେ। "ଓଃ, ଭାଇଙ୍କର ଭାରି ସମତା ଜ୍ଞାନ ଉଠିଛି ଆଜି। ଅର୍ଥନୈତିକ ସମସ୍ୟା ! ଦେଖିବୁ ବୋଉ—"

"ତମେ ପିଲାମାନଙ୍କର କଣ ଏଇଠି ପାଠଶାଠ ଆଲୋଚନା କରିବାକୁ ଥିଲା ? କାହିଁକି ଅଟକେଇ ରଖିଚ ? କାମ କରି ଘରକୁ ଯାଉନ୍ତୁ—"

Digitized by srujanika@gmail.com

"ବୋଉ, ଦେଖିଲୁ ଟିକଏ । କଣ ତା ନାଁ ? ହଁ, ପୂଜ । ପୂଜ ଠିକ୍ ମାନ ପର ଧଶୁଛୁ କ ନାହିଁ, କହଲ୍ଲ ଟିକଏ ? ନା, ଜନ୍ମ କଣରୁ ବୋଲି ପକ୍ଷପାତ କର ନା, ତୁ ନଜେ ଦେଖି କଣ କହ । ଏକା ପର ମୁହଁ, ଏକା ବୟସ । ନାଁ ବ ମାନଙ୍କୁ ପୂଜ; ସତ ନୁହେଁ ?"

"ସମତା ଜ୍ଞାନଟା ବହୁତ ତଳକୁ ଓହ୍ଲେଇ ଦେଲ ସିଇ ! ଏଥର ସତରେ ତୁମେ ମହାପୁରୁଷ—"

"ଚଢ଼ଲେ କଣ ହେବ ? ଦର୍ପଣରେ ନଜକୁ ଦେଖି ତାକୁ ଦେଖ । ଆଖିକ କଏ ଅବଶ୍ୱାସ କରବ ! ଯାହା ସାମାନ୍ୟ ପ୍ରଭେଦ କେବଳ ଆବରଣ ଯୋଗୁଁ, ପରଷ୍ଥିତ ଯୋଗୁଁ । କଣକର କାମ ଖସ୍ରେ ତସ୍ରେ ବୁଲି ପାଇଖାନା ସଫା କରବା, ଅନ୍ୟ ଜଣକେର କାମ—"

"ତୁମ ହାତ ଚଲେ ଥିଲେ, ଅନ୍ୟ ଜଣକୁ ବ ସେଇଆ କରବାକୁ ପଠାନ୍ତ ବୋଧହୁଏ—" ମାନମୟୀ ସ୍ତଗିଗଲଣି । ତେଣେ ମେହେନ୍ତାଣୀ ଟୋକ୍କା ଦଣ୍ଟା ପୂର୍ଣ୍ଣ ସହାନୁଭୂତ ଦେଇ ଆଲୋଚନା ଶୁଣିଛନ୍ତ । "ଦେଖୁନୁ ବୋଉ, ମୋ ସାଙ୍ଗେ କେମିତ ଲଗୋଉଛନ୍ତ—!"

"ଆଉ ଅଘୋର । ତୁ ବା ଚଢ଼ୁଚୁ କାହିଁକ ଲୋ ଝିଅ ! ତମେ ଠିଆ ହେଲ କଣ, କାମ ସାର । ଯଶୋଦା—"

ମେହେନ୍ତାଣୀ କାମ ସାର ଗ୍ଳଲଗଲେ । ବୋଉ କହଲେ, "ଅଘୋର, ଆଜ ଧନଯାକ ଅଲସେଇଲେ ଚଳବ ନାହିଁ । ବାପା ସ୍ପାର ଭତରେ ଆସିବେ । ହାଡ଼ସାହ ନେବା କଥାଟା ଆଜ ଯାଇ ପକ୍କା କରଦେଇ ଗ୍ଳଲ ଆ—"

ସବୁ ତ ଠିକ୍ ହୋଇଛି ବୋଉ । ବାପା ଖାଲି ଗ୍ଳହାଟା ପଠେଇବାକୁ ଡେଶ କରୁଛନ୍ତ । ସେମାନେ କଣ ଭାବବେ ? ତା'ପରେ ଖାଲି କାଗଜରେ କଣି ଦେଲେ ତ ଚଳବ ନାହିଁ; ଉଠେଇବାକୁ ଯେଉଁ ଗୋଲମାଲ ଲାଗିବ, ମୁଁ ସେଥିରେ କଣପାରବ ନାହିଁ କହୁ । କହଦେଉଚ—"

ବୋଉ ହସିଲେ—"ସେ କଥା ଠାକୁରଙ୍କୁ ଜଣେଇଚ । ଆହୁର ଥରେ ମନ୍ଦରକୁ ଯାଇ ପାଣିନାଗି କର ଆସିଲେ, ସବୁ ସୁବଧା ହେଇଯିବ । ତୋ କାମ ତୁ କର—"

"ଖାଲି ଗୋଲମାଲ ଉଠିଲଣି ବୋଉ ! ଖାଲି ହସି ଉଡ଼େଇ ଦେଲେ ଚଳବ ନାହିଁ । ସତରେ—"

"ପାଗଲାଟା, ତୁ କାହିଁକ ଭାବୁଛୁ ? ତୋ କାମ ତୁ କର—"

"ହୁଁ, କାମ କରବେ—"ମାନମୟୀ ଛଳେଇ ଛଳେଇ କହଲ । "ସମତା ଜ୍ଞାନରେ କବତା ଲେଖି ହୁଏ; କାମ କରେଇ ହୁଏ ନାହିଁ—"

□ □

Digitized by srujanika@gmail.com

ସତେଇଶ

ସେହିଦିନୁ ଅଘୋରବାବୁଙ୍କ ସାଙ୍ଗେ ମୁହାଁମୁହିଁ ପରିଚୟ ।

କାମ କରି ଗଲେ ଲୋକଙ୍କ ସଙ୍ଗେ ଭେଟାଭେଟି ହୁଏ । ମୁହିଁ ସାଲୁବାଲୁ ଦୁନିଆଁ ଭିତରେ ଗୋଟାଏ ମୁହିଁ ସେ—ଅଘୋରବାବୁ । ସନିଆ ମଇଲାଗାଡ଼ିରେ ଚଢ଼େଇ, ଅଡେଇ ନେଇ ଯାଉଥିଲି । ଗହଳି ମଝିରେ ବି କୁହାଟ ମାରି ଡାକେ, ଅଧିକାର ପ୍ରଚାର କରେ । ମିଷ୍ଟି ଦେହଘଷା ଦେଇ, ପାନ ଚୋବେଇ ଅନାଏ । ଯୋଗ ଦେଖେଇ ପିଠି ଥାପୁଡ଼ାଏ । ଏଣିକି ତେଣିକି ଜଘା କରି ଧୀରେ ଧୀରେ ଡାକେ । ଅଘୋରବାବୁ ବି ସବୁଦିନେ ଦେଖାପଡ଼ନ୍ତି । ଖାଲି ଟହଲୁଥିବେ, ଦାନ୍ତ ଘଷୁଥିବେ । କୌଣସି ଛକଟରେ ଦେଖା ହେବ ହିଁ ହେବ । ଆପଣାର ପରି ଘରକଥା ପକେଇ ଦି' ପଦ କଥାଭାଷା । ଅଠାଳିଆ ସହାନୁଭୂତିରେ ରହି ରହିକା ଅଟକିଲେ ପରି, ଜବାବ ଖୋଜି କଥା କୁହାଇବେ, ହସାହସି ହେବେ । କଥାର ଶିଳ୍ପ ପୁନି ବୁଝେଁ ନାହିଁ, ବୁଝେଁ ତାଙ୍କର ଗୃହିଣୀକୁ; ଯେ ଦେହଯାକ ଚରିବୁଲେ, ଦେହ ଶିର୍ ଶିରେଇ ଉଠେ । ଗୃହିଣୀ ନୁହେଁ ତ, ମଣିଷର ଛୁର୍ଣ୍ଣ । ଟଳ ଟଳ କରିଦିଏ ।

ନଇଁପଡ଼ି ଝରକିଲି ବେଳେ, ପାଣି ଟାଳିଲି ବେଳେ, ନିଜର ଦେହ ନିଜକୁ ମାଡ଼ିପଡ଼େ । ପିନ୍ଧାଲୁଗାର କାନି ବାରମ୍ବାର ଭିଡ଼ିହୁଏ । କଣେଇଁ କଣେଇଁ ଅନାଏ । ସେମିତି ·ଦୂରରେ ଠିଆ ହୋଇ ଚାହିଁ ରହି, କଥା କହିବାକୁ ଓର ଉଣ୍ଡୁଛନ୍ତି ସେ । ଟାଣି ଓଟାରି ତରତର ହୋଇ କାମ କରି ମଝିରେ ମଠେଇ ହୋଇଯାଏ ।

ସେହି ଗୃହିଣୀର ଦାଉରେ ।

‘‘ଆଇଲି—ଆଇଲି—

ନାଁ କଣ କହିଥିଲୁ ? ପୁନି—ନାଁ ଟା ଭୁଲି ହୋଇଯାଏ—ପୁନି କି ମାନି ?—ଆଚ୍ଛା—କଣ କହୁଥିଲି ? ସକାଳୁ କଣ ଖାଇ ଆସିଚୁ ? ମୁଢ଼ି, ଗୁ' ବୋଧହୁଏ । କାହିଁ ଏମିତି ଲୁଖୁରି ମୁଣ୍ଡ କରିଚୁ ? ତେଲ ନ ଥିବ । ଗଲାବେଳେ ତେଲ୍ ଟିକିଏ ମାଗି ନବୁ । ତୋର କଣ ବାପା ନାହିଁ ? କଣ ଛାଡ଼ିଦେଇ ପଳେଇଚି ? ଘରେ କେଇ ଜଣ ? କେମିତି ଚଳ ? ଭାରି କଷ୍ଟ ହେଉଥିବ ତ !’’

Digitized by srujanika@gmail.com

କେବେ କେବେ ମାନମଉସୀଙ୍କୁ ଦେଖି—"ଇଲେ ମାନ, ତୋର ଡବଲ୍ ଆସିଲାଣି, ତତେ ଖୋଜୁଛି, ଦେଖିବୁ ଆ—" ପିଲାଳିଆ ଗେହ୍ଲାଳିଆ କଥା । କଣ ତାର ଜବାବ୍ ? ଦେହ ମୋଡ଼ା, ଆଉ ହସ ହସ । ମୁହଁକୁ ତଳକୁ ପୋତ ଅଙ୍ଗେଇ ଅଙ୍ଗେଇ ପଦେ ଦି ପଦ ।

କାମ ସାରି ବାହାରି ଆସେ । ଦୂରରୁ ଦଶେ ଛାତ ଉପରେ ସେ ଟହଲୁଛନ୍ତି, ତଳକୁ ଚାହିଁଛନ୍ତି । ଅସନା, ଅନ୍ଧାରି ଗଳିବାଟେ ମାଛ ଭଣ ଭଣ ଟୋକେଇ ପିଠିରେ ଯାକି, ମୁଣ୍ଡ ପୋତ ଦେଇ ବାଟ ଚାଲିଲାବେଳେ ମନ ଭିତରେ ସେହି ଛାଇଟା ମାଣ୍ଡେଇ ରହେ ।

ହଂସ ପରି ପୁନି ପକ୍ଷି ଝାଡ଼ିଦିଏ । ବିଜୁଳିତାରରେ ଠେକା ବାଜିଲା ପରି ମନ ଭିତରେ ଝଣଝଣେଇ ଉଠେ । ତାର ଅସନା କାମର ସବୁ ଉପକରଣ ଆଡ଼େଇ ହୋଇଯାଏ କୁଆଡ଼େ ।

ସେଦିନ ଟିକି ଥଣ୍ଟା କଲା, "ସତ କହିଲୁ, ସେହି ଘରେ ତୋର ଖାଲି ଡେରି ହୁଏ, ବାହାରୁ ବାହାରୁ ଯୁଗ ପାହେ; ନାହିଁ ଲୋ ?"

"ମଲା, ଏତେ ହସୁଚୁ କାହିଁକି ମ ! ତୁ ଗଲେ ତୋର ବି ଡେରି ହୁଅନ୍ତା । ମିଛ ବୁଝୁଚୁ ? ରଙ୍ଗକୁ ପଚାରୁନୋଉଁ; ସେଥର ଯାଇଥିଲା । ପାଣି ମନ୍ଦାଏ ଦବାକୁ ଯୋଉ ଡେରି—"

"ମୋ ରାଣଟି ! ସତ କହ, ବାବୁ କଣ କହୁଥିଲା—"

"ପାଣି ମାଗିଲା । କହିଲା, ଝଅଟି କର—"

"ହଁ ଲୋ, ଆଉ କାହାକୁ ଭୁଲେଇବୁ ସେମିତି ! ଲୋକ ନାହାନ୍ତି ବାବୁଙ୍କୁ ମାଗୁଥିବୁ ପାଣି—"

"ନଇଲେ ପଚାରୁଚୁ ? ବାବୁ ସାଙ୍ଗେ ଆମର କିବା କାମ—"

ରଙ୍ଗ କହିଲା—"ଜମା କଥା କହୁ ନାହିଁ ? ସେଦିନ ତ ଥିଲା, ଆମ ପାଇଁ କେତେ ଲଢ଼ିଲା ! ଦେଖେଇ ଦେଖେଇ ମୁଁ କହିଲି, ତୋଟାକୁ ଯିବୁ ?" ରଙ୍ଗ ହସିଲା । କହିଲା—"ଆଜି କଣ ପଚାରୁଥିଲା ?" କହିଲି, "ଏଡ଼େ ବଡ଼ ପ୍ରଦର୍ଶନୀ ଆସିଛି, ହାଟ ବଜାର ବସିଛି । ଏତେ କଥା ଶିଖିବାକୁ ଅଛି ସେଠି । ତୁମେ ସବୁ କାହିଁକି ଯାଉ ନା ?"—

"ଦେଖ ତ !" ରଙ୍ଗ, ଟିକି ହସାହସି ହେଲେ । "କେତେବେଳକୁ ?'

"ଏଁ ?"

Digitized by srujanika@gmail.com

"କେତେବେଳେ ଗଲେ ଭଲ ହବ ?"

"ମୁଁ କି ଜାଣେ ?"

"ନାଇଁ, ତୁ କିଛି ଜାଣିନାଉଁ । ଗ୍ରେପସୃଟା ! ନେ, ପିଙ୍କା ଲଗା । କିଛି ଦେଇଥିବ ପରି ସାଜେଇଦେଖା । ଦେଖିବୁଟି ଲେ ଟଗ୍ଗି, କାନ ନା ଖୋଞ୍ଚଣି ମ ?"

ଅଣ୍ଟାଳି ପକେଇ ଟଗ୍ଗି ମୁହଁ ମୋଡ଼ିଦେଲା । ରଙ୍ଗ କହିଲା—"ଆରେ, ଓଲୋଟାଏ ମ, ଦେଖୁ ନା ! ଇଲେ ପୁନ, ମଉଳୁମୁହିଁ ହେଇ ଫଳ ନାହିଁ । ଫଟା ପାହୁଲଟାଏ ତ ଭେଟିପାରିଲୁ ନାହିଁ, ଆଉ କଣ ହବ ? ଏତେ ଡର କାହିଁକି ଲେ ? ହାଡ଼ିଆଣୀ ମଣିଷ, କିଏ ବାନ୍ଧିବ ନା ଛାଣ୍ଡିବ ? ପରେଇ କୋଉ କଥାକୁ ଯେ, ଏତେ ପେଟସ୍ତେକ ମୁହଁ ଲାଜ ?"

"ଗରଜ ପଡ଼ିଚ, ଯିବ କାହାକୁ ପଇସା ମାଗିବ ? ହଉ ଲୋ, ମତେ କଣ କରି ପାଇଲୁ କି ?"

"କଣ କରି ?" ରଙ୍ଗ, ଟଗ୍ଗି ହସିଲେ । ଟଗ୍ଗି କୁରୁକୁରୁ କଲା ।

"ନାଇଁ ନଗା ନା ସେମିତି କହୁଚ । ମତେ ସେ ଛତରା କଥାଗୁଡ଼ିକ ଭଲ ଲାଗେ ନାଇଁ । ଧାତ୍ତେରି—" ଟଗ୍ଗି କହିଲା—"ପୁନ କାନ୍ଦୁଚୁ କି ଲୋ ? ଦେଖେଁ ଆଖି । ହେଉ ଲୋ ରଙ୍ଗ, କନ୍ଦେଇ ଦେଲୁ ?"

"କିଏ କଣ କହିଲା କି ? ପବନ ବାଜିଲେ କାନ୍ଦଣା, ମେହେନ୍ତାଣୀ କାମ କେମିତି କରିବୁ ବା ! ଝୁଲାକୁ ଏମିତି ଛଳ ପଶିଯାଏ ? ହଉ ଲୋ, କାହିଁକି ?—"

ମଇଳା ପଣତରେ ପୁନ ମୁହଁ ପୋଛି ପାରିଥାଏ । କହିଲା—"ଆରେ, କିଏ କାନ୍ଦୁଚି ମ ! ତମର ମନ ହଉଥିବ କାନ୍ଦିବାକୁ । ମୋର ଯାଉଚି ।"

"ତୁଟା ଏତେ ଅଲକ୍ଷଣୀ ବୋଲି ମୁଁ ଜାଣି ନାଇଁ ।"

"ମୁଁ କଣ କହିଲି କି ? କହିଲି—ଛି, ସେମିତି ଲଗା ନା । ତୋ ତୁଣ୍ଡରେ ତ ବାଇଗ ନାଇଁ । କାହାକୁ କାହା ସଙ୍ଗେ ନେଇ ଯୋଡ଼ିଦବୁ—"

"ଯୋଡ଼ିଦେଲେ କଣ ସତେ ସତେ ହେଇଯିବ—" ରଙ୍ଗ ବଳେ ପାଟି କରି ହସିଉଠିଲା । କହିଲା—"ଓହୋ, ସେଇଠି ଦରଜ ଅଛି ସେଇଆ କହ । ମନେ ମନେ କାଣୀ ପିଠା ଖାଉଚ, ମଲୁ ନାଇଁ—" ଟଗ୍ଗି ଆପତ୍ତି କଲା, "ଫେର୍—ଫେର୍ ଲଗେଇଲୁ ? ଯିବ, ତା ବୋଉ ଆଗରେ କହିବ ଯେ ଦବ ତୋ ଲୁମୁଦାଣ୍ଡ ଝାଡ଼ି । ଜାଣି ଥା—"

Digitized by srujanika@gmail.com

ଦୁଇ ଆଡ଼ କୋଠାର ଗ୍ରୀଲ ପଢ଼ଣାପଣ ପାଠ ଲଗାଲଗି ହେବାକୁ ମାଡ଼ି ଆସିଛି କଠକ କଠ । ମଝିରେ ସରୁ ଗଳି, ଧାର ଧାର ହୋଇ ନର୍ଦ୍ଦମାର ପାଣି ବୋହୁଛି । ଝୋଟକେଇଗୁଡ଼ାକ ତଳେ ଥୋଇ ଦେଇ, ସ୍ଥାନେ ଡନ ବନ୍ଧୁ ବସି ଆଲାପ କରୁଛନ୍ତି । ପୁନର ମନ ଅନ୍ଧାର ଗହ୍ୱିର ଭିତରେ ଶୋଇ ରହିଥିଲା । କେଉଁ ବିକାର ଶୋଇ ଶୋଇ ବଢ଼ୁଥିଲା । ରଙ୍ଗର ନର୍ଦ୍ଦମ ଥଣ୍ଡା ତାକୁ କେଞ୍ଚିଦେଇ ଉଠେଇ ଦେଇଛି । ଦିଶୁଛି କେଡ଼େ ବିକୃତ ସେ । ବୀଭତ୍ସ ବିଦ୍ରୂପ । ଅସ୍ୱଚ୍ଛ ଲାଗୁଛି, ଅସଜ ଲାଗୁଛି । ଆପଣା ଭିତରେ ହଲର ହଲର ହେଉଛି ସେହିଟା । ଗରମ ଦେହ, ଚଞ୍ଚଳ ବୁଡ଼ି ପଡ଼ିବାକୁ ମନ । ଭିତରେ ଅସମ୍ଭବପଣର ଅପବିତ୍ରତା, ପରଜନ୍ମର ପାପ ।

"ଉଚ୍ଛୁର ହେଲାଣି, ଯିବା ଚାଲ ।" ଝିଅ କହିଲା ।

"ଆଜି ସତରେ ପ୍ରଦର୍ଶନୀ ଦେଖି ଯିବା । ଆସିବୁଟି ପୁନ ? କି ଲୋ, କଥା କହୁନୁ ପୁନ, ସେମିତି ମୁହଁ ଫୁଙ୍ଗେଇ ଚାଲିଚୁ କାହିଁକି ଭଲା ! ଆଚ୍ଛା କହିଲୁ, ତୁ ଏମିତି ବୋଲି ମୁଁ କଣ ଜାଣିଚି ? ଆମର ତ ଦେହସାକ ମଇଳା, ପୋକ ସାଲୁବାଲୁ । ତେବେ ଠିକ୍ ଗୋବର ପରି, ସବୁଥିକି ପବିତ୍ର । ତୁ ଛୁଚ୍ଛା କଥାକୁ ହଟିଯିବୁ ବୋଲି କିଏ ଜାଣିବ; କହିଲୁ ?"

ରଙ୍ଗ ଗୋଳେଇ ପୋଳେଇ ହେଉଛି । ସାହିପାଖ ବାଟ । ବାବୁଘର-ମାନଙ୍କରେ ଖା'ପିଆ ବେଳ ଗଡ଼ିଗଲାଣି । ବାରଦୁଆରେ ଅଇଣ୍ଠା ଗଦା ହେଲାଣି । ସେଠି ଭିକାରୀ ଓ କୁକୁରଙ୍କ ଭିଡ଼ । ଗଳିର ଦ' ପାଖରୁ ରନ୍ଧାଘରର ବାସ୍ନା । ମେହେନ୍ତାଣୀ କାମରୁ ଫେରୁଛନ୍ତି । ଏହି ମେହେନ୍ତାଣୀ ଗାଧୁଆବେଳ । ପୋଖରୀରୁ ଶବ୍ଦ ଉଠୁଛି । ପୁନ ମୁହଁ ଶୁଖେଇ ଘରକୁ ଫେରୁଛି ।

ସବୁଦିନେ ଏହି ଘରବାହୁଡ଼ାଣି ବାଟ ତାକୁ ଭଲ ଲାଗିଥାଏ । ଝାଳୁଆ ଧୂଳିଆ ଦେହକୁ ଟୁବ ଗାଡ଼ିଆର ପାଣି । ହଂସାଉଡ଼ା ଭୋକକୁ ଫଟା କଂସାରେ ବାସି ପଖାଳ ଦ'ଟା । ସହରରେ ହଜିଯାଇ ଘରକୁ ଫେରିଲାବେଳେ ଘର ଘର ପରି ଲାଗେ ।

ଆଜି ବଇଁଶୀର ଫାଟ ଧରିଛି । ସବୁ ବେସୁରା ।

ସାହିରେ ପଶିଲାବେଳକୁ ଛୁଆଁଡା ଲାଗୁଛି । ସେହି ପୁରୁଣା ସାହିର ଏ କି ହତଶ୍ରୀକ ରୂପ-ଭେକ ! ସବୁ ଅସନା ଅବର୍ଜନା ଲାଗୁଛି । ଏ ତାର ଜନ୍ମର ପ୍ରାରବ୍ଧ ନୁହେଁ । ଡେଇଁ ଉଠି, ମୁଣ୍ଡ ଟେକି, ତଳକୁ ଚାହିଁ ଘୃଣା କରିବାକୁ ଚେତନାର

Digitized by srujanika@gmail.com

ନୂଆ ପ୍ରବଣତା । ଉଙ୍ଗା ଗୃହ, ଛୁଣ୍ଡା ଜନାର ସଂସାର । ଏ କୁତ୍ସିତ, ଏ ପାପ, ଚଢ଼େଇବସାର ଜଳଜଳା । ଆପଣାର ବୋଲି ଗର୍ବ କରିବାକୁ କିଛି ନାହିଁ । କିଛି ନାହିଁ ।

ବାସ୍ତବ ବୋଲି ସ୍ୱୀକାର କରି ହେବ ନାହିଁ । ସଡ଼ି ପଚି ଧନ ବଢ଼େଇବା । ଗୋଟାଏ ଦୁଃସ୍ୱପ୍ନ । ବଳାଗଣ୍ଡି ଏ ପାଣି ଉପରେ କଳାମେଘର ପ୍ରତିଛବି ପଡ଼ିଲି ପରି ସେହି ସ୍ମୃତିଟା—ମାଣ୍ଡେଇ ରହିଥାଏ—ଅଘୋର, ମାନମସ୍ତି । ଅଭିମାନ ଫୁଲି ଉଠୁଥାଏ । ବାରମ୍ବାର ପ୍ରଶ୍ନ ଉଠେ—କାହିଁକି, କି କସୁର୍ କରିଥିଲି ସେ କାହା ସଙ୍ଗେ ?

ପୁନି ଲେଉଟୁଛି । ଘର ଦାନ୍ତ ନକୁଟି ଖଟେଇ ହେଉଛି ଦୂରରୁ ।

ବିଦା ହେଲାବେଳେ ରଙ୍ଗ କହିଲା—"କଣ ମୁଁ କହିଲି ଯେ, କଥାକୁ କାନରେ ଗଣ୍ଠି ପକେଇ ଧରିବୁ କହିଲୁ—" ଦୁଇ ଟାଣ୍ଡୁଆ ବାହାରେ ଭିଡ଼ି ଧରିଛି ପୁନିର ବେକକୁ । କେତେ ବଳୁଆ ତାର ହାତ ! ଅସନା, ଝାଳ ସରସର, ମଇଳା ଗନ୍ଧ ।

ଆଲୋ, ମୋ କଥାକୁ ଛଳ କରିବୁ ନାହିଁ । କଣ ତୁ ଜାଣୁ ? ନୂଆ ଡାଆଣୀ ପଦାକୁ ବାହାରିବୁ । ତତେ ପାଠ ପଢ଼େଇବି, ଗୁଣି-ଗାରଡ଼ି ବତେଇବି । ଗ୍ୟାନଦେଇ ମାଲୁଣୀ କଥା ଜାଣିନାଉ ?"

"ଗ୍ରୁଡ଼୍ ଗ୍ରୁଡ଼୍, ମୁଁ ଯାଏଁ ।"

"ତୁ ଦୂର୍ ଦୂର୍ କଲେ କଣ ମୁଁ ଗ୍ରୁଡ଼ୁଚ ? ଆଜି ଉପରଓଳି ବାହାରିବୁ, ବୁଲିଯିବା; ଏଁ ?"

"ହଉ ।"

ଘରେ ପହଂଚ ବୋଉକୁ କହିଲା—"ବୋଉ ମ, ହେଇ ଯୋଉ ବଡ଼ ବାବୁ ଘର; ସେଠିକି ତୁ ଯିବୁ । ସେ କଟକଟୀ ଗୃହିଣୀଟା—"

"ଆଲୋ, କଏ ତତେ କହୁଚ ସୋଗେଇଡର ହେଇ କାମ କରି ଯିବାକୁ ! ଆଲୋ ପୁନି, ମୋ ସାନକୁହା ମାନ । ତୁ ଘରେ ଥା—"

□ □

Digitized by srujanika@gmail.com

ଅଠେଇଶ

ମଟର ଚଢ଼ି ଶୈଳେନ୍ଦ୍ରବାବୁଙ୍କ କୋଠାରେ ପହଞ୍ଚିଲାବେଳକୁ ଅଘୋର ଦେଖିଲା, ଲୋକେ ଅପେକ୍ଷା କରିଛନ୍ତି । ପିଣ୍ଡାରେ ଗୋଟିଏ ବେଞ୍ଚ୍, ସେଥିରେ ଦୁଇ ବିପରୀତ ଦଳର ପରସ୍ପରକୁ ଅଚିହ୍ନା ଚାରି ଜଣ କର୍ମୀ ବସିଛନ୍ତି । ମସିଆ ଲୁଗାପଟା, ଶୁଖିଲା ମୁହଁ । ହାତରେ, ଗୋଡ଼ରେ ଶିର ବାହାରିଛି । ମଫସଲର ନୀରବ କର୍ମୀ, ଆଦର୍ଶବାଦୀ । ସରଳ ସତ ଅର୍ଥ ବୃଦ୍ଧି, ଧନଗାଢ଼ କାଦୁଅରେ, ବାଲିରେ ପରିଶ୍ରମ କରି ଯେଉଁମାନେ ବୁଲନ୍ତି । ନାଁ ପଡ଼େ ନାହିଁ ଗୋଟାଏ କଣରେ । ସେହି ବେଞ୍ଚରେ ଏକାଠି ବସିଛନ୍ତି ଜଣେ ଅନ୍ତଲପେଟା ବ୍ୟବସାୟୀ । ସେହି ସମ୍ପ୍ରଦାୟର, ଯେ ପ୍ରତ୍ୟେକ ପ୍ରକାର ଜଳବାୟୁ ଓ ଜନଗୋଷ୍ଠୀକୁ ଆପଣାର ବୋଲି ଭାବି ପାରନ୍ତି । କରଛଡ଼ା ଦେଇ ପିଣ୍ଡାଦାଢ଼ରେ ଟହଲ ମାରୁଛନ୍ତି ଜଣେ ହୃଷ୍ଟପୁଷ୍ଟ ଜମିଦାର ଭଦ୍ରଲୋକ । ପୁରୁଣା ସିଲ୍‌କ କାମିଜ, ପୁରୁଣା କୋଟାରେ ତେଲ ଜକଜକ, ଯହିଁରୁ ଜଣାପଡ଼େ ପ୍ରଜାମାନେ ସହଜରେ ଖଜଣା ଦିଅନ୍ତି ନାହିଁ । ବାଡ଼ି, ନଶ, ବଡ଼ ରୁପା ପାନଡବା ଓ ଆସନ ଅଭାବ ଏବଂ ଦର୍ଶନ ଡେରି ହେବାରୁ ବିରକ୍ତ ଦର୍ପ ତାଙ୍କର ଭେକର ସୂଚନା । ଫାଟକ ପାଖେ ସାଇକେଲ ଧରି ଜଣେ ଆଶାୟୀ ଛାତ୍ର । ଶୈଳେନ୍ଦ୍ରବାବୁଙ୍କ ଆନୁକୂଲ୍ୟରେ ବିଲାତ ଯିବାର ଆଶା ପୋଷି, ଆଖିରେ ସାମୁଦ୍ରିକ ଚାହାଣୀ । ପ୍ରତୀକ୍ଷାରେ ଅଛନ୍ତି । ବିରୋଧୀ ସତ୍ତ୍ୱମାନଙ୍କର ଉଜ୍‌ଜିତସ୍ୱ ମନ୍ତ୍ରର ଏକୀକରଣ ବଡ଼ଘରର ବଡ ଫାଟକର ବିଶିଷ୍ଟତା । ମଟର ଶବ୍ଦ ଶୁଣି ଚାକର ଆସିଲା । ଏକାଥରକେ ସମସ୍ତଙ୍କର କଳରବ । ଛାତ୍ର ତାଙ୍କର ନାଁ ଲେଖା ହୋଇଥିବା କାଗଜ ଟିକକ ଆଗେଇ ଧରିଲେ । ଜମିଦାର କହିଲେ— "ମଉସା ଅଛନ୍ତି ?" କର୍ମୀ ଚାରି ଜଣ ଠିଆ ହୋଇପଡ଼ି ଚାକରଟିକୁ ଦୁଇ ବିପରୀତ ଦିଗକୁ ହାତଠାରି ଡାକ ପାରିଲେ—"ହୋ, ସ୍ୱାଡ଼େ ଆସ ମ, ଶୁଣି ଯା ଟିକିଏ; ଆଇଲି ?" ବ୍ୟବସାୟୀ ଭଦ୍ରଲୋକ ଅଳ୍ପ ହସି ପକେଟରେ ହାତ ପୂରେଇଲେ । ଆଖିମିଟିକା ମାରି ଚାକର ଆଡ଼କୁ ମୋହିଁ ଚାହିଁଲେ । ଅଘୋରବାବୁଙ୍କୁ ଦେଖି ସମସ୍ତଙ୍କୁ ଉଦ୍ଦେଶ୍ୟ କରି ଚାକର କହିଲା—"ଆପଣମାନେ ଆଉ କେତେବେଳେ ଆସିବେ । ବାବୁ ତ ନାହାନ୍ତି ।"

ହତାଶ ଦୃଷ୍ଟିରେ ଦାଣ୍ଡଘରକୁ ସଙ୍ଗୋଳି ନେଇ ଉପାଧିଆ ପଡ଼ିଥିବା ଲୋକେ ବାହାରି ଚାଲିଗଲେ । ଅଘୋରବାବୁ ଭିତରକୁ ପଶିଲେ । ଆଗେ ଆଗେ ଚାକର ଧାଇଁ ପଳେଇଲା ।

Digitized by srujanika@gmail.com

ହସି ହସି, ଢୁମ୍ ଢୁମ୍ ଖସ୍ ଖସ୍ ହୋଇ, ଗଦ୍‌ଗଦ୍ ହୋଇ କଥା କହୁ ନିରୂପମା ଆସୁଛି—"ସତରେ ? କାହାନ୍ତି ମ ?"

ଅଭ୍ୟାସ ଯୋଗୁଁ ବାହାରି ଚାଲିଆସିଲା ନିରୂପମା । ସେମିତି ଦେହସାରା ଢେଉ ଖେଳୁଛି । ତୁଣ୍ଡଠୁଁ ବେଶି କଥା କହୁଛି ତାର ଭଙ୍ଗୀ, ତାର ଚାହାଣୀ ।

ଭିତର ପିଣ୍ଡାରେ ଭେଟାଭେଟି ।

କହିଲା—"ଆପଣ—" ଅଟକିଗଲା । ଆଉ କହିପାରିଲା ନାହିଁ ।

ନିରୂପମାର ହସ ଥରିଲା ଥରିଲା ଫୁଲିଲା ଓଠରେ ଧୀରେ ଧୀରେ ମିଳେଇଗଲା । ଦୃଷ୍ଟିରେ କେଉଁ ଦୂରର ଛବି, ବିକଳ ଅଭିମାନର ଦୋହଦିଆ ଚାହାଣୀ । କଳି ନେଉଛି, ଓଟାରି ଆଣୁଛି ପରସ୍ତ ପରସ୍ତ ଘୋଡ଼ଣି ତଳୁ । ମୁହାଁମୁହିଁ ଧରୁଛି, ଛାଡ଼ି ଦେଉନାହିଁ ।

ନିଶ୍ଚଳ ହୋଇ ନିରେଖା ନିରେଖି । ହଜିଲା ବେଳ ଲେଉଟି ଆସିଲା । ଅଘୋର ଆତ୍ମସମର୍ପଣ କଲା ।

"ଆରେ, ସେମିତି କାହିଁକି ଅନେଇଛନ୍ତି ମ, ଆସନ୍ତୁ—" ନିରୂପମା କହିଲା । ମନର ଘୋର ଆବେଶ ଭାଙ୍ଗିଗଲା । ମୁହଁ ବୁଲେଇ ନେଇ ଆଉ ଥରେ ଦେଖିଲାବେଳକୁ ପାଖର ପ୍ରତିମା ସେହିପରି ଠିଆହୋଇଛି । ମଣିଷଟା ଚାଲିଯାଉଛି, କେଉଁ ଦୂରରେ ହେଲାଣି ।

ଅଘୋରର ଶୁଖିଲା ହସ, ଅଛୁଣ୍ଡା ହସ, ଫୁଲ ନୁହେଁ, ପଥର । "ବାଃ, ବେଶ୍ ଦିଶୁଛ ନିରୁ, ଆଜି ସବୁଯାକ ଅଳଙ୍କାର ପିନ୍ଧିଛ ଯେ ! କୁଆଡ଼େ ଯିବ କି ?"

କଏ ଯେମିତି ଫଗୁ ବୋଳି ଦେଇଛି ! ଦେହ ମୋଡ଼ି ମୋଡ଼ି, ମୁହଁ ତଳକୁ ପୋତି ନିରୂପମା କହିଲା—"ଆରେ, ଆପଣ ଭାରି—"

"କଣ ଭାରି ? ଭଲ ହେଇଚ; ଅଭ୍ୟାସ କରିବା ଦରକାର ।"

ବେକ ତଳର କାନିକୁ ଟେକେଇ ପକାଉଛି, ମୁଣ୍ଡରେ ତାର ସୁନା ତାରର ଜାଲ, କାନର ମୋତି ଝୁଲୁଛି । ସେହି ନିରୂପମା । ଅଘୋର ଦୀର୍ଘଶ୍ୱାସ ଓଠାରୁ ଓଠାରୁ ପଛଆଡ଼ୁ ସ୍ନେହ ସମ୍ବୋଧନ । "ବାବା ଅଘୋର, ଏତେ ଦିନକେ—"

ବାଟ ମିଳିଲା । ଚଞ୍ଚଳ ଅଣ୍ଟାରୁ ତଳକୁ ଜାମୁଡ଼ାଳି ହୋଇ "ନମସ୍କାର—"

"ବୁଢ଼ାଟିଏ ହେଇଛ ଥା ବାବା, ବୋଉ କଣ କରୁଛି ?"

Digitized by srujanika@gmail.com

ସବୁ ସହଜ ହୋଇଗଲା । ଚହ୍ଳା ପୃଥିବୀ । ପ୍ରତି କଥା ନଜର ପୁରୁଣା ସ୍ଥାନରେ । ନିରୂପମା କହିଲା—"ମାନଙ୍କୁ ଆଣିଲେ ନାହିଁ ?"

ବୋଉ କହିଲେ—"ଭାଇଙ୍କୁ ଘରକୁ ନେଇ ଯା ଲୋ ନିରୁ ! ଚା' ଆଣି ଦେ । ପାନ ଡାଲଟା ଆଣିଦେଲୁ ପୁଅଟା—! ନିରୁ, ମା, ଦଣ୍ଡବତ ହେଲୁ ? ଆଶୀର୍ବାଦ କର ଅଘୋର, ନିରୁ ମୋର ସୁଖରେ ଥାଉ ।"

ସାମ୍ନାଟାରେ ଅଜାଡ଼ି ହେଲା ପରି ରହିଛି ନିରୂପମା । ତାର ଦେହଲତା ଅଘୋରର ପାଦତଳେ ଲୋଟୁଛି । ଅଘୋର ତଳକୁ ଚାହୁଁଛି, ଉପରକୁ ଚାହୁଁଛି । ଶୂନ୍ୟରେ ହାତ ଘୂରେଇ ଉପରକୁ ମୁହଁ ଟେକ, ଡୋଳା ବୁଲେଇ ବୁଲେଇ ଗଦ୍‌ଗଦ୍ ସ୍ୱରରେ କହିଲା—"ସୁଖରେ ରହ ।"

ତା ପରେ ଅଳପ ହସି ଆପେ କହି ହୋଇଗଲା – "କାଚ ବଜର ହେଉ ।"

ଚଞ୍ଚଳ ଉଠିପଡ଼ିଲା ନିରୂପମା । ଥମ ଥମ ମୁହଁରେ ଜଳ ଜଳ ଆଖି । କହିଲା—"ଥାଉ ଥାଉ,ଆପଣଙ୍କ ଆଶୀର୍ବାଦ ଆଉ ଦରକାର ନାହିଁ ।"

"ଛି, ସେମିତି କହନ୍ତି ନାହିଁ ଝିଅ—" ମା କହିଲେ ।

ନିରୂପମା କୋଠରୀ ଭିତରକୁ ପଶିଗଲା । ପଛେ ପଛେ ଅଘୋର ।

"ତା ପରେ – ?" ଅଘୋର କହିଲା ।

ସହଜ ହୋଇ ଆସିଲାଣି ନିରୂପମାର ଭଙ୍ଗୀ । ସେଥିରେ ଆଉ ଉଚ୍ଛ୍ୱାସ ନାହିଁ । ଆପଣା ସୀମା ଭିତରେ ବଣଜନ୍ତୁ ପରି ନିଜ ବଳ ଉପରେ ପୂର୍ଣ୍ଣ ଭରସା । ତରତର ହେବାକୁ ଗରଜ ନାହିଁ ।

ସେମିତି ତାର ଖଟଦାଢ଼ରେ ବସି ଅନେଇ ରହିଛି । ନରମ ଗନ୍ଧ, ପିଠିଆଡ଼େ ଅନ୍ଧାରର ଆଶ୍ରୟ । ତୁନି ହୋଇ ଝିକଝିକେଇ ହସି ଦେଉଛି ବିଜୁଳି ପରି । ତୁନି ହୋଇ ଅଘୋର ଚାହିଁଛି । ନିରୂପମା ଖେଳେଇବ । ଦୟା କରିବ ନାହିଁ ଏତେ ଟିକଏ ।

ଗୁମ୍ଫ ଦମ୍ ଦମ୍; କିନ୍ତୁ ନିରୂପମା କହିଲା—"ବଡ଼ ସଞ୍ଜ ହେଉଛି, ଗଲେ ନାହିଁ ଆପଣ ? ବାପା ଯାଇଛନ୍ତି ।" କୁଆଡ଼ୁ କେଉଁଠିକୁ, ଅଘୋର ଭାବିଲା । କହିଲା – "ଆଉ ତୁମେ ସବୁ ?"

'ଆମେ ପ୍ରଦର୍ଶନୀ ଦେଖି ଯିବୁଁ ।'

"ଓ !" ଅଘୋର ଭୂଷ୍ କରି ଉଠିପଡ଼ିଲା ।

Digitized by srujanika@gmail.com

ନିରୂପମା ହସୁଛି । ଅଭାବ, ଅତ୍ୟାଚାର ଅସ୍ୱୀକାର କରୁଛି । ସେ ନିରୂପମା ନୁହେଁ, ଲମ୍ବା ବାଟ କରରେ ଗୋଟାଏ ମାଇଲ୍ ପଥର । ବାଟ ମନେପଡ଼େ, ଆଉ କିଛି ନାହିଁ ।

"ଆରେ ଆରେ, ସ୍ତ୍ରୀ ଖାଇଲେ ନାହିଁ, ପାନ ନେଲେ ନାହିଁ; ଉଠି-ପଡ଼ିଲେ ଏଁ—"ଛିଲେଇଲା ପରି ହର୍ଷ ଚତ୍କାର । ତାଳିମାରି 'ପଳେଇଲା, ପଳେଇଲା' ପାଟି କଲା ପରି ।

ଅଘୋର ବୁଲିପଡ଼ିଲା । ତଳକୁ ଗୁହିଁ କହିଲା—"ଆଜି ଥାଉ, ବାହାଘର ଶେଜ ଅଛି ତ ।"

ନିରୂପମା ଧୀରେ ଧୀରେ ବାହାରି ଆସିଲା । ଅଘୋର ନାହିଁ ।

କାହିଁକି ସେ ଆପଣାକୁ କଷ୍ଟ ଦେବାକୁ ଗୁହେଁ—ସେ ଜାଣେ ନାହିଁ ।

ତେଲ ବାମ୍ପ ପାଖେ ଉବୁମୁଦା ହୋଇ ବସିରହିଲାଠୁଁ ଉଠି ଗୁଲିଆସିଛି; ତଥାପି କେଉଁଠି ଅଭାବ । ଗମ୍ଭୀର ମନ ମାଡ଼ି ମୂଲେଉଛି । ତରତର ହୋଇ ଗାଡ଼ି ଚଳେଇ, ଅଘୋର ପହଞ୍ଚିଲା ବଡ଼ ସଭା ପାଖେ । ବହୁତ ଲୋକ । ଶୈଳେନ୍ଦ୍ରବାବୁ ପିଢ଼ି ଉପରେ ଚଢ଼ି ବକ୍ତୃତା ଦେଉଛନ୍ତି । ଘନ ଘନ କରତାଳି ।

ନିରୂପମାର ଭାବୀ ବର ସଦାନନ୍ଦ ବସିଛି । ଅଘୋର ଲକ୍ଷ୍ୟ ବାଛିନେଲା ।

ଜ୍ୱାଳାମୟୀ ବକ୍ତୃତା । ଗରିବର ଦାବୀ । ମଜୁରିଆର ସ୍ୱାର୍ଥ । ଅଛୁଆର ସ୍ୱର୍ଗ ।

ଆଶା ଘୋଟିରହିଛି । ଭାଷାର କୁହୁକରେ ବାଲି ଅପନ୍ତରାରେ ମଲ୍ଲୀଫୁଲ ପରି ଫୁଟିଉଠୁଛି ଭାତର ଗୋଟି ଗୋଟି ଦାନା । ଯାଦୁକର ପିଢ଼ି ଉପରୁ ମନ୍ତ୍ର ପଢୁଛି । ଆମ୍ବଟାକୁଆ ପୋତି ଦେଉଛି, ଗଛ ହେଉଛି, ବଢୁଛି, ବଉଳ ଫୁଟୁଛି, ଆମ୍ବ ପାଚି ଝୁଲୁଛି ପେନ୍ଥି ପେନ୍ଥି ହୋଇ ।

ବଡ଼ ସହର ବଡ଼ ବକ୍ତୃତା ଶୁଣୁଛି । ବଗ ପରି ବେକକୁ ଆଗକୁ ଓଟାରି ଖଞ୍ଜି ହୋଇ ରହିଛି ପାଖକୁ ପାଖ ମୁଣ୍ଡମାଳିକା । ତେଲିଆ, ଲୁଖୁରା, ଅଧିକାଂଶ ଲୁଖୁରା । ଆଖିରେ ନିଆଁ ଜଳୁଛି ଦାଉ ଦାଉ ।

"ଶୁଣୁଛ ସଦାନନ୍ଦ—"

"ଏଁ—"

"ଭଲ ଲାଗୁଛି ନା ?"

Digitized by srujanika@gmail.com

ସଦାନନ୍ଦର ମେଣ୍ଢାଳିଆ ହସ । "ସେତେ ଖାତକଙ୍କଠି ମହାଜନ ଟଙ୍କା ତୁମର ବାକି ଅଛି ତାକୁ ଖାତାରୁ କାଟିଦେବାକୁ ପଡ଼ିବ । ତାପରେ ଖଜଣା ଛାଡ଼୍ । ଫଟା ପାହୁଲା ନାହିଁ । ତାପରେ ଜମିତକ ବାଣ୍ଟିଦେବାକୁ ପଡ଼ିବ ପ୍ରକୃତ ଚାଷୀମାନଙ୍କୁ । ଗାଈତକ ଦେଇଦେବାକୁ ପଡ଼ିବ ଯେ ଚରାଏ ତାକୁ । କେଉଁଠୁ ଆରମ୍ଭ କରିବ କହିଲୁ ?"

ସଦାନନ୍ଦ ସିଗାରେଟ୍ କେସ୍ ଖୋଲି ଦେଖାଇଲା ।

"ଆରେ ହସୁଛ କଣ ? ମୁଁ କଣ କହୁଛି ? ତୁମ ଶତ୍ରୁରେ କହୁଛନ୍ତି ନା । ଆଗ ତୁମରି ଉପରେ ମାଡ଼ ।" ସଦାନନ୍ଦ ହସି ହସି କହିଲା, "ଆଉ ତୁମେ ?"

କ୍ଷଣକରେ ସର୍ବହରା ପୂରବୀର ହୁଙ୍କାର । ମୁହଁ ଫାଟି ଆସିଲାଣି, ଆଖିରେ ମେଘ । ଶୈଳେନ୍ଦ୍ରବାବୁ କାନ୍ଧ ପକେଇବେ ଏଥର । ସଦାନନ୍ଦ ଆତ୍ମବିସ୍ମୃତ ହେଲା ।

ଦରପୋଡ଼ା ସିଗାରେଟ୍‌ଟାକୁ ଜୋର୍‌ରେ ଜୋତା ତଳେ ମାଡ଼ି, ଦଳି-ଦେଇ ଅଘୋର ବାହାର ଚାଲିଆସିଲା । ଏହି ତାର ଶ୍ରେଣୀ, ତାର ସମାଜ, ଦୁନିଆର ଦଶ ଜଣଙ୍କ ମୁଣ୍ଡ ଉପରେ । ଏହି ଉପାୟରେ ଚିରନ୍ତନ ହୋଇ ବିରାଜି ଆସିଛି ତାଙ୍କର ମୋଟା ଧନ ଦଉଲତର ଗାଦି । ରାମାୟଣ ଯୁଗରୁ ଅଥବା ତାହା ପୂର୍ବରୁ ଆଜଯାଏ । କେବେ କ୍ଷୟ ପାଇ ନାହିଁ । ପ୍ରଳୟ ହେଲେ ତାଙ୍କର ପାଇଁକି ଥିବ ଶିମିଳିଗଛର ଡଙ୍ଗା, ଯୁଦ୍ଧ ହେଲେ ତାଙ୍କର ଆତ୍ମରକ୍ଷା ପାଇଁ, ପଳାୟନ ପାଇଁ ମଟରଗାଡ଼ି ଥିବ, ପେଟ୍ରୋଲ୍ ଥିବ । ଶାନ୍ତିବେଳେ ସେ ଅଧିନାୟକ ।

ଧର୍ମରେ ଯାଜକ । ଶାସନରେ ରାଜା । ଯୁଦ୍ଧରେ ସେନାପତି । ବିପ୍ଳବରେ ନେତା । ଚାଷୀମେଳାରେ ଜମିଦାର । ଗାଈ ଗୋଠରେ ଷଣ୍ଢ । ଜୀବନର ବାଜିଖେଳରେ ଗୋଟାଏ ସର୍ତ୍ତ କେବଳ । ମୁଣ୍ଡପଟ ଉପରକୁ ରହିଲେ ସେମାନେ ଜିତିବେ । ଲଞ୍ଜପଟ ଉପରକୁ ହେଲେ ଶତ୍ରୁର ପରାଜୟ ।

ସୁଦୃଢ଼, ସୁଷ୍ଠୁ, ନିରାପଦ ସବୁଦିନେ ।

ଶୈଳେନ୍ଦ୍ରବାବୁ ବକ୍ତୃତା ଦେଉଛନ୍ତି ।

ଅଘୋର ବାହାର ଚାଲିଆସିଲା । ମୁହୂର୍ତ୍ତିକେ ଅନ୍ତର୍ଦୃଷ୍ଟି ଆଣିଦେଲା ଘୃଣା ।

ଦୈର୍ଘ୍ୟ, ପ୍ରସ୍ଥ, ସ୍ଥୂଳତା, ବିସ୍ତୃତି ।

ତାର ମୂଳଦୁଆର ତଳେ ତଳେ ବେଶ୍ୟାପଣ ।

ଘୃଣା ଲାଗୁଛି, ଅରୁଆଁ ଲାଗୁଛି; କିନ୍ତୁ ସେ ତର୍କର କଥା । ସିଗାରେଟ୍ ଧୂଆଁ ସଙ୍ଗେ ସଙ୍ଗେ ପବନରେ ମିଶି ହଜିଯାଏ । ମଟର ହୁକ୍ ହୁକ୍ କରୁଛି । ଏହା

Digitized by srujanika@gmail.com

ପରେ ପ୍ରଦର୍ଶନୀ । ଧୂଳି ଉଡ଼ାଇ ରାସ୍ତାରେ ଗଲାବେଳେ ଦାଶ ହୋଇପଡ଼େ ଅବିନାଶଙ୍କ ପୁଅ ଅଘୋର । ରକ୍ତରେ ବଂଶର ଗୁଣ । କାଟି ହୁଏ ନାହିଁ ।

ବିଶାଳ ପ୍ରଦର୍ଶନୀ ବସିଛି । ଗୋଟାଏ ସହର ସେ ଜନେ । କୁବେରର କ୍ଷେତ୍ର । ଆଲୁଅ, ବାଜା, ଗହଳି, ସୁଅ ପରି ମଣିଷ । ମଟର ରଖିଦେଇ ଅଘୋର ବୁଲି ବୁଲି ଦେଖି ଚାଲିଲା । ଧାଡ଼ି ଧାଡ଼ି ସଜା ବଖ୍ରାରେ ଜାତ ଜାତ ଜିନିଷ । ଦେଶର ସମ୍ଭାର ଖଞ୍ଜାହୋଇ ଥୁଆହୋଇଛି । ସହର ଉଠି ଆସିଛି । ଜାତ ଜାତ ମଣିଷଙ୍କ ପ୍ରଦର୍ଶନୀ, ଜାତ ଜାତ ଗୁଣର । ସହରର ଆତ୍ମା କଲବଲ ହେଉଛି ।

ଖଣ୍ଡେ କଞ୍ଚା ମାଂସ ପରି ପଡ଼ିରହିଛି ଷ୍ଟଲ । ପୋକ ଭୁରୁ ଭୁରୁ ହେଉଛନ୍ତି ।

ଅଘୋର ବୁଲି ଲାଗିଥାଏ ।

"ଆରେ ଆରେ, ସାଇ—!" ମାନମୟୀ, ବିଷ୍ଣୁ, ନିରୁପମା, ତା ବୋଉ, ସମସ୍ତେ ଏକାଠି । "ମଟର ନେଇ ଚାଲିଆସିଲ; ଭାବିଥିଲ ଆମେ ଆସିପାରିବୁ ନାହିଁ, ତୁମେ ଏକୁଟିଆ ଦେଖିବ; ନୁହେଁ ?" ମାନମୟୀ ନିରୁପମାକୁ କୁଣ୍ଢେଇ ଧରିଛି, ନିରୁପମାର ହାତ ତାର କାନ୍ଧରେ ।

ମାନମୟୀ କହୁଥାଏ – "କେଡ଼େ ସ୍ୱାର୍ଥପର—ଏଁ !"

ନିରୁପମା ସୁଖରେ ହସୁଛି, ଗ୍ଲାନି ନାହିଁ ।

ଅଘୋର ଚଞ୍ଚଳ ଯାଇ ପୁଳାଏ ଦାମୀ ଚକୋଲେଟ୍ କିଣି ଆଣିଲା । ଚଷମା ପିନ୍ଧି, ଜୋତା ମାଡ଼ି, ବେଣୀ ଲମ୍ବେଇ ବିଷ୍ଣୁ ଠିଆ ହୋଇଛି । କହିଲା—"ଆପଣ ଆଗ—"

"ଓ, ଧନ୍ୟବାଦ ।" ବିଷ୍ଣୁ କଲ ବୁଲେଇଲା ।

ମାନମୟୀ କହିଲା–"ଓଃ, ସାଇଙ୍କର ଯେଉଁ ବାହୁଲ୍ୟପଣ ! ସାର ଦାମୀ ଜିନିଷଗୁଡ଼ାକ ନା—"

ନିରୁପମା ଆଗରେ ଆଞ୍ଜୁଳି ଧରି ଅଘୋର ଠିଆ ହୋଇଛି, ମାନମୟୀ ଥଟ୍ଟା କରୁଛି । ନିରୁପମାର ମୁହଁରେ ପ୍ରସନ୍ନ ହସ । ଅଘୋରର କାନ୍ଧବାଟେ ଦୃଷ୍ଟି ଲମ୍ବିରହିଛି ଅନ୍ୟ କେଉଁଆଡ଼େ । ଅଘୋର କହିଲା—"ତୋର ଦରକାରରେ ନ ଆସିପାରେ ମାନ, ତା ବୋଲି ଅନ୍ୟମାନେ ଥାଇପାରନ୍ତି, ଯାହାକୁ ଏ ଅମୂଲ୍ୟ ।" ପିଠି ବୁଲେଇ ନିରୁପମା ଦି ପାହୁଣ୍ଡ ଘୁଞ୍ଚିଗଲା । ସମସ୍ତେ ବୁଲିପଡ଼ିଲେ । ତେଣ୍ଡୁ ସୁରବାବୁ, ଅଜୟବାବୁ, ଇନ୍ଦ୍ରଜିତ୍ ଆସୁଛନ୍ତି । ଅଜୟବାବୁଙ୍କ ହାତରେ ଦି'ପଟ

Digitized by srujanika@gmail.com

ରେଶମି କୋଟ । କାରୁକାର୍ଯ୍ୟ ମଣ୍ଡିତ । ସୁରବାବୁ ମେଞ୍ଚାଏ ଛକବୁଣା ସିଲ୍କ ଧରିଛନ୍ତି । ଇନ୍ଦ୍ରଜିତ୍ କିଛି ନୂଆ ପ୍ରକାର ହାତରେ ପିନ୍ଧିବା କାଚ । "ଦେଖେଁ କୋଟ—"ମାନମୟୀର ଦୁଷ୍ଟ ଚାହାଣୀ । ଅଜୟବାବୁ ନଇଁପଡ଼ିଛନ୍ତି । ମାନମୟୀର ମୁହଁ ସାମ୍ନାରେ ଇନ୍ଦ୍ରଜିତ୍ ନୂଆ କାଚକୁ ବୁଲେଇ ବୁଲେଇ ଦେଖୋଉଛନ୍ତି । ସୁରବାବୁ ଖୋଲି ଦେଖୋଉଛନ୍ତି ତାଙ୍କର ଛକବୁଣା ସିଲ୍କ । ଭରସା ଦେଇ କହୁଛନ୍ତି—"ବ୍ଲାଉଜ୍‌କୁ ବେଶ୍ ହେବ ।" ନିରୁପମା ଆଡ଼େଇ ହୋଇଗଲାଣି ମା ପାଖକୁ । ବିଷ୍ଣୁ ଚଷମା ଆଢ଼ୁଆଳରୁ ତାର ଶିକ୍ଷିତ ରୁଚିଦ୍ୱାରା ପ୍ରତ୍ୟେକ ଜିନିଷ ପରୀକ୍ଷା କରୁଛି ।

"ଜୋତା ଯୋଡ଼ାକ ବଡ଼ ହେଲା ଅଜୟବାବୁ, ଚଳିବ ନାହିଁ ।" ମାନମୟୀ କହିଲା ।

"ଆଃ, ନିତାନ୍ତ ଭେସେସ୍ ହେଉଛ ।" ସୁରବାବୁ କହିଲେ ।

"କଣ କହିଲେ, ବ୍ଲାଉଜ୍ ପାଇଁ ଏ କନା ?" ବିଷ୍ଣୁ ମୁଣ୍ଡ ହଲେଉଛି ।

"ଦେଖେଁ, ଆପଣଙ୍କ କାଚ । ଓଃ, ଭାରି କସ୍ ହେବ । ହେଇ ଦେଖନ୍ତୁ, ଫୋଡ଼ିହୋଇ ଯାଉଛି ।" ନିରୁପମାର ପିଠି ଦିଶୁଛି ।

ଅଘୋର ଚାଲିଆସିଲା । ଆଉ ତିନି ଜଣ ବନ୍ଧୁ ଆପଣାର ଭୁଲ୍ ବୁଦ୍ଧିପାଇ ନୂଆ ଉଦ୍ୟମ କରିବାକୁ ତିନି ବାଟେ ଚାଲିଛନ୍ତି ଭାରି ଚଞ୍ଚଳ । ଗ୍ରେଟିଆ ହୋଇ ଦଳେ ସ୍ତ୍ରୀଲୋକ ଗଲେ । ଛିଟ ଶାଢ଼ୀ, ରଙ୍ଗ ଲୁଗା; ମୁଣ୍ଡରେ, ମୁହଁରେ ଜକ ଜକ ତେଲ ।

"ଏଇଠି ଟିକିଏ ଠିଆ ହେବା ମ !" ରଙ୍ଗ କହୁଛି । "ଦେଖିଲୁ, କେଡ଼େ ସୁନ୍ଦର ସଜେଇଛନ୍ତି—"

ଚାହିଁ ଚାହିଁ ଯାଉଛନ୍ତି । ଦୂରଛଡ଼ା ହୋଇ ମୋହିଁଲେଣି ଚୋଟା ଆଡ଼କୁ ।

ହାତ ଦେଖାଇ କିଏ କଣ କହୁଛି, ଆଉ ଜଣେ ହସୁଛି ।

ବଙ୍କା ଡୋଳାରେ ତବତବ ଅନେଇଁ ଠିଆହୋଇଛି ପୁନି ।

ସଞ୍ଜ ଆସୁଛି ।

□ □

Digitized by srujanika@gmail.com

ଅଣତିରିଶ

ଖାଲି ଗୃହିଁବା— ।

ଆଶା ଝରେ, ମନ କୁହୁଳେ । ଅଭିମାନ କରି ପୁଣି ଭାବେ, ତାର କି ଯାଏ ?

ଜୀବନ ଜଳି ଯାଉଛି ଜୀବନ ପୋଡ଼ି ଯାଉଛି । ବଡ଼ଲୋକର ଦୁଲାଳ, ଥାଉ ସେ ତା ଘରେ । ଏମିତି ଅଲକ୍ଷଣା ଏ କଳାକୋଟଟ କାମ, ପ୍ରତିଦିନ ପାହାନ୍ତାରୁ ଉଠି ପରର ଧୂଅ ସଫା କରିଦିବା, ଆପଣାକୁ ନୂଆର୍ଦ୍ଧି ଦେବା ସେଠିକ ତଳକୁ । ସେଥିରେ ବାହାଦୂରି ନାହିଁ । ସମାଜ ପ୍ରତିଦାନ ଦେବ ଘୃଣା, ହତାଦର ।

ସେଠିକର ସେ । ହାତ ଅଛି, ଗୋଡ଼ ଅଛି, ଗୋଟାଏଁ ମଣିଷଟା; କିନ୍ତୁ ମଣିଷପଣିଆର ଆଣ୍ଠୁଠୁଁ ତଳକୁ ।

ସଫା ପିନ୍ଧିଲେ, ବାସ୍ନା ବୋଳିହେଲେ ଅଛୁଆଁ ଛୁଆଁ ହୁଏ ନାହିଁ ।

ସତ କହିଲେ, ସିଧା ବାଟରେ ଗଲେ, ପୂଜା-ଉଛା କଲେ, ଟିକିଏ ବି ଉଠେ ନାହିଁ ତାର ସ୍ତର ।

ସବୁଦିନେ ସେହି ନାକଟେକା । ଯେଉଁଠି ସେଇଠି ।

ପୁଣି ଭାବେ—କାହିଁକି ତେବେ ? ଭିଡ଼ ଓଟାରି ହୁଏ, ଅଟକିଯାଏ କେବଳ ସଫାର ଲାଗି ।

ସଞ୍ଜ ଉଠିରୁ ସାହି ଭିତରେ ଖଞ୍ଜଣୀ ବଜେଇ ଧୀମା ସ୍ୱେଇ ଭଜନ । ଧନୀ ଅଜା ଟୁଙ୍ଗୀରେ କେବେ କେବେ ନାମକୀର୍ତ୍ତନ ଚାଲେ । ଅସନା କାମ ସାରିଲେ ଓଲଟିପଡ଼ି ଅନେକେ ସଉକୀ ହୁଅନ୍ତି । କଜଳମତୀ ଫୁଲ ନାଏ । ଅନେକେ ବାସନ୍ତି । ଓଳେଇ, ପୋଛି, ମାଠିମୂଠି ଘର ସଫାସୁତୁରା । ପରିଷ୍କାର ଛୁଣ୍ଡା ଲୁଗା । ଚିକ୍କଣ ମୁହଁ ।

କିନ୍ତୁ ମୂଲ ମିଳେ ନାହିଁ । ମଣିଷ ନିଜକୁ ଯେପରି ସଜୋଇ ପଛେ, ଏଠି ତାର ନାଁ ମଇଲାକଢ଼ାଳି । ତେଣୁ ସେ ମଙ୍ଗ ଗୁଣ୍ଡିଦିଏ । ସଫା ଅଜାଆ ଧଳା, କାଳିଆ ମିଶିମାଶି ଯାଏ । ସଫାସୁତୁରା ଘର ଆଗରେ ଅସନା ଟୋକେଇ ଗଡ଼େ । ନାମକୀର୍ତ୍ତନ ପାଖେ ମଦବୋତଲ ଥୁଆ ହୁଏ । ସୁନ୍ଦର ଦେହ, ସୁନ୍ଦର ବେଶ ମଜାହୁଏ ବ୍ୟଭିଚାରର ନର୍ଦ୍ଦମାରେ ।

Digitized by srujanika@gmail.com

ଉତ୍କଟ କାମ ଉତ୍ସବରୁ ଉଜାଣି ମନ ଖୋଜେ ସ୍ୱଚ୍ଛ ଫୁର୍ତ୍ତି । ସବୁ ଭୁଲିଯିବାକୁ ପଡ଼ିବ । ମା ଝିଅ ଦୁହେଁ ରୋଜଗାରିଆ । ଢକ ଢକ କରି ମଦ ପିଇଦେଲେ କେମା ଲମ୍ବ ହୋଇ ପଡ଼ିଯାଏ । ପୁଣିର ଲୋଭ ବଳାଏ । ଉଜାଣି ମନରେ ସ୍ୱପ୍ନଯାଏ, ତାଙ୍କର ଏତେ ବାକି ରହିବ ? ସବୁ ତ ଆରମ୍ଭ ହେଲାଣି, ଆଉ ତାଙ୍କର ? ଆଉ କେତେ ଦିନ ?

କାହା ପାଇଁ ଅପେକ୍ଷା—ଡର କାହାକୁ—?

ପାରେ ନାହିଁ । ଯବେ, ଥାଉ ନାଲିକ ।

ଘରର ଦେଖ ଦେଖ, ଆପଣାର ସବୁ ସବୁ, ଧୀରେ ଧୀରେ ଫସ୍ଲାର କୋହଳ ହୋଇ ଝଡ଼ିପଡ଼େ । କାଲିକା ଦିନଟା ପାଖକୁ ଘୁଞ୍ଚିଆସେ ।

ରାତ ହୋଇଆଏ । ଅନ୍ଧାରୁଆ ପହିଲି ପହର । ମେହେନ୍ତ୍ରର ପାହୁ କଟିକଟି ଅନ୍ଧାର । କେମା ଠେକାଏ ଆଣିଥିଲି, ପିଇଦେଇ ଶୋଇପଡ଼ିଲାଣି । ପୁଣି ଉପରେ ସ୍ୱର ଖେଳେଇ ଦେଖିବା । ଦ ଓଳିକୁ ସ୍ୱତ ଦପିଛୁ । ପୋଡ଼ାଟାଏ କ ସିଝାଟାଏ ତରକାରି ମ ନାଇଁ । ସ୍ୱଦବାକୁ, ଗରମ ହେବାକୁ, ଛଟପଟ ହେବାକୁ ବହୁତ ବେଳ ।

ଅବିନାଶବାବୁଙ୍କ ଘରେ ବଜୁଳିବତି ଜଳୁଛି । ସ୍ୱତ ଗାଲି ଥୋଇ ଦେଇ, ଶୁଖୁଆ ତରକାରି ବସେଇ ଦେଲାବେଳକୁ ମାନମୟୀର ହାର୍ମୋନିଅମ୍ ବଜା ଶୁଭିଲା । ମାନମୟୀ ଗୀତ ବୋଲୁଛି । ପୁଣିର ମୁହଁ ଝାଳେଇ ଗଲାଣି । ଓଦାକାଠ ଯେ ଧୂଆଁ ନାକ ବୁଜି ଦେଉଛି ।

ତଥାପି, ମାନମୟୀ ଗୀତ ବୋଲୁଛି । ସ୍ୱରର ତାଳେ ତାଳେ ଚହଲି ଉଠୁଛି ଦିନ ଗୋଟାକଯାକ ଅଙ୍ଗେ ନଭେଇଥିବା କାମର ଛନ୍ଦ । ମିସ୍ତ୍ରୀର ଜଣ ସାଉଁଲା, ପାକଲା ପାକଲ, ଲୋକଙ୍କର ନିଆଁ ଧାସ ପରି ଦୃଷ୍ଟି । ଟେଁ ଟେଁ ହୋଇ କଂସ୍ୱକାଠ ଜଳୁଛି । ନେଳିଆ ନିଆଁ, ଦର ଦର ପାଣି । ପିଲ୍ଲନିଆ ମଣିଷଙ୍କ ନିଆଁ ଲଗା ସ୍ୱହାଣୀ ।

ପାଇଖାନାରୁ ପାଇଖାନା ବୁଲି ଫେରୁଛି । ମଇଳାଭର୍ତ୍ତି ଟୋକେଇ । ମଇଳା ଗାଡ଼ି । ଗନ୍ଧିଆ, ମାହାଲିଆ ଜୀବନ । ସ୍ୱରିଆଡ଼ୁ ଗୋଡ଼େଇ ଆସୁଛି ମଇଳା ।

ଛନ ଛନ ରାତ ।

କବାଟ ମେଲି ଅଛି । ବସ୍ତିର ଜଗୁଆଳି ତାର ମା ସବୁଦିନ ପରି ନିଶା ନିଦରେ ।

ବାହାରେ ଅଜଣା ଅନୁଭୂତିର ଅନ୍ଧାର ସ୍ୱାଧୀନତା । ଦେହରେ ଜ୍ୱାଳା ।

Digitized by srujanika@gmail.com

ମାନମନ୍ଦିର ଗୀତରେ ଅବଶ ବିଷାଦର ଲହଡ଼ି ବାରମ୍ବାର କୂଳରେ ଭାଙ୍ଗି ଚୂନା ହେଉଛି । ପୁନ ଶମନା । ସେଦିନ ଏହି ସଙ୍ଗୀତ ଶୁଣିବାକୁ କୁତୁହଳ ଥିଲା । ଆଜି ନାହିଁ ।

ଆଜି ସେ ଆଖିରେ ଟେଣ୍ଟା ପଶ । ଓପାଡ଼ି ହୁଏ ନାହିଁ । ଆଖିରୁ ପାଣି ନଗାଢ଼େ । ଭାବୁଛି, ଭଗବାନ୍ ତାକୁ ବି ଜନ୍ମ ଦେଇଥିଲେ ।

“କଣ କରୁଚୁ ପୁନ ?” ଅନ୍ଧାରରୁ ରଙ୍ଗା ଡାକିଲା ।

ଟଗ୍ଗି କହୁଛି—“ପଦାକୁ ଆ ।”

ପୁନ ଅନ୍ଧାରକୁ ଓହ୍ଲେଇଗଲା । ଫୁସ୍ ଫୁସ୍ କଥାବାର୍ତ୍ତା । “ଆସୁନୋଉଁ !” “ଚାଲ୍ ମ, ଅଇଲୁ ଫେର ଆସିବା ଯେ !” ମନା କରି ହେଲା ନାହିଁ । ଭିତର ଘରେ ଡିବି ଜଳୁଛି । ମା ଶୋଇଛି । ଏତେ ଚଞ୍ଚଳ ଉଠେ ନାହିଁ । କବାଟ ଆଉଜେଇ ଦେଲା, ପୁନ ଚାଲିଗଲା ।

ଅନ୍ଧାରରେ ଲୋକ ଚାଲିଚଳନ୍ତି, ଅଟକ ରହି, ପିଠି ମାଡ଼, କଥାବାର୍ତ୍ତା ହୋଇ । ସହରର ଦୃଶ୍ୟ ଆଖିରେ ପଡ଼ୁଛି କେଉଁଠି । କେଉଁଠି ଅନ୍ଧାରେ ଅନ୍ଧାରେ, କେବଳ ବାଟ ହେଉଛି । କାନ୍ଥବାଡ଼କୁ ଆଉଜି ପଡ଼ିଛି ଛାଇ । ହଲିଲେ ବାଟ ହୁଏ, ତଳେଇ ଚାହିଁଲେ ବାଟ ହୁଏ । ମଣିଷ ଛାଇ ହୋଇଛି । କାହାର ମୌନ ଛବି ଝଲଝଲେଇଲା ପରି ଉଠିପଡ଼ି ଭଙ୍ଗୀରେ ଅସ୍ତିତ୍ୱ ପ୍ରକଟାଉଛି । ଗଳି ଦ'କରେ ଘର ଧାଉଡ଼ିରୁ ସ୍ଥାନେ ସ୍ଥାନେ କ୍ଷୀଣ ଆଲୁଅର ଧାସ । ଗଳିରେ ଚାଲିଗଲାବେଳେ ମଣିଷର ରୂପ ଟେଙ୍ଗିଉଠି ପୁଣି ବୁଡ଼ିଯାଉଛି ଅନ୍ଧାରରେ । ହାତରେ, ବେକରେ ମଲ୍ଲୀଫୁଲ ଗୁବ୍ ହୋଇଛି । ଧୋବ ଫର ଫର ଲୁଗା । ନୀତ ଅନୀତ ଏକାକାର ହୋଇଛି, ସ୍ଥୂଳରୂପ ଛାଡ଼ି ମଣିଷ ହୋଇଛି ପିପାସା । ଉନ୍ମତ୍ତତର ଆନନ୍ଦ କଣ ସେ ଜାଣେ ନାହିଁ । ଦିନଯାକ ମଇଳା କାମରେ ସଢ଼ି ପଚି, ସନ୍ଧରେ ନୂଆ ହେବାକୁ ତାର ମଡ଼ାବାଟ ଏହି ।

ଶସ୍ତା ବାସ୍ନା ପବନରେ ଉଡ଼ୁଛି ।

ଅନ୍ଧାର ଭିତରେ କଲବଲ ହୋଇ ମଣିଷର ସନ୍ଧାନକ ତୃଷ୍ଣା । ଚାହିଁ ଚାହିଁ ମନ ଚଞ୍ଚଳ ହୁଏ, ପାଦ ଟଳେ ।

ଏମିତ ଗଳିରେ ରଙ୍ଗା ତାଲିମ ହୋଇଛି । ପୁନର କେବଳ ପ୍ରବେଶିକା ।

“ଦେଖୁଚୁ କେତେ ଲୋକ—”ରଙ୍ଗା କହିଲା । “ଚହ୍ନେଇ ଦେବି କିଏ କିଏ ? ଚାଲ୍ ଦେଖିବୁ ।” ଦୁଲୁ ଦୁଲୁ ଛାତି । ଅଜଣା ଆଶଙ୍କା । ପୁନ କହିଲା—

Digitized by srujanika@gmail.com

''ଥାଉ, ବେହେଲ ହ' ନା । ଯିବା ଘରି ।'' ରଙ୍ଗ ବଡ଼ ପାଟି କରି ହସିଲା । କହିଲା–''ଚହଲିଲେ କଣ ଦୋଷ ଅଛି ? ଚାଲ୍‌ନୁ—'' ରଙ୍ଗର ହାତ ଧରି ପୂନ କରକୁ ଟୋପାରିଲା । କହିଲା –''ତୁ ସେମିତି ହ'ନା ।'' କାଲିକାଲେଇ ରଙ୍ଗ ହସିଲା । ପୂନର ଗ୍ଳାନି ଥରିଯାଉଥାଏ । ରଙ୍ଗ ପାଟିରେ ହାତ ମାଡ଼ିଦେଇ କହିଲା —''ଧାଡ଼େଇରି, ଘୋଡ଼ା ପରି ହସୁଚୁ ! ଦେଖୁନୁ ସେଠି କିଏ ସବୁ—''

''କିଏ ସବୁ ତୋ ଗୁରୁଗୋସେଇଁ ! ଆଲୋ ଡର୍ ନାହିଁ ମ, ସେମାନେ ଭଲ ଲୋକ । ଆମ ପରି ଅଛୁଆଁ ନୁହନ୍ତି ।'' ପୂନର ମୁଣ୍ଡ ଥାପଡ଼େଇ, ଆଉଁସି କହିଲା–''କେହି ଖାଇଯିବେ ନାହିଁ ମ, ସମସ୍ତେ ଜଗକାରିଆ । ହାଃ—ହାଃ—ହାଃ—ଦେଖ୍ ସ୍ବାଡ଼୍‌କୁ, ଚଙ୍ଗ ଚଙ୍ଗ ହେଲେଣି । ସକାଳେ ଭିକ ମାଗିଲେ ମୁଠାଏ ଦେବେ ନାହିଁ, ସଞ୍ଜରେ ମଦ ଦୋକାନରେ ପଇସା ଗଉଣିରେ ଅଜାଡ଼ି ଦେବେ । ସେମାନେ ନ ଦେଲେ ଆଉ କିଏ ଦବ ? ଖାଲି ମଇଲା ଘାଣି ଘାଣି ତୁ ପଇସା କମେଇବୁ ଯେ, ସେଥିରେ ଲୁଗାପଟା ହବ, ଅଲଙ୍କାର ହବ, ସବୁ ହବ ? ଘରେ ଜାତ ନାହିଁ ମ, ତୁ ଗ୍ଳାନିଆଁ ହଉଚୁ କାହିଁକି ?–''

ଭିଡ଼ ଓଟାରି ହୋଇ ପୂନ ଦୂରକୁ ପଳେଇଲାଣି । ସାଙ୍ଗୀମାନେ ଦଉଡ଼ି ଦଉଡ଼ି ପହଞ୍ଚିଗଲେ । ''ହେ ରଙ୍ଗ, ତୋ ଗୋଡ଼ତଳେ ପଡ଼ୁଚି, ତୁ ଯା । ମତେ ଛାଡ଼ି ଦେ, ମୁଁ ଘରକୁ ଯାଏଁ । ମୋ ବୋଉ ଉଠିବଣି—''

''ଆଚ୍ଛା ବୋଉ ! କ ଲୋ ଦନେ ତ ବାହାରିଚୁ, ଅଧାବାଟରେ ବୋଉକୁ ଡକାପାରୁଚୁ କାହିଁକି ଭଲା ! ହଉ, ଆଉ କିଛି କହିବ ନାହିଁ । ଚାଲ୍ ବୁଲିଯିବା ।''

ଟଗି କହିଲା—''ରଙ୍ଗ କଥା ଶୁଣି ତୁ ଚିଡ଼ୁଚୁ ? ହେଲେ, ଏ ରଙ୍ଗ ପାଟିକି ବାଡ଼ ବତା ନାହିଁ । ତୁ ମୋ ସାଙ୍ଗରେ ଆ—''

''ହଁ ଲୋ, କଅଁଳକନ୍ଧି, ତୁ ଖରି ଭଲଟାଏ !'' ରଙ୍ଗ କହିଲା–''ଅମଣିଆଁ ବଳଦକୁ ମଣ କରିବ ନାହିଁ ? ପାଚକ ପଡ଼ିବ ? ହେଇ ପୂନ, ତୁ ଶୁଣ୍ ମୋ କଥା । ବୋଉ ମୁହଁକୁ ଅନେଇ ବସିଥିଲେ, ବସିଥିବୁ । ନାକକୁ ନୋଲକ, କାନକୁ ଝୁମ୍କା ଝରି, ଦେହକୁ ଭଲ ଖାଇବା, ଭଲ ପିନ୍ଧିବା—କୋଉଠୁ ଆସିବ ଏ ସବୁ ?''

''ପୁଣି କହିଲୁ—''ପୂନ ବିକଳ ହେଲା ।

''ଅଇଗ୍ଲା ମୁଁ କହୁଚି, ପଛେ ତୁ ମତେ କହିବୁ । ଦେଖ୍‌ତା ଦେଖି, ପକା ବାଜା—''

Digitized by srujanika@gmail.com

ଟଣ୍ଟି କହିଲା—"ରଙ୍ଗର ଝିଅ ବୁଝି, ବାର ବଳଦ ପଟେ ।"

"ତୋର ଆଦୌ ଅଛି କି ? ବୁଝି ନ କଲେ କିଏ କର ଧରି ଦବ ? ଆମ ସାହା ଆମେ ନିଜେ । କାହାକେ ମାରି, କାହାକେ ତାଡ଼ି, କାହାକେ ଘର ଦୁଆର କରି । ଆ ପୁନି, ଇଆଡ଼େ ଯିବା । ଦେଖିଲୁ, ଯୋଡ଼ ଧାଉଳିଆ କେତେ—"

ଟଣ୍ଟି କହିଲା—"ଭଲ କାଠ ।"

"ହଁ, ଭଲ କାଠ ।" ରଂଗ ହୋ ହୋ ହସିଲା । "ଭଲ କାଠ ଦେଖିଲେ ଆଗ ତା କାଠ ବୁଡ଼େଇବାକୁ ମନ ହୁଏ । ତୋ ମନ ହଉନାହିଁ ? କାଠ—ଥୂଃ ! କାଠ ମୁଣ୍ଡରେ ଗୋଡ଼ ଥୋଇବୁ, ଚାଲ୍ ଯିବୁ ।"

"ଯେତ୍, ହେରେସୀଟା" ଟଣ୍ଟି କହିଲା । "ତାଲିମ୍ କରିବୁ କଣ ନା ଭଡ଼ିକେଇବୁ— !"

"ହଉ, ହଉ, ଥଏ ଧର୍ ।"

ଏହି—ମଦ ଦୋକାନ । ବାଡରେ ଆଲୁଅ ପାଖେ ପୋତକ ବେଢ଼ିଲା ପରି ଲାଗିଛି ଗହଳି । ଗଡ଼ାଗଡ଼ି ଧରାଧରି । ଗାଳି ଫଇକଲ୍ଲ । ଆଲୁଅ ବାଲୁଅ ହୋଇ ମେଞ୍ଚା ମେଞ୍ଚା ମଣିଷ ।

ଏହି—ମଦ ଦୋକାନ । ଦିନସାରାର ରୋଜଗାର ଝାଡ଼ିଝୁଡ଼ି ଦେଇ ଢୋକେ ପିଇଦେଇ, ହୋସ୍ ବୁଡ଼େଇ ହୁଏ । ଆଶାଭଂଗ ବାସ୍ତବ ଜୀବନକୁ ପିନ୍ଧାଲୁଗା ପରି କରକୁ ଫୋପାଡ଼ି ଦେଇ କାଳ୍ପନିକ ଧାରଣାରେ ବଞ୍ଚି ହୁଏ । ନିର୍ଦ୍ଧନ ମହାଜନ ପରି କଥା କହେ । ହୀନବଳ ବାହାସ୍ଫୋଟ ମାରେ । ନଏନ୍କୋରର ଅସନା କାଦୁଅରେ ଶୋଇ ରହି ଖ୍ୱବହୁଏ, ଦୋମହଲା ଉପରର ଜୀବନ । ଲୁଖୁରା ମୁଣ୍ଡର ମନ ତୁଷ୍ଟି ପାଇଁ ବଡ଼ଲୋକ ଦୁନିଆ ମଦ ଦୋକାନର ବିଧାନ ଦେଇଛି । ସବୁ ହିତ ପାଇଁ ।

ରଙ୍ଗ କହିଲା—"ଦେଖୁଚୁ ? ଯିବା ଚାଲ୍ ।"

ପୁନି କହିଲା—"ଫେରିଯିବା ଚାଲ୍ ।"

ଟଣ୍ଟି କହିଲା—"ଆମେ ଅଛୁ, ତୁ ଯା ରଙ୍ଗ; ଚଞ୍ଚଳ ଆସିବୁ ।"

ରଙ୍ଗ ଚାଲିଗଲା । ଓଁଟାରି ହୋଇ ଗଲା ପରି ଧାଇଁଛି ସେ । ପୁନି କହିଲା—"ଆମେ ଆଉ ଏଠିଟାରେ କାହିଁକି ବସିଥିବା ଟଣ୍ଟି ? ଚାଲ୍ ଘରକୁ ଯିବା—"

ଟଣ୍ଟି ଅନ୍ୟମନସ୍କ ହୋଇ କହୁଥାଏ—"ଦେଖ୍, କେମିତି ହଉଚନ୍ତି ସେଗୁଡ଼ାକ—ବାହା ବାହା, ବାହା ବାହା; ସ୍ୱାଦ ନାଁ ସେ ମଦ ! ଆମେ ଟିକିଏ

Digitized by srujanika@gmail.com

ଅଳ୍ପଅଳ୍ପ ବାହାରରେ ଅରକ୍ଷା ଆସି ସେଇଥିବେ ।" ଟୋକ କଥା ଶୁଣୁ ନାହିଁ । ଏକା ଦୃଷ୍ଟିରେ ସେଠଆଡ଼େ ଅନେଇଛୁ । "ହେଇ ଦେଖ୍—ଦେଖ୍ ଲେ—।" ଟୋକର ମନ ସେଇଠି ଲାଗିଛୁ ।

ସେଠି ପାଗଳାମି ଘୋଟିଛୁ । ଜଣେ ପିଇବପିଲେ ଚହଳ ପକେଇ ସମସ୍ତେ ତା ଉପରକୁ ମାଡ଼ ଯାଉଛନ୍ତି । ମାମୁଁ—ବାପା—ମଉସା—ଶଳା—ସବୁ ସମ୍ବନ୍ଧ ଭୁଲାଭୋଳ । ଅତନ୍ଦ୍ରା, ତନ୍ଦ୍ରା ହୋଇଛନ୍ତି । ଏକାଠି ବୃଦ୍ଧ ପଣ, ଧସ୍ତପସ୍ତ ହୋଇ ଅନ୍ଧକାରେ ଗଡ଼ିବାକୁ ପଡ଼ିବ । ବାରମ୍ବାର ମଦ ଠେକ ପାଖେ ମଣିଷପଣିଆର ପରୀକ୍ଷା ହୋଇ ବାରମ୍ବାର ସେ ଲୁଣ୍ଠିତ ପଡ଼ୁଛୁ । ସ୍ୱାର୍ଥ ହିତକ ପାଇଁ ସେ ପର ଉପରେ ହାମ ମାରେ । ସ୍ୱାର୍ଥ ସରିଗଲେ ଧଏ ମଦଘଡ଼ାକୁ ଗଡେଇ । ବାରମ୍ବାର ଆପଣାକୁ ଜାଗ କରୁଛୁ ଘ ଗୋଡ଼ିଆ ପଶୁ । ତାର ଖୋଲା ଗ୍ଳାଳ, ଅଶ୍ଳୀଳ ଆଖି । ତାର ଭିତର ଚକ୍କାର, ଅନ୍ଧାର ବିକଟାଳ ଖେଳ । କେବଳ ମଦ, ମାଇକନା, ପେଟ । ତାର ସ୍ୱତର୍ଣ୍ଣ ସଜେଇବା ପାଇଁ ମଦଦୋକାନ ବସା ହୋଇଛି ଠିକଣା ଜାଗାରେ । ହାଉ ହାଉ ଲାଗିଛୁ ।

"ଟୋକ—"

"ତାଙ୍କର କାଳନ୍ତ ହଉଚ୍ଚ ? ସ୍କୁଲ୍ ଭିତରକୁ ଯିବା; ରାତି କେତେଠି ଲାଗିଲାଣି—"

"ଅଉ ପାଟକୁ ଚାଲୁ ! ସ୍କୁଲ୍ ଘରକୁ ଯିବା ।"

"ସେ ନ ଆଇଲେ ନାଇଁ । ଆମେ ଗଲେ କଣ ମନା ଅଛୁ ?"

ପୂନ ହସିଲା । କହିଲା—"ପଇସା ଖଲଖଲ ହଉଥିବ କେତେ !"

"ପଇସା କଣ ହବ ଲୋ ? ପିଣିପେ ଦେବେ, ଆମେ ମାଇପେ ନବୁଁ । ଆଲୋ ଓଲି, ଦ ଜଣ ମଦୁଆଙ୍କ ଅଣ୍ଟା ଦବାଣ୍ଡିଲେ ପଇସା ହୋଇଗଲା ।"

"ମଦୁଆ ଜୁଣ୍ଟେଇ ଧଇଲେ ?"

"କଣ ହୋଇଯିବ ? ଦେହଟା ଛୁଣ୍ଡିଯିବ ନା ଭାଙ୍ଗିଯିବ ? ଫାଙ୍କୁଲି ହଉଚ୍ଚ ! ଆ—"

ପୂନ ଟୋକ ସଙ୍ଗେ ଝିଙ୍କା ଓଟରା ହେଉ ହେଉ ଟୋକ ଫିଟି ଗ୍ଲାଡ଼ିଗଲା । ଏକୁଟିଆ ପୂନ ଅନ୍ଧାରରେ ଠିଆ ହୋଇ ଦେଖୁଛୁ । ଟୋକକୁ ଘେରଗଲେଣି, ମଦ ପେଇ ଦେଉଛନ୍ତି, ଶୁନ୍ୟେ ଶୁନ୍ୟେ ଟେକି ନେଉଛନ୍ତି । ଟୋକ ଡରୁ ନାହିଁ, ଓଲଟି ହସୁଚ, ପାଟି କରୁଚ, ଫୁଲକମ ହେଇ ନାଚୁଚ । ଟୋକ ଅସମ୍ଭାଳ ହେଲାଣି । ଟୋକ ଆଉ ଦିଶୁ ନାହିଁ ।

Digitized by srujanika@gmail.com

ପୂଜା ଅଭୁଛ । ଚଞ୍ଚଳ ମନ । ମଦ ପିଇ ନାହିଁ, ନିଶା ଧରୁଛ । ମନେ ପଡ଼ୁ ଛନ୍ତି, ବୋଉ—ଅଘୋରବାବୁ—ସନ୍ଧ୍ୟା—। ଟଙ୍କା ପଇରେ ଧ୍ୟାନ ପାଉନି ନାହିଁ । ବାଟବଣା ହୋଇ ପରି ପାଦ ପଡ଼ୁଗଲା କୁଆଡ଼େ କୁଆଡ଼େ । ସୁଦୂରଆଡ଼େ ଅନ୍ଧାର ।

ଆଉ ରାସ୍ତାରେ କଜଳମତୀ ଘର ପଡ଼ିବ । କଜଳମତୀ ତାଙ୍କୁ ଭଲପାଏ । ଗାଢ ଅନ୍ଧାର । ଦୂରରେ ଚକ୍ରା କାଚ ଲାଗିହୋଇ ଅଛି କଳ ପରି ମୁନିସିପାଲ୍ଟିର ଲଣ୍ଠଣ । ଅନ୍ଧାର ବହଳ ହୋଇଛି । କଜଳମତୀର ମାଟିଘର କାନ୍ଥରେ ଲାମ୍ପାପାଖେ ଅଗ୍ନେ ଚୂନ ଲେସା ହୋଇଛି । ଧୂଇଁ ଧୂଇଁ ଦିଶୁଛି । ଦୁଆରମୁହଁରେ ଚୁଡ଼ିଆଣୀପରି ମେଞ୍ଚା ହୋଇ ବସିରହିଛି କଜଳମତୀ । କଳା ଅନ୍ଧାର ପୁଳାଏ ହଲିଗଲା ।

"ହଇ ଲୋ ପୂଜା—"

ଚହଲି ହେଉ ନାହିଁ । ବେଣୀ ପକେଇଚ, ଅଳଙ୍କାର ଓହଳେଇଚ, ଫୁଲ ଗୁନ୍ଥେଇଚ । କଜଳମତୀ ତୁଣ୍ଡରୁ ହାଲୁକା ମଦ ବାସ୍ନା । ଦୁଇ ବାହା ଧରି ଭିତରକୁ ଓଟାରି ନେଇଗଲା ।

"ହଇଲେ ପୂଜା, ବାଟକୁ ଅନେଇଁ କାହା ପାଇଁ ବସିଥିଲି ମୁଁ ; ତୁ ଆଇଲୁ ! କାଉ ବୋବାଉଚ ଲୋ, କାଉ ବୋବାଉଚ—"

"ସଞ୍ଜରେ କୋଉଠୁ କାଉ ବୋବେଇଲା ବା ?"

"ନଇଲେ କୋଇଲି ବୋବାଉଚ ଲୋ ! ତୁ ଆଇଲୁ, ଆ, ଆ—"

ରନ୍ଧାଘରୁ ମାଉଁସ ବାସୁଚ । "କି ଲୋ କଜଳମତୀ, ଶାଗୁଆଡ ଜଣିଚୁ; କଏ କୁଣିଆଁ ଆସିବ କି ଲୋ ?" କଜଳମତୀ ଆଖିପି ପକାଉଚ । "କୁଣିଆଁ ଆଉ କଏ ? ତୁଇ ମୋ କୁଣିଆଁ ଲୋ । ଆ, ଆଗ ଖାଇ ଦେ ଦିଟା । ସୁଖିବୁ ଆ—"

"ମଲା, ଖାଇବ କିଣ ମ, ବୋଉ ଏକୁଟିଆ ଥିବ—"

"ଇଲେ, କୋଉ ବୋଉ କାହାର, କୋଉ ବାପା କାହାର ଲୋ ? ଆମ୍ଭାକୁଣଲେ ସବସିଦ୍ଧି । ଦନସାକ ଖଟଣି, ଖପ୍ପ, ଧୂଳି । ସଞ୍ଜରେ ଟିକିଏ ମଦ-ମାଉଁସ ଖାଇବାକୁ; କିଣ ନା ବୋଉ ଆକଟିଚ ! ଆ, ତୁ ସୁଖିବୁ ଆ—"

କଜଳମତୀ ଟାଣୁଛି ।

Digitized by srujanika@gmail.com

ସୃର ଦଉଡ଼ କଟ କଟ ଡାକୁଛୁ ।

କଏ କୁଆଡ଼େ ଅଛୁ ?—କେହି ନାହିଁ ।

କେଡ଼େ ସୁନ୍ଦର ଏ ଘର ! କାନ୍ଥଯାକ ଛବିମୟ, ପାନ ଦୋକାନଠୁଁ ବଳି । ଥାକକୁ ଥାକ ବୋତଲ । ଅଲଗୁଣିରୁ ଧାଡ଼ି ଲମ୍ବିଛି ଭଲ ଲୁଗା ।

ଭଲ ଘର । ଭଲ ଖାଦ୍ୟ । ବାସ୍ନା ମାଂସ ।

ନରମ ଶେଯ ।

"ପିଇଦେ, ପିଇଦେ । ଭଲ ଜିନିଷ ।"

"ଶୋଇପଡ଼ । ତତେ ନିଦ ମାଡ଼ୁଚି । ଖୁବ ନିଦ ଝାଙ୍କୁଚି । ହେଇତ ପଗ୍, ଆଖି ଘୋଡ଼େଇ ହୋଇ ପଡ଼ିଲଣି । ଶୋଇପଡ଼ । ତୋ'ର ଘର ମ—"

ଦୁନିଆଁ ଜଳିଉଠୁଛି ।

ଦୁନିଆଁ ଦୋହଲୁଛି । ଉପ୍‌ଚୁମ୍ ଚଢ଼ିହି ଯାଉଛି ଦେହଯାକ ।

ସୃର ଦଉଡ଼ କଟିଛି ।

କଏ ସବୁ ଆସିଲେ । ଜୋତା ଶବ୍ଦ ହେଉଛି । ଝସ ଝସ ଛାମିଳ । କଣ ଶୁଣି, କଣ ଦେଖି ମନଟା ନଟେଇ ହେଉଛି । ଘରେ ଆଲୁଅ ଜଳୁଛି । କଜଳମତୀ ହସୁଛି । ମୁଣ୍ଡକୁ କୋଡ଼ରେ ଧରି ଟେକି ଦେଉଚି । କଅଁଳେଇ ଦାଉଚି । ମୁହଁପାଖେ ବୋତଲ ଟେକି ଧରିଚି । "ପିଇ ଦେ, ଆଉ ଟୋକେ ତ ! ଦେ ବଳଦ ଟାଣି ଟୁଣି, ଆଉ ନ ଥିବ ଦୋହରି ପାଣି । ଦେ ପିଇ ଦେ—" ଆହୁର ନିଆଁ । ମୁହଁରେ, ମୁଣ୍ଡରେ । ରକ୍ତଯାକ ଆଉଟା ନିଆଁ । ନଳଟଣଟା ନାଚୁଚି । କଜଳମତୀ ନାଚୁଚି । କେତେ ଲୋକ ନାଚୁଚନ୍ତି । ପାଖକୁ ପାଖ ଘଷି ହୋଇ ଆସୁଚି କେତେ ମୁହଁ । କଜଳମତୀ ଦେହ ଉପରେ କଣ ଛୁଟିଦେଲ, ମାଳ ମାଳ ଫୁଲ ଲମ୍ବେଇଦେଲ । ନରମ ବିଛଣା ଧୀରେ ଧୀରେ ଦବି ଦବି ଯାଉଚି କେଉଁ ପାତାଳକୁ । ଆଲୁଅ ଲିଭି ଯାଉଚି ।

ଏହି ଅଘୋରବାବୁ—ତାର ଦୁଇ ବାହାରେ ବନ୍ଧା—ଏହି ଦୁନିଆ—ଏହି ମୁଠା ଭିତରେ ତାର ସ୍ୱପ୍ନ—ଜାତି ନାହିଁ, ଅଜାତି ନାହିଁ, ବଡ଼ ବାଡ଼ ନାହିଁ । ସବୁ ବସ୍ତୁତ ।

କେତେ ବେଳ ମନେ ନାହିଁ । କଜଳମତୀ ହଲେଇ ହଲେଇ ଉଠେଇ ଦେଲ । କହିଲ—"ଉଠ୍, ଘରକୁ ଯିବୁ ।"

Digitized by srujanika@gmail.com

ଚଞ୍ଚଳ ଚଞ୍ଚଳ ବେଶ ବଦଳେଇ ଦେଉଚ, ତରତର ହେଉଚ । "ସ୍କୁଲ୍, ମୁଁ ସାଙ୍ଗରେ ଯିବ ।"

ପାଦ ଟଳୁଥାଏ । ସେମିତ ଅନ୍ଧାର ରାତ । ସବୁ ଝଷ୍ଟଲ୍ ପଡ଼ିଗଲାଣି । କୁକୁର ଭୁକୁଛନ୍ତି । କାହିଁ ଅଘୋର ? କାହିଁ ସନଆ ? ସେମିତ ଫାଙ୍କା ଫମ୍ପା ରାତଟାଏ, ଜୀବନର ଅଗଣିତ ରାତ ପରି ।

କାବା ଲାଗୁଚ । ଛିଗ୍ର ଦେଲା ପରି କଜଲମଣି । ଚକ୍ଷୁରେ ଫୁଲ, ମୁହଁରେ ମଦ । ସୁ'ଜଣିଏ ଧରେଇଦେଲା । ବୋଉକୁ କହିବୁ ନାହିଁ । ପଚାରିଲେ କହିବୁ— ଜାମ କରି କରି ମୁଣ୍ଡ ବଥେଇଥିଲା ଯେ, ପଢ଼ାଶାଘର ପିଣ୍ଡାରେ ଶୋଇ ପଡ଼ିଥିଲା । ଫେର୍ କାଲିକ ଆସିବୁ, ମୁଁ ଯାଉଚ ଏଁ ?—"

ଦୁଆରମୁହଁରେ ବୋଉ ଶୋଇଚ; ଝିଙ୍ଗିଲା । ଜେମା କରି ଲେଉଟେଇଲା । ଅନ୍ଧାର ଘରେ ଟଳି ଟଳି ପଶି ପୁଣି ବାଉଳା ଧରିଲା । ପୁନି ଶୋଇପଡ଼ିଲା ।

□ □

Digitized by srujanika@gmail.com

ତିରଶ

ଅବିନାଶବାବୁ ଘରକୁ ଆସିଥାନ୍ତି ।

ଚାକର ବାକରଙ୍କ ଡରୁଆ ମୁହଁ । ଦୌଡ଼-ଧାପଡ଼ । ମଝିରେ ମଝିରେ ଗର୍ଜନ—ଅବେ ହରିଆ, ଆବେ ମଧୁଆ ! ଦାଣ୍ଡ ଦୁଆରେ ମଟର ଶବ୍ଦ, ବୈଠକଖାନାରେ ଜନତା । ପ୍ରଚାର କରୁଛି ସେହି କଥା—ଅବିନାଶବାବୁ ଘରକୁ ଆସିଛନ୍ତି ।

ଗୋରା, ସରୁଆ, ଡେଙ୍ଗା ଲୋକଟିଏ । ମୁଣ୍ଡ ଚାମୁକ ଚନ୍ଦା ହେଲଣି, ମୁହଁରେ ତେଜ ଅଛି । ଖାଲି ଦେହରେ ଘଣ୍ଟାଏ କାଳ ତେଲ ମାଲିସ୍ କରୁଥିଲାବେଳେ ଚାକର ଦେଖେ—ଖାଲି ହାଡ଼ କେଇ ଖଣ୍ଡ । ଗରମ ଦିନରେ ବି ଗାଧୋଇବାକୁ ପାଣି ଗରମ ହୁଏ । ଟିକିଏ ଡେରି କଲେ ଚାକର ବୁଝେ, ହାଡ଼ର ବଳ କେତେ । ଯଶୋଦା ବାଁରେଇ ହୋଇ ବଳେଇ ପରି ବୁଲେ । ଭିତରୁ ଗମ୍ଭୀର ଗଳାରେ ବାରମ୍ବାର ଡାକିବା ଆସେ - "ଯଶୋଦା, ଆଇଲୁ—ଯଶୋଦା ଗଲୁ— ।" ଭିତରୁ ଗମ୍ଭୀର ସ୍ୱର ପୃଷ୍ଠରେ ଯେପରି କ ବୁଝେଇ ଦେବାକୁ ଚାହେଁ —ପାଣ୍ଡୁ, ତୁମେ ଯାହିଁ ପାଇଁ ନସର ପସର, ଆମେ ସେ କଥାଟି ଜାଣୁ— ।

ସେହି ବାଜେଣି ଘଣ୍ଟା । ବଡ଼ଘରର ଦୌଲତ ମନ୍ଦିରର ସବୁ ଛକ ସେ ନିୟନ୍ତ୍ରଣ କରେ । ଅବିନାଶବାବୁ ଦାଣ୍ଡଘରେ ବସନ୍ତି । ଟେବୁଲ୍ ଉପରେ ମୁଣ୍ଡ ଝୁଙ୍କି ହୋଇ ରହେ । କାଗଜପତ୍ର ଅର୍ଥ ଉପାର୍ଜନର ଅଜସ୍ର ସମସ୍ୟା । ଘରକୁ ଆସିଲେ ତାର ଯାବତ ଜଞ୍ଜାଳ ଅପେକ୍ଷା କରି ରହିଥାଏ । ଧୀରେ ଧୀରେ କାମ ତାଙ୍କୁ ଗ୍ରାସ କରେ, ହାଡ଼ କେଇ ଖଣ୍ଡ ସ୍ଥିର ହୋଇ ରହେ । ଇଞ୍ଜିନ୍ ଚାଲିଲା ପରି ପାଟିରୁ ସିଗାରେଟ୍ ଧୂଆଁ, ମୁହଁ ମେଘର ।

କଳ ଚଳେଇ ଅର୍ଥ ଉପୁଜାନ୍ତି । ତହିଁରେ ଲାଗି ହେବାକୁ ବେଳ ନାହିଁ, ସୁଯୋଗ ନାହିଁ । ଖାଆନ୍ତି ଖୁବ୍ ଅଳ୍ପ, ପିନ୍ଧିବାରେ ନୂଆ ସୁଖ ନାହିଁ । ପ୍ରତ୍ୟେକ ଅବସ୍ଥିତ କଳର ତାଳରେ କାମ କରି କରି ସୁଖ ଦେଖିବାର ଶକ୍ତି ହରାଇ ସାରିଛନ୍ତି କେଉଁଦିନୁଁ । ଅଭୀଷ୍ଟ କେବଳ ପୋଟିଏ, ସମ୍ପତ୍ତି ବଢ଼ିବ । ସେ ବି ଜଣେ ନୀରବ କର୍ମୀ, ଜଣେ ସ୍ରଷ୍ଟା । ମୁହୂର୍ତ୍ତ ମୁହୂର୍ତ୍ତକର ପ୍ରସବବେଦନାରେ ଜନ୍ମ କରନ୍ତି ପୋଡ଼ା ଇଟା, ଚୂନ, ସିମେଣ୍ଟ । କାଗଜର ନୋଟ୍, ଚଳନ୍ତି ଟଙ୍କା ଏବଂ ସମ୍ପତ୍ତି ।

Digitized by srujanika@gmail.com

ସାଧନାରେ ବସନ୍ତ । ପିଠିଆଡ଼େ ଏଡ଼େ ବଡ଼ ସୁନ୍ଦର କୋଠା । ସେଠି ମାନମୟୀ ବେଶ ପିନ୍ଧି, ବେଶ ବଦଳାଇ ହାର୍ମୋନିଅମ୍ ଖୋଲି ଗୀତ ବୋଲେ । ଅଘୋରବାବୁ ରେଡ଼ିଓ ବଜାଇ ସମ୍ବାଦ ଶୁଣନ୍ତି । ନିଜେ ବଡ଼ଲୋକର ଉଚ୍ଚାଭିଳାଷୀ ହୋଇ, ମନର ଖିଆଲରେ ବନ୍ଧୁମାନଙ୍କ ମେଳରେ ବଖାଣନ୍ତି ସମତାର ମତବାଦ । ସେଠି କ୍ଲବ୍ ଓ ତାସର ସଭ୍ୟ ଆନନ୍ଦ । ତାଙ୍କର ମା ରମା ଆପଣା ସଂସାରର ସବୁ ତୋର ହାତରେ ମୁଠେଇ ଚାବି ଝଣକେଇ ଏ ଘରୁ ସେ ଘର ଭଉଁରି ବୁଲୁକେଇ ବୁଲୁଥାନ୍ତି, ରଡ଼ୁଥାନ୍ତି—"କଲେ, ଯଶୋଦା, କାହିଁକି ମାଣ୍ଡେଇଛୁ—" "ହେ ପୂର୍ଣ୍ଣାସି—"

ଅଘୋରବାବୁ ବସିଥାନ୍ତି । ଆଲୁଅ ଜଳୁଥାଏ । ପଙ୍ଖା ଘୂରୁଥାଏ ।

ଠଣ୍ ।

"ହଜୁର୍—"

"ମାଙ୍କୁ ସଲାମ୍ ଦେଓ— ··· ଆରେ ଯାଉ—ଯା'ତ, ମା'ଙ୍କୁ କହିବୁ ଟିକିଏ ଆସିବେ, କାମ ଅଛି ।"

"ହଜୁର୍— !" ପୋଷାକ ପିନ୍ଧା ମୁଖାମୁହାଁ ଅର୍ଦ୍ଦଳି ତରତର ହୋଇ ଚାଲିଗଲା । ତଳର ଗାଲିଚା ଉପରେ ପାଦର ଶବ୍ଦ ନାହିଁ ।

ପୁଣି ସ୍ପନ୍ଦନ । 'ସେ' ଆସିଲେ । କହିଲେ—"ଡାକୁଥିଲ !" "ହଁ, ବସ ।" ସ୍ତ୍ରୀଙ୍କୁ ମାନି ଚଳିବାକୁ ହୁଏ । ଦୁଇ ସ୍ୱାଧୀନ ମତର ସଂଘର୍ଷ ଲାଗିଲେ ଜିତାପଟ ହୁଏ ରମାଙ୍କର । ସ୍ୱାମୀଙ୍କୁ ଶାସନ କରିବାର ତୃପ୍ତି ଓ ସନ୍ତୋଷରେ ତାଙ୍କର ସ୍ୱାସ୍ଥ୍ୟର ପୁଷ୍ଟି ଘଟେ ।

ବାଁରେଇ ହୋଇ କହିଲେ—"ଶୁଣିଥିବ ତ ଶୈଳେନ୍ଦ୍ରବାବୁଙ୍କ ଝିଅର ବାହାଘର ହେଉଛି ।"

"କଣ ହେଲା ? ନିରୁପମାକୁ ଦେବାକୁ ପଡ଼ିବ କିଛି ଗୋଟାଏ, ଏଇଆ ତ ? ମୁଁ କଣ ସେ କଥା ବନ୍ଦୋବସ୍ତ କରି ନାହିଁ ? ସୁନାରେ ଓଜନର ଡାଇମଣ୍ଡ କାନଫୁଲ, ଆଜିକାଲିକା ଫେସନକୁ ମାନିବ ଖୁବ୍ ସୁନ୍ଦର । ସବୁଦିନେ ନାଉଥିବ ।" ରମା ହସିଲେ । କହିଲେ—"ବସିବ୍ ଦେଇ ଦେଇଛୁ । ସୁନ୍ଦର, ନୂଆ ଡିଜାଇନ୍ ।"

"ନିରୁପମା ବିଷୟରେ ଅଘୋରର କରିଥିଲେ କଣ ମନ୍ଦ ହୋଇଥାନ୍ତା ? କାଣ୍ଡ କାଣ୍ଡ କଲ ନାହିଁ । ଦାମ୍ଭୀ ତୁମେ ।" ରମା ଗମ୍ଭୀର ହୋଇଗଲେ

Digitized by srujanika@gmail.com

କହିଲେ—"ସେ ବିଷୟରେ ତର୍କ ଚଳିବ ନାହିଁ । ହିଁ, ସେମାନଙ୍କର ବୋଧହୁଏ ସେମିତି ଇଚ୍ଛା ଥିଲା । ତୁମେ ତ ହେଣ୍ଡି ମାରିଥାନ୍ତ କାରଣ, ଶୈଳେନ୍ଦ୍ରବାବୁଙ୍କର ତମର କ୍ଷୀର-ନୀର । ଲାଭଟା କଣ ହେଇଥାନ୍ତା ? ପୁଅ ରମେଶ୍ ଥାଉ ଥାଉ, ଶୈଳେନ୍ଦ୍ରବାବୁ ତମ ଘରକୁ ଉଜାଡ଼ି ବୁହାଇ ଦେଇ ନ ଥାନ୍ତେ । ଅଘୋରର ବୟସ ବଳେଇ ଯାଇ ନାହିଁ ।"

"ନିରୂପମାଟି ଭଲ ପିଲାଟିଏ ।"

"ତା ହେଲେ ମୁଁ ଯାଉଛି । ନା ଆଉ କଣ କହିବ ?"

ପର୍ଦ୍ଦା ସେ କରେ ମୁହଁ ଦେଖାଇ ଦେଇ ମାନମୟୀ ପୁଣି ଲୁଚିଗଲେ । ଠିଆ ହୋଇପଡ଼ି ରମା କହିଲେ—"ମୁଁ ଯାଉଚି ।"

"ବସ ଆଉ ଟିକିଏ । ନିରୂପମା ବାହା ହେଇ ଯିବ । ମାନ୍ନ ପାଇଁ ମୁଁ ପାତ୍ର ଠିକଣା କରୁଛି, ତୁମେ ମତ ଦେଲେ ହେଲା ।"

ରମା ହସିଲେ । କହିଲେ—"ସବୁ ଚିଠିରେ ତମର ଗୋଟାଏ ଲେଖାଁ ନୂଆ ପାତ୍ର ଥାଏ ।"

"ନା, ନୂଆ ପାତ୍ର ନୁହେଁ, ଯାହା କଥା ଲେଖିଥିଲି । ଚାକିରି କରେ ।"

"ଚାକିରି କରେ, ଛେନାଗୁଡ଼ କରେ ! ଜମିବାଡ଼ି ଘର ଦୁଆର ନାହିଁ । ଚାକିରି ତାଳଗଛ ଛାଇ । ହଉ, ତୁମେ ବାପା, ତୁମେ କର୍ତ୍ତା । ଝିଅଟାକୁ ଭସେଇ ଦିଅ ଯଦି ଦିଅ । ମୁଁ ଯାଉଛି ।"

"କଣ ତମର ମନରେ ଅଛି କେଜାଣି ! ଝିଅ ବାହାଘର ନାଁ ପଡିଲେ ତମେ ଚିଡ଼ କାହିଁକି ?"

"ଆଛା କଲି, ବେଶ୍ କଲି—" ଗର୍ଜି ଗର୍ଜି ରମା ଚାଲିଗଲେ । ପର୍ଦ୍ଦାବାଟେ ମାନମୟୀ ଦେଖିଲା, ବୋଉ ଆସୁଛି । ଏମିତି ବୋଉ ଦେହକୁ ରାଗ ଚହଟେ । ଭ୍ରୂହୁଁ ଭ୍ରୂହୁଁ ଭିତରେ ଧଳା ଡାଗ ପୂରିଯାଏ ।

ବାପା ବସିଛନ୍ତି । ଜୋର୍‌ରେ ସିଗାରେଟ୍ ଫୁଙ୍କୁଛନ୍ତି । ବାପାଙ୍କର ରାଗ ଏହିପରି; କିନ୍ତୁ ସେଥିରେ କିଛି ଫଳ ନାହିଁ, ବୋଉ ଜାଣିଲା । ସବୁ ଥର ଜିତେ ।

ବାହାଘର । ଶୁଣିବାକୁ ଭଲ ଲାଗେ । ଉପରେ ଉପରେ ସ୍ୱପ୍ନର କଅଁଳ ସରରେ ଭରି ଦେଇ ଦୂରର କୁହୁଡ଼ି ଭିତରକୁ ଭସିଯିବାକୁ । ଦୂରର କାହାଣୀ ସେ । ଶୁଣିବାକୁ ଭଲ ଲାଗେ । ସବୁ ଭର୍ଣ୍ଣ ଭର୍ଣ୍ଣ ଉଡ଼ି ଚାଲିଯାଉଥିବ, ରହିଥିବେ ରକ୍ତମାଂସର ମଣିଷ ।

Digitized by srujanika@gmail.com

ବାପା ବସି ଭାବୁଛନ୍ତି । କରୁଣ ମୂର୍ତ୍ତି । ସମାଧିସ୍ଥ ମନ ।

କଣ ଭାବୁଛନ୍ତି ବାପା ?

ଠିକ୍ ।

"ହଜୁର୍ – "

"ମାଙ୍କୁ ଡାକ ଦେ ।"

"ହଜୁର୍ — !" କେମିତି ନଫର ପଫର ହୋଇ ଅର୍ଦ୍ଦଳି ଛୁଟିଛି । ବାପାଙ୍କ ପ୍ରତି ସମ୍ଭ୍ରମ, ବୋଉ ପ୍ରତି ହିଂସା । ବାପାଙ୍କୁ ଗାଳି କରିଦେବାକୁ ବୋଉକୁ ଖୁସି ଲାଗେ । ମାନମୟୀ ଗଲା । ବୋଉ–ଅର୍ଦ୍ଦଳିକୁ ହୁରୁଡ଼ାଉଛନ୍ତି—"ଯା, ଭାଗ୍ !" "ହଜୁର୍ !"

ବୋଉର ରାଗ ତରଳ ନାହିଁ । ବୋଉ ଦେହରେ ଲଟେଇ ପଡ଼ି ମାନମୟୀ କହିଲା—"ବୋଉ, ମତେ ଭୋକ କଲାଣି ।"

ରାତି ମୋଟେ ଆଠଟା, କିନ୍ତୁ ମାଙ୍କୁ ସ୍ତବ କରିବାକୁ ମନ ଏହା ହିଁ ।

ମୁଣ୍ଡ ଆଉଁସି ରମା କହିଲେ—"ଭୋକ କରିବ ନାହିଁ ! ତୋର ଏବେ କୋଉ ଶିଆଟା ଅଛି ?"

"ବୋଉ, ଦଶଟା ଟଙ୍କା, ମୋ ରାଣଟି ।"

"ଓ, ଏଇଥିପାଇଁ ଏତେ ଅଳି ! ଯା ଯା; ଫୁଲେଇଟା ।"

"ତୁ କଣ ଭାବୁଛୁ ତୋର ପଇସା ପାଇଁ ଆମେ ତତେ ଏତେ ଭଲପାଉ ?"

କାହିଁକି କହିଲା ? କେମିତି କହି ହୋଇଗଲା । ବାଁରେଇ ହୋଇ ବୋଉ ମୁହଁକୁ ଅନେଇ ଦେଖିଲା, ଆଶ୍ଚର୍ଯ୍ୟ ହୋଇ ସେ ବୁଝିଛନ୍ତି । ଅଳି କଲା—"ଦେ, ଦେ— ।"

"ଓହୋ, ଭାଇଠୁ ଶିଖିଚୁ କି ? ଯା ପୁନାଟି ପରା; ପଢ଼େ ନବୁ ।"

ଭାଇର ବହିରୁ ଯୋଧା ଚକ୍ରତା ସବୁଦିନେ ଜଣ୍ଟଲା । ପ୍ରକାଣ୍ଡରେ ସେତିକି ଭାଇକୁ ବୁଝାଇଦେବା ଲାଗି ଭାଇର ବସିବାଘରକୁ ପଶିଗଲା । ହଠାତ୍ ହୋ ହୋ ହସ । ଭୂତ ଦେଖିଲା ପରି ମାନମୟୀ ଦେଖିଲା, ମୁହଁଟିକୁ ଜଳକୁ ପୋଛ, କୋଡ଼ରେ ଟୋପିଟି ଧରି, ସୁଟ୍ ପିନ୍ଧି, ଝାଳେଇ ବସିଛି ଯେ; ସେହି ସେ ନୂଆ ହାକିମ । ଯେ ଡ଼ାଚଢ଼ା ଶିଖିବାକୁ ଏହି ଟୋଟକୁ ଆସେ । ମା ଲୋ—ଏହି କଣ ସେ !

Digitized by srujanika@gmail.com

ପଦାକୁ ଗ୍ଲଲ୍ ଆସିଲା, ଅପେକ୍ଷା କଲା । ମନେ ମନେ ଭାବିନେଲା, କେମିତି ଘୋଡ଼ାର ବେକକୁ କୁଣ୍ଢେଇ ଧରି, ସେ ଘୋଡ଼ାର କଦମ୍ ଦୌଡ଼ା ଚାଳିଯାଏ । ଭିତରୁ ବାରମ୍ବାର ହସ ଶୁଭୁଛି । ଝଙ୍କଝଙ୍କ ଖୁର ଧାର ପରି କଥାର ମର୍ମ ଛଭ ହୋଇ ଝଲସୁଛି । ଆଉ, ସୁରବାବୁ ଓ ଦଳ ହସରେ ହସରେ ତାକୁ ହାଣି ସାରିଲେଣି ।

ଖଟ୍ ଖଟ୍ ଜୋତା ଶବ୍ଦ । ଅତିଥି ବିଦାୟ ହେଲା ।

ଆଉ ସେ ଆସିବ ନାହିଁ ଝଚର୍ । ଗୋଟାଏ ସୂର୍ଯ୍ୟ ଅସ୍ତ ହେଲା ।

ଦୀର୍ଘଶ୍ୱାସ ଛାଡ଼ି ମାନମୟୀ ଲେଉଟିଗଲା ତାର ହାମୌଜିସ୍ଥମ୍ ପାଖକୁ ।

□ □

ଏକତିରିଶ

ଏ କଣ ହେଉଛି ? ଅନ୍ଧାର ସେ କରେ, ସବୁ ଗାରଟିଏ ପରି ଉଠି ଆସୁଛି ଟିକଏ କ୍ଷୀଣ ଜହ୍ନ । ଝୋପେଡ଼ିଘରେ କଏ ଚୁଲି ଫୁଙ୍କୁଛି । କେଉଁ ପହରର ଶୀତଳିଆ ପାଉଁଶ ତଳୁ ଝିକିମିକି କରୁଛି ରଡ଼ ନିଆଁ ଟିକଏ । ଫୁଙ୍କ୍—ଫୁଙ୍କ୍—ଆହୁରି ଫୁଙ୍କ୍—ଯଶୋଦା ଭୁଟୁରୁ ଭୁଟୁରୁ ହେଉଥାଏ । ଫୁଙ୍କ୍, ଜଳିଉଠୁ—ଆହୁରି ଫୁଙ୍କ୍ ।

ଏଇ ନିଆଁ ଦୁନିଆଯାକ ଚହଟିଯିବ--ଝୋପେଡ଼ିଘର ଆଲୁଅ ହେବ ସମସ୍ତିଙ୍କ ପାଇଁ—ଆଖିକି ଦିଶିବ ଥାକ ଥାକ ହୋଇ ଖାଦ୍ୟପଦାର୍ଥ ସଜା ହୋଇ ରହିଛି, ଶିକାରେ ଝୁଲୁଛି । ଟୋକେଇ, ବାଉଁଶିଆ ସବୁ ଭର୍ତ୍ତି । ତେବେ ଅଭାବ କଣ ? ଚୁଲି ଜାଳ, ହାଣ୍ଡି ବସା, ରାନ୍ଧ, ଖାଅ—ସମସ୍ତିଙ୍କ ପାଇଁ ମୁଠିଏ ମୁଠିଏ—ଏଇ ଦୁନିଆ ଗୋଟାଏ ବଡ଼ ଝୋପେଡ଼ିଘର । ଫୁଙ୍କ୍—ଫୁଙ୍କ୍—ଗ୍ରୁଡ ଉପରେ ବସି, ଜହ୍ନକୁ ଦେଖି ତାଳିମାରି ଯଶୋଦା ହସୁଥାଏ ।

ଏଇ ସ୍ଥିର ସ୍ରୋତରେ ତାର ସାଇତି ସନ୍ତାଳିଥିବା ମନର ତଳଟା ତଳ ଉପର ହୋଇ ଆଉଣ୍ଡି ହୋଇଯାଏ । ପାହାଡ଼ୀ ଯଶୋଦା ମିଛିମିଛିକିଆ ପାଗଳ ହୁଏ ।

ଅନେଇଁ ଅନେଇଁ ଭାବନା ବଦଳିଗଲା । ପରିଷ୍କାର ହୋଇ ନିଆଁଟା ଉଠିଗଲାଣି । କାହିଁ ଝୋପେଡ଼ିଘର, କାହିଁ ଦୁନିଆର ଭଣ୍ଡାର ! ମନଇଚ୍ଛା ରାନ୍ଧି, ପେଟପୂରି ଖାଇବାକୁ ଭାତ ଗଣ୍ଡିଏ—କାହିଁ କଣ ? ଚଉଦିଗ ଫାଙ୍କା । ନଇ ସେପାରି ଅନ୍ଧାରି ତୋଟା ଉହାଡ଼ରୁ ଚଉଠିର ଜହ୍ନଟା ଉଠୁଛି । ଦେହ ଶିର୍ ଶିର୍ ହେଉଛି । ବକା ପରି ବୁଝିଲାବେଳକୁ ବୃଥା ଭୟ ।

ଝୋପଘର ନୁହେଁ, ରୁଚ୍ଛା ମଶାଣିଟାଏ । କଏ କାଠ ଲଦି ଦେଇ ଘୂଇ ଲଗେଇଛି । ଧୀରେ ଧୀରେ ଜଳିଉଠୁଛି । ଉପାସୀ ଦୁନିଆର ଚୁଲିଜଳା ନୁହେଁ, ନିଷ୍ଠୁର ବିଧାତାର ଘୂଇଜଳା । ହେଇ, ତାର ଆପଣା ଭିତରେ କେଉଁଠି ନିଆଁ ଲାଗିଛି । ଏମିତି ସବୁ ଜଳିପୋଡ଼ି ଯିବ, କାଠ ପରି ତାର ହାଡ଼, ପାଳ ପରି ତାର ବାଳ । ଶ୍ମଶାନର ନିଆଁ ଲାଗିଛି, ଦୁନିଆ ପୋଡ଼ୁଛି—କରୁଣ ହୋଇ ଯଶୋଦା ବୁଝିଥାଏ ।

କୋଡ଼ର କ୍ଷୀରଖିଆ ଛୁଆ– ଘରସଂସାର – ଜଳ, ସବୁ ଜଳ । ଭାତ ଗଣ୍ଡେ ମାଗିଥିଲି—ବଡଲୋକଙ୍କ ଦୁନିଆର ଗୋଡ଼ତଳେ କାନ୍ଦ ବସେଇ ବସିବା ମ,ନିଆଁ ବକଟେ ଜାଗା – ହେଇ, ମଶାଣି ଜଳୁଛି ନଇ ସେପାରି ।

Digitized by srujanika@gmail.com

ଖାଇବାକୁ ମାଗିଥିଲ—ଖା, ପେଟପୁରା ଖା ମାଟି, ପାଉଁଶ—ଜଳ—ପୋଡ଼—ଠୋ ଠୋ ଫୁଟ୍—ଭିକାରୀ ହୋଇ ନେହୁର ହେଉଥିଲ, ସୁଖ ଟିକିଏ ପାଇଁ—ସହରକୁ ଧାଇଁ ଆସିଥିଲ—ଜଳ, ହାଉ ହାଉ—।

ଧୀରେ ଧୀରେ ଆଉ ଆଉ ହୋଇ ଯଶୋଦା କାନ୍ଦୁଥାଏ, ମୁଣ୍ଡକୁ ଝାଙ୍କୁଥାଏ; ଦେଖୁଥାଏ, ତାର ଗଢ଼ବର ଦୁନିଆ ଜଳିଯାଉଛି । ଆପଣାର ସଂସାର କରୁ କରୁ ତର୍ପଣ କରୁଥାଏ ।

ସେକରେ ପେଗ୍ଗି ଦଣ୍ଟା ବୋବାବୋବି ହେଲେ । ଲଗିଲା—ଠିକ୍ ଯେମିତି ମୁଣ୍ଡ ଉପରେ ।

"ମଲା, କି ଅଲକ୍ଷଣା ଜୀବଗୁଡ଼ାକ ମ ! ହେ ଡାଆଣୀ ପେଗ୍ଗି, ଗ୍ୱକ୍, ଗ୍ୱକ୍—"

ଯଶୋଦାର ଶୋଇବା ବେଳ ହେଲା । କାନ୍ଥ ପାଖଦେଇ ସେଇଠି ସେ ଶୁଏ ।

ମାନମୟୀ ପଦାକୁ ଅନେଇଛି । ସୁଖର ପ୍ରତିମୂର୍ତ୍ତି ଭିତରେ ଉତ୍ତେଜନାର ରଶ୍ମି ପରି ଜହ୍ନରାତି ଖୋଲିଛି ଖୁବ୍ ଭଲ । ଖାଲି ଛବି, ଗୀତ ଓ ଆନନ୍ଦ । ଜହ୍ନ ଉଠିଲାବେଳ ତାକୁ ଖୁବ୍ ଭଲ ଲାଗେ । ମନେପଡ଼େ କେତେ ଥର ଏମିତି ଦୃଶ୍ୟ ସେ ସିନେମାରେ ଦେଖିଛି । ସବୁ ସେମିତି ଅଛି, କେବଳ ଚକୁଆ ଚକି ନାହାନ୍ତି କି ଝୁର ହେଉ ନାହାନ୍ତି । ଦୂର ବଂଶୀର ଆଳାପ ପରି ସୁନ୍ଦର ରାତି । ସତକୁ ସତ ଦୂର କୋଠାରୁ ବେଳେ ବେଳେ ଗୋଟାଏ ମୁହଁବଂଶୀ ବଂଶୀ ଥର ଥର କାନ୍ଦେ । ସେ ବି ଶୁଭେ । ପ୍ରତ୍ୟେକ ଇନ୍ଦ୍ରିୟ ବାଟେ ସେ ଜହ୍ନରାତିକୁ ଗ୍ରହଣ କରିପାରେ । ଭାବେ, ନୂଆ ନୂଆ ସୁଖ ।

ଗ୍ୱମୀ ଗ୍ୱକିରିଆ ବର-ପାତ୍ର ଯାଉଛି, ସେ ଥିଲା ଗୋଟାଏ ଲୋକହସା । ସୁରବାବୁ ଲୋକହସା ନୁହେଁ । ଗ୍ୱକିରିଆ ନୁହେଁ ସେ; କିନ୍ତୁ ଅବିନାଶବାବୁଙ୍କ ଜୋଇଁ ପାଇଁ କେବଳ ଇଚ୍ଛାକଲେ ସବୁ ଆଇନ କୋହଳ ହୋଇପାରେ । ବଡ଼ ଗ୍ୱକିର ଆଖି ପିଛଡ଼ାକେ । ଭବିଷ୍ୟତ ଗଢ଼ିବା ବିଷୟରେ ଶୈଳେନ୍ଦ୍ର ଅବିନାଶ ସମାଜର ଟିଅ ଦୈବକୁ ଅପେକ୍ଷା କରେ ନାହିଁ । ବନ୍ଧୁ-ସମ୍ବନ୍ଧୀ-ଜୋଇଁ ପୁରୁଷ ଛନ୍ଦାଛନ୍ଦ ହୋଇ ଶାସନକଳ ତା'ର ହାତ ମୁଠାରେ । ମନ କଲେ ପୁରୁଣା ଆଇନ୍ ସଙ୍ଗରେ ଗ୍ୱର୍ଗି ସକାଳକୁ ନୂଆ ଆଇନ୍ ତିଆରି ହୋଇ ଛପା ସରିଥାଏ । ସେହି ଗ୍ୱକିରିଆ ପାତ୍ରର ସାଜସଜ୍ଜା ସବୁ ସୁରବାବୁଙ୍କ ପିନ୍ଧାଇ, ମାନମୟୀ ନୂତନ ଛନ୍ଦରେ କଳ୍ପନା ଯୋଖୁଥାଏ—ସୁରବାବୁ ଶାସକ ହୋଇଚାଲନ୍ତି । ପ୍ରଚୁର ଯୋଗ୍ୟତା—ସେ ତାର ସ୍ୱାମୀ,

Digitized by srujanika@gmail.com

ଅବିନାଶବାବୁଙ୍କ କୋଠି । ସେଇ ନୂଆ ରୂପରେ ତାଙ୍କୁ ଧ୍ୟାନ କରିବାକୁ ଆଜି ଭଲ ଲାଗୁଛି । କାଳିକନ୍ଥା ତଳେ ଦିଗ୍‌ବଳୟ ପ୍ରଶାନ୍ତ ହୋଇ ଖୋଲିଛି ତା'ର ବନ୍ଦନା ପାଇଁ ।

ଅବିନାଶବାବୁଙ୍କ ସ୍ତ୍ରୀ ରମା ଜହ୍ନକୁ ଦେଖୁଥାନ୍ତି । ଘରଆଡ଼େ ଶାନ୍ତ ସମୃଦ୍ଧି, ଅବିକଳ ତାଙ୍କର ଜୀବନ ପରି । ଘୃତ ଝୋଳ ସାରିଲେ ହାକୁଟି ଉଠିଲା ପରି, ଧନଯାଜକର ଆନନ୍ଦର ଅନୁଭୂତ ଭୋଗ କରିସାରି ପଦାକୁ ବୃହିଁଲାବେଳକୁ ତୃପ୍ତିର ଗୋଟାଏ ଅଜଣା ପ୍ରକାଶ ଆପଣା ବ୍ୟକ୍ତିତ୍ୱରୁ ବାହାରି ପଦାରେ ବହେଇ ହୋଇପଡ଼େ । ସାରା ଦୁନିଆ ଶାନ୍ତିରସରେ ଜୁଡ଼ୁବୁଡ଼ୁ ।

ସୁନା ମଥାମଣିପରି ଜହ୍ନ, ମେଘାମ୍ବରୀ ଶାଢ଼ୀ ପରି ଭୂଇଁ ଉପରର ଆକାଶ । ହୀରା ପରି ତରାଟଫୁଲର ଫୁଲ-ଗୁଙ୍ଗୁଡ଼ି ସଜାଇ କିଏ ଯାଉଛି ଦେଇଁ ପୂଜା । ଗୋଟାଏ ପୁରୁଣା ଶସ୍ତା ଉପମା । ଶସ୍ତା କିନ୍ତୁ କଦା, ଖାନଦାନୀ, ସୁନା ହୀରା ରୂପ-ଭେଦକର । ଶସ୍ତା ଉପମା । ସାରା ପ୍ରକୃତିକୁ ଏମିତି ରୂପକ କରି ଦେଇ, ଆପଣାର ପ୍ରିୟ ଅଳଙ୍କାର ଖଞ୍ଜିଦେଇ, ଫ୍ରେମ୍‌ରେ ବାନ୍ଧି ଘର କାନ୍ଥରେ ଲଟକେଇ ଦେବାକୁ ଇଚ୍ଛା ହୁଏ; ଅଥବା ଭଲ୍ଟରେ ଜୋସେ ବୁଣି ଥୋଇଦେବାକୁ;—ପ୍ରଦର୍ଶନୀକୁ ଯିବା ଭଳି ।

ହୃଦୟ ଉଛୁଳେଇ ଭକ୍ତି ଆସିଲା । ଗଦ୍‌ଗଦ ହୋଇ ରମା ଠାକୁରଙ୍କୁ ଦଣ୍ଡବତ କଲେ, ଡୋଲା ଟେକିଲେ, ମୁଣ୍ଡକୁ ଝରକାର ଚୌକାଠରେ ଲଗାଇଲେ । ଦୀର୍ଘଶ୍ୱାସ ସମ୍ବଳିତ ପ୍ରଣିପାତରେ ପ୍ରାଣର ଉଚ୍ଛ୍ୱାସ ଢାଳିଦେଇ ସ୍ତୁତି କଲେ, ଆହୁରି ସମ୍ପତ୍ତି ବଢ଼ୁ, ସବୁ ବେପାରରେ ସିଦ୍ଧି ମିଳୁ, ମାନମର୍ଯ୍ୟାଦା ଭଲ ଘର ପାଉ ଯେଉଁଠି ପ୍ରଚୁର ସମ୍ପତ୍ତି, ମାଟି, ଇଟା, ରୂପା, କାଗଜ ସବୁ । ଅଘୋର ବର୍ଷା ହେଲେ ସେଇ ଜାତିର ସମ୍ପତ୍ତି ଆସୁ, ଇଟା ଉପରେ ଇଟା, ମାଟି ଉପରେ ମାଟି, ସମ୍ପତ୍ତି ବଢ଼ୁ, ସିଞ୍ଚିରହୁ ।

ମୁହଁ ଟେକି ଭକ୍ତିବିହ୍ୱଳ ଆଖିରେ ଚହଟି ଗ୍ରହକୁ ଅନାଇ ଦେଲାବେଳକୁ ସେଠି କଳ୍ପିତ ଦେବତାର ରୂପ ସତେ କି ଦିଗ୍‌ବଳୟ ଆବୋରି ଧରି ଅଷ୍ଟଧାତୁର ମୂର୍ତ୍ତି । ସେଥିରେ ସୁନା, ପ୍ଲାଟିନମ୍‌, ରୁପା, ହୀରା, ଜହରତ୍‌ । ତାର ଇଟା ଚୂନର ମୂଳଦୁଆ, ସିମେଣ୍ଟର ଆସ୍ଥାନ, ଶଙ୍ଖ ମଲମଲ ଗାଧ । ତା'ର ହାତରେ ସେଇ ତରାଜୁ ମାପିଚୁପି ସମ୍ପଦ ଅଜାଡ଼ିବାକୁ । ପିଠିଆଡ଼େ ବଟଣ ମେଘର ଧଡ଼ିରେ ଧଡ଼ିରେ ଅଙ୍କିତ ହୋଇଛି ଆକାଶଛୁଆଁ କଲକବ୍‌ଜାର ସହର । ଉଚ୍ଚ ଚିମ୍‌ନିରେ ଧୂଆଁ ଉଠୁଛି ବ୍ୟୋମଲୋକକୁ ।

ହୃଦୟର ଦେବତା ମୁରୁକିହସା ଦେଉଛି, ବାଞ୍ଛା ପୂର୍ଣ୍ଣ ହେବ ।

ଓଃ, କି ସ୍ୱପ୍ନ—ଆକାଶଯାକ ଝାଲି ସୁନା ଜହରତ୍‌—ମୋତିମାଣିକ୍ୟ ।

□ □

Digitized by srujanika@gmail.com

ବତିଶ

ସନିଆର ପାଦ ପବନରେ । ପୂନି ତା'ର ।

ତାହାର ସେ ଥିଲି, ତାହାର ହୋଇଛି । ମଝିରେ ପୂନିବୋଉ ବାଡ଼ ପକେଇଥିଲା ଖାଲି ସରଗ କରିବାକୁ । ପୂନି ବାଡ଼ ଡେଇଁଛି, ସନିଆର ସୋଗ ବାଡ଼ ଟପିଛି । ଉବେଇ ଟୁବେଇ ମନରେ ପାଞ୍ଚିବସିଲି, କଣ ସେ କରିବ, ଯହିଁରେ ତା ମନର ଆନନ୍ଦ ଧାର ପାଇ ଗଡ଼ିଯିବ କଳ୍ପନାର ଗହ୍ୱରେ ଗହ୍ୱରେ ।

ସେହି ଦିନ ତ—ମଇଳାଗାଡ଼ି ଆଗରେ ଥୋଇ ପୂନିକୁ ସେ ଉଡ଼େଇ ନେଇ ଯାଇଥିଲି ସର୍ବସାଧାରଣ ପାଇଖାନା ଆଡ଼କୁ । ଗନ୍ଧ ଆଉ ମାଛି । ଆଖପାଖରେ ସଣର ସଣର ହୋଇ ନିଆଁଶାରେ ଥୋମଣୀକୁ ଟେକି ଧୂଆଁସ୍ୱାଦ ନେଉଛି ଆସୁଥିଲି । ପାଖର ମଇଳାପାଣି ଗାତ ଭିତରେ କାଦୁଅରେ ଜଡ଼ ବୁଡ଼ ହୋଇ ଅଣ୍ଟାଏଯାକେ ପାଣିରେ ବସିପଡ଼ିଥିଲି ଧେଡ଼ କୁତାଟିଏ । ସେଠି କୋଇଲି ବୋବେଇ ନାହିଁ, ଫୁରଣାକୁଳିଆ ବାଉଁଶବଣରୁ ଭାସି ଆସିନାହିଁ କବିକାନିଆଁ ଛନ୍ଦ ।

କେବଳ ସେ ଆଉ ପୂନି ।

ମୁଣ୍ଡକୁ ପାଗଲାମି ଚଢ଼ିଥିଲି, ପୂନି ତାର ।

କଣ ତାଠୁଁ ସେ ପାଇବାକୁ ଆଶା କରେ ? ସେ ଗୋଟାଏ କିଛି ଜିନିଷ ନୁହେଁ ।

କେବଳ ଦେହ ନୁହେଁ କି ମନ ନୁହେଁ କି ସ୍ମୃତି ନୁହେଁ; ଅଥଚ ସବୁ ।

ଗୋଟାପୂରା ଗିଳିପକେଇବାକୁ ମନ ହୁଏ । ତାର ଆପଣା ବାହାରେ ପୂନିର ସତ୍ତା ରହିନ୍ତା ନାହିଁ; କିନ୍ତୁ ସେତିକି ହେଲେ ବି ଶାନ୍ତି ନାହିଁ । ସେ ପୂନିକୁ ଏକାସଙ୍ଗେ ଚାହେଁ ଭିତରେ, ବାହାରେ । ନିଜର ଆବଶ୍ୟକତା କଳିପାରେ ନାହିଁ ।

ନେଇ ନେଇ ମନ ପୂରେ ନାହିଁ, ଦେବାକୁ ମନ ହୁଏ । ସେତିକି ପ୍ରତିକ୍ରିୟା ବିନା ତାର ବ୍ୟକ୍ତିତ୍ୱ ଅସ୍ୱୀକାର କରେ ଯେ, ଅନୁଭୂତି ଗ୍ରହଣ କରିବାକୁ ତାର ଦେହ ବା ମନ ଅକ୍ଷମ । ଯେଉଁ ଆନନ୍ଦର ଜନ୍ମ ନେବା କାର୍ଯ୍ୟରୁ ସେହି ବୃଦ୍ଧିହୋଇ ରହିଥିବା ଆନନ୍ଦକୁ ପ୍ରକାଶ କରିବାକୁ ସନିଆକୁ ଦରଶେ ଗୋଟାଏ ବାଟ—ଦେବା; ପୂନିକୁ ଦେଇ ଦେଇ ନିଜକୁ ଉଜାଡ଼ିଦେବା । କଣ ଦେଇ ସେ

Digitized by srujanika@gmail.com

ଖୁସି ହେବ ? ତାର ବୁଦ୍ଧି ପାଏ ନାହିଁ । ମୂଲିଆ ମୁଣ୍ଡ, ଆୟ ଅତି ସାମାନ୍ୟ । ଝୁଲୁଣିପରି ଜଳା ତାର ଘରକରଣାଯାକ । ଅଣ୍ଟାରେ ଗେଞ୍ଜିଲେ ବି ଝୁଣ୍ଟୁରୁ ଝୁଣ୍ଟୁରୁ ହୋଇ ଲୁଆଡ଼େ ଉଡ଼ି ଖସିଯାଏ, ରୋକି ହୁଏ ନାହିଁ; କିନ୍ତୁ ପ୍ରାଣରେ ଉସ୍ତ ଖୋଲିଛି । ଯେଉଁପରି ହେଉ ସେ କମେଇବ, ପୁଅ ପାଖେ ଅଜାଡ଼ି ଦେବ; କି ଉପାୟରେ ? ହାତରେ ଗାଲ ଥୋଇ ବସି ଭାବେ, ଉତ୍ତର ପାଏ ନାହିଁ ।

ସେ ବୟସ ଭିନ୍ନେ । ଯେତେବେଳେ ରାସ୍ତାରୁ ପୁଅ ପାଇଁ ରଙ୍ଗ କାଚ, ଭଙ୍ଗା ଚିନାବାସନର ଖପରା ଗୋଟାଏ ଗୋଟାଏ ବନଯାକର ଫେରା ଦେହରେ ମରୁଥିଲା, ଆଉ ସେଥିରେ ପୁଅ ଖୁସି ହେବ ନାହିଁ । ସିନେମା ବିଜ୍ଞାପନ ବାଣ୍ଟି ବୁଲୁଥିବା ବାଜାବଜା ଗାଡ଼ି ପଛେ ପଛେ ଧାଇଁ ଅନ୍ୟାନ୍ୟ ପିଲାଙ୍କ ହାତରୁ ଲୁଟିନେଇ, ଖଣ୍ଡେ ନାଲି କାଗଜ ପୁଅ ହାତକୁ ବଢ଼େଇ ଦେଉଥିଲେ ପୁଅର ମନ ଭୁଣ୍ଡେ ମୋଟ ହେଉଥିଲା, ଆଉ ତା ହେବ ନାହିଁ । ଧୂଳିଖେଳ ବୟସର ଉପାୟ ସେହି ରାସ୍ତା ଧୂଳିରେ ହିଁ ପଛେଇ ଯାଇ ପଡ଼ିଛି । ମନକୁ ତୃପ୍ତି ଦେଉ ନାହିଁ ।

ସନିଆର ଦରକାର, ଅନ୍ୟମାନେ ଯେପରି ସ୍ତ୍ରୀଲୋକର ଦେହକୁ ସଜାନ୍ତି, ସେହିପରି ସେ ପୁଅକୁ ସଜେଇବ; ଅନ୍ୟମାନଙ୍କ ପରି ନିଜେ ବେଶ ହେବ, ସେମିତି ସେ ମଉଜ କରିବ । ସେଥିପାଇଁ ଆଦର୍ଶ ଭୂରିଆଡ଼େ । ନାକଧରପୁର ମେହେନ୍ତ୍ରର ସାହିର ସମାଜଠୁଁ ଆଭିଜାତ୍ୟ ଯାକେ । ନଈ କୂଳରେ ହାଓ୍ୱା ଖାଇ ଲୋକେ, ବାଇସ୍କୋପ୍ ଓ ପ୍ରଦର୍ଶନୀର ମଣିଷ ଏବଂ ଆତୁର ସେହିମାନେ, ଯେଉଁମାନେ ଆପଣା ସଂସାର ସାମ୍ନାରେ ସୃଷ୍ଟିବାଦର ପରିଚୟପତ୍ର ପରି ଦୁଆର ଖୋଲି ରାସ୍ତାକୁ ଅନେଇ ଠିଆ ହୋଇଥାନ୍ତି । ସବୁ ନକଲ କରିବାକୁ ପ୍ରାଣ ଡାକେ; କିନ୍ତୁ ମନ ଯେତେ ଅମଡ଼ା ମାଡ଼ିଲେ ବି ସନିଆଁ ଝୁଣ୍ଟିହୁଏ—ପଇସା ନାହିଁ । ସବୁଥିକି ପଇସା ଦରକାର ।

ଅର୍ଜନ କରିବାକୁ ଏକମାତ୍ର ସଙ୍କୀର୍ଣ୍ଣ ଗଳି; ମଇଲାଗାଡ଼ି-ଟଣା ।

ବୋଉ ନାହିଁ ।

ତାର ବି ଆଶା ଥିଲା, ସନିଆ ମଣିଷ ହେବ ।

ସାହି ପାଖେ ଗୋଟିଏ ଇସ୍କୁଲ, ଭେଦାକରି ଛୁଆଁ ଶ୍ରେଣୀର ମଜୁରିଆ-ମାନେ ବସେଇଥିଲେ ତାଙ୍କ ପିଲାଙ୍କ ପାଇଁ । ସନିଆର ବୋଉ ରୋଗରେ ଥୁରୁ ଥୁରୁ ଅକାଳେ ବୁଢ଼ୀ । ମାଷ୍ଟରଙ୍କ ଆଗେ ଭୂଇଁରେ ମୁଣ୍ଡ କୋଡ଼ି କୋଡ଼ି କେତେ ଜୁହାର କରି କଥା ଛୁଣ୍ଡେଇଲା, ଇସ୍କୁଲ ଦାଣ୍ଡାରେ ପିଣ୍ଡାତଳେ ବସି ତା ପୁଅଟି ପାଠ ପଢ଼ିବ । ସେମିତି ସେ ମଣିଷ ହେବ ।

Digitized by srujanika@gmail.com

ସତରେ ଦିନେ ସନିଆକୁ ଡାକେଇଲି, ମୁଢ଼ିମୁଆଁ ଟିଏ ହାତରେ ଧରେଇ ଦେଇ, ପାଠ ପଢ଼ିବାକୁ ବସେଇ ଦେଇ ଆସିଥିଲି । ଆଶାରେ ଜକଜକ ଦିଶିଥିଲା ତାର ଦିନ ଗଣୁଥିବା ମୁହଁର ଝୋଲପା । ପୁଅ ପାଠ ପଢ଼ିବ, ମଣିଷ ହେବ । ଦିନାକେତେ ସନିଆ ଯାଉଥିଲା କେବଳ ମୁଢ଼ି-ମୁଆଁ ଆଶାରେ ।

ସେଇଠି ଓଳିତଳେ ବସି ମନଇଚ୍ଛା ଝଡ଼ରେ ଗାଉଏ । ଘର ଭିତରେ ପିଲାଏ ପଢୁଥାନ୍ତି । ସନିଆର ମା ସାନ୍ତ୍ୱନା ପାଏ । ଏଥିକି ବଦଳରେ ସନିଆକୁ କାମ କରିବାକୁ ପଡ଼େ । ସେ ପିଣ୍ଡା ଲିପେ, ପିଲାଏ ଝାଡ଼ାଫେରି ଦେଲେ ସଫା କରେ, ଅନ୍ୟମାନେ ଖାଇଥିବା ଚିନାବାଦାମ ଚୋପା ଅଣ୍ଡିରେ ପୁରେଇ ଘରକୁ ଲେଉଟେ । ବେଶି ଦିନ ଚାଲିପାରିଲା ନାହିଁ । ଦିନେ ସନିଆର ମା ଆବିଷ୍କାର କଲା, ପାଠପଢ଼ି ଯିବା ପୁଅର ଗୋଟାଏ ପଢଆସ୍ୱ । ମୁଢ଼ିମୁଆଁର ଆକାର ଆଙ୍କିବା ଛଡ଼ା ଆଉ ସେ କିଛି ଜାଣେ ନାହିଁ । ସନିଆର ପାଠ ଶେଷ ହୋଇଥିଲା । ଆଜି ଭାବିଲେ ହସ ମାଡ଼େ ।

ବରଗଛ ଗୁଡ଼ିରେ ବସିଥାଏ, ଝାଲ ମାରୁଥାଏ । ନଈବାଲିକୁ ଅନେଇଁ ଥାଏ । ଗୋଟାଏ କିଛି କରିବ ବୋଲି ପାଞ୍ଚ ପାଞ୍ଚ ଚିନ୍ତା ଚହଲି ଯାଉଥାଏ ଖୋଲା ଆଖିର ସାଧ ରଙ୍ଗ ନିଦ୍ରାରେ । ସେହି ସଡ଼କରେ କୁକୁରଧରା ଗାଡ଼ି ଠେଲି ଠେଲି ଜଣେ ଲୋକ ଯାଉଛି । ଜାଠଜାଠିକା ହୀନବଳ ଓ ଘାଉଡ଼ା କୁକୁର ଜିଭ ଲହ ଲହ କରି ହାତଭରା ଦେଇ ବସିଛନ୍ତି, ସ୍ୱର୍ଗକୁ ଯିବା ପାଇଁ ତପସ୍ୟା କଲାପରି । ସେହି ଦୃଶ୍ୟ ସନିଆ ମନକୁ ଉଚିତ ଉପାଦାନ । କେତେ କୁକୁର ଚିହ୍ନା ପରି ଜଣାପଡ଼ୁଥାନ୍ତି । କିଏ କୁକୁଡ଼ା ଖାଏ, କିଏ ଘରେ ପଶେ, କାହାକୁ ଦେଖିଲେ ସମସ୍ତେ କାମୁଡ଼ି ଗୋଡ଼ାନ୍ତି । ଚିହ୍ନାଅଚିହ୍ନା ଗୁଳିଛନ୍ତି ସମସ୍ତେ । ଗାଡ଼ି ଗୁଳିଗଲା । ଅନେଇଁ ଅନେଇଁ ହଠାତ୍ ଗୋଟାଏ ଧାରଣା ପଶିଗଲା ମନରେ । ସନିଆ ଠିଆହୋଇ ପଡ଼ିଲା ।

ଗାଡ଼ି ନାହିଁ, ବାଡ଼ି ଅଛି । ବଡ଼ ସହର ଢେଙ୍ଗୁରା ଦେଇଥିଲା, କୁକୁର ମାରିଲେ ପଇସା ମିଳିବ । ବଞ୍ଚିବା ପାଇଁ ଦାବୀ କରିବାକୁ ବେକରେ ଯାହାର ତମ୍ବା ଟିକଟ୍ ନାହିଁ, ଯାହାର ବଳ ନାହିଁ, ଓ୍ୱାରିସ୍ ନାହିଁ, ରକ୍ଷକ ନାହିଁ, କେହି ନାହିଁ; ସହରର ବିବେଚନା ଯେ ସେ ଜନସ୍ୱାସ୍ଥ୍ୟ ବାଧା ହେବ । ସେ ବିପଦ, ତାକୁ ମାରି ପକେଇବାକୁ ପଡ଼ିବ । ପ୍ରତିବର୍ଷ ଏହିଦିନେ ତାଙ୍କର କାଳ ପୂରେ । କିଏ ଫାଶରେ ଧରେ, ଗାଡ଼ିରେ ଭର୍ତ୍ତି କରେ, ବିଷ ଦେଇ ମାରେ । କିଏ ଆସେ ସାହେବ ଟୋପି ମୁଣ୍ଡରେ ଦେଇ, ବନ୍ଧୁକ ଫୁଟେଇ ପଟାଳି ପରି ଶୁଆଇପକାଏ; କିନ୍ତୁ ହାଡ଼ ବୁଲେ ତଡ଼ା ଧରି । ଶୋଇ ଶୋଇ ଧକେଇ ହେଉଥିବା କୁକୁର ମୁଣ୍ଡରେ ଛପି ଛପି ଆସି

Digitized by srujanika@gmail.com

ପାହାରେ ପକାଏ । ଘରରେ ବୋହି ନେଇଯାଏ ଲାସ୍ ଦେଖାଇ ପଇସା ପାଇବାକୁ । ସମସ୍ତେ ଜାଣନ୍ତି । ସମସ୍ତିଙ୍କର ରୁଚ ହୁଏ ନାହିଁ । ସନିଆ କେବେ କରି ନାହିଁ; କାରଣ, ସନିଆ କେବେ ଭାବି ନ ଥିଲା ଯେ ତାର ଉପୁରି ପଇସା ଦରକାର ।

ପୁରୁଷର ମନରେ ସ୍ତ୍ରୀର ପ୍ରଭାବ ପଡ଼ି ସୃଷ୍ଟି କଲା ଆଦମ କାଳର ଅସ୍ଥିରତା । ସନିଆ ପ୍ରସ୍ତୁତ ହେଲା । ପଡ଼ଶା ଘରର ହତା ଦୁଆର ମୁହଁରେ ଅର୍ଗଲ କରିବା ପାଇଁ ଭଲ ତଡ଼ା ଖଣ୍ଡିଏ ଅଛି । ଦ ପହର ବେଳ । ପଡ଼ଶା ଘର କାମରୁ ଫେରି ଶୋଇଛନ୍ତି । ତଡ଼ା ଖଣ୍ଡ ଓଟାରି ନେଇ ସନିଆ ବାହାରି ଗଲା । ଘୁଇ ଲେଉଟାଣି ଆଗରୁ ଯୋଡ଼ାଙ୍କୁ ନିଃଶେଷ କଲେ ସଞ୍ଜ ଆଗରୁ କାଲେ ଉପୁରି ପଇସା ମିଳିଯିବ, ତା ପରେ ସେ ପୁନି ପାଖକୁ ଖାଲି ହାତରେ ଯିବ ନାହିଁ ।

କୁକୁର ବୁଲୁଛନ୍ତି, କୁକୁର ଶୋଇଛନ୍ତି । ହେଙ୍କଲା କୁକୁର, ଘାଦୁଆ, ଘାଉଡ଼ା କୁକୁର । ଅଣ୍ଟା ପିଠି ଲଗିଯାଉଛି କାହାରି, ଦୁସୁରୁଥିବା ସରୁଆ ଲାଙ୍ଗୁଡ଼ଟିକୁ ଉପରକୁ ଟେକିବାକୁ ଉତ୍ସାହ ନାହିଁ । ବଦା କାଠି ପରି ଗ୍ରନ୍ଥିହାଡ଼ ଗଣି ହେଉଛି । କୁତି କାଦୁଅରେ ଶୋଇଛି, ପଲେ ଛୁଆ ରଟ ରଟ କରି ଦୁଧ ଖାଉଛନ୍ତି, ବୁଢ଼ୀ କେବଳ ଦାନ୍ତ ଦେଖୋଉଛି । ପଛରେ ନାଲିଆ ରକ୍ତପିଣ୍ଡୁଳା ଓହଳୁଛି, ପ୍ରାଣର ବାଧାରେ ରୋଗିଣୀ କୁତି ଦଉଡ଼ୁଛି । ତାହା ପଛେ ପଛେ ପାଞ୍ଚ ସାତଟା କୁକୁର ଦୌଡ଼ୁଛନ୍ତି, କଜିଆ କରୁଛନ୍ତି । ବେକରେ ହାତ ଥୋଇ ଦେଇ, ଥୋମଣିକୁ ଥୋମଣି ଯୋଡ଼ି ଦେଇ ପରସ୍ପରଙ୍କ ଦାନ୍ତର ଧାର ପରଖ କରୁଛନ୍ତି । ଜିଭ ଓହଳେଇ 'ଉହୁଁ ଉହୁଁ' କହି କହି, ରୋଗର ବୁକୁଳା ଝୁଲେଇ କୁତି ପଲୋଉଛି । ଯେଝା ଯେଝାର ଚିନ୍ତା, ଯେଝା ଯେଝାର ଦୁଃଖର ବୋଝ । ସହରରେ ଲୋକ ଘାଲୁବାଲୁ ହେଉଛନ୍ତି । ଚୂନ ପଲସ୍ତରା କରା କୋଠା ଅଧ ଦର୍ପରେ ମୁଣ୍ଡ ଟେକ ରହିଛି । ମେହେନ୍ତର ବସ୍ତି ଖାଇ ଖାଇକା ଆହୁରି କୋଠା ଗଢ଼ାହେଉଛି, ଲୋକ ଲାଗିଛନ୍ତି ।

କୁକୁରଙ୍କ ଖେଳ ସନିଆକୁ ଭଲ ଲାଗେ । କେଉଁଠି ତାଙ୍କ ସଙ୍ଗେ ସେ ସମତା ପାଏ, ଅନେଇ ରହିବାକୁ କୁତୂହଳ ହୁଏ । ଆପେ ଖାଇସାରିଥିବା ପତର ସେମାନେ ଗ୍ଧଟିବେ ବୋଲି ଆଗ୍ରହରେ ଝାଇଗୁଡ଼ କରିଦେଇ ତାକେ ଚୂ ଚୂ । ସ୍ୱାର୍ଥ ପାଇଁ ଦୁନିଆ ବଦଳିଛି, ସେ ବି ବଦଳିବ । ତଡ଼ା ଉଞ୍ଚେଇ ଧାଇଁଗଲା, କୁକୁର ପଳେଇଲେ ।

ସେଠି ଗୋଟାଏ ବୁଢ଼ା କୁକୁର ଶୋଇଛି । ମୁହଁଟା ଦେଖିଲେ ବିରକ୍ତ ଲାଗେ, ଦେହରେ ରୁମ ନାହିଁ । ଆପଣାର ମୂଢ଼ପଣିଆରେ ଏକବାଜିଆ ହେଉଛି ମା

କୁକୁର । ରଢଏ ହେଲେ ବାଟରୁ ଘୁଞ୍ଚିବ ନାହିଁ, ଗମ୍ଭୀର ହୋଇ ଭୁଙ୍କିବ । ଏହିମାନେ ବେଶି ଶ୍ୱାପଦ, ଚଞ୍ଚଳ ବାସ୍ନା ଛୁଅନ୍ତି । ସମାଜର କଣ୍ଟକ । ସନିଆ 'ବୌନ' କଲା । ଦୁଇ ହାତରେ ତଡ଼ାକୁ ଚାପି ଧରି, ଜବରଦସ୍ତ ପ୍ରହାର ।

ଟ୍ରେଟିଆ କଥା । କୁକୁର ମୁଣ୍ଡରେ ପାହାରେ ବାଡ଼ି । ଗୋଟାଏ ଖତମ୍ । ତା ପରେ ଆଉ ଗୋଟାଏ, ତା ପରେ ଆଉ ଗୋଟାଏ । ଫଟା ମୁଣ୍ଡ, ରକ୍ତ ଝରଝର, ଅବର୍ଜିଆ ମୁହଁ । କାନ ଅତଡ଼ା ପକେଇ ମରଣର ଚିତ୍କାର । ମରୁ ମରୁ ଫାଲେ ଜମି ଚାଷ କରି ପକୋଉଛି, ରକ୍ତ ଚାଟୁଛି । ଆପଣାକୁ ବେଙ୍ଗଲା ପକେଇ ଫୋପାଡ଼ି ଦେଉଛି ମାଟିରେ । ମୁହଁ, ଆଖିରେ ରକ୍ତ ବାଲୁବାଲୁ । ଫଟା ମୁଣ୍ଡ, ଛେଚା କାନ ହୋଇ କାନ୍ଦ କାନ୍ଦ ପଳେଇ ଯାଉଚି କଏ ମୁହଁ ଲୁଚେଇବାକୁ । ରକ୍ତମଖା ତଡ଼ା ହଣ୍ଟେଇ ସନିଆ ଧାଉଁଛି । ପ୍ରଳୟ କଲା । ତାର କୁକୁର ଲାସ୍ ଦରକାର ।

ପିଲାଏ ଜମିଲେ । ସାନ ସାନ ପିଲା ଉତ୍ସାହ ଦେଲେ । ନାନା ଉପଦେଶ ଦେଇ, ଚହଳ ପକେଇ ସାଙ୍ଗେ ସାଙ୍ଗେ ଧାଉଁଲେ । ଆପତ୍ତି କରିବାକୁ ଆସିଲେ ପୁରୁଖା ଲୋକେ । ଅଣ୍ଟାରେ ହାତ ଦେଇ ଦୋହଲି ଦୋହଲି ପ୍ରୌଢ଼ାମାନେ ଗାଳିଦେଲେ, ବୁଢ଼ାମାନେ ପାଖକୁ ଆସିଲେ । ସନିଆ କାନ ଦେଲା ନାହିଁ । ରକ୍ତ ଦେଖି, ଲାସ୍ ଦେଖି ତାର ଉତ୍ସାହ ବଢ଼ି ଯାଇଥାଏ । ତଡ଼ା ହଣ୍ଟେଇ ଖେଦି ଯାଉ ଯାଉ କାନ୍ଧ ଉପରେ ଲୁହା ଆଙ୍କୁଶିରେ ଧରିପକେଇଲା ପରି ଝାଙ୍କିଖାଇ ସନିଆ ଲେଉଟିପଡ଼ି ରାଗରେ ଅନେଇଁଲା । ଝାଳ ବୋହୁଛି । ଝାଳ, ଧୂଳି ଏକାକାର । କାନ୍ଧର ମାଂସପେଶୀ, ହାତର ମାଂସପେଶୀ ଟଣକି ଉଠୁଛି ହତ୍ୟାର ଆନନ୍ଦରେ । କ୍ରୋଧରେ ଅନେଇଦେଲା । ଦେଖିଲା, ଧନୀବୁଢ଼ା ।

"କଣ ହଉଚି ସନିଆ ! କାହିଁକି ନିର୍ଦ୍ଦୋଷଗୁଡ଼ାକୁ ଘୁରେଇ ଘୁରେଇ ମାରୁଚୁ ? ଯାଙ୍କର ଉପରେ ଖରାଟାଯାକ ଝଡ଼େଇ ହବାକୁ ଥିଲା, ହଇ ରେ ? ବନ୍ଦ୍ କର ।"

"କାଇଁ, କୁକୁର ମାରିବାକୁ କୁହାହେଇଚି; ମୁଁ କୁକୁର ମାରୁଚି—"

"ତତେ କିଏ କହିଲା ମାରିବାକୁ ? ଧେଡ଼ ମଢ଼ା, ଯାଙ୍କର ଉପରକୁ ଯଣ୍ଡ ! କଣ କରିବୁ ଏଗୁଡ଼ାକୁ ନେଇ ? ଏମିତି ଠେଙ୍ଗାରେ ପିଟିବାକୁ ତତେ କହିଥିଲେ ?—"

"ଭିକାରି, ଗୋଟାକେତେ ଲାସ୍ ଗୋଟେଇଲେ ଦାଖଲ କରି ପଇସା ପାଇବ । ଗୋଟାକୁ ସୁକାଏ ହେଲେ ଦେଖିଲ, କେତେ ସୁକା ହେଲାଣି—"

Digitized by srujanika@gmail.com

"ପଇସା କମେଇବା ବାଗ ତତେ ଜଣାଅଛୁ ଯାହାହଉ ! ଗୁଣ୍ଡିପୁଅ ଅନ୍ଧା ! ହଉ, ଭଉରୁ କାମ କରିପକେଇଲୁ । ଦେଖିଲୁ, ଲୋକେ ତତେ କଣ ଭାବୁଚନ୍ତି ! ପଇସା ପଇସା ହଉଚୁ ଯେବେ, ଅକଲ ଶିଖିବାକୁ ଆସୁନୁ କାହିଁକି ? ଏମିତ କେତେ ପଇସା କରିବୁ ? ଯାହା ତ କଲୁଣି କଲୁଣି, ଏ ଥର ଯା, କେମିତ ଲସ୍ ଦେଖେଇ ପଇସା ଆଣିବୁ ଆଣ୍; ପଛେ ଆଉ କୁକୁର ମାରିବୁ ।"

ଧଙ୍ଗାବୁଢ଼ା ପିଠି ଆଡ଼େଇ ଦେଇ ଚାଲିଯାଉଛି । ସନିଆର ଉତ୍ସାହ ଥଣ୍ଡା ହୋଇ ଆସିଲା । ଚଢ଼ାଧରା ମୁଠି ହୁଗୁଳା ହୋଇଗଲା । ଏକ, ଦୁଇ, ତିନି, ଚାରି—ସାତଟା ମୂଷା'ର କମେଇଛି । ସ୍ଟାକୁ ବୋହି କରି ସେଠି ଦେଖେଇବାକୁ ନେବା ଓ ବୋହି କରି ସେଠୁ ଫୋପାଡ଼ିବାକୁ ଆଣିବା ପ୍ରକୃତରେ କାଠିକର ପାଠ ! ଅବେଳା ହୋଇଗଲା, ନ ହେଲେ ହେ-ଓଲ ହୋଇଥିଲେ, ମଇଲାଗାଡ଼ି ଫେରେଇ ନେଲାବେଳେ ସେଥିରେ ବୋହେଇ କରି ନେଇ ଯାଇଥାନ୍ତା । ସାତଟା ମଡ଼—ମିଳିପାରେ ସାତସୁକା ପଇସା—!

କନ୍ତୁ—। କ୍ରମେଳ ହୋଇ ତଡାକୁ ଚାହିଁଲା । ସେହି ଖଣ୍ଡିଆ ଖାବଡ଼ା ମଡ଼ଗୁଡ଼ାକୁ ଚାହିଁଲା । ପ୍ରକୃତିସ୍ଥ ହେଲଣି । ଆପଣା କାମରେ ଆଉ ସରାଗ ନାହିଁ । ଗ୍ରୁଇ ଲେଉଟିଲାଣି, ହାଡ଼ସାହିରେ ଲୋକେ ଚଳପ୍ରଚଳ ହେଲେଣି । ଠା ଠା ହୋଇ ପିଲାମାନେ ଠୁଳ ହୋଇଛନ୍ତି । ଅସ୍ୱାସ୍ଥ୍ୟକର କୁତୁହଳରେ ଅପେକ୍ଷା କରିଛନ୍ତି ଆଉ କଣ ହେବ । ଠିକ୍ ଏତକବେଳେ ପରିଷ୍କାର ପରିଚ୍ଛନ୍ନ ହୋଇ, ଛନଛନଆଁ ମୁହଁ କରି ରାସ୍ତାରେ ପୁନି ଚାଲିଆସିଲା । ସନିଆର ଆରିହି ତେଜି-ଉଠିଲା । ଚକ୍କାର କରି ଡାକମାରିଲା, "ପୁନି, ପୁନି, ଆଇଲୁ, ଏଣିକି ଆଇଲୁ—" ପୁନିର ଚାହାଣୀରେ ଅଛି ଧିକ୍କାର । ପଥର ପରି ସମାଲୋଚନାରେ ଟାଣ ତାର ମୁହଁ ।

"ଇହ୍—ଛି—ଥୂ ! କଏ ଏଗୁଡ଼ାକୁ ମାରିଚ ? ଆହା—ସନିଆ ରୁ !"

"ବେଶି ନାହିଁ ଏକା ଏକା ପାହାର, କାନମୁଣ୍ଡା ଦେଖି—" ବାଧା ଦେଇ ପୁନି କହିଲା—"ଥାଉ ଥାଉ, ଭଲ ଶିକାର କରିଚୁ । ରୁ ତୋର ଥା, ମୁଁ ଯାଉଚ—"

"ରହିଥା ପୁନି, ଶୁଣ୍ ଶୁଣ୍ । ଏତକ ବୋହି ନେଇ ଅଫିସରେ ଦେଖେଇଦେଲେ ନଗଦ ସାତ ସୁକା ମିଳିଯିବ ଅଇଗୁ । ଟଙ୍କାଟାଏ ତୋର,

Digitized by srujanika@gmail.com

ବାରଣା ମୋର । ଆଜିଲୁ ଟିକିଏ ହାତ ଲଗେଇ ଦେଲୁ, ଏଗୁଡ଼ା ଏକାଠି କରି ବାନ୍ଧଧବା—"

"ଏଃ, ମୋର ଯାଉଥିଲା—କୁକୁରମରା ପଇସା ଭାଗକରି ଖାଇବାକୁ ଆଉ—"

"ହଉ, ତୁ ହାତ ନ କର, ଲୁଗା ଖରାପ ହୋଇଯିବ । ମତେ ଦୁଇ ଖଣ୍ଡ ମୋଟ ମୋଟ ଦଉଡ଼ି ଆଣି ଦେ; ଏଇ ବାଡ଼ି ଧିଥରେ ଭାର କରି ଲଟକେଇ ନେଇଯିବି—"

"ମୋର ଗରଜ ପଡ଼ିଛି ଲଗିବାକୁ ! ଆଜି ରାତିରେ କୁକୁର ସପନ ଦେଖିବୁ ସନିଆ । ଗୋଡ଼େଇବେ ତତେ କାମୁଡ଼ିବାକୁ । ତତେ କିଏ ଲଗିଥିଲା କି ରେ, ନା ମଦ ପିଇଥିଲୁ ମ ! ଛିଃ—"

"ଶୁଣି ଯା ପୁନି, ହେଇ—।" ଲୋକେ ହସୁଛନ୍ତି । ପୁନି ଚାଲିଯାଉଛି । କାହିଁକି ସେ କୁକୁରଗୁଡ଼ାକ ପିଟି ପକେଇଲା ? ଏଇ ପୁନି ପାଇଁ ତ ! ଏବେ ଓଲୁ ଲୋକଗୁଡ଼ାକ ପାଇଲା ପଇସା ଗୋଡ଼ରେ ଠେଲିଦେବେ, ଯାଚିଲେ ନେବେ ନାହିଁ ।

ମଲା କୁକୁରଗୁଡ଼ାକ ବାଡ଼ିରେ ବାନ୍ଧି, ବୋହି ନେଇ ଚାଲିଲା । ଭାବିଲା, ଏମିତି ଧ୍ୟାନେଇ ହୋଇ ହେବ ନାହିଁ । ପଇସା ଆସୁ, ତା ପରେ । ଦୋହଲି ଦୋହଲି ବୁହାହୋଇ ଚାଲିଛନ୍ତି କୁକୁରଙ୍କ ଶବ । ରକ୍ତ ଜୁଡ଼ୁବୁଡ଼ୁ, ଭଙ୍ଗା ଦଦରା । ଯେ ଦେଖୁଛି, ମୁହଁ ବୁଲେଇ ନେଉଛି । ଅଚିହ୍ନା ଲୋକର ତୁଣ୍ଡରୁ ଛେପ ବୋହୁଛି । ଛିଃ, ଥୁଃ ! ସନିଆର ମନରେ କ୍ଷୋଭ ହେଉଛି—ଆଜି ବୋଲି ସିନା, ନ ହେଲେ ଏମିତି କେବେ ତାକୁ କଷ୍ଟ ଲାଗେ ନାହିଁ । ଆପଣା ଭିତରେ ଯୁକ୍ତି ଗଢ଼ି ଗଢ଼ି ସେ ମନକୁ ଦମ୍ଭ ଦେଲା । ଏହି କୁକୁରମାନେ ବଞ୍ଚିଥିଲେ ହୁଏ ତ ବାଘୁଆ ହୋଇଥାନ୍ତେ, ଲୋକଙ୍କୁ କାମୁଡ଼ିଥାନ୍ତେ । କେଉଁଦିନ କେଉଁ ଗୋଟାକ ତାକୁ ଭୁକିଥିଲା, ତା ଉପରକୁ ଚଢ଼ିକି ଆସିଥିଲା, ଏମାନଙ୍କ ସାଙ୍ଗରେ ସେ ନ ଥିବ । ଦୁର୍ବଳ ଚିନ୍ତା ଉଡ଼ି ଉଡ଼ି ଚାଲିଲା । ସେ ସବୁ ସଂସ୍କାର ତାର ନାହିଁ ।

କ୍ଳାନ୍ତ ଲାଗୁଥାଏ, ବେଳବୁଡ଼ା ପାଖ ହେଲାଣି । ମୁନିସିପାଲିଟି ଘରେ କେହି ନାହାନ୍ତି । ସେମିତି ସେତକ ଲଦିଦେଇ ସନିଆ ଗଲା ବାବୁର ଘରକୁ । ବାବୁ ତ ବାବୁ, ଏକା କଥା ଅଫିସରେ ବା ଘରେ, ତାର ପଇସା ଦରକାର ।

କାମିଜ ପିନ୍ଧି, ମୁଣ୍ଡ କୁଣ୍ଡେଇ, ବାବୁ ବୁଲି ବାହାରୁଛନ୍ତି । ମନ ଖୁସି ଅଛି । ସନିଆର କପାଳ ଖୁବ୍ ତେଜ । "କୁକୁର ମାରି ଆଣିଛି ବାବୁ—"

Digitized by srujanika@gmail.com

"କିଏ ରେ ତୁ— ?" ଉତ୍ସାହରେ ସନିଆ ବର୍ଣ୍ଣନା କରିଗଲା । ନାକକୁ ଟେକି ଖେଙ୍କି ଉଠି, ବାବୁ ଗାଳିଦେଲା । "ଉଠା, ଉଠା—ଶଳା ଘରକୁ ବୋଲି ଆଣିଛି ! ଏଗୁଡ଼ାଙ୍କୁ ଏମିତି ମାରିବାକୁ ତତେ କିଏ କହିଲା ବେ ? – ଯା ଯା, ନେଇ ପଳା ।" " ବାବୁ, ମୋର ପଇସା ?" "ଯା, ଯା, ଦୂର୍ ହ ମୋ ଆଗରୁ, ଶଳା ପାପୀ ! ପଇସା ମୁଁ ଖୋଲି କରି ବସିଛି, ସ୍ତେ କୁକୁର ମାରିବ, ସ୍ତା ମୁହଁରେ ଅଜାଡ଼ି ଦେବି— !"

"ଡେଙ୍ଗୁରା ଦେଇଥିଲି—"

"ଏମିତି ଠେଙ୍ଗାରେ ମାରିବାକୁ କେବେ ଡେଙ୍ଗୁରା ଦେଇ ନ ଥିଲି । ଉଠୋଉଚ୍ ନା ଏ ମଡ଼ ! କିଏ ଧରିବ, ମକଦ୍ଦମା କରିଦେବ; ଶଳା ପାଇଲୁ ! ଶଳାକୁ କୁକୁରବାସ୍ନା ଲାଗିଛି—"

ମୁହଁ ଶୁଖେଇ ପୁଣି ବୋଝ ବୋହି, ଚଝଂ କାଟିଲି । ଲୁଙ୍ଗୁଡ଼େଇ ଲୁଙ୍ଗୁଡ଼େଇ ଉପୁରି ପଇସା କମେଇବା ଉପାୟ ଏ ନୁହେଁ । ଗଲା, ଗୋଟାଏ ଆଶା ଚୂନା ହୋଇଗଲା । ସଞ୍ଜ ହେଉଥାଏ, ବାଲି ଅପନ୍ତ୍ରାରେ ମଲା କୁକୁରଗୁଡ଼ାଙ୍କୁ ଶୁଆଇଦେଇ ଆସିଲା । ଦୁଃଖ କରୁଥାଏ । ଦୁର୍ବଳ ମନରେ ଅନୁଭବ କରୁଥାଏ, ସେ ପାପ କରିଛୁ । ମୋ ପକ୍ଷେ ନାହିଁ ଦୋଷ । ହଉ, ସ୍ତା ପରେ ଧର୍ମାଅଜା ।

Digitized by srujanika@gmail.com

ତେତିଶ

କଜଳମଣି ଘରେ ସେହି ପାଗଳ ଗୁଡ଼ ପରେ, ରଙ୍ଗ, ଝଙ୍କି ପୁନକୁ କୋବଲେଇଥାନ୍ତି । "କାହିଁକି ରହିଲୁ ନାହିଁ, କୁଆଡ଼େ ପଳେଇଲୁ ? ଏମିତି ଯଦି ତୋର ଗୁଡ଼, ତେବେ କି କାମଟା ତୋ ଦେଇ ହବ ଭଲା ଶୁଣେ—"

"ଭଲ କହିଲୁବାଲୀ ରୁ ରଙ୍ଗ ! ଆପେ ତ କୁଆଡ଼େ ନାଶିଲୁ, ଓଲଟି ମତେ କହୁଚୁ କଣ ?"

ରଙ୍ଗ ହସିଲା । କହିଲା—"ରୁ କାହିଁକି ଆଇଲୁ ନାହିଁ ? ଦଦେଇଁ କେଡ଼େ ସୁନ୍ଦର ଏକା ସାଙ୍ଗରେ ନାଶିଥାଆନ୍ତେ ?"

ଝଙ୍କି କହିଲା—"ତତେ ଥା ବୋଲି କହିଲି, ପଳେଇଗଲୁ ! ଏଡ଼େ ଗ୍ଲେପସ୍ଵଟାଏ !"

"ଆଲୋ, ଆମ କଥା ଶୁଣ୍, ମାନ୍ । ଗେଲେରେ ଗେଲେରେ ଦିନ ଚଳିଯାଉଚି, ସକାଳୁ ଉପରଓଳିଯାଏ ଖଦ୍ୟଡ଼ରେ ବୁଲି, ଅପନା କାମ କରିବା କିଛି ସହଜ ନୁହେଁ; ବୁଝିଲୁ—ଖରାରେ ଭଜା ହେବା, ବରଷାରେ ଫଉଲିବା, ଶୀତରେ ଥରିବା । ଦେହକୁ ବାଧିକା ପଡ଼ିବ । ଘୋଳା, ଶନ୍ଧା, ବେମାର । ସେଇଠୁ ଘରେ ପଡ଼ିରହିଲେ ମଜୁରି ମାରି ହେବ । ଦ ଆଡ଼ୁ ସରିଯିବ ।"

"ରୁ କଣ୍ କହୁଚୁ କଣ ?"

"ଟୋପିଏ ଟୋପିଏ ଅଭ୍ୟାସ କର । ତାଜା ରହିବାକୁ ସେଇଆ, ମଜରି ଛଡ଼େଇବାକୁ ସେଇଆ !"

"ମୋର ଯାଉଚି ! ଭଟି ପାଖେ ଧଗପଗି, ଗଡ଼ାଗଡ଼ି । ମା ଲୋ, ମୋ ଧିଅ ଶୀତେଇ ଉଠୁଚି—।"

"ଏମିତି ଧିଅ ଶୀତେଇଲେ କେମିତି ଚଳିବୁ ମ ! ଆଲୋ, ଡରୁଚୁ କାହିଁକି ? ଆମର କଣ ? କି କୁଳ, କି ଥଳ ? ସୁକୁମାରୀ ହେଇ ଘରେ ବସିଥିଲେ କାହାର ଗରଜ ପଡ଼ିଚି ତତେ ଖୋଜିଯିବ ଭାବଚୁ ? ଆଜ ଆସିବୁ ଟି ?"

ପୁନ କହିଲା—"ନାହିଁ ।"

"ମଲି ମୋ, ଫୁଲେଇଟା !"

"କହୁ ଥା—"

Digitized by srujanika@gmail.com

ସେମିତ ରଙ୍ଗ ଫୁସୁଲାଏ, ଝଙ୍କ ଫୁସୁଲାଏ, କଜଳମଣି କାନେ କାନେ ବୁଝାଏ; କିନ୍ତୁ କଜଳମଣି କଥା ଭିନେ । ଏତେ ବର୍ଣ୍ଣନା ଚାଟିଁ ନାହିଁ । ପିଠି ଆଉଁସେ, ମୁଣ୍ଡ ଆଉଁସେ, ଦଏ, ବୁଝାଏ । କହିଲା—"କି ଲୋ, କାମ ସରି ନାହିଁ ? କେତେ ଘାଏଁ ଶୁଖିଲା ଦିଶୁଚୁ ମ ! ଓ ହୋ, କି ଖରା ! ସକାଳୁ କଣ ଖାଇ ଆସିଥିଲୁ ? ଆଜ ଆସିବୁ ଟି ! ଆସିବୁ, ତତେ ମୋ ରାଣ, ମୋ ମୁଣ୍ଡ ଖାଇବୁ । ଆସିବୁ ଟି ?"

ମୁହଁ ରଙ୍ଗା ପଡ଼ିଯାଇ ଝାଳେଇ ଯାଉଚୁ; ତଥାପି ନାହିଁ ପଦ ତୁଣ୍ଡରେ ଆସୁନାହିଁ ।

କଜଳମଣି ତାକୁ ଗୁହିଁଥାଏ । "କାହିଁକି ତତେ ମୁଁ ଏତେ ଭଲ ପାଏଁ କେଜାଣି, ଆଉ ତ କେହି ମୋ ଆଖିରେ ଦିଶନ୍ତି ନାହିଁ ! ଆର ଜନ୍ମରେ ମୋର କଣ ହୋଇଥିଲୁ, ଲୁହେଁ ? ସତ କହିଲୁ, ନାଇଁ ମୋଠିଁ କପଟ କର ନା; ତୋ ମନ ହୁଏ ନାହିଁ କଜଳମଣିକି ଡାକେଁ, ସେ ମୋ ପାଖରେ ଥାଉ, ମୁଁ ତା ପାଖରେ ରହେଁ । ସତ କହିଲୁ ?"

କେମିତ କଅଁଳ ଆଙ୍ଗୁଠିରେ ଚିବୁକକୁ ଆସ୍ତେ ଟେକିଧରେ । ଗେଲ୍ହା କରି କହେ—"କାହା କଥାକୁ କଣ ପାଇବୁ ରୁ ? ଆସିବୁ; ମୋ ରାଣ, ଏଁ ? ମାଉଁସ ତରକାରି, ପରଟା ରଖିଥିବ । ବଡ଼ଲୋକ ଖାନା ଖାଇବାକୁ ଆମର ବି କଣ ପାଟି ନାହିଁ ?"

କାନ ପାଖରେ କହୁଚ—"ଯାଇଥିଲୁ, କଣ ନାକରା ଲାଗିଲା ? ସେଦିନ ସୁକାଏ ଦେଇଥିଲି, ଆଜ ଆଣିବୁ ଆଠଣା, ଆସିବୁ ।"

ସେମିତି କରୁ କରୁ ପଦାକୁ ଯାଇ ଆସି ବାଟ ଗୁହିଁ ଗୁହିଁ କେତେବେଳ ହେଲା, ଅନ୍ଧାର ବଢ଼ୁଥାଏ । ମଦ ପିଇ ନିଶାଖେଳରେ ବାଇ ହୋଇ ସନିଆ ଆସିଲା । ନାଁ ଧରି ଡାକିଲା । କେତେ ପ୍ରକାର କହୁଥାଏ, ଯାହା ସେ କେବେ କହେ ନାହିଁ । ଗୁଞ୍ଜୁଣି ଧରି ଜେମା ତଳକୁ ଓହ୍ଲେଇ ପଡ଼ିଲା । ସେଇଠୁ ଝଟାପଟା । ଜେମାର ଗାଲକୁ ସନିଆର ମଟୁଆ ପାଟି ।

"ମାର୍ ଦଣ୍ଡା; ମାରି, ପିଟି ଡଙ୍ଗ ଦେ, ମୁଁ କଣ ନାହିଁ କରୁଚ ? ଯାହା କରିବୁ କର, ମୋ ପୁଅକୁ ମତେ ଦେଇ ଦେ । ତୋ ଗୋଡ଼ତଳେ ଗଉଚୁ; ହେ ମାଉସୀ—!"

ଲମ୍ବ ହୋଇ ଗଡ଼ିଲାଣି ।

Digitized by srujanika@gmail.com

"ଦେଖୁଚ, ଏ ଚଣ୍ଡାଳପଣାର ଯୋଗ ! କୁଆଡୁ ମଦ ଖାଇ ଆସିବ ମୋର ଦୁଆରେ ଝଗଡ଼େଇ ହବାକୁ ! ହା'ରେ, ଉଠୁନୁ ନା ଢ' ପାହାର ଦେବ, ଦେଖିବୁ ଅଇଛ—"

"ମାର୍, ମାଉସୀ, ତୋ ମନଇଚ୍ଛା କୋର୍, ଖୋବା । ଢ' ପୁଞ୍ଜା କୁକୁର ବାଡେଇଲ ପୁନ ଲଗି ପଇସା କମେଇବ ବୋଲି ଯେ, ହେଲ ନାଇଁ । ଠିକ୍ ହେଇଚ । ମୁଁ ମାଡ ଖାଇବ—"

"ଫେର୍ ନାଁ ଧଇଲୁ ? ଦଉଚ ରହ ଥା—"

ପୁନ ପଦାକୁ ଆସିଲ । ଡାକଲ—"ସନଥା—"

ବକ ବକକା ଧଡ଼ପଡ଼ ହୋଇ ସନଥା ଉଠିଲ । ପୁନ କହଲ—"ଯା, ଘରକୁ ଯା—"

"ସତ କହଲୁ, ଆଗ ପଇସା ଆଣିଲେ, ପଛେ ପୁନ । ମୁଁ ଯାଉଚ—" ମଦୁଆଟା ଗ୍ଲଲଯାଉଛ ।

କେମା ପୁନକୁ କହଲ—"ରୁ ମୁହଁ ଦଉଚୁ, ତୋର ମୁହଁବଢ଼ାରେ— । ହଉ ଲେ ହିଅ । ଆଉ ତ କୋଡର କାଖର ହେଇନଉଁ; ତତେ ବୁଝେଇଲ, ବଚେଇଲ । ମୋ କଥା ନ ମାନଲେ ପଛେ ପାଉଥିବୁ ଯେ—"ପୁନ ଜବାବ ଦେଲ ନାହିଁ, ଛଲ କଲ ।

ମା, ହିଅ ଦୁହେଁ ରୁନଚାନ; କଲ୍ଲ ଘୋର ଅପଡ଼ ହୋଇଯାଇଛ ।

ଟଭ୍ର, ରଙ୍ଗ ଡାକଦେଇ ଫେରଗଲେ । କେମା ଖେର୍କି ଗୋଡ଼େଇଲ । ଆଜ ତାର ମଦ ନାହିଁ, ମନ ଖସ୍ରପ ।

କେତେ ରାତ ହେଲ । ଆକଟିଲ ପର ଦୁଆର ମୁହଁରେ ଶୋଇଛ କଟକଟ୍ କେମା । ଆଖିକ ନଦ ନାହିଁ । ପୁନ କଅଁ ଲେଇ ଡାକଲ—"ବୋଉ—"

"କଣ ?"

"ଆଜ ରୁ କଣାପାଣି ପିଇଲୁ ନାହିଁ, ତତେ ଭଲ ଲଗୁ ନ ଥିବ ।"

"ତୋର କଣ ଯାଉଚ ?"

"ଆଗରୁବ ଗ୍ଲରଣା ପଇସା ଆଣିଥିଲ ଯେ—"

Digitized by srujanika@gmail.com

"ପଇସା – ପଇସା—ଦେ ଆଣ୍ । କଏ ତତେ କହିଲା, ଆଗରୁଁ ଆଣି ଖରଚ କରିଦବାକୁ ? ତୁ ଗୋଟାଏ ମଣିଷ ହେଲୁଣି ପଇସା ସାଇତ ରଖିବାକୁ ! ଦଉଚୁ—"

"ତୁ ଥା ବୋଉ, ମୁଁ ଯାଏଁ କିଣି ଆଣିବି—"

"ନାଇଁ, ସେ ମଦ ଦୋକାନକୁ ପିଲାଲୋକ ଯାଆନ୍ତି ନାହିଁ । ମତେ ଦେ—"

ପଇସା ବଢ଼େଇ ଦେଲା । ଜେମା ଚାଲିଗଲା । ତା ପରେ ପୁଣ କବାଟ କିଲିଦେଲା । ସାହାକୁ ଜା କରି ଲୋଟାଟିଏ ଧରିଲା ; ଡରଡର ହୋଇ ଚାଲିଗଲା କଜଲମତି ଘରକୁ ।

□ □

Digitized by srujanika@gmail.com

ଚଉତିରଣ

ଟାଣ୍ଡୁଆ ମଦରେ ଅଦନିଆ ପେଟ ଫୁଲେଇ ରାତିଯାକ ଘୁଙ୍ଗାଳି ହେଲା ପରେ ସକାଳକୁ ସନିଆ ଉଠିଲା । ନିସ୍ତେଜ ଓ ହତାଶ ଲାଗୁଥାଏ । କେତେ ଦିନ ହେଲା ମନେ ମନେ ଏ କଣ ପାଗଳାମି ଘୋଟିଛି ତାଠି, ଯେପରି କି ବାରମ୍ବାର ଆଗକୁ ଦଉଡ଼ିବାକୁ ଜଣା ଉଠୁଛି । ଦୂରର କେଉଁ ଅଜଣା ଡକାଳର ହାତଠାରରେ ବାରମ୍ବାର ଧାଉଁଛି, ବାରମ୍ବାର ବାଧା ପାଇ ଝୁଣ୍ଟିପଡ଼ି ଧୂଳିରେ ଲୋଟୁଛି, ପୁଣି ଉଠି ଧାଇଁ ପଳାଇବାକୁ ନୂଆ ଉନ୍ମାଦନା, ସବୁ ନିଷ୍ଫଳ ।

ଏଇ ତାର ବସା । ବଖୁରିକିଆ ହୋର ନାଁକୁ ଖଣ୍ଡେ କୁଡ଼ିଆ । ଘର ଲିପା ହୁଏ ନାହିଁ, ମରାମତି ହୁଏ ନାହିଁ । ଅବାଧରେ ଭଙ୍ଗାଘରର ପୋକରା ବାଉଁଶରେ ଚେମେଣି ଚଢ଼େଇ ବସା କରିଛନ୍ତି । ଚଟାଣ ପୋଲ କରି ଖସିପଡ଼ିଥିବା କାନ୍ଥରେ ସହସ୍ରେ ଜଳା ଫୁଟେଇ ମୂଷା ଓ ଅନ୍ୟାନ୍ୟ ଜନ୍ତୁ । ସେହି ଘୂଳିଆସରେ ପାଢମାଙ୍କଡ଼ ଲୁଚକାଳି ଖେଳନ୍ତି, ଆଉ ସନିଆ ସେଠି ରହେ ।

କେତେ ଛଳରେ ପୁନିକୁ ସେ ତାର ବାଡ଼ୁଅ ଟୁଙ୍ଗୀକୁ ଡାକଆଣିଛି । ପୁନି ନାକ ଟେକିଛି, ଶୋଧିଛି । ହସି ହସି ସନିଆ ତାର ଆପଣାର ପରି ମତାମତ ଶୁଣି ଛଳେଇ କହୁଛି, "ଘର ଉପାଜନ୍ତୁ କରିବା ତୋ କାମ, ମୋ କାମ ଖାଲି ଖଟି ଖଟି ଆଣି ତୋ ଗୋଡ଼ତଳେ ଅଜାଡ଼ିଦେବା । ତେଣିକି ପେଜ ଟିକିଏ ରୁ ଦେଲେ ତ ମୁଁ ଖାଇଲି, ନଇଲେ ନାହିଁ ।"

ପୁରୁଖା ଲୋକଙ୍କ କଥାର ଅନୁକରଣ, ମିଛିମିଛିକିଆ ଘରକରଣା ଖେଳ, ପିଲାଦିନର କଥା ସେ । ପିଲାଦିନର ଖିଆଲ୍ ବଡ଼ଦିନର ପାକଳ ଖେଣ୍ଡା ହୋଇ ସମସ୍ୟା ହୋଇ ଠିଆ ହୋଇଛି । ଆଶା ବଡ଼ ଦୂରରେ । ଘରମଣେଇଁ, ମଙ୍ଗେଇ ପୁନିକୁ ଘରକୁ ଆଣିବାକୁ ତାର ସମ୍ବଳ ନାହିଁ । ପୁନିର ବୋଉର ଦୃଷ୍ଟିରେ ସେ ନା-ପସନ୍ଦ ।

ବୃଥା ମନ ହାଲୁ ହାଲୁ । ଏ ଦେହ, ଏ ଭେକ । ଖାଲି ବାବୁରି ବାଳ, କଳା ଫରୁଆ ଓ ଗୀତବୋଲରେ କିଛି ଘଟେ ନାହିଁ ।

ଏମିତି ଏ କର ସେ କର ହେଉ ହେଉ, କେଉଁଦିନ ହୁଏ ତ ପୁନିବୋଉ ପୁନିକୁ ଆଉ କାହାକୁ ଦେଇ ଦେଇଥିବ ।

Digitized by srujanika@gmail.com

ଖବୁ ଭବୁ କାମକୁ ଚାଲିଗଲା । କାମରେ ମନ ଦେଲା । ଧୀରେ ଧୀରେ ଅନ୍ୟ ଚିନ୍ତା ମନ ଭିତରୁ ଉଭେଇ ଯାଇ ପଡ଼ିରହିଲା ସହଜ ସରଳ ଜୀବନ ନିତିଦିନିଆଁ । ଝାଳ ବୋହି ବୋହି ସେ ସଜ ହୁଏ, ସତେଜ ଦିଶେ । ମନରେ ଦରଜ ରହେ ନାହିଁ ।

ଉଦୁଉଦିଆବେଳେ ପୋଖରୀକୁ ଗାଧୋଇ ଗଲାବେଳକୁ ପୋଖରୀ କୂଳରେ ଚାରିଆଡ଼େ ନୂଆ ଘର ତିଆରି କାମ ଲାଗିଛି । ଇଟା, ବାଲି, ଚୂନ, ମଣିଷ । ସେହି ଯେଉଁଠି—କାମ ଅଛି କି ବୋଲି ପଚାରିଗଲେ ଲୋକେ ଚୋର ଅପବାଦ ଲଗାନ୍ତି । ଧୀରେ ଧୀରେ ସବୁ ଧୋବ ଚରିଯିବ । ଥିଲାବାଲାଙ୍କ କୋଠା । ହାସହାଁସିଆ ହୋଇ ସନିଆର ଖାଲି ଅନେଇଁ ରହିବା । କୂଳରେ ଠିଆ ହୋଇ ପକ୍ଷି ହେଉ ହେଉ ଅତଡ଼ା ଉପରର ଉଇହୁଙ୍କା ନିପା ପଡ଼ିଥିଲା । ମଲ୍ଲିଗଛର ଥୋଣ୍ଟା ଉପରେ ସାନ ବଡ଼ ହୋଇ ଅସଂଖ୍ୟ ଉଇହୁଙ୍କା । ଉର ଉର ହୋଇ ଗଢ଼ାଳି ଲାଗିଛନ୍ତି । ଦିନ ଦିନ ବଢେଇ, ଗୁଣ୍ଡ ଲାଳ ଢାଳି, ବାଦବୁଦିଆ ହୋଇ ଗଢ଼ିଲାଗିଛନ୍ତି ନୂଆ ନୂଆ କେତେ ହୁଙ୍କାର ଗମ୍ବୁଜ । ଝଡ଼ୁଥିବେ ପରା—ଏହି ଗଢ଼େଇ ତାଙ୍କର ନିତିଦିନକୁ ରହିଥିବ । କେତେ ଦମ୍ଭ, କେତେ ଉଣ୍ଡ । ଏମିତି ତାଙ୍କର କୋଠାଗହଳି ସହର । ମଣିଷର ଆଶାରେ ସେ ଅକ୍ଷୟ, ଅମର । ପାଗଳ ପରି ସେହି ହୁଙ୍କା—ପୃଥିବୀ ଉପରେ ଗୋଇଠା ମାରିବାକୁ ସନିଆକୁ ଭଲ ଲାଗୁଥାଏ । ଗୁଣ୍ଡା ହୋଇଯାଉଛି । ଗୋଡ଼ତଳେ ବଡ଼ ବଡ଼ ଖାଲ ଫୁଟିଗଲାଣି । ସନିଆ କୋରି ଲାଗିଛି, ଛେପ ପକାଉଛି ।

କିଛି ମୂଲ୍ୟ ନାହିଁ ଏ ଚଗଲାପଣରେ । ପାଲବଡ଼ାରେ କାହାର ମୂର୍ତ୍ତି ଗଢ଼ି ନିଆଁରେ ପୋଡ଼ିଲା ପରି, ଦିନଯାକର କାମରେ ସେ ଗଣ୍ୟ ନୁହେଁ ।

ମନ ଭୁଲେଇ ଦେଲା । ନିତି ଦିନର ନିର୍ଘଣ୍ଟରେ ମିଶେଗ ତାର ମନ ।

ଛୁଇଁଲେଉଠା ବେଳ ହୋଇଥାଏ । ମହାନଗରୀ ଆନନ୍ଦରେ ଉଚ୍ଛୁଳ । ଝୁଉଁଝୁଉଁଆ ଆଲୁଅରେ ପୁଷ୍ଟ, ସବଳ ଭଦ୍ରପିଲା ରଙ୍ଗ ରଙ୍ଗର ପୋଷାକ ପିନ୍ଧି ଖେଳ ଖେଳୁଆନ୍ତି । ପଡ଼ିଆର ଘାସରେ ଶୁଖିଲା ଆଶାର ରଙ୍ଗ । ଠେଲାଠେଲି ଉଚ୍ଚତ କୋଠାର ମହୁଡ଼ ଉପରେ ତେଜ ଆଲୁଅ ପଡ଼ୁଛି । ସନ୍ଧ୍ୟା ପୂର୍ବର ସହର । କାମର ଭିଡ଼ କରକୁ ଠେଲିଦେଇ ଆନନ୍ଦ କରୁଛି । ଜନତା ଗହଳିରେ ଆପଣାକୁ ଭସାଇ ଦେଇ ଆନନ୍ଦରେ ବୁଡ଼ି ପାରିବା ଲାଗି ପାରି ଖୋପ ପରି ଅଗଣିତ ବସାଘରୁ ମଣିଷ ଛୁଟି ଆସିଛନ୍ତି । ମହାନଗରୀର କୋଳାହଳ ଆଶାର ବାଣୀ ଗାଏ । ଗଣର ଗୀତରେ ଜଣକ ମାତିଉଠେ ନୂଆ ଉପାସ୍ୟ ଖୋଜିବାକୁ ।

Digitized by srujanika@gmail.com

ବାଟ ଚାଲୁ ଚାଲୁ—

ପୁଣି ସେଇ ପୁରୁଣା ପରିସ୍ଥିତରେ ପୁରୁଣା ଚନ୍ତା । ମୁହଁ ସଞ୍ଜ ଆସୁଛି, ଏତକବେଳେ ସମ୍ବନ୍ଧର ଆଶ୍ରୟ ପାଇଁ ସନଆର ମନ ଖୋଜେ । ସେ ଆଉ ପୂଜା ଏବଂ ସୁଖ । ଅନେଇଁ ରହିଲେ ଲୋକ ଗହଳିରେ ଧକାଧକ, ଠେଲାଠେଲି । ଭାବ ବସିଲେ ଚାରିଆଡ଼େ ଅସମତା, ପାତର ଅନ୍ତରର ସାତ ପାଞ୍ଚ ।

ବଡ଼ ସହରରେ ଏଡ଼େ ସମ୍ପତ୍ତି; କ ଭାଗ ତହିଁରେ ସନଆ ହାଡ଼ିର ?
ଖାଲି ଭୁଇ ରଜା, ଭୁଇ ରାଣୀ । ବାକ ସମସ୍ତେ ଲୁଖୁରାମୁଣ୍ଡିଆ ।
କେବଳ କେଞ୍ଚାଏ ମେଞ୍ଚାଏ, ଦରିଦ୍ରର ଭାଗ ଦରିଦ୍ରପଣରେ ।

ଏମିତ କହେ ଧନୀବୁଢ଼ା । ତାର କଥାର ଅର୍ଥ ବାରି ହୋଇପଡ଼େ ମୁହଁର ଭଙ୍ଗୀରୁ, ତତଲା ଆଖିରେ ନିଆଁର ତାଉରୁ । ସେ ବିଦ୍ରୋହର ଦାୟିତ୍ୱ ନିଏ ନାହିଁ, ବିଦ୍ରୋହ ଶିଖାଏ । ତାର ତଥ୍ୟ ନୂଆ ପ୍ରେରଣା ଆଣେ । ଅନ୍ତରସ୍ଥ କେବଳ ମଣିଷଚମଡ଼ାର ନିର୍ଘପଦ ରହିବା ପ୍ରବୃତ୍ତି, ମନର ଅନ୍ଧାରି ଗର୍ଭିଣିର ଆଦିମ ଭୟ । ତେଣୁ କାମ କରିବାର ନିଶା ରୁଚ୍ଛା କଥା ସୁଅରେ ଭାସିଚାଲେ, ଧୋଇ ଧୋଇ ଥଣ୍ଡା ପଡ଼ିଯାଏ । ଧନୀବୁଢ଼ାର କଥା ସବୁଦିନେ ଖାଲି ଭଲ ଲାଗେ ।

ଦୀପ ଲାଗୁଥାଏ ।
ଟୁଙ୍ଗୀ ଦୁଆରେ ସନଆ ଡାକିଲା—"ଧନୀଅଜା, ଘରେ ଅଛ ?"
"ଅଛି । କିଏରେ ବାପ, ଭିତରକୁ ଆସ ।"

ଚାହିଁଦେଇ ଧନୀବୁଢ଼ା କହିଲା—"କୁକୁର ପିଟି କେତେ ଅଜାଲ୍ୟରେ ପିଲା ? କାହିଁ, ଅଜା ପାଇଁ କଛି ଆଣିଛୁ ନା ରୁଚ୍ଛା ହାତରେ, ହେଇରେ ?"

କଣ୍ଠାଗ୍ରଟ ପରି ପିଟିପକାଏ ବୁଢ଼ାର କଥାଗୁଡ଼ାକ ।
କାଳୁ ଦନ୍ତ ସେଇ, ଖୁଣ୍ଟ ସେଇ । ଆଉଁସିବ, ନୂଆ ବୁଦ୍ଧି ଦେବ ।
ସନଆ ତାର କାହାଣୀ କହିଗଲା, ମନ ହାଲୁକା ଲାଗିଲା ।

ଧନୀ ଅଜା ଠୋ ଠୋ ହସିଦେଲା । "ପାଗଳ, ଏମିତ ବାଡ଼େଇ କସ୍ତୁଡ଼ ହେଲେ ଯଦ ସବୁ ମିଳିଯାଉଥାନ୍ତା ! କୁକୁର ବାଡ଼େଇ, ପଇସା କମେଇଁ ବାହା ହବୁ, ଘର କରିବୁ; ନୁହେଁରେ—?"

ଟିକିଏ ରହି ତାର ଥର ଗୁଣ୍ଡରେ ତାଡ ଚହଟେଇ କହିଲାଗିଲା—"ଘଡ ଘଡ ଏତେ ବକଲି, ଡାକହାକ ବୁଝେଇଲି, ସବୁବେଳେ ହୁଁ-ହାଁ । କୁଆଡ଼େ ଗଲା ସେ କଥା ! ସବୁ ଗଲା ଭଣ୍ଡାଘ-ଜଳାରେ ? କଣ ମାଇକିନିଆ ଝିଅ ହେଇଚୁ ନା ମଣିଷପିଲା ନୋହୁଁ, ଘୁଷୁରିପିଲା ? ଓଲା ଲୋକ ପଇସା ବୁଜୁଲା ଦେଖେଇ

Digitized by srujanika@gmail.com

ଦେଖେଇ ବସିଛନ୍ତି, ତାଙ୍କଠୁଁ ନେ । ଦୁବଳିଆ ଲୋକ ମାହାଳିଆରେ ଚର୍ବି ନେସି ହୋଇ ପଲସାକୁଡ଼ ଗଦେଇ ବସିଛନ୍ତି, ତାଙ୍କଠୁଁ ନେ— ।"

"ସେଇ ଚୋରବିଦ୍ୟା !"

"ହେଲେ କଣ ହେଇଚଲା ? ତୁ ତ ହାଡ଼, ଯାହା ତୁ କର, କିଏ କହିବ ତତେ ଭଦ୍ରଲୋକ ବୋଲି ? ପେଟ ପୋଷ, ନାହିଁ ଦୋଷ । ଭୋକରେ ମରିବା ତ ଆତ୍ମହତ୍ୟା, ମହାପାତକ । ସେ ବଡ ଦୋଷ କି ଚୋରି କରିବା ବଡ଼ ଦୋଷ ? ଆଜି ଯେତେ କୁକୁର ବାଡେଇଲୁ, କଣ ପୁଣ୍ୟ କଲୁ ? ଭୋକରେ ଗଡ଼ ମରୁଥିଲେ, କୋଠାରେ ବସି ମଣିଷ ହସୁଥିବେ ରେ ! ତୋର ଖାଲି ଘୂଅ କାମ, ଅଇନା କାମ; ତୋ ପାଇଁ ଅଇଁଠା ପତର, ଛିଣ୍ଡା କନ୍ଥା, କଣା ଘୂଳ । ତାଙ୍କ ପାଇଁ ଦୁନିଆ ଗୋଟାଟା । ଖଡ଼ା-ଚୋପା, ଆମ୍ବଟାକୁଆ, ମଣିଷର ଘୂଅ, ମଣିଷର ମଳି, ସବୁ ଖାଲି ତୋର ବ୍ୟବହାର ପାଇଁ ରେ ଓଲୁ ! ଆଖି ଥିଲେ ଦେଖନ୍ତୁ—"

"କାମ କରିବ ଧନୀ ଅଜା, ବାଟ ବତା—"

"ସେଇଆ କହ, ଅଣ୍ଡା ଭଡ଼୍ । ମରିବୁ ତ ଧନେ, ସେଥିପାଇଁ ଏତେ ଡର ! ହାତ ଅଛି କାମ କରିବାକୁ, ଧରାପଡ଼ିଲେ ଗୋଡ଼ରେ ବଳ ଅଛି ଦୌଡ଼ି ପଳେଇବାକୁ, ଦେହରେ ତାକତ ଅଛି ପିଟି ମାରି ପଳେଇଯିବାକୁ । ମତେ ଅଜା, ମୁଁ ଦାଗୀ; ପରେଇ କରୁଚ ?"

ଓଟାର ଧରିଛି ଆଖିକି ଆଖି । ଦୀପ ସଳିତା ଜଳୁଛି । ଗମ୍ଭୀର ମୁହଁରୁ ବିଷର ବୀଜ ବିଞ୍ଚିଦେଉଛି । ସ୍ଥିର ଦାଡ଼ି ବର୍ଣ୍ଣବୋଧ ବହିର ଋଷିର ଛବି ।

ସନିଆ ମୁହଁ ବୁଲେଇ ନେଇ ପାରୁ ନାହିଁ ।

କହିଲାଗିଛି ଧୀରେ ଧୀରେ ଅଚ୍ଛିଣ୍ଡା ସୁଅ ।

"ଡର୍ ନା, କେତେ ଟେଲା ତାଲିମ୍ କରିଚ; ସେମାନେ କ ବଞ୍ଚିଛନ୍ତି । ମଞ୍ଜି ବୁଣି ଦେଇଛି, ଗଛ ହୋଇଛି । ଲୋକେ କହନ୍ତି ଚୋରି ଯାହାର ଯାଏ, ସେ କହେ ଚୋର । ଯେ ନେଇ ପଳାଏ ସେ କହେ, ପାରିଲାପଣ । କାହାର କଣ ଝାଲବୁହା ମାଲରେ ହାଥର ? ସେମାନେ ଫାଙ୍କ ମାରନ୍ତି; ଗରିବର ଦାନା ଲୁଟନ୍ତି, ତାଙ୍କୁ ଉପଦେଶ କଣ ? ଖାଲି ଆମୁକୁ—କାଳୁଡ଼ ଚୋରକୁ ମୁଣ୍ଡକାଟ ଶାସ୍ତି ।"

ଆଖି ଦିଟା ଜଳୁଥାଏ, ଧୋବଲା ଦାଡ଼ି ଫୁରୁ ଫୁରୁ ଉଡ଼ୁଲାଣି । ଗୋଟାଏ ଓଲଟପାଲଟମସ୍ତ ବିକଟ ତୋଫାନ ପରି ତାର ମୂର୍ତ୍ତି । ସନିଆ ଆଖିବୁଜି ଦେଲାଣି, ମନେ ମନେ ଧ୍ୟାନ କଲା ପରି । ବିଷମୂର୍ତ୍ତି । ଦୁନିଆ ଜଳିଯାଉ, ମଣିଷ ତାର ଓରମାଣ ମେଣ୍ଟାଇବ ।

"ଚକାଡୋଳାକୁ ଧ୍ୟାନ କଲୁ କି ରେ ପୁଅ ! ଉଠ୍, ଶିଖିଯା ପଦେ । ନେଡ଼ରେ ମାଡ଼ ସିନ୍ଧକାଠି କେମିତ ପେଲିବୁ ଅଭ୍ୟାସ କରିବୁ ଆ ।" ☐ ☐

Digitized by srujanika@gmail.com

ପଇଁତିରିଶ

ମାନମୟୀ ଗୀତ ବୋଲୁଛି, ସଞ୍ଜବେଳ । ଫୁରୁଫୁରିଆ ପବନ ରେଶମୀ ଶାଢ଼ୀ ଭୁଲେ ହିଙ୍କାଓଟେସ୍ ଖେଳୁଛି । ମାନମୟୀ ଅର୍ଗାନ୍ ବଜା ଉପରେ ଆପଣାକୁ ଅଜାଡ଼ି ଦେଇଛି । ତନ୍ମୟ ହୋଇ ଲେଟି ହେଉଛି ସଙ୍ଗୀତର ଶବ୍ଦ-ସମୁଦ୍ରରେ । କେତେ ଅଜଣା ଆକାଙ୍କ୍ଷାର ସଫଳତା ଖୋଜି ଅନୁଭୂତରେ ଭାସିବାକୁ, ବୁଡ଼ିବାକୁ ଏହି ତାର ସମସ୍ତ ସମୟରେ ଉପାସ୍ୟ । ଗାଧୋଇ ପାଧୋଇ ସଜ ହୋଇ ଠିଆ ହେବ, ଉତ୍ତର ବନ୍ଦରେ ବନ୍ଦରେ ଆପଣାର ଅକୁହା ପ୍ରଶ୍ନର ଉତ୍ତର ପାଇବ । ସେ ମାନମୟୀ, ସେ ଜଗତର ବିସ୍ମୟ ।

ତଳେ ଅଘୋରବାବୁ ରେଡ଼ିଓ ଖୋଲି ଶୁଣୁଛନ୍ତି ଦୁନିଆଁର ଖବର । ସକାଳେ ଉଠି, ସଞ୍ଜରେ ସୂର୍ଯ୍ୟଟା ଅସ୍ତ ହୋଇଗଲା । କଣ କଣ ଘଟିଛି ସସୀମ ଗୋଲକାର ଏହି ସାନ ପୃଥିବୀରେ । ବକୃତ କଣ୍ଠରେ ଯନ୍ତ୍ର ପ୍ରଚ୍ଛର କରୁଛି ମଣିଷର ଖବର । ଅଘୋରବାବୁ ତାହା ହିଁ ଶୁଣୁଛନ୍ତି । ଦେଶ-ଦେଶର ଜଗୁଆଳିମାନଙ୍କ ସ୍ଥାନରେ ନିଜକୁ ଆରୋପି, କେଉଁ କଥାରେ ଆପଣାର ଜୟ ବୁଝୁଛନ୍ତି, କେଉଁଥିରେ ବା ଆପଣା ମତର ବିରୋଧୀ ଭାବ । ବଦଳାଦେଇ କାମ କରେଇଲା ପରି ସେ ବି ଜଣେ ସ୍ରଷ୍ଟା । ଖବର ଶୁଣିଲାବେଳେ ଦାୟିତ୍ୱରେ ଗୁରୁଗମ୍ଭୀର ।

ବାହାରେ ଖୁବ୍ ଶବ୍ଦ । ସବୁଦିନ ପରି ପର୍ଦ୍ଦାଟି ଖୋଲି, ଥରି ଥରି ପଶିଆସିଲେ ଅଜୟବାବୁ । କାଖତଳେ ପୁଳାଏ ବହି ।

"କଣ ହେଉଛି ଅଘୋରବାବୁ, ରେଡ଼ିଓ ? ଆଜି ଖେଳ ନାହିଁ ?"

"ନମସ୍କାର । ବସନ୍ତୁ ।"

"ମାନମୟୀ ପାଇଁ ବହି ଖଣ୍ଡେ ଦିଖଣ୍ଡ ଆଣି ଦେଇଥିଲି—"

"ଯାଉନ୍ତୁ ଦେଇ ଆସିବେ, ଭିତରକୁ ଯାଉନ୍ତୁ—"ଅଧେ ଅନ୍ୟମନସ୍କ ହୋଇ ଅଘୋରବାବୁ କହିଲେ, ରେଡ଼ିଓରେ ମନ ଦେଲେ; କିନ୍ତୁ ଅଜୟବାବୁଙ୍କ ହର୍ଷ-ଚିତ୍କାରରେ ପୁଣି ଧ୍ୟାନ ଭଗ୍ନ ହେଲା—"ଏଁ ମୁଁ ଭିତରକୁ ଯିବି ? ଆପଣ ଯିବେ ନାହିଁ ?"

ଓଠ ବଙ୍କେଇ ଅଘୋରବାବୁ କହିଲେ—"ଆପଣ ଯାଉନ୍ତୁ; ଆପଣ ଦାର୍ଶନିକ, ତେଣୁ ନିର୍ଗପଦ ।"

କିଏ ଶୁଣୁଛି ତାଙ୍କ କଥା !

Digitized by srujanika@gmail.com

ବହୁତକ କାଖରେ ଯାକ, ଆନନ୍ଦରେ ହେଣ୍ଡିମାଣ ଡେଉଁ ଡେଉଁ ଗୃଲଗଲେଣି ଅଜସ୍ବବାବୁ । ମାନମୟୀ ଜବତ ହେଉ । ଖାଲୁ ଗଲ ।

ଅଘୋରବାବୁ ରେଡ଼ିଓର ଫଲକ ବୁଲାଇଦେଲେ ।

"ଆରେ, ଆରେ—ଆପଣ କେତେବେଳୁ ଠିଆ ହୋଇଛନ୍ତି—"

ସାପ ପର ଫଣାକୁ ପଛକୁ ଢାଳଦେଇ ଦୋହଲ ଦୋହଲ ମାନମୟୀ ପାଖକୁ ଆସୁଛି । ସଙ୍ଗୀତ ଉତ୍ସୁକ ସ୍ୱପ୍ନବୋଳା ମୁହଁ, ଛଳ ଛଳ ଆଖିରେ ମୋହମା, ପ୍ରାଣର ଆବେଗରେ ଯେପର ତାଙ୍କର ଉପରେ ନଜକୁ ଅଜାଡ଼ ଦେବାକୁ ଗୃହୁଁଛି ହସିହସିକା ।

"ମିଛରେ ଆସି ମୁଁ ବାଧା ଦେଲ ମାନ । କ ସୁନ୍ଦର ଗାଉଥିଲ; ସତେ କ ଜାଟ୍‌ସ୍‌ଙ୍କର ବୁଲ୍‌ବୁଲ୍‌ । ହୋସ୍ ନ ଥିଲ ମୁଁ କୁଆଡ଼େ ଖସି ଗୃଲଛି—।" ଅଜସ୍ବବାବୁ ଥରୁଥିଲେ ।

"ଆହା-ହା, କହବାକୁ କ ସ୍ବରୁଣ ! ତା ହେଲେ ଜାଟ୍‌ସ୍ କବ ଆପଣ । ନଜେ । ବୁଲ୍‌ବୁଲ୍‌ର ସଙ୍ଗୀତର ଗୁଣ ବୁଲ୍‌ବୁଲ୍‌ର ନଜର ନ ଥିଲ, ବୁଝିଲେ ? ସତେ କଣ ମୁଁ ଏତେ ଅସୁନ୍ଦର ?"

ମୁହଁ ପାଖେ ତାର ସୁନ୍ଦର ମୁହଁ, ପରୀକ୍ଷା ଦେଉଛି ।

"କଣ ଯେ କହ ! ତୁମ ପର—"

"ହଉ, ବସନ୍ତୁ ଆପଣ । ଯାଏଁ, କହଦେଇ ଆସେ ଗ୍ଲ ଆଣିବ—"

"ଯେତେବେଳେ ଆସିଲେ ଖାଲ ଗ୍ଲ—"

"ନାହିଁ, ନାହିଁ; ଖାଲ ଗ୍ଲ' ନୁହେଁ । ଟିକଏ ବସନ୍ତୁ ନା—" ଦୌଡ଼ ଦୌଡ଼ ସେ ଗୃଲଗଲ, ଅଜସ୍ବବାବୁ ଏକୁଟିଆ । ଆଜ ଏ କ ପରବର୍ତ୍ତନ, କ ସୌଭାଗ୍ୟ ! ସୁଖ-ଭାବନାରେ ଭଉଁର ଖେଳୁଥିବା କୁଞ୍ଚୁକୁଞ୍ଚିଆ ବାଲ ସହତ ବଦ୍ରାନ୍ ମୁଣ୍ଡଟିକୁ ହାତ ଉପରେ ଆଶ୍ରା କର ପ୍ରତୀକ୍ଷମାଣ ମନରେ ଅଜସ୍ବବାବୁ ଅପେକ୍ଷା କର ରହଲେ । ମାନମୟୀର ଏପର ସମାଦର; ଏପର ବ୍ୟବହାର ତାଙ୍କ କଳ୍ପନାର ବାହାରେ । ଗୃହୁଁ ଗୃହୁଁ ହାତଗଢ଼ା ଭବଷ୍ୟତର ସ୍ୱପ୍ନ ପାଖକୁ ଆସିଲ । ସତେ କ ମାନମୟୀ ହିଁ କହୁଛି, ବନ୍ଧୁ ଅଘୋର ମଧ୍ୟସ୍ଥ ହୋଇଛ, ସମସ୍ତେ ହିଁ ଭରଛନ୍ତି । ଗୋଲାପୀ ଶାଢ଼ୀ ପିନ୍ଧି, ଓଢ଼ଣା ପକାଇ ମାନମୟୀ ଆସୁଛି । ଦୂରରେ ହେଉଛ ଶଙ୍ଖଶବ୍ଦ, ଦାଣ୍ଡରେ ମହୁରୀ ।

"ଏଇତକ ଟାଇନଅନ୍ତୁ ସତେରେ—ନାହିଁ ନାହିଁ, ଆପତ୍ତି ଶୁଣିବ ନାହିଁ—" ଥାଳଆରେ ମହନ୍‌ଭୋଗ । ଗମ୍ଭୀର ହୋଇ ତା ଉପରେ ବସିଛି ପାଞ୍ଚଟି

Digitized by srujanika@gmail.com

ଅଙ୍ଗୁଠିର ଚିହ୍ନ । "କଣ ଦେଖୁଛନ୍ତି, ଆରେ–ଆରେ—!" ମଦ୍ଦନ୍‌ଷ୍ଟେଗ ଉପରେ ପାଞ୍ଚ ଆଙ୍ଗୁଳର ଚିହ୍ନକୁ ଅଜୟବାବୁ ଧୀରେ ଧୀରେ ଆଉଁସୁଛନ୍ତି । ଆଖିରେ ଅଛ ସ୍ନବ୍ ଧରା ।

"ଆପଣ ଆଗ ପସନ୍ଦ କରି ଯାଇ ପରେ ଖାଆନ୍ତି, ନୁହେଁ ?"

"ଏଁ ? ମାନେ ?"

"ମାନେ ?—ଆପଣ ପିଲାଦିନେ ଭାରି ଏକବାଇଆ ପିଲା ଥିଲେ । ଖାଇଲାବେଳେ ବାଛୁଥିଲେ, ହାତ ଗଣ୍ଡିଏ ପାଟିରେ ପୂରେଇ ପୁଣ୍ଡ ଯାଉଥିଲେ । ଖାଇଦିଅନ୍ତୁ ଟାଉ ଟାଉ କରି, ମୁଁ କହୁଚି—" "ଯେତେ ଦୂରଯାକେ ମୋର ଆଙ୍ଗୁଠିର ଚିହ୍ନ, ସବୁଯାକ ଖାଇବାକୁ ପଡ଼ିବ—"

"ଉଃ, ଗରମ୍—"

"ଗରମ ହେଉଚି, ଆଁ କରନ୍ତୁ ଖୋଇଦେବି । ବାସ୍ତବିକ୍ ଆପଣ ଭାରି ପିଲାଳିଆ । ହୁଁ, ଦେଖାନ୍ତୁ—"

"ନାହିଁ, ନାହିଁ, ନାହିଁ; ମୁଁ ଖାଇଦେଉଚି, ମାଜ—"

"ବେଶ୍—"

ତତଲା ଅଠାଳିଆ ମଦ୍ଦନ୍‌ଷ୍ଟେଗ, ଚଂଚଲ ଖାଇବାକୁ ପଡ଼ିଲା । ଆଖିରୁ ପାଣି ବାହାରିଲାଣି । ମାନମୟୀ ଚଉକି ପିଠିରେ ହାତ ଦେଇ ଠିଆ ହୋଇ ଦେଖୁଛି, ରେଶମୀ ଶାଢ଼ୀ ପବନରେ ଉଡ଼ୁଛି । ଅଜୟବାବୁ ମନେ ପକେଇଲେ, ବହି ଆଣିଥିଲେ । ତୁମ ପାଇଁ ବହି ଆଣିଥିଲି, ଦେଖିଲଣି ?"

"ସତେ !"

ବହିତକ ହାତକୁ ବଢ଼ାଇ ଦେବାକୁ ପଡ଼ିଲା । ଆଗ୍ରହରେ ସେ ଝାମ୍ପି ନେଉଛି ! ସତେ କି ସବୁଯାକ ପଢ଼ିପକେଇବ ଏକା ନିଶ୍ୱାସରେ !

"ଆପଣ ପ୍ରଫେସର ହେବେ—ନା ?"

"ହିଁ, ଆଶା ତ ଅଛି—"

ମାନମୟୀ ଥରି ଥରି ହସୁଥାଏ । କହିଲା—"ପ୍ରଫେସର ଜୀବନରେ ଆଉ କାହାରି ସ୍ଥାନ ନାହିଁ ବୋଧହୁଏ–" ଅଜୟବାବୁ ବ୍ୟାକୁଳ ହୋଇ ଅନେଇଁ ଦେଲେ । ଦେଖିଲେ; କଣେଇଁ ଗ୍ରୀବା ମାନମୟୀ ହସୁଛି ।

"କଣ ପ୍ରଫେସର ଜୀବନ ?"

Digitized by srujanika@gmail.com

"କିଛି ନାହିଁ—" ହସି ହସି ମାନସସ୍ବୀ ଲୋଟୁଥାଏ, ବହିତକ ଓଠରେ ମାଡୁଥାଏ, ଗାଲରେ ମାଡୁଥାଏ । "ଖାଲି ବହି ବହି—କି ସୁନ୍ଦର ଜୀବନ—ସ୍ବର୍ଗୀୟ—"

ଆଉ ବଖରାରେ ।

ଇନ୍ଦ୍ରଜିତ୍‌ବାବୁ ଆସିଛନ୍ତି ।

"ବାଃ, ଅଘୋର, ରେଡ଼ିଓ ଖବର ସବୁ ଭଲ ?" ବସିପଡ଼ି ସିଗାରେଟ୍ ଲଗାଇଲେ । କହିଲେ—"ସବୁ ଠିକ୍‌ଠାକ୍ ହୋଇଗଲା ତା ହେଲେ । ହାଡ଼ିସାହି କିଣିନେବାକୁ ଅନୁମତି ମିଳିଗଲା । ତୁମର ନାଁ ଯେ ବାହାଦୂର୍—"

"ଦେଖ ଇନ୍ଦ୍ରଜିତ୍, ସେପରି ବାହାଦୂରୀ ମୋର କାମ୍ୟ ନୁହେଁ ବା ଏମିତି ବାଜେ ସାଧାରଣ କଥାରେ ଅଭିନନ୍ଦନ ମୂଲେଇବାକୁ ମୁଁ ଖୋଜୁ ନାହିଁ ।"

"ଆଃ, ରାଗୁଛ କାହିଁକି ? ତୁମେ ଅଭିନନ୍ଦନ ଖୋଜୁନାହଁ, କିନ୍ତୁ ଅଭିନନ୍ଦନ ତ ତୁମକୁ ଖୋଜେ । କଥାଟା ଏଡ଼େ ସାଧାରଣ କି ବାଜେ ନୁହେଁ ଅଘୋର ! ସେ କଥା ତୁମେ ବି ଜାଣ ମୁଁ ବି ଜାଣେ । ଘର ପାଖରେ ମସ୍ତବଡ଼ ଜାଗା, ଗୋଟାଏ ପ୍ରକାଣ୍ଡ ଫ୍ୟାକ୍ଟ୍ରୀ ହୋଇପାରିବ । ଗୋଟାଏ ବହୁମୂଲ୍ୟ ସମ୍ପତ୍ତି—"

"ଗ୍ରେଡ଼୍, ମୋର କି ଯାଏ ! ତୁମେ ତ ଭଲ କରି ଜାଣ ଏ ଯୋଜନାକୁ ମୁଁ କିପରି ଘୃଣା କରେ, ହଜାରେ ଥର କହିଛି—" ପ୍ରଶଂସମାଣ ଦୃଷ୍ଟିରେ ଅଘୋରବାବୁଙ୍କୁ ଅନେଇଁ ରହି ଇନ୍ଦ୍ରଜିତ୍ କହିଲେ—"ବାଃ, ବାଃ, ବାଃ, ଚମତ୍କାର ! ତୁମେ ଏଡ଼େ ବିଚକ୍ଷଣ ! ମୁଣ୍ଡବାଳଠୁଁ ଆଙ୍ଗୁଠିର ଅଗଯାକେ ! ଯେତେ ଚେଷ୍ଟା କଲେ ବ୍ୟବସାୟ ପାଇଁ ତୁମର ମନ, ତୁମର ବୁଦ୍ଧି ମୋର ହୋଇପାରିଲା ନାହିଁ । ତୁମେ ଆଶ୍ଚର୍ଯ୍ୟ ।" "କଣ ଏଥିରେ ଆଶ୍ଚର୍ଯ୍ୟ ହେବାର ଅଛି ?" ଦୁଃଖିତ ହୋଇ ଅଘୋରବାବୁ କହିଲେ । "ନ ଜାଣିଲା ପରି କହୁଚ କାହିଁକି ମ ? ଏଇ ତ କାଇଦା । ଯାହା କହିବ, ତାହା ଥିବ; ଯାହା ଭାବୁଥିବ ତା'ଠୁ ବହୁ-ଦୂରରେ । ଯେପରି ଅବସ୍ଥାକୁ ଯେଉଁପରି ରୂପ । ପ୍ରକୃତରେ ସିଦ୍ଧି ପାଇପାରିବା ମଣିଷର ବହୁରୂପ । ଯୋଜନାକୁ ଘୃଣା—ତୁମେ ଅବଶ୍ୟ କର, ତା ନ ହେଲେ ଯୋଜନା ତୁମର ହାତରେ ହୋଇପାରନ୍ତା କାହିଁକି ? କିନ୍ତୁ ବାହାଦୂରୀ ଏକୁଟିଆ ତୁମର ନୁହେଁ, ତାହା ମୁଁ ଜାଣିଛି; ବୁଝେଇବାକୁ ପଡ଼ିବ ନାହିଁ । ସୁବିଧା ଆମର ଜନ୍ମଗତ, ବଳେଇ ଦେବାକୁ ଆମର ଲୋକ । ଷ୍ଟାନକୁ ଷ୍ଟାନ, ଠିକ୍ ଗୋଟାଏ ଫୁଟ୍‌ବଲ୍ ମ୍ୟାଚ୍ ପରି । ବାପାଙ୍କଠୁଁ ଆସିଲା, ତୁମେ ଧରିଲ; ତୁମଠୁଁ ଗଲା, ଧରିଲେ ଶୈଳେନ୍ଦ୍ରବାବୁ; ତାଙ୍କଠୁଁ ଅନ୍ୟମାନେ, ପୁଣି ତୁମେ । ଏଥର ସିଧା ଗୋଲ୍ । ଯୋଜନା ଅଟକେଇବ କିଏ ? ହାଡ଼ିସାହିର ମଲାମୁଣ୍ଡିଆ ?"

Digitized by srujanika@gmail.com

"ଆଜ ଠିକ୍ ଯୁକ୍ତିବାଦର ବେଦାନ୍ତ ଗାଇଲ ପରି ଦର୍ଶନଶାସ୍ତ୍ର ଚଳେଇଛ ଯେ ଇନ୍ଦ୍ରଜିତ୍ ! ଯାହା କହୁଛ, ତାହା ତୁମ ନିଜର ଧାରଣା ହୋଇପାରେ । ପରଠି ତାକୁ ଆରୋପ କରି ସ୍ୱାର୍ଥ ଲାଭ କଣ ? ତୁମେ କଣ ସତେ ଭାବୁଛ, ଦାଢି ମାଶନେଇ ମୁଁ ଋଷି ହେବି, ନୁହେଁ ? ଗୁଡ଼ାଏ ନିଆଶ୍ରା ଗରିବ ଲୋକ, ହାତ କାମ ନ କଲେ ଯାହାକୁ ଆଧାର ଜୁଟେ ନାହିଁ—" ଅଘୋରବାବୁ ବକ୍ତୃତା ରଚନା କଲା ଭଙ୍ଗୀରେ କହିଗଲେ—"ଗରିବର କୁଡ଼ିଆ—ଯୋଗୀର ଥାଳ—"

"ଆହା !" ଇନ୍ଦ୍ରଜିତ୍ କରୁଣ ହୋଇ କହିଲେ । ଆଖିମିଟିକା ମାରି କହିଲେ—"ଘରେ ନିଶ୍ୱାଳାରେ ବି ବକ୍ତୃତା ! ଯାଉଁ ଯାଉଁ ବନ୍ଦ କରିଦିଅ ଭାଇ, ଲାଗୁଛି ଠିକ୍ ଯେମିତି ଥିଏଟର ସଲଲୋକ । କଣ ମିଳିବ ସେଥିରୁ ? ବୃଥା ପରିଶ୍ରମ ! ତେବେ ହଁ, ସତରେ ଯଦି ତୁମେ ଏତେ ଅନୁତପ୍ତ, ତେବେ ଗୋଟାଏ କାମ କରିପାର । ନିଜେ ନ ରଖି, ମାନମୟୀ ନାଁରେ ଯୌତୁକ କରିଦେଇ ପାରିଲେ ଖୁବ୍ ଭଲ ହୁଅନ୍ତା—"

ଇନ୍ଦ୍ରଜିତ୍ ହସି ହସି ଗଡ଼ିଲେ । ଅଘୋର ବିରକ୍ତ ହୋଇ ଗ୍ରୁଡ଼ି ରହିଲେ—ବଜାଣି କଣ ଗଛରେ ଫଳନ୍ତି ? ଭାବିଲା ପରି ।

"କି ଅଘୋର, ଆଜ କଣ ଖେଳ ହେବନାହିଁ କି ?" ସୁରବାବୁ ଆସିଲେ । "କାହିଁ ଏମିତି ଥରି ହୋଇ ବସିଛ, ସବୁ ମାନ୍ଦା ମାନ୍ଦା ?"

ଭିତର ପାଖୁ ଅଜୟବାବୁ ଆସିଲେ । ଇନ୍ଦ୍ରଜିତ୍ ଓ ସୁର ଏକାଠି କଲରବ ଆରମ୍ଭ କଲେ—ହେଇଟି ତ ଦାର୍ଶନିକ, କୁଆଡ଼େ ଯାଇଥିଲେ ? ଓ ବହି ନେଇ ଦେଇଥିଲେ ? କି କି ବହି; କାହିଁ ଆମେ ଦେଖିଲୁ ନାହିଁ ତ ! ଖେଳ ସଜା । ରଇ ଥା, ମୁଁ ଆସୁଛି—

ସୁରବାବୁ ଭିତରକୁ ପଶିଗଲେ । ପାଟି ଶୁଭୁଥାଏ—'ମାଉସୀ—ମାଉସୀ—' ମାନମୟୀ ଆପଣାକୁ ପ୍ରସ୍ତୁତ କରୁଥାଏ । ଅର୍ଗ୍ୟାନ୍ ଉପରେ ନୂଆ ରାଗିଣୀର କ୍ଷୀଣ ଆଳାପ । ଅଜୟବାବୁ ମନ୍ତବ୍ୟ ଦେଲେ—"ଏଇ ସୁରବାବୁ ଆମର—ବଡ଼ ହୁମ୍‌ଦୁମିଆ । ଭଦ୍ରତା ଜିନିଷଟା—ମାନେ—" ବାଧା ଦେଇ ମୁଣ୍ଡ ହଲେଇ ହଲେଇ ଇନ୍ଦ୍ରଜିତ୍‌ବାବୁ କହିଲେ—"ଠିକ୍ କଥା ।" ଅଘୋରବାବୁଙ୍କ ହାତକୁ ତାସ ମୁଠା ବଢ଼େଇ ଦେଇ କହିଲେ—"ତୁମେ ଜିତିଛ, ନିଅ ଫେଣ୍ଟ; କିନ୍ତୁ ଜାଣିଛ ତ ଅଘୋର, ତାସରେ ଜିତିଲେ,, ଆଉ ଗୋଟାଏ ଜାଗାରେ ଭାଗ୍ୟ ବିଗିଡ଼େ ।"

ଅଘୋରବାବୁ ହସିଦେଇ କହିଲେ—"ବହୁତ କହିଲଣି ।"

□ □

Digitized by srujanika@gmail.com

ଛତିଶି

ସେ ଥର ଅବିନାଶବାବୁ ଘରକୁ ଆସିଥାନ୍ତି ।

ଯଶୋଦା ଦେଖୁଥାଏ, ମାନମୟୀ କ ସୁନ୍ଦର ଗୋଳ କରୁଛୁ । ବଲେଇଟିକି ତାଙ୍କ କୋଡ଼ରେ ଗୁଞ୍ଜିଦେଇ କେଡେ ସୁନ୍ଦର କହୁପାରୁଛୁ, "ବାପା ଦେଖିଲଣି ପୁଣି କେଡ଼େ ଦୁଷ୍ଟ ହେଉଚ ! ଖାଲି ମୂଷାଗୁଡ଼ାଏ ମାରୁଚ । ହେଇ, ପୁସି ଚୁନି, ବାପାଙ୍କ ଜାମା ଆଞ୍ଚୁଡୁଚୁ ? ବାପା, କହୁଥିଲ ସାହିଜା ଗୋଲପ ଗଛ ଆଣିଦବ ବୋଲି, ତୁମେ ଖାଲି ଠକୁଚ—ହେଁ—"

ଯଶୋଦା ଦେଖୁଥାଏ । କେଡ଼େ ଶାନ୍ତ, ସୁବୋଧ ହୋଇ ଅଘୋରବାବୁ ଠିଆ ହୋଇଛନ୍ତି । ଆଜ ବୈରାଗ୍ୟ, ବୁଲିଯିବାକୁ ଆଦୌ ତରବର ନାହିଁ । ଆପଣା ପ୍ରସାଧନ ପାଇଁ ସହଜ ହଜେଇ ଯାଇଛୁ ।

କଣିକଆ ହୋଇ ଅନ୍ଧାରରେ ମିଶିଯାଇ ଯଶୋଦା ଠିଆ ହୋଇଥାଏ । "କଣ ସେଠି କରୁଚୁ ଯଶୋଦା, ତୋର କାମ ନାହିଁ କ ?" ଅଭ୍ୟାସ ଯୋଗୁଁ ଗମ୍ଭୀର ଘଡ଼ଘଡ଼ି ପରି ସ୍ୱର ଅନ୍ଧାରରେ ଶୁଭିଗଲା ପରି ଲଗେ । ଯଶୋଦା ଚଙ୍କେ ନାହିଁ । ଅଧା ପଗଲା ମୁଣ୍ଡ ବୋଲା ଖୋଜୁଛୁ । ଭାବୁଛୁ, ଏମିତ ସଞ୍ଜ କେତେବେଳେ ଥରେ ମିଳେ ?

ସମସ୍ତେ ଗଲେଣି ।

"ବାବୁ—"

"କଣ କହୁଚୁ ଯଶୋଦା ?"

"ଆସିଛ ତ, ଏଇ ଥର ମତେ ମୋ ଦେଶକୁ ପଠେଇ ଦଅନ୍ତ ନାହିଁ, ବାବୁ ?"

ଅବିନାଶବାବୁ ହସରେ ଉଡ଼େଇଦେଲେ । କହିଲେ—"ଆମ ଘରେ ଥିରପାଣି ନଅଣ୍ଟ ହଉଚ କ ଯଶୋଦା ?"

"କଣ ଥିରପାଣି ମନେ ଦବ ବୋଲି ଆଣିଥିଲ ବାବୁ ?"

"ଧେତ୍, ପୁଣି ବାହାଣନ୍ଦ—"

ଯଶୋଦା କାନ୍ଦପକେଇ ହାଉଳି ହେଲା, "ମୋ ଘର । ଗୁଞ୍ଜିଦେଇ ଆସ, ତମ ଗୋଡ଼ତଳେ ପଡ଼ୁଚ ବାବୁ । ସେଠି ଯୋଉଠି ହେଲେ ଭିକ ମାଗି ଖାଇବ ।

Digitized by srujanika@gmail.com

ମୁଁ ଚାଲିଯିବି । ନଇଲେ ତମ ଉପରେ ମୋ ଅଶ୍ରୁ ପଡ଼ିବ ବାବୁ, ତମକୁ ଦୋଷ ଲାଗିବ—"

"ଆରେ—" ଅବିନାଶବାବୁ ତାଙ୍କର ସଂସ୍କୃତ ଗଳାରେ କହିଲେ, "ଭଲ ହଟା, ଏମିତ ଘଣ୍ଟାକେ ପହରକେ ତୋର ବାହାରେ ହଇଲେ ? ଆଏ, ଆଏ, ମତେ ଦେଖିଲେ ସ୍ବାର ବେଗ ମନେପଡ଼େ ! ଆଚ୍ଛା ବିପଦ ! ରୁନ ହ, ହେ ଯଶୋଦା, ଏ ଇମିତ କାହିଁକି ହଉଚୁ ?"

ଦୂରରୁ ଗର୍ଜନ—"ଏ ଯଶୋଦା—" ଉମା ପାଟି କରୁଛନ୍ତି । ଦୁଇ ଥର ଉତ୍ତରେ ଯଶୋଦା କାନ୍ଦଣା ବନ୍ଦ କରି ସିଧା ହୋଇ ଠିଆ ହେଲା । ଶୁଭିଲା— "ହେ ଯଶୋଦା, କୋଉଠି ମରୁଚୁ ?"

"ଯାଉଚ ମା—"

କଳ ଚାଲିଲା ପରି ଯଶୋଦା ଚାଲିଗଲା । ଆପଦରୁ ଉଦ୍ଧାର ପାଇ ଅବିନାଶବାବୁ ରୁମାଲରେ ମୁହଁ ପୋଛିଲେ । ମାନମୟୀ ଗୀତ ବୋଲିଲାଣି । ଶାନ୍ତ ପଡ଼ିଛି । ଆପଣାର ଘରସଂସାର । ସୃଷ୍ଟିର ପ୍ରାଚୁର୍ଯ୍ୟ । ଦୁମୁ ଦୁମୁ ଶବ୍ଦ ଶୁଭୁଛି । 'ସେ' ଆସୁଛନ୍ତି, ସଂସାରର ନବୀ ମନ୍ତ୍ରି ।

"କଣ କରୁଛ କି ? ଯଶୋଦା କଣ କହୁଥିଲା ବା ?"

"କହୁଥିଲା, ତାକୁ ଏଠି ଭଲ ଲାଗୁ ନାହିଁ ଘରକୁ ଯିବାକୁ କହୁଛି—"

ଯଶୋଦା ନାହିଁ । ଦେବୀ କହିଲେ—"ମଲା ମୋର, ପେଖେନା ! ଦେଲ ନାହିଁ ପିଠି ସିଧା କରି—"

"ଗୁଡ଼, ଗରିବ କଥାଣୀ ଲୋକ—"

"କଣ ଗୁଡ଼ ମ ! ଛଡଶାନଯୋଗ ଖଣ୍ଡା ହୋଇଛି, କୋଉଠୁ ଡେଣା ପଶିଗଲା ଯେ, ତମକୁ ଦେଖିଲେ ଛଲ ପଶିଯାଉଚ, ସବୁ ବାହାରୁଚ ଖାଲି ଫେସ୍‌ବ୍ । ହସା ଉଠିଚ ଘରରୁ ଯିବେ ! ମୁହଁ ନ ଭାଙ୍ଗିଲେ କୁକୁର ଉପରକୁ—"

ସ୍ୱରଟା ଉଚ୍ଚକୁ ଚଢ଼ିଯାଇଥିଲା । ମଝିରେ ବାଧା ଦେଇ ଗୋଟାଏ କରୁ ଧୀର ଅଥଚ ବିଷାକ୍ତ ଗଳାରେ ଜବାବ୍ ଆସିଲା—"କାହା ମୁହଁ ଭାଙ୍ଗିବ ଯାଆନ୍ତାଣୀ ?" ଅଲଗା ହୋଇ ମୁହଁ ଉପରେ ବାଳ ଲେଟିଛି, ମସିଆ ଲୁଗାଟା ବେଢ଼େଇ ହୋଇଛି, ଗୁଇ-ଅନ୍ଧାରର ଘୋଡ଼ଣୀ ପରି । ଗୁଞ୍ଜୁଣୀ ମୁଠା ମୁଠେଇ ଧରିଛି । ପାଖକୁ ଆସି ମୁହଁ ଭ୍ରୂକୁଟି କରି ଯଶୋଦା କହିଲା—"ତମ ଜମିଦାରୀରେ ମୋର ଘର ନୁହେଁ ।"

Digitized by srujanika@gmail.com

ରମା କାଠ ହୋଇ ଅନେଇ ରହିଲେ । ଅବିନାଶବାବୁ ଗମ୍ଭୀର ହୋଇ କହିଲେ—"ଏ ଯଶୋଦା—" "ଆହା-ହା—ଏ ଯଶୋଦା -!" ଖଟେଇ ହୋଇ ଯଶୋଦା ହସିଲା, ହସି ହସି ଦମ୍ ବନ୍ଦ ହେବ ସନ୍ତେ କି ! ତା ପରେ ତରତର ହୋଇ ପ୍ରଳାପ ବକୁଛି । ସେ କେତେ ଦରଖଣ୍ଡିଆ ଗାଢହାସ । କଥାକୁ କଥା ଖୁନ୍ଦାଖୁନ୍ଦି, ବିରାମ ନାହିଁ । ହାମୁଡ଼େଇ ହୋଇ ତଳେ ବସିଛି । ଝୁଲିଝୁଲିକା ଦି' ହାତରେ ଦଳାଣ୍ଡିଲା ପରି କରୁଛି, ମୁହଁ ପୋଛି, ମୁଣ୍ଡ ଝାଙ୍କି ଝାଙ୍କି ଏକା ନିଶ୍ୱାସରେ ବକି ଲାଗିଛି ନ କହିବା କଥା । ସମସ୍ତେ ଗଦା ହେଲେଣି ।

"ଯଶୋଦା—ଯଶୋଦା—!" ଶୁଣୁ ନାହିଁ ।

"ଛାତିଁ କଣ ପଶିଚ, ତାକୁ କଣ ଲାଗିଚ !"

"ତୁମେ ରହ—" ଅବିନାଶବାବୁ କହିଲେ । ପିଠିରୁ ହଲେଇ ଦେଇ ଡାକଲେ—"ଯଶୋଦା—!"

ଯଶୋଦାର ଦେହ ଥରିଗଲା । ମୁଣ୍ଡ ଟେକି ଥରେ ଚାହିଁଦେଲା । ତା ପରେ ସେହି ସେମେଟା-କଣିଆ କେନ୍ଦୁକାଠ ପରି ମୁହଁରୁ ଖାଲି ଝର ଝର କାନ୍ଦଣା ।

ଯଶୋଦାର ହୋସ୍ ଆସିଲା । ଝଡ଼ି ପଡ଼ିଥିବା ଆତ୍ମସମ୍ମାନର ତଳିତଲାନ୍ତ ଗୋଟେଇ ପୋଟେଇ, ଭୂତ ପରି ଉଠି ତଳକୁ ଓହ୍ଲେଇଗଲା ।

ଗହଳି ଭାଙ୍ଗିଗଲା ।

ଅବିନାଶବାବୁ ସ୍ତ୍ରୀଙ୍କୁ କହିଲେ—"ଦେଖିଲ !"

"କଣ ?"

"ମୁଁ କଣ କହୁଥିଲି—"

ନିଆଁ ପରି ଚାହାଣୀ ମେଞ୍ଚାଏ ଫୋପାଡ଼ି ମାରି, ଓଠ ମୋଡ଼ିଦେଇ ରମା କହିଦେଇ ଗଲେ—'ହୁଁ' । ଦୁଲ୍ ଦୁଲ୍ ହୋଇ ଉଠି ଚାଲିଗଲେ ।

ଅବିନାଶବାବୁ ବିରକ୍ତ ହେଲେ ।

କାନ୍ଦିବାକୁ ରମାଙ୍କର ମନର ବୟସ ନାହିଁ । ତାଙ୍କର ମତାମତ ସେହି ସାନ 'ହୁଁ'; କିନ୍ତୁ ତାର ଅର୍ଥ ଅବିନାଶବାବୁଙ୍କୁ ଅଛପା ନୁହେଁ । ପାଗଳପଣିଆର ପ୍ରଶ୍ରୟ ନେଇ, ଗରମ ନିଶ୍ୱାସ ଆଉ ତତଲା ଲୁହରେ ଯଶୋଦା ଯେଉଁପରି ତାଙ୍କ ମୁହଁରୁ ଭଦ୍ରତାର ପରସ୍ତେ ଖୋଳପା ଛଡ଼େଇ ଦେଇଗଲା, ମୁହଁ ଦେଖାଇବାକୁ ଆଉ ରାହା ରଖିଦେଇ ଗଲା ନାହିଁ । ଯାହା ରହିଲା, ପବନ ଲାଗିଲେ, ପାଣି ଲାଗିଲେ ବି ସେ କାଟିବ ।

Digitized by srujanika@gmail.com

ଦ'ଟା ମଣିଷ, ସେ ଆଉ ତାଙ୍କ ସ୍ତ୍ରୀ । ପ୍ରତିଦ୍ୱନ୍ଦ୍ୱିତାମୟ ଘରକରଣା ତାଙ୍କର । ଜଣେ ତଳକୁ ଖସିଲେ ଆର ଜଣକ କେତେ ଉପରକୁ ଉଠିଯାଏ । ସେହି ଉପରୁ ତଳକୁ ଅନୁକମ୍ପା ଦେଖାଇ ଟିକିଏ ହସିଦିଏ; ଅଥବା ମୁହଁ ବଙ୍କେଇ କହେ 'ହୁଁ' । ପିଠି ବୁଲେଇ ଚାଲିଯାଏ ।

କେବଳ ସେତିକି ନୁହେଁ, ଅତୀତର ସେହି ଲଙ୍ଗଳା ଇତିହାସ ପାଳି କରି ଗାଇଲାବେଳକୁ ଦେଖଣାହାରୀ ଥିଲେ । ଥିଲେ ମାନମୟୀ, ଅଘୋର । ଓଃ !

କେତେ ଚଞ୍ଚଳ ମତାମତ ଠିକଣା କରିଦେଇ ଲୋକେ ଚାଲିଗଲେ ! କାହିଁ, କିଏ ? ଘର ମାଡ଼ି ପଡୁଛି । ମାନମୟୀର ଗୀତ ନାହିଁ, କାହାରି ଶବ୍ଦ ନାହିଁ । ଘରେ ଲୋକ ଅଛନ୍ତି କି ନା, ବାରି ହେଉ ନାହିଁ ।

କାଗଜ ଉପରେ, କାମ ଉପରେ ଦୃଷ୍ଟି ରଖି ବେଳ କଟିଗଲା । ତା ପରେ ଭାତଥାଳି । ବାଢ଼ିଦେଇ ପୁତୁରା ଅପେକ୍ଷା କରିଛି । ସେଠି ବି ଏକୁଟିଆ ।

ପଦେ ବି ଉଁ-ଚୁଁ ନାହିଁ । ଯଶୋଦାର ଅଭିଶାପରେ ଆପଣାର ଚାକର ପାଖେ ଆପେ ସାନ ହେବାକୁ ପଡ଼ିବ । ଶଙ୍କି ଶଙ୍କି ପଚାରିଲେ—"ମା କାହାନ୍ତି ରେ ?"

"ଭୋଜନ ସାରି ଗଲେଣି ହଜୁର୍ । କହିଲେ, ମୁଣ୍ଡ ବଥାଉଚି; ରହି-ପାରିବି ନାହିଁ ।"

ଚଞ୍ଚଳ ଆଞ୍ଚୋଇ ସାରି ଶୋଇବାକୁ ଗଲାବେଳକୁ ପିଣ୍ଡା କଡ଼ରେ କାନ୍ଥକୁ ଆଉଜି ଯଶୋଦା ଠିଆ ହୋଇଥାଏ । ରାଗରେ ଦେହ ଜଳିଲେ । କଥା କହିବାକୁ ମନ ହେଲା; ପୁଣି ଭାବିଲେ, କିଛି ଲାଭ ନାହିଁ । ପୁଣି ହୁଏ ତ ତାକୁ କାଳସୀ ଲାଗିବ, ଅର୍ଥକୁ ଅନର୍ଥ ଘଟେଇବ । ଶୋଇବାଘରେ ପଶି ସ୍ୱିଚ୍ ଟିପିଦେଲାବେଳକୁ ପିଠି ବୁଲେଇ କରମାଡ଼ି ରମା ଶୋଇଛନ୍ତି ।

"କଣ ଶୋଇଲଣି କି ?"

କିଛି ଜବାବ ନାହିଁ ।

ମୋଟାସୋଟା ସ୍ତ୍ରୀ । ବୟସର ମାଡ଼ କେଉଁଠି ଖାଲ କରି ନାହିଁ । କେତେ ଯତ୍ନ, କେତେ ରୋଜଗାର ଦରକାର ପଡୁଛି ଏ ଦେହକୁ ପାଳି ସୁସ୍ଥ ରଖିବାକୁ । କି ପରିଶ୍ରମ !

ପ୍ରତିଦିନ ଏହି ପିଠି, ଚକ୍କଣ, ଚର୍ବି ବହଳ ।

ଆଲୁଅ ଲିଭେଇ ନିଜ ସ୍ଥାନରେ ଅବିନାଶବାବୁ ଶୋଇପଡ଼ିଲେ । ନିଦ ହେଉ ନାହିଁ । ଯାହାକୁ ମୁହାଁମୁହିଁ ଅନେଇ କିଛି କହିହୁଏ ନାହିଁ, ତାହାରି ପାଖରେ ଶୋଇରହି, ଭାବି ଲାଗିଲେ ତାହାରି ବିରୁଦ୍ଧରେ ।

ତୋଫାନ ଉଠିଛି । ଅନ୍ଧାର ରାତି । ଅବିନାଶବାବୁ ଭାବି ଲାଗିଲେ ।

□ □

Digitized by srujanika@gmail.com

ସଇଁତିରିଶ

ଦୂରରେ ତୋଫାନ ଡାକ ଗୁଞ୍ଜରୁଛି । ଘର ଅନ୍ଧାର, ବାହାର ଅନ୍ଧାର । ପୁରୁଣା ଅନୁଭୂତ ଚେଇଁ ଉଠୁଛି, ରକ୍ତରେ ଖେଳୁଛି ବିଜୁଳି । ବୟସର ବୋଝ ଆଡ଼େଇଦେଇ, ଅଜାଡ଼ି ଦେଇ, ସ୍ମୃତି ଅଣ୍ଡାଳି ଅଣ୍ଡାଳି, ମନ ସୁଖ ଖୋଜୁଛି । ସେଠି କାଠ-ପଥର ବାଡ଼ ନ ଥିଲା, ପାପ-ପୁଣ୍ୟର ଜଗୁଆଳି ନ ଥିଲେ । ସେଠି ଯଶୋଦାର ସ୍ଥାନ ଥିଲା । ଆଜିର ଏ ଗୃହକର୍ତ୍ତ୍ରୀ'ର ନୁହେଁ, ସେ କାଳର ଯଶୋଦାର ।

ଆଉ କେତେ ଥିଲେ, ସେମାନଙ୍କ ନାଁ ମନେନାହିଁ । ସମସ୍ତିଙ୍କର ସବୁ ମନେନାହିଁ । ସେମାନେ ସୁଖ ଦେଇ ଦୁଃଖ ନେଇ ଚାଲିଯାଇଛନ୍ତି, ଅଟକି ରହି ନାହାନ୍ତି । ବିବାହିତା ସ୍ତ୍ରୀ ପାଖରେ ଶୋଇ, ଅବିନାଶବାବୁ ସେହିମାନଙ୍କର ଛବି ଦେଖୁଥିଲେ, ଶାନ୍ତ ଲାଗୁଥିଲା ।

କେତେ ରାତି ହେବ କେଜାଣି, ପାଖ ଘରୁ କଣ ଶବ୍ଦ ଶୁଣି ନିଦ ଭାଙ୍ଗିଗଲା ! ନିଜ ଅର୍ଜନରେ ଧନ ବଢ଼ୁଥିବାରୁ ସ୍ୱଭାବରେ ତାଙ୍କର କାନ ପାତଳ । କାନେଇଁ ରହି ଗାଲପାରି ଶୋଇଲେ । ପାଖ ଘରୁ ଶବ୍ଦ ଆସୁଛି ଖୁବ୍ ଧୀରେ ଧୀରେ; କିନ୍ତୁ ଅନେକ ଥର ଏକାପ୍ରକାର ଶବ୍ଦ । ଉଠିପଡ଼ି ଚାଲିଯାଇ ଅବିନାଶବାବୁ ଆଲୁଅର ସ୍ୱିଚ୍ ଟିପିଦେଲେ । ତାପରେ ଚମକିପଡ଼ି ଆଁ କରି ଅନେଇଁ ରହିଲେ । ତୁଣ୍ଡରେ ପଦେ କଥା ନାହିଁ ।

ଗୋଡ଼ଠୁ ଜଙ୍ଘଯାକେ ଖୋଲା ଦେହ, ସେଥିରେ କଳା ବୋଳା ହୋଇଛି । କଳା ଜଙ୍ଘିଆ ଉପରେ କଳା ଫତୁଆ । ମୁହଁରେ, ମୁଣ୍ଡରେ କଳା କନା ବନ୍ଧା ହୋଇଛି । କିଛି ବାରି ହେଉ ନାହିଁ । ବଡ଼ ବଡ଼ ଛୁରୀ ଦି ଖଣ୍ଡ ଧରି ଦି'ଟା ଲୋକ ମୂର୍ତ୍ତିପରି ଠିଆ ହୋଇଛନ୍ତି ଝରକା ପାଖରେ । ଛୁରୀ ଉଞ୍ଚେଇ ଦି ହାତ ଉଠିଲା, ଅବିନାଶବାବୁ ଠକ୍ ଠକ୍ ଥରିଲେ ତଣ୍ଟିରୁ କିଏ ଯାପି ଧରିଲା ପରି । ତାଙ୍କର ବୁଦ୍ଧି ହଜିଯାଇଥିଲା ।

ଜଣେ ଆଗେଇ ଆସିଲା, ଡେଙ୍ଗା, ପାତଳା ଜଣେକ । ଅନ୍ଧାର ଭିତରେ ଛୁରୀ ଉଞ୍ଚେଇ ମାଡ଼ି ଆସୁଛି କଳାମୁଖା ପିନ୍ଧା ମଣିଷ । ଅବିନାଶବାବୁ ପଛେଇ ପଛେଇ କାନ୍ଥରେ ମାଡ଼ିହୋଇ, ହାତ ଦୋହଲେଇ ଥରିଲେ । ଖାଲି ମୁହଁରେ ଆକୁଳ ଭିକ୍ଷା ।

Digitized by srujanika@gmail.com

"କଏ ତୁମେ ! ଏ କଣ ? ଛୁଆ ଉପରେ ଠିଆ ହୋଇଛ କାହିଁକି ? କଏ ?" କାନ୍ଥ ଘଣ୍ଟାରେ ଟିକ୍ ଟିକ୍ ବାଜିଯାଉଛି । ସବୁ ନିସ୍ତବ୍ଧ, କେଉଁଠୁ ଜବାବ ନାହିଁ । ବେଳୁବେଳ ଆପଣା ଭିତରର ଫମ୍ପା ଆବାଜ୍ ତୀବ୍ର ହୋଇଉଠୁଛି—"କଏ ତୁମେ ?"

"ପାଟି କଲେ ଏଇ ହତିଆର୍ । ତୁମେ ମରିବ । କାହିଁକି ମରିବାକୁ ହଉଚ ?" ସବୁ ଧୈର୍ଯ୍ୟ ପୁଣି ପାଣି ଫାଟିଯାଉଛି, ଦେହ ଝିମିଝିମି ଲାଗୁଛି । କାଠରେ କାଠ ବାଜିଲା ପରି ପାତଳା ଲୋକର ମୁଁହ ଭିତରୁ ଗୁଡ଼ାଏ କର୍କଶ, ନିର୍ମମ ଶବ୍ଦ; ଯାହା ନାଁ ହସ । ଥର ଥର ଚୌକିରେ ବସିଲେଣି । ଛାତି ଥଣ୍ଡା ହୋଇଯାଉଛି, ମୁଣ୍ଡ ଝୁଙ୍କି ହୋଇଯାଉଛି ଟେବୁଲ ଉପରକୁ । ପ୍ରାଣ ଅସ୍ଥିର ।

"କଥା କହୁ ନା କାହିଁକି ? ମୁଁ ପଚାରୁଛି, ମଲେ ତୁମର ଆପତ୍ତି ଅଛି ?"

"ଓଃ !"

ବାହା ଉପରେ ମୁହଁ ପୋତିଦେଇ, ଟେବୁଲରେ ଲଦିହୋଇ ପଡ଼ିଲେ । ଖୁଟ୍ କରି ଶବ୍ଦ ହେଲା । ଆଲୁଅ ଲିଭିଗଲା, ଘର ଅନ୍ଧାର ।

"ଆଲୁଅ ସହି ହେଉ ନ ଥିଲା, ନୁହେଁ ? ଭଲ, ତେବେ ଶୁଅ । ଶୋଇ ଶୋଇ ସ୍ୱପ୍ନ ଦେଖ । ଆମେ ଅଛୁଁ, ଆମ ହାତରେ ହତିଆର ଅଛି । ଚମକିଲେ ଫୋଡ଼ିହେବ ତା ମନକୁ । ଭାରି ଦାଢ଼, ଭଲ ଲାଗୁଛି ?"

ପିଠି ଉପରେ ଥଣ୍ଡା ହତିଆରର ମୁନ ପରଖ ହେଉଛି, ଦାନ୍ତ ଚିପି ଚିପି ହସ । ଅବିନାଶବାବୁ ଆଶା ଛାଡ଼ିଦେଇ ଆଖି ବୁଜିଥିଲେ । ଭାବୁଥିଲେ, ଏ ଦୁଃସ୍ୱପ୍ନ ।

"ଏଇ ତୁମର ସାହାସ ? ଏତେ ଚଞ୍ଚଳ ପାଣି ଫାଟିଗଲା ? ହତାଶ ହୋଇଗଲ ? ଭାବ, କେତେ ବୀର ତୁମେ, କେତେ ତୁମର ସାହସ । କାଲି ତୁମେ କେତେ ସାନ ଥିଲ, ଆଜି କେତେ ବଡ଼ ! ସବୁ ତୁମ ପାଗଲାପଣ । ମିଛ କହିଲି ? ଲୋକଙ୍କ ଆଖିରେ ଅନ୍ଧପୋଟଳି ବାନ୍ଧିଦେଇ ଟଙ୍କା ଥଳି ବୋହି ଆଣିଲାବେଳକୁ ତୁମେ ବୀରଟାଏ । ଗର୍ଜନ ଗୁଡ଼ି, ତରେଇ, ଗୋଇଠା ପ୍ରହାର, ଗରିବଙ୍କ ସଂସାର, ଗରିବଙ୍କ କୁଡ଼ିଆ ଚୂନା କରିଦେଲା ବେଳକୁ ତୁମେ ମହାବୀର ! ପରର ସ୍ତ୍ରୀ, ପରର ଝିଅ ଘରୁ ଉଠାଇ ଆଣି ରାସ୍ତାରେ ଗଡ଼ାଇଦେଲା ବେଳକୁ ତୁମର ବେଜାଏ ସାହସ । କାହିଁକି ତେବେ ଭୟରେ ମରୁଛ ? ତୁମେ କଣ ବଦଳିଗଲ ? କହ, କଥା କହ ।"

"କେଉଁ ଦେଶରେ ତୁମର କେତେ ପୁଅ ଝିଅ, କେତେ ତୁମର ରଖିଲା ସ୍ତ୍ରୀ, ତାଙ୍କର ଖବର ନେଉଥିଲ ? କେବେ ତାଙ୍କର ମଲା ହଜିଲା ଯାଉଥିଲ ଖୋଜ ?

Digitized by srujanika@gmail.com

କେତେ ଲୋକଙ୍କ କପାଳ ଫଟେଇଛ, କେତେ ଲୋକଙ୍କ ରକ୍ତ ଶୋଷିଛ ? ସେମାନେ ଆଜ କଣ କରୁଛନ୍ତି, ବଞ୍ଚିଛନ୍ତି କି ମଲେଣି—କେବେ ଖବର ବୁଝିଥିଲ ? ନା, ଖବର ନେବା ତୁମର କାମ ନୁହେଁ । ତୁମର ଭଲ ଉପାସ୍ଥ, ଶୋଇପଡ଼ିବ, ଆଖି ବୁଜିଦେବ । ବହୁତ କୁହାଗଲଣି, ଏଥର ହଉଆର୍—"

ଆଉ ଜଣକ ପିଣ୍ଡୁଲା ପରି ଠିଆ ହୋଇଥିଲା, ହଠାତ୍ ଅଶ୍ରୁତି ପାଞ୍ଚିକଲା— "ଲଟେଇବ ?"

"ଆଉ ପଗୁରୁଛୁ—?"

ଚୌକିରୁ ତଥାଁ ମାରି ଉଠିପଡ଼ି ଠିଆ ହୋଇ ଥରଲେ ଅବିନାଶବାବୁ । "ନାହିଁ, ନାହିଁ; ମତେ ମାର ନାହିଁ, ମାର ନାହିଁ । ଯାହା ଅଛି ନିଅ ପଛେ, ପ୍ରାଣରୁ ମାର ନାହିଁ—"

"ପ୍ରାଣ ପ୍ରତି ଏତେ ମମତା ? ନିମିଷକେ ଦାତାକର୍ଣ୍ଣ ! ହାଃ, ହାଃ, ହାଃ—ଖାଲି ନିଅ, ନିଅ—କଣ ନେବୁଁ ? ତୁମେ କଣ କମ୍ ହୁସିଆର ଯେ, ସବୁ ଧନ ପାଖରେ ରଖିଥିବ ! ଘରର ଇଟା, ପଥର ବୋହି କଣ ନେବାକୁ ଆମେ ଆସିନାହିଁ । ଦେବାପଣ ଦଶୁଛ ! କବାଟ ଖୋଲି ପଦାକୁ ଗୋଡ଼ କାଢ଼ିଲେ ସବୁ ଅଡଥିସେବା କୁଆଡ଼େ ଗାଧେଇ ଯାଇଥିବ । ଦେଖାଯାଉ, ଏଇ ବଡ଼ ସିନ୍ଦୁକଟାରେ ଯାହା ଥିବ ! ଭଲ ପିଲା ହେଇ ବଢ଼େଇ ଦବଟି ଚାବିଟା—ହଉ, ବସ ।"

ସିନ୍ଦୁକ ଖୋଲାଗଲା । ଯାହା ଥିଲା, ତାହା ବୁଜୁଳି ବନ୍ଧାହେଲା । ଡେଙ୍ଗା, ପତଳା ଲୋକ ଆରଜଣକ ହାତକୁ ତାକୁ ବଢ଼େଇ ଦେଇ କହିଲା, "ଯା—।"

"ବସ, କଥାଶେଷ ହେବା । ଏଇ ହଉଆର ଦେଖୁଛ ? ବଡ଼ ସୁରୁଖ । ଥରେ ଭୁସିଦେଇ, ଟାଣିଦେଲେ ଦ'ଗର କରି ଯୋଇଦବ । ତୁଣ୍ଡ ମୁଣ୍ଡ ନାହିଁ, ଗୋଳମାଳ ନାହିଁ, ଧୀରେ ଧୀରେ । କେଇଟାକ୍ତ ମାରିଛୁ—ରହ, ମୁଁ କହିବ—ତୁମେ ଶୁଣିବ—।" ସେମିତି କାଠରେ କାଠ ପିଟିଲା ପରି ଠୋ ଠୋ ହସ । ଅନ୍ଧାରରେ ତାର ଗ୍ରୁଇ ଦଶୁଛି । ହଉଆର ହଲେଇ କୁଦାମାରି ସେ ଛକିଲାଣି । ମୁହଁଗୁଡ଼ିଆ ପୁରୁଣା ଲୁହାର ଖଣ୍ଡେ ନକନକ ପର୍ଜି ପରି ।

"କେତେ ଲୋକଙ୍କ ତଣ୍ଟି କାଟିଛ । ଆପଣା ତଣ୍ଟି ପାଇଁ ଲୋଭ କର ନାହିଁ—ହେଇ ଦେଖ—"

ଗାଁ ଗାଁ ହୋଇ ଛଟପଟ କରି, ଦେଖୁ ଦେଖୁ ଅବିନାଶବାବୁ ଟେବୁଲ ଉପରେ ମୁହଁ ଯୋଡ଼େଇ ଢଳିପଡ଼ିଲେ । କେତେବେଳ ଏମିତି କଟିଲା, ଜଣା

Digitized by srujanika@gmail.com

ନାହିଁ । ଧୀରେ ଧୀରେ ସେ ସିଧା ହେଲେ । ଦେହ ଝାଳରେ ଜୁଡ଼୍‌ବୁଡ଼୍‌, ଠକ ଠକ ଥରୁଛି ବରଡ଼ାପତ୍ର ପରି । ହପଦ କେଉଁଠି ଲୁକ ବସିଛି, କାନ୍ଥ ଫାଟି ନାହିଁ, ରହିଛି । ବେଳ ଗଲା; ଶବ୍ଦ ନାହିଁ । କେବଳ ଘଣ୍ଟାର ଟିକ୍ ଟିକ୍ । ଠିଆ ହେଲେ, ଧୀରେ ଧୀରେ ଚାଲିଲେ, କେହି ବାଧା ଦେଲା ନାହିଁ । ତଥାପି ପ୍ରାଣରେ ଭୟ, ହଢଆର ବଞ୍ଚେଇ ଲୁଚିଛି ସେ କେଉଁଠି । ଧୀରେ ଧୀରେ କବାଟ ଆଡ଼କୁ ମୋହିଁ ଗଲେ । କେହି ବାଧା ଦେଲା ନାହିଁ । କବାଟ ଖୋଲି ଦେଲେ ତଥାପି କାହାର ଶବ୍ଦ ନାହିଁ । ସ୍ୱାଭାବିକ ବୁଦ୍ଧି ଫେରିଆସିଲା । ଅବିନାଶବାବୁ ବିଶ୍ୱାସ କଲେ, ହଢଆର ନାହିଁ, ହପଦ ନାହିଁ, ଘରେ କେହି ନାହିଁ । ଅତି ଉଲ୍ଲାସରେ ଆଲୁଅର ସ୍ୱିଚ୍ ଟିପିଦେଇ ଦେଖିଲାବେଳକୁ ଘରେ କେହି ନାହିଁ । ଯେଉଁଠି ଯାହା ଥିଲା, ସବୁ ରହିଛି । ଟେବୁଲ ଉପରେ ଗ୍ଲାସ ଥୁଆ ହୋଇଛି । ବାକ୍ସ ବନ୍ଦ ଅଛି ।

ତେବେ କଣ ଏ ଦୁଃସ୍ୱପ୍ନ !

ସମ୍ଭବ । ନିଦବାଉଳାରେ କେତେବେଳେ ଏ ଘରକୁ ସେ ଉଠି ଆସିଛନ୍ତି, ନିଦ ହୋଇଯାଇଛି ।

ଆପଣାର ମନ ବୁଝିବା ବାହାନାରେ ସିନ୍ଦୁକ ଖୋଲିଦେଲେ । ସିନ୍ଦୁକ ପଡ଼ିଛି, ଟଙ୍କା ନାହିଁ । ଅତି ଦୁଃଖରେ ଗୁଡ଼ି ଭାଙ୍ଗିପଡ଼ିଲା । ବୁଝିଲେ,. ସବୁ ସତ । ଅଥଚ ନିଜ ଆଖି ଆଗରେ ଏପରି ଘଟିଛି ବୋଲି କାହାରକୁ କହିହେବ ନାହିଁ; ଲାଜ ମାଡ଼ିବ ।

ସିନ୍ଦୁକର କବାଟ ଠିଆମେଲା ରଖି, ଶୋଇବା ବଖରାର ବାରଣ୍ଡାରେ ଆସି ଠିଆହେଲେ । ପିଣ୍ଡାରେ ଆଲୁଅ ଜାଳିଦେଇ, ଖୁବ୍ ବଡ଼ ପାଟିରେ ହାଉଳି କଲେ—"ଗ୍ରେର—ଗ୍ରେର—।"

ନିଦ ବାଉଳାରେ ରମା ଉଠି ଆସି ଝୁଣ୍ଟିପଡ଼ି ପାଟି କଲେ—"ଗ୍ରେ—ଗ୍ରେ—"

ହଲ୍ଲା ହେଲା—"ଗ୍ରେ—ଗ୍ରେ—ଗ୍ରେର—ଗ୍ରେର ।"

□ □

Digitized by srujanika@gmail.com

ଅଠତିରଶି

ପାହାନ୍ତାର ଧୀର ପବନରେ ନାକଫଟା ମଇଲା ଗନ୍ଧ ଚହଟି ଆସୁଛି । ମଶା ବାହୁଡ଼ାଣି, ମାଛି ଲେଉଟାଣି ସନ୍ଧି ସମୟ । ଜଗତଯାକକୁ ଖଟେଇ ହେଲା ପରି ଆପଣା ଦେହର ହାଡ଼ ଚମ, କୋରଡ଼ ଦେଖେଇ ମେହେନ୍ତରୁ ପଲ୍ଲୀ ଚେଇଁ ଉଠୁଛି । ଡାଟି କବାଟ ଲଗେଇ ସନିଆ ନାଟ କରୁଛି । ତାର ଜୀବନରେ ନୂଆ ଅଧ୍ୟାୟ । ଗଣବର କୁଡ଼ିଆକୁ ଟଙ୍କା ଆସିଛି ।

ଘର କଣର ଅଳିଆକୁଢ଼ ଭିତରେ ଠାଏ ଗୋଟାଏ ଗାତ ଖୋଳା ହୋଇଛି । ପାଖିଳିଆ ହୋଇ ମାଟି ଗଦା ହୋଇଛି, ହାଣ୍ଡିଟାଏ ଥୁଆ ହୋଇଛି । କନାରେ ବାନ୍ଧି ଗାତରେ ପୋତା ହୋଇଥିଲା ଯୋଡ଼ାଏ ଟଙ୍କା, ଆଠଣି, ସୁକି, ଦୋଣି ଖୁଚୁରା । ସନିଆର ଦୃଷ୍ଟି ତାହାରି ଉପରକୁ ।

ପଇସା—ପଇସା— ! କେବେ ନ ଦେଖିଥିବା ମନଇଚ୍ଛା ପଇସା ଖେଳା ହୋଇ ପଡ଼ିଛି । ସେଥିରୁ ମୁଠା ମୁଠା କରି ଗୋଟେଇ ନେଇ ଘରର ଡାଟିର ଫାଟବାଟେ, କାନ୍ଥର କଣାବାଟେ ଆଲୁଅ ଛିରକି ପଡ଼ୁଥିବା ଜାଗାରେ ତାକୁ ଦେଖେଇ, ଅନେଇଁ ଅନେଇଁ ସନିଆ ଆନନ୍ଦ ପାଉଛି । ଚପୁଛି, ମୁଠୋଉଛି, ବାରମ୍ବାର ଗଣୁଛି, କାନପାଖେ ଝଣଝଣୋଉଛି । କୁଦାମାରି ଘର ଭିତରେ ଡେଇଁ ବୁଲୁଛି । ପିଠେଇ ପଡ଼ି ଶୋଇ ଗୋଡ଼, ହାତ ଉପରକୁ ଟେକୁଛି । ଦୂରରେ ବସି ଗାଲରେ ହାତ ଦେଇ ପଇସାକୁଢ଼କୁ ଅନେଇଁ ଭାବୁଛି, ଭାବୁଛି । ଧୀରେ ଧୀରେ ମୁହଁ କୁଞ୍ଚେଇ କୁଞ୍ଚେଇ ଫାଟିପଡ଼ୁଛି ଠୋ ଠୋ ହସ ।

ଆହୁରି ବହୁତ ଥିଲା, ଧମୀବୁଢ଼ା ନେଇଗଲା । କେତେ କଣ ଖସ୍ ଖସ୍, ମର୍ ମର୍; ଅନ୍ଧାରରେ ଦେଖିହେଲା ନାହିଁ । ଧମୀବୁଢ଼ା ବୁଦ୍ଧିର ଅବତାର । ମନ ଭିତରେ ଯେତେ ଅବ୍‌ଶୋଷ୍ ଥାଉ ପଛେ, ଥରେ ପିଠି ଆଉଁସି ଆସୁହେଇ ଦେଲେ, ସବୁ କୁଆଡ଼େ ପାଣି ପରି ବୋହିଯାଏ । ଆଉ ତାର ଯୁକ୍ତି ସହଜରେ ମରମକୁ ଭେଦେ । ମୁହଁ ଉପରେ କିଛି କହିହୁଏ ନାହିଁ ।

"ଏତେ ପଇସା କଣ କରିବୁ ପୁଅ ? କୋଠା ଗଢ଼ିବୁ ? କୋଠା ଘରେ ରହିଲେ ମଣିଷ ନିକମା ହୋଇଯାଏ । ବେଶି ପାଇଲେ ମୁଣ୍ଡ ବୁଲେଇଦବ, ଦେଖେଇ ହବୁ, ବଳ ହବୁ, ରଖିପାରିବୁ ନାହିଁ, ଧରାପଡ଼ିବୁ । ଯାହା ଦଉଚି ସେତକ ନେ । ଆହୁରି କେତେ ଥର ଅଛି, ଏତକରେ ସବୁ ନାହିଁ—"

Digitized by srujanika@gmail.com

କାମକୁ ବାହାରିଲା । ପଇସା ସଙ୍ଗେ ସଙ୍ଗେ ଚିନ୍ତା ଆସିଛି । ମନରେ ଦୋ ଦୋ ପାଞ୍ଚ; କେଉଁଠି ଛାଡ଼ିଦେଇ ଯିବ ଏ ପଇସା ! ଘର ନିରାପଦ ନୁହେଁ । କାମକୁ ଯିବା ପଛେ ପଛେ କିଏ ଗ୍ରେଫ୍ କରି ନେବ ନାହିଁ ତ ? ଯେ କେବେ ଦାରିଦ୍ର୍ୟ ଚିନ୍ତା କରି ନ ଥିଲା, ଜୀବନରେ ପହିଲି ହୋଇ ତାକୁ ବୋଝ ମାଡ଼ି-ପଡ଼ିଲା । ବହୁତ ଭାବି, ସେହି ଗାତରେ ଲୁଚେଇଦେଲା, ମାଟି ଢାଙ୍କିଦେଲା, ଆଗୁଡ଼ି ଯାଗୁଡ଼ି ଗଦେଇ ହାଣ୍ଡି ଘୋଡ଼େଇଦେଲା । ସନିଆ କାମକୁ ଗଲା ।

ସାହେବ୍ମାନଙ୍କ ଭିତରେ ଚହଲ ପଡ଼ିଛି, କୁହାକୋହି ଲଗିଛି, ଗାଡ଼ିରେ କୁଆଡ଼େ ବଡ଼ ବାବୁଘର କୋଠାରେ ତଦନ୍ତ ହୋଇଯାଇଛି । ପୁଲିସକୁ ଖବର ଯାଇଛି । ସନିଆ ମୁଣ୍ଡ ପରି ଥାଏ । ବାରମ୍ବାର ଗ୍ରାମ ଭିତର ଦେଖାଯାଏ, କାଳେ ସେ ଧରାପଡ଼ିଯିବ ନାହିଁ ତ ! କେହି ଜାଣି ନାହିଁ, କେହି ଦେଖି ନାହିଁ । ତଥାପି— । କିଏ ଅନେଇଁଛି, ନଘା କରୁଛି ? କାହିଁକି କିଏ ହସୁଛି ? ଏକାଠି ସାନ ସାନ ଦଳ ହୋଇ ଠିଆ ହୋଇ, କଣ ସବୁ ଲୋକେ ଟୁପୁରୁ ଟାପୁରୁ ହେଉଛନ୍ତି ? ବାରମ୍ବାର ସନ୍ଦେହ, ଅନ୍ୟମନସ୍କତା ।

"ବଳା ପରି ଠିଆହୋଇ ରହିଚୁ କାହିଁକି ସନିଆ ? ଗାଡ଼ି ନେଇ ଯାଉନୁ ? ସମସ୍ତେ ଗଲେଣି ପରା !" ମୁହଁ ବୁଲେଇ ଦେଖିଲା ମିସ୍ତ୍ରୀ ହେଣ୍ଡାଉଛି । ତରତର କରି ଗାଡ଼ି ବାହିନେଇ ଗ୍ରଲିଗଲା ସହର ଭିତରକୁ ।

ଲୋକ ଗହଳରେ କାମ କରୁ କରୁ ମନରେ ଦମ୍ଭ ଆସିଲା । କେହି ତାକୁ ଦେଖି ଅଟକି ରହୁନାହିଁ । କିଏ କାହାକୁ ଚହ୍ନୁଚି ? କିଏ କାହାକୁ ଖୋଜୁଚି ? ସବୁ ଆଶଙ୍କା ହସରେ ଉଡ଼େଇଦେଲା ।

ଏଣିକି ଅନ୍ୟ ଚିନ୍ତା । ଏତେ ଦୋକାନ-ବଜାର, ଏତେ ଜିନିଷ । କୌଣସି ଧନ ଏହି ବାଟେ ବାଟେ ମଇଳାଗାଡ଼ି ଅଡ଼େଇ ଗଲାବେଳକୁ ତେଣିକି ସେ ନିରେଖି ଅନେଇଁ ନାହିଁ । ଝାଳଅଣ୍ଡା ଥିଲାବେଳେ ସବୁ ଜିନିଷ ତା ପାଇଁ ନିରର୍ଥକ । ଆଜି ଆଖି ବୁଲି ଲଗିଛି । ଆଖୁ କିଆରିରେ ପଶୁଛି । କେଉଁଟା ସେ କିଣିବ, ବାର୍ ସହୁ ନାହିଁ । କେତେବେଳେ ସେ କାମରୁ ଫେରିବ ! ହଠାତ୍ ଏହି ଅସନା କାମରୁ ମୁହଁ ଉଠେଇ ଆଉ ଗୋଟାଏ ଜୀବନର ସ୍ୱପ୍ନ ଝାପ୍ସା ହୋଇ ଦିଶିଯାଉଛି ।

ଚଞ୍ଚଳ କାମ ସାରି ଫେରିଲା । କବାଟ ଫିଟେଇ ପ୍ରଥମେ ଦେଖିଲା ତାର ପୋତା ଧନକୁ । ଠିକ୍ ଅଛି, କେହି ଆସି ନାହାଁନ୍ତି ।

Digitized by srujanika@gmail.com

ପୂନି କାମକୁ ଫେରି ନ ଥିବ । କେତେ ଇଚ୍ଛା ହୁଏ ଦଉଡ଼ିଯାଇ ପୂନିକୁ କହିବାକୁ ଯେ ଆମର ଭାଗ୍ୟ ଫେରିଛି, ଭୟ ନାହିଁ; କାରଣ ଅଭାବ ନାହିଁ । ମନର ଆନନ୍ଦ ସମ୍ଭାଳି ହୁଏ ନାହିଁ । ବାରମ୍ବାର ଭାବେ, କିଛି ଗୋଟାଏ ସେ କରିବ । ଭାବୁ ଭାବୁ କାମ ପାଣି ଫାଟିଯାଏ । ସନିଆ ପଡ଼ି ପଡ଼ି ଖାଲି ସ୍ୱପ୍ନ ଦେଖେ ।

ଦ' ପହର ଗୋଟାକ କଟିଗଲା । କେହି ପଚାରିବାକୁ ଆସି ନାହିଁ ରାତିରେ ସେ କୁଆଡ଼େ ଯାଇଥିଲା, କଣ କରୁଥିଲା । ଆପଦ ନାହିଁ । କଣ କିଣିବ; କଣ କିଣିବ ହୋଇ, ମନ ଭିତରେ ବାରମ୍ବାର ତାଲିକା ତିଆରି ହୋଇ ବାରମ୍ବାର କଟିଗଲା । ଝରି ଚାଲିଥାଏ । ସନିଆ ଉଠିଲା । ମୋଟାମୋଟି ଏତିକି ଧାରଣା କରିଛି, ଭାଗ୍ୟ ବଦଳିବାର ଆଜି ପହିଲି ଦିନ । ଆଜି ସେ ଭଲ ଖାଇବ, ଭଲ ପିନ୍ଧିବ, ପୂନିକୁ ସଙ୍ଗୋଳିବ । ତାପରେ ଯାହା ହେବାର ହେଉ, ପଛର କଥା ।

ପୂନିଘରକୁ ଗଲା । ଦୁଆରବନ୍ଧରେ ଜେମା ବସିଛି । ପୂନି ଘରେ । ସୁବିଧା ହେବ ନାହିଁ । ସନିଆ ଏକୁଟିଆ ବଜାରକୁ ଗଲା । ପ୍ରଥମ ଦୋକାନରେ ବିଡ଼ି କଠାଏ କିଣିଲା । ଏକାଥରେ କଠାଏ ବିଡ଼ି କିଣିବା ସୌଭାଗ୍ୟ ସବୁଦିନେ ମିଳେନାହିଁ, ଯେତେବେଳେ ପଇସାଏ ଦ' ପଇସାର । କରିକିଆ ହୋଇ ଠିଆହୋଇ ମହାଆନନ୍ଦରେ ଗୋଟାକ ପରେ ଗୋଟାଏ ବିଡ଼ି ଶୋଷି ଲାଗିଲା । ଦେଖିଲା, ପାନ ଦୋକାନକୁ ବାବୁମାନେ ଆସୁଛନ୍ତି । ଆଗ ଖିଲିଏ ପାନ ଚୋବେଇ ଦେଇ ତା ଉପରେ ଗୋଟାଏ ଲେଖାଁ ସିଗାରେଟ୍ ଲଗାଇ, ଟାଣି ଟାଣି ଚାଲିଯାଉଛନ୍ତି । ଠିକ୍ କଥା, ସନିଆ ଭାବିଲା, ସିଗାରେଟ୍ କିଣିବା ଦରକାର ।

"କଠାଏ ସିଗାରେଟ୍ ଦେଲ ।" ଅଦ୍ଭୁତ ଗରାଖି ମୁହଁକୁ ଦୋକାନୀ ଚାହିଁ ରହିଛି; କିନ୍ତୁ ସନିଆ ଅଣ୍ଟା ଅଣ୍ଡାଳିଲାଣି । ସିଗାରେଟ୍ ମିଳିଲା । ସିଗାରେଟ୍ ମୁହଁରେ ଦେଇ, ଅଣ୍ଟାରେ ପଇସା ମାରି ଅଭିଯାନ ଲଗେଇଦେଲା ବଜାର ଭିତରକୁ ।

ବଗ୍ ପିଆଜ ଦୋକାନକୁ ଅନେଇଁ, ମୁହଁ ବଙ୍କେଇ ଅବହେଳାରେ ଗୁଡ଼ିଆ ଦୋକାନକୁ ଚାଲିଗଲା । ଧୋବଧାଉଳିଆ ଗରାଖି ଅନେକ । ଠେଲି ପେଲି ପଶିବାକୁ ସାହସ ହେଉନାହିଁ । ସନିଆ ଅପେକ୍ଷା କଲା । ଭିଡ଼ ପାତଳ ଦେଖି ହାତ ପତେଇ ମାଗିଲା ଟଙ୍କାକର ମିଠେଇ । ଠିଆ ଠିଆ ଖାଇଲାଗିଲା । ଦୋକାନୀ ନିମନ୍ତ୍ରଣ କଲା, "ସେଠି କାହିଁକି, ଉପରେ ବସି ଖାଅ ।"

"ଉପରେ—!" ଛୁଆଁ ତା ହାଡ଼ ସେ । କଣ କହୁ କହୁ ଭିତରେ ଅଟକିଗଲା । ହସିଉଠି ଅଇଣ୍ଠାପତ୍ର ଧରି, ଗୋଡ଼ ଛୁଟି ଛୁଟି ସନିଆ ଉପରକୁ

Digitized by srujanika@gmail.com

ଚଢ଼ିଲେ । ନିଶା ଖାଇଲା ପରି ଲାଗୁଛି । ପୁରୁଣା ଆଇନ ଭାଙ୍ଗିଦେଇ ପୁରୁଣା ଲକ୍ଷଣକୁ ଗାଡ଼ି ଖସେଇ ଦେଉଛି ସେ । କାହାକୁ ଡର, କାହାକୁ ସରମ ? ପାଖରେ ଟଙ୍କା ଅଛି । ବସି ବସି ଖାଇଲାଗିଲା ଗୋଟାକୁ ଗୋଟା ମିଠେଇ । କେତେ ଦିନର ଜହ୍ଲ ବିକଳ ସ୍ୱପ୍ନ ଆଜି ସଫଳ ହେଉଛି । କି ସୁଆଦ ! କି ଆରାମ୍ ! ଓଠ ଚାଟି ଚାଟି, ଗିଳି ଗିଳି ଖୁବ୍ ଚଞ୍ଚଳ ପଞ୍ଚ ଖାଲି ହେଲା । ଆଜି ଏତିକିରେ ଛାଡ଼ି ଯାଇପାରିବ ନାହିଁ । ଆହୁରି ଟଙ୍କାକର । ଆହା, ସାଙ୍ଗରେ ପୁଣି ନାହିଁ । ବିଚାରି ପୁଣି — ସହାନୁଭୂତିରେ ଆଖି ନରମ ହୋଇଆସିଲା ।

ପେଟପୂରି ଖାଇ, ପୁଣି ଲାଗି ପୁଳାଏ କାନରେ ବାଜି ସନିଆ ଉଠିଲା । ସିରା ବୋହିପଡ଼ୁଛି, ଲୁଗା ଓଦା ହେଲାଣି । ସହରରେ ସମ୍ବାଦ ଧରି ଖାରବାର ହୋଇ ସନିଆ ଚାଲିଛି ।

ନିତି ଦିନର ବଡ଼ ସଡ଼କ । ସେଠି ସନ୍ଧ୍ୟା ଓହ୍ଲେଇଛି । ଜାତି ଜାତି ମଣିଷ । ଦୁଇ ପାଖେ ବଜାର ଦୋକାନ ଝଲମଲ ହେଉଛି । ଫୁର୍ତ୍ତିରେ ସନିଆ ଚାଲିଛି, ମନ ଭିତରର ମାନ୍ଦା ଭାବ ଉଭେଇ ଗଲାଣି । କାଳି ଗେଞ୍ଜି ବାଟେ ଲୁଙ୍ଗୁଡ଼େଇ ଲୁଙ୍ଗୁଡ଼େଇ ପଳେଇବାକୁ ତାର ଗରଜ ନାହିଁ । ଅଣ୍ଟାରେ ଟଙ୍କା ଅଛି, ଲୁପ୍ତ ନାଗରିକତା ଫେରିଆସି ଆଣିଛି ସାହସ । ଆଜି ସେ ଭିଡ଼ ଭିତରେ କହୁଣୀରେ ପେଲି କାତ ମାରିଲା ପରି ଆପଣାକୁ କଟେଇ ନେଇପାରେ । ସେ ହାଡ଼ିଟୋକା ନୁହେଁ, ମଇଲା କଢ଼ାଳି ମଜୁରିଆ ନୁହେଁ । ଏଇ ବଡ଼ ସହରର ବଡ଼ ରାସ୍ତାରେ ଜଣେ ମଣିଷ, ଯାହାଠିଁ ଟଙ୍କା ଅଛି ।

ଚଳନ୍ତି ଛବି ପରି ନିତିଦିନିଆଁ ଦି ପାଖର ହାଟ ବଜାର । ସେ ଖାଲି ନିରର୍ଥକ ଦୃଶ୍ୟ ନୁହେଁ । ଜିନିଷର ରୂପ, ଜିନିଷର ରଙ୍ଗ ଆଖିରେ ପଡ଼ୁଛି । ସେ ଭାବୁଛି କଣ ତାର ବିଶିଷ୍ଟ ଉପକାର ଆପଣା ପାଇଁ ? ଏତେ କାଳ ଶୋଇ ରହିଥିବା ସହରର ବଜାର ଯେପରି ନିଦରୁ ଉଠି ଚହଲ ପକାଉଛି ତାହାରି କାନପାଖେ ଏକୁଟିଆ । ସାକୁଲେଉଛି, ଫୁସୁଲେଉଛି । ତାର ଆଖିରେ ବି ପୂରିଛି ବ୍ୟବସାୟୀ ସ୍ତରର ମୂଲଚଲ୍ଲା ଚାହାଣୀ । ଦେଖିଲାମାତ୍ରେ ମନେ ମନେ ଆନ୍ଦୋଳନ—ଇସ୍‌କା କ୍ୟା କିମ୍ମତ୍—କେତେ ପଇସା ଏହାର ଦାମ୍ ?

କାନମୁଣ୍ଡା ଗରଜୁଛି ।

ଚହଟିଛି ନିଶା ।

ସନିଆ ଥରେ ମରି, ଆଉ ଥରେ ଜନ୍ମହୋଇଛି । ପାଦ ତଳେ କଅଁଳ ଗଦି ପରି ନରମ ସ୍ୱପ୍ନ । ଚାରି କରେ ବିଚିତ୍ର ଆଲୁଅ ।

Digitized by srujanika@gmail.com

ଗାଡ଼ି ଚଢ଼ି, ଦାମୀ ଶାଢ଼ୀ ପିନ୍ଧି ଗୃଲବନ୍ତ କଏ ସେ ଏମାନେ ସିନେମା ଦେଖି ! ତୋଡ଼ାଏ ମଲ୍ଲୀଫୁଲ ପଣ । କି ସୁନ୍ଦର ! ଗୃହିଣୀମାନେ ମୁଣ୍ଡ ଧକ୍ ଧକ୍ ହେଉଛି । କେତେ ସ୍ୱାର କଷ୍ଟ !

ଗାଡ଼ି, ମଟର ଗହଳ ।

ଧୂଳି, ଶବ୍ଦ ।

କଷ୍ଟର ଦୁନିଆରେ ମନକୁ ମନ ମୂଲ ପସ୍ୱର ପସ୍ୱର ଟଳି ଟଳି ସ୍ୱଳୁଛି ମଉନ ଗସ୍ୱଖି । ଏଇ ଜନ୍ମରେ ଘଡ଼ିଏ ତାର ପୁନର୍ଜନ୍ମ ହୋଇଛି ।

ଗୃଣଆଡ଼େ ଖାଲି ଉଜ୍ଜ୍ୱଳ କୁହୁଡ଼ିର କଣିକା ପଣ ।

ଏ ଜନ୍ମର ଆଶାର ବାମ୍ପ ହୋଇଛି ଆର ଜନ୍ମର ବାତାବରଣ ।

ଲୁଗା ଦୋକାନରେ ସନିଆ ପସ୍ୱଶଲା, ତାର ଖୁବ୍ ବଡ଼, ଲୁଗା ଦରକାର—ଦୁଇଟା ସଙ୍କା; ଖୁବ୍ ବଡ଼, ଖୁବ୍ ଭଲ ।

ଦୋକାନୀ ଗୋଟ୍ରାଏ ଅଜାଡ଼ି ଦେଲା । ବାଛିବାକୁ ବହେ ଡେରି, ମନକୁ ଆସୁ ନାହିଁ ।

ପ୍ରକାଣ୍ଡ ଲୁଗା···ବଡ଼ ଥାନ । ଛଚନ ଫୁଲ ପଡ଼ିଥିବା ଖୁବ୍ ଲମ୍ବା କାମିଜ୍ । ଗରମ କନାର ମୋଟା ଗେଞ୍ଜି, ସେଥିରେ ନାଲି ନାଲି ସାପ, ନାଲି ନାଲି ଫୁଲ, ଲତା । ପୁଅ ପାଇଁ ଛିଟ ଶାଢ଼ୀ, ବାସ୍ନା ତେଲ ଦ ବୋତଲ, ସାବୁନ । ପୁଅବୋଉ ପାଇଁ ଧୋତି । ବଡ଼ ଗଣ୍ଡିଏ । ଅଣ୍ଟା ଉଶ୍ୱାସ ପଡ଼ିଲାଣି । ଆଶା ଅଛି ଫେର୍ କାଲିକ ।

ଉପହାର ଧରି ଦୀପ ଲଗିଲା ପହରେ ପୁଅକୁ ଡାକଗଲାବେଳକୁ, ସବୁଦନ ପରି କେମା ଖେଙ୍କି ଗୋଡ଼େଇଲା—“କୁଆଡ଼େ ଆଇଲୁ ରେ ଚୁଲିପଣା ! ସ୍ୱଢଟାରେ ପୁନ—ପୁନ—ହେଇ ରେ ?”

“ଜାଇଁକି ଗାଳି ଦଉଚୁ ମାଉସୀ ! ଦେଖିଲୁ, ତମ ପେଇଁ କଣ ଆଣିଚ— !” ଫିଟେଇ ଦେଇ ସଜେଇ ଥୋଇଦେଲା ।

କେମାର ଗାଉଁ ଗାଉଁ ତଣ୍ଟିରେ ମଣଗଲା । ବିସ୍ମୟରେ ଥରେ ଜନିଷକୁ, ଥରେ ସନିଆ ମୁହଁକୁ ଅନେଇଁ ଅନୋଉଁ ହୁଗୁଲା ହୋଇ, ଥୋମଣୀ କଟକି ପଡ଼ିଲା । ଖାଲି ଗୋଟାଏ ବଡ଼ ଆଁ ।

Digitized by srujanika@gmail.com

କେତେ ବେଳ ପରେ— । ଭଣ୍ଡି ବସେଇ ବସେଇ ଜେମା କହିଲା—"କୋଉଠୁ ପାଇଲୁ ଏଗୁଡ଼ାକ ସନିଆ ! କହ, କହ; ମୁଁ କାହାକୁ କହିବି ନାହିଁ ।"

କେମିତି କୁଟୀଳ ଛାର ଗ୍ରୁହାଣୀ ! ଡିବି ଆଲୁଅରେ ମୁହଁଟା ଦିଶୁଛି ଭୟଙ୍କର । ସନିଆର ମୁରୁକିହସା ମଉଳିଗଲା । ଗମ୍ଭୀର ହୋଇ କହିଲା—"ସେମିତି କାହିଁକି ହଉଚୁ ମାଉସୀ ? କଣ ଚୋରି କଲି କି ? ବଜାରରେ ଜିନିଷ ଯାହାକୁ ଯେତେ, କିଣି ଆଣିଲେ ହେଲା ।"

"ହଁ ରେ; ଜାଣିଚି, ଜାଣିଚି । ପଇସା ଡିଆଁ ମାରୁଥିଲା ତୋ ଅଣ୍ଟିରେ କହିବୁ ନାହିଁ ?"

"ପଇସା ନ ଥିଲା ତ କଏ ମାହାଲିଆ ଦେଲା ? ମୋର କି ଖର୍ଚ୍ଚ ? ଜଣେ ମଣିଷ ତ, କୋଉଦିନୁ ଭାବିଥିଲି ପୂନି ପାଇଁ କିଛି ଆଣେ—"

ଜେମା ମୁଣ୍ଡ ହଲେଉଥାଏ । ସନିଆ କହିଲା—"ପୂନିକି ଟିକିଏ ଗୁଡ଼ାଏ ଦେ ମାଉସୀ, ଯିବା ବାଇସ୍କୋପ୍ ଦେଖି ।"

ଜେମା ଶୁଣିପାରୁ ନ ଥାଏ, ମୁଣ୍ଡ ହଲେଉଥାଏ । ସନିଆ ଅତି ଆବେଗରେ କହି ଲାଗିଛି—"ମୋର କଏ ଅଛି ମୋ ପେଇଁ ମାଗୁଣି କରିବ ମାଉସୀ ! ଦେଖିବୁ ନାହିଁ, ତୋ ପୂନିକୁ ଫୁଲ ପରି ସାଇତି ରଖିଥିବି । ଅଗ ଗୋଡ଼ରେ କଣ୍ଟା ବାଜିବ ନାହିଁ, ମଇଲା କରେଇବି ନାହିଁ, କାମ କରେଇବି ନାହିଁ । ମୋର ଯାହା ଅଛି ସବୁ ନେ, ପୂନିକି ମତେ ଦେ । ହେଇତି ଦେଖ୍, ତୋ ଗୋଡ଼ତଳେ ପଡ଼ୁଚି କଣ କହୁଚୁ—ପଦେ ତ କଥା—"

"ମଲା, ତୁ ଯାଉନୋଉଁ କି ରେ ଚଣ୍ଡାଳପଣା ! ତତେ କଣ ନାଗିଚି କି ରେ, ରାତିରେ ହଟା କରୁଚୁ—"

କନାଁ ଧାସରେ ପୂନି ଠିଆ ହୋଇ ଆଖିମିଟିକା ମାରୁଛି, ହାତ ଠାରି କଣ ବୁଝୋଉଛି । ରାତିକ ପାଇଁ ସେତିକି ସ୍ମୃତି । ସ୍ମା ପରେ ଝୋଟିଲି ମଦ ।

ପୂନି ଆସିବ ନାହିଁ । ଜେମା ଜଗି ବସିଛି ।

□ □

Digitized by srujanika@gmail.com

ଅଣଗୃଲଣ

କ ଉପଦ୍ରବ !—ଅଘୋରବାବୁ ଭାବୁଥିଲେ । ଅନ୍ଦାଜ କଲେ ଜଣାପଡ଼େ, ପ୍ରତି ପନ୍ଦର ମିନଟ୍‌ରେ କାହାର ନା କାହାର ଗାଡ଼ି ଆସି ତାଙ୍କ ଘର ସାମ୍ନାରେ ଅଟକୁଛି, ଲୋକ ଆସୁଛନ୍ତି । ପ୍ରତି ମୁହୂର୍ତ୍ତରେ ଆଶଙ୍କା ଯେ, ତାଙ୍କ ବାପାଙ୍କର ଡାକରା ଆସିବ । ଅଘୋରବାବୁ ବିରକ୍ତ ହେଉଥିଲେ । ଦୁଃଖ ଧନ ହେଲା ଏପରି ଲାଗିରହିଛି । ସମସ୍ତ ନାହିଁ, ଅସମସ୍ତ ନାହିଁ, ଖାଲି ଚିତ୍କାର—'ଅଘୋର', 'ଅଘୋର' । ତଳକୁ ଓହ୍ଲାଇଗଲେ ବୈଠକଖାନା ଘରେ ନିଶ୍ଚିତ ନୂଆ ଲୋକ ଥିବେ । ପ୍ରଶ୍ନ ଉଠୁଥିବ, "ଚୋରି କଥା କଣ ହେଲା ? କିଛି ସନ୍ଧାନ ମିଳିଲା ? ଆଃ, ଆଜିକାଲି ସହରର ଯେଉଁ ଅବସ୍ଥା, ରହିବା ଅସମ୍ଭବ ।"

ଏମିତି ସହାନୁଭୂତି ଜଣାଇବାକୁ ସେମାନେ ଆସନ୍ତି । ଅଗଣିତ ଯାହାଙ୍କର ନାଁ, ତାଙ୍କ ପିଣ୍ଡ ସମସ୍ତ ନଷ୍ଟ କରିବା ଦରକାର ପଡ଼େ । ହସ ନ ମାଡ଼ିଲେ ବି ହସିବାକୁ ହେବ । ବିରକ୍ତିରେ ଶିରା-ପ୍ରଶିରା ବି ତାତି ଉଠିଲାବେଳେ ଥଣ୍ଡା ହୋଇ, ସଦାପ୍ରସ୍ତୁତ ହସ ହସି ଶିଷ୍ଟାଚାର ବଜାୟ ରଖିବାକୁ ପଡ଼ିବ ଏବଂ ଶହେ ଥର ପରେ ଶହେ ଏକ ଥର ଲାଗି ସେହି ଆଲୋଚନାରେ ଯୋଗଦେବାକୁ ପଡ଼ିବ ଯେ, ତାଙ୍କ ଘରେ ଚୋରି ହୋଇଥିଲା ।

ଅଘୋରବାବୁ ବସି କବିତା ଲେଖୁଥିଲେ ।

ମାସିକ ପତ୍ରରେ ଛପା ହେଉଥିବା ଶବ୍ଦ-ଧନ୍ଦାର ଉତ୍ତର ଯୋଡ଼ିବା ଯେପରି ତାଙ୍କର ଗୋଟିଏ ପ୍ରଧାନ କାର୍ଯ୍ୟ, କବିତା ଲେଖିବା ମଧ୍ୟ ସେହିପରି । ସମସ୍ତ-ଶତ୍ରୁଙ୍କୁ ଜୟ କରିବା ପାଇଁ ତାଙ୍କ ପକ୍ଷରେ ଯୋଡ଼ିକଯାକ ଅମୋଘ ଅସ୍ତ୍ର; କିନ୍ତୁ କେବଳ କାଳକ୍ଷେପଣ ନୁହେଁ; ସେଥିରେ ସେ ଆପଣା ଆଦର୍ଶବାଦ ପାଇଁ ପରିସର ପାଆନ୍ତି ଏବଂ ତାହା ହିଁ ଆନନ୍ଦ ଦିଏ । ଶବ୍ଦ-ଧନ୍ଦାର ଉତ୍ତର ଖୋଜିଲା-ବେଳେ ଆଖି ଆଗରେ ନାଚୁଥାଏ, ପ୍ରଥମ ପୁରସ୍କାର ପନ୍ଦର ହଜାର ବା କୋଡ଼ିଏ ହଜାର, ଦେଶଭ୍ରମଣ ପାଇଁ ମାଗଣାରେ ବନ୍ଦୋବସ୍ତ, ମଟରଗାଡ଼ି ଇତ୍ୟାଦି । ଅବଶ୍ୟ ଉତ୍ତରଟି ଷୋଳଅଣା ଠିକ୍ ହେଲେ । କବିତା ରଚନାରେ ଆଦର୍ଶ ଭିନ୍ନ ପ୍ରକାର । ତାଙ୍କର ଦୃଢ଼ବିଶ୍ୱାସ, ଧନେ ନା ଧନେ ଅନ୍ଧଜଗତ ବୁଝିବ, ତାଙ୍କୁ ଚିହ୍ନିବ ।

ନଡ଼ରେଲା କୋଠରୀ, ଆଁଶଆଁଶିଆ - କରମଙ୍ଗା ପରି । ବଡ଼ ବଡ଼ ଝରକା, ସେଥିରେ ରଙ୍ଗ ରଙ୍ଗର କାଚ । ହେଉ ବାହେ ଧଡ଼ ଦହର ଦୁର୍ଗନ୍ଧ ଧୂଳି, ଧୂଆଁ

Digitized by srujanika@gmail.com

ଝାଡ଼ିଦେଇ ଭିତରକୁ ପଶି ଆସେ କେବଳ କବିତାର ଉପାଦାନ ହେବାକୁ । କବିତା ଘର । ସେଠି ସ୍ତବ୍ଧ ଶାନ୍ତ ଉପରେ ଧୀରେ ଧୀରେ କବିତାର ଢେଉ । ଟେବୁଲରେ ଦାମୀ ସାଜ । ଫୁଲଦାନୀରେ ଫୁଲ ଭର୍ତ୍ତି । ସାମ୍ନାରେ ଖୋଲା ହୋଇ ପଡ଼ିଛି ମରକ୍କୋ ଚମଡ଼ା ବନ୍ଧେଇ ନିଭୃତ କବିତା ପୋଥି, ସେଥିରେ କାଚ ପରି ପାଲିସ କାଗଜ, ହାତୀଦାନ୍ତ ରଙ୍ଗର । ସାମ୍ନାରେ ବଡ଼ ଦର୍ପଣ । ଭାବିଲାବେଳେ, ଲେଖିଲାବେଳେ ଅନେକ ରୂପ, ନିଜ ଉପରେ କାଳୀଶଙ୍କର ଅବତାରର ପ୍ରତିଷ୍ଠା ଦେଖିବାକୁ ପଡ଼େ । ଦାମୀ ଫାଉଣ୍ଟେନ୍ ପେନ୍ ଉଠାଇ ଅଘୋରବାବୁ କବିତା ରଚନା କରନ୍ତି । ବିଜୁଳିପଙ୍ଖା ମୁଣ୍ଡକୁ ଶୀତଳ କରେ । ଅଳ୍ପ ଲେଖି ବେଶି ଭାବନ୍ତି । ମୁହଁ ପାଖର ବଡ଼ ଦର୍ପଣରେ ଆପଣାର ବ୍ୟକ୍ତିତ୍ୱକୁ ଅନାଇଁ ବସନ୍ତି ଘଡ଼ିଏ କାଳ ।

ଏହି ସାଧନା ମନ୍ଦିରେ କାନରେ ପଡ଼େ ଚହଲ ଗହଳ । ଦୁଲ୍ ଦୁଲ୍ ହୋଇ ମାନମୟୀ ଯାଏ, ଆସେ । ତେଣୁ ପାଟି ଶୁଭେ—"ଅଘୋର—ଅଘୋର—"

ଆଖି ଆଗରେ ଫୁଟିଉଠୁଛି ଦ୍ରୁତ ତାଳର କବିତାର ପାଖୁଡ଼ା । ତାର ନୂଆ ଭାଷା, ନୂଆ ଶୈଳୀ ।

ଆଉ କେହି ବୁଝିବେ ନାହିଁ ତାର ଅକ୍ଷରର ସଙ୍କେତ, କେବଳ ତାଙ୍କ ନିଜ ବିନା ।

ଅବୁଝା କଥାର ବାହନ ସେ ଅଛପା କବିତା । ମନଇଚ୍ଛା ଅର୍ଥ ଆରୋପି ହେବ । ସେ ମୁକ୍ତ ।

ଘଣ୍ଟା ଘଣ୍ଟା ବସି ଭାବି ଭାବି, ଧାଡ଼ିଏ ଦୁଇ ଧାଡ଼ି । ସେ ଅସମାପ୍ତ ।

ଅଘୋରବାବୁ ବିଶ୍ୱାସ କରନ୍ତି । ସେ ଭବିଷ୍ୟତର କବି ।

କେହି ଜାଣନ୍ତି ନାହିଁ, କେବଳ ଆଉ ଘରେ ମାନମୟୀ ଜାଣେ । ସେ ନିଜେ ଚିଠି ଲେଖେ ।

ସେହି ଉପରେ ବସିଲେ ସହରର ଚିଲ ଶାଗୁଣା ଦିଶନ୍ତି । ଘରର ଛାତ, ନଡ଼ିଆଗଛର ମଥାଡ଼, ମନ୍ଦିରର ଉପର । ସେହି ସ୍ତରରେ ଅନ୍ୟମାନଙ୍କ ସଙ୍ଗେ ନୀରବ ଆଳାପ ହୁଏ । କିଶୋର, କିଶୋରୀ, କେବଳ ଭଙ୍ଗୀରେ ତାଙ୍କର ମନକଥା କହିଦେଇ ଯାଆନ୍ତି । ସେ ମଧ୍ୟ କବି ପାଇଁ ଆଧାର । ତଳର ଦୁନିଆ ଉପରକୁ ଛାଡ଼େ ଖବର ବାର୍ତ୍ତା, କବି ପାଇଁ ଯେତିକି ଦରକାର, ସେତିକି ମାତ୍ର । ଖରାଦିନ ଦ୍ୱିପ୍ରହରେ ଝାଳ ସର ସର ନିଛୁଟିଆ ବାଟୋଇ ଦାଣ ହୋଇପଡ଼େ ସେହି ଉପରୁ । ବର୍ଷାଦିନେ ଓଦା ମୂଷା ପରି ତଳର ମଣିଷ ।

Digitized by srujanika@gmail.com

ଅଲୁହା କଥା ପ୍ରକାଶ ପାଇଁ ଛଟପଟ ହେଉଥିଲା, ଫାଉଣ୍ଟେନ୍ ପେନ୍ ଧରିଥିଲେ କବି । ନିରୂପମାର ବିଭାଘର ପାଙ୍ଗ ହେଉଛି । ଏହି ଲଗ୍ନରେ ଯିବେ ଚିହ୍ନା-ଅଚିହ୍ନା ମିଶି ଆହୁରି କେତୋଟି । ଗାଡ଼ି ଚଢ଼ା, ମଟର ଚଢ଼ା ସମାଜ ଚେଣ୍ଡ୍ରି ଫମ୍ପା ଲାଗେ । ନାଟଶାଳା ବଖରାରୁ ବିଦ୍ରୋହର ରାଗିଣୀ ବାଜେ ମନେ ମନେ । ତା ପରେ ପୁନି । କେଉଁଦିନୁ ସେ ଆସି ନାହିଁ । ହାଡ଼ସାର ଆଡ଼େ ଦୃଷ୍ଟି ଗଲେ ଅନାବୃତ ମଣିଷର ଅଲୁଆଁ ଦେହର ଛବି ମନରେ କେଉଁଠି ସମଗୁଣ ଉପୁଜାଏ । ଧୀରେ ଧୀରେ ସ୍ତରରୁ ସ୍ତରକୁ ପାଦ ପକାଇ ଭିତରର ଚିନ୍ତା ବାହାରର ଉପାଦାନ ହୁଏ । ଆଜିକାର କବି ଭାବନା ସର୍ବହରାଙ୍କ ଦୁଃଖ, ଅଭିବଙ୍କ ଦାବୀ । ଗରିବ ଗୁଣ୍ଡୀ, ମୂଲିଆ, ମଜୁରିଆ—ସମସ୍ତଙ୍କ ପାଇଁ ଗୋଟିଏ କୋହମୟ 'ଆହା' ପଦ । ଆପଣାର ବ୍ୟକ୍ତିତ୍ୱ ଅନୁପାତରେ ସାଙ୍କେତିକ ଭାଷାରେ ପଦେ ଦି ପଦ ଝରିବାକୁ ଆରମ୍ଭ କରିଥିଲା । ପୁଣି ଉପଦ୍ରବ—ଗାଡ଼ିରେ କିଏ ସେ ଆସିଲେ । ଦୁଲ୍ ଦୁଲ୍ ହୋଇ ମାନମୟୀ ଉପରକୁ ଚଢ଼ିଆସିଲା । କବିତା ଖାତା ଲୁଚେଇ ଲୁଚେଇ, ପାଖକୁ ଆସି ହସିଦେଇ କହିଲା—"ଆରେ ବାଃ !"

"କଣ ଆରେ ବାଃ ?"

ଖାତା ଲୁଚିଗଲାଣି—ଗମ୍ଭୀର ହେଲେ ଅଘୋରବାବୁ । ମାନମୟୀ କହିଲା—"ଗୀତ ଖାତାରେ କଣ ଚିଜ ବି ହୁଏ ଭାଇ ? ନା, ମୁଁ କହୁଥିଲି ପ୍ରାଗୈତିହାସିକ ଯୁଗରେ ମଣିଷ ଗୁମ୍ଫାରେ ଯେଉଁ ଛବି ଗାରେଉଥିଲା, ଆମେ ସେଥିରୁ ଯାହା ବୁଝୁଛୁଁ, ସେ ତହିଁରୁ ଯଥେଷ୍ଟ ଅଧିକ ଭାବ ଭରି ତାକୁ ଆଙ୍କିଥିଲା ।"

"ହଠାତ୍ ପ୍ରାଗୈତିହାସିକ ଯୁଗ କଥା ପଡ଼ିଲା କାହିଁକି ?" ଗମ୍ଭୀର ମୁହଁ ଭୀଷଣ ହେଲାଣି ।

"ଆରେ, ଆରେ; ତମେ ରାଗୁଛ କାହିଁକି ଭାଇ ? କାଲି ପତ୍ରରେ ଠିକ୍ ଏହି କଥା ପଦକ କହିଥିଲି ଯେ, ସୁରବାବୁ କହିଲେ, 'ବାଃ;' ସେହି ତାଙ୍କର ଅତିମାତ୍ରା ପ୍ରଶଂସା । ଅଜୟବାବୁ ଦୁଇ ହାତ ଲମ୍ବେଇ ଡେଇଁ ଡେଇଁ ଦୌଡ଼ି ଆସିଲେ । କହିଲେ—'କି ବୁଦ୍ଧିମାନ୍ ଚର୍ଚ୍ଚା ! ଗୁମ୍ଫାମଣିଷର ମନୋଭାବ ବିଷୟରେ ସୁନ୍ଦର ବହିଟିଏ ସେ ଆଣିଦେଇଥିଲେ କି ନା ! ଏତେ ଦାମୀ କଥା, ପ୍ରଶଂସା ନ କରି ତୁମେ ଓଲଟି ରାଗୁଛ ? ମୁଁ କଣ ତମୁକୁ କହିଲି କି ?"

ଗମ୍ଭୀର ମୁହଁର ଭୟଙ୍କରପଣ ଚାଲିଯାଇ, ଥାଏ ଘୃଣା । ଅଘୋରବାବୁ କହିଲେ—"ଭାରି ଫାଜିଲ୍ ହୋଇଯାଉଚ୍ଛ, ନୁହେଁ ? ହଉ, ହଉ; ଏତେ ମଣିଷଙ୍କ ଏତେ ମତବାଦର ପୂଲୁକମ ହେବାକୁ ମୁଁ ଚାହେଁ ନାହିଁ । ଚାଲ ତୁ ଏଠୁ !"

Digitized by srujanika@gmail.com

ମାନମୟୀ ଗୋଟାସୁଦ୍ଧା ନାଲି ପଡ଼ିଯାଇଛି । ଓଠ ଥରେଇ ଥରେଇ କହିଦେଇ ଗଲା—"ଭଲେ ସମସ୍ତେ ଅଛନ୍ତି, ବାପା ଡାକୁଛନ୍ତି ।"

"ହୁଃ !"

ଅନୁତାପ ଆସୁଛି, ମାନମୟୀ ଗଲାଣି । ମନ ଭିତର ଗୋଳେଇ ଘୋଳେଇ ହେଉଛି । ସବୁ କଥାରେ ଅଣ୍ଡାଳିଲେ ଖାଲି ଭଉଣୀ—ଭଉଣୀ । ଗୋଟିଏ ବୋଲି ଭଉଣୀ ସେ ତାଙ୍କର, ବିନାକାରଣରେ ଏତେ ରୂଢ଼ କଥା ଆସିଲା କାହିଁକି ? କେଉଁ ଗୋଟାକ ଅଡ଼ୁଆ ଲାଗିଲା, କାହାର ଉଦ୍ରେକ ?

ଭାବି ଭାବି ବାଟବଣା ହୋଇ ମାନମୟୀର ବଖୁରାଯାକେ । ଭିତରୁ କବାଟ କିଲା ହୋଇଛି । ଡାକିଲେ—"ମାନ—ମାନ !"

"ପୁଣି କୁଆଡ଼େ ଆସିଲ ଗାଳିଦବାକୁ ! ତୁମେ ଗଲ !" କାନ୍ଦୁରି ପାଟି । ଅନୁମାନରେ ଏତେ ଟିକିଏ ଭୁଲ ନାହିଁ । ଅଘୋରବାବୁ ଲେଉଟିଗଲେ ।

ଦାଣ୍ଡ ଘରେ ଦଳେ ବସିଛନ୍ତି । ମଝିରେ ସୌମ୍ୟ, ଶାନ୍ତ ହୋଇ ଶୈଳେନ୍ଦ୍ରବାବୁ, କରକୁ ଅସ୍ୱସ୍ତି ଅନୁଭବ କଲା ପରି ଜଣେ ପୁଲିସ୍ କର୍ମଚାରୀ ତାଙ୍କର ଅପ୍ରସନ୍ନ ଭାବ । ସହାନୁଭୂତିର ଧ୍ରୁପଦ ଚାଲିଥାଏ । "ବଡ଼ ଦୁଃଖର କଥା···କେଡ଼େ ସାହସ ସେ ଚୋରଙ୍କର !···ଭଗବାନଙ୍କୁ ଧନ୍ୟବାଦ, ଆପଣଙ୍କର ବିପଦ ଆପଦ କିଛି ଘଟି ନାହିଁ ।"

ଶୈଳେନ୍ଦ୍ରବାବୁ ହସିଦେଇ କହିଲେ—"ଆରେ, ଅଘୋର—ଚୋରକୁ ଦେଖିଲ ? କଣ କହିଲା ?" ତା ପରେ ପୁଲିସବାବୁଙ୍କୁ—"ଆପଣଙ୍କର ପାଠ କଣ ଡାକୁଛି ? 'ଏଣ୍ଟର୍ ଟୁ ନୋ କ୍ଲୁ' କେବଳ ଏତିକ ନା ଆଉ କିଛି ? ଟିକିଏ ଭଲକରି ଚେଷ୍ଟା କରି ଦେଖିବେ ।"

"ଚେଷ୍ଟା ତ ପ୍ରାଣପଣେ ଚାଲିଛି; କିନ୍ତୁ ଅସୁବିଧା ଏତିକ ଯେ, ଟଙ୍କା ପଇସା ଦେଖି ଚିହ୍ନଟ କରିବା ଜିନିଷ ନୁହେଁ ।" ପୁଲିସ କର୍ମଚାରୀ ଠିଆ ହୋଇ ପଡ଼ିଲେଣି, କହିଲାଗିଛନ୍ତି ।

"ଆପଣ ଆଉ ନୂଆ କଥା କଣ କହିଲେ ଆଜ୍ଞା ?" ଶୈଳେନ୍ଦ୍ରବାବୁ ଖେଞ୍ଚା ଦେଲେ । "ତେବେ ତ ଆମର ଅନୁମାନ ଠିକ୍ । ଦିନାକେତେ ଗଲେ ତୁନି କରି କହିଦେବେ - ପତ୍ତା ମିଳିଲା ନାହିଁ, ନା କଣ ?"

ପୁଲିସ୍ କର୍ମଚାରୀ ଦୁଆରମୁହିଁ ଆଡ଼କୁ ମୋଡ଼ିହେଲେ । କ୍ଷୋଭରେ କହିଦେଇ ଗଲେ—"ବାସ୍ତବିକ, ଅସୁବିଧା ସେତିକ ଯେ, ଟଙ୍କା ଉପରେ ମାଲିକର ନାଁ,

Digitized by srujanika@gmail.com

ଗାଁ ନାହିଁ । କେଉଁ ଟଙ୍କା କେଉଁ ସୂତ୍ରରୁ ଆସିଲା, ତା ଟଙ୍କା ଦେଖି କହିହେବ ନାହିଁ । ଆଇନର ଗଳତି । ତା ଯଦି ନ ହୋଇଥାନ୍ତା, ତେବେ ସବୁ ବଡ଼ ଚୋରଙ୍କ ଯୁକ୍ତି ପରୀକ୍ଷା କରି ତାଙ୍କୁ ହାଜତରେ ପୂରେଇ ହୁଅନ୍ତା; କାରଣ ଜନିଷ ଚୋର ତ ସାମାନ୍ୟ ଚୋର, ଟଙ୍କା ଚୋର ହିଁ ଚୋରୀ ବିଦ୍ୟାରେ ବିଶୁଦ୍ଧ କଳାଶିଳ୍ପୀ । ସେ କିରୀପଦରେ ଆଇନ୍‌ର ପରି ତଳେ ବସି କଳ ଚଳେଇ ଭଦ୍ରପଣ ଜାରି କରିପାରେ । ହଉ ଆଜ୍ଞା, ନମସ୍କାର ।"

ନମସ୍କାର, ନମସ୍କାର ହୋଇ ସଭା ଭାଙ୍ଗିଗଲା । କେମିତି ଗୋଟାଏ ଗୁମ୍ ପଡ଼ିଗଲା, ସବୁ ଶୁନ୍‌ଶାନ୍ । ପୁଲିସ କର୍ମଚାରୀଙ୍କ ଶେଷ କଥାଗୁଡ଼ାକ ଅଘୋରବାବୁଙ୍କ କାନରେ ଝଣଝଣେଇ ଲାଗିଥାଏ । ହୋହ୍ ହେଲା, ଶୈଳେନ୍ଦ୍ରବାବୁ କହୁଛନ୍ତି — "ଶୁଣିଲ ତ ଅବିନାଶ, ଚୋରୀର ଦର୍ଶନଶାସ୍ତ୍ର ବିଷୟରେ ଅନେକ କଥା ଶୁଣାଗଲା । ବୋଧହୁଏ ସେତିକି ଶୁଣି ସନ୍ତୁଷ୍ଟ ରହିବାକୁ ପଡ଼ିବ । ଚୋର ଧରାପଡ଼ିବା ଆଶା ଅତି ଅଳ୍ପ ।"

ଅବିନାଶବାବୁ ଗମ୍ଭୀର ହୋଇ ବସିଥାନ୍ତି । ଶୈଳେନ୍ଦ୍ରବାବୁ ଉପଦେଶ ଦେଲେ—"ଏମିତି ଦୁଃଖିତ ହେଲେ ଚଳିବ ନାହିଁ । ଭବିଷ୍ୟତ ପାଇଁ ଆୟୋଜନ କରିବାକୁ ହେବ । ଅନୁମତି ପାଇ ସାରିଛ, ହାଡ଼ିସାହି କିଣି, ବିପଦକୁ ପାଖରୁ ହଟେଇ ଦିଅ । ସେମାନେ ଦୂରକୁ ଗଲେ, ତୁମ ଘର ଉପରେ ଉପଦ୍ରବ କମ୍ ହେବ ।"

ଦେଖୁ ଦେଖୁ ମେଘ ଲଦି ଆସିଲାଣି । ଚଡ଼୍ ଚଡ଼୍ କରି ଘଡ଼ଘଡ଼ି ମାରିଲା । ଶୈଳେନ୍ଦ୍ରବାବୁ କହିଲେ—"ଏଥର ମୁଁ ଉଠେ—"

"ଉଠିବ କଣ ? ଶୁଣ କଥା ଅଛି ।" ଅବିନାଶବାବୁ ଅଧୀର ହୋଇ କହିଲେ—"ସବୁ ତୁମରି ଉପରେ, ତୁମେ ନ କଲେ ମୁଁ କଣ କିଛି କରି ପାରିବି ? ତୁମେ ଅନୁମତି କରେଇ ଦେଲ, କିଣାକିଣି ଭାର ବା ମୁଁ ନେବି; କିନ୍ତୁ ତା ପରେ ? ଏଗୁଡ଼ାଙ୍କୁ ଏଠୁ ଉଠେଇବାକୁ କି ବ୍ୟବସ୍ଥା ?"

ହସି ହସି କହୁଥାନ୍ତି । ଏପରି ସମସ୍ୟାକୁ—ଯେତେବେଳେ ଫଇସାରର ହତ ପାଇଁ ସେ କୋବଲେଉଥିବେ, ଫୁସୁଲେଉଥିବେ, ତାଙ୍କର ଏହିପରି ପିଲାଳିଆ ମିଠା ହସ । ବନ୍ଧୁଙ୍କର ଶକ୍ତିକୁ ପ୍ରଶଂସା କରି ସେ କହୁଥାନ୍ତି, "ଏ ଯେଉଁ ପଶୁଗୁଡ଼ାକ, ସେମାନେ ମୋ କଥା ମାନିବେ ନାହିଁ । ତୁମରି ପଦ ସେଠି ବୋଲ କରିବ—"

ଚଷମା ଆଢ଼ୁଆଳରୁ ଉଜ୍ଜ୍ୱଳ ଦୃଷ୍ଟିଦ୍ୱାରା ଶୈଳେନ୍ଦ୍ରବାବୁ ଶୁଣୁଥାନ୍ତି । କହିଲେ—"ତା ପରେ ?" "ତୁମେ ତୁମର ସଭା ଡାକି ତାଙ୍କୁ ବୁଝେଇବ ନା ଇସ୍ତାହାର ଦେବ କାଗଜରେ, ନା ଅନ୍ୟ କଣ କରିବ; ସେ କଥା ତୁମ ଉପରେ ନିର୍ଭର କରେ । ଯାହା କର, ତାଙ୍କୁ ଏଠୁ ହୁରୁଡ଼ାଅ—" ଶୈଳେନ୍ଦ୍ରବାବୁ

Digitized by srujanika@gmail.com

ତୀକ୍ଷ୍ଣ ଦୃଷ୍ଟିରେ ଅଘୋର ଆଡ଼କୁ ଅନେଇ ରହିଲେ । ଅବିନାଶବାବୁ କହିଲେ—
"ଅଘୋର, ଟିକିଏ ଯା; ପଛେ ଡାକିବି ।"

ଚାଲିଲା ଏଣିକି ମନ୍ତ୍ରଣା ଦୁଇ ବନ୍ଧୁଙ୍କର । ଆଦାନ ପ୍ରଦାନରେ ବନ୍ଧୁତା ବଢ଼ିଚାଲିଛି, ସେମାନେ ଅଜେୟ । ଅବିନାଶ ବଳେଇ ଦେବେ ଶୈଳେନ୍ଦ୍ରଙ୍କୁ, ଶୈଳେନ୍ଦ୍ର ଅବିନାଶଙ୍କୁ, ଅବିନାଶ ଶୈଳେନ୍ଦ୍ରଙ୍କୁ । ଯୋଜନା ସମ୍ପୂର୍ଣ୍ଣ ହେଉଥିବ, ସଫଳ ହେଉଥିବ । ଅବିକଳ ଫୁଟବଲ୍ ଖେଳ । ଅଘୋର ଭାବି ଭାବି ଗଲେ । ଉପରର କବାଟ-କୋଠରି ସହିତ ତଳର ଏ ମନ୍ତ୍ରଣାକକ୍ଷ ଖାପିପାରେ ନାହିଁ, ତୁଳନାରୁ ବିଷାଦ ଜନ୍ମେ । ଏହି ଶୈଳେନ୍ଦ୍ରବାବୁ, ସବୁଦିନଆଁ ନେତା, ଦଳିତ ଶ୍ରେଣୀର ଦମ୍ଭ ଖୁଣ୍ଟ । ଭଙ୍ଗାଘରର ଅଳୁଆଁ ମଣିଷ—ତୁମ ପାଇଁ କିଛି କରିହେଲ ନାହିଁ—ସମସ୍ତ ଅସଜ ପଡ଼ିଛି ରେ; କିଛି କରିହେଲ ନାହିଁ, କରିହେଲ ନାହିଁ ।

କବି ଭାଷାରେ ଧନାମାର ରାଜପୁତ୍ରଙ୍କ ସ୍ୱଗତ ପଦ୍ୟରେ ଆପଣାର ସହାନୁଭୂତି ମନେ ମନେ ଆବୃତ୍ତି କରି କରି ଅଘୋରବାବୁ ଉପରକୁ ଚଢ଼ିଗଲେ ।

ତୋଫାନ ଉଠିଛି, ଆକାଶରେ କଳାମେଘ ଲଦାଲଦି । ନଈ ଭିତରେ ମଲ୍ଲ ବାଲିରେ ଚହଲ ପଡ଼ିଛି, ଘରଆଡ଼େ ବତାସର ଧୂମ । ବଜ୍ର, ଘଡ଼ଘଡ଼ି; ବଜ୍ର, ଘଡ଼ଘଡ଼ି, କମ୍ପ, ବେଗ, ଓଲଟ ପାଲଟ, ବିପ୍ଳବ । କି ସୁନ୍ଦର—କି ସୁନ୍ଦର ! ଅଘୋରବାବୁ ଠିଆ ହୋଇ ଦେଖୁଥାନ୍ତି । ବଡ଼ ବଡ଼ ଗଛ ଝାଙ୍କି ହୋଇ, ଦୁହିଁ ହୋଇ ଛାଡ଼ି ଛାଡ଼ି ଡାକୁଛି, ନଇଁପଡ଼ି ଦଣ୍ଡବତ କରୁଛି । ହୁଲୁସ୍ଥୁଲ୍ ପକେଇ ଧାଇଁଛି ତୋଫାନ । ଉପରେ ମେଘ ଆସୁଛି; ଫାଟୁଛି, ଯୋଡ଼ୁଛି । ଅଜଣା ବାଟରେ ଭାସିଯାଉଛି ଗାଢ଼ କଳା ମେଘ, ଭଗ୍ନ ହୃଦୟର ଉଛୁଳା କବିତା ପରି ।

କୋଠା ଉପରୁ କି ସୁନ୍ଦର ଦରଶେ—ଦମ୍ଭ କୋଠାର ନିର୍ଭର ବିଶ୍ୱାସର ଆଶ୍ରାରେ ଦେଖିବାକୁ ସମ୍ବାଦ, କଳ୍ପନାକୁ ଠେଲିପେଲି ଦେଇ ହୁଏ ସେହି ଆବର୍ତ୍ତ ଭିତରକୁ । ପ୍ରତି ରକ୍ତବିନ୍ଦୁ ଯେପରି କି ଚିତ୍କାର କରି ଉଠେ, ମୁଁ ତୋଫାନ—ମୁଁ ତୋଫାନ ।

ରାସ୍ତାରେ ପଲେ ଗୋରୁଗାଈ ଡେଇଁ ଡେଇଁ ପଳାଇଲେ । ବିକଳ ହୋଇ, ଅନ୍ଧ ହୋଇ ଧାଇଁ ଧାଇଁ ଗଲେ ପଞ୍ଚା ପଞ୍ଚା ଲୋକ । ରଡ଼ି ରଡ଼ି କରି ତୋଫାନ ଗୋଡ଼େଇଛି । ମନେ ମନେ ଅଘୋରବାବୁ ଧାଇଁଛନ୍ତି ପଛେ ପଛେ । ପହିଲି ଆଷାଢ଼ ନଶା ଚହଟେଇଛି, ପ୍ରାଗୈତିହାସିକ କାଦରୁ ଉଠି ଧାଇଁଛି ବଳକାମୀ ବ୍ୟକ୍ତିତ୍ୱ । ସହାନୁଭୂତିର ସନ୍ତସନ୍ତିଆ ଦୁର୍ବଳତା ମନରୁ ଶୁଖିଗଲାଣି କେତେବେଳୁ । 'ମୁଁ' କାରର ଧ୍ୱନି ଉଠିଲାଣି । ବଜ୍ର ଘଡ଼ଘଡ଼ିର ପଟୁଆର ସଜେଇ ରକ୍ତଗତ ମାଲିକପଣର ଅଭିଯାନ—ସବୁ ଭାଙ୍ଗିବ ଭୁଜିବ, ସବୁ ଗୁଣ୍ଡା ହୋଇ ଧୂଳି ହେବ ଗୋଡ଼ତଳେ । ରହିଥିବ ଏକା ମୁଁ—ଯୁଗେ ଯୁଗେ ।

ଅଭିଜାତ ଅବିନାଶଙ୍କ ପୁତ୍ର ଅଘୋର ବଂଶମର୍ଯ୍ୟାଦାର ସ୍ୱପ୍ନ ଦେଖୁଥିଲେ ।

□ □

Digitized by srujanika@gmail.com

ଗୃଲକ୍ଷ୍ମି

ବରଷା ଛେଚୁଛି । ଅନ୍ଧାର ଘରେ ପୁନ ଓ ତା ମା ଏକୁଟିଆ । ଭଙ୍ଗା ଛାତର କଣା ବାଟେ କେଉଁଠି କେଉଁଠି ଦର ଦର ପାଣି ଗଳୁଛି । ମଝିରେ ମଝିରେ ଘର ଚଟାଣରେ ଟୋପା ନିଗିଡ଼ିବାର ଶବ୍ଦ । ସମାନ ବ୍ୟବଧାନ ରଖି, ସମାନ ଛନ୍ଦରେ ତାଳରେ ବାଜ ଲାଗିଛି ।

ଚୁଲିରେ ପାଣି ପଶିଛି, ରନ୍ଧାବଢ଼ାକୁ ଗରଜ ନାହିଁ ।

“ଆଲୋ ପୁନ, ଦେଖ୍ ବା କୋଉଠି ଗଳୁଚି ! କଂସାଟାଏ, ତାଟିଆଟାଏ ହେଲେ ଥୋଇ ଦେ । ଘର ତ ଭାସିଲା !”

“କୋଉ ଗୋଟାଏ ଜଳା ହେଇଚି କି ଥୋଇଦେବି ? କୋଉଠୁ କଣା ଖୋଜିବି, ନିଆଁ ଆଣିବି କୋଉଠୁ ? ଡିବି ଲଟେଇଲେ ପବନ କଣ ରଖିଦବ !”

“ନଇଲେ ଘର ଏମିତି ଭାସୁଥିବ ? ଶୋଇବୁ କୋଉଠି ? ଦେଖୁଚୁ ଏ ଚାଲିପଣା ଗାଢ଼ ରଢ଼ ମେଘର ବଢ଼େଇ ! ଘରେ ଖୁଣ୍ଟିଏ ମଜ ହୋଇ ନାହିଁ, ଏମିତ, ଗାଳି ପକେଇଲା । ନିଅଁସି ଦଇବ ହାଟ ଦେଖୁଚି ଲୋ—”

“ତୁ ବ’ ଥିର ହୋଇ, ଘର ଭାସିଲେ ଭାସୁ । ମୋହ ଘର ତ—”

“ହେଇ ଲୋ, ଘରକୁ କାହିଁକି ଗାଳିଦଉଚୁ ? ଘର ତୋ ମୁଣ୍ଡରେ ଲଦା ହେଇଚି କି ?”

ବୋଉର ଚଡ଼ୋଳ ଉଠିଛି । ପୁନ କିଛି କହିଲା ନାହିଁ ।

ରୁନତାନ ପଢ଼ରହୁ ଜେମା କାନ୍ଦୁଣିମାନ୍ଦୁଣି ହୋଇ କହିଲା—“ଆହା ପୁନ ଲୋ, ଉପାସ ଶୋଇବୁ ଆଜି ? ଚୂଡ଼ା କି ଭୁଜା ଦ ପଇସାର ଆଣିଥିଲେ ହେଲେ···”

“ତୁ ଥିର ହେଇ ବସୁନୁ କାହିଁକି ? ଯୋଉ ପାଗ— !” ଝଁପର, ଝଁପର, ଝଁପର । ହାଉ ହାଉ ହୋଇ ବତାସ । କଳା ମିଶ୍ ମିଶ୍ ଅନ୍ଧାର ! ଛାଇ ଛାଇ ହୋଇ ଘଡ଼ଘଡ଼ି ମାରେ ।

“ହେଇ, ଶୁଣୁ ଲୋ ପୁନ, ନଇମୁଣ୍ଡ ଡାକୁଚି । ଲାଗିବ ଝଡ଼ । କାନ୍ଥ ତ ପଡ଼ିବ, କଣ କରିବା ?”

Digitized by srujanika@gmail.com

"ସେଇଥିପେଇଁ କହୁଥିଲୁ କାମକୁ ଯାଆନା ବୋଲି ! ଜଣକ ରୋଜଗାରରେ ସବୁ ଗୁଜୁରାଣ ମେଣ୍ଟିବ—"

"ଚୁପ ହ, ଭଲ ବେଳେ ଅକଲ ଦଉଚୁ । କାମକୁ ଗଲୁ ଯେ କଣ କୋଠା ଫିଟିଲୁ ?"

ନା—ବୋଉ ଚଟ୍ଟୋଳ ଧରିଛି । ପୂଜା ଚୁପ ହେଲା ।

କାଲିର ପୂଜା ଆଜି ଆଉ ନାହିଁ ।

କାଲି ସେ ଥିଲା ଜେମାର ଆଦରମଣି ଗେହ୍ଲାଝିଅ । ଘରେ ବସିବ, ଖେଳିବ, ଖାଇବ । ନରକ ଘାଣ୍ଟି ଘାଣ୍ଟି ଶୁଖିଲା ମୁହଁରେ ଜେମା ଘରକୁ ଫେରିଲାବେଳକୁ ସଜ କଇଁଫୁଲ ପରି ଅଗଣାରେ ଫୁଟି ଉଠି, ଜେମାକୁ ଆଶ୍ୱାସ ଦେବ—ତାର ମଣିଷପଣ ବୁଡ଼ି ନାହିଁ, ଘରେ ସାଇତା ହୋଇ ଅଛି ।

ଆଜି ସେ କେବଳ ମେହେନ୍ତାଣୀ । ମା'ର ସାଙ୍ଗସରିସା, ଘରଲେଖାରେ ଜଣେ । କେତେ ଚଞ୍ଚଳ ପୂଜା ଫୁଟିଉଠୁଛି—ଜେମା ଦେଖେ, ଆଶ୍ଚର୍ଯ୍ୟ ହୁଏ, ଦୁଃଖିତ ହୁଏ । କାରଣ, ଜୀବନର ପାକଳ ଅଭିଜ୍ଞତା ଯେନ ସେ ବୁଝିପାରେ, ଯେ ଜଳଦ ଫୁଟିଲେ ଜଳଦ ମଉଳନ୍ତି, ତା ପରେ ଝଡ଼ିପଡ଼ନ୍ତି, ରୋକ ହୁଏ ନାହିଁ ।

ମେହେନ୍ତାଣୀର ଶହେ ଚବ୍ଧ, ଶହେ ସିଆ ଭେକ; ଯାହାକୁ ଲୁଚେଇ ପାରୁ ନାହିଁ ବଢ଼ିଯାଉଛି ସେ, ପୂଜାର ବୟସ । ଅନ୍ଧାର ଆସି ଡାକ ନେବ, ଅମଡ଼ା ମାଡ଼ି ସେ ବୁଲିଯିବ, ଦରିଦ୍ରର ସଙ୍ଗାଳ । କଣ ଲୁଚିରହିଛି ସେ ପୂଜାର ମୁହଁ ପଛଆଡ଼େ ?

ସେହି ଗ୍ରେଟିଆ ମୁଣ୍ଡର ଭିତର ଅଭିଜ୍ଞତା ଫିଟାଇ ପଢ଼ିବା ସକାଶେ ମା'ର ମନ କୌଣସି ଆମ୍ବଳକୁ ବଡ଼ ମଣନ୍ତା ନାହିଁ । ବସି ରହିଛି । ମଉନମୂର୍ତ୍ତି, କଅଁଳକହିଟି ପରି । ପୂଜାର ମନ ଛକପକ ହେଉଛି ।

ଭାବୁଥିବ ପରା, ମା'ର ପଣତ ତାର ପଘା । ପୂଜା ସ୍ୱାତନ୍ତ୍ର୍ୟ ଖୋଜୁଛି ।

ଓଃ, କି ଅନ୍ଧାର ! ବଢ଼ି ଅସୁରୀ ଡାକୁଛି, ନଇମୁଣ୍ଡ ଡାକୁଛି ।

"କାହିଁକି ସେଠି ଦୁଆରମୁହଁଟାରେ ବସିଛୁ ପୂଜା ? ମିଛେରେ ଅଣ୍ଡା ଲାଗିବ ।"

"ଘର ପରା ଝାପୁଚି !" ମୁହଁରେ ଲୁଗା ମାଡ଼ି ହସ ରୋକି ପୂଜା କହିଲା ।

Digitized by srujanika@gmail.com

"ଆଲୋ, ତୋ ଆଖିକୁ ନିଦ ନାହିଁ ?"

"କଣ କହୁଚ ବା ବୋଉ, ଏତେ ପହରୁ ? ଦେ, କଣ ମୁଡ଼ି ଭୁଜା ଆଣିବୁ ପରା ! ମୁଁ ଯାଏଁ, ବଡ଼େ ମେଘ ପକେଇବ ।"

"ଗଲୁଚଆଲ ହ'ନା । ଶୋଇବୁ ତ ଶୋ, ବସିବୁ ତ ବସି ଥା ।"

ପୁନି ବସି ଭାବୁଥାଏ, କଜଳମତୀ ଘରେ ଆଲୁଅ ଲିଭିଥିବ । ଟିକଏ ସେ ଯାକେ ଯାଇପାରନ୍ତେ, ବରଷା ବରଷା ପଣ ଲଗନ୍ତା ନାହିଁ ।

କେମା ତା କରେଇ ଦେବ ନାହିଁ ।

କାହିଁକି ? କଣ ଆଉ ବାକି ? ଅଭିମାନ କଣ ସେ ଭାବୁଥିଲା । ଯୌବନର ପହିଲି ଝଲକରେ ଜୀବନକୁ ଭଲ ପାଇ ସେ ପାଇଥିଲା ପାଇଖାନା । ତା ପରେ କଜଳମତୀ—ଯାହା ଅଗଣାରେ ଫୁଲ ଫୁଟେ, ଯାହା ଘର ବାସେ । ଆପଣା ଦେହର ତାଠାରୁ ଆନନ୍ଦ ମିଳେ ଯେଉଁଠି ।

ଶିକ୍ଷା ନାହିଁ, ଉନ୍ନତତର ଆନନ୍ଦ ନାହିଁ । ସାରା ଦୁନିଆରେ ସମ୍ପତ୍ତି ବୋଲି ଅଣ୍ଟାଳି ବସିଲେ, ମିଳେ ଖାଲି ନିଜ ଦେହ । ତାକୁ ହିଁ ଖର୍ଚ୍ଚ କରି ଚୁଲି ଉପରେ ହାଣ୍ଡିରେ ଥୋଇ ଥୋଇ, ମନର ଅଭାବ, ଦେହର ଅଭାବ ମେଣ୍ଟାଇବା କାମ । ଭଦ୍ର ଜୀବନ ମୁହଁ ଆଗରେ ଟୋକେଇ କାଖେଇ ନିଅ ବୁଲି, ମଣିଷର ଜନ୍ମଗତ ଭୂଷଣ ଯେଉଁ ଆତ୍ମସମ୍ମାନ, କେଉଁଦିନୁ ତାହା ଝଡ଼ପଡ଼ ନର୍ଦ୍ଦମାରେ ଲେଟି ସାରିଛୁ ।

ଖାଲି ନରକ, ଭିତରେ ବାହାରେ । ସେଠି ଆନନ୍ଦର ଉପାସ୍ୟ କ୍ଷଣିକ ଉତ୍ତେଜନା । ଗିମ୍ପୁଡ଼ି ବଢ଼ି ବଢ଼ି ହାତୀ ହେବ ନାହିଁ । ତେବେ କାହିଁକି ଏତେ ଆକଟ କଟକଣା ?

"ଦୁଲି— ।"

"ଶୁଭୁଚ ପୁନି, କାହା ଘର କାନ୍ଥ ପଡ଼ିଲା ଲୋ—"

ଅନ୍ୟମନସ୍କ ହୋଇ ପୁନି କହିଲା—"ପଡ଼ୁଥିବ ।"

"ପଡ଼ୁଥିବ କଣ ଲୋ, ତତେ ଡର ମାଡ଼ୁ ନାହିଁ ? ଶୋଇପଡ଼ ।"

ଝର ଝର ବରଷା । ତାହାର ଭିତରେ ବୟସର ବଇଁଶୀ କାନରେ ବାଜୁଛି; କଜଳମତୀ କଣ କରୁଥିବ ?

ନିଦ ନାହିଁ ।

□ □

Digitized by srujanika@gmail.com

ଏକଗୃଳଣ

କାଉଳା ଅନ୍ଧାରୁଆ ପାଗ । ପଚ୍ ପଚ୍ କାଦୁଅ । ନର୍ଦ୍ଦମାରେ ସୁଅ ପଡ଼ୁଛି । ସଢ଼ାପଚ୍ଚା ଅସନା ଭାସି ଆସୁଛି । ପାଇଖାନାର ତଳ ଏକାକାର । ଚହଲି ଆସୁଥିବା ମଇଳା ଉପରେ ପଲ ପଲ ମାଛି ।

ସଫା କର କର ଡାକ ବନ୍ଦ୍ ଶୁଭୁଥାନ୍ତି । ରଙ୍ଗ, ଟସ୍ସ, ପୁନି । ତୁହାଇ ତୁହାଇ ମେଘ ଅସରା ଆସେ । ଶୀତରେ ରୋମ ଟାଙ୍କୁର ଉଠେ । ପିନ୍ଧାଲୁଗା ଦେହରେ ଲାଗିଯାଇ କେଉଁଆଡ଼େ ଅଦୃଶ୍ୟ ହୋଇଯାଏ ।

ତରତର ହୋଇ ପାଇଖାନାରୁ ପାଇଖାନା । ଅବସର ଦେଖି କାହା ବାରପଟେ କ ଓଳତଳେ ଠିଆ ହୋଇଯାଇ ଟିକିଏ ଗପସପ । ପୁଣି କାମ, ଅଚ୍ଛୁଣ୍ଡା ନଟ ।

ମଇଳା ହାତରେ ପିଙ୍କା ଖଣ୍ଡେ ମୁହଁରେ ଗେଞ୍ଜ ଦେଇ, ଙ୍ଗେବେଇ ଙ୍ଗେବେଇ ପୁନି ଟସ୍ସକୁ କହିଲା—"ହେଲ୍ ପିଙ୍କାଟା ଟିକେ ନଗେଇଦବଁ, ଆଣେ ବା ତୋ ମୁହଁଟା—"

"କାହିଁକି ବା ମୋ ମୁହଁଟା, ଏଡ଼େ ସକାଳୁ ଆଉ ମୁହଁ ପାଇଲୁ ନାହିଁ, ମୋର ମୁହଁକୁ ଲୋଭେଇଲୁ ?"

"ହଉ, ହଉ । ଥାଉଚ ଲୋ, ସିଧା ଦେଖା—" ଟସ୍ସର ବେକକୁ ଘାଣ୍ଡି ଦେଇ ପୁନି ପିଙ୍କା ଲଗେଇଲା ।

ରଙ୍ଗ କହିଲା—"ତୁ ମଣିଷଟାଏ ଏ ପାଗରେ ଏମିତି ଫୁଙ୍କା ବାହାରିଚୁ ଯେ, ଟୋପାଏ ପିଇକି ବି ଆଇଲୁ ନାହିଁ; ଖାଲି ପିଙ୍କା ଟାଣି ଏ ଥଣ୍ଡା ସହିବୁ କି ?"

"ହଉ, ତୁ ତ ପିଇଚୁ, ତତେ କୁଣ୍ଢେଇ ଧଇଲେ ଉଷୁମ ଆସିଯିବ ନାହିଁ କି ?"

"ମତେ, କାହିଁକି ମ—ମଲା, ପୁଆଗରେ ଗଣ୍ଡି ନାହିଁ ନା ଛୁଣ୍ଡିଯାଉଚ ଟିଁଟରଟ ହେଇ—ଇଲେ, ଦେଖେ ଲୋ—ଇଲେ ହେଇ, ଦେଖିଲୁ, ଦେଖିଲୁ; ସେ କାହାକୁ ଚାହିଁଚ—" କଲବଲିଆ ହୋଇ, ପାଟି କରି ଉଠି ରଙ୍ଗ ହାତ

Digitized by srujanika@gmail.com

ଦେଖାଇଲ ଅବିନାଶବାବୁଙ୍କ କୋଠାକୁ । ଉପର ଝରକା ଖୋଲ ଅଛ, ଅଘୋରବାବୁ ଉହୁଙ୍କି ଅନେଇଛନ୍ତି ।

ରଙ୍ଗ, ପୁନ, ଝବ୍ରି ଚୁମୁଝାଚୁମୁଚି, ଠେଲାଠେଲି, ହସାହସି ହେଲେ । ଅବକାଶ ପାଇଲେ ସେମିତ ସେମାନେ ହୁଅନ୍ତି ।

ଝବ୍ରି କହିଲା—"ତାଙ୍କର ଘରେ ପରି ଉଡେଇବା ହେଉଥିଲା ?"

"ସେଥିପାଇଁ ଆମ୍ଭକୁ ଅନେଇଁଚ ନା କଣ ମ ? ଗୁରୁ ଧରିବ ବୋଲି ?" ରଙ୍ଗ କହୁଥାଏ—"ଡାକଲେ ଶୁଭନ୍ତା କ ! ହେ ବାବୁ ଆଜ୍ଞା, ଦେଖିଲ, ଆମ ଲୁଗାପଝା ଜଉ୍ରୁଡ଼ି; ଲୁଗା ଖଣ୍ଡେ ଦଅନ୍ତ ନାହିଁ !"

"ହୋଇ ହୋଇ," ଝବ୍ରି ଖଡେଇ ହେଲ । "ଲୁଗା ଖଣ୍ଡେ ଦେବ । ତତେ ନ ଦେବ ଆଉ କାହାକୁ ଦେବ ଲୋ, ମୋ ରଙ୍ଗିଣି ଗେହ୍ଲା ! ରୁ ତ କାହିଁ କୋଟିକରୁ ଗୋଟିଏ ।" ରଙ୍ଗ କହିଲା—"ହଇ-ଓ ବାବୁ, ଏଡ଼େ ନଦସ୍ୱା ତମେ ! କେଡ଼େ ସୁନ୍ଦର ବସିଚ, ମିଟିମିଟିକା ଅନେଇଚ, ଫେଣେ ଚଢ଼ ବୁଲୋଉଚ ଆମ ବାସ ଉଠେଇବାକୁ ? ଶୁଗୁଚଟି, ହାତ୍ ତମ--"

ଝବ୍ରି କହିଲା—"ସେମିତ କାହିଁକ ହଉଚୁ, କଏ ଶୁଣୁଚ ? ଏଣେ ଅନା ବା ରଙ୍ଗ !"

"କାହିଁକ ବା ?"

"ପୁନି କଣ ହଉଚ, ଟିକଏ ଦେଖ୍ !"

ଏକା ଧ୍ୟାନରେ ପୁନ ସେହିଆଡ଼କୁ ଅନେଇଥାଏ, ପଦେ କଥା ବି ନାହିଁ । ପୁନିକୁ ଝାଙ୍କି ଦେଇ, ହଲେଇ ଦେଇ ରଙ୍ଗ କହିଲା—"ଦେଲେ ରେ, ପକା ସିଆଣିଆଝା—"

"କଣ !"

"କଣ ? ସାଙ୍ଗରେ ଆଇଥିଲୁ, ଆମ୍ଭକୁ ଛାଡ଼ିଦେଇ ରୁ ଯାଇ ସେଠି ଉଠିଲୁଣି !" ଆଶ୍ଚର୍ଯ୍ୟ ହୋଇ ପୁନ କହିଲା—"କୋଉଠି ?"

"ରୁ କଣ ଏଠି ଅଛୁ ? ଖାଲି ପିଣ୍ଡଝା ନା, ରୁ ପରି ଗୋଝାସୁଦ୍ଧା ଯାଇ କୋଠା ଉପରେ ।"

ପୁନ କହିଲା—"ସତେରେ, ମୁଁ ଯାଉଛୁ ।"

Digitized by srujanika@gmail.com

ସମସ୍ତେ ଚାହାଁ ହୋଇ ଅନେଇଲେ ତା ମୁହଁକୁ । ପୁଣି କହିଲା—"ନାଇଁ ମ, ଦେଖୁନୁ ପାଗ, ଆଜି ବୋଉ କାମୁକୁ ଆସିବ କି ନାହିଁ ଜଣା ନାହିଁ, ବେମାଣଆ ଧୁଅ । କାମଟା ସାରିଦେଇ ଗଲେ ଯାଏ ।"

ରଙ୍ଗ କହିଲା—"ଠନକା ଠନହେଁ ଏକା ସାଥିରେ ଗଲେ, ଟୁଅଟି ଟୁଅଟି ଛୁଡ଼ିଯିବ । ଚାଲ୍, ଆମେ ବ ଯାଉଛୁଁ—"

ପୁଣି ଅପେକ୍ଷା କଲା ନାହିଁ, ତରତର ହୋଇ ଚାଲିଗଲା । ପଛଆଡ଼୍‌, ଟାପରା ମାରି ରଙ୍ଗ କହିଲା—"ଯା ଲୋ, ଯା ଲୋ, କେହି କୁଆଡ଼େ ନାଇଁ, ସକାଳ ଯେ, ସଞ୍ଜ ସେ—"

ଅସରାଏ ମେଘ ଆସିଲା । ପଡ଼ିଶାଘର ଓଳିତଳେ ଠିଆ ହୋଇ ରଙ୍ଗ କହିଲା—"ଶୁଣିମୁ ଟକି, କଥାଟିଏ କହିବ ?"

"କି କଥା ?"

"ଶୁଣ୍—କଥାଟିଏ କହୁଁ କଥାଟିଏ କହୁଁ

କସ୍ କଥା—ବେଙ୍ଗୁଲି କଥା

କସ୍ ବେଙ୍ଗୁଲି—କାଠ ବେଙ୍ଗୁଲି

କସ୍ କାଠ—ତେଲଙ୍ଗି ମାଠ

କସ୍ ତେଲଙ୍ଗି—ଆଖୁ ପେଲଙ୍ଗି—"

"ହଁ, ତୋ ମୁଣ୍ଡ ଗଣ୍ଡି, ତୋ କଥା ରୁ ଶୁଣ୍—"

"ଆଲୋ, ବୁଝିପାରିଲୁ ନୋଇଁ କି ଲୋ ହୁଣ୍ଡି ! ମୋ କଥାଟି ସରିଗଲା, ଫୁଲଗଛଟି ମରିଗଲା—"

"ମରୁ—"

"ନାଇଁ ନାଇଁ, ଶୁଣ୍ ଶୁଣ୍,

ସୁଖରେ ଘର ଦୁଆର କଲେ,

ଖାଇଲେ ପିଇଲେ, କବାଟ କିଲିଦେଲେ,

ମୁଁ ଗଲିଥିଣି ପାଟି ଫିଟେଇଲେ ନାହିଁ ।

ଶୁଣିଲୁ ତ, କାହିଁକି ଆଉ ଯିବା ?"

□ □

Digitized by srujanika@gmail.com

ବସ୍ତୁବିକଶ

ଅସମ୍ଭ ଅସମ୍ଭ ଲଦଦହୋଇ ପବନ ଆସୁଛି । ଘାଉଁ ଘାଉଁ ଉଡ଼ୁଛି । କବାଟ ଖୋଲ, କବାଟ ଖୋଲ । ଅଦ୍ଭୁତ ହେଲ ପରି ଟାଣିହୋଇ ଆସି ବାର କବାଟ ପାଖେ ପୁନି ଠିଆହେଲ, କବାଟରେ ପିଟିଲ । ଆଗରୁ କଥା ଥିଲ ପରି କବାଟ ଫିଟିଗଲ, କବାଟ ବନ୍ଦ ହେଲ । ଏକୁଟିଆ ଅଘୋରବାବୁ ଠିଆ ହୋଇଛନ୍ତି । କେମିତି ଅନେଇଛନ୍ତି । ଶୂନ୍‌ଶାନ୍ ଅଗଣା । ବାହାର ଖସ୍ତାର ଗୃହପାଖେ କବାଟ ପଡ଼ୁଛି ।

ଜୀବନ ଭିତରେ ଗୋଟାଏ ଉଦ୍‌ଭୁମୁଦା ଅନ୍ଧାର ମୁହୂର୍ତ୍ତ । ଥଳ ନାହିଁ, କୂଳ ନାହିଁ; ଈଶ୍ବର ନାହିଁ, ଶ୍ରବନା ନାହିଁ ।

ସ୍ୱପ୍ନରେ ଉଥାଉ ମରମଗ୍ରବରେ ଜଳୁଭୁ ବୁଡ଼ୁ ମାସ୍ତୁଲେକର ଗ୍ରୁଇ ଦୁଇଟା । ପାଖକୁ ପାଖ ଓଟାର ହୋଇ ଆସୁଛି, ଓଟାର ହୋଇ ଆସୁଛି । ଦୁଇଟା ଗ୍ରୁଇ ଏକାଠି ହୋଇଗଲ । କଳା ନର୍ଦ୍ଦମା ଭଳି କଳା ଅନୁଭୂତିରେ ହଜିଗଲ ପୁନି ।

ମୁହୂର୍ତ୍ତ ବଳି ଦେଲ । ତାହାର ନମିତ୍ତ ହେଲ ପରି ମଣିଷର ସ୍ଥୂଳ ଦେହ ହେଲ କେବଳ ଉପାଦାନ ।

ସେହି ଇନ୍ଧନ, ତାହାର ନାଁ ପୁଣି ମନ୍ଦିର ।

ମନର ପ୍ରତିଷ୍ଠା ଫେରି ଆସୁଛି ପୁଣି । ସୁତ ଝୁଲସୁଛି । ଝର ଝର ବରଷା ପଡ଼ୁଛି, ଅନ୍ଧାର ଢାଙ୍କୁଛି । ଟାଣି ଓଟାର ହସି ପୁନି ଆରକ ମୁହଁକୁ ଅନେଇଲ । ଏ କଣ ଆନନ୍ଦ ! ଏ କଣ ଦୁଃଖ !

କାଠ ରହିବା ଘର । ତଳେ ଅଳଥା କୁଡ଼ କୁଡ଼ । ଆପଣା ଦେହରେ କେତେ ପାଇଖାନାର ଛିଟା ।

ନା, ଦୁନିଆ ପାଗଳ ହୋଇଛି । ଗନ୍ଧ, ବାସ୍ନା ସବୁ ବୁଡ଼ିଛି । ଚେତନା ନାହିଁ । ପୁନି ମୁହଁ ମାଡ଼ିଦେଲ, ଆଖି ବୁଜିଦେଲ ।

ବାହାରେ ଟୋକେଇଟା ଚଳୁଛି । ଘୋଡ଼ା ହୋଇଥିବା ସାରୁପତ୍ର ଉପରେ ପାଣି ପଡ଼ୁଛି ଟପର ଟପର ।

Digitized by srujanika@gmail.com

ଘଡ଼ିଏ ଗଲା । ଜଗସ୍ତ ଆଲୁଅ ଫିଟି ଆସିଲାଣି । ଅଘୋରବାବୁ ଚଙ୍ଗ୍ ଚଙ୍ଗ୍ ହେଲେଣି । ପୁନ ପଦାକୁ ବାହାରି ଆସିଲାବେଳକୁ ସେ ଆଉ ନାହାନ୍ତି । କବାଟ ଆଉଜାଇ, ମେହେନ୍ତାଣୀର ସହଜ ଗତିରେ ଖୋଜ ମେଲିଦେଲା । ବର୍ଷାରେ ଛନ୍ଦବୁଡ଼ ଚାଲିଛି ମେହେନ୍ତାଣୀ, ପିଠିଆଡ଼େ ଟୋକେଇ । ଗୋଟାଏ ଶ୍ରେଣୀର ମୁଖା ପିନ୍ଧି ଚାଲିଛି, ଶହେ ଜଣରୁ ଜଣେ । ବଡ଼ ଘରର ଉଞ୍ଛ ମହୁଡ଼ କେତେ କୋଠାର ଆଢ଼ୁଆଳରେ ଲୁଚିଗଲାଣି । ଘସସ୍ତ ଜୀବନରେ ଆଜିର ଦିନ ଆଣିଦେଲା ଏତିକି । ତୃପ୍ତି ନାହିଁ, ଅତୃପ୍ତି ନାହିଁ । ଅଭ୍ୟାସ ପରି ବନ୍ଧା ଗତିର ମଡ଼ାବାଟ ।

“କି ଲୋ, କି ଲୋ ପୁନ—” ଟଣା ଆସିଛି, ଥଟ୍ଟା କରୁଛି । ରଙ୍ଗ କହୁଚି — “ହୁଁ—ହୁଁ— ।” ପିଙ୍କା କହିଯାଉଚି । “ଦେଲୁ ରଙ୍ଗ, ଦେଖେଇଲୁ ତୋ ପିଙ୍କାଟା, ଲଗେଇ ନଏଁ ।” ପିଙ୍କା ଟାଣି ଟାଣି ଗନ୍ଧ ଯାଉ ନାହିଁ । ଦୀର୍ଘଶ୍ୱାସ ପକେଇ ପଛ ବୁଲିପଡ଼ି ସେହିଆଡ଼େ ଚାହିଁଲା । ଓଦା ପଚ୍ ପଚ୍ ନିର୍ଜନ ରାସ୍ତା । ନଏଣ୍ଡୋଣରେ ଧୂଅ ପଡ଼ୁଛି । ଝିପି ଝିପି ବରଷା ।

ଶାନ୍ତି ପାଇଲା ନାହିଁ । କୁଡ଼ିଆ କୋଠାର ନୁହେଁ, କୋଠା କୁଡ଼ିଆର ନୁହେଁ । ଅସମଞ୍ଜସ ଲଙ୍ଘି ନ ପାରି, କଳ୍ପନା ଗଢ଼ି ନ ପାରି, ପୁନ ଭାବିଲା ସେ ପତିତା ହୋଇଛି । କାନ୍ଦ ହେଲା ନାହିଁ ।

ଭାବିଲା, ଭାବିଲା, ଜାତି-ଅଜାତି, ଛୁଆଁ-ଅଛୁଆଁ, ଗନ୍ଧ-ବାସ୍ନା । କୁଟିଳ ଚାହାଣୀରେ ବିଜୁଳି ଖେଳେଇ ଦେଇ, ମନକୁ ମନ ହସି ହସି ଫାଟି ପଡ଼ିଲା ।

“କି ଲୋ, କଣ ହେଲା ? କାହିଁକି ଏତେ ହସ ବା ? କଣ, କିଛି ଧନ ଦରବ ପାଇଲୁ କି ଲୋ ?”

ହସିଦେଇ ପୁନ ମନର ମଳି ଝଡ଼େଇ ପକେଇଲା । ଏହା ପରେ ସେ ଗାଧୋଇବ, ପବିତ୍ର ହେବ । ତାର ଅଭ୍ୟାସ ହୋଇଯାଇଛି ।

କିନ୍ତୁ ବାରମ୍ବାର ମନେ ପଡ଼ୁଥାଏ ତାହାରି କଥା । କେବଳ ଗାଧୋଇ ପଡ଼ିଲେ ସେ ପବିତ୍ର ହୋଇପାରିବ ନାହିଁ ।

“ହସୁଥିବୁ ଏମିତି ? ହେ ପୁନ, ହେ ଦେଖ୍ ତୋ ପିଙ୍କା ପଡ଼ିଗଲା ।”

“ପଡ଼ୁ, ଚାଲ୍ ଯିବା ।”

Digitized by srujanika@gmail.com

ତେସ୍ୟାଲଣ

କଳା ମେଘ ଫାଟିଯାଉଛି । ପରସ୍ତ ପରସ୍ତ ହୋଇ ଧଳା ମେଘ ଉଡ଼ି ଆସି, ଝଡ଼ିପଡ଼ୁଛି ହାଲୁକା ବରଷା । କାଠ ଗୁଣ୍ଡି ଗୁଣ୍ଡି କଳା ମେଘ ସନ୍ଧିରେ ସାପୁଆ ଆକାଶ ଦିଶୁଛି ସୁନ୍ଦର, ନିର୍ମଳ, ଝକ୍‌ଝକ । ଦିଗ୍‌ବଳୟରେ ଅନନ୍ତର ସହସ୍ରେ ଫଣା ।

ଅସମାପିକାର ଛନ୍ଦ ବାଜୁଛି । ହାଟରେ କଳରବ, ବାଟରେ ଗୋଳମାଳ, ମଇଳାବୁହା ଗାଡ଼ିର କେଁ-କଟର । ବରଷାରେ ଡାଙ୍କି ହୋଇ ରହିଥିଲା, ଡାଙ୍କୁଣି ଉଠାହୋଇଛି ।

ସାମ୍ନାରେ ଚା' ପାନରୁ ବାମ୍ଫ ଉଠୁଛି । ହତଶ୍ରୀକ ପରି ବିମର୍ଷ ହୋଇ ବସି ରହିଛନ୍ତି ଅଘୋରବାବୁ । ପାଖ ଘରୁ ମାନମୟୀର ସଙ୍ଗୀତ-ଚର୍ଚ୍ଚା ବିରକ୍ତ ଲାଗୁଛି ।

କିନ୍ତୁ ମାନମୟୀକୁ କି ଟିପ୍‌ପଣୀ ପଦେ ହାଣିବାକୁ ମନରେ ଆଉ ସାହସ ନାହିଁ । ପାଣି ସର ସର କାଦୁଅ ମେଞ୍ଚା ପରି ଦେହ ଆଉ ମନ । ସେ ଯୁକ୍ତି ମୂଲ୍ୟ ନାହିଁ ।

"ତମ ଚା' ଶୀତଳ ହୋଇଗଲାଣି ବାବୁ—"

ଏଁ—" କୋରଡ଼ା ମାଡ଼ ଖାଇଲା ପରି ରୁକ୍‌ମଣୀର ଏ ଆଶ୍ଚର୍ଯ୍ୟ ସହାନୁଭୂତିରେ ଚମକି ପଡ଼ି ଅଘୋର ବୁଲିପଡ଼ିଲେ । ଦୁଆରମୁହଁରେ ଯଶୋଦା ଠିଆ ହୋଇଛି । ଅନ୍ୟ ଦିନ ହୋଇଥିଲେ ଅବା ସେ କହିଥାନ୍ତେ, ହେ ଅପରିଚ୍ଛନ୍ନମୁହାଁ, ତତେ କିଏ ଡାକିଲା ? ଯା, ତେଣେ ବାସନ ମାଜିବୁ । ଆଜି ନାହିଁ । ଚେପା କାଦୁଅ ପରି ଚୌକିରେ ଲଟି ରହି ଖାଲି ସେ ଚାହିଁଛନ୍ତି । ଦେଖୁଛନ୍ତି ଯଶୋଦାର ମୁହଁ, ଖାଲି ଭାବୁଛନ୍ତି । ଏଇ ବିଚିତ୍ର ଚାହାଣୀ ଯଶୋଦାର, ତାର କଣ ଅର୍ଥ ନାହିଁ ? ଓଠ କୁଞ୍ଚେଇ ନହାଇଯାଉଛି । ଯଶୋଦା କଣ ହସୁଛି ? ରୁଗ୍ଣକୁ ଯଶୋଦା ମଡ଼ିପଡ଼ୁଛି, ତାର ଆସନ ଉଠିଯାଉଛି କେତେ ଉଚ୍ଚକୁ । ଏଇ ବେଳରେ ସେ ରୁକ୍‌ମଣୀ ନୁହେଁ ।

ଓଃ—ଓଃ—ଓଃ— ତଣ୍ଟିରେ ଛେପ ଶୁଖିଯାଉଛି । ମନ ହେଉଛି ସବୁ ସେ ଗୋଳି ବାଟି ପିଇବାକୁ ରାଜି ଅଛନ୍ତି; ପିତା, କଷା, ଲୁଣିଆ । ଖାଲି ଦରକାର

Digitized by srujanika@gmail.com

ଉଦ୍ଧାଡ଼ରେ ଆଖିବୁଜ ଆଉଜ ପଡ଼ିବାକୁ ଅନୁମତ । ମନ ଭିତରେ ଏକତାଗ୍ରରେ ଘୋରଡେଇ ହୋଇ ଭୟଙ୍କର ଆଳାପ—ଯଶୋଦା ଜାଣେ କଣ ? କାହିଁକ ତାର ଖୁରଧାର ଆଖି, ଜାଣିଲା ପରି ମୁହଁ ?

ଯଶୋଦା ସତରେ ହସିଲା । ଭିଡ଼ମୋଡ଼ି ହୋଇ କହିଲା—"କଣ ଦେଖୁଚ ମ ବାବୁ ! ଆଉ ଜଣକ କଥା ମନେପଡ଼ୁଚ—"

ଗ୍ରୀତ ଗୃହିଁ କଲା । "କଣ୍, କଣ୍ ?"

ଯଶୋଦା ହାଇ ମାରିଲା । ତାହା ବି ଜଗା କରି ଦେଖିବାକୁ ପଡ଼ିଲା କାଳେ ଆଉ କଣ କହିବ ବୋଲି । ଯଶୋଦା କହିଲା—"ଖୁବ ଜାଡ଼ କରୁଚ । ଜାଡ଼ କଲେ କୁଁକର-କାଁକର—"

"ବନ୍ଦ୍—" ଭୁଣ୍ଡରୁ ଉଠି ବାକ ଦୁଇଟା ପଦ ସେହି ଭୁଣ୍ଡରେ ହିଁ ମିଳେଇଗଲା । ଶୁଖିଲା ଓଠ ଉପରେ ଜିଭ ବୁଲେଇ ଦେଇ ଖୁବ୍ ଅଣ୍ଡା ହୋଇ ଅଘୋରବାବୁ କହିଲେ—"ଶୀତ କରୁଚ ? ଘୋଡ଼ହେଲା ଦରକାର ? କଣ ନବୁ କହନୁ—"

କ୍ଷଣକେ ଯଶୋଦା ବଦଳିଗଲା । ଫଁ ଫଁ ହୋଇ କହିଲା—"ସେମିତ କଣ ହଉଚ ? ଏଁ—ଭାରି ସିଆଣିଆଁ ପଡ଼ିଚନ୍ତ ଆ ! ଗରିବ ମାଇପ ସବୁର ଶାଳୀ; ଏଣେ ବାପାଙ୍କର ବି ଶାଳୀ, ତେଣେ ପୁଅଙ୍କର ବି ଶାଳୀ ! ସେକ୍ଚଲିଆ କଥା-ଗୁଡ଼ାକ କହି ଯାଉଚନ, ମୁହଁରେ ବାଇଶ ରହୁ ନାହିଁ ! ଦେଖରେ—!" ପାଟି କରି କରି ଯଶୋଦା ଗ୍ଲିଗଲା କଣ୍ଠା ଘୁଟରେ ପିଟିପିଟିକା । କେବେ ନ ଶୁଣିବା କଥା । ଭୁଚ୍ଛାଟାକୁ ଫୁଲ୍‌ଟି ପରି ନାଚନାଚକା ଗଲା ଗ୍ଭକର୍ଣୀଟା; ତଥାପି କିଛି କହିହୋଇ ପାରିଲା ନାହିଁ, ପଦେ ବି ପ୍ରତବାଦ । ଅଘୋରବାବୁ ଭୁନ ହୋଇ ବସି ରହିଲେ ।

ମାନମୟୀ ଗୀତ ବନ୍ଦ କରି ଧାଇଁ ଆସି ଗର୍ଜିଲା—"ଯଶୋଦା ! କାହିଁକ ସକାଳୁ ଏମିତ ରଡ଼ିମାରୁଚ ସେଇଟା ?"

"ଆଉ, ମାନ; ଆଉ କିଛି କହ ନା । ତାର କଣ ମୁଣ୍ଡ ବିଗିଡ଼ିଚ । ବରଷା ପାଗରେ ସେମିତ ହୁଏ । ଯା, ସେଇ ଗୀତଟି ଗା; କେଡ଼େ ସୁନ୍ଦର ଶୁଭୁଥିଲା ।"

ଆଜ ସନ୍ଧ । ସ୍ୱରରେ ଅସ୍ୱାଭାବିକ କଅଁଳପଣ । ହସି ହସି ମାନମୟୀ ଗ୍ଲିଆସିଲା । କହିଲା—"ଆଜ କେମିତ ତମକୁ ମୋ ଗୀତ ଭଲ ଲାଗୁଚ ଭାଇ ! ବରଷା ପାଗ ବୋଲି ବୋଧେ, ନୁହେଁ ? ବାଃ, ତମେ ମଜା କରି ବସିରହି ଗ୍ଭ ଖାଇବ, ମୁଁ ବେଠିଆ ହେଇଚ ଗୀତ ଗାଉଥିବ !"

Digitized by srujanika@gmail.com

ଅଘୋରବାବୁ ଶୁଖିଲା ହସଟିଏ ହସିଦେଲେ । ସ୍ୱାଇର ଢଙ୍ଗ ଦେଖି ମାନମୟୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା—"ସେମିତ କାହିଁ ବସିଚ ସ୍ୱାଇ, ଦେହ କଣ ଭଲ ନାହିଁ ? ଯାଏଁ, ବୋଉକୁ ଡାକିଆଣେ—"

"ଶୁଣ୍, ଶୁଣ୍; କୁଆଡ଼େ ଯିବୁ ? ମିଛରେ ଦେହ ଭଲ ନାହିଁ କହିଲେ, ବାପା ଶୁଣିଲେ କହିବେ, ଏ ଓଳି କଛୁ ଖା ନା । ମୁସ୍କିଲ୍ କରିବୁ—!"

"ତମେ ବଡ଼ ପେଟୁ—"

"ଠିକ୍ କହିଚୁ ।"

"ତା ହେଲେ ଏମିତ କାହିଁକି ବସିଚ ? କାହିଁକି ଶୁଖିଲା ଦିଶୁଚ ?"

"ବରଷା ପାଗରେ ସେମିତ ସଣ୍‌ସଣିଆ ଦିଶନ୍ତି ସମସ୍ତେ । ଆର୍‌ସିରେ ନିଜ ମୁହଁଟି ଦେଖିଲୁ !"

"ମୁଁ !" ମାନମୟୀ ବଡ଼ ବ୍ୟସ୍ତ ହୋଇପଡ଼ିଲା । ତରତର ହୋଇ ସ୍ୱଳ-ଗଲ୍ପ ପ୍ରସାଧନ ସଜାଇବାକୁ । ଅନ୍ତତଃ ଘଣ୍ଟାକ ପାଇଁ ନିରାପଦ—ଅଘୋରବାବୁ ଭାବିଲେ । ଅଣ୍ଡା ସ୍ତୃ ପାଣି ପରି ପିଇଦେଇ ସିଗାରେଟ୍ ଲଗାଇଲେ । ଆପଣାକୁ ଗୋଟେଇ ପୋଟେଇ ଠିଆ କରେଇ ପଦାକୁ ଆସିଲେ ।

ହେଇ, ମେହେନ୍ତରସାହି ।

ଆଙ୍ଗୁଠିରେ ସିଗାରେଟ୍‌ଟା ଥରୁଛି ।

ବେଙ୍ଗଫୁଲ ପରି ଜଲ୍‌ଜଲ୍ ହୋଇ ଅସନା ସାହିଟାଏ, ବରଷାରେ ଫଉଲଛି । ଜକାଜକ ହେଲା ପରି ସାନକୁଡ଼ିଆ । କେଉଁ ଗୋଟାକ କେଉଁ ଆଡ଼କୁ । ଠିଆ ବସା ଚଳାଚଳ ଅବସ୍ଥା । ଖଣ୍ଡିଆ, ଯାଦୁସ, ତାଳପକା ବସ୍ତା ଓହଳା ଚାଟିବନ୍ଧା ରୂପ । ମଝିରେ ମଝିରେ ଭଙ୍ଗା ଡିହର ଦାରୁ ଠେଙ୍ଗ । ସେଠି ଭୂଇଁକୁଣ୍ଡାର ଥୁଣ୍ଟା ବରଷାରେ ଗଜୁରି ଉଠୁଛି । ତାହାରି ମଝିରେ ଠାଏ—ସେ ସାହିର ଟୁବ ଗାଡ଼ିଆ । ତେଲିଆ ପାଣି, ସିଙ୍ଘାଣି ଭୁଟୁଭୁଟୁ । ଆତ୍ମପ୍ରସାଦରେ ଗୋଲଗୋଲ ଦୋହରି ଚବୁକ ଲଗା ବଡ଼ ସହରର ଚକ୍‌କଣ ଗାଲ ଉପରେ ପୁଜଟୁମୁକା ବଥବ୍ରଣ ମେଞ୍ଚାଏ, ତାର ଖାନ୍ଦାନ ଚରିତ୍ରର ବଙ୍କାପଣ ପରି; କିନ୍ତୁ ଏହି ଅଶ୍ଳୀଳ ଦରିଦ୍ରତାକୁ ଚାହିଁ ରହିଥିବା ବେଳେ ଅଘୋରବାବୁଙ୍କ ଆଖି ଲୁହଲ ଉଠୁଥିଲା । ଦେହରେ, ମନରେ ଅସନା ପ୍ରତି ସମତୁଲ ଭାବ । ନିଭୃତରେ ଚାହିଁ ରହିବାକୁ ଉତ୍କଟ ଆଗ୍ରହ । ମନେ ମନେ ସେ ଓହ୍ଲେଇ ପଡ଼ୁଥିଲେ । ତେଣିକି ସେ କାଦୁଅର ମଣିଷ । ଯେପରି କି ସେହି ପଙ୍କର ଗନ୍ଧ ତାର ଦେହ ଭିତରେ, ସେ ଭାଇପଣ ଖୋଜୁଛି ।

Digitized by srujanika@gmail.com

ଧୀରେ ଧୀରେ ଦୁର୍ବଳତା କଟି ଯାଉଥିଲା । ନୂଆ ପରିସ୍ଥିତିରେ ସହଜ ହୋଇ, ଟାଣ ହୋଇ ସେ ଠିଆ ହୋଇ ରହୁଥିଲେ ପୁରୁଣା ଘରର ଦର୍ଶକ ପରି ।

"ବୋଉ ଡାକୁଛି—" ମାନମୟୀ କହିଗଲା ।

ଅଘୋରବାବୁ ଗଲେ । ବିସ୍ମିତ ହୋଇ ପଚାରିଲେ, "ଡାକୁଥିଲୁ ବୋଉ !"

"ଆଜି କେତେ କାମ ରେ, ବାପା ତ ତେଣେ ବ୍ୟସ୍ତ; କରିବ କିଏ ?"

"ଏମିତି କଣ କାମ, ମୁଁ ପାରିବି ନାହିଁ ?"

"ବୋଉ ମ !" ମାନମୟୀ କହିଲା, ଆଜି ଭାଇ ସବୁ ପାରିବେ । ଆଜି କେମିତି ସେ ସହିବାର ଅବତାର, ପଚାରୁଛନ୍ତି—"

ଅଘୋରବାବୁଙ୍କ ମୁହଁ କଳା ପଡ଼ିଗଲା । ଶାନ୍ତ ହୋଇ କହିଲେ—"ସକାଳଟାରୁ କାହିଁକି ଝଗଡ଼ା ଲଗେଇଛୁ ?"

"ଦେଖୁଚୁ ବୋଉ !" ମାନମୟୀ ଦୁଆ ଦେଲା । "ଚଢ଼େଇଲେ ବି ଚଢ଼ିବେ ନାହିଁ । ଭାରି ଭଲ ।"

"ବୋଉ, କାହିଁକି ଡାକୁଥିଲୁ ?"

"ଆରେ ବାବୁ, ମାନସିକ ଥିଲା, ହାଡ଼ସାହି କଣା ହେଲେ ଠାକୁରଙ୍କ ପାଖେ ପାଣିକି ଯିବ—" ମାନମୟୀ ଲୁଦା ମାରିଲା, ହସି ହସି ପାଟି କଲା—"ଏଁ ! ଆଜି ? ଆଜି ?"

"ରହ ବା, ତୁ କଥା ବୁଝାଇ ଦଉନୋଉଁ । ହଁ, ବାପା ଯିବେ ତେଣେ, କାମ କରି ଆସୁ ଆସୁ ଡେରି ହେବ । ତୁ ଯା ଅଘୋର, ମନ୍ଦିରରେ ଭୋଗ କରେଇ ଆଣିବୁ । ଠାକୁରଙ୍କୁ ଭକ୍ତି କଲେ ଉପକାର ହେବ ବାବୁ, ତାଙ୍କର ବିପନ୍ନବିନାଶନ ବାନା—"

"ବିପନ୍ନବିନାଶନ ବାନା କଣ ବୋଉ ?" ମାନମୟୀ କହିଲା—"କୋଉ ପୁରାଣରେ ପଢ଼ିଥିଲୁ ? ପତିତପାବନ ବାନା ପରା—"

"ଆଃ—ରହ ଲେ ଚପଳି, ଯୋଉ ବାନା ହଉ, ସବୁ ତ ଠାକୁର । ମାଟି ଗିଲାସରେ ପିଇଲେ ଯୋଉ ପାଣି, କାଚ ଗିଲାସରେ ପିଇଲେ ସେହି ପାଣି ।"

ମାନମୟୀ ହସ ଚୋକ କହିଲା—"ଠିକ୍ କଥା ।"

Digitized by srujanika@gmail.com

ଅଘୋରବାବୁ କପାଳରୁ ନେଗ୍ଲି ନେଗ୍ଲି ଝାଳ ପୋଛୁ ପକେଇ କହିଲେ—"ସକାଳୁ ଧର୍ମଚର୍ଚ୍ଚା ହେଉଥିବ ନା ଆଉ କିଛୁ କାମ ଅଛୁ ?"

"ସେମିତି ଗୁରୁଗୁରିଆ ହଉଚୁ କାହିଁକି, କହୁଚି ଶୁଣ୍। ମନ୍ଦିରକୁ ତ ଯିବୁ, ସେଠୁ ଯିବୁ ମଠକୁ। ନିମନ୍ତ୍ରଣ ଦେଇ ଆସିବୁ ଗୁରୁଙ୍କୁ ବେଳେ ଟିକିଏ ଆସି ସଙ୍କୀର୍ତ୍ତନ କରିଦେଇ ଯିବେ। ଯା' ନା, ଆଉରି ଅଛୁ—" ଅଘୋରବାବୁ ଅଟକିଗଲେ। ବୋଉ କହିଲେ, "କାଲୁପମାକୁ କନ୍ୟା-ତାକିଗ୍ନି କରିବା କଥା ଥିଲା। ଦିନ ତ ନାହିଁ, ବାପା ଚାଲିଯିବେ। ସେଥିପାଇଁ ଆଜି ସନ୍ତ୍ୱନ୍ତ୍ରେ। ଏକେ ଭଲ ଦିନ, ଭଲ ବାର, ଆଜି ସବୁ ହେବ। ଆୟୋଜନ ଭାରି ଜମୁକୁ ଲାଗି ନାହିଁ। ତୁ ଖାଲି ଯିବୁ, ସମସ୍ତିଙ୍କି ନିମନ୍ତ୍ରଣ କରିଦେଇ ଆସିବୁ।"

ମାନମୟୀ ଆନନ୍ଦରେ ଅଧୀର ହେଲା, ତାଳି ମାରି ଡେଇଁଲା। କହିଲା—"ବୋଉ, ବୋଉ—" ଗେଲ କରି ଲୁଣ୍ଠେଇ ହସି କହିଲା—"ଏମିତିକା ତୁ, ଆଗରୁ କିଛି କହିନୋଉଁ—ହଉ, ହଉ—ଭାଇ ସାଙ୍ଗରେ ମୁଁ ଯିବି ବୋଉ।"

"ତୁ କୁଆଡ଼େ ଯିବୁ ?"

"ଆରେ ବାଃ, ଭାଇ ଯାଇ ତାଙ୍କ ବନ୍ଧୁମାନଙ୍କୁ ଡାକି ଆଣିବେ। ଭାଇ ଭାରି ହୃଂସିକା। ମୋ ବନ୍ଧୁମାନଙ୍କୁ କିଏ ଡାକିବ ? ଶ୍ୟାମଳୀ, ଶେଫାଳୀ, ବିଷ୍ଣୁ, ସୂର୍ଯ୍ୟ, ବିନୋଦିନୀ, ଲିଲୁ, ଉମା, ଖେଁଦା।"

"ଓଃ, ବାହାରିଲା କ୍ୟାଟଲଗ୍।" ଅଘୋରବାବୁ କହିଲେ।

"ଏଁ, ଭାରି ସିଆଣା—"

ବୋଉ ନିଷ୍ପତ୍ତି ଦେଲେ—"ଯାହା ହେବାର, ତା ତାଲିକା ହେଉ ସାରିଛି ମାନୁ। ତୁ ସେମିତି ଲଗା ନା। ଖାଲି ଡାକି ଆଣିଲେ ତ ହବ ନାହିଁ; ତୁଲେଇବା ଦରକାର। ତୋର ସବୁ ବନ୍ଧୁ ଅଛନ୍ତି, ତୁ କାହିଁକି ବେସ୍ତ ହଉଚୁ ? ଯଦି ବା ଜଣେ ଅଧେ ବାଦ୍ ପଡ଼ିଗଲେ, ଏଇ ଥରକେ ତ ସରୁ ନାହିଁ—"

"ଠିକ୍ କଥା। ଏଇ ଥରକରେ ତ ସରୁ ନାହିଁ—" ଦନ୍ତ ଦେଖାଇ ଅଘୋରବାବୁ କହିଲେ।

"ଠିକ୍ କଥା। ଭାଇ ବାହାଘର ଆସୁଚି—"

"ଭାକ୍।"

"ପାଗଳ, କାହିଁକି ଲାଗେ ? ବୋଉ ଆମେ ନାଚ ଦେବୁ। ଗୀତ ତ ହେବ, ଖାଲି ସାମାନ୍ୟ ଟିକିଏ ସାଜସଜା ଦରକାର। ତୁ ଟଙ୍କା ଦେ—'

Digitized by srujanika@gmail.com

"କିଏ ମନା କରୁଛି ! କଣ ବନ୍ଦୋବସ୍ତ କରିବୁ କରୁନୁ ।"

ପୁଅ, ଝିଅ ଗଲେ । ଅନ୍ଧାର ଧୀରେ ଧୀରେ ମୁହଁକୁ ତଳକୁ ପୋଢ଼, ମାନମୟୀ ଧାଇଁ ଧାଇଁକା, ହଠାତ୍ ସେ ବଡ଼ ବ୍ୟସ୍ତ ହୋଇପଡ଼ିଛି । ବୋଉ ସ୍ଥିର ହୋଇ ଠିଆ ହୋଇ ପିଲ୍ଲମାନଙ୍କୁ ସ୍ନେହରେ ଅନେଇଁ ରହିଲେ । ଆଜିକା ଧନର ବ୍ୟବସାୟୀ ସାଫଲ୍ୟ ସ୍ମରଣ କରି ଠାକୁରଙ୍କ ପ୍ରତି କୃତଜ୍ଞତା ଆସିଲା । ଦଣ୍ଡବତ ହେଲେ ।

ଆଜିକା ସକାଳ ତାଙ୍କ ପାଇଁ ଆଣିଛି ଭକ୍ତିର ପୁଲକ ।

□ □

Digitized by srujanika@gmail.com

ଚଉସ୍ଥଳଶ

ପୁନର କିଛୁ ଘଟି ନାହିଁ ।

କଣ ବା ଘଟିଛି ? ମନକୁ ଦମ୍ଭ ଦେଇ ସରଳ ଅବହେଳାରେ ସବୁ ହସି ଉଡ଼େଇ ଦେଇ ପୁନ ବାଟ ଗ୍ଲେ । ଭାବେ, ଏ ଯେପରି ମସିଆ ଦୁନିଆର ଘସରା ସାଉ, ନଳାରେ କିଲବିଲ ଲଙ୍ଗୁଡ଼ା ପୋକଠୁଁ ଝଳଲା ଆଲୁଅ ଦାନ୍ଦ ନାଉ ବଡ଼ କୋଠାର ବଡ଼ ମଣିଷଯାକେ; ଅସଜ କିଛୁ ନୁହେଁ । ଦାର୍ଶନିକ ଚନ୍ତା ସାନ୍ତ୍ୱନା ଦିଏ, ପୁନ ସହି ଶିଖେ । ତାର ନରମ ଚମଡ଼ା ସ୍ପର୍ଶକ୍ଷମ, ଅବସ୍ଥ୍ବ ସବୁ ଦୈନନ୍ଦିନ କାର୍ଯ୍ୟର ରଙ୍ଗ ଓ ଗୁଣ ଯେନ ଯେନ ନର୍ଦ୍ଦମାତଳ ଇଟା ପରି ସ୍ପର୍ଶଶୂନ୍ୟ ଓ ଦୃଢ଼ ହୋଇଯାଏ ।

ଶୁଣି ଶିଖିଥିବା କେଉଁ ଅସନା ଗୀତର ଧାଡ଼ିଟିଏ ଗୁଣ ଗୁଣ୍ଡ ହୋଇ ସେ ଦିନ ସେ ଘରକୁ ଫେରଆସିଲା । ତାର ଅନୁଶୋଚନାର ଦୁର୍ବଳତା ନାହିଁ, ଆଦର୍ଶବାଦୀ ପ୍ରେମର ସ୍ମୃତିସମ୍ବଳ ମୋହ ନାହିଁ । ଫମ୍ପା ଝୋଲେଇ ପିଠିରେ ପକେଇ ଗଡ଼ ଜଠଲା ପରି ଗ୍ଲୁଉ ଫୁଲ୍ଟେଇ, ଗୋଡ଼ କସ୍ତୁଡ଼ି କସ୍ତୁଡ଼ି ସେ ଘରକୁ ଫେରଲା । ଜେମା ଦେଖିଲା, ପୁନ ଫୁର୍ତ୍ତି ଅଛି ।

ଦ୍ୱିପ୍ରହରେ ଜେମା ଢୁଲେଇ ପଡ଼ିଥାଏ । ପୁନ ସାହି ଭିତରକୁ ଗଲା । ନଖ ପଚେଇବ, ହାତ ପଚେଇବ । ହଜବା ପଣ ବାଟି ଆଙ୍ଗୁଠିରେ ଲଦ ରଖିବାକୁ ହେବ, ପାଦୁଲିରେ ଝୋପି ଝୋପିକା । ପୁନ ସୁନ୍ଦର ହେବ ।

ଘରୁ ବାହାର ଅଜାଣତରେ ଦୁର୍ବଣା ଘୋଟିଛି । ଆଞ୍ଜୁଡ଼ି ଆଞ୍ଜୁଡ଼ି, ସାଉଁଳ ସାଉଁଳ ମୁଣ୍ଡ ଦାନ୍ଧଛି । ସନିଆ ଦେଇଥିବା ଛିଟ ଶାଢ଼ୀ ପିନ୍ଧି, ବେଶ ହୋଇ ପଦାକୁ ଆସି, ଘୁରେଇ ବୁରେଇ ହେଉଛି ଭଙ୍ଗା ଡିହ କନ୍ଧ କନ୍ଧ, ବଡ଼ କୋଠା ଆଖ ପାଖ । ଅବିନାଶବାବୁଙ୍କ କୋଠା ଆଡ଼କୁ ବାରମ୍ବାର ଗ୍ନହିଁ ଦେଉଛି । ଗ୍ଲୁଉ ଉପରେ କେହି ନାହିଁ ।

ବେଳ ଗଲା, ପୁନ ବେଙ୍ଗଲା ପଡ଼ୁଛି । ଏଇ ଭଙ୍ଗା ଡିହ ଖଣ୍ଡି ତାର ଦୁର୍ଗ । ଭଙ୍ଗା କାନ୍ଥ ଜେମାର ଦୃଷ୍ଟିକୁ ପିଠି ଆଡ଼େଇ ରଖେ । ମୁହଁପଟ ଖୋଲା । ପୁନ ଦୃଶ୍ୟ ଦେବେ ଆଉ ଭାବେ । ଆଜି ଭିଜନାର ଖିଅ ଲମ୍ବେଇ ଦେଇଛି କୋଠା ଉପରକୁ । ଧରିବାକୁ କେହି ନାହାନ୍ତି ।

Digitized by srujanika@gmail.com

ଉପରଓଳ ବରଷା ଛାଡ଼ିଛି । ହଠାତ୍ ସଡ଼କ ଉପରେ ବଢ଼ି ମାଡ଼ିଗଲା ପରି ବହୁତ ଲୋକ ଚାଲିଚଲନ୍ତି ମେଘର ସନ୍ଧବେଳାରେ । କାଚଟମ୍ବୁପାଣି ପରି ଆକାଶ । ତଳ ଉପର ଓଲଟିଛି । କେଉଁ ମଲାହଜଳ ଲୋକର ଭଙ୍ଗା ଡିହ ଉପରେ ଠିଆ ହୋଇ ରକ୍ତନାଲ୍ ଛିଟ ଶାଢ଼ୀ ପିନ୍ଧି, ଔସ୍ତ୍ରୁକ୍ୟ ଝଲଝଲ ମୁହଁ କରି ପୁନ ମୁହଁ ଟେକିଛି । ଆପଣା ମନର ଅରୁଣିମାରେ ସେ ଆପଣା ପାଇଁ ସକାଳ କରିଛି ମେଘୁଆ ଆକାଶ ତଳେ । ହେଉ ପଛେ କୋଠାଘରର ଫାଙ୍କା ।

ବଡ଼ କୋଠାର ଝରକାରୁ ମାନମୟୀର ମୁହଁ ଦିଶିଲା ।

କାହାର ଦୃଷ୍ଟି କାହାଠି ବନ୍ଧା ନାହିଁ, ଦୁହେଁ ଚାହିଁଛନ୍ତି ।

କିଏ ଜଣେ ସାଇକେଲ ଚଢ଼ି ଗଲା । ଚହ୍ନା ଛକିଛିଏ, ବାରମ୍ବାର ଏଣୁ ବାଟେ ଯାଏ । ହଠାତ୍ କାହାଁକ ସାଇକେଲ ଅଟକିଲା । ମାନମୟୀ ଦୃଷ୍ଟି ନୁଆଇଁଦେଲା । ତଳେ ରୁମାଲ ହଲୁଛି, ଉପରେ ଶାଢ଼ୀ । କିମ୍ବା ପ୍ରତିକିମ୍ବାକୁ ସ୍ୱୀକାର କଲା । ଅଟକ ରହି ସାଇକେଲ ପୁଣି ଗଡ଼ିଚାଲିଲା ସହରର ଉଦ୍ଦେଶ୍ୟମୟ ବାଟରେ ।

ହଂସାରେ ପୁନ ଜଳ ମଥିବୁଲା । କୋଠା ଆଡ଼କୁ ଚାହିଁ ରହିଥିଲା ଭିନ୍ନ ଦୃଷ୍ଟିରେ । ମାନମୟୀର ସୁଚ୍ଛିସାଉଁଳା ଗୋଲ ମୁହଁ, ତାର ଅଖଳା ହସ । ସେଠି ଅଭାବ ନାହିଁ, ଦୁରଶା ନାହିଁ ପରି ! ପ୍ରତିଦାନ ଅସୁଲ କରେ ସେ ପାଉଣା ପରି ।

ଆଉ ସେ ନଜେ – ପୁନ ?

ତାର ଅସ୍ତିତ୍ୱକୁ ମାଡ଼ି ଦେଇ, ବୁଡ଼େଇ ଦେଇ କୋଠା ଉପରୁ ଚାଲିଲା ଯନ୍ତ୍ରସଙ୍ଗୀତ ସହିତ ମାନମୟୀ କଣ୍ଠରେ ଛଳଛଳ ଗୀତ-ଲହରୀ । ବଡ଼ ସହରର ଦାମୀ ଚଢ଼େଇ । ରାସ୍ତାର ଗହଳର ଗତିରେ, ବେଗରେ ତାର ଗୀତର ପ୍ରଭାବ ପଡ଼େ ।

ପୁନର ମନ ଫିକା ପଡ଼ିଯାଇଥିଲା । ପୁଣି ସେହି ପୁରୁଣା ରୋଗ—ଆପଣା ସସାର ଗଢୋଉଛି । ଘର ଖାଇ ଗୋଡ଼ୋଉଛି । ବାରମ୍ବାର ଖେଞ୍ଚ ଲାଗୁଛି ଗୁଡ଼ାଏ ମନଗଢ଼ା ଆଶା, ଯାହା ତାର ଶକ୍ତିର ବାହାରେ ।

ପୁନ ଠିକଣା କଲା, କେତେଗୁଡ଼ାଏ ଜିନିଷ ତାର କିଣିବା ହଠାତ୍ ଦରକାର । ବାସ୍ନାତେଲ, ଅତର, ସାବୁନ, କାଚ । ସନାଆର ପୁଞ୍ଜି ସେଥିପାଇଁ ଆଶ୍ରୟ ।

Digitized by srujanika@gmail.com

ମାନମନ୍ଦିର ଉଚ୍ଛୁଳା ସଙ୍ଗୀତ ବିରୁଦ୍ଧରେ ଅଭିଯାନ କରୁ କରୁ, ପୁନିର ପାଦ ତାକୁ ଘେନିଗଲା ସନିଆର ଟୁଙ୍ଗୀକୁ । ସେଠି ଅରମା ବଢ଼ିଛି, ଅସନା କୁଢ଼ ହୋଇଛି । ଚାଳର କଣା ବାଟେ ପାଣି ଗଳି ଗଳି ଚାରିଆଡ଼ ଓଦା ସନ୍ତସନ୍ତିଆ ।

"ଆରେ !" ସନିଆ ଚମକିପଡ଼ି ଡିଆଁଟାଏ ମାରିଲା । "ଆଜି ଏ କି ଅପୂରୁବ, ତୋ ଘୁଁକୁ ରୁ ଆସିଚୁ ପୁନି !"

"କାହିଁକି ବା, ତୋ ଘର ମତେ ମନା କରିଚୁ କି ?"

"ଆଉ କହ ନା, କହ ନା; ଭିତରକୁ ଚାଲ୍ ।" ଦୁଇ ହାତ ଧରି ସନିଆ ପ୍ରାୟ ଘିଡ଼ଘାଡ଼ିଆ କରି ଓଟାରି ଘେନି ଯାଉଥାଏ ।

"ଘର ମନା ନ କଲେ ଘର କଳାଥିବୁ ଅବା ! ଇସି, କି ଅସନା ! କୁକୁରକୁ ବାଡ଼େଇଲେ ହଗିବାକୁ ଆସିବ ନାହିଁ ଏଠିକି । ତୁ କଣ କରୁଚୁ ରେ ସନିଆ, ଘରେ ରହୁନୁ ପରା !" ମନହରିଆ ମା ପାଟି ଶୁଭୁଛି । ସନିଆ ଗୋଳ କରୁଚି, "ଧେତ୍, ଏଠି ଟାରେ କଣ ମ ! ଚାଲୁନୋଉଁ, ଭିତରକୁ ଚାଲ୍ ।"

"ଯୋଉ ଭିତର ! ଅରମା ଭିତରେ ନ ନୁଆଣି ହାଲର ହାଲର । ମା ଲୋ, ମତେ ଡର ମାଡ଼ୁଚି । ହାତ ଛାଡ଼ ଦେ, କାଟୁଚି । ଏମିତି ଗମ ଗମ ହୋଇ ଝାଳ ଫିଟିଯାଉଚି ତୋ ଧିଅରୁ ! ଗରମ ହେଲାଣି, ମେଘ ବରଷିବ । ନାହିଁ, ମୁଁ ଯାଏଁ ।"

"ହେ ପୁନି, ଏମିତି ହ'ନ୍ତୁ ନା ! ରହିଥା, ବଜାରକୁ ଯିବା, ବୁଲିବା—"

"ଖାଲି ବୁଲିବା—ମୋର ଗରଜ ପଡ଼ିଚି—"

"ଖାଲି ନୁହେଁ, ଯାହା ତୁ କହିବୁ । ଯାହା ମୋ ଦେଇ ହବ, ସବୁ ତତେ ଦେବି—"

ପୁନି ଘର ଭିତରେ ପଶିଲାଣି । କଅଁଳେଇ ଝିଙ୍ଗାସୁଛି, "ଏଗୁଡ଼ା କଣ କରିଚୁ ? ଆପଣା ଫଟା କାନ୍ଥରେ ମାଟି ମେଞ୍ଚାଏ ଲଦିବାକୁ ତୋ ଦେଇ ହଉ ନାହିଁ ? ବାସ୍ତବଟା—"

ସବୁଦିନ ପରି ସେହି ତାର ଗେହ୍ଲାଳିଆ ଉତ୍ତର—"ଆଲୋ, ଏଗୁଡ଼ା ଅଣ୍ଡିରପୁଅଙ୍କ କାମ ନୁହେଁ, ମାଈକିନିଆ ଝିଅଙ୍କ କାମ । ତୋ କାମ ତୁ କରନ୍ତୁ । ଓଳିଆ-ପୋଛିଆ, ଲିପାପୋଛା । ଗୃହିଣୀ କୋଉଠି ଖୋସା ହବ, ଟୋକେଇ କୋଉଠି ଥୁଆ ହବ । ଦେଖନ୍ତୁ, ମୋ କାମ ମୁଁ କରନ୍ତି କି ନାହିଁ । ଦେଖିବୁ

Digitized by srujanika@gmail.com

ପଡ଼େ; ଘରକୁ ଘରଣୀ ଆଣିବ, ଦାଣ୍ଡ ଅଗଣାରେ ବାଡ଼ ବସେଇବ; ଭଗ୍ଟ ଗଛ ଆପିବ—"

"କୋଉଠି ଲାଗିଲାଣି କି ରେ ?"

"ମନକୁ ପଶୁର ।"

ପୁଣି ସନିଆ କହୁଥାଏ—"କେତେ ସୁନ୍ଦର ହବ ପୁନ, ଟୁଆଁ ଟୁଇଁ ପଣ । ଦେଖିଲୁ, ତୁ କରୁଥିବୁ ମୁଁ ଖାଉଥିବ; ମୁଁ କରୁଥିବ, ତୁ ଖାଉଥିବୁ—"

"ହଉ, ହଉ; ଆଜ ଏତକ ଥାଉ । ବଜାରକୁ ଯିବୁ ପରା ! ମତେ ବାସ୍ନା ତେଲ କିଣିଦବୁ, ଅତର କିଣିଦବୁ, ସାବୁନ୍, ମୁଣ୍ଡକଣ୍ଟା, କେତେ କଥା । ଆଉ ହେଇତ—ମୁହଁରେ କଣ ବୋଲା କେମିତ ସବୁ ଗୋରା ହୁଅନ୍ତି, ସେଥିରୁ କିଣିଦବୁ ଗୋଟାଏ । ତତେ ଲାଗିଲା—"

"ଲେ ରେ ଲଷାନା, ଲେ ଲେ ।" ହେଣ୍ଡିମାରି ସନିଆ ଉଠିଲା । "ସବୁ ଦେବି । ମୁଁ କଏ, ତୁ କଏ ।"

ସନିଆର ଗେଲ ଆଦର ଭଲ ଲାଗୁଥିଲା ।

ସବୁ ଏକା ପଣ ।

ଆଖି ବୁଜିଦେଲେ ଫରକ୍ ଲାଗେ ନାହିଁ । ସନିଆ କି ଅଘୋର କି ଆଉ କେହି ।

ବଜାର ସାରି ସନିଆ ଘରକୁ ଫେରିଲାବେଳକୁ ସନିଆର ସମ୍ପତ୍ତିରୁ କେତେ ଭାଗ ସରିଯାଇଛି, ପୁନର ସମ୍ପତ୍ତି ବଢ଼ିଛି । ମାଳି, କାଚ, ମୁଣ୍ଡରେ ଖୋସିବାକୁ ନାନା ଜାତିର ନକଲି ଫୁଲ ଓ ପ୍ରଜାପତି । ପୁନର ମନଲାଖି ବାଇଗଣି ଶାଢ଼ୀ, ଶସ୍ତା ବାସ୍ନା ସାବୁନ୍, ମୁଣ୍ଡତେଲ, ଅତର, ବହୁତ ଜିନିଷ । ଦୋକାନକୁ ଦୋକାନ ପୁନ ଫର୍ମାସୀ କରି କିଣିଛି । ସନିଆ ପଇସା ଦେଇଛି । ଦେଇ ଦେଇ ସନିଆର ସ୍ଫୁର୍ତ୍ତି କୁଣ୍ଢେ ମୋଟ । ପାଇ ପାଇ ପୁନର ।

ତାପରେ ସନିଆ ପ୍ରସ୍ତାବ କଲା, ସମୟ ଅଛି, ବାଇସ୍କୋପ୍ ଦେଖି ଯିବାକୁ ହେବ ।

"ଆଜି ଏ ବର୍ଷାପାଗରେ ?"

"କାହିଁ ଆଉ ବର୍ଷା ?"

Digitized by srujanika@gmail.com

"ଘରୁ ଝିକଏ ଆସେଁ—"

"ଘରକୁ ଗଲେ ବୋଉ ଛାଡ଼ିବ ନାହିଁ ।"

"ହଉ, ତୁ ଦେଖିବୁ ।"

ଅଶାନ୍ତ ମନରେ ପଛେ ପଛେ ସନଆ ଗଲା । ସୂଆଗରେ ଗଣ୍ଠି ପଡ଼ି ଯାଉଛି । ଆଶଙ୍କା ହେଉଛି, କାଲେ କିଏ ପୂନିକୁ ଛଡ଼େଇ ନେଇଯିବ ।

ସନଆ କୁକୁର ପରି ନାଲି ଗୁଲି ହୋଇ ପଛେ ପଛେ ଚାଲିଛି । ପୁନି କହିଲା—"ଫେରି ଯା; ମୁଁ ଆସୁଚି ଯେ ଧଅସି—"

"ଦେଖ୍, ସତେ ତୁ ଆସିବୁଟି—ଫେର୍—"

"ଆସିବି—"

"ମୋ ରାଣ ପକା—"

"ତୋ ରାଣ୍—"

ତେଣିକି ତେଣିକା ସନଆ ଘରକୁ ଆସିଲା । ମୁହଁସଞ୍ଜ ପାଖ ହେଲାଣି । ମଣା ଚରି ଯାଉଛନ୍ତି ଦେହଯାକ । ବନ୍ଧୁ ସ୍ୱଜନ ନାହାନ୍ତି, ଘର ବୋଲି ଖଣ୍ଡେ ଫଟା କୁଡ଼ିଆ । କଣ ଥାଏ ସେଥିରେ ?

ବାହାରର ପରିସ୍ଥିତିରୁ ମନ ଓଟାରି ନେଇ ସନଆ ଖିଆଲ୍‌ରେ ବସିଛି । ସେଇ ତାର ଅସଲ ଯୌବନର ସ୍ୱପ୍ନ । ଆଉ ସେ କିଛି ଖୋଜେ ନାହିଁ ।

ସାମାନ୍ୟ କାରଣ ସତ୍ତ୍ୱ । ପୁନି ହିଁ କରିଛି । ଯେ କେହି ହିଁ କରିଥାନ୍ତା ବୋଧହୁଏ; କିନ୍ତୁ ସନଆ ହିସାବ କରି କରି ଜୀବନ କାଟେ ନାହିଁ ।

ମଣିଷ ଦେହର ଖୋଲପା ଭିତରେ ରସ ଅନୁଭୂତ ଉଛୁଳି ଉଠୁଛି । ମଣା ବଣରେ ପିଣ୍ଡା ଉପରେ ନଗ୍ମଟିଆରେ ବସିରହି ନାଗଅଇଣ ବଣର ଅଦା ଭଳିଆ ଆବର୍ଜନା ଆଡ଼କୁ ମୁହଁଟା ବୁଲେଇ ସନଆ ଭାବୁଛି । ସ୍ୱା ପରେ ରାତି । ଅନ୍ଧାର ରାତି ।

କଣା କନଷର କଲ୍ପମତ ପରୀକ୍ଷା କରିବାକୁ ଫାଲେ ମୁଣ୍ଡରେ ବାସ୍ନା ତେଲ ଟିକିଏ, ଫାଲେ ଗାଲରେ ସ୍ନୋ, ଦେହରେ ଠାଏ ଠାଏ ଅତର ବୋଲି ହୋଇ ଧନଯାକର ଆଶାର ସଫଳତା ଦୋକାନର କନଷ ଅଣ୍ଡି ତଳେ ଲୁଚେଇ, ପୁନି ଘରେ ପହଂଚିଲାବେଳକୁ ମୁହଁକୁ ଘୁମ୍ କରି କେମା ଦୁଆର ମୁହଁରେ ବସିଛି । ହାତପାଖେ ବଡ଼ିଶା ମୁଠାଟା ।

Digitized by srujanika@gmail.com

"ଆ, ତତେ ଦଉଚି ରଇ ଥା; ତୋ ବଡ଼େଇ ଛଡ଼ୋଉଚି ।" କେମା କହିଲା । ପୁନି ହସିଲା । ପୁନି ଦେହକୁ ମୋଡ଼ି ଦୋହଲେଇ, ଗେହ୍ଲେଇ ହୋଇ ଗୁଳିଲା । କେମା ତରଳିଲା ନାହିଁ ।

"ହଇ ଲୋ ଚୁଲିପଶି, କୁଆଡ଼େ ଯାଇଥିଲୁ ? ଉଁ-ହୁ—କଣ ଖରା ମହ ମହ ଗନ୍ଧୋଉଚୁ ଲୋ ଛତରଖାଈ ! କି ଲୋ, କୁଆଡ଼େ ଯାଇଥିଲୁ ?"

"ମଲା, ତୋର କଣ ହେଇଚି କି ଲୋ ବୋଉ ! ଧୂଅ ସଫା କରି କରି ଧୂଅରୁ ନେଙ୍ଗୁଟି ହୁଣ୍ଡୁଚି, ଘରକୁ ଆସିଲେ ତୋର ତୋଡ଼ ?"

କେମାର ମରମରେ ବାଜିଲା । ସମ୍ଭାଳି ନେଇ ସେ କହିଲା—"କିଏ ତତେ ଧୂଅ ସଫା କରିବାକୁ କହିଲା ? ଘରର ଖତ ତତେ ରୁଚିଲା ନାହିଁ, ରୁ ଗଲୁ ତୋ ମନକୁ । ମତେ କଣ ଦୋଷ ଦଉଚୁ ଲୋ ।"

"ହଉ, ହଉ; ମୋ ମନୁକୁ ମୁଁ ଗଲି । ମୋର ଦୋଷ ପଛେ—" କଥା ବୁଲିଗଲା । ମା ଝିଅ ଦୁହେଁ ବକର ବକର ହେଲେ । ପୁନି ବସି ଚଞ୍ଚଳ ଚଞ୍ଚଳ ମୁଣ୍ଡ ବାନ୍ଧିଲା ।

"ବୋଉ, ମୁଁ ଯିବ ବୁଲି—"

"କୁଆଡ଼େ ବୁଲି ଯିବୁ ?"

"ମୋ ସୁନାଟି ପରା, ଗାଳି ଦବୁ ନାଇଁ, ନାହିଁ କରିବୁ ନାଇଁ । ତତେ ମୋ ରାଣ । କୋଉଠିକୁ ଯାଇ ନାଇଁ; ଟିକିଏ ବୁଲି ଯିବି—"

"ହଁ, ସେଇ ବଗଡ଼ ସନିଆଟା ସାଙ୍ଗରେ ଟି ! ବୁଝିଲି ଲୋ ତୋ ଫିକର ! ଆଲୋ, ତୋର ପେର ମୁଁ ବି ଦିନେ ଟୋକି ଥିଲି ଲୋ । ମୋର ପେଟରୁ ପଡ଼ି ମୋ ଆଖିରେ ଧୂଳି ଦବୁ ! ତୋର ଏଡ଼େ ବଢ଼ିପ—"

ପୁନି ହସିଲା । କହିଲା—"ମୋ ରାଣଟି ବୋଉ, ଆଜି ଥରକ । ଦେଖିଲୁଣି, ସନିଆ କଣ ଦେଇଚି ? ଭିତରେ ରଖିଚି, ଦେଖିବୁ ତ ଯା—" ରଙ୍ଗ ଯିବ, ଝଷ୍ଟ ଯିବ, ସାହିରୁ ଆଉ କେତେ ମାଇକିନିଆ ଯିବେ । ତୋ ଗୋଡ଼ତଳେ ପଡ଼ୁଚି, ମତେ ଛାଡ଼ି ଦେ—"

"ଚୁଲିକି ଯାଉଚୁ ପୁନି ! ମୁଁ କଣ ଦେଖୁ ନାଇଁ କି ଜାଣୁ ନାଇଁ—ସେ ସନିଆ କଥା ମତେ କେମିତି କେମିତି ଲାଗୁଚି । ରୁ ମାନୁନୋଇଁ—"

Digitized by srujanika@gmail.com

ପୁନି ରୁନଭାନି ବେଶି ହେଲା । କାମ ସାରି କହିଲା—"ବୋଉ, ଗୁରଣା ପଇସା ଉପୁରି ମିଳିଚି, ତୁ ନେଇ ଥା—" ପୁନିର ହାତକୁ ମୁଠା କରି ଧରି ପଇସା ଛଡ଼ାଉ ଛଡ଼ାଉ, ଛୁଟି ପାଇ ପୁନି ଉଡ଼ି ଚାଲିଗଲା ।

ପଡ଼ିଶା ଘର ଓଳିତଳେ ମିଟି ମିଟି ଦି'ଟା ଆଖି ଜଳୁଚି । ପୁନି ଗଲା ପରେ ଅନ୍ଧାରରୁ ପ୍ରଶ୍ନ ହେଲା—"ପୁନି କୁଆଡ଼େ ଗଲା କି ପୁନିବୋଉ—"

"ମଲା, ହାତ ଗୋଡ଼ ଥିଲା ପିଲାଟା; କୁଆଡ଼େ ଚାଲିବ ନାହିଁ, ବୁଲିବ ନାହିଁ ଯେ, ଗୋଡ଼େ ଗୋଡ଼େ ପସ୍ତୁରୁଚନ୍ତି—କୁଆଡ଼େ ଗଲା !"

ଖେଁ ଖେଁ ହସ ଶୁଭିଲା ସେ ଘରୁ । "ହଁ ମୋ, କିଏ କଣ ତମ ପାଇଲା ସ୍ୱାଗରୁ ଛଡ଼େଇ ନେଇ ଯାଉଚି ? ଏତେ ଚଳୁଚି କାହିଁକି ମ ! ମୋ ଝିଅଟାକୁ ସିନା ଦଇବ ଘୋସାରି ନେଇ ନଈବାଲିରେ ପକେଇଦେଲା; ଥିଲେ ଅଇଗ୍ଲୁ ପୁନି ସାଙ୍ଗର ହଅନ୍ତାଣି । ଏମିତି ବଅସ ଦିନ, ଏମିତି ରୋଜଗାର । ହଁ, ଦେଇଚି ଯାହାକୁ ସେ କାହିଁକି କୋଠା ନ ପିଟିବ ! ମୋ ପରି ନିରମାଖୀ କିଏ ଅଛୁ ସଂସାରରେ ? କହନ୍ତି କଣ ନା, ଜଗନ୍ନାଥଙ୍କର ବଡ଼େଇ, କାହାକୁ ଦିଅନ୍ତି ଖିରି ଖେଚେଡ଼ି, କାହାକୁ ମାରନ୍ତି ଗଡ଼େଇ—"

"ହଇ ଲୋ—ହଇ ଲୋ—କଣ କହିଲୁ—କଣ କହିଲୁ—ମୋ ପୁନିକି ତୁ କଣ କରି ପାଇଲୁ କି ଲୋ—" ଜେମା କଜିଆକୁ ଓହ୍ଲେଇ ପଡ଼ିଲା ।

କେତେ ବେଳଯାକେ ଦୁଇ ପକ୍ଷରୁ ବର୍ଷି ଲାଗିଲା ବାଣ । କିଏ କେଉଁ ବନ୍ଧୁବାନ୍ଧବକୁ ଖାଇଛୁ, କାହାର ଦେହ ପା'ର ଅବସ୍ଥା କିପରି; ଇତ୍ୟାଦି ।

ମନର ଓରମାଣ ମେଣ୍ଟେଇବାକୁ ଜେମା ବାଟ ପାଇଥିଲା ।

ପୋଷା ଚଢ଼େଇ ଉଡ଼ି ଚାଲିଯାଇଛୁ ।

□ □

Digitized by srujanika@gmail.com

ପଇଁଚାଳିଶ

ସଞ୍ଜ ।

ବଡ଼ କୋଠା ଅପେକ୍ଷା କରିଛି, ସେମାନେ ଆସିବେ—ମାନମସ୍ତୀର ବନ୍ଧୁ, ଅଘୋରବାବୁଙ୍କ ବନ୍ଧୁ । ସେମାନେ ବି ଆନନ୍ଦର ଉପାସକ; କିନ୍ତୁ ସେ ଆନନ୍ଦର ରୂପ ଭିନେ, ଶଙ୍କା ନଥାଏ ।

ଦାମୀ ପୋଷାକ ପିନ୍ଧି, ସଜା ହୋଇ, ତତ୍ପର ହୋଇ ଆନନ୍ଦ ବସି ଅପେକ୍ଷା କରୁଥିବ । ନିର୍ଦ୍ଦିଷ୍ଟ ଓଲଟେଇ, ଘଣ୍ଟାର କଣ୍ଟା ଦେଖି ସେମାନେ ଆସି ପହଞ୍ଚିବେ । କିମ୍ମତ୍ ପଚାରି, ହାତ ବଢ଼େଇ ଯେତେ ନେଇ ପଳେଇବେ । ସେଇ ତାଙ୍କର ମୂଲ୍ୟବାନ୍ ପ୍ରାଣକୁ ଉଚିତ ଆନନ୍ଦ । ଯାହାର ଆବରଣ ଗଢ଼ିବାକୁ ଜଟିଳ ଯନ୍ତ୍ର ଉପରେ ନାନା ଜାତି କଳକାରଖାନା ଭିତରେ ଜୀବନ କ୍ଷୟ କରି ଅଜସ୍ର ମଜୁରିଆ ମୂଲ୍ ନେଇ ଆୟୁଷ ଦେଇ ପରିଶ୍ରମ କରିଥିଲେ । ପ୍ରକୃତି ସୃଷ୍ଟି କରିଛି ପାଣି; କିନ୍ତୁ ତାଙ୍କ ନାଗି ହେବାକୁ ହେଲେ, କେଉଁ ଦୂର ଦେଶର କଳ କାରଖାନାରେ ତିଆରି କମକୁଟେମସ୍ତ ତଳେଇ କାଚର ଟୋଲ୍ ଥାଳିଆ ଉପରେ ନକଲି ସ୍ଫଟିକ ପଥରର ସ୍ୱାଦ୍ ପରି କଟା ହୋଇଥିବା ଆଁଶଆଁଶିଆ ଗିଲାସ ଭିତରେ ସେ ଟଳମଳ ହେଉଥିବ । ସ୍ତ୍ରିଆଉ ଛୁରିକ ଆସୁଥିବ ଆଲୁଅର ସୁଅ । ଝିକାଝିକ୍ ଉର୍ଦ୍ଦି ପିନ୍ଧି, ନିଶ୍ୱାସ ବନ୍ଦ କରି, ପିରୁଳା ପରି ସ୍ଥିର ହାତ ବଢ଼ାଇ ପାଣି ଧରି ଦାମୀ ଚାକର ଅପେକ୍ଷା କରୁଥିବ । ଆଖି ବୁଜି, ମୁହଁ ଆମ୍ବିଳା କରି, ଅବହେଳାରେ ସେଇ ଗିଲାସର ପାଣି ଭୂଣ୍ଡିକୁ ନେବା ହିଁ ସେମାନଙ୍କର ଆନନ୍ଦ । ସେଥିପାଇଁ ମଧ୍ୟ କାଇଦା ଦରକାର । ଗିଲାସ ଟେକି ନେବାର ବିଧି, ଗିଲାସ ଥୋଇ ଦେବାର ବିଧି । ଓଠର କେତେ ଭଗ୍ନାଂଶ ଭିତରକୁ ଯିବ ସେଥିପାଇଁ ବିଧି । ବିଧିର କର୍ମକାଣ୍ଡ ପ୍ରାଚୀନ ଯୁଗଠୁଁ ବହୁତ ଜଟିଳ, କେବଳ ଭାଷା ସଂସ୍କୃତ ନୁହେଁ । ଦାମ୍ ଦେଲେ ଦ୍ୱିତୀୟ ପ୍ରଶ୍ନ ନାହିଁ । ଯାହା ଭାଉ ଦେବେ ଚଳନ୍ତି ମୂଲ୍ୟ-ସୂତ୍ର ଅନୁସାରେ ତାହା ହିଁ ଉଚିତ ମୂଲ୍ୟ ବୋଲି ଧରିନେବାକୁ ହେବ । ଗଢ଼ାଳି ମଜୁରିଆର ରକ୍ତ ଆଉ ଝାଳର, ମନ ଆଉ ହୃଦୟର ସେଇ ମୂଲ୍ୟ ଭିତରେ ସ୍ଥାନ ନାହିଁ । ଧନ୍ୟବାଦ ଦେଲେ ବିସ୍ମୃତିର ପ୍ରତିଶ୍ରୁତି; ଦେଣ୍ନେଣ୍ ଭୂଟାଭୁଟି ପଦେ ପଦେକେ । ସେଥିରେ ଆଗର ସମ୍ବନ୍ଧର ଇତିବୃତ୍ତି ନାହିଁ, ଭବିଷ୍ୟତ ପାଇଁ ଜାତକ ନାହିଁ । ସବୁ ଜାଗ୍ରତ ବର୍ତ୍ତିମାନ; ଅର୍ଥାତ୍ ଏଇ ମୁହୂର୍ତ୍ତି । ଏଇ ଧାରଣା ହିଁ ସେମାନଙ୍କର ମୁହୂର୍ତ୍ତିର ଦର୍ଶନ ।

Digitized by srujanika@gmail.com

ଡେଣ୍ତ୍ର ବଡ କୋଠା ତାର ବଧୂ ଉପଯୁକ୍ତ ଘେନ ପ୍ରସ୍ତୁତ ହୋଇ ଅପେକ୍ଷା କରିଛି । ଅବନୀଶବାବୁ ଘଣ୍ଟା ଦେଖୁଛନ୍ତି, ପଦାକୁ ଦେଖୁଛନ୍ତି ।

ଟେବୁଲରେ ନୂଆ କନା । ଝରକାରେ, କବାଟରେ ନୂଆ ପର୍ଦ୍ଦା । ସାଜସଜାରେ ନୂଆ କଲେଇ । ସବୁ ମା ଟ୍ରିଥ ବୃହିଙ୍କର ତତ୍ତ୍ୱାବଧାନରେ । ଉନସାକର ପ୍ରସାଧନ, ନଡ୍ରେଲା କୋଠିରେ ବଡ ଦର୍ପଣ ସଙ୍ଗେ ବାରମ୍ବାର ମତାମତ ବଦଲାବଦଲି । ମାନମୟୀ ପଷ୍ଟିଶି ପର ସଜା ହୋଇଛି । ଓଠ ରଙ୍ଗ କରିଛି, ଗାଲରେ ବୋଲିଥିବା ପୁଟର ତାରତମ୍ୟରେ ସୁର୍ମାରେ ଅଙ୍କା ହୋଇଥିବା ଆଖିର ଦୃଷ୍ଟିକୁ ଆହୁରି ଭାବପ୍ରବଣ କରିଛି । ତାର ଦେହସାକ ବାସ୍ନା, ନୈବେଦ୍ୟର ଭୋଗ ପରି ।

"କାହିଁକି ଡେରି ହେଉଛି ଅଘୋର ?" ଡାଇଁ ଘର ଦୁଆରବନ୍ଧରୁ ମୁହଁ ବଢ଼େଇ ଅବନୀଶବାବୁ ପଚାରନ୍ତି । ରନ୍ଧାଘର ଦୁଆରମୁହଁରୁ ମା ପଚାରନ୍ତି । ମାନମୟୀର ବକ୍ଷ୍ୟୁରର ପର୍ଦ୍ଦା ମଧ ଦୋହଲି ଉଠେ ।

ବିରକ୍ତ ହୋଇ ଅଘୋରବାବୁ ପଦାକୁ ଅନାନ୍ତି । ବେଲୁବେଲ ମାହା ଲାଗୁଛି । ଜଗତସାକର ଧରମବେଠିଆ ସତେ କି ସେ ନକେ ! ଶିଙ୍ଘ ଆପିବାକୁ ବିଧାତା ଆଉ ସ୍ଥାନ ପାଇଲି ନାହିଁ ।

ନିରୁପମାର କନ୍ୟା-ଡାକଗ୍ର ପାଇଁ ଅଭ୍ୟର୍ଥନା ସମିତିର ସଭାପତି ହେବାକୁ ଥିଲି ।

ବେଶି ଡେରି ନାହିଁ । ଦୂରରୁ ମୋଡ଼ ଭାଙ୍ଗି ରାସ୍ତାରେ ମଟରଗାଡ଼ି ଆସୁଛି । ନିରୁପମାକୁ ଆସ୍ତେ ହଲେଇ ଦେଇ, ଗାଲି ଉପରେ ଗାଲ ଥୋଇ ବଷ୍ଟୁ କହିଲା—"ଦେଖ୍ ନିରୁ, ମେଘୁଆ କଳା ଆକାଶ ଯୋଗୁଁ ଅନ୍ଧାର ରାତିରେ କୋଠାର ଆଲୁଅ କେମିତି ଦିଶୁଛି ! ଆଛା, ଏ ଧନ୍ଦାର ଉତ୍ତର ଦେଲୁ—କୋଠାର ଏ ଆଲୁଅ ପାଇଁ ମେଘୁଆ ରାତି ନା ମେଘୁଆ ରାତି ପାଇଁ ଏ ଆଲୁଅ ?"

ଉଦ୍ଭ୍ରାମନରେ ନିରୁପମା ଜବାବ୍ ଦେଲା—"କେହି କାହା ପାଇଁ ନୁହେଁ ।"

"ଭୁଲ୍ କହିଲୁ । ତୋ କଥା ମାନିନେଲେ ଦର୍ଶନଶାସ୍ତ୍ରର ଅଧେ ପୃଷ୍ଠା ଚିରି ପକାଇବାକୁ ହେବ । ଜଣେ ଜଣକୁ ଅପେକ୍ଷା କରେ—ସମ୍ବନ୍ଧଶୀଳ ସୃଷ୍ଟିର ନିୟମ ହିଁ ହେଉଛି ଏହି ।"

"ଖୁବ୍ ଦର୍ଶନଶାସ୍ତ୍ର ମନେପଡ଼ୁଛି ନୁହେଁ ବଷ୍ଟୁ ? ପରୀକ୍ଷା ପରେ ବି କଣ ମଣିଷ ବହି ଘୋଖେ ?" "ତୁ ଥଟ୍ଟା କରୁଛୁ ! ହେଇ ଦେଖ୍ କି ସୁନ୍ଦର, କି ସୁନ୍ଦର ! ମୁଁ ତ କହିବି ଭଗବାନ୍ ଆଜିର ଏ ମେଘୁଆ ରାତି କରିଛି କେବଳ ମାନ ଘରେ ତୋର ନିମନ୍ତ୍ରଣ ପାଇଁ । କହିଲୁ, ତୁ ନାଚିବୁ ନାହିଁ ?"

Digitized by srujanika@gmail.com

"ବିଷ୍ଣୁ ଅପା, ତମୁକୁ ଖୁବ ନାଜ ମାଡୁଚ ପରୁ—!" ଶୋଭା ଯୋଗ ଦେଲା ।

ସମସ୍ତେ ହସିଲେ । ବିଷ୍ଣୁ ତାର ଚଷମାଟି ପୋଛୁ କହିଲା—"ଧାରଣା ଗ୍ରହଣ କରିବା ଶକ୍ତି ଯାହାର ନାହିଁ, ତା ସଙ୍ଗେ ମୁଁ କଥା କହେ ନାହିଁ ।"

"ସତେ ବିଷ୍ଣୁ, ଅଘୋରବାବୁଙ୍କ ଘର ଯହୁଁ ଯହୁଁ ପାଖ ହେଉଛି, ତହୁଁ ତହୁଁ ଧାରଣାଗୁଡ଼ାକ ବେଶି ବେଶି ଆସୁଛି; ନୁହେଁ ?"—ନିରୁପମା କହିଲା ।

"ଦେଖ୍ ନିରୁ, ମୁଁ ତୋ ପାଇଁ ପ୍ରକ୍ସି"—କହିଦେଇ ବିଷ୍ଣୁ ଜିଭ କାମୁଡ଼ି ପକେଇ ଚୁପ ହେଲା ।

ମଟର ଭିତରେ ଗୁମ୍‌ସୁମ୍ ପଡ଼ିଲା । ପାପ ପର ହିଁ ହିଁ ହୋଇ ନିରୁପମା ତାର କାନପାଖେ କହିଲା—"କଣ କହୁଥିଲୁ, ଚୁପ ହେଲୁ ଯେ—"

"କହୁଥିଲି, ସଦାନନ୍ଦବାବୁ ଆମ ସାଙ୍ଗେ ଆସିଥିଲେ ଖୁବ ଭଲ ହୋଇଥାନ୍ତା—" ନିରୁପମା ଦୀର୍ଘଶ୍ୱାସ ପକେଇଲା ।

ମଟର ଅଟକେଇ ଓହ୍ଲେଇ ପଡ଼ିଲାବେଳକୁ ମହା କଳରବ । ଅବିନାଶ-ବାବୁଙ୍କ ବଂଶଯାକ ସମସ୍ତେ ଜମା ହୋଇଛନ୍ତି । ଶୈଳେନ୍ଦ୍ରବାବୁ ଅବିନାଶବାବୁଙ୍କ ସଙ୍ଗେ ଚାଲିଗଲେ । ପିଣ୍ଡା ଉପରେ ଗୋଷ୍ଠି ହୋଇ ବାକି ସମସ୍ତେ । ଲିଉଡ୍-ଷ୍ଟିକର୍‌ରେ ରେଡ଼ିଓର ସମ୍ବାଦ ଚହଲ ପକେଇଛି । ଚାଲିଛି ବଜାର ଦର । ସରଳ ବେଶ ପିନ୍ଧି ମଳିନ ମୁହଁରେ ଅଘୋରବାବୁ କରଛଡ଼ା ଦେଇ ଠିଆ ହୋଇଥାନ୍ତି । ମାନମୟୀ କଟାଳ କଲା—"ସ୍ୱେ କଣ ତାମସା ଖାଇ, ଘରେ ନ ପଡ଼ିଲା ବୁଢ଼ି ଦୋକାନ-ସାମ୍ନା ପର ବଜାର ଦର ! ପୃଥିବୀମସ୍ତ କଣ ଖାଲି ଏଇଆ ଚାଲିଛି ରେଡ଼ିଓରେ ?"

ହସିଦେଇ ଅଘୋରବାବୁ କହିଲେ—"ସମ୍ଭବତଃ ।"

ନିରୁପମା ଚାହିଁଦେଲା । ମନ ଭିତର ଧକ୍ କଲା । ଲାଗିଲା ଅଘୋରବାବୁଙ୍କ ମନରେ ତୋଫାନ ଉଠି ଶାନ୍ତ ପଡ଼ିଯାଇଛି । ବିଜିତ ଅଘୋର ପ୍ରତି ମନ ଟାଣି ହୋଇଗଲା । କହି ହୋଇଗଲା—"ଆପଣ ଆଜି ବଡ଼ ଦୂରରେ !"

ମୁହଁକୁ ତଳକୁ ପୋତି ଅଘୋର ଅପେକ୍ଷା କଲେ । ନିରୁପମା ଧୀର ଗଳାରେ କହିଲା—"କଥା କହିବେ ନାହିଁ ? ପ୍ରତିଜ୍ଞା କରିଛନ୍ତି ? ଓଃ, କି ମେଘୁଆ ରାତି ! ଦେଖନ୍ତୁ ବିଜୁଳି ମାରି ଦେଉଛି । ସେ ଦିନ ବି ଅବିକଳ ଏମିତି । କିଛି ମନେପଡ଼ୁଛି ?"

ଓସାର ବାରଣ୍ଡାର ଗୋଟାଏ ଅଂଶ ବୁଲପଡ଼ି କୁଣ୍ଡ-ବଗିଚା ଉଡ଼ାଲରେ ଦୁ'ପଦ କଥାଭାଷା ।

Digitized by srujanika@gmail.com

ଅଘୋରବାବୁ ନିରୂପମା ମୁହଁକୁ ଲକ୍ଷ୍ୟ କରି ପାରିଲେ ନାହିଁ । କହିଲେ– "ସବୁ ସମ୍ଭବଶୀଳ ।"

ନିରୂପମା କହିଲା—"ଆପଣ ବି–?" ଡାକିଲା—"ଆଲୋ ବନ୍ଧୁ, ଦର୍ଶନଶାସ୍ତ୍ର ଆଲୋଚନା କରିବାର ଅଛି । ତୁ କର, ମୁଁ ପାରୁ ନାହିଁ ।"

ଅଘୋରବାବୁ କହିଲେ—"ବଡ଼ ବ୍ୟସ୍ତ ଅଛି । ବର୍ଷାଯୋଗରୁ ବୋଧହୁଏ ସମସ୍ତିଙ୍କର ଖୁବ ଡେରି; ତେଣୁ ଅପେକ୍ଷା କରୁଛି ।" ତାଙ୍କର ଆପତ୍ତି ଏଡ଼ାଦେଇ ବନ୍ଧୁ ଓ ଶୋଭା ଉଭୟେ ଆସି ପହଞ୍ଚିଗଲେ । ବନ୍ଧୁ କହିଲା –"ଦର୍ଶନଶାସ୍ତ୍ର ଆଲୋଚନା କରିବେ ? ମୁଁ ଭୁଲିଗଲିଣି । ତେବେ ବର୍ଷା ଗୀତକୁ ସେହି ଭଲ । ସେମାନଙ୍କର କଥା ଅଛି, ସେମାନେ ନାଚିବେ । ହଉ ପଛେ, ଆପଣଙ୍କ ପାଇଁ ମୁଁ କିଛି ସମୟ ଦେଇପାରେ । ଆମେ ଖାଲି ଗପିବା । କୋଉଠି ବସିବା ?"

ମାନମୟୀ ହୁରୁଡ଼େଇ ଆସିଲା । "ଚାଲ, ଚାଲ ।" ସଙ୍ଗେ ସଙ୍ଗେ ଆଉ ଗୋଟିଏ ମଟର ଆସି ପହଞ୍ଚିଗଲା; ତାର ଆହୁରି ପଛାଏ ବନ୍ଧୁ । ପଛକୁ ପଛ ଆହୁରି ଗୋଟିଏ, ଆହୁରି ଗୋଟିଏ । ଅତିଥି ଆସିଗଲେ ।

ଘରଯାକ ହସ, ଗପ, ପାଟି । ମାନମୟୀ ଗୀତ ବୋଲୁଛି । ନାଚ ଆରମ୍ଭ ହେଲେ ଡାକିବେ କହିଛନ୍ତି । ଇତ୍ୟବସରରେ ରେଡ଼ିଓରେ ଗଁ ଗଁ ଗୀତ, ବକ୍ତୃତା । ତାସ୍ ଲାଗିଛି ଆର ଘରେ । ଶୈଳେନ୍ଦ୍ରବାବୁଙ୍କ ମେଳରେ ଅବିନାଶବାବୁଙ୍କ ସଙ୍ଗରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ମୁରବୀମାନେ ।

ସିଗାରେଟ୍ ଧୂଆଁ ଭର୍ତ୍ତି ଆଡ୍‌ଡା କୋଠି ଭିତରୁ ଅଘୋରବାବୁ ପୁଣି ପଦାକୁ ଆସିଲେ । ସମସ୍ତ ବନ୍ଦୋବସ୍ତ ହେଉଛି । ଶୁଭଗ୍ରହରେ ହସଖେଳ ଜମିଛି ଭଲ ।

ସମସ୍ତେ ଅପେକ୍ଷା କଲା ପରି ବେଳ କାଟୁଛନ୍ତି । ପାଣିଚିଆ ପବନରେ ଘଡ଼ଘଡ଼ି ପୂର୍ବର ଆମ୍ବିଳିଆ ବାହ୍ନା । ପବନ ଅମ୍ବିଛି । ଅନ୍ଧାରରେ ପ୍ରତୀକ୍ଷା ।

ଯେପରି ଏହାର ପରିଣତି ଅଛି କେଉଁଠି । ସତେ କି କୌଣସି ଘଟଣା ଘଟିବ, ଯାହା ବନ୍ଧା ଗତର ମଲ୍ଲ ଗୁଳାର ବାହାରେ ।

ଅଘୋରବାବୁ ପଦାକୁ ଅନେଇଲେ ।

ଏହିପରି ଏ, ନିତିଦିନିଆଁ ।

ଏ ଶୁଭଗ୍ରହରେ ଘଟଣା ଘଟେ ନାହିଁ । ଗୀତ, ନାଟ, ଭୋଜିଭାତ ପରେ ମୁଖାପିନ୍ଧା ଦାମୀ ପିଲ୍ଲା ପୁଣି ଆପଣା ବାଟ ଧରେ ।

□ □

Digitized by srujanika@gmail.com

ଛୟାଳିଶ

ପାଦ ଟିକି ହୋଇ ଯାଇଛି । ଶୁଖିଲା ମଞ୍ଜିର ଦୋ'ଟି ଖୋଲପା ପରି ମା'ର ଆକଟ — ରହିଲାଣି ସେ କେତେ ତଳେ । ସେଦିନ ପୁନି ବାଇସ୍କୋପର ନାଁ ଧରି, ପଢ଼ିଆରି ଦେଖାଇ ପଦାକୁ ଲମ୍ବିଥିଲା । କ୍ରମେ ପଢ଼ିଆରି କରିବାର ପ୍ରୟୋଜନ ବି ମନକୁ ବୁଝୁଁ ନାହିଁ । ପାଦ ଟେକିଲେ ଆପଣା ଗାଁଆଁକୁ ଡାକୁ ଲାଗୁଛି — କାହିଁ, ବେଡ଼ି ନାହିଁ ତ !

ସନିଆର ପୁଞ୍ଜି ସରି ଆସୁଥାଏ ।

ସେ ଦିନ ବର୍ଷା ଛାଡ଼ିଥାଏ । ସନିଆ ଜିଗର କଲା, ପୁନି ବାଇସ୍କୋପ୍ ଦେଖି ଚାଲ ।

ମନ୍ଦିର ନୁହେଁ, ବାଇସ୍କୋପ୍ ।

ସହରର ଚଳଚଳିଆ ମଣିଷଙ୍କ ଜୀବନରେ ଗୋଟିଏ ଅନୁଷ୍ଠାନ ।

ସନିଆ କହିଲା, ଟୋପିଏ ପିଇଦେଇ ଯିବା । ପୁନି ମଙ୍ଗିଲା ନାହିଁ ।

ସନିଆ ତାର ବାବୁରି ବାଳକୁ ସାଉଁଳି ନେଇଛି । ବେକରେ, କଟିରେ ମଲ୍ଲୀଫୁଲ କେରି କେରି । ପୁନି ତାର ଛିଟଶାଢ଼ୀ ପିନ୍ଧିଛି, ଗଭା ସଜାଡ଼ିଛି, ପାନ ଖାଇଛି । ସନିଆ କଡ଼କ କଡ଼ ଦେହ ଘଷିହୋଇ ଚାଲିଛି ଯେପରି ତୀର୍ଥଦର୍ଶନ କରି । ଗାଡ଼ି ଜାକଜାକିକା, ଗହଳି, ପେଲାପେଲି ମଣିଷ । ଆଲୁଅ ଝଟକୁଛି । ବାଜା ବୋବାଳି ଛାଡ଼ୁଛି । ଦିନଯାକର ଜଞ୍ଜାଳକୁ ପାସୋରିବା ପାଇଁ ମନ କରି ନିଜକୁ ନିଜଠୁଁ ଛଡ଼େଇ ନେଇ ମଣିଷ ସମୁଦ୍ରରେ ବୁଡ଼େଇ ଦେବାକୁ ଲୋକ ଆସିଛନ୍ତି କେତେ ଦୂରରୁ । ପୁନି ଖୁସି ହେଲା । ସନିଆର ହାତକୁ ମୁଠେଇ ଧରିଲା । ସନିଆ ସାହସ ଦେଲା — "ଖୁବ ଭଲ ଲାଗୁଚି; ନୁହେଁ ?"

ପାଖରେ ସ୍ତ୍ରୀଲୋକ ଥିବାରୁ ସନିଆର ବୀରତ୍ୱ ଅଙ୍କୁରିଛି । ପୁନିକୁ ଓଟାରି ନେଇ ଠେଲାଠେଲି; ଧକାଧକ୍କି କରି ଟିକଟ କିଣିଯିବାକୁ ତାର ମନ । ଦେଖେଇ ହେବାକୁ ଚାହେଁ — ଚହ୍ଲା ଗାଡ଼ିବାଲା ଆସିଛନ୍ତି, କେତେ ଚହ୍ଲା ମଜୁରିଆ ।

ପ୍ରକାଶ ପାଇବାକୁ ପୁନିର ମନ ନାହିଁ । ଜନତା ଗହଣରେ ନୂଆ ଉତ୍ସାହ ଯୋଗିଛି । ସମତାର ଆନନ୍ଦ ପାଇ ସେ ଶହେ ଖଣ୍ଡେ; କିନ୍ତୁ ଦୂରେଇ ହୋଇ ରହି, କରେଇ କରେଇ ସେ ଉପଭୋଗ କରିବାକୁ ଚାହେଁ, ଧରା ଦେବ ନାହିଁ ।

Digitized by srujanika@gmail.com

ଦୃଷ୍ଟି ବୁଲେଇ ବୁଲେଇ ପୁଣି ଜଗା କଲା, ଭିଡ଼ ପାଖ ହୋଇ ଦ'ଜଣ ଚାଲିଛନ୍ତି । କୋଠାତଳୁ ରୁମାଲ ହଲାନ୍ତି ଯେ—ନା ଜାଣେ ନାହିଁ । ସୁରବାବୁ ଏବଂ ତାଙ୍କ ସାଥୀରେ ଆଉ ଜଣେ । ସେ ଅଘୋରବାବୁ । ସନିଆ କୁଆଡ଼େ ଅନେଇଁଚି । ସେ ଦୁହିଁଙ୍କର ବାଟ ଓଗାଳି ହୋଇଗଲାଣି । ଏଣିକି ତେଣିକି ଚାହିଁ ଅଘୋରବାବୁ କହିଲେ—"ବଡ଼ ଡେରି ହେଇ ଗଲାଣିରେ ସୁର—"

"ଡେରି ନୁହେଁ ।" ସୁରବାବୁ କହିଲେ—"ଆଜି କଣ ହେଇଚି କେଜାଣି ! ଆଜି ବୋଧହୁଏ ମଫସଲିଆଙ୍କ ପାଳି ।"

ଏକା ସାଙ୍ଗରେ ଦୁଇ ବାବୁଙ୍କ ଦୃଷ୍ଟି ପୁଣି ଉପରକୁ । ସନିଆର ହାତ ଝାଙ୍କିଦେଇ ପୁଣି ଧୀରେ ଧୀରେ କହିଲା—"ବାଟ ଦେ, ବାବୁମାନେ ଅଟକିଲେ ।"

"ଏଠି କୋଉ ବାବୁରେ—" ଆଖି ଗାରଡ଼େଇ ସନିଆ ମୁହଁ ବୁଲେଇ ଦେଲା । ଦି ପାହୁଣ୍ଡ ଆଗକୁ ମାଡ଼ିଯାଇ ପାଟିକଲା—"ହେ, ହେ, ହେ—"

"ତତେ କଣ ନାଗିଚି କି ରେ ? କଣ ହୁଜୁତ୍ କରିବୁ କି ରେ ? କାହିଁକି ଖଗଡ଼ ଅଡ଼େଇଚୁ, ହଇ ରେ ସନିଆ—"

"ଜାଣିପାରିଲୁ ନାହିଁ ? ଯାଃ—ଚାଲିଗଲା, ଧରିପାରିଲି ନାହିଁ । ତୁ ବା କାହୁଁ ଜାଣିବୁ ! ସେଇଥି ଭିତରୁ ଜଣେ । ସେ ଦିନ ରାତିରେ କେମିତି ବୋଲୁଅ ଫୋପାଡ଼ିଲା—"

"କାହାକୁ ?"

"ଧରି ତ ପାରିଲି ନାହିଁ, ଆଉ କହି କଣ ହବ ! ଯାଃ, ସେ ହାତରୁ ଖସିଗଲା । କୋଉଠୁ ଫେର୍ ଖୋଜି ପାଇବି ତାକୁ ? ପାଇଲେ—"

ସନିଆ ଦାନ୍ତ ରଗଡ଼ୁଛି, ବେକକୁ ଟାଳୁଛି ।

"ମନା କରୁଥିଲି ତୁ ଯାଇ ପିଇ ଦେଇ ଆସିଚୁ । ବାବୁମାନଙ୍କ ମଝିରେ ଏମିତି ବେହେଲ ହେବୁ, ହାଟ ବସେଇବୁ ? ମନା କରୁଥିଲି, କାହିଁକି ଆଇଲୁ ଯେ—"

"ହଉ, ପାଟି କର ନା; ଚାଲ୍, ଚାଲ୍ ।

ବାଇସ୍କୋପ୍ । ସାର୍ବଜନୀନ ସମାନ ପତ୍ତନରେ ଆସନ । ଗପସପ ଜମିଛି, ଟିପ୍ପଣୀ ଚାଲିଛି । ପାନପିକ, ଛେପ ଓ ପୋଡ଼ା ବିଡ଼ିରେ ଭୂଇଁ ଏକାକାର । ସେମାନେ ମୁଣ୍ଡ ହଲାନ୍ତି, ହାତ ଛଞ୍ଚାଡ଼ନ୍ତି, ପାଟି କରନ୍ତି । ପଛଆଡ଼ୁ ପ୍ରତିବାଦ

Digitized by srujanika@gmail.com

ଶୁଭେ, ଗାଳି ଶୁଭେ । ନ ଶୁଣିଲା ପରି ସାମ୍ନାରୁ ଲଗିରହେ କୋଲାହଳ, ପ୍ରଶଂସା ବା ନିନ୍ଦା ଅଭିବ୍ୟକ୍ତି ପାଇଁ ଆଦିମ ଧ୍ୱନି । ସନିଆ ସେହି ଦଳର ଛବି ଦେଖାରେ ମଜ୍ଜିଥାଏ । ତାର ସତ୍ତା ନାହିଁ, କିନ୍ତୁ ପୂନିର ଆଖିରେ ସେହି ଅନ୍ଧାର ଘରେ ଜକଜକ ପର୍ଦ୍ଦା ଉପରେ ଲୁଣି ଚଳିଲା ପରି ବାରମ୍ବାର ଫୁଟି ଉଠୁଥାଏ ଗୋଟାଏ ମୁହଁ । ଥରେ ଦେଖା ଦେଇ ଏଇ ଲୋକ ଗହଳିରେ ସେ କେଉଁଠି ହଜିଯାଇଛି ସତ; କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ଚେଇଁ ଉଠୁଛି ପୂନିର ମନରେ । ମନେ ମନେ ମୂଲ୍ୟତଉଲ ଲଗିରହିଛି ଆପଣା ଅବସ୍ଥାର ।

ଏହି ସୁନ୍ଦର ବାଇସ୍କୋପ୍ ଘର । ସବୁ ଜାତିର, ସବୁ ପ୍ରକାର ଲୋକ । ଗୋଟିଏ ସଂସାର । ଏଠି ସୃଷ୍ଟି ଅଛି, ହସ-କୌତୁକ ଅଛି । ମଣିଷକୁ ଆଶ୍ଚର୍ଯ୍ୟ କରି ଦେଇ ଶୂନ୍ୟରୁ ଓହ୍ଲେଇ ଆସି, ପର୍ଦ୍ଦା ଉପରେ ଛବି ଉପରୁ ଛବି ଗୁଳିଯାଉଛି । ନୂଆ ଦୁନିଆଁ — ହାଡ଼ସାହିର ଦୈନ୍ୟଦୁର୍ଦ୍ଦଶା ନାହିଁ; କିନ୍ତୁ ଚିପକୁ ଆହୁରି ଉଞ୍ଚ, ଖାଲକୁ ଆହୁରି ଗଭୀର କରି ଦେଇ ଯେପରି କି ସେ ସ୍ମରଣ କରେଇ ଦେଉଛି—ଏ ତାର ନୁହେଁ, ଏ ତା ପାଇଁ ନୁହେଁ ।

ସମାଜ ବାହାରେ ସେ ଗୋଡ଼ଦଲା ଲୋକ । ଛପିବାକୁ ଜାଗା ନ ପାଇ, ମନକୁ ମନ ଲାଗୁଛି ସେ ଚୋର ।

ଧାରଣାର ପୃଷ୍ଠପଟ ପରି ପର୍ଦ୍ଦା କଣରେ ଅଦେଖା ଗୋଟିଏ ମୁହଁ । ସେ ନରମ, କଅଁଳ, ସଭ୍ୟ, ଶିକ୍ଷିତ । ସେଠି ମଜୁରିଆର ରୁଢ଼ ନାହିଁ, ଝାଳ ନାହିଁ, ଧୂଳି ନାହିଁ ।

ସୌମ୍ୟ, ଶାନ୍ତ ହୋଇ ବାଇସ୍କୋପ୍-କୋଠିର ଦାମୀ ସାଜସଜ୍ଜା ଭିତରେ ଦାମୀ ମୁହଁଟିଏ ସେ । ଓଠ କଣରେ ଗୋଟିଏ ଜଳନ୍ତା ସିଗାରେଟ୍ । ଆଲୁଅରେ ସେ କୋଠାର ଗ୍ଳଚ ଉପରେ ଠିଆ ହୁଏ, ଅନ୍ଧାର ହେଲେ ତଳକୁ ଓହ୍ଲେଇ ଆସେ । ଅନ୍ଧାରରେ ଆସେ, ଆଲୁଅରେ ଯାଏ । ଗୁଡ଼ଦେଇ ଯାଏ ସ୍ୱପ୍ନ ଓ ଆକାଂକ୍ଷା ।

କଟମଟ କରି ଅନେଇଁଛି କିଏ, ପଛଆଡ଼ୁ କିଏ ଧକ୍କା ଆସିଲାଣି । କାହାର ହସ, କାହାର ଠାରି । ଆଲୁଅ ଲିଭିଲା ପରେ ପଡ଼ୋଶୀଙ୍କ ସ୍ପର୍ଶ, ବଜାଣ୍ଡଙ୍କ ଠେଲାପେଲା ହିଙ୍କା ଓଟର । ଅପମାନରେ ଦେହ ଜଳିଯାଏ । ଗାଳିଦେବାକୁ ଭାବେ, ଲୋକ-ଗହଣରେ ପ୍ରାଣ ଶଙ୍କିଯାଏ । ଅପ୍ରସ୍ତୁତ ହୋଇ, ନିଜକୁ ହେୟ ମନେ କରି, ଝାଳୋଉଥାଏ ବସି ବସି । ବାଇସ୍କୋପରେ ତାର ମନ ନାହିଁ ।

ବହୁତ ଭାବି ବିଚାରି, ସନିଆକୁ କହିଲା—"ଘରକୁ ଯିବା, ଡେରି ହଉଚି ।"

Digitized by srujanika@gmail.com

"ରହ, ସରୁ । ଏତେ ଚଞ୍ଚଳ ? ଘରେ କଣ କାମ ଅଛୁ ?"

କଇଁଥା ମୁହଁରେ ବାରମ୍ବାର ଅନୁରୋଧ—"ନାଇଁ, ଚାଲ୍ ଯିବା ।"

ଭର୍ଜକୁ ଭୁଟେଇ ଦେଇ ଗୃଣଆଡ଼୍ ହୋ ଉଠେଲ, ବାଇସ୍କୋପ୍ ଭଙ୍ଗିଗଲ ।

ପଡ଼ଶା ଜଣେ କରପଟିଆ ଠିଆ ହୋଇ ଗାରଡ଼ ପଣ ହସୁଛୁ । ପୁନ ପାଟିକଲ—"କ ରେ ଚନ୍ଦ୍ରାପଣା—!" ସନଆ ଭୁଲପଡ଼ଲ । ପଡ଼ଶା ଅଉ ନାହିଁ ।

ପଦାରେ ପୁନ ମାଣ୍ଡେଇ ହେଉଥାଏ । ପସରା ପାଖେ ସନଆ ପାନ, ବଡ଼ କଣିଲ, ଚନାବାଦାମ କଣିଲ । ପୁନ ଉଣ୍ଡି ହେଲ—ସେ ଦୁହେଁ ଆସିବେ, ସୁର ଓ ଅଘୋର । ସେହିପରି ଦୁଇ ଜଣ କଏ ଦୂରରେ ଗାଡ଼ି ଚଢ଼ିଗଲେ । ଅନ୍ଧାରରେ ଗାଡ଼ର ପିଠି ଦୂରରେ ନଭିଯାଉଚ । ବଡ଼ ସହରରେ କେତେ ମଣିଷ, କେତେ ଗାଡ଼ି, କଏ କାହାର ? ପୁନ ଭାବନାରେ ବୁଡ଼ିଥାଏ । ସେହି ଅଘୋରବାବୁ ଏକୁଟିଆ ସକାଳଓଳି ଦେଖା ପଡ଼ିଗଲେ ଏତେ ମମତା, ଏତେ ଦୟା, ଲୋକଙ୍କ ଆଗରେ ପଦେ କଥା ତ ଅଉ ଦୂର, ଟିକଏ ମୁଣ୍ଡହଲ ବ ନାହିଁ !

ମନ ହେଉଥାଏ, ଆପଣା ଆଶା ଅନୁଯାୟୀ ନୂଆ ହୋଇ ତା ପାଇଁ ତାର ସଂସାର ତିଆର ହୁଅନ୍ତା, ସେଠି କଟକଣା ନ ଥାନ୍ତା, ଲୁଚ୍ଚା ଲୁଚ୍ଚି ନ ଥାନ୍ତା; ମନ ଯାହା ଚାହିଁବ, ସବୁ ମନମାଫି ହାତ ପାଆନ୍ତରେ । ସେଠି ଅଘୋରବାବୁ ତାର ସମ୍ବନ୍ଧ ଅସ୍ୱୀକାର କରନ୍ତେ ନାହିଁ ।

"ଖାଲି ଠିଆ ଠିଆ ହଁ ନା, ସେ ଦୋକାନକୁ ଚାଲ୍ ।" ସନଆ ଚେତେଇ ଦେଲ ।

"କୁଆଡ଼େ ?"

"କଣ କୁଆଡ଼େ ! ଖାଇବା ନାଇଁ ? ହେଇ, ସେଠି ଗୁଡ଼ିଆ ଦୋକାନ ।"

ଦବିଯାଇ ପୁନ କହିଲ—"ଆମେ ସେଠିକି ଯିବା ?"

ପଛରୁ ପେଲିଏ ଦେଇ ସନଆ କହିଲ—"ଚାଲୁନୁ—"

ଦୋକାନରେ ବସି ଲୋକେ ଖାଉଛନ୍ତି । ସନଆର ସଂକୋଚ ନାହିଁ । ପୁନ ଖାଲି ତା ମୁହଁକୁ ଅନେଇଚ, ଲାଜରେ ସଢ଼ିଯାଉଚ । ଖାଇ ହେଉ ନାହିଁ ।

ସନଆ ପଇସା ଛାଡ଼ି ଦେଇ ଉଠିପଡ଼ିଲ ବେଳକୁ ପୁନ ତା ଭାଗକୁ କାନରେ ଗଁଠେଇ ସାରିଚ । ବାଟରେ ସନଆ କହିଲ—"ଦେଖୁଚୁ କେମିତ ଗାଢ ପୁନ ! ଗଦାଏ ବାଟ, ଚାଲ୍ ଗୋଟାଏ ଗାଡ଼ି ଧରିବା ।"

Digitized by srujanika@gmail.com

"ଗାଡ଼ି ପଛଆଡ଼େ ଠିଆ ହେବା ! ବାଇସ୍କୋପ୍ ଭିତରୁ ସର୍କସ୍ କରିବା ?"

"ଧାତ୍, ଗାଡ଼ି ଖଣ୍ଡେ ଭଡ଼ା କରି ସୁଖରେ ବସି ଘରକୁ ଫେରିବା ନା; ଚାଲ୍, ଚାଲ୍ ।"

ପୁନି କାବା ହୋଇ ଅନେଇଲା । ସନିଆ ପ୍ରସ୍ତାବ କରୁଚି ଗାଡ଼ିରେ ଚଢ଼ିବା !

"ସେମିତି ଅନେଇଚୁ କଣ ? ଗାଡ଼ି କାହା ପେଇଁ ହୋଇଚି, ମଣିଷଙ୍କ ପେଇଁ ତ ! ଯାହାଠି ପଇସା ଅଛି ସେ ଗାଡ଼ିରେ ଚଢ଼ିବ । ଆଜିକି ପଇସା ଅଛି, ଆଜିକି ମଜା ଉଡ଼େଇବା । ରାସ୍ତାପାଖ ଦୋକାନଯାକେ ଯାଇ, ପେଟେ ପେଟେ ପିଇ, ଘରକୁ ଯାଇ ଖିରି ହୋଇ ଶୋଇବା । କାହାର ଆମେ ଖାଉଁ ନା ଧାରୁଁ ? ଧନିକିଆ କଥା ତ, ସବୁଦିନେ କଣ ଏକାଯୋଗ ପଡ଼ୁଥିବ ?"

"ଏମିତି ଆଣ୍ଟୁଲା ଆଣ୍ଟୁଲା କରି ବାଟଯାକ ପଇସା ବିଞ୍ଚି ବିଞ୍ଚି ଯାଉଥିବୁ ସନିଆ ? ତୋର କଣ ହୋଇଚି ? ତୋର କଣ କୁବେର ଭଣ୍ଡାର ? ମତେ ତ ତୋ କଥା କାବା ଲାଗୁଚି ରେ ବାବୁ—!" ସନିଆ ହସିଲା । କହିଲା—"ଆଜି ମୋର କୁବେର ଭଣ୍ଡାର ସରିଯାଉ, କାଲିକା ଚିନ୍ତା ମୋର । ଆଜି ସାଙ୍ଗରେ ଅଛୁ ତୁ । ତୋ ପାଇଁ ପଇସା କି ଛାର୍, ଜାନ୍ଟା ଯଦି ଉଜାଡ଼ି ଦେଇ ପାରନ୍ତି, କେଡ଼େ ସୁଖ ଲାଗନ୍ତା । କଥା କହ ନା, ତୁ ଚାଲ୍ ଗାଡ଼ିରେ ବସିବା ।"

ସନିଆ ପାଗଳା ପରି ବକିହେଉଛି । କଣ ତାର ବିଗିଡ଼ିଛି ! ପୁନି ପ୍ରମାଦ ଗଣିଲା । ଖିଆଲ୍. ଏଇ ବାଇସ୍କୋପ୍ ଘର—ଆଖି ଝଲଝଲ କରି ଉଡ଼ି ପଳେଉଥିବା ଛବିଗୁଡ଼ାକ—ମୁଣ୍ଡ ବଥେଉଛି, କାନ ଭାଁ ଭାଁ ହେଉଛି—ସନିଆର ମୁଣ୍ଡ ଝାଙ୍କୁଛି ।

ନିତି ଲୋକେ ବାଇଲାଗିବାକୁ ଏହି ଘରେ ଆସି ଠୁଳ ହୁଅନ୍ତି ।

ବାବୁ-ଜଗତର ବାଇ ଲାଗିଚି ପରା ସନିଆକୁ !

ସତକୁ ସତ ଗାଡ଼ିରେ ବସିଲେ । ଟଳି ପଡ଼ିଲାବେଳକୁ ସନିଆ ଦମ୍ଭ ଦେଲା । ପୁନିର ପୃଥିବୀ ଦୋହଲୁଥାଏ ।

□ □

Digitized by srujanika@gmail.com

ସତଗୃଲକ୍ଷ

ପାହାନ୍ତାରୁ ନିଶା ନିଦ ଭାଙ୍ଗିଗଲା, ଯେପରି କି ନୂଆ ହୋଇ ଆଜି ପୁନର ମନେହେଲା, ତାର ଚିହ୍ନା ସଂସାର ତାକୁ ଭଲ ଲାଗୁନି । ଏହି ଘର, ଯେତେ ଅଭାବ, ଯେତେ ଅସନା ଆଉ ପଚେ ଏଠି, ସ୍ନେହର ଜାଲରେ ତାକୁ ବାନ୍ଧି ରଖିଛି । ଏହି ମେହେନ୍ତର ସାହି, ସୁଖଦୁଃଖର ଚିହ୍ନା ମଣିଷମାନେ ଏଠି, ଏହି ତାର ସୁଖ । ଯେପରି କି ଯୁଗ ଯୁଗର ମାତୃକୁଳର ପ୍ରାଚୀନ ଆତ୍ମା ସବୁ ସଂସ୍କାରର ଆବରଣ ପିନ୍ଧି ପୁଣିକୁ ସଙ୍ଗୋଳି ନେଲା । ଏଇଠି ତାର ଘରକରଣା, ସବୁ ଶାନ୍ତି, ସବୁ ଆନନ୍ଦ ଏଇଠି ।

ସରଳ ଗର୍ବରେ ଗ୍ରୀବା ଦମ୍ଭ କରି, ମାଳ ମାଳ କୋଠା ଆଡ଼କୁ ପୁଣି ଅନେଇ ରହିଲା । ବାଡ଼ ପଡ଼ିଛି ଥିଲା ନ ଥିଲାଙ୍କର ଦୁଇ ସମାଜ ମଝିରେ । ଥିଲା ଲୋକଙ୍କର ଦୟାଳୁତା ତାର ଲୋଡ଼ା ନାହିଁ । ସେ ସ୍ୱାଧୀନ, କାହାରି ସେ ହାତତଳିଆ ନୁହେଁ ।

ଅଘୋର ବିରୁଦ୍ଧରେ ତାର ଓରମାଣ କୁହୁଳି କୁହୁଳି ଜଳିଉଠିଲା । ସେ ବଡ଼ଲୋକ, ସେ ସୁବିଧାବାଦୀ । ନିର୍ଜନ, ନିଗ୍ରହିଆ ଦେଖି ଆପଣାର ସୁଖ ଟିକକ ପାଇଁ ଯାହା ପାରି ତାହା ପାଖରେ ସେ ହାତ ପାତିବ । ଲୋକଗହଣରେ ପୋଷାକ ପିନ୍ଧି, ଗ୍ରୀବା ଫୁଲେଇ, ସେ ଆପଣାର ସମାଜର ଧ୍ୱଜା ଉଡ଼େଇବ । ଆଉ ପଛକୁ ଅନେଇବ ନାହିଁ, ଚିହ୍ନିବ ନାହିଁ । କାଲି ରାତିର ବାଇସ୍କୋପ୍ ପାଖ ଘଟନା ତାର ସାକ୍ଷୀ ।

ଅଦୂରରେ ବଡ଼ ଘର ଦିଶୁଛି । ପଥୁରିଆ କାରାଗାର, ତାର ପହଡ଼ ପଡ଼ୁଛି । ଟିପିଟିପି ପାଣି ଝରୁଛି । ଶୀତ, ବରଷାରେ ଥରି ଥରି, ଢନ୍ତ ଢନ୍ତ ମଜୁରିଆର ଜୀବନଯାତ୍ରା । ଅଘୋର ତାହା ବୁଝିବ ନାହିଁ । ସେ ଓହ୍ଲେଇ ଆସିବ, ପୁଣି ଘରେ ପଶି କବାଟ କିଳିବ । କି ଥାଏ ତାହା ସଙ୍ଗେ ସାଲିସ୍ କରି ! ହାତବାରଣି ସନିଆର ସ୍ମୃତି ସେମିତି ସତେ କି ପଛରୁ ଟିପି ଦେଇ ସଳଖେଇଛି ! ବାରମ୍ବାର ପୁଣି ସଂକଳ୍ପ କଲା, ସେ ଆଉ ଅଘୋରବାବୁ ଘରକୁ ଯିବ ନାହିଁ ।

ସାମାନ୍ୟ ଗୋଟାଏ ପ୍ରତିଜ୍ଞା । କେବଳ ମନର ଖେଳ; କିନ୍ତୁ ଭାବିଲା ମାତ୍ରେ କେଡ଼େ ଆନନ୍ଦ ଲାଗିଲା । ଆଲୁଅ ଫିଟିଯାଉଛି, ଦିଶୁଛି ଚିହ୍ନାପରିଚିତ ହାଡ଼ିସାହିର ଚେହେରା । ପାଣି, କାଦୁଅ ଜମିଛି । କୁଢ଼ କୁଢ଼ ସଢ଼ାପଚା ଅସନା । ଧୂଆଁ

Digitized by srujanika@gmail.com

ବୁଲିଲେଣି, କୁକୁଡ଼ା ଝିମିଲେଣି । ଏଇ ଭଲ, ଏଇ ଭଲ । ପୁଣି ଭାବି ଲାଗିଲା । ସବୁଠିଁ ଗଲା ମିଳେଇ କୁଣ୍ଡେଇ ପକେଇ ଯେପରି ସେ କହିପକେଇବ – "ରୁ ଆମର ।"

ଆଗ ଦିନ କାମକୁ ଚାଲିଲେ । ନିଘା କଲା, ବୋଝ ଉଠିବାବେଳ ହେଲଣି । କାଲି କେତେ ରାତିରେ ସେ ଘରକୁ ଫେରିଛି ମନେପଡ଼ିଲା । ଆଜି ସକାଳୁ ବୋଉ ତାର ସୁଧ ଅସୁଲ କରିବ । ଅପ୍ରୀତିକର ଘଟଣାର ଆଶଙ୍କାରେ ଅଳସ ଆନନ୍ଦ ଫସରଫାଟି ଗଲା । ତରତର ହୋଇ ପୁଣି କାମକୁ ଚାଲିଲା । ସକାଳର ମୁଢ଼ି ଚା' ତାର ଦରକାର ନାହିଁ ।

ଟାଣ କରି ଧୂଆଁପତ୍ର ଟିକିଏ କାନରେ ଗଣ୍ଠି ପକେଇ ନିଶ୍ଚିନ୍ତ କରିଥିଲା, ସବୁ ଘରକୁ ଯିବ ପଛେ, ଅବିନାଶବାବୁଙ୍କ ଘରକୁ ଯିବ ନାହିଁ । ଖଣ୍ଡେ ଦୂର ନ ଯାଉଣୁ ପ୍ରତିଜ୍ଞା ହୁଗୁଳା ହୋଇଗଲା । ମନକୁ ବାଗେଇ ନେଇ ବିଚାରିଲା, କେବଳ ଆଜିକ । ବୁଝାଶୁଝା ହେବା, ବାକି ରହିଯିବ ନ ହେଲେ । ମନେ ମନେ ଅଭିନୟ କରି ଚାଲିଲା, ଠିକ୍ କେମିତିକା ହାବଭାବ ଦେଖାଇଲେ ଅଘୋରବାବୁ ଚାବୁକ ଖାଇବ । ବଳେ ବୁଝିବ, ସବୁଠି ବଡ଼ଲୋକର ବଳ ଖଟେ ନାହିଁ । ନିଜର ବଡ଼ପଣ ନିଜ ଘରେ ।

ଧୀରେ ଧୀରେ କୋଠା ପାଖ ହେବାରୁ ସହଜ ପ୍ରକ୍ରିୟାରେ ମନ ଭିତରେ କେତେ କାଳର ଭାବନା ଗୁରେଇ ରୁରେଇ ହେଲା । ଛାତି ଦୂଲୁକେଇ, ଦେହ ଫୁଲୁକେଇ, ସେହି ପୁରୁଣା ବେଗ । କୋଠାର ଛୁଇ ତଳେ ପୁଣି ଯେଉଁ ମେହେନ୍ତାଣୀକୁ ସେହି ମେହେନ୍ତାଣୀ । ଉପରକୁ ଚାହିଁଲା, ଝରକା ଖୋଲା ଅଛି । ଝରକା ପାଖେ ବାଟକୁ ଅନେଇଁ ତପସ୍ୟା କରୁଛି ବଡ଼ଲୋକ ଘର ପୁଅ ଅଘୋରବାବୁ । ଚକିତରେ ହସ ଖେଳିଗଲା । ଯାଙ୍ଗେ ଯାଙ୍ଗେ ଠିଆହୋଇ ପଡ଼ି, ତଡ଼ବଡ଼େଇ ଧାଇଁଲା ସେ ତଳକୁ । ପୁଣି ତାର ପ୍ରତିଜ୍ଞା ପାସୋରି ଥିଲା, କବାଟ ପାଖେ ଲେପ୍‌ଟି ରହି ଖୋଜୁଥିଲା କେଉଁଠି ଜଳା ଅଛି ।

କେତେ ପ୍ରଶ୍ନ ଫାନ୍ଦିଥିଲା, ଅପମାନ ଦେବାକୁ କେତେ ପ୍ରକାର ଉପାୟ । କୁଆଡ଼େ ଗଲା ସେ ! କେବଳ ଅଭ୍ୟାସର ଭଉଁରି, ଘଡ଼ିକର ଜୀବନ । ତାର ଆଗ ନାହିଁ, ପଛ ନାହିଁ ।

ଘର ଘର ବୁଲି, କାମ ସାରି ଘରକୁ ଫେରିଲାବେଳକୁ ସାହିରେ ହାଉ ହାଉ ଲାଗିଛି । ବରଗଛମୂଳେ ସାହିସାକ ମଣିଷ ଆଟପଟାଳି । ଗୋଟି ଗୋଟି ହୋଇ ମେହେନ୍ତାଣୀ ଆସୁଛନ୍ତି, ଟୋକେଇ ଥୋଇ ଦେଇ ଅଣ୍ଟାରେ ହାତ

Digitized by srujanika@gmail.com

ଦେଇ ଆଁ କରି ଅନେଇଁ ଦେଖୁଛନ୍ତି । ପଡ଼ି ଉପରେ ହାତକଡ଼ି ପଡ଼ି, ଧରାହୋଇ ରହିଛି ସନିଆ, ପୁଲିସ୍ ବେଢ଼ିଛନ୍ତି । କଳରବ ଭିତରେ ଗର୍ଜନ ଶୁଭୁଛି, ଇନ୍‌କ୍ୱାଇରି ଲାଗିଛି ।

ଏ କଣ ହେଲା ! ମୁଣ୍ଡ ବୁଲେଇ ଦେଉଛି, ଗୋଡ଼ ଟଳୁଛି । ଥର ଥର ହୋଇ ଗହଳି ଭିତରେ ଦୁଇ ପାଖର ଦୁଇ ଜଣ ସ୍ତ୍ରୀଲୋକଙ୍କ କାନ୍ଧରେ ହାତଭରା ଦେଇ, ଶୁଖିଲା ମୁହଁରେ ଜୁକୁଜୁକୁ କରି ପୁଣି ଅନେଇଁ ରହିଲା । ପାଟି ଫିଟୁ ନାହିଁ, ପ୍ରାଣ ଶୁଖିଯାଉଛି ।

ସନିଆ ଧରାପଡ଼ିଛି ।

ତା ପରେ ?

ଅଜଣା ଭୟ । ଆପଣାର ପ୍ରାର୍ଥିଟିକକ କିଏ ସେପରି ତଣ୍ଟିରୁ ଧରି ଚିପି-ଦେଉଛି । ପୁଣି କୋଳାହଳ । ସନିଆକୁ ଗାଳି ଦିଆହେଉଛି, ବାଡ଼ରେ କେଞ୍ଚା ହେଉଛି, ରହିରହିକା ବିଧା ଗୋଇଠା ଠୋ-ଠୋ ବସୁଛି । ମଝିରେ ମଝିରେ ସେହି ଗର୍ଜନ—"କହ, କହ; ଆଉ କୋଉଠି ଲୁଚେଇଛୁ । କହ, କହ—।" ପୁଣିକି ଲାଗୁଥାଏ, ସନିଆ ଉପରେ ନୁହେଁ, ତାହାରି ନିଜ ଉପରେ ବର୍ଷୁଛି ସବୁ ମାଡ଼, ଗାଳି; କିନ୍ତୁ ସନିଆ ନିଆଁ କିଛି କହୁ ନାହିଁ । ବେକ ଭାଙ୍ଗି ତଳକୁ ଅନେଇଛି, ବେଳେ ବେଳେ ଘରଆଡ଼କୁ ଦୃଷ୍ଟି ବୁଲେଇ ଆଣୁଛି । ଅଳ୍ପ ଦୂରରେ ଶାନ୍ତ ହୋଇ ଠିଆହୋଇଛି ଧନୀବୁଢ଼ା । ନାଭିଲା ପିଙ୍କା ଖଣ୍ଡେ ଗ୍ରେଟବୋଉଛି । ଦାଢ଼ିରେ ହାତ ମାରି ବୁଢ଼ାଲୋକର ଥିରୁଥିରୁ ଭଙ୍ଗୀରେ ମୁଣ୍ଡ ହଲେଇ ହଲେଇ ସନିଆ ଆଡ଼କୁ ଅନେଇ କହୁଛି—"କହ—କହ— ।" ବେଳେ ବେଳେ ସନିଆ ରାଗରେ ଫୁଲିଯାଉଛି । ଆଖି ଗାରଡ଼େଇ, ଦେହ କମ୍ପେଇ, ସମସ୍ତଙ୍କୁ ସମ୍ବୋଧନ କରି କହୁଛି—"ଦେଖୁଥା ତୁମେମାନେ, ଯାହା ଜାଣିଥିଲି ସବୁ କହିଲି, ଯାହା ଥିଲା ସବୁ ନେଲେ; ତଥାପି ମନ ଶାନ୍ତ ହୋଇ ନାହିଁ, ମତେ ମାରପିଟ୍ କରୁଛନ୍ତି ।"

"ଫେର୍, ଫେର୍ ପାଟି କରୁଚୁ ? କୋଉଠି ରଖିଚୁ କହିବୁ ନା ଅଉଗୁ ଦେଖିବୁ—"

ସନିଆର ପାଟିରୁ ରକ୍ତ ବୋହିଲାଣି ।

ଆଖିରେ ଲୁହ ପୂରିଯାଇଛି ।

ସେମିତି ଏ କରକୁ ସେ କରକୁ ମୁଣ୍ଡ ହଲେଇ ହଲେଇ ଧନୀବୁଢ଼ା ଉପଦେଶ ଦେଉଛି—"କହି ଦେ ଟୋକା, କହି ଦେ—"

Digitized by srujanika@gmail.com

ସନିଆର ମିନତି କରୁଣ ହେଲଣି—"ମାରିପକା, ଯେତେ ମନ ହଉଚି ମାରିପକା । ଆମେ ତ ଅଛୁଆଁ ମେହେନ୍ତର, ଗରିବର ସାହା କିଏ ହେବ ! ତମର ତ ରାଜ୍ୟ, ମାରିପକା— ।"

କଣ ହେଉଛି ? କଣ ହେଉଛି ଏ ! ମାଡ଼ ବହୁତ ବଳେଇଲାଣି, ଗୃହଆଡ଼ୁ ଖାଲି ହା-ହାକାର । କେଉଁ କେଉଁ ହୋଇ ଲହ ବୋହିଯାଉଛି ପୁନି ଆଖିରୁ । ଜାଲଜାଲିଆ ଦିଶୁଛି । ମନ ହେଉଛି, ଧାଇଁ ଯାଇ ସେହି ପୁଲିସ୍ ଗୋଡ଼ର ଜୋତା ଉପରେ ମୁଣ୍ଡକୋଡ଼ି ଗୁହାରି କରନ୍ତା—"ଥାଉ ବାବୁ, ଥାଉ ଥାଉ— ।"

ମନ ହେଉଛି ।

ପାଦରେ ଗୁରେଇ ହେଇଯାଉଛି ଯେତେ ଅଜଣା ଭୟ ।

ଛାତିଭିତରଟା ହାଲୁକ ଶୁଖିଯାଉଛି ।

ମାଡ଼ ସରିଲା । ସନିଆକୁ ଘୋଷାରି ନେଇ ସେମାନେ ଚାଲିଗଲେ । ଗହଳି ହେଇ ଲୋକ ଚାଲିଛନ୍ତି । ପଛେ ପଛେ ଏଁ ଏଁ ହୋଇ କାନ୍ଦି ପୁନି ଗୋଡ଼େଇଛି । କିଏ ଜଣେ କହିଲା—"ହେଇଟି ରେ, ହେଇଟି ଯାଉଚି ପୁନି ।"

ପୁଣି ଭୟରେ ପୁନିର ସାନ ବାହୁନା ଅଟକି ରହିଗଲା । ପଛକୁ ଫେରିଆସି ଆଖି ପୋଛୁ ପୋଛୁ ପୁନି ଅନେଇ ରହିଲା ଦୂରକୁ, ସେହି ଲୋକଗହଳିକୁ ।

ଧରି ନେଇଗଲେ ।

ତାର ସନିଆକୁ ସେମାନେ ଧରି ନେଇଗଲେ ।

ଗହଳି ଶୂନ୍ୟ ପଡ଼ିଗଲାଣି । ବାଟର ଲୋକେ ଘରମୁହାଁ ବାହୁଡ଼ିଲେଣି । କେହି ନାହିଁ ଚାହିଁବାକୁ, ଆଖିର ଧାର ନିରେଖି ଦେଖିବାକୁ । କହିବାକୁ—"କିଏ ସେ କାନ୍ଦୁଛି !"

ସନିଆ ଯିବା ବାଟକୁ ଅନେଇ, ମୁହଁରେ ଲୁଗା ଗୁଞ୍ଜିଦେଇ, ପୁନି ଭେଁ ଭେଁ ହୋଇ ବୋବେଇଲା । କଣ ହୋଇଛି, କିଏ କଣ କହୁଛି, କାହାକୁ ଖିଆଲ୍ ନାହିଁ ।

କେବଳ ମନ ରା' ଧରିଛି, ତାର ସନିଆକୁ ଚୋର କରି ବାନ୍ଧି ଧରି ନେଇଗଲେ ସେମାନେ । କେବଳ ସନିଆକୁ ନୁହେଁ, ପୁନିର ପ୍ରାଣ ଭିତରୁ ଚପୁଡ଼ି ଚପୁଡ଼ି ଗୋଟାଏ ଜୀବନର ସବୁ ଅନୁଭୂତିଗୁଡ଼ାକୁ । ଲାଜ ସରମ ନାହିଁ, ଡର ଭୟ ନାହିଁ । ମରମର ସହଜ ଛନ୍ଦ କେବଳ ତାର ଛାତିଫଟା କାନ୍ଦଣାର ରୋଳ ।

Digitized by srujanika@gmail.com

“ମଲ ମର ଚୁଲିପଶି, ଲାଜ ନାହିଁ ବସି କାନ୍ଦୁଚନ୍ତି ! ଦେଖ ଖୁଦାଏ ଯେ— ! ଆଲୋ ହେ ପୂଜା—”

କ୍ରୂର-କଠୋର ମୁହଁ କରି, ମୁହଁ ପାଖକୁ ମୁହଁ ଆଣି ପାଟି କରୁଚି କେମା । କଥାଗୁଡ଼ାକ କେମିତି ଦାନ୍ତ ଚିପି ଚିପି ଘଁ ଘଁ ହୋଇ କହୁଚି । ଭିତରୁ ଧକ୍କା ଝାଙ୍କୁଚି—“କାଲେ ଝୁଲୁନୁ, ଘରକୁ ଯିବୁ; ଖାଇବୁ !”

ସ୍ୱପ୍ନ ଭାଙ୍ଗିଗଲା । ଶୁଖିଲା ବାଲିବନ୍ତ ଉପରେ ଝାଁଇ ପବନ ପରି ପାପୁଲ୍ସ ସ ଉଡ଼ିଲା । ଆଖି ରଗଡ଼ି ରଗଡ଼ିକା ଲୁହ ଶିଙ୍ଘାଣି ପୋଛୁ, ପୂଜା କହିଲା—“ଏଁ !” ଖଟେଇ ହୋଇ କେମା ହାଙ୍କିଲା—“କେଁ— । ମଲ ମର, ପାଟି କରି କରି ମୋର ହଂସା ଉଡ଼ିଲାଣି, ଯୁଗେ ପହରେକେ ଏ କହୁଚନ୍ତି ‘ଏଁ !’ କ-ଲୋ, ତା କ ହାକ କରି ପୁଲିସିଙ୍କି ଘରେ ପୂରେଇବୁ, ଏଠିଟାରେ ବସି ପୁଆଙ୍ଗ କରୁଚୁ ?”

“ପୁଲିସି ?” ଧଡ଼ପଡ଼ ହୋଇ ପୂଜା ଉଠିଲା । ଭୟସ୍ତ୍ରାନ୍ତ ବୃଦ୍ଧାଣୀ ଖୁରଆଡ଼କୁ ବଣ୍ଟି ଡ଼ ଦେଇ, ମା ମୁହଁକୁ ଅନେଇଲା ।

“ପୁଲିସି ନୁହେଁ ଆଉ କଣ କାଳପୀ ? କୁଆଡ଼ର ଓଲମି ଟୋକା, ଉଠ୍ ଉଠ୍ । ପୂଜା ଘରକୁ ଚାଲିଲା । କେମା ଫୁସୁରୁ ଫୁସୁରୁ ହେଲା । କହିଲା—“ଓହୋ, ଠାକୁରେ ରକ୍ଷା କଲେ । ଟୋକାଟାକୁ ମୁଁ ଚଢ଼ୁଥିଲି ସିନା, ହେଲେ କଣ ହବ ଲୁଚ ଦେଖେଇ ଦେଇଚି ଆଜି । ଏତେ କହିଲେ ଏତେ ମାଡ଼ ମାରିଲେ, ପଦେ ପାଟି ଫିଟେଇଲା ନାହିଁ । ଦ'ଥର ମୋ ପେଟ ଓଲଟି ପଡ଼ିଲାଣି; କହିଲି, ମାହା ପୁରୁ ମୋ ପୂଜା ନ ଆସୁ । କାଲେ ଯଦ କହିଦେଇଥାନ୍ତା ପୂଜାକ ସ୍ୱା ଦେଲି, ତା ଦେଲି; ଗାନ୍ଧି କନା ଆସି ମାଡ଼ିବସିଥାନ୍ତେ ଆମ ଘରେ । ଜନ୍ମା ପଦେ କଥା ! ଯେତେ କହିଲେ ହେଲା ନାହିଁ । ପିଠିରେ ଗୁମ୍‌ଗାମ୍ ବସିଲେ ପାଟି ଅଧ୍ୟ କରବେ, କେଇଟା ଲୋକ ଅହିଂନ୍ତ ସଂସାରରେ କହିଲୁ ? ଧନ୍ୟ କହିବ ତା ବାପ ମା'ଙ୍କୁ, ଏମିତି ପୁଅ ଜନ୍ମ କରିଥିଲେ ଯାହା ! ଏଠି ତ ଏତେ ମାଡ଼ରେ କହିଲା ନାହିଁ, ଆଉ କଣ ପଛେ ଥାନାରେ କହିବ ! ହଉଲୋ ପୂଜା ?”

କହିବାକୁ ଗୁଣ୍ଡରେ ଭାଷା ନାହିଁ । ଦାନ୍ତର ଜାବ ଫିଟେଇଲେ ବୋହୁ କାନ୍ଦଣା ବାହାରିବ । ବରକୋଳି ପରି ଲୁହ ଝଡ଼ୁଚି । ମୁଣ୍ଡ ହଲେଇ ହଲେଇ ପୂଜା ବୁଝେଇଦେଲା—“ନାଇଁ ।”

“କହିବ ନାହିଁ ବୋଲି ତ ମୁଁ କହୁଚି । ତୁ କାଇଁ କାନ୍ଦୁଚୁ ? ଲୋକେ କହିବେ, ସ୍ୱାଙ୍କର ତାଙ୍କର ଭରି ନେଇ, ଶ୍ରେଗମାଲ୍ ରଖିଚନ୍ତି । କଏ ଭେଦୁଆ

Digitized by srujanika@gmail.com

ଚନ୍ଦ୍ରଦେବ: ଏବା ପଦବୋଉ ଜିଭକୁ ତ ସହସ୍ର ଘଣ୍ଟା ହରି ହବ ନାହିଁ । ଫେର୍ ପୁଲିସ୍ ଆସିଲେ, ନବରଙ୍ଗ ଲାଗିବ । ଉପରେ ଉପରେ ଯାଉଛ, ଯାଅ; ଆମ କ ଯାଏ ? ସେ ତ ବାମରୁ ଫେରି ବାଟେ ବାଟେ ଚୋରି କରି ଧରାପଡ଼ିଲା, ଆମେ କୋଉ ଦେଖିବୁ ନା ଜାଣିବୁ !"

ସତେ ତ ! କଣ ହେଲା କଥା ? ମୁଣ୍ଡ ଗୋଳମାଳରେ ପୁଣି କେମିତି ପାସୋରି ପକେଇଥିଲା । ଭାବିଥିଲା, ଆଗରୁ କେବେ ଚୋରି କରିଥିଲା ବୋଲି ସନିଆ ଆଜି ଧରାପଡ଼ିଲା ; ଜେମାକୁ ପଚାରିଲା । ବାମରୁ ଫେରି ସନିଆ କୁଆଡ଼େ କେଉଁ ରୂପା ଅଳଙ୍କାର ଦୋକାନ ପାଖେ ଛକିଥିଲା । ଦୋକାନୀ ଟିକିଏ ଘର ଭିତରକୁ ଯିବାରୁ, ଟଙ୍ଗା ହୋଇଥିବା ତାରକସି ଜିନିଷରୁ ପୁଳାଏ ଧରି କାନିରେ ବାନ୍ଧିଦେଇ ଥିରି ହୋଇ ବାହାରି ଆସୁଥିଲା । ଦୋକାନୀ ବୁଲିପଡ଼ିଲା । ସନିଆ 'ଚଲ ପରି ଛୁ' ହାଉକି ଆସି ପୁଲିସ୍ ଧରିଲେ । ଗୋଳମାଳ ଲାଗିଲା ।

ରୂପା ଅଳଙ୍କାର !

କାହା ପାଇଁ ଆଣୁଥିଲା ?

ପୁଣି ପ୍ରାଣ ଭିତରୁ କାନ୍ଦଣାର ତୋଫାନ ମାଡ଼ିଆସୁଛି । ଘର ହେଲାଣି । ମନର ମନକଥାର ଜବାବ୍ ଦେଲା ପରି ଜେମା କହିଲା—"ଅଣ୍ଡିରିପୁଅ କଣ ରୂପା ଅଳଙ୍କାର ନାଇବାକୁ ଆଣୁଥିଲା ? ବଜାରରେ କଣ ଆଉ ନିଆଚା ଦରବ ନାହିଁ ଯେ, ଚୋରି କରି ଚପିବ ତା ପାଇଁ ? ଖାଲି ସେଇ କଥା ଭାବି ଭାବି ତ ମୋ ପେଟ ଓଲଟି ପଡ଼ୁଥିଲା. ଆଉ କାହିଁକି ? ଅନ୍ୟ ହେଇ ଏଇ ଦୁଆରବନ୍ଧରେ ବସିଥାଏଁ ଆଉ ଭାବୁଥାଏ, କେତେବେଳେ ମତେ ଡକରା ପଡ଼ିବ କି ଆମ ଘରକୁ ସିପେଇ ଚଢ଼ିବେ । କେବେ ଭାବନା ଆସୁଥାଏ ମୁଁ କଣ ଆଖି ବୁଜିଛି ? ଫେର୍ ହେଇ ସେ ଦିନ ସେ ବାବୁଘରେ କିଏ ଚୋର ପଶିଥିଲେ ଯେ, ଟଙ୍କା ପଇସା ବୋହି ନେଇଗଲେ । ବସିଥାଏଁ, ସେ ରଡ଼ନିଆଁ ପଦବୋଉଟା କଅଁ ଲେଇ କହିଲା କି, ଯିବ ନାହିଁ କି ? ତମ ସନିଆ ପରା ଧରାପଡ଼ିଛି, ସମସ୍ତେ ଯାଉଛନ୍ତି । କଣ ମାଲ କୋଉଠି ନେବେଇଛି ଖୋଜା ଲୋଡ଼ା ଲାଗିଛି ! ମୋ ବ୍ରହ୍ମତାଳୁରେ ନିଆଁ ନାଗିଲା । ମୋ ତୁଣ୍ଡ ତ ସମ୍ଭାଳି ନେଲି, କିଏ କାଳେ କଣ ଭାବିବ ? ପଦବୋଉ କହିଦେଲା ସିନା, ଏମିତି କହିଲାବାଲା ଜିଭେରେ ହାଡ଼ ଅଛି ଯେ, ମୋ ପାଖରେ ଠିଆ ହବ ? ମେ. ଆଡରୁ ଚାଲିଗଲା, ନଇଲେ କଣ ଯେ ହେଇଥାନ୍ତା ! ଦେଖିଲି, ଗହଳ ବଢ଼ିଛି, ମୁଁ କାହା ପରି କାହିଁକି ଘରେ ବସନ୍ତି ? ଗଲି ସେଇଠୁ ଯାହା ହଉ, କେଉଁଠି କଲ୍ୟାଣ ତା ଧୈର୍ଯ୍ୟକୁ । କାହାର ନାଁ ସେ ଧରି ନାଇଁ ବସୁରି—"

Digitized by srujanika@gmail.com

ପୁଣି ପୁନର ମନକଥାର ଜବାବ୍ ଦେଲା ପରି କେମା କହିଚାଲିଲା, ହଁ ମ, କଣ ଫାସୀ ହବ ତାର ? ଯେବେ ହେଲେ ତ ଫେରିବ । ଅଣ୍ଡିରି ପୁଅ, କଣ ମାଇକିନା ଝିଅ ହେଇଚି ମାଇପ ହେଇଯିବ ! ସେଇ ସତ୍ୟାନାଶିଆ ଧର୍ମବୁଢ଼ା ପାଇଁ ନା—ନଇଲେ କଣ ସେ ଏମିତି ହେଇଥାନ୍ତା—”

କେମିତି କେମାର ମନ ଆଜି ତରଳି ତରଳି ବୋହିଯାଉଛି ସଜନିଆ ପ୍ରତି; କିନ୍ତୁ କେମାର ମନସ୍ତତ୍ତ୍ୱ ବୁଝିବା ପାଇଁ ପୁନର ଅବସ୍ଥା ନ ଥିଲା ।

ଘର ଭିତରେ ଫୁସୁ ଫୁସୁ କରି କେମା କହିଲା ପୁନକୁ—“ବୁଝିଲୁ ଝିଅ, ପଦ୍ମଶଦନ ମତେ ସେ କହିଥିଲା, ମାଉସୀ, ପୁନର ଅଲଙ୍କାର ନାହିଁ, ରଇ ଥା ମୁଁ ଆଣିଦେବି । ସେଇଥିପେଇଁ ତ ମୁଁ ଅଧେ ଗୁନିଆଁ ଲୋ ।”

ପୁନ କରି ଘରକୁ ଗଲା । ଆଉ ତାର ଦମ୍ଭ ନାହିଁ ।

କେମା କହିଲା—“ଥିରି ଥିରି ଲୋ, ବଡ଼ ପାଟିରେ କାନ୍ଦ ନା, ପଦବୋଉ ଶୁଣିବ କାଳେ—”

□ □

Digitized by srujanika@gmail.com

ଅଠଗ୍ରଳଣ

ଝିପି ଝିପି ବରଷା, ହାଉ ହାଉ ପବନ । ଓଞ୍ଚ ମିଞ୍ଚି ମଞ୍ଚି ।

ବରଷା ଋତୁ ।

ଯେତେବେଳେ ଗରବ ମଜୁରିଆ ଭାବେ ଯେ, ମଣିଷକୁ ତଳେ ତଳେ ଦାବରଖ ଦେଇବାକୁ ସବୁ ଉପାୟ ଚେଷ୍ଟା ସାର ବି ସନ୍ତୁଷ୍ଟ ନ ହୋଇ ଆପଣା କରଣିକୁ ମାଠିବାକୁ ଦୈବ ରଚନ୍ତି ନୂଆ ବିଧାନ, ଗରବଙ୍କୁ ଗଢ଼ିଲେଇ ନୂଆ ମହଜ ଦେଖିବ ବୋଲି ।

ଓଢ଼, ଡାଲମୂଳ, ଜର, କାଶ ।
ଭଙ୍ଗା ଘର ପିଣ୍ଡାରେ ବୁଙ୍କିର କାଙ୍କିର ।

କାନ୍ଥ ପଡ଼ୁଛି, ଘର ଗଳୁଛି, ଚୁଲିରେ ପାଣି । ହଇରାଣ । ଦନିଟିଏ ଗଲେ ପୁରଟିଏ ।

ଯେତେବେଳେ, ସହରର ବଡ଼ ବଡ଼ ଘରେ ବିଜୁଳିବତୀ ଜଳେ, ଚଳବାଜା ଗୀତ ବୋଲେ, ଗଦିର ଆପଣିଶ୍ରେନ୍ୟ ନରମ ଦେହ ଉପରେ ଆଉଜ ପଡ଼ିଥିବା ଅଳସ ଦେହରେ ସୁଖର ଚନ୍ଦ୍ରା ଚହଟେ । ଚ୍ୟା'ର ବାମ୍ପ, ଖାଦ୍ୟର ବାସ୍ନା, ସିଗାରେଟର ନେଳ ଧୂଆଁ ସବୁ ଆହୁତି ହୋଇଯାଏ, ମନେପଡ଼େ ଅଦେଖା ବନ୍ଧୁର ବାଣୀ, ଅଶୁଣା ଅସମାପିକା ଛନ୍ଦର ରାଗିଣୀ, ମୂକ ଦେହରେ ନୀରବ ଅନୁଭୂତ ଚେଇଯାଏ । ଆରାମ୍ ।

କୋଠା ଉପରେ ଥାଇ ଶୁଭ୍ରିଲ-ପାଚେଲିରେ ଡ଼ୁବୋଇ, ପଦାରେ ବରଷାର ଦୃଶ୍ୟ ଦେଖୁ ଦେଖୁ, ଅଠାକାଣ୍ଡିଆ ଚେଷ୍ଟି ଲିପର କଲଚା ବଢ଼ି ବଢ଼ିକା ଉପରକୁ ଉଠେ—ପକୋଡ଼ିକୁ ଖେଚେଡ଼ି, ଛୁଞ୍ଚିସୂଟରୁ ସୁରଣ୍ଟେଖ, ତାସ ପଙ୍ଗତରୁ ବନ୍ଧୁର ଭୁଟ୍ଟମୁପଣ ।

ଭଜାସୀ ଜବ ଲେଖେ—ବରଷାର ବନ୍ଦନା ।

କେଉଁ ଅସରନ୍ତି ଦରିଆର ଅଯାଚିତ ତେଉ ପରି ଆଜିର ଦନଟି ଆସିଥିଲା । ଅଇଶ୍ରୀ ତେଲୀପନ୍ନ ପରି ମୋଡ଼ ମୋଡ଼ ହୋଇ ସେ ଫେପାଡ଼ ହୋଇ ଯାଉଛି ସଞ୍ଜର କଳା ଅଳିଅକୁଡ଼ିରେ । ଘଟଣା ତ ଆଣିଥିଲା କେତେ—ଭକ୍ସାବାଲାକୁ ଜଭିମୋଣଅ ହୋଇଛି, କୁଷ୍ଠରୋଗୀର ଧନ ଔଲ ଉପାସ ପୂର୍ଣ୍ଣ ହୋଇଛି, ବଲର

Digitized by srujanika@gmail.com

ହଳଆକୁ ମାରିଛୁ ତମ୍ପ ସାପ । ଆଜି ଦିନକର ବଡ଼ ଘଟଣା ସେ, ଯଦିଓ ଖବରକାଗଜ ଲାଗି ନୁହେଁ ।

ଖବରକାଗଜ ପାଇଁକି ମଧ୍ୟ ଘଟଣା ମିଳିଛି—ବଡ଼ ସହରରେ ଦୁଇଟି ବକ୍ତୃତା ଆଜିର ଗୋଟାଏ ଦିନରେ । ସ୍ଥାନେ କହେ ଶୈଳେନ୍ଦ୍ର ବାବୁ ସହରର ଦୁଃସ୍ଥ-ସମସ୍ୟା ଆଲୋଚନା କରି ଭାଷଣ ଦେଉଛନ୍ତି—ସେମାନଙ୍କ ଶିକ୍ଷା, ଉନ୍ନତି ଓ ସ୍ୱାସ୍ଥ୍ୟ ପାଇଁ କେଉଁ ଜାଗାରେ ବସ୍ତି ବସେଇ କିପରି ଯୋଜନାର ସୂତ୍ର ଦିଆଯାଇପାରେ, ସେ ବିଷୟ ସେ ବଡ଼ ମର୍ମସ୍ପର୍ଶୀ ଭାଷାରେ ବୁଝାଇ ସାରିଛନ୍ତି—ଖବରକାଗଜର ସାମ୍ନା ପୃଷ୍ଠାର ଅଧେ ପାଇଁ । ବଡ଼ ସହରର ବଡ଼ ଅଧିକାରୀଙ୍କ ସହିତ ଆଜି ଦ୍ୱିପ୍ରହର ଭୋଜିରେ କେତେ ଜଣ ପ୍ରସିଦ୍ଧ, କେତେ ଜଣ ଖ୍ୟାତନାମା ଓ କେତେଜଣ ବିଶିଷ୍ଟ ଲୋକଙ୍କର ଏକାଠି ଫଟୋ ଟିଏ ପଡ଼ିଥିଲା । ସେହି ବିଖ୍ୟାତ ଖବର ଘଟିଛି ଓ ବାହାରିଛି । ଅତଏବ ଏ ସମୟର ଦୁନିଆରେ ଅନେକ ଘଟଣାହିଁ ଘଟିଛି ।

କିନ୍ତୁ ବଡ଼ ଘରେ ସେପରି କି ଆଉ ଘଟଣା ନାହିଁ । ଆଜି ଯେପରି କାଲି ସେପରି, ଏକା ପୁନ୍ତିପଣ । ସେଠି ଅଚଳ ପ୍ରଶାନ୍ତ ସମୁଦ୍ର ।

ବାହାର ବୈଠକଘରେ ଦୁଇ ଜଣ, ମାନମୟୀ ଓ ଅଘୋର । ମାନମୟୀ ଭିତର ପାଇଁ ପ୍ରସ୍ତୁତ । ପ୍ରସାଧାନ ଓ ବେଶର ପରିପାଟୀରେ କେଉଁଠି ଟିକିଏ ଖୁଣ ନାହିଁ । ଅଘୋରବାବୁ ବାହାର ପରି । ବର୍ଷାତି ବୁଟ୍ ଜୋତା, ବର୍ଷାତି କୋଟ୍, ଟର୍ଚ୍ଚ ଲାଇଟ୍ । ରେଡ଼ିଓରେ ସନ୍ଧ୍ୟାର ଗୀତ, ଦୂର ବଜାରର ଝଣଝାଣ୍ । ଅଘୋରବାବୁ ଠିଆ ହୋଇପଡ଼ିଲେ । କହିଲେ, "ବୃଥା ସମୟ ଯାଉଛି ।"

"ରଇ ଥା ଭଲ, ଏମିତି କୁକୁରମା'ଛୁ ଲାଗିଲା ପରି କାହିଁକି ହେଉଛ ? କୁଆଡ଼େ ଯିବ ?"

"ଘରେ ବସି କଣ କରିବ ? ତୁ ବା ମତେ ଅଟକେଇବୁ କାହିଁକି ? ଏକୁଟିଆ ଲାଗୁଛି ତ ଯା ବୋଉ ପାଖେ ବସି କଥା ଶୁଣୁଥିବୁ । ଏଠି ଚୁପ୍‌ଚାପ୍ ବସି କଣ ତତେ ଭଲ ଲାଗୁଛି ?"

"ନାହିଁ, ତମେ କହ; ବର୍ଷାରେ ପଦାକୁ ନ ଗଲେ କଣ କ୍ଷତି ହେବ—"

ଅଘୋରବାବୁ ଦୁଇ ପାହୁଣ୍ଡ ବାହାରି ହସି ପକେଇଲେ । କହିଲେ, "ତତେ ଯେପରି ଘର ଭିତରର ଜଡ଼ତା ଏତେ ଭଲ ଲାଗେ, ମତେ ଭଲ ଲାଗେ ବାହାରର । ମୋର ଖୁସିରେ ତୁ କାହିଁକି ବାଧା ଦେଉଛୁ ? ହେଇ, ପଦାକୁ

Digitized by srujanika@gmail.com

ଦେଖ୍, ସନ୍ଧ୍ୟା ଡାକୁଛି, ରାତି ଡାକୁଛି । ସବୁ କଥା ପଛରେ ଫୋପାଡ଼ି ଦେଇ, ନିର୍ଜନରେ ନଈକୂଳେ ଠିଆ ହୋଇ ସେପାରର ସେ ଆଲୂଅକୁ ଅନେଇ ଠିଆ ହେବା ସୁଖ—କଣ ବୁଝିବୁ ତୁ ତହିଁରୁ ?

ସହରର ଆଲୁଅ ଝିଲ୍ ଝିଲ୍ ଦିଶୁଥିବ, ପିଠିଆଡ଼େ ସହରର କୋଳାହଳ, ସା'ନ ମଣିଷର ସ୍ୱପ୍ନ ଅଗଣିତ ମାଟି ଦୀପାଳି ପରି । ସାମ୍ନାରେ ଥିବ ନିର୍ଜନ ରାତିର ଅଜଣା ମୋହ, ଗୋଟାପୁଣା ବିସ୍ମୟ— ।"

ଅଘୋରବାବୁ ଆବୃତ୍ତି କଲା ପରି ଗାଇ ଯାଉଥିଲେ । ବାଧା ଦେଇ ମାନମୟୀ କହିଲା – "ଉହୁଁ—ହେଲ ନାହିଁ ।"

"କଣ ହେଲ ନାହିଁ ?"

"ତାଲ ରହିଲ ନାହିଁ । ତୁମ ତୁଣ୍ଡରେ ନିତାନ୍ତ ବିଚ୍ଛନ୍ଦ ଶୁଭୁଛି ।"

"ଛିକ୍—" ! ଅଘୋରବାବୁ ପଦାକୁ ମୋହିଁଲେ । ପଛଆଡ଼ୁ ମାନମୟୀ କହିଦେଇ ଗଲା—"ତମର ପ୍ରକୃତିକୁ ଦେଖିବାକୁ ହେଲେ, ଦେହଯାକ ବାହ୍ନା ଅନାଡ଼ ଦେଇ ପଦାକୁ ବାହାରିବା ଦରକାର ହୁଏ ସବୁବେଳେ ? ଏତେ ଶସ୍ତା ସେ !"

ଅଘୋରବାବୁ ଅନ୍ଧାରରେ ମିଶିଗଲେ । ଉପର ମହଲାକୁ ଚଢ଼ିଯାଇ ମାନମୟୀ ଝରକା ପାଖେ ତାଙ୍କ ଟେବ୍'ଲଇଟ୍ ଆଲୁଅର ବାଟ ନିଭା କଲା । ତା ପରେ ଦୀର୍ଘଶ୍ୱାସ ପକେଇ ବସିପଡ଼ିଲା । ପୁଣି ତଳକୁ ଓହ୍ଲେଇ ଯାଇ ହାର୍ମୋନିଅମ୍ ଖୋଲିଲା ।

ବୋଉ ଆସିଲେ । ପଚାରିଲେ—"ଜ୍ୱାଇଁ କାହିଁ ?"

"କାହିଁ, ମୋର କାନରେ ଗଣ୍ଠି ପକେଇ ନାହିଁ ତ—"

"ମାନେ—"

"ମତେ କାହିଁକି ପଚାରି ପଚାରି ବିରକ୍ତ କରୁ ତୁ କହିଲୁ ? ସେ ତାଙ୍କର ଦରକାରେ ବନ୍ଧୁ ସଙ୍ଗୋଳା ଗଲେ, ମୋ ମନାରେ କଣ ରହନ୍ତେ ?"

"ତ ଏଥିପାଇଁ ତୁ ବା ଏତେ ଛଲ କରୁଚୁ କହିଁକି ? କେବେ—ବୁଲିଯିବାକୁ ଏ ପାଗ ଠିକ୍ ନୁହେଁ । ବର୍ଷା ଦିନ । ଗାଡ଼ି ନେଇଛି ତ ?"

"ନା, ରିକ୍ସାକରି—"

Digitized by srujanika@gmail.com

ବୋଉ ହସିଲେ । କହିଲେ—"ତାଙ୍କ ବଡ଼ଭଣଙ୍କ ଲକ୍ଷଣ । ସବୁବେଳେ ଚଞ୍ଚଳ । ବାନ୍ଧିଲେ ବି ରହିବେ ନାହିଁ । ତା ବାପା କଣ କଲେ ଶୁଣ୍ । ରୁ ସେତେବେଳେ ପେଟରେ ଥାଉ । ବରଷା ହେଉ, ପ୍ରଚଣ୍ଡ ଶୀତ ହେଉ, ଦଣ୍ଡେ ବୁଲି ନ ଗଲେ ରାତ ହଜମ ହେବ ନାହିଁ । କଣ କଲେ ନା—"

ବୋଉ ଅତୀତର କାହାଣୀ ବାଢ଼ିବସିଲେ । ବର୍ଷା ରାତ ସ୍ମୃତିକୁ ମନ୍ଥି ପକେଇ ଲହୁଣୀ ଉଠାଏ । କଥା ମଝିରେ ଖିଅ ଭୁଲିଯାଇ କହିଲେ—"ଏ କଣ, ଧଡ଼୍ ଧାଡ଼୍ ପକାଉଛୁ; ତୋଫାନ ଉଠେଇଲଣି ନା କଣ ! ଅଘୋର କୁଆଡ଼େ ଗଲା ? ଭାରି ଅମାନିଆଟା—"

"ରୁ ଘରର ବାହାଘର କଣ ଦେ ବୋଉ । ଘରେ ଗପିବାକୁ, ଗପ ଶୁଣିବାକୁ ଲୋକ ଥିଲେ, ମଣିଷ ପଦାକୁ ଯାଏ ? ନିରୁପମା ଗଲା, ମନ ହେଲା ନାହିଁ । ପୁଣି ଖୋଜ ଖୋଜ ବାଛୁବାକୁ ବହୁତ ବେଳ ଯିବ । ମୋର ଭାଉଜ ଦରକାର । ନ ହେଲେ ମତେ ଭାରି ଏକୁଟିଆ ଲାଗୁଛି—"

ଉସ୍ତୁକ ହୋଇ ସେ ବୋଉ ମୁହଁକୁ ଅନେଇ ରହିଲା । ବୋଉ କେବଳ ହସିଲେ । ବାହାରେ ପୁଣି ଧଡ଼୍ ଧାଡ଼୍ ହେଉଛି, ଦୁମ୍ ଦୁମ୍ କୋଡା ଦେଉ । ବୋଉ କହିଲେ—"ଅଘୋର ଆସିଲା କି ?"

"ସେ ତ ବର୍ଷାତ କୋଡା ମାଡ଼ି ଯାଇଛନ୍ତି—।"

ପଦାକୁ ପାଟି ଶୁଭିଲା—"ଅଘୋର, ଅଘୋର—"

"ସୁରବାବୁ ଆସିଲେ ପରା—"

"ଭିତରକୁ ଆସିପାରେଁ କି ?—" କବାଟ ଠେଲି ଭିତରକୁ ପଶି ସୁରବାବୁ କହିଲେ—"ନମସ୍କାର ।"

ମାନମୟୀ କହିଲା—"ଓ, ତମେ ! ଭାଇ ତ ନାହିଁ । ଅଚ୍ଛା, ତୁମେ ପଚାରିଲ, ଭିତରକୁ ଆସିପାରେଁ କି; ଉତ୍ତର କଏ ଦେଲା ?" ସୁରବାବୁ ଠିଆ ଠିଆ । ତାଙ୍କର ଅପ୍ରସ୍ତୁତ ଭାବ ଦେଖି ବୋଉ କହିଲେ—"ଏଗୁଡ଼ା କଣ ଲୋ—କୋଉ ରାଜ୍ୟରେ ଅଛୁ ? ସୁର କଣ ଭିତରକୁ ଆସିବାକୁ ଅନୁମତି ମାଗିବେ ? ବସ ସୁର ।"

ମାନମୟୀ ରୁମାଲ ଭିଡ଼ୁଆଲରୁ ହସୁଥାଏ । କହିଲା—"ଅଚ୍ଛା, ତମ ମତରେ—"

Digitized by srujanika@gmail.com

ବାଧା ଦେଇ ବୋଉ କହିଲେ—"ଏମିତି ତମେ ତମେ କଣ ହଉଚ ? କଣ ମନେ ମନେ ଭାବୁଛୁ ଖାଲି ଭଲ ଶୁଭୁଛି, ନା ଧନକୁ ଧନ ପିଲାଟିଏ ହୋଇ ଯାଉଛୁ ! କହନ୍ତୁ ଆପଣ ?"

ମାନମୟୀ ଜିଭ କାମୁଡ଼ିଥିଲା । ତା ପରେ ହଠାତ୍ ଉଠି, ମୁହଁ ବୁଲେଇ ନେଇ କହିଲା—"ବେଶ୍, ଆପଣ । ଆପଣ ବର୍ତ୍ତମାନ ବସନ୍ତୁ । ଆପଣ ମା'ଙ୍କ ସାଙ୍ଗରେ ଗପ କରନ୍ତୁ, ମୁଁ ଟିକେ ଆସେଁ ।"

ସେ ଉଠି ଚାଲିଗଲା—ବୋଉ କହିଲେ—"ଦେଖିଲ, ଏତିକ ଛଳ ତା ଦେହରେ ! ଆଜିକାଲିକା ପିଲାମାନଙ୍କୁ ଆକଟିବାକୁ ବସିଲେ ତାଙ୍କର ରାଗ ହୁଏ; ନା କଣ କହୁଚ ପୁଅ ?"

"ଆଃ, କଣ ହେଲା ! ଆପଣ କଣ, ତୁମେ କଣ—?"

"ନା, ନା; କଥାଟା ହସି ଉଡ଼େଇଦେବା ମୋଟେ ଉଚିତ ନୁହେଁ । ଶାସ୍ତ୍ରରେ ଯେଉଁ ଆଚାର ଲେଖାଅଛି, ତା କଣ ମିଛ ? ତୁମେ ଦେଖ—"

ସୁରବାବୁ ଦେଖୁଥାନ୍ତି, ତୁମେ ଆପଣ ନେଇ ଦ୍ୱନ୍ଦ୍ୱ, ତା ପରେ ଶାସ୍ତ୍ର, ତା ପରେ ଆଚାର—କାଉଳା ବର୍ଷାପାଗ ପାଇଁ ମୋଟେ ସୁସ୍ୱାଦୁ ନୁହେଁ; କିନ୍ତୁ ଏ ସବୁ ବିଷୟରେ ତାଙ୍କ ଧୈର୍ଯ୍ୟ ଅମାପ ।

ତମା ତୁମେ ଆପଣ ବିଷୟରେ କିଛି ଦେଉଥାନ୍ତି ।

ଚିନ୍ତା ନାହିଁ, ଦିନ ନାହିଁ, ଅଭାବ ନାହିଁ, ସମୟର ମୂଲ୍ୟ ନାହିଁ ।

ତେଣୁ ତାଙ୍କର ସୁସଜ୍ଜିତ ବୈଠକଖାନାରେ ତର୍କର ବିଷୟବସ୍ତୁ ତୁମେ ନା ଆପଣ ।

"ଦେଖ, ଗୋଟାଏ କଥା ଲୋକେ ବାରମ୍ବାର ଭୁଲିଯାନ୍ତି । ତୁଣ୍ଡରୁ ଯାହା ଥରେ ବାହାରିଯାଏ, ଆଉ ତାକୁ ଫେରେଇ ଆଣି ହୁଏ ନାହିଁ—।"

ମାନମୟୀ ଆସୁଥିବ କାଳେ । ସୁରବାବୁ କହିଲେ—"କଣ ହେଲା, ଖାଲି ଗୋଟାଏ ସଂସ୍କାର ତ—"

"ସବୁ ସଂସ୍କାର ଶାସ୍ତ୍ରରେ ଅଛି । ସଂସ୍କାର ଭାଙ୍ଗିଲେ ଅପବିତ୍ରତା—"

ସୁରବାବୁ ଚମକି ପଡ଼ିଲେ । ପୋଷାକ ତଳେ ତଳେ ଝାଳ ଫୁଟିଯାଉଛି । ଆଶଙ୍କାରେ ମୁହଁ ଶୁଖେଇ, ଅପେକ୍ଷା କରି ବସି ରହିଛନ୍ତି । ମନ ଭିତରେ ବିକୁଳି ବେଗରେ ଚିନ୍ତା ।

Digitized by srujanika@gmail.com

ଅକସ୍ମାତ ମାନମୟୀ ଆସିଲା । ହାତରେ ଚା' । କହିଲା—"ଆପଣ, ଆପଣ ଚା' ?"

"ଖାଲି ଚା' କଣ ଆଣିଲୁ ଲେ—"

"ଖାଇବା, ଆବଶ୍ୟକ ହୋଇପାରେ ।" ପୁଣି ସୁରବାବୁଙ୍କ ଆଡ଼କୁ ଚା' ପାତ୍ର ବଢ଼େଇ ଧରି ମାନମୟୀ କହିଲା—"ଆପଣ ଚା' ?"

ପାଦୁକରେ ପାଦୁକ ଧରି ଦେଇଛୁ । ଉକ୍ତିମ୍ ନରମ ପାଦୁକ । କଥା କହୁଛୁ, ତୁମେ ଆପଣ ନାହିଁ । "ଧାତୁ, ଆପଣ କଣ ?" ସୁରବାବୁ ଧୀର ହୋଇ କହିଲେ ।

କଠିନ ଚାହାଣିରେ ବୋଉ ଆଡ଼କୁ ଅନେଇ ମାନମୟୀ କହିଲା—"ଶୁଣୁଚ, ବୋଉ, ଆପଣ ତାଙ୍କୁ ଭଲ ଲାଗୁ ନାହିଁ । 'ତୁମେ' ନ କହିଲେ ଚା ନେବେ ନାହିଁ, ଅଡ଼ି ବସିଛନ୍ତି ।"

ବୋଉ ହସିଦେଲେ । ସୁବିଧା ଦେଖି ମାନମୟୀ କହିଲା—ବୋଉ ତୁମକୁ ଅପେକ୍ଷା କରିଥିଲା, ଖାଇ ପାଇଁ ପାନୀ ଖୋଜିବାକୁ କହିବ ବୋଲି ।

"ସତେ ନା !"

"ସତେରେ ସୁର । ଖାଉଥିଲି ଯଦ ଭଲ ପାନୀଟିଏ ମିଳନ୍ତା—"

"ତେବେ ଆସନ୍ତା ବୈଶାଖ ଜ୍ୟେଷ୍ଠରେ—" ମାନମୟୀ କହିଲା ।

"ବାହାଘର କଥା ଏମିତ ହାଲୁକା ନୁହେଁ ଯେ, ହସରେ ଉଡ଼େଇ ଦେଉଛୁ । ହଉ ସୁର, ମୁଁ ଯାଏଁ; ଆଉ କେତେବେଳେ ଆସନ୍ତ ଯଦ ଟିକିଏ, କଥାଭାଷା ହୁଅନ୍ତେ ।" ବୋଉ ଉଠିପଡ଼ିଲେ । ସୁରବାବୁ ଉତ୍କଣ୍ଠିତ ହୋଇ କହିଲେ—"ଅଘୋର କେତେବେଳେ ଗଲାଣି ?"

ବୋଉଙ୍କୁ ଶୁଣେଇ ମାନମୟୀ କହିଲା—"ଆସୁଥିବ ଅଗଷ୍ଟ—" ସୁରବାବୁଙ୍କୁ ସିଧା ଚାହିଁ ଥରି ଥରି କହିଲା—"ବସ, ଯେମିତ କାହିଁ ହେଉଛ—"

ବୋଉ ଚାଲିଗଲେ ।

ସୁରବାବୁ ପାଖକୁ ଘୁଞ୍ଚି ଆସିଲେ । ମାନମୟୀ କହିଲା—"ହୃଦିଆର ସମ୍ଭାର ଭାଙ୍ଗିଲେ—"

□ □

Digitized by srujanika@gmail.com

ଅଣାଖାଣ

ପୁନ ବସିଥିଲା ।

ସମସ୍ତ ହେଲକୁ ମନେପଡ଼ିଲା ଗ୍ରୁଆଁକୁ—ସତେ ତ, କହୁଥିଲେ ସେ ଆସିବେ । ସନିଆ ଧର ହୋଇଗଲା, କେତେ କାନ୍ଦିଥିଲା ସେ । ବୁଦ୍ଧି ହଜିଗଲା । ତା ପରେ ତାର କରୁଣ ବ୍ୟକ୍ତିତ୍ୱଟାକୁ ଓଲଟେଇ ପୋଲଟେଇ, ଗଢ଼େଇ ଚଢ଼େଇ କେତେ ଯେ ବିପ୍ଳବ ! ହା-ହାକାର ନିରାଶା । ମା'ର ସାନ୍ତ୍ୱନା, ମୁଣ୍ଡ ଆଉଁସା, ଅଜସ୍ର ପ୍ରତିଜ୍ଞା ତାକୁ ବଳ ଦେଇପାରି ନାହିଁ । ବାରମ୍ବାର ସେହି ଦୃଶ୍ୟଟା ଆଖି ଆଗରେ ନାଚୁଛି—ସନିଆକୁ ଧରି ନେଇଗଲେ ।

ପୁନିର ଶୋକରେ ଜେମା କତର ଧରିଛି ।

ଅସରାକୁ ଅସରା ଲାଗିରହିଛି । ଅନ୍ଧାର ଘରେ ଦୀପ ନିଭିଛି ।

କାଲୁ ବେଳ ଆସି ପହଞ୍ଚିଗଲା । ଯେଉଁ ସୂକ୍ଷ୍ମ ଦେହଯନ୍ତ୍ର ମୁହୂର୍ତ୍ତିକୁ କସି ବେଲାରୁ ଉପୁଜାଇପାରେ ପୂର୍ବାଧାବାଧା ଅଭିଳାଷ—ଥରି ଉଠିଲା ସେ । ଘଡ଼ିକେ ସବୁ ଆନ ହେଲା । ରକ୍ତବିନ୍ଦୁର ସ୍ପନ୍ଦନରେ ତାର ପ୍ରତୀକ୍ଷାର ଆକୁଞ୍ଚନ ପ୍ରସାରଣ । ଲୁହରେ ଧୋଇ ସଜ ଘାସ ପରି ମନ ପ୍ରସ୍ତୁତ ହୋଇଛି । ଦୀପ ଜାଳିଲା, ପୁନ ସଜାଡ଼ି ହେଲା । ତରତରରେ ରନ୍ଧା ବସେଇ ଦେଇ ମା'କୁ ଉଠେଇ ଦେଲା । ପଦାକୁ ଆସିଲା ।

ସେମିତି ଝିଙ୍କାରି ମାଡ଼ ଶୁଭୁଛି । ସେମିତି ସବୁଦିନ ପରି ସାହିରୁ ହସ କାନ୍ଦ କଳିଆ । କଳା ପାଣି ପରି ଧାର ଧାର ହୋଇ ଅନ୍ଧାର ଗଳି ବୋହି ଯାଉଛି । ବୁଢ଼ ବୁଢ଼ ମଣିଷ ଶୁଉଛନ୍ତି ।

ଏହି ମୁହୂର୍ତ୍ତରେ ସନିଆ ମନେ ନାହିଁ । ସବୁ ଯାଇ ରହିଯାଇଛି ଖାଲି ତାର ଭେକ ସ୍ମୃତିପଥରେ । ପୁରୁଷ ପିଲା ସେ—କେବଳ ସେତିକ ।

ମୁହୂର୍ତ୍ତିକେ ସେ ରୂପ ବଦଳେଇଛି । ସନିଆ ବୋଲି ଥିଲା, ଅଯୋର ହୋଇ ଅଛି । ଉଦ୍ଦାମ ପ୍ରତୀକ୍ଷାରେ ପରିଚୟର ବିଶ୍ୱର ନାହିଁ ।

କାଏ ପରି କେବେ କହୁଥିଲା ସେମାନେ ଗରିବଙ୍କ ଶତ୍ରୁ, ସାହି ଭାଙ୍ଗି ଦେବାକୁ ପାଞ୍ଚ ଯୋଡ଼ୁଛନ୍ତି । ପୁଲିସରେ କହି ସମସ୍ତିଙ୍କି ଧ୍ୱେର କରୁଛନ୍ତି । କାଏ କହୁଥିଲା ପ୍ରକୃତରେ ଅଛୁଆଁ ହରିଜନ ସେମାନେ—ଦୌଲତଖାନାର କଂସେଇ ।

Digitized by srujanika@gmail.com

ନଅ ଦିନର ଚିନ୍ତା ଆଜି ମନେ ନାହିଁ, ଏ ବେଳରେ ମନେ ନାହିଁ ।

ଜେମା ଉଠି ଟୁପୁରୁ ଟୁପୁରୁ ହେଉଛି, ଦମ୍ଭ ଦେଉଛି—ଏବେ ଦୁଃଖ କାହିଁକି ଲୋ ଝିଅ, ସଜନଆକୁ କେଉଦିନ ରଖିବେ ? ଫେର୍ ଆସିବ ନାହିଁ କି ? ଏ ଥର ଆଇଲେ— ।

ମା ମନ । ଝିଅ ଝୁରି ଝୁରି ହାରିଯିବ କାଳେ—ଆହା !

ପୁନର ଭଣ୍ଡାରଜଳାରେ ଯାଉଛି ।

ମୁହୂର୍ତ୍ତି ଦୁଲୁକି ଦୁଲୁକି ପାଖକୁ ଆସୁଛି । ଗ୍ରୀବ ଭିତରେ ତାର ପରିଚୟ । କାହାର ଆଲୁଅ ଏ ବାଟେ ! ଝଣ୍ଟିକାଣ ମାରିଲା । କ୍ଷଣକ ପାଇଁ ଆପଣା ଉପରେ ଆଲୁଅ ଢାଳି ପୁଣି ଅନ୍ଧାର କରିଦେଲା ।

ଅସ୍ପଷ୍ଟ ହୋଇ ଦିଶୁଛି ତାର ଆକୃତି—ପିଣ୍ଡାତଳେ ହେଇ ସେଠି ଠିଆ ହୋଇଛି ।

“ପୋଖରିପାଣି ଆସେଁ, ବୋଉ—” ପୁନ କହିଦେଇ ଚଳି ।

ମୁହୂର୍ତ୍ତି ଓଟାରି ନେଲା । କହୁଥିଲି, ସେ ଆସିଛି ।

□ □

Digitized by srujanika@gmail.com

ପର୍ବ

ଚାତୁର୍ମାସ୍ୟା ସରିଥାଏ । ଶୁଖିଲ-ପାଟଳ ପାଗ ।

ବରଷାରେ ଗାଧୋଇ ସାରି ବଡ଼ ସୁନ୍ଦର ଅଶିନରେ ଶିଶିରଆ ସକାଳ ଝରିରେ ମୁକୁଳାବାଳ ଶୁଖୋଉଛୁ । ସୁନ୍ଦର, ସଜ, ପ୍ରଫୁଲ୍ଲ । ଖରାର ଧାସେ ଧାସେ ତେଜଉଠୁଛୁ ସେ । ମାଉଁସିଆ ହୋଇ ଗୋଲ ହୋଇ ତାର ମୁହଁ । ସେଠି ଥିଲବାଲାର ଦାମ୍ଭିକତା ।

ପରିଷ୍କାର, ପରିଛନ୍ନ । ଦମ୍ଭ କୋଠାର ଚକ୍‌କଣ ଚୂନ । ବଡ଼ ସଡ଼କର ଝେଲ୍ଲିପିଟା ପିଠି । ଗାଡ଼ି, ଘୋଡ଼ା ଚହଲମସ୍ତ ହୋଇ ମହାନଗରୀ ।

ନଈକୂଳେ ବୁଲୁଥାଏ ଜଣେ ବଙ୍କା ବୁଢ଼ାଲୋକ । ରହିଯାଏ ରହିଯାଏ ଟହଲ ମାରୁଥାଏ । ତା ପିଠିଆଡ଼େ ସରୁ ସରୁ ହାତ ଦୋ'ଟି ଛକ ପଡ଼ିଯାଇଛୁ । ହାତ ପାପୁଲି ଥରୁଛୁ । ମୁଣ୍ଡ ହଲାଏ, ଦାଢ଼ି ହଲାଏ । ସହରର ନଉଛଣା ମେହେନ୍ତରର ସାହି ଆଡ଼କୁ ଥରେ ଥରେ ଅନେଇଁ ଅନେଇଁ ଠିଆ ହୁଏ । ଅଣ୍ଟା ବାଙ୍କ ହୋଇଯାଏ । ଦାଢ଼ିର ଦାଢ଼ ଉହୁଙ୍କି ଯାଇ, ନିଶ୍ଚଳ ହୋଇ ଶୂନ୍ୟରେ ଆଙ୍କି ହୋଇ ରହେ । ଧମାବୁଢ଼ା ଭାବେ ।

କାହାର ଚୂଲଟା ଭ ପାଖରୁ ନଇଁପଡ଼ି ମନ୍ଦିରୁ ଭଙ୍ଗି ଦାନ୍ତ ନିକୁଟିଛୁ, କାହାର କାନ୍ଥ ଭୁଷୁଡ଼ିଛୁ, ଭିତରର ଗୁମର ଦିଶୁଛୁ—ଦୁଆରେ ହେଁସ, କତରା; ଚୂଲରୁ ଫଡ଼ା ଫଡ଼ା କନା । ଛିଣ୍ଡା ପିନ୍ଧା ହାଡ଼-ଚମଡ଼ାର ସ୍ତ୍ରୀଲୋକ ଗର୍ଜନ ଗ୍ରୁଡ଼ି ଧାଇଁଯାଉଛୁ ଲଙ୍ଗଳା ଅରଣା ପିଲା ଗୋଡ଼େ ଗୋଡ଼େ ।

ଛିଟ ଲୁଗା । ଖୋଲା ଦେହ । ଅଳିଆ ଗଦା ଗଦା ।

ଧକେଇ ଧକେଇ କାମୁଡ଼ା କାମୁଡ଼ି ହୋଇ ଧପାଉଛନ୍ତି କୁକୁର ପଲ । ଘେଉଡ଼ ପଡ଼ୁଛୁ ।

ଦୁଃସ୍ଥ ସହର ସହର ।
ସେଠି ବି ମଣିଷ ରହନ୍ତି, ଅବିକଳ ମଣିଷ ତ ।
କିନ୍ତୁ ସେମାନେ ସେଠି ଖାପନ୍ତି ନାହିଁ ।
କାହିଁ ଅଇଲା ଖେଞ୍ଚଡ଼ ଗ୍ରହଣୀ ପରି ।

Digitized by srujanika@gmail.com

ଗୁଅ କଡ଼ା ମଇଳା କଡ଼ା ଲୋକେ ।

ତଥାପି ତ ମଣିଷ ! ଧନୀବୁଢ଼ା ଦେଖେ—ଯାହାଙ୍କୁ ସେ ଆପଣାର କରି ଆବୋରି ନେଇଥିଲା, ଏକାଠି ଦିନ କଟେଇଥିଲା, ସୁଖରେ ଦୁଃଖରେ ଭାଗୀ ହୋଇଥିଲା । ଆଜି ବଡ଼ଲୋକର ହୁକୁମ୍, ତେଲିଆ ମୁଣ୍ଡର ନିଷ୍ପତ୍ତି ଯେ, ବସା ଭାଙ୍ଗିବାକୁ ପଡ଼ିବ । ଅବିନାଶବାବୁ ଜମିର ମାଟି କିଣି ନେଇଛନ୍ତି, ତେଙ୍ଗୁରି ପିଟା ହୋଇଛି । ମେହେନ୍ତରସାହି ଉଠିବ, ନାକଧରପୁର ନୂଆ ହେବ ।

ତ ସଙ୍ଗେ ସଙ୍ଗେ ଉଠିଯିବ ତାର ସାନ ଟୁଙ୍ଗୀଟି । ପୁଣି ଆଉ କେଉଁଠି ଛୁଇ ତଳେ ଗ୍ରୁଉଣି ପକେଇବ—କେଉଁ ଅଚହ୍ନା ଅପନ୍ତରା ସେ ସ୍ଥଳୀ । ଅଜଣା, ଅଶୁଣା ।

ସେଠି ହୁଏ ତ ମଇଳାଗୁଡ଼ର ଉଷୁମିଳିଆ ବୋତକା ଗନ୍ଧ ନ ଥିବ, ଶୁଭୁ ନ ଥିବ ମଶାଣିମୁହାଁ ଅହରହ ପଟ୍ଟାଶଙ୍କର ହରିବୋଲ, ହରିବୋଲ । ସେଠି ଏ ଅର୍ଦ୍ଧାଉଲିଆ ନ ଥିବ ହୁଏ ତ । ଏ ଦାରିଦ୍ର୍ୟ, ମଣିଷର, ତାର ବସତର ।

କିନ୍ତୁ ବୁଢ଼ାକାଳେ ଆଉ ଯୌବନ ଆସିବ ନାହିଁ । ଅସୁନ୍ଦର ପୁରୁଣା ଛବି ଆପଣାର ହୋଇଥିଲା । ଆୟୁଷରୁ ଫାଲେ ଏହି ମାଟିରେ ମିଶି ରହିଲା । ଅଜଣା ନୂଆ ଗ୍ରୁଉଁଣୀରେ ପୁରୁଣା ଜୀବନଟା ଖାଲି କଲବଲ ହେବ । ବୁଢା ହାଡ଼ରେ ନୂଆ ମାଟି ନେସିଦେଲେ ଝଡ଼ି ପଡୁଥିବ ବାରମ୍ବାର ।

ଗାଡ଼ି ପେଲି ପେଲି ମେହେନ୍ତର ବୁଲିଛନ୍ତି, ଗ୍ରୁଷ୍ପୁଣୀ, ଟୋକେଇ ବୋହି ମେହେନ୍ତ୍ରାଣୀ । ଧନୀବୁଢ଼ା ବାଟ ଓଗାଳେ । ବାରମ୍ବାର କହେ—"ଶୁଣିଲଣି ନା—!"

ବୁଝାଏ, ମନାଏ; କିନ୍ତୁ କାମିକା ଲୋକ ପାଟି କରି କରି ବୁଲିଯାନ୍ତି ।

ସବୁ କଥା ଭଣ୍ଡାରିଜଲା ବାଟେ ଉଡ଼ିଯାଏ ।

ପଛରୁ ବୁହିଁ ଥକ୍କା ହୋଇ ଧନୀବୁଢ଼ା ଅଟକି ରହେ ।

କଣ ସେ ବୁହିଁଥିଲା—ଏହି ଅଛୁଆଁ ମଜୁରିଆ ଏକାଠି ହୋଇଥାନ୍ତେ, ମେଣ୍ଟ ବାନ୍ଧ ଥାଟ ଗଡ଼ିଥାନ୍ତେ ଆପଣା ଦାବୀ ପାଇଁ । ଛପର ଉଡ଼ି ଯାଉଛି, ଘର ବୁଲିଯାଉଛି, ସାବକ ମାଟି; କିନ୍ତୁ ଲୋକଙ୍କ ସୃଷ୍ଟିବାଦୀ ବିଶ୍ୱାସ ହଲେ ନାହିଁ ବି ।

ଭବେ, ସେମିତି ଏମାନେ । ନଡଦନିଆ ମୁଣ୍ଡ, ପର ପାଇଁ ଯାହାଙ୍କ ଜନମ । ପର କୁହାରେ ପାଣି ବାଡ଼ୋଉ ବାଡ଼ୋଉ ଦିନ ବୋହିଯିବ । ନିଜ ପାଇଁ ଭାବିବାକୁ ତର ନାହିଁ ।

Digitized by srujanika@gmail.com

ଅଶିଣ ପୂଜା ଆସୁଛି । ସହରରେ ନୂଆ ମଣିଷ । ମଣିଷର ନୂଆ ଆଶା, ନୂଆ ପୋଷାକ । ସହରରେ ଫୁଲଫୁଲ ପକେଇବାକୁ ଦେଖି ଆସିବେ । ବର୍ଷକର ଶ୍ରେଷ୍ଠ ପର୍ବ । ଲୋକେ ଭୋଗ କରିବେ । କଳ୍ପନାକୁ ତେଜ ଧରି ପରର ଭୋଗ ଦେଖି ଖୁସି ହୋଇଥାନ୍ତା ନାକଧରିପୁର । ତେଙ୍ଗୁରି ପଡ଼ିଛି, ତାହ ଛୁଡ଼ିଯିବାକୁ ପଡ଼ିବ ।

ଧନୀବୁଢ଼ା ମନେ ମନେ ଅଭିମାନ କରେ—କଣ ହେବ ଭାବି ଭାବି ? ଏମାନେ ମାନିବେ ନାହିଁ କି ଶୁଣିବେ ନାହିଁ । ଆପଣା ସ୍ୱାର୍ଥ ବଞ୍ଚେଇବାକୁ ମଣିଷ ଯେଉଁ ବାଡ଼ ବୁଜିଛି, ଏମାନଙ୍କ ଆଖିରେ ସେ ଶାସ୍ତ୍ରର ନିୟମ । ହାତର ଶିଙ୍କୁଳି, ଗୋଡ଼ର ବେଡ଼ି ଯେପରି କି ଜନ୍ମଗତ ଅବସ୍ଥା !

ତଥାପି ସେ ପାଟିକରେ—"ଶୁଣିଲଣି ନା, ତମକୁ ତଡ଼ିଦେବେ । ତଣ୍ଟିଆ ମାରି ତଡ଼ିଦେବେ । ଭୂଇଁ କୁଆଡ଼େ ତାଙ୍କର, ଭୂମ ବସା କୁଆଡ଼େ ସେଠି ଅଲଆଗଦା । ଉଠେଇ ଦେବେ, ସଫା କରି ଦେବେ । କଣ କରୁଛ ତୁମେ ସେଥିପାଇଁ ?"

ପାଇଖାନା ପାଖେ, ମଇଲା ନାଳି ପାଖେ, ଲୋକଗହଳି ଭିତରେ, ପାନ ଦୋକାନ ଆଗରେ—ଜଳେଇ ଲାଗିଥାଏ ସେହି ଆନ୍ଦୋଳନ ଧନୀବୁଢ଼ା ।

ଧୀରେ ଧୀରେ । ଚୁପ୍ ଚୁପ୍, ଫୁସ୍ ଫୁସ୍ । ଅଳ୍ପ କହେ, ଲୋକଙ୍କୁ ଭାବିବାକୁ ଛାଡ଼ିଦିଏ । ଭିଣିଷ୍ଟିଗାହାନ ସାଧାରଣ ଚେହେରା ଉହାଡ଼ରେ ଆତ୍ମଗୋପନ କରି ଭୁଲି ଲାଗିଥାଏ ବିଦ୍ରୋହର ଆତ୍ମା ।

ଲହୁ ଲୁହ କୁଡ଼ୁବୁଡ଼ୁ ହରିଜା ଜୀବନର କାହାଣୀଟି ତାରି ଲମ୍ବି ଆସିଛି ଯେପରି କି ଠିକ୍ ଏହିପରି ମୁଣ୍ଡିମାରିବା ପାଇଁ । ସଂଘର୍ଷ ଡାକ ଦେଇଛି । ଆପଣାକୁ କଲେ—ସେ ପ୍ରସ୍ତୁତ ତ ?

ଦେଖେ ତାର ଦରିଦ୍ର ଆୟୁଧମାନଙ୍କୁ—ଗରିବଙ୍କ ଦଳ, ଆଶାକଳ୍ପନା ଥମ୍ବି ଯାଇଥିବା ମଣିଷଙ୍କ ଗୋଷ୍ଠୀ । ସେଠି ଯୋଜନା ପାଇଁ ମଗଜ ନାହିଁ । ପ୍ରତିରୋଧ ପାଇଁ ଦମ୍ଭ ନାହିଁ ।

ବଳ ନାହିଁ, ଉଦ୍ଦେଶ୍ୟ ନାହିଁ, ଏକତା ନାହିଁ, କିଛି ନାହିଁ, ତଥାପି ଯୁଦ୍ଧ କରିବାକୁ ହେବ ।

Digitized by srujanika@gmail.com

ଧର୍ମଗୁରୁଡ଼ା ଚେଣ୍ଡୁ ବୁଲବୁଲିକା ମଣ୍ଡି ବୁଣିଦଏ ।

ବେଳ ଗଲା । ଧୀରେ ଧୀରେ ଚହଳ କୁହୁଳିଲା । ସ୍ଥାନ ସ୍ଥାନ ଦଳ ହୋଇ ଆଲୋଚନା ପଡ଼େ । ଯୁକ୍ତି ନାହିଁ, ବସ୍ତାନ ନାହିଁ, କେବଳ ହାଉ ହାଉ । ଆହୁରି ଥରେ ଅବିନାଶବାବୁଙ୍କ ଡେଙ୍ଗୁରି ପିଟା ହୋଇଗଲା । ଓଳତଳେ ଲୋକ ପୁଞ୍ଜା ପୁଞ୍ଜା । କିଏ କଟାସମ୍ପା କରୁଛି, କିଏ ଦଇବକୁ ସାକ୍ଷୀ ମାନୁଛି । କିଏ ଆସ୍ଫାଳନ କରି ବୀରତ୍ୱ ବଖାଣୁଛି — ଛେଚ ଦେବ, କୁଟି ଦେବ, କାଟି ଦେବ ।

□ □

Digitized by srujanika@gmail.com

ଏକାବନ

ନଈ ବନ୍ଧେ ବନ୍ଧେ ଅନ୍ଧାର ରାସ୍ତା ଚାଲିଯାଇଛି ମଶାଣି ଅପନ୍ତରାକୁ, ଯେଉଁଠି ସେ ହଜିଛି । ଗଛ ଉଢ଼ୁଆଳରେ ତାର ଅବସ୍ଥିତ । ଅବୟବ ଆରୋପି ହୁଏ ନାହିଁ, କେବଳ ବୁଝି ହୁଏ – ସେ ଅଛି । ଛନ୍‌ଛନ୍ ପକ୍ଷୀ ରହୁଥାଏ ସେମିତ । ଆଶା, ଆକାଙ୍‌କ୍ଷାରେ ତାର ଶୀତଳ ବାଲିକଣା ଦୂରରୁ ନରେଖୁଥାଏ ସହରର ଛଇଛଟା । ଅନ୍ଧାରର ପୀଠ । ଜୀଅନ୍ତା ମଣିଷଙ୍କ ଇନ୍ଦ୍ରିୟ ଅନୁଭୂତରେ କେବଳ ଭୟର ରାଜନ । ପ୍ରେତର ବସା, ହାଡ଼ ଖପୁରିର ଖଣି । ଆଖିଦରଶା ମଙ୍ଗଳ ଯେଉଁଠି ସତ୍ୱ ହଜେଇଛି – ସହରତଳ ମଶାଣି ।

ସେହି ଆଡ଼େ ପୁନ ଚାଲିଥାଏ । ମଶାଣିର ଭସ୍ମଠୁ ବଳି ନଗ୍ନଟିଆ ନରୋଲା ସଙ୍କେତସ୍ଥଳର ମୋହ । ଓଟାଣ ହୋଇ ଚାଲିଛି । ବାଁ ଡାହାଣେ ଗଛ ଉପରୁ ଗଛ ପଛକୁ ରହିଯାଉଛି—ଥିଲି ଲୋକଙ୍କ ବିହ୍ୱଳ ଦୃଷ୍ଟିରେ ଯେଉଁଠି କେବଳ ନ ଥିଲି ମଣିଷଙ୍କ ବିକୃତ ଗ୍ରନ୍ଥ । ଶିଥିଳ ମନର ଅଲସ ଖିଅରେ ଅଡ଼ୁଆ ହୋଇ ଲାଗି ରହେ ଯେଉଁଠି ପରିସ୍ଥିତିର ସୂଚନା । କେଉଁଠି କଣ ହଲିଲି ପରି ଦିଶୁଛି । କଣ ଖସ ଖସ ହେଲି । ନ ଥିଲାର ଅଦେଖା ହାତର କରାମତି – ସେ ଅସୁନ୍ଦର, ସେ ବିଭତ୍ସ, ସେ ଭୟ ।

ଲୋକେ ସେଠିକି ସଂସାର ତୁଟେଇ ଆସନ୍ତି, ସେ ଚାଲିଛି ସଂସାର ପାତିବାକୁ । ଆସନ୍ତି ସେମାନେ ହୃଦୟ ଉଜାଡ଼ି, ନିଷ୍ପନ୍ଦ ହୋଇ ବନ୍ଧନ କଟେଇବାକୁ । ସେ ଚାଲିଛି ସଜୀବ ମରମର ସ୍ପନ୍ଦନରେ ଟଳମଟଳ ହୋଇ ।

ମୁହୂର୍ତ୍ତିକର ଶିଳ୍ପୀ—ପ୍ରସ୍ଥାପଣରେ ରାଣୀ——ତାର ଜୀବନ ପ୍ରଚୁର । ଅଘୋରବାବୁ ଆସିଲେ । ଅନ୍ଧାର ତାଙ୍କ ଭଦ୍ରତା ବଞ୍ଚେଇଛି । ହାତର ଟର୍ଚ୍ଚଲାଇଟ୍ ସତର୍କ କ୍ଷିପ୍ରତାରେ ଆବିଷ୍କାର କରିନେଲି, ବାଟ ସଫା ଅଛି ।

ମଶାଣି ଜାତି ମାନେ ନାହିଁ । ସମାଜର ଶିକୁଳି ସେଠି ଫିଟିପଡ଼ି କାହିଁ ବାଲିରେ ହଜେ । ସେ ଭଦ୍ରତା ମାନେ ନାହିଁ, ଶିଷ୍ଟାଚାର ବାଛେ ନାହିଁ ।

ସେହି ମଶାଣି ପଦାର ଗୁଁଧୁରଗନ୍ଧବୋଳା ପବନରେ ମିଶିଥିଲି ଜୀଅନ୍ତା ଦେହର ସୁବାସ । ମୂକ ଗ୍ରନ୍ଥ ଶୁଣିଥିଲେ ଜୀଅନ୍ତା ହସର ଶବ୍ଦ । ଶୀତଳ ବାଲିର ଜଡ଼ତାରେ ବିଚ୍ଛୁରିତ ହୋଇ ପଡ଼ିଥିଲି ତାରୁଣ୍ୟର ଚପଳତା ।

ମରଣର ଅନ୍ଧାରଘରରେ ଜୀବନର ଦୀପ ଉଲୁସି ଉଲୁସି ଜଳିଥିଲି । ମଶାଣି ହୋଇଥିଲି ଯୌବନର ତୀର୍ଥ ।

Digitized by srujanika@gmail.com

ବାବନ

ମେଞ୍ଚା ମେଞ୍ଚା ଲୋକ, ପଞ୍ଚା ପଞ୍ଚା ଲୋକ । ମୁହଁରେ ଶାନ୍ତ ନାହିଁ, ଆଖିରେ ଶଙ୍କା । ଅବିନାଶବାବୁ କୋଠା ଉପରୁ ଦେଖନ୍ତି । ହାଡ଼ସାହିର ଅରଣା ମଣିଷ ଜମେ ଭାରୁଛନ୍ତି; କିନ୍ତୁ ସେଥିରେ ସେ ବିସ୍ମିତ ହୁଅନ୍ତି ନାହିଁ, ବିରକ୍ତ ହୁଅନ୍ତି ।

ସେମାନଙ୍କ ମୁହଁରେ ସାରଳ୍ୟ ନାହିଁ, ସ୍ଥିର ଧୈର୍ଯ୍ୟ ନାହିଁ । ମୁହୂର୍ତ୍ତିକର ଉତ୍ତେଜନା, ବଳେ ନିଭିଯିବ । କେବଳ ଗୋରୁଗୋଠର ଏକତା, କୁକୁର ପଲର ଭୁହେଁ । ସେ ମେଣ୍ଟରେ ନାହିଁ ବେଗ କି ଗତି । ମାଡ଼ ଆସିବ ନାହିଁ, କାନ୍ଥକୁ ଆଉଜି ଆଢ଼େଇ ହୋଇ ରହିବ—ଶୈଳେନ୍ଦ୍ର-ଅବିନାଶଙ୍କ ଗୃହ ପଡ଼ିଲେ ବଳେ ଖଣ୍ଡ ବିଖଣ୍ଡ ହୋଇ ଫାଟିଫୁଟି ଯିବ । ଏ ବିଶ୍ୱାସ ଦମ୍ଭ ଦିଏ ।

ତଥାପି ଅବିନାଶବାବୁଙ୍କ ମନରେ ଏ ଅସ୍ୱସ୍ତି ।

ଘରେ ଇ ମନ୍ତ୍ରଣା ବସିଥାଏ । ରମା କହିଲେ—"କଣ ତୁମେ ସବୁ କରୁଛ, ଏତେଗୁଡ଼ାଏ ଟଙ୍କା ପାଣିରେ ପଡ଼ିବ ନା ?"

"କିଏ କହୁଚି ?"

"କହିବ ଆଉ କିଏ ! ତୁମର କାଢ଼ ତ ବେଶ୍ ଜଣେଇଁ ଜଣା । ବୋଉସାଟି ଆରମ୍ଭ କରିଦେଲ, ଅଇସ୍ଥ କେଁ ବେଲକୁ ନାଇଁ ! ସମସ୍ତେ ଡରରେ ଛୁନଆଁ ହେଇଯାଉଚ !"

ଅବିନାଶବାବୁ ହସିଲେ । କହିଲେ—"ଆମେ ଯଦି ଡରୁଚୁଁ ବୋଲି କହୁଚ, ତୁମେ ନିଜେ କଣ କରୁଚ କରୁନା—" ରମା କହିଲେ—"ମୁଁ ଯଦି ଅଣ୍ଡିରପୁଅ ହେଇଥାନ୍ତି, ଯାହା କରିବାର କରିଥାନ୍ତି ଯେ ! ଆମ ବାପା ଅଜା ଇଇତଙ୍କ ମେଲ ବହୁତ ଦେଖିଛନ୍ତି; ଦେଖି ଲୁହା ଜାଣି ପାଣି ଦେଇଛନ୍ତି । ତମ ପରି ଗାଲରେ ହାତ ଦେଇ ବସି ଭାଳେଣି କରି ନାହାନ୍ତି ।"

ମାନମୟୀ ତୁନି ହୋଇ ବସି ବୋଉକୁ ଅନେଇଁଥାଏ । ଭାବୁଥାଏ, ବୋଉ ଯଦି ପୁରୁଷ ହୋଇଥାନ୍ତା ! ଅଘୋରବାବୁ ବୋଉର ବକ୍ତୃତା ଉପଭୋଗ କରୁଥାନ୍ତି । ଏମିତି ବେଳେ ବେଳେ ତାର ତେଜ ଝଲସି ଉଠେ, ଆଭିଜାତ୍ୟର ଗୌରବରେ ସେ ଦୁଇଗୁଣ ଫୁଲିଯାଏ । ଅଘୋରବାବୁ ସମ୍ମାନିତ ହୁଅନ୍ତି ।

Digitized by srujanika@gmail.com

ଅବିନାଶବାବୁ ଶାନ୍ତ ହୋଇ କୈଫିୟତ୍ ଦେଉଥାନ୍ତି—"ରହି ଥା, ତୁମେ ବୁଝ । ଡରିବା କାହାକୁ ? ଥାନାରେ ଖବର ଦିଆ ହୋଇଛି, ସେମାନେ ସତର୍କ ଅଛନ୍ତି । ବେଶି ଗୋଳମାଳ କଲେ ଥଣ୍ଡା କରିବାକୁ ପ୍ରଚୁର ଶକ୍ତି ଅଛି, ଚଳେଇବାକୁ ଲୋକ ଅଛନ୍ତି କିନ୍ତୁ ହଠାତ୍ କରିଯିବ କଣ ? ତୁମେ ଶୁଅ ।"

"ଶୁଣିଲ ବେଳକୁ ମୁଁ । ନ ହେଲେ ଆଉ କିଏ ଶୁଣିବ ? ହଉ, ନାକରେ ତେଲ ପକେଇ ଥିର ହୋଇ ସବୁ ବସିଥାଅ, ମୋର କଣ ଯାଉଛି ? ଭଗାରି ବଲେ କହିବେ, ପେଲୁ ଧନ ବୋଲି ସିନା ସବୁ ଖାଏଁ ଖାଏଁ ଗଲା, କୋଉ ଗିରିମାଲ ହେଉଚି ! ହାଁସହାଁସିଆ ପଣରେ କିଣି ପକେଇଲେ ସବୁ, ସରଗକୁ ସିଢ଼ୀ କଲେ, ଶେଷରେ ଫୁସ୍—"

"ଓଃ, କିଛି ବୁଝ ନାହିଁ, ଖାଲି କହିଲେ କଣ ହେବ ? ସେମାନେ ମେଳି କରୁଛନ୍ତି, କରିବା ବି କଥା । ଥରେ ବସିପଡ଼ିଲେ ମଣିଷ ଉଠିବାକୁ ମନ କରେ ନାହିଁ । ଯା' କହିଦେଲେ କେହି ଘର ଛାଡ଼ି ପଳାଏ ନାହିଁ । ଖଣ୍ଡେ ଖଣ୍ଡେ ଚାଳିଆ ଥୋଇଦେଲେ ଜମି ଆପଣାର ହୋଇଯାଏ ନାହିଁ । ଏ କଥା ଯେତେ ବୁଝେଇଲେ ସେମାନେ ବୁଝିବାକୁ ନାରାଜ । ଆଇନ ଆମ ପକ୍ଷେ, ଆମର କାଗଜପତ୍ର ଅଛି, ଆମେ ମାଲିକ୍; କିନ୍ତୁ ସେ କଥା ବୁଝୁଚି କିଏ ? ତୁମେ କହିପାର, ମକଦ୍ଦମା କର—ସେଥିରେ କଣ ଅଳ୍ପ ପଇସା ସରିବ ! ରହ, ଥଏ ଧର; ତା ପାଇଁ ଅନ୍ୟ ବ୍ୟବସ୍ଥା କରିବା, ଉଚ୍ଛନ୍ନ ହେଲେ କଣ ହେବ ?"

ଯଶୋଦା ଆସିଲା । ଦୁଆରମୁହଁରେ ଠିଆ ହୋଇ କହିଲା—"ମା, ଆଜି ମେହେନ୍ତାଣୀ ଆସି ନାହିଁ ।"

"ଆସି ନାହିଁ କାହିଁକି ?"

"କାଲିଠୁ କହୁଥିଲା, ସାହିରେ ମନା ହେଉଚି; କେହି ଆସିବେ ନାହିଁ ।"

"ତାକୁ ତୁ କାଲି କହିଲୁ ନାହିଁ କାହିଁକି ?" ରମା ଗର୍ଜିଲେ ।

"ତାକୁ ତ କଷିକରି କହିଲି; କହିଲି—ଛତରଖାଇ ଯୋଗନୀଖାଇ, ମୋ ମୁହଁକୁ ଯାହା ଆସିଲା କହିଲି । କହିଲି, ତମର ଏତେ ଉଗୁରୁ ହେଇଯାଇଚି, ବାବୁଘର ଜାଗା ଛାଡ଼ି ବୋଲି ଧେଣ୍ଡୁରା ପିଟେଉଚନ୍ତି, ତମେ ଚକ୍ରି ନା ! କିଛି କହିଲା ନାହିଁ ସେ ଚୁଲୀପଶି, ଥିର ହୋଇ ଶୁଣିଗଲା । କହିଦେଇ ଗଲା: କାମ ବନ୍ଦ ।"

Digitized by srujanika@gmail.com

"ତୋ ମନୁକୁ ତୋ ପେଟ ଭିତରେ ରଖି ମରିଥିଲୁ କାହିଁକି ?" ରମା କହିଲେ, ଆତୁର ହୋଇ ଅବିନାଶବାବୁଙ୍କ ମୁହଁକୁ ଅନେଇଲେ । ଅଘୋରବାବୁ ମନକୁ ମନ କହିଲେ—"ଷ୍ଟ୍ରାଇକ୍ !"

"ହଁ, ଷ୍ଟ୍ରାଇକ୍ ।" ମାନମୟୀ କହିଲା, "ଏବେ ପରା ସେହି ସବୁ କଥା କହି, ପାଅ ଏ ଥର । ପାଇଖାନା ଭର୍ତ୍ତି ହେବ, ନାଳ ସଢ଼ିବ, ସ୍କୁଲ ନାଁ ଷ୍ଟ୍ରାଇକ୍ । ବହିର କଥା, ଭିତର କଥାର ପରୀକ୍ଷା-ପରଖି ବେଳ ଆସୁଛି । ଏଣିକି ଯେ ସମ୍ଭାଳ ।"

"ଆରେ, ଆଚ୍ଛା ବେକୁଫ୍ ତ ! ସେମିତି ବିଲେଇ ଭଳିଆ ଫେଁ କରି ଉଠୁଚୁ କାହିଁକି ? କଣ୍ଟାବାଡ଼ରେ ଲୁଗା ପକେଇ କଜିଆ କରୁଚୁ କାହିଁକି ? ଦେଖିଲୁ ବୋଉ—"

ଅବିନାଶବାବୁ ଉଠିଗଲେଣି ।

ବୋଉ କହିଲେ—"ଲଗା ନା ସେମିତି ।"

"ହଃ, ମୁଁ କଣ କହିଲି କି ? ସେ ବରିବର କହନ୍ତି ବୋଲି ମୁଁ କହୁଚି । ଏବେ ଷ୍ଟ୍ରାଇକ୍ ଷ୍ଟ୍ରାଇକ୍ ହୁଅନ୍ତି; ପ୍ରକୃତରେ ଷ୍ଟ୍ରାଇକ୍ ଆରମ୍ଭ ହେଲା, ସମ୍ଭାଳନ୍ତୁ ।"

"ଷ୍ଟ୍ରାଇକ୍ ! କିଏ କହୁଚି ? ମେହେନ୍ତାଣୀ ଦିନେ ଆସି ନାହିଁ ବୋଲି ? ଷ୍ଟ୍ରାଇକ୍ କଲା ପରି ଏଇମାନଙ୍କ ମୁହଁ ଦିଶେ ? ବଳେ ତାଙ୍କୁ ଅଟେଇ ନେଇ କାମ କରେଇବେ, ଛାଡ଼ିଦେବେ କିଏ ?"

ମାନମୟୀ ହସିଲା । କହିଲା—"ସେଇଆ କହି ଯେ, ତୁମେ ଏ ସବୁ ବାଜେ କଥାରେ ବିଶ୍ୱାସ କର ନାହିଁ । କେବଳ ସୌକ୍ ପାଇଁ କହିବୁକି; କାରଣ, ସେ ଏ ଯୁଗର ଫେସନ୍—"

"ଫେର୍—"

ଅଘୋରବାବୁ ରାଗି ଅନେଇଁଲେଣି । ମାନମୟୀ ମୁହଁରେ ଲୁଗା ମାଡ଼ି ହସୁଛି । ଅବିନାଶବାବୁ ଆସିଲେ । କହିଲେ—"କଣ ହେଲା ?"

ମାନମୟୀ କହିଲା—"ଭାଇ କହୁଥିଲେ କେତେ ଡେରି ହୋଇଯାଉଛି, ନ ହେଲେ ଏ ଅସନା ସାହି ଉଠିଯାଆନ୍ତା । ଖଢ଼ିଆ ମାଟିର ଢିପ ଉପରେ ଲଗାନ୍ତା ଗୋଲାପ ବଗିଚା । କୋଠା ଉପରୁ ଦେଖିଲେ କି ସୁନ୍ଦର ! ଫୁଲବଗିଚା, ତା ସେ

Digitized by srujanika@gmail.com

କରେ ଖୁସି । ସେ ପାଖେ ପୁରୁଣା ପୁରୁଣା ହୋଇ ପାଣି ଧାରୁଛିଏ । ଠିକ୍ ଯେମିତି ଝଣ୍ଡେ ଛକ ! ନୁହେଁ ଖାଲି ?"

ବାପା ଅଛନ୍ତି; ତର୍କ କରି ଫଳ ନାହିଁ । ଅଘୋରବାବୁ ବିରକ୍ତ ହୋଇ ଚାଲିଗଲେ । ଦାଣ୍ଡ ଦୁଆରେ ମଟର ଶବ୍ଦ ହେଲା । ଅବିନାଶବାବୁ ଘର ଭିତରୁ ପାଟି କଲେ—"ଦେଖ୍ ତ ଅଘୋର, ଶୈଳେନ୍ଦ୍ର କି ?"

"ହଁ, ହଁ, ଶୈଳେନ୍ଦ୍ର ।" ହସି ହସି ଶୈଳେନ୍ଦ୍ରବାବୁ ମାଡ଼ିଆସିଲେ । କହିଲେ—"କଣ ହୋଇଚ ତମର କହ ତ ! ହଠାତ୍ ଟେଲିଫୋନ୍‌ରେ ଯେପରି ଘୁନଆଁ ହୋଇ ଡାକ ପକେଇଲ, ବୁଝିଲି ଯେ, ବସିଲାଠୁଁ ଉଠି ଆସିବାକୁ ପଡ଼ିବ । ତା ପରେ ଦାଣ୍ଡ ଦୁଆରେ ପାଦ ନ ଦେଉଣୁ, ଭିତରୁ ଡାକ ଶୁଭୁଛି; ଯାହା ତୁମ ପକ୍ଷରେ ଏକଦମ୍ ଅସ୍ୱାଭାବିକ । କଣ ହୋଇଚ ତୁମର କହିଲ ! ଜଣାଯାଉଚି ଯେମିତି କି ତୁମ ସ୍ନାୟୁଗୁଡ଼ାକ ବିବାକ୍ ଟେକେ ରହୁଚ; କଥା କଣ ?"

ଅତି କୃତଜ୍ଞତାରେ ଅବିନାଶବାବୁ କଥା କହିପାରିଲେ ନାହିଁ ।

ଶୈଳେନ୍ଦ୍ରବାବୁ କେଡ଼େ ସୁନ୍ଦର ହସୁଛନ୍ତି । କେଡ଼େ ଧୀର, କେଡ଼େ ଅମାୟିକ । ଜଗଠି ଜଗର ବିଶ୍ୱାସ ପୂର୍ତ୍ତି ହୋଇ ପୁଣି ଘୃଣାଆଡ଼କୁ ଉଚ୍ଛୁଳ ପଡ଼ୁଛି । ଯେ ଦେଖିବ, ତାର ମଧ୍ୟ ଆସ୍ଥା ଅଟୁଟ ରହିବ । ସବୁ ସମସ୍ୟା ସାନ କରିଦେଇ, ହସିଦେଇ କହିଲେ—"କାହିଁକି ଡାକିଥିଲ ?"

"ନାଃ, ସେମିତି କିଛି ନାହିଁ, ଖାଲି ଏମିତି ଏମିତି ।" ସହଜ ଅବହେଳାରେ ସିଗାରେଟ୍ ଖଣ୍ଡେ ଓଟାରି ନେଲେ । ଆରମ୍ଭ କଲେ—"କଥା କିଛି ନାହିଁ, ଶୁଣ କହୁଚି—"ଚଷମା ଉଢ଼ୁଆଳରୁ ତୀକ୍ଷ୍ଣ ଦୃଷ୍ଟି ତାଙ୍କ୍ର ସଙ୍ଖୋଳି ନେଉଛି, କଳି ନେଉଛି । ଟେବୁଲ୍ ଉପରେ ହାତ ଭରା ଦେଇ ଶୈଳେନ୍ଦ୍ରବାବୁ ନିବିଷ୍ଟ ହୋଇ ଶୁଣୁଛନ୍ତି । ଏ ତାଙ୍କର ଗୋଟିଏ ବିଖ୍ୟାତ ଭଙ୍ଗୀ; ଯାହାକୁ ଦେଖିଲେ, ପେଟ ଭିତରେ ସାତ ମୁଦ ହୋଇ ଛପା ହୋଇ ରହିଥିବା କଥା ଆପେ ବାହାରିପଡ଼େ ।

ମଙ୍ଗଳାଚରଣ ଶେଷ ହୋଇଛି । ନାନ୍ଦୀ ଅନ୍ତେ ସୂତ୍ରଧାର ଆସିଲେ । ଅବିନାଶବାବୁ କହି ଲାଗିଲେ—"ଏଇ ହାଡ଼ିସାହି କଥା । ଯେତେ ବୁଝାଇଲେ, ଯେତେ ଲୋଭ ଦେଖାଇଲେ ସେମାନେ ଆଦୌ ଉଠୁନାହାନ୍ତି । ଧନୀବୁଢ଼ା ମେଳି କରିଛି । ଗୋଳମାଳ ହେବା ସମ୍ଭାବନା ।—"

ମସୁଧା ଚାଲିଥାଏ । ଅବିନାଶବାବୁ ସନ୍ଧା ନେଉଥାନ୍ତି ।

ଅଘୋରବାବୁ ପଦାରେ ବୁଲୁଥାନ୍ତି ।

Digitized by srujanika@gmail.com

ଘଣ୍ଟା ବାଜୁଛି । ବାହାରେ କେଡ଼େ ସୁନ୍ଦର ଖରା । ସାମ୍ନାର ଗୋଲ ଘାସ ଅଗଣାକ ଯେପରି କ ଖଣ୍ଡେ ପ୍ରକାଣ୍ଡ ନେଳି ରତ୍ନ ! ନିରୁପମା—ତାର କାନର ଝୁମ୍‌ପାରେ ସେ ନେଳି ପଥର ପିନ୍ଧେ । ଓସାର ପିଣ୍ଡାରେ ଆଙ୍କ ଆଙ୍କ ହୋଇ କୁଣ୍ଡ-ବଗିଚା । ନିରୁପମା ଏଇଠି ଠିଆ ହୋଇଥିଲା, ବିଦାହେଲା ସିଠାରେ । ନିରୁପମା ନାହିଁ । କେଡ଼େ ଚଞ୍ଚଳ ଏ ଖରା ମଉଳି ଆସୁଛି । କୁଣ୍ଡ-ବଗିଚାରେ ପତ୍ର ସନ୍ଧରେ ସନ୍ଧରେ ଛାଇ । କବାଟର କାଚ ଫାଳି ଉପରେ ବାହାରର ଦୃଶ୍ୟର ଛବି ଉଭୁଲିଛି । ଦୂର ଆକାଶ ସ୍ୱୃଣକରେ କାଠର ଫ୍ରେମ୍ । କେବଳ ଆଙ୍କି ହୋଇ, ସ୍ଥିର ହୋଇ ରହିଛି ସେ ଛବି । ଆଲୁଅ ନାହିଁ, ବସ୍ତୁତ ନାହିଁ । କେଡ଼େ ସାନ, କେଡ଼େ ମଳିନ ।

ଭିତରେ ବାପା ମନ୍ତ୍ରଣାରେ ନିରତ । ହାଡ଼ସାହି ଯିବ । ବଡ଼ ସହର ପରିଚ୍ଛନ୍ନ ହେବ, ସୁନ୍ଦର ଦିଶିବ । ନଈ କୂଳେ କୂଳେ ପବନ ଖାଇ ଗଲେ ଆଉ ନାକରୁ ଚପି ଧରିବା ଦରକାର ପଡ଼ିବ ନାହିଁ ।

ଆଲୁଅ ସବୁ ଆସୁଛି ଜଳ୍‌ଦି ଜଳ୍‌ଦି । ଗୃହୁଁ ଗୃହୁଁ ସଞ୍ଜ ବୁଡ଼ିଯିବ । ତା ପରେ ନିଘୁଟିଆ ନଈକୂଳେ ଦେହସପା ହୋଇ କାନପାଖେ କାହାର ଫୁସ୍ ଫୁସ୍—

"ସତେ କଣ ଆମର ବାସ ଉଠେଇବ, ନିଆଶ୍ରା କରିବ ବାବୁ ?"

ହାଡ଼ସାହି ଲୋକେ ଦଳଦଳ ହୋଇ କଣ ଖୁସୁରୁଫୁସୁରୁ ହେଉଛନ୍ତି । ଶୈଳେନ୍ଦ୍ର ବାବୁଙ୍କ ପ୍ରସିଦ୍ଧ ଗାଡ଼ିକୁ ବାଟରେ ଅଟକାଇ ଥିବେ ହୁଏ ତ; ଅଥବା ତାଙ୍କଠୁଁ ପ୍ରଣିପାତ ନମସ୍କାର ପାଇଥିବେ । ଗାଡ଼ିରେ ଗଲାବେଳେ ଦୁଇ କରକୁ ମୁଣ୍ଡ ଛୁଆଁଇ ଜନତାଙ୍କ ସମ୍ବର୍ଦ୍ଧନା ସ୍ୱୀକାର କରିବା ତାଙ୍କର ମହତ୍ତ୍ୱ । ବିଶ୍ୱାସର ଭୂମି ସେ ।

ଦଳ ଦଳ ଲୋକ କଟମଟ କରି ଅନେଇଁ ଅନେଇଁ ଯାଉଛନ୍ତି । ଗୃହାଣୀ ତ ନୁହେଁ, ଗହଳିଆ ନିଆଁର ତାଉ ଧାସ । ମୁରୁକୁଟିଆ ଦାଢ଼ିଆ ବୁଢ଼ାଟା ସବୁବେଳେ ପଇଁତିରି ମାରି ବୁଲୁଛି । ଅମ୍ଳାନ ପବନରେ ଅଶାନ୍ତିର ବାଲି ରେଗେଡ଼ା । ଅନେଇଁଲେ ଆଖିରେ ଖେଣ୍ଟା ଲାଗେ ।

ଆଖି ବୁଜିଦେଲେ ଭଲେ ଦିଶେ । ପୂଜାର ମୋହ ମଣ୍ଡିହୋଇ ତଟା ଫୁଟା ମେଳେଇଆ ବସ୍ତିଟା ଦିଶେ କେଡ଼େ କରୁଣ । ସହାନୁଭୂତ ଆସେ; କିନ୍ତୁ ସେ ଖାଲି ହୃଦୟର କଥା ।

ନା, ମନ୍ତ୍ରଣା ସରି ନାହିଁ । ଟହଲିବାକୁ ପଡ଼ିବ, ଅପେକ୍ଷା କରିବାକୁ ପଡ଼ିବ—କଣ ବାପାଙ୍କର ନୂଆ ଫର୍ମାସି !

☐ ☐

Digitized by srujanika@gmail.com

ତେପନ

ପିଣ୍ଡାରେ ପଖାଳ-କଂସା ପାଖେ ପୁନ ବସିଥାଏ । ରଙ୍ଗ ଆସିଲା, ଟଙ୍କ ଆସିଲା । ଡାକଲେ—"ବସିଚୁ କଣ ଲୋ, ସଭାକୁ ଯିବୁ ନାହିଁ କି ?" ଘର ଭିତରୁ ପୁନବୋଉ ପାଟିକଲା—"ବସି ବସି ଖାଉ ଥା ପୁନ, ଶୁଖୁଆ ପୋଡ଼ା ନଉଚ ।" ଖଣ୍ଡିଆ ପିଆଜରୁ ପୁନ ପୁଲାଏ କାମୁଡ଼ି ଦେଲା, ଲୁଣ ଦୋଟି ଚୋକିଲା । ଅନେଇଁଲା ରଙ୍ଗ ମୁହଁକୁ, ଟଙ୍କ ମୁହଁକୁ । ସେମାନେ ବେଶ ହୋଇଛନ୍ତି, ସୁନ୍ଦା ଚକ୍‌କଣ ହୋଇ ପଣ୍ଟ ହୋଇଛୁ, କପାଳ ତେଲ ସରସର । "ହେ କଣ ହେଉଚ ଲୋ ?"

"ମଲା, ବସି ଗ୍ରୋପଣ ହଉଚ ! ଯାତ ଦେରେ ଲୋକ ଆଟପଟାଳି, ଏତେ ବଡ଼ ସଭା, ବସି ବସି ଗେଙ୍ଗା ମାରୁଚୁ; ସଭା ଦେଖି ଯିବୁ ନାହିଁ ?"

ଛିଣ୍ଡା ମଇଳା ଖଣ୍ଡେ ପିନ୍ଧି, ଶୁଖୁଆ ପୋଡ଼ା ମୁଠେଇ, ହାତ ଗ୍ରୁଣ୍ଟି ଗ୍ରୁଣ୍ଟି ପୁନବୋଉ ଆସିଲା । କହିଲା—"ଉହୁ; କେତେ ଘାଏଁ ତାଡ଼ଚ— !"

ରଙ୍ଗ, ଟଙ୍କକୁ ଦେଖିଲା, ସଭା ନାଁ ଶୁଣିଲା । ମୁହଁ ବଟକଟେଇ, ଖଟେଇ ହେଲା ପରେ କହିଲା—"ହେ ସଭା ! ମଲା ମୋ ! ମଣିଷଙ୍କ ଭେକ ସରୁ ନାହିଁ, ହକର ହକର ହେଇ, ଯାନ୍ତି ସଭା ଦେଖିବାକୁ । ବ'ଲୋ ରୁ ଥିର ହେଇ । ସେତକଯାକ ସବୁ ସାରବାକୁ ପଡ଼ିବ । ରୁ କ ପାଇବୁ ଲୋ !"

"କଣ ହେଲା ମାଉସୀ, ଚଢ଼ୁଚ କାହିଁକି ?" ରଙ୍ଗ କହିଲା, ଆମ ପେଇଁ ସଭା ହଉଚ, ଆମେ ଯିବୁ ନାହିଁ ?"

"ଆମ ପେଇଁ ! ତୋଲା ଲୋଉଟେଇ ଜେମା କହିଲା—"ଭଲ ଲୋ ଆମ ପେଇଁ—ଗେଲବସର ! କାହାର ସାଆନ୍ତ ଚକୁଳି ହେଲେ ଆମର ତଉଦ ତେଁ । ଆମର ପେଇଁ ସଭା ବସିଚ ? ଢ ଦନ ହେଲା କାମ ବନ୍ଦ, ପଇସା ମାଟି । କଏ ଆଉଚ ଘର ଭର୍ତ୍ତିକରି ଦବାକୁ ?"

"ସେଇଥିପେଇଁ ତ ସଭା ବସିଚ ମାଉସୀ ।" ଟଙ୍କ କହିଲା, "ଘରେ ଗାଉଁ ଗାଉଁ ହେଲେ କଣ ହବ, ଚାଲୁନୁ, ଯାହା କହିବାର କଥା ସେଠି କହିବୁ ! ଦେଖିନୁ କେତେ ଲୋକ ଗଲେଣି—"

"ହଁ ଲୋ, ସବୁ ଏଇ ବାଟେ ଲୋ, ସବୁ ଏଇ ବାଟେ । ହେ ପୁନ, ସେମିତି ତରବର ହେଉଚୁ କାହିଁକି ? ଚଂ ଚଂ ହ'ନା, ବସି ବସି ଖା ।"

Digitized by srujanika@gmail.com

ପଦ୍ମବୋଉ ଆସିଲା, ଦୁଆରେ ଅଣ୍ଟା ଭିଡ଼ି ଠିଆ ହେଲା । କହିଲା, "ଏ ତେମେ ସଭିଙ୍କୁ ଯିବ ନାହିଁ କି ?"

ଗଳି ବାଟେ ଦଳେ ପାଟି କରି କରି ଗଲେ—"ଭିଟା ଛାଡ଼ିବୁ ନାହିଁ, କେବେ ଛାଡ଼ିବୁ ନାହିଁ । କେମିତି ଉଠେଇବେ ଦେଖିନବା—"

ପୁନି ଉଠି ପଡ଼ିଲା ।

କଜଳମତି ଆସିଲା । ତାର ସବୁଠୁ ଭଲ ସାଜ ବାହାର କରିଛି । ଡାକିଲା—"ପୁନି, କଲେ, ଏଠି ସବୁ ଠିଆ ହେଇ କଣ କରୁଚ ?"

ପୁନି ଟାଉ ଟାଉ କରି ଲୁଗା ପାଲଟି ପକାଇ ପଦାକୁ ବାହାରିଲା । ଅଗଣାରେ ଗେଣ୍ଡୁଫୁଲ ବୁଦାଟିଏ । ତରତର ହୋଇ ଠୋ ଠା କରି ଫୁଲ ପୁଞ୍ଜାଏ ଛିଣ୍ଡେଇ, ମୁଣ୍ଡରେ ଖୋସି ଖୋସି କହିଲା—"ବୋଉ, ମୁଁ ଯାଉଚି—"

"ଯା ଲୋ ମା, ସମସ୍ତିଙ୍କୁ ତ ବାଇ ଲାଗିଚି; କହିବି କାହାକୁ ? ଫେର୍ ଦେଖିବ ନାହିଁ--ବୁଝିବ ମୋ କଥା ଯେ, ସତ କି ମିଛ ।"

ଦୁଆରେ ଠିଆ ହୋଇ ପଦ୍ମବୋଉ ପାଟି କରୁଚି—"ହେ, ତେମେ ଯିବ ନାହିଁ ସତେରେ !"

ପୁନି ହାତ ଦେଖାଇଲା, "ଦେଖ୍ ବୋଉ, ଚେମା ବି ଯାଉଚି—"

କୁଷ୍ଠରୋଗୀ ଚେମା ଖଲେଇ ଖଲେଇ ଚାଲିଥାଏ । ତୁଣ୍ଡରେ ସେହି ପାଟି—"ଭିଟା ଛାଡ଼ିବୁ ନାହିଁ ।"

"ହଁ ଲୋ, ଧନୀବୁଢ଼ା ଗଦ ଶୁଙ୍ଘେଇଚି । ଆସିବେ ଯେ ଠେଙ୍ଗା ଧରିକି, ମୁଣ୍ଡ ଫଟେଇବେ । ଯାଅ, ତମରି ତମେ ପାଇବ; ମୋର କଣ ଯାଉଚି ।"

"ଆ' ମୁଁ ବୋଉ—!"

"ଯାଅ, ଯାଅ । ସଭାରେ ମିଠେଇ ବଣ୍ଟା ହବ, ମୋ ପାଇଁ କି ଆଣିବୁ ପଛେ ।"

ସଭାରେ ପହଞ୍ଚିଲାବେଳକୁ ସଭାସ୍ଥଳୀ ଲୋକାରଣ୍ୟ । ଖଟ ଉପରୁ ଶୈଳେନ୍ଦ୍ର-ବାବୁ ପାଟି କରୁଛନ୍ତି—"ଶୁଣ, ଶୁଣ, ଗୋଳମାଳ କର ନାହିଁ । ମୋ କଥା ଶୁଣ ।"

Digitized by srujanika@gmail.com

"ଆଉ କଣ ଶୁଣିମୁଁ ବାବୁ ଆପଣଙ୍କ କଥା ! ଆପଣ ଆଜ ତାଙ୍କର ହୋଇ କହିବାକୁ ଆସିଛ ଯେ, ସୁନାପୁଅ ପରି ଘରଦୁଆର ଛାଡ଼ି ଦେଇ ଉଠିଯାଅ ଆଉ କୋଉଠିକି । ଗଛତଳେ ପଡ଼, ଯୁଆଡ଼େ ପାରି ସିଆଡ଼େ ଯାଅ । ସେ ସେଠି କୋଠାବାଡ଼ି ତୋଳନ୍ତୁ—"

ଧମାବୁଢ଼ା ଗର୍ଜୁଥାଏ । ଗୃହଆଡ଼ୁ ତାର ପ୍ରତିଧ୍ୱନି—"ଜିହ ଛାଡ଼ିବୁ ନାହିଁ, ଘର ଛାଡ଼ିବୁ ନାହିଁ— "

ଦଳେ ଶାନ୍ତିରକ୍ଷକ ପାଟି କରୁଥାନ୍ତି—"ବସ, ବସ, ବସ, ବସ - "

ଶୈଳେନ୍ଦ୍ରବାବୁ ପୁଣି ଚିତ୍କାର କଲେ । ଏଥର ତାଙ୍କର ସ୍ୱର କୋହରେ କୋହରେ ଅଧାରୁ ଭାଙ୍ଗିପଡ଼ିଲା । ବଡ଼ ସହରର ସେହି ଚିରପରିଚିତ ଆବେଗମୟ କଣ୍ଠରେ କହିଲେ—"ଭାଇମାନେ—"

ଲୋକେ ତୁନି ହେଲେଣି । ଜଣେ କିଏ ଟିଲ୍ସଟିଏ ବଢ଼େଇଦେଲେ । ସେଥିରୁ ଟୋପିଏ ପିଇ, କରୁଣ ମୁହଁରେ ବିଷାଦର କାହାଣୀ ଢାଳିବାକୁ ବସିଲା ପରି ଶୈଳେନ୍ଦ୍ରବାବୁ କହିଲେ—"ଭାଇମାନେ, ଯୁଗ ସନ୍ଧିଘଡ଼ିରେ ଆଜି ଏ କଣ ଦେଖୁଛୁ ! ଏ କଣ ଶୁଣୁଛୁ ! ହୃଦୟ ଭାଙ୍ଗିପଡ଼ୁଛି । ମୋ ଉପରେ ତୁମର ବିଶ୍ୱାସ ନାହିଁ ! କାହା ପାଇଁ ତେବେ ମୋର ଦେହର ପ୍ରତ୍ୟେକ ରକ୍ତବିନ୍ଦୁ ଏହି ଭୂଇଁରେ ଢାଳିଦେଇ ବସିଲି ? କାହା ପାଇଁ ଗ୍ରସ୍ତାଏ ଗ୍ରସ୍ତାଏ ବୁଲି, ଚିତ୍କାର କରି କରି ମୋର ଗଳା ବସିଗଲା ? ଆଜି ମୁଁ ବୁଝୁଚି, ଏହି ଇଂରେଜଙ୍କରେ ଗ୍ରବଣ ପରି ମୋର ନଅଟା ମୁଣ୍ଡ ଆହୁତି ଦେଇ ସାରି ବୁଝୁଚି, ମୋର ଏ ତପସ୍ୟା ବୃଥା, ମୋର ବଳିଦାନ ନିରର୍ଥକ, ମୋର ଏ ତ୍ୟାଗର ମୂଲ୍ୟ ନାହିଁ । କାରଣ—କାରଣ ମୋଠିଁ ମୋ ଭାଇମାନଙ୍କର ବିଶ୍ୱାସ ନାହିଁ । ମୁଁ ପର । କହ, ଭାଇମାନେ, ମୁଁ କଣ ପର ? ମୁଁ କଣ ପର ?"

କିଏ କେଉଁଠୁ ପାଟିକଲା—"ନା, ନା—" କେଉଁ କଣରୁ କିଏ ତାଳି ମାରିବା ଆରମ୍ଭ କରିଦେଲା । ଏକାଠି ସମସ୍ତିଙ୍କ ମୁହଁରୁ ପ୍ରତିବାଦ—"ନା, ନା—" ସମସ୍ତିଙ୍କ ହାତରେ ତାଳି ।

ଶୈଳେନ୍ଦ୍ରବାବୁ ଭିଡ଼ ଉପରେ ଥାଇ ମୁଣ୍ଡ ନୁଆଇଁ ଦେଲେ, ଜନତାଙ୍କ ଅଭିନନ୍ଦନ ଗ୍ରହଣ କଲା ଭଙ୍ଗୀରେ । ଗଦ୍‌ଗଦ ହୋଇ କହିଲେ, "ମୁଁ ଜାଣେ, ମୋଠିଁ ମୋ ଭାଇମାନଙ୍କର ବିଶ୍ୱାସ ଅଛି । ଏହି ମାଟିରେ ମୋ ଦେହ ଗଢା, ଏହି ମାଟିକୁ ମୁଁ ଆପଣାର କରିଛି । ଶେଷରେ ଯେଉଁ ଦିନ—ମୋର ଭାଇମାନଙ୍କ ସେବା

Digitized by srujanika@gmail.com

କରୁ କରୁ ଏହି ଦେଶର ମାଟିରେ ମୋର ଦେହ ଝଡ଼ିପଡ଼ିବ; ଜାଣିବି—ଜାଣିବି ସେ ଦିନ ସୁଦିନ ମୋର— ।"

ପୁଣି କଏ ତାଳି ଆରମ୍ଭ କଲାଣି । ତାଳି ଉପରେ ତାଳି ବର୍ଷି ଲାଗିଛୁ । ଶୈଳେନ୍ଦ୍ରବାବୁ ବକ୍ତୃତା ଦେଉଛନ୍ତି । କେତେ କଥା ସେଥିରେ—ଦେଶ-ବିଦେଶର କଥା, ବିପଦ-ଆପଦର କଥା, ଆପଣାର ପର ସବୁ କହି ଯାଉଛନ୍ତି । ତାଙ୍କର କଥାରେ ବଡ଼ ସହରରେ କମିଆଁ ଲାଗେ । ସେହି ସେ ଯାଦୁକର । ସୁନା କାଠି ଛୁଇଁ ଜିଆଇ ଦେଉଛନ୍ତି, ରୁପାକାଠି ଛୁଇଁ ମାରି ପକାଉଛନ୍ତି । କାଉଁରିହାଡ଼ ଛୁଇଁ ଶୁଆଇ ପକାଉଛନ୍ତି ନିଘୋଡ଼ ନିଦରେ ଜନର ଚେତନାକୁ । ଭୋଜବିଦ୍ୟାରେ ସବୁଦିନ ପରି ଆଜି ବି ଝାଳୁଆ ଗଜୁରୁଛି, ଆମ୍ବଗଛ ଠିଆ ହେଉଛି, ବଢୁଛି, ଚଣା ଫୁଟୁଛି; ଗୃହୁଁ ଗୃହୁଁ ପାଚଯାଇ ଝୁଲିପଡ଼ୁଛି ପେଣ୍ଡି ପେଣ୍ଡି ହୋଇ ଲେମ୍ବୁ । ଧୂଡ଼୍କ ବଜୋଉଛି, ବାଉଁଶବାଣୀ ନଚ୍ଚୋଉଛି, ଭାନୁମତୀ ପେଡ଼ିରେ ପଶିଛି; ସଭାସ୍ଥଳୀ ମୁଗ୍ଧ ।

"ଭାଇମାନେ—" ବୀଣା ପରି ସ୍ୱର ଉଦ୍‌ବୋଧୁଛି । "ତେବେ ତୁମର ଆପତ୍ତି ଆଉ କଣ ? ଏଠି ଯକାଯକ ହୋଇ ପଡ଼ିରହିବା ଅପେକ୍ଷା ଅନ୍ୟଠି ଫାଇଫାଲ ଦେଖି, ପରିଛଳ ଦେଖି, ଫରକଟେଇ ହୋଇ ରହିବା ଯଥେଷ୍ଟ ଭଲ । ସହରର ସ୍ୱାସ୍ଥ୍ୟ କଣ ତୁମର ସ୍ୱାସ୍ଥ୍ୟ ନୁହେଁ ? କେତେ ଟଙ୍କା ଖରଚ ହୋଇଆନ୍ତା, ଜଣେ ଯଦି ଦେବାକୁ ମଙ୍ଗିଛି, ତାକୁ ବାଧା ଦେବା କାହିଁକି ? ଏ ତ ତୁମର ହିତ କଥା, ଏଥିରେ ତୁମେ ଅଡ଼ିବସୁଛ କାହିଁକି ? ଏହି ସଂକୀର୍ଣ୍ଣ ଜାଗାରେ ସବୁଦିନେ କଣ ତୁମେ ପଡ଼ିରହିଥାନ୍ତ ! ତୁମର ଏଠି ନିଶ୍ୱାସ ବନ୍ଦ ହୋଇଯାଉଛି, ହାତ ଗୋଡ଼ ଖେଳେଇ ପାରୁ ନ—"

ଭିଡ଼ ଉପରେ ଶୈଳେନ୍ଦ୍ରବାବୁଙ୍କର ନିଶ୍ୱାସ ବନ୍ଦ ହୋଇଯାଉଛି । ଛଟପଟ ହେଉଛନ୍ତି । ଆଉ ଟୋକେ ପିଇ ପୁଣି କହିଲେ—"ତୁମର ଭଲ ପାଇଁ ମୁଁ କହୁଚି, ଏ ସୁବିଧା ଛାଡ଼ ନାହିଁ, ଏ ଲାଭ ଛାଡ଼ ନାହିଁ । ଅବୁଝା ହୁଅ ନାହିଁ ଭାଇମାନେ, କଥା ବୁଝ । ତୁମେ ଆଜି ଅନ୍ୟାୟ ଦାବୀ ଧରି ଅଡ଼ିବସିଛ । ଅନ୍ୟାୟ ଦାବୀ ପାଇଁ ତୁମେ ଜଗତର ସହାନୁଭୂତି ପାଇ ପାରିବ ନାହିଁ । ଜମି ତୁମର ନୁହେଁ, କେତେ ଦିନର ପାଇଁ କୁଡ଼ିଆ ଖଣ୍ଡିଏ ଲେଖାଁ, ସେତିକରେ ତୁମର ଅଧିକାର । ସେତିକ ସ୍ୱାର୍ଥ ପାଇଁ, ଅନ୍ୟର ବୃହତ୍ତର ସ୍ୱାର୍ଥ ଧ୍ୱଂସ କରିବା ପାଇଁ କାହାରିକୁ ଅଧିକାର ଦିଆଯାଇ ପାରେ ନାହିଁ । ଆଇନରେ ତୁମର ଜୟ ନାହିଁ, ଲୋକମତ ଅନୁସାରେ ତୁମର ଜୟ ନାହିଁ । ସଂଘର୍ଷ ଉପୁଜାଇଲେ ତୁମର ସମୂହ କ୍ଷତି । ଅତଏବ—"

Digitized by srujanika@gmail.com

ଶୈଳେନ୍ଦ୍ର ବାବୁ ବକ୍ତୃତା ଶେଷ କରୁଥାନ୍ତି, ଗମ୍ଭୀର ହୋଇ ଉଚ୍ଚାରଣ କଲେ—"ଅତଏବ ଏ ମେଳ ଭାଙ୍ଗି ଦିଅ । ଅନର୍ଥକ ଏ ଗୋଷ୍ଠୀ ଗୋଷ୍ଠୀ ଭିତରେ ଯୁଦ୍ଧର ଅବସାନ ହେଉ । ଏ ଆନ୍ଦୋଳନ ତୁଟାଇ ଦିଅ, ଏ ଧର୍ମଘଟ ଶେଷ ହେଉ । କାଲିଠାରୁ ପୁଣି ତୁମେ କାମକୁ ଯାଅ । କାମ ନ କଲେ ମୂଲର ଟଙ୍କା ନଷ୍ଟ । ଯେଉଁପରି କାମ କରୁଥିଲ, ସେହିପରି କର । ଆଉ, ଯେତେ ଚଞ୍ଚଳ ପାରୁଛ ସୁବିଧା କରିନେଇ ନୂଆ ସ୍ଥଳକୁ ଉଠି ଯାଅ । ମନରେ କିଛି ସନ୍ଦେହ କର ନାହିଁ । ତୁମର ସବୁ ଦାବୀ ନ୍ୟାୟ ଅନୁସାରେ ମେଣ୍ଟାଇ ଦେବାକୁ ଆମେ ଅଛୁଁ ।" ପୁଣି ଘନ ଘନ କରତାଳି ।

ପୁନି ଅନୁଭବ କଲି, ଜଣେ କିଏ ତାର କାନ ଧରି ଓଟାରୁଛି । ରଙ୍ଗ ନାହିଁ, ଟଙ୍କା ନାହିଁ । ମୁହଁ ବୁଲେଇ ହସିଦେଇ କହିଲି—"ରଇଥା ବା—ଫେର୍ କଣ ହଉଚ— ।" ଜଣେ କିଏ ଅଚହ୍ନା ମଣିଷ ଖଣ୍ଡି ଉପରେ ଚଢ଼ିଲେଣି ।

"ଆମର ଶ୍ରଦ୍ଧେୟ ଶୈଳେନ୍ଦ୍ରବାବୁ ଯେ ଏତେ କଷ୍ଟ ସ୍ୱୀକାର କରି ଆମ ସମସ୍ତିଙ୍କ ହିତପାଇଁ ଏହି ଦୀର୍ଘ ବକ୍ତୃତା ଦେଲେ, ସେଥିପାଇଁ ସମବେତ ମୋର ଏହି ହରିଜନ ଭାଇମାନଙ୍କ ତରଫରୁ ମୁଁ ତାଙ୍କୁ ଆମର ଅନ୍ତରର ଧନ୍ୟବାଦ ଜଣାଉଛି—"

"କିଏ ସେ ?—" "କୁ ଗାଁ ?" "କଣ କହିଲେ ?" "ଆମ ଘର ଗୁଣ୍ଡି ଉଠିଯିବାକୁ କହିଲେ ?" "କଣ ହେଲି ?" ନାନା କଣ୍ଠରେ ହୋ ହୋ ଗହଳରେ ସଭା ଭାଙ୍ଗି ଯାଇଥିଲି । ପ୍ରଶ୍ନ ପଗ୍ରିଲାବେଳକୁ ଶୈଳେନ୍ଦ୍ରବାବୁଙ୍କ ବିଖ୍ୟାତ ମଟର ଅଦୃଶ୍ୟ ହୋଇଗଲାଣି । ନାନା ପ୍ରକାର ଅଭିମତ । "କଣ ନାଙ୍କର କହିଲେ ? ଆମରି ପାଇଁ ତ, କେଡ଼େ ସୁନ୍ଦର ବୁଝାଉଥିଲେ ।"

"ନ ହେଲେ ମାହାଲିଆ ଲୋକେ ଏଡ଼େ ମାନନ୍ତି ! ଦେଖିଲ ନାହିଁ, କଥା କହୁ କହୁ କାନ୍ଦ ପକାଉଥିଲେ—"

"ମିଛରେ ବେଳ ଗଲା । ମଣିଷ ମଦଖଟିକ ଯାଇଥିଲେ, ଏତେବେଳକୁ—"

"ଗ୍ଲଲ ହୋ, ଦେଖିବା କିଏ କାହାକୁ ଉଠେଉଚ—ଘର ଗୁଣ୍ଡିଦେଇ ଉଠିଯିବା ଏମିତି ସହଜ କଥା ପଡ଼ିଚ—"

"ଆହା-ହା—ସତେ କି ଆମରି ପେଇଁ କଲିଜା ଫାଟିଯାଉଚ—ଗିରେ ଛନ୍ଦା ହଉ ନାହିଁ—ଦେଖୁନା, ସାକୁଲେଇବାକୁ ଆସିଥିଲେ ଯେ, ପାଟିରେ ବାଟୁଲି ବାଜୁ ନାହିଁ···"

ଯେ ଯାହା କହୁ, ଗୋଟାଏ କଥାରେ ସମସ୍ତେ ଏକମତ...କାଲିଠୁଁ ଫେର୍ କାମକୁ ଯିବେ । କାମ ପଡ଼ିଆ ପଡ଼ିଲେ ପେଟ ଚଳିବ ନାହିଁ ।

□ □

Digitized by srujanika@gmail.com

ଚଉବନ

ସେମିତି ରାତି ହୋଇଥାଏ । ନିଶବ୍ଦ, ନିସ୍ତବ୍ଧ ।

ନିଦ କୋଳରେ ବଡ଼ ସହର ଶୋଇରହିଛି । ଅଗଣିତ ମୁଣ୍ଡ ଭିତରେ ଅଗଣିତ ଭାବନା । ଗୋଟି ଗୋଟି ହୋଇ, ମିଞ୍ଜି ମିଞ୍ଜି ହୋଇ ଯେତେ ଆଶା, ଅଭିଳାଷ—ସବୁ ଶୋଇ ରହିଛନ୍ତି, ନିଭିଲା ଚୁଲୀର ପାଉଁଶ ଭିତରେ ରଡ଼ ନିଆଁ ପରି ।

ହଠାତ୍ କାହିଁକି ଧନୀବୁଢ଼ାର ନିଦ ଭାଙ୍ଗିଗଲା । ପଦାକୁ ଆସିଲା । ଆକାଶ ଅନ୍ଧାର ବଉଦରେ ଢଙ୍କାଢଙ୍କି । ଜଣିକିଆ କରି କଏ ଯେମିତି ଓଢ଼ଣା ଟେକି ଦେଉଛି, ଜଳଜଳକା ମୁହଁ ଦେଖାଉଛି ଫାଳିକିଆ ବାଙ୍କ ଜହ୍ନ ।

ଧନୀବୁଢ଼ା ଚାହିଁ ରହିଲା, ଚାହିଁ ରହିଲା । କଣ ସତେ କି କହିବାକୁ ଚାହେଁ, ଦୂରର ସେ ଦୁଃଖୀ ମୁହଁଟି, ଦୁର୍ବଳ, ଖିନ୍ନ; ତା ସାମ୍ନାରେ ବି ନିତି ଦିନର ଘସରା ବାଟ ।

ମଶାଣିଆଡ଼ୁ ବିଲୁଆ ବୋବେଇଲେ । ଉଦାସ ହୋଇ ଦୂରକୁ ଚାହିଁ ଧନୀବୁଢ଼ା ଭାବନାରେ ବୁଡ଼ିଥାଏ ।

ଭାବୁଥାଏ, ଜନମ ଦୁଃଖୀ ଯେ ତାର ଦୁଃଖର ଅନ୍ତ ନାହିଁ ।

କେତେବେଳେକେ ନିଘା ପଡ଼ିଲା, ପାଣିଚିଆ ଜହ୍ନ ଆଲୁଅରେ ସାହିଯାକର ଘରଗୁଡ଼ାକ ଦିଶିଯାଉଛି । ସେ କଣରେ କେଉଁଠି ନିଆଁ ଧାସ ଦିଶୁଛି । ଆଶ୍ଚର୍ଯ୍ୟ ହୋଇ ପରୁଖିଲା ପରି ଅନାଇଁ ଦେଖୁ ଦେଖୁ ନିଆଁ ଉପରକୁ ଉଠିଲା । ହଠାତ୍ ସେ ବୁଝିଲା, ବୃଶିଆଡ଼େ କେତେଠି ନିଆଁ ଲାଗିଛି । ପାଟି ଶୁଭିଲା । ଚହଲ ଭିତରେ ହୋ-ହୋ କରି ଧନୀବୁଢ଼ା ବି ଦୌଡ଼ିଗଲା ।

ହାଡ଼ିସାହିରେ ନିଆଁ ଲାଗିଛି । ବହଳ ଗହଳ । ଦେଖୁ ଦେଖୁ କେଉଁ ଛଟକରେ ଚହଲି ଯାଉଛି । ବାଧା ମାନୁ ନାହିଁ, କାନ୍ଦଣା ମାନୁ ନାହିଁ । ଧୂଆଁର ସମୁଦ୍ର ଉପରେ ମାଡ଼ିଚାଲିଛି ନିଆଁର ତରଙ୍ଗ । ଜାଳି ପୋଡ଼ି ଭସ୍ମ କରି ଦେଉଛି ଗରିବଙ୍କ ଘରକରଣାକୁ ।

ଧଡ଼୍‌କିନା ବଡ଼ଘରର ଝରକା ଫିଟିଲା । ମାନମୟୀ ଡାକ ପକେଇଲା, "ବୋଉ, ବୋଉ, ଦେଖିଲୁଣି ସେଇ କଣ ! ଓଃ, କି ନିଆଁ ! କି ତାତି ! ବୋଉ, ଏ ନିଆଁ ଏଣେ ମାଡ଼ିବ ନାହିଁ ତ ?"

Digitized by srujanika@gmail.com

"କୋଠାଘର ଛାତରୁ ନିଆଁ ମାଡ଼ିଆସିବ ଯେ ଛାନିଆଁ ହଉଚୁ ? ଆହା-ହା, ଜଳି ପୋଡ଼ି ଛାରଖାର ହେଇଗଲା ରେ—"

"ଓଃ, କେମିତି ଫୁଟୁଚି ଦେଖୁଚୁ ! କେମିତି ଜଳୁଚି ! କୁଦା ମାରୁଚି ଏ ଘରୁ ସେ ଘରକୁ । ମତେ ଡର ମାଡ଼ୁଚି ବୋଉ ଲୋ—"

"କାଲେ, ଝରକା ଦେଇ ଦଉନୁ—"

"ବାଃ ରେ ଦେଇ ଦେବ ନା । ଏ ଦୃଶ୍ୟ କଏ ଛାଡ଼େ ! ସତେ ଯେମିତି କେଡ଼େ ବଡ଼ ରୋଷଣି—" ଗୁଲୁଗୁ ଗୁଲୁଗୁ ହୋଇ କହୁଥାଏ ।

"ହଁ, ତୋର ବାହାଘର ରୋଷଣି—" ପଛଆଡ଼ୁ ଅଘୋରବାବୁ କହିଲେ; "ଦେଖୁଥା, କିଭଳି ସୁନ୍ଦର ଦିଶୁଚି, ନୁହେଁ ?"

"କଣ କହିଲ ? କଣ କହିଲ ?" କବାଟ ମଝିରେ ପାଟି କଥା କରି ତେଣି ତେଣି ଯଶୋଦା ଆସିଲା । ପାଗଳ ପରି ବକୁଥାଏ—"ସା'ନ୍ୟାଣୀ, ଜଳିଗଲା—ପୋଡ଼ିଗଲା- ଯା ଜଳି ଯା, ଯା ପୋଡ଼ି ଯା, ଭସ୍ମ ହୋଇ ଯା ।"

"ହେ ଯଶୋଦା, ଚୁପ୍ ରହ । ତତେ କଣ ନାଗିଚି କଲେ ?"

ଯଶୋଦା ଅଲୁଲାୟିତା ।

"ହେଇ ଦେଖ, ଜଳିଗଲା—ପୋଡ଼ିଗଲା—ଜଳିଗଲା—"

"ଯା ଯିବୁ । ଦେଖିବୁ ଅଇଛା ?" ଯଶୋଦା ଗଲା ।

ମାନମୟୀ କହିଲା—"କାହିଁକି ମୋ ଦାଙ୍ଗେ ଲଗେଇବାକୁ ଆସିଲୁ କିଇ—?" "ଆହୁ ନଇଲେ, ଦେଖୁଚୁ ସାହିକା ସାହି ଜଳିଯାଉଚି, କହୁଚୁ ରୋଷଣି ?"

"ମୋର ମୁଁ ଯାହା କହିଲି ତମର କଣ ଗଲା ? କହିବ ବର୍ଷା ହଉଚି ? ଏମିତି ଯଦ ଯୋଗ ବୋହିପଡ଼ୁଚି, ଯାଉନା ନିଆଁ ଲିଭେଇବାକୁ ?"

"ଯା'ଉଚି ।" ଅଘୋରବାବୁ ବାହାରିଗଲେ । ମାନମୟୀ ପାଟି କଲା, "ଦେଖ୍ ବୋଉ, କିଇ ସେଠିକି ଯାଉଚନ୍ତି ।"

"ଅଘୋର୍, ଅଘୋର୍" ଚିତ୍କାରେଇ ରମା ପଛେ ପଛେ ଦୌଡ଼ିଗଲେ । ସେ ପାଖରୁ ଗର୍ଜନ ଶୁଭିଲା, "ଠିଆ ହ । କୁଆଡ଼େ ଯାଉଚୁ ଅଘୋର ?"

ଅବିନାଶବାବୁ । "ଲଜ୍ଜା ନାହିଁ, ବାହାଦୁରି ଦେଖେଇବାକୁ ଯାଉଚୁ ? ଯା, ଘର ଭିତରେ ବସ୍ । ଫେର୍ ଯଦ—"

Digitized by srujanika@gmail.com

ଭୟଙ୍କର ଦିଶୁଛି ତାଙ୍କ ଚେହେରା, ରାଗରେ ଥରୁଛନ୍ତି । ମାରନ୍ତି କି ନ ମାରନ୍ତି । ମାନମୟୀର ରାଗ ଭୟରେ ଫିକା ପଡ଼ିଗଲା । ବୋଉ ଡାକିଲେ—"ଆ, ଏଇଠିକି ଆ; ଏଇ ଝରକାରୁ ସବୁ ଦିଶୁଛି ।" ଅଘୋର ବାବୁ ରୁଦ୍ର ହୋଇ ଠିଆ ହେଲେ । ବାପାଙ୍କ ରାଗ ଦେଖି ଆଶ୍ଚର୍ଯ୍ୟ ହୋଇ କାଠ ହୋଇ ଯାଉଛନ୍ତି । ସ୍ୱପ୍ନ ପରି ଲାଗୁଛି, ବୁଝିହେଉ ନାହିଁ କାହାରି କଥା । ଅଥଚ ସାମ୍ନାରେ ଏ ଧ୍ୱଂସଲୀଳା, ଏ ଅତି ବାସ୍ତବ ।

"ସେଠି ହେମିତ ସେ ଲୋକଗୁଡ଼ାକ ଡେଉଁଛନ୍ତି ଦେଖ୍ ବୋଉ । କାହିଁକି ସେମିତ ହଉଚନ୍ତି ? ହେଇ ଦେଖ୍, ସେଠି କାହା ଘର ଖସି ପଡ଼ିଲା । କୁଆଡ଼ୁ ଏତେ ପବନ ଆସିଲା ବୋଉ, ଜମା ତ ନ ଥିଲା ! କାଲିକି ଏଡ଼େ ଏଡ଼େ ଅକ୍ଷରରେ ଖବରକାଗଜରେ ବାହାରିବ । ବାପ୍‌ରେ କି ନିଆଁ !"

ମାନମୟୀ ଘଟନା ସଙ୍ଗେ ସଙ୍ଗେ ଟିପ୍ପଣୀ କରିଯାଉଛି । ତେଣେ ଲାଗିଛି ଗୋଳମାଳ ।

ଶରତର ଭାଦର ରାତିରେ ହାଉଯାଉ ଚାଲିଛି । କାନ୍ଦଣା, ପାଟି । ଅଦ୍ଭୁତ ରାତି ମଝିରେ ହାଟର ଘୋ ଘା, ନିଆଁ ଧୂଆଁ ଏକାକାର । ଲୋକ ଆଟପଟାଳି । ଜିଭ ଲମ୍ବ ଲମ୍ବ କରି ଘରରୁ ଘର ନିଆଁ ଦୌଡ଼ା ଲଗେଇଛି । ଏତେ ଘର ବାଡ଼ିଆବାଡ଼ି, ପାଣି ଢଳା, ଜଦା ପିମ୍ପୁଡ଼ି ପରି ମଣିଷଙ୍କ ଘରନିଆଁ ଲଗା ପାଟି, ହୁରିଆଯାକର ହା-ହାକାର । କେଉଁଥିରେ ବାଧା ମାନୁ ନାହିଁ, ଶୀତଳ ପଡ଼ୁ ନାହିଁ ।

ଘଡ଼ିଏ ଗଲା । ବଡ଼ ଘରେ ସମସ୍ତିଙ୍କି ଶୋଇବାକୁ ଛାଡ଼ି ଦେଇ, ଅବିନାଶ-ବାବୁ ବିଛଣାରେ ଲମ୍ବ ହୋଇ ଶୋଇଲେ । ଘରଆଡ଼ ଜଳୁଛି, ନାକଧରାପୁର ଭସ୍ମ ହେଉଛି; ସେଥିରେ ତାଙ୍କର କି ଯାଏ ? ଝରକାର ଫାଙ୍କ ବାଟେ ଚାଲିର ହୁରିଆର ଆର୍ତ୍ତ ଚିତ୍କାର ବଡ଼ କୋଠାର ନିଦା ଶାନ୍ତିକୁ ଦୋହଲେଇ ଝଣକେଇ, ନରମ ତକିଆରେ ଆସି ଝୁଣ୍ଟିପଡ଼େ—କିଏ ତାର ବୋଉକୁ ଖୋଜୁଛି—"ଇଲୋ ବୋଉ ଲୋ, କୁଆଡ଼େ ଗଲୁ—ଇଲୋ ମୋ ବୋଉକୁ କିଏ ଦେଖିଚ ଲୋ—" କିଏ ତାର ବପାକୁ ବାହୁଡ଼ୁଚି "ଜଳିଗଲା, ସବୁ ଜଳିଗଲା, ମୁଁ କଣ କରିବି ଟି; ହେ କିଏ ଅଛ, ମୁଁ କଣ କରିବି ଟି—" "ହଁ, ଇଆଡ଼େ ପାଣି—" "ଉଠ, ଉଠ ଘର ପଡ଼ୁଚି—।" ଧେତ୍—ଶୋଇ ଦେବେ ନାହିଁ ଆଜି ରାତିଟା । ମଣିଷ କି ହଇରାଣ ! ରାତିଯାକ ଲାଗିଥିବ ଏଇ କାଣ୍ଡ । ତହିଁରେ ପୁଣି ସେଇ ନାକଫଟା ଗନ୍ଧ ! ଧୂଆଁର ଗନ୍ଧ । ଜଳନ୍ତା ଘରେ ପାଣି ପଡ଼ିବାର ଗନ୍ଧ । ଉସ୍—ଗଲା ଆଜି ନିଦ । ଅବିନାଶବାବୁ ବିଛଣାରେ ଗଡ଼ିତ ପଡ଼ିତ ହେଉଥାନ୍ତି । ଝୁରୁଥାନ୍ତି, କଳ୍ପନା

Digitized by srujanika@gmail.com

କରୁଥାନ୍ତି । ଚେଇଁ ଚେଇଁ ସ୍ୱପ୍ନ ଦେଖୁଥାନ୍ତି । କଞ୍ଚା ପଇସା ପକେଇ ଦେଇ ସାହି ଗୋଟାକ କିଣି ନେଇଥିଲେ, ତଥାପି ସାହି ଲୋକେ ଦଖଲ ଦେବାକୁ ନାରାଜ; ଯେତେ ବୁଝେଇଲେ ନୁହେଁ, ଯେତେ ଫୁସୁଲେଇଲେ ନୁହେଁ । ଧର୍ମାବୁଢ଼ା ମୂଲିଆ ମୁଣ୍ଡିଙ୍କୁ ଏକଯୋଟ କରିଥିଲା, ମୁଣ୍ଡ ପଛେ ଉଡ଼ିଯିବ, ଘରୁ ଉଠିବୁ ନାହିଁ ।

ଆଉ ବର୍ତ୍ତମାନ !

କୁହା ନାହିଁ, ପୋଛା ନାହିଁ; ରାତକା ରାତ ସାହି ଜଳି ପୋଡ଼ି ଏକାକାର । ତେଣ୍ଣା ଗଲା ଭସ୍ମ ହୋଇ । ଧର୍ମାବୁଢ଼ା କି ପେଞ୍ଚ କରିବ ଏଣିକି ?

ଅବିନାଶବାବୁ ତରତର କରି ଭାବୁଥାନ୍ତି । ଧର୍ମାବୁଢ଼ାର ଚେହେରା ମନେ ପଡ଼ୁଥାଏ, ରାଗରେ ଆଖି ଜଳୁଥାଏ । ଅଦୃଶ୍ୟ ଶତ୍ରୁକୁ ହଲେଇ ହଲେଇ, ମନେ ମନେ କହୁଥାନ୍ତି—ଏ ଥର—ଏ ଥର—କୁଟାକାଠି ଏକାଠି ହୋଇଥିଲେ; ଜନ୍ତା, ପିମ୍ପୁଡ଼ି ଏକାଠି ହୋଇଥିଲେ—ଏତେ ଆସ୍ପର୍ଦ୍ଧା !

ଓଠ ଉପରେ ହସ ଖେଳିଗଲା । ବିଳିବିଲେଇଲା ପରେ ଅବିନାଶବାବୁ ଡାକ ପକେଇଲେ—"ହଇ ହୋ, ହଇ ହୋ, କଣ ପିଲାଙ୍କ ପରି ରାତଯାକ ବସି ଘରପୋଡ଼ି ଦେଖୁଥିବ—ଶୁଣ, ସେ ଜାଗାକୁ ପବିତ୍ର କରିବାକୁ ଆଉ ଗୋଟିଏ ହୋମ କରିବାକୁ ପଡ଼ିବ । ଆଉ, ବହୁତ ତ ଜାଗା ଅଛି, ତୋଳିଦେବା ଗୋଟିଏ ମନ୍ଦିର, ଦଅଁ ଆସିବା । ନ ହେଲେ ହାଡ଼ିସାହିର କଳୁଷ ଯିବ ନାହିଁ—।"

□ □

କୁହୁଡ଼ି ଧୂଆଁ ଉପରେ ଧୀରେ ଧୀରେ ପାହାନ୍ତି ଓହ୍ଲେଇଗଲା । ନିଆଁ ନିଭିଛି, ପୋଡ଼ା ଅଙ୍ଗାର ଲେଖେଇ ହୋଇ ପଡ଼ିଛି । ଘର ଅଛି, ତାର ଛପର ନାହିଁ । ଫଟା କାନ୍ଥ ଆଁ ମେଲିଦେଇ କଳା ନେସି ହୋଇ ଠିଆ ହୋଇଛି, ଗୋଡ଼ତଳେ ଅଙ୍ଗାର ଗଦା । ପୋଡ଼ା ଦାଣ୍ଡ, ପୋଡ଼ା ଘରକରଣା ଜିନିଷ ବସ୍ତାବସ୍ତା । ଧନେ ତାକୁ ମଣିଷ ଘର କଣରେ ସାଇତି ରଖିଥିଲା । ସବୁ ସରିଛି । ଖାଁ । ଖାଁ । ଖାଲି ଘର—କଳା ଯାଇଛି, ପୋଡ଼ିଯାଇଛି ।

ଭୈରବର ଗ୍ରହିଣୀ ସଞ୍ଚାଳନ୍ତି ପଣ ଅଚ୍ଛିଣ୍ଡା ଛନ୍ଦରେ ଡେଙ୍ଗ ଉଠିଲା ଦିନ ଆଲୁଅ, ବଡ଼ ସହରର ହଲଚଲ ହେଲା । ସ୍ଥାନ ସ୍ଥାନ ଛୁଆଗୁଡ଼ିଏ ଗୋଟିଏ ପୋଡ଼ା କୁଡ଼ିଆ ଆଗରେ ଅଙ୍ଗାର ଭିତରେ ଖେଳା ଖେଳି କର ମଲା ବଳେଇଟିର ଧ୍ୱଂସାବଶେଷକୁ ନିରେଖି ଦେଖୁଥାନ୍ତି । ବଳେଇଟିଏ, ତାର ମିଞ୍ଚି ମିଞ୍ଚି ଛୁଆ ଗ୍ରହେଟି । ଅଧେ ସିଝି ହୋଇ, ଅଧେ ପୋଡ଼ି ହୋଇ ମରି ପଡ଼ିଛନ୍ତି । ପିଲାଙ୍କ ଭିଡ଼ ବଢ଼ୁଛି, ବାଟର ବାଟୋଇ ଗ୍ରହିଁ ଗ୍ରହିଁ ଯାଉଛି ।

ଦୂରରୁ କାନ୍ଦଣା ଶୁଭୁଛି । ଆପଣା ଘରର ନିଭିଲା ଅଙ୍ଗାର ଉପରେ ଲୁହ ଡାଳି ଡାଳି କିଏ ବସି ପାଉଁଶ ଶୀତଳୋଉଛି । କ୍ରମେ କାନ୍ଦଣା ବଢ଼ିଲା । ବୁଢ଼ୀମାନେ ଆପଣା ଆଶ୍ରୟ ଜାଗା ଗ୍ରହିଁ, ପୋଡ଼ା କୁଡ଼ିଆ ଆବୋରି ବସି ବାହୁନିବାକୁ ଲଗିଲେ । ଆଜିର ସକାଳ ବୀଭତ୍ସ, ଅସୁନ୍ଦର । ହାଡ଼ସାହିର ଘରକରଣା ଶୀତଳ ପଡ଼ି ମାନ୍ଦା ହୋଇଯାଇଛି । ମୁଢ଼ି, ଗୁ ସିଝେଇ ପିଇବାର ଚହଲ ନାହିଁ, ମେଳ ହୋଇ କାମକୁ ଯିବାର ଗହଳ ନାହିଁ । ଦୂରରେ ଯେଉଁ ଘର ସବୁ ନିଆଁ ଦାଉରୁ ବଞ୍ଚିଛି, ତାହାର ପିଣ୍ଡାରେ ମେଞ୍ଚା ମେଞ୍ଚା ହୋଇ ବକାହୋଇ ଲୋକେ ବସି ରହିଛନ୍ତି । କୁହୁଡ଼ି ଫାଟି ପଡ଼ୁଛି । ଗ୍ରହିଡରେ ଛୁଞ୍ଚି ମାରିଲା ଭଳି ଗ୍ରହିଁକନା ଦିଶିଯାଉଛି ଆପଣା ଘରକରଣାର ପ୍ରେତମୂର୍ତ୍ତି ।

କିଛି ସମୟ ଗଲା । ସାଇକଲ ଚଢ଼ି ମୁନିସିପାଲିଟିର ମିସ୍ତ୍ରୀମାନେ ଆସିଲେ । ଲୋକଙ୍କୁ ବୁଝେଇଲେ, କୋବଲେଇଲେ । ଅବିନାଶବାବୁ ସ୍ଥିର ହୋଇ ଅନାଇଁ ଦେଖିଲେ, ମିସ୍ତ୍ରୀମାନେ ସମସ୍ତଙ୍କୁ କାମକୁ ଅଡ଼େଇ ନେଇ ଗ୍ରଲିଗଲେ । ବକର ବକର ହୋଇ, ଅଜଣା ଶବ୍ଦ ଉଦ୍ଦେଶ୍ୟରେ ସବୁ ପ୍ରକାର ଗାଳି, ଅଭିସମ୍ପାତ ଅଜାଡ଼ି ଅଜାଡ଼ି ଲୋକେ ଗ୍ରଲିଲେ କାମକୁ । ଅବିନାଶବାବୁ ଡାକିଲେ— "ଅଘୋର, ସୁରି ଆସିଛି ?—"

ବଡ଼ ଘରୁ ସାଇକଲ ଦଉଡ଼େଇ ତରବର ହୋଇ ଲୋକେ ଧାଇଁଗଲେ କୁଆଡ଼େ କୁଆଡ଼େ । ଗ୍ର' ଖାଉ ଖାଉ ଅବିନାଶବାବୁ ସ୍ତ୍ରୀଙ୍କୁ କହିଲେ—"ଆଜି ଭଲ ଦିନ, ତଥାପି ଶୁଭମୁହୂର୍ତ୍ତ ଖୋଜିବାକୁ ପଡ଼ିବ । ପାଞ୍ଜି ଟା ଆଣ ତ ।"

Digitized by srujanika@gmail.com

ନଅଟା ବାଜୁଥାଏ । କୋଡ଼ି କାଙ୍କ ଧରି, ଗୁରି ହୋଇଥିବା ଭାରି ବାଡ଼ ବୋଝ ବୋହି ପଲ ପଲ କୁଲି ଆସି ପହଞ୍ଚିଗଲେ । ଶ୍ମଶାନ ପଡ଼ିଥିବା ପୋଡ଼ା ହାଡ଼ପାହିରେ ଡେଙ୍ଗୁରି ପିଟାଗଲା । କଣିଥିବା ଜମିର ଭାଗକରେ ଆଜ ଦଖଲ ନିଆ ହେବ । ଚଞ୍ଚଳ ଚଞ୍ଚଳ କଣ୍ଟା ତାରର ବାଡ଼ ବେଢ଼ା ହୋଇଗଲା ପୂରୁପେ ଉଞ୍ଚ । ଅଙ୍ଗାର କାଢ଼ିବାକୁ, ଭଙ୍ଗା କାଠକୁ ଲଣ୍ଡା କରିବାକୁ ଆହୁରି କୁଲିଦଳ ଆସିଲେ । ବହୁତ ଲୋକ ଜମା ହୋଇ କାମ ଚାଲିଲା ଚଞ୍ଚଳ ଚଞ୍ଚଳ ।

ଅଳିଆ ସଫା ହୋଇ କରକୁ ଗଦା ହେଲା । ଯହୁଁ ଯହୁଁ ଖରା ବଢ଼ିଲା, ତହୁଁ ତହୁଁ ଅଙ୍ଗାର ଗଦା, ଭଙ୍ଗା କାଠର କୁଢ଼ ଆହୁରି ଉଞ୍ଚ ହେଲା, ସମାନ ହେଲା ।

ଅବିନାଶବାବୁ ଥରକୁ ଥର ଆସି ଯାଞ୍ଚ କରି ଗଲେ । ଭଲ କାମ ଚାଲିଛି ।

ମୁଣ୍ଡେ ବେଳ ହେଲା । ହାଡ଼ପାହି ଲୋକେ କାମରୁ ଲେଉଟିଲେ । ହଠାତ୍ ଗୋଳମାଳ ଲାଗିଗଲା । କାନ୍ଦଣା ଆଉ ଗାଳିରେ ଗଗନ ଫାଟିଲା । ଲୋକ ଧାଇଁପଡ଼ିଲେ । ଭିଡ଼ ଦେଖି ପୁଲିସ୍ ଆସିଲେ । କାଗଜପତ୍ର ଧରି ଜଣେ ଅବିନାଶ-ବାବୁ ପହଞ୍ଚିଗଲେ । ଦେଖଣାହାରି ଠେଲାପେଲା ହୋଇ ଅପେକ୍ଷା କରି ରହିଲେ, କଣ ଗୋଟାଏ ହେବ ସତ ! ଗ୍ରଧର ନାଆଁ ଠୁ ଦନର ନାଆଁ ବଳିସିବ ବୋଧହୁଏ । ଘଟନା ଘଟିବ କାଳେ !

ଘଣ୍ଟାଏ କାଳ ଏମିତି ବିତିଲା । ଲୁହ ଝରିଝରି ଜାଲିଜାଲୁଆ ଆଖିରେ ସ୍ତ୍ରୀଲୋକମାନେ ଅନେଇଁ ଦେଖୁଥାନ୍ତି । ଦଳେ ଲୋକ ଶୋଧା ଶୋଧୁଥାନ୍ତି ତ ଆଉ ଦଳେ ବାଟର ଲୋକଙ୍କୁ ନିଶାପ ମାଲୁଥାନ୍ତି !

ବେଢ଼ା ବୁଲିଥିବା ତାରି ହତା ଭିତରେ କୋଡ଼ି, ଶାବଳ ଚାଲିଛି । କାମ ଅଟକୁ ନାହିଁ । ପୋଡ଼ା, ଦରିହପୋଡ଼ା, ଦରିହ ସବୁ କୁଡ଼ିଆ ଓପଡ଼ା ହୋଇ, ଚୂନା ହୋଇ ଗଦା ହେଉଛି ତାରି ବାଡ଼ ବାହାରେ ।

ଶାନ୍ତିରକ୍ଷକ ଜମା ହେଲେ । ହାଡ଼ପାହିଆଙ୍କୁ ଶୁଣେଇ ଦିଆହେଲା, "ସତ କଥା, କୁଡ଼ିଆ ସିନା ତୁମର ଥିଲା, ଜମି ତ ତୁମର ନୁହେଁ ? ବୁଝି ଖବର୍ଦାର, ଗୋଳମାଳ କର ନାହିଁ, ଶାନ୍ତି ଭାଙ୍ଗ ନାହିଁ । ଯାଅ, ପଳାଅ ।"

ଶାନ୍ତି ବାରି ଛୁଂଚି ହେଲା ।

ଗହଳି ପାତଳ ହୋଇଯାଇ ଉଭେଇଗଲା ବଡ଼ ସହରର ରାସ୍ତା ନନ୍ଦର ସୁଅରେ । କାମ ଲାଗିରହିଲା ।

ଉଦ୍‌ଭୁଦିଆ ଦ୍ୱିପହରେ । ବଡ଼ ହତାର ମଝିରେ ଠାଏ ଦେଖାଗଲା ଗାଲିଆ ଟେକା ହୋଇ ସେଠି ପୂଜାଟିଏ କଣ ହେଉଛି । ବ୍ରାହ୍ମଣ ପୁରୋହିତ ବସି ମନ୍ତ୍ର ଉଚାରଣ କରୁଛନ୍ତି ।

ଅଛବ ମଣିଷଙ୍କ ଘରକରଣାର ସମାଧି ଉପରେ ।

ଆଙ୍ଗୁଠିରେ ଆଙ୍ଗୁଠି ଗୁନ୍ଥି ମୁଦ୍ରା ରଚୁଛନ୍ତି ।

ଗୋଟି ଗୋଟି କରି ଛତିଶି କୋଟି ଦେବତାଙ୍କୁ ଆବାହନ କରୁଛନ୍ତି ଛପନ କୋଟି ଆର୍ତ୍ତ ପ୍ରାଣୀଙ୍କ ପୃଥିବୀ ଉପରକୁ । □ □

Digitized by srujanika@gmail.com

ଛପନ

ସଞ୍ଜ ହେଲା ।

ମଦ ଦୋକାନ ପାଖେ ବେଶି ଭିଡ଼ ।

ଏତେ ବଡ଼ ଘରପୋଡ଼ି ଗଲା । ପୁରୁଣା ଚିଅ ବେଢ଼େଇ ହୋଇ ରହିଲାଣି ବଡ଼ଲୋକର ହତା ଭିତରେ । ପଛ କଥା ଗଲାଣି । ଅଗତ କଥା ମୁହିଁକୁ ଗୁହିଁଲାଣି । କାଲି ପୁଣି କେଉଁ ଗ୍ରାଉଡଲେ ?

ତଥାପି ।

ସବୁଦନେ ଯେମିତ; ଆଜ ସେମିତ । ଯେପରକ କଛ ହୋଇ ନାହିଁ ।

ପିହିଁଲାବେଳେ ପୁନର ମନ ପିହିଁ ଯାଉଛି । ସବୁ ଶୀତଳ ହେଲାଣି, ସେ କାଢ ଯାଉଛି । ପୁଣି ସଞ୍ଜ ଆସିଲାଣି । ଅନ୍ଧାର ଓ ସହରର ଝୁଲ ଆଲୁଅ ମିଶି କେଡ଼େ ସୁନ୍ଦର ! ଶାନ୍ତ ନଈକୂଳ । ଦୂରରେ ହାଲୋଲମୟ କୋଠା ବସ୍ତି । ବଡ଼ ସହରର କଠଦନଆ ଘାଉଁ ଘାଉଁ । ପୁଣି ପୁନ ସଜ ହୋଇ ପଦାକୁ ଗୋଡ଼ ବଢ଼େଇଲା । ସ୍ୱପ୍ନ-ଅନୁଭୂତରେ ଛନ୍ଦାଛନ୍ଦ ହୋଇ ମାଂସର କରୁଣ କବତାଟିଏ— ସେ ପୁନ ।

ସାହସରେ କୁହୁଳ ଉଠୁଛି । ପୁଣି ଦବ ଯାଉଛି । ମିଚ୍ଚିମିଚ୍ଚିକା କୁଲୁକୁଲିଆ ପୋକ ପଣ । ମନ କଥା ବୋଉକୁ କହ ନାହିଁ । ପଥରକୁ ପ୍ରବୋଧିବାକୁ ଗ୍ରତ ତାର ନାହିଁ । ପଥର ବ ମଦଖଟିକ ଗଲାଣି । ପୁନ ଗୁଲାଛି ଅବନାଶବାବୁଙ୍କ ଘରମୁହାଁ ।

ଏହି ସେ କୋଠାଘର—ସମ୍ଭ୍ରାନ୍ତପଣର ଅଟଳ ଦୁର୍ଗ ।

ଘରପୋଡ଼ି ପଦାର ଅଙ୍ଗାର ଉପରେ ଆକାଶକୁ ଉଞ୍ଚ ମୁଣ୍ଡ ଟେକଛି । ବଜୁଳ ଆଲୁଅ ଦାଉ ଦାଉ ଜଳୁଛି । ହାର୍ମୋନିଅମ୍ ସଙ୍ଗେ ମିଶି ମାନମୟୀର ଅଟଳା ଗୀତ ଲହଡ଼ି ଭଙ୍ଗୁଛି । ବୈଠକଖାନାର କବାଟ ଝରକା ଖୋଲା । ଶାଢେଆ ଝୁରଦାଢ଼ ପଣ ଭିତରଟି ତାର କେଡ଼େ ଉଜ୍ଜ୍ୱଳ ।

ପଦାର ଅଙ୍ଗାର ଭିତରେ ତେଲୁକଗଛ ମୂଳେ ହାଡ଼ମାନଙ୍କ ଗ୍ରଉଣିର ଗନ୍ଧଲ ।

Digitized by srujanika@gmail.com

ପୁନି ବାଁରେଇ ହେଲା । ଛପି ଛପି ବୁଲି ବୁଲି ଦେଖିଲା, ଅଘୋରବାବୁ ଦଣୁଥିବେ କାଳେ । ଆଉ ଟିକକୁ ତ, ସେହି ତାଙ୍କର ଘଡ଼ି ଆସୁଛି । ଗ୍ରେସ ଆଲୁଅର ବେଳା, ଖଣ୍ଡିକାଶର ବେଳା—ଯେଉଁଥିରେ ତାର ଅନ୍ଧାରୁଆ ଜୀବନରେ ଚହଲ ଖେଳଯାଏ । କାଳେ—

କାକର ଘୋରେ ପଦାରେ ଅପେକ୍ଷା କରୁ କରୁ ମଳଶବ ପଶ ବାରମ୍ବାର ଝୁପି ଝୁପି କଠକ ଲଗିଆସେ ଅତୀତଟା । ତୁଳନା କରେ, ଆପଣା ଜୀବନ ସଙ୍ଗେ ଏହି ଜନଦା କୋଠାର ସସ୍ଥିତକୁ । ସେହି ଆଲୁଅ ଦଣୁଛି, ସେହି ଗୀତ ଶୁଭୁଛି ମାନମନ୍ଦିର । ସେ ଦନ ବି କଳ୍ପନାରେ ଚନ୍ଦ୍ରା ଯୋଖି ଭାବ ହେଉଥିଲା—କଣ କଲେ ମଣିଷ ମାନମନ୍ଦୀ ଓ ଅଘୋର ହୋଇ ଜନ୍ମ ହୁଏ ! ଆଉ ଆଜ ?

ବେଶ ଓଜନ ହୋଇ ମାଡ଼ି ପଡ଼ୁଛି । ଦମ୍ଭ ଦବ ଦବ ଗଲଣି । ମାନମନ୍ଦୀର ଗୀତରେ, ରକ୍ତରେ ବିଷର ଜ୍ୱାଳା । କାକର ଘୋ । ଅନ୍ଧାର ଘୋ । ପୁନି ଅପେକ୍ଷା କରୁଛି । କଏ ଆସୁଛି ? କେହି ନାହିଁ ।

ଧୈର୍ଯ୍ୟ ପ୍ରସ୍ତର ବସ୍ତ୍ରରେ ଚେତନାକୁ ଅଭିଭୂତ କରି ରଖିଛି ଗମ୍ଭୀର ଚନ୍ଦ୍ରା । ବଡ଼ କୋଠାର କାକର ଇଟା ଚୋଙ୍ଗ ଚୋଙ୍ଗ ପଞ୍ଜର ହାଡ଼ ଉପରେ ମାଡ ବସିଲି ପଶ । ବେଳ ଯାଉଛି । କଏ ଆସୁଛି ? କେହି ନାହିଁ ।

ଏଠି ତାର କେହି ନାହିଁ ।

କେବଳ ଛୁଆଁ ଅଛୁଆଁ ଲୁହେଁ । ମୁହୂର୍ତ୍ତିର ଗ୍ରେସ ଉଦିଶରେ ପଡ଼ି କାନ୍ଧକୁ କାନ୍ଧ ଯୋଡ଼ି, ଚମଡ଼ାରେ ଚମଡ଼ା ଛୁଆଁଇଲେ ଅଛୁଆଁ ପଣ ଯାଏ ନାହିଁ । ଚମଡ଼ା ଠୁଁ ଗଭୀରରେ ତାର ବସା । କୋଠା ଆଉ ଭଙ୍ଗାକୁଡ଼ିଆର ତାରତମ୍ୟରେ ତାର ପାର୍ଥକ୍ୟ । ଧୋବଶାଢ଼ୀ ପିନ୍ଧଲେ ଯାଏ ନାହିଁ, ଚକ୍‌କଣ କରି ମୁଣ୍ଡ ବାନ୍ଧଲେ ଯାଏ ନାହିଁ । ସଫାସୁତୁରା ହେଲେ ଯାଏ ନାହିଁ ।

ରାତିରେ କୁହୁଳୁଥାଏ । ଅଘୋରବାବୁ ଆସିଲେ ନାହିଁ ।

ବଦାହେଲା ଆଗରୁ କହୁଥିଲାରେ ଦ ପଦ କଥାଭାଷା—ମଣିଷପଣିଆର ଯାହା ଥିଲା, ସବୁ ଦେଇ ତୁମକୁ ଖୁସି କରଚ । ସତେ ଆମ ବାସ ଉଠେଇ ଦେଲ ? କଣିକଆ କଲ ଖଣ୍ଡେ କୁଡ଼ିଆ ଠିଆ କରିବାକୁ ଜାଗା ଟିକିଏ ଠିଆ କରିଦେଲେ ତମର କଣ ସରିଯିବ ? ଦ'ଜଣ ତ ଆମେ—ଦଶ ହାତ ଭୂଇଁ । ଦବ ନାହିଁ ?

ଆପଣା ଉପରେ ବିଶ୍ୱାସ ଥିଲା—ମାଗିଲେ ମିଳେ ସବୁ !

Digitized by srujanika@gmail.com

କାହିଁ କେହି ! ବଦଳ ହୋଇ କୁହୁଡ଼ି ଡାକିଲାଣି । ନଈକୂଳ ଝାଳ । ବିଶ୍ୱାସ ଆଉ ନାହିଁ । ଉଜାଣି ସ୍ୱପନ—ମାଗିଲେ ଥାଳ ପୂରେ ନାହିଁ, କାନ୍ଦିଲେ ପଥର ତରଳେ ନାହିଁ । କାହିଁକି ଆଉ ? ପୁଣି ଶେଷ ଥରକ—ଅପନ୍ତା ନାହିଁ ଟିକଏ—ଶୁଣିଯାଆନ୍ତା ଖାଲି ପଦକ କଥା—ଶେଷ କଥା—ମୁଁ ଅଛୁଆଁ ନୁହେଁ, ଅଛୁଆଁ ତୁ । ମୁଁ ଖାଲି ଦରିଦ୍ର—ଆଉ ତୁ—ଛୁଇଁଲେ ପାପ ଲାଗେ, ଛୁଇଁଲେ ଛୁଆଁ ତା ।

ରାଗରେ ଲେଉଟିଗଲା । କେତେ ଦିନ ପରେ ସନିଆ ମନେ ପଡ଼ିଲା । ବାହୁଡ଼ାଣି ବାଟରେ ଅନ୍ଧାରେ ଅନ୍ଧାରେ ଅଠ ପାଟରେ ତାର ମୂର୍ତ୍ତି । କଣା ହାଣ୍ଡି ପରି ଅଘୋରର ମୁଣ୍ଡକୁ ରାସ୍ତାରେ କଚଦେଇ ଘରକୁ ଫେରିଲା ।

ପର ଘର ପିଣ୍ଡାରେ ମଦ ନିଶାରେ ଅସମ୍ଭାଳ ହୋଇ ଜେମା ଏଣ୍ଟୁ ତେଣ୍ଟୁ ବକୁଛି । ପୁନିକୁ ଦେଖି କହିଲା, "କୁଆଡ଼େ ଯାଇଥିଲୁ ? ମା'କୁ ଗୁଡ଼ି ବାପଘର ଯାଇଥିଲୁ ? ହଉ ଲୋ । ଇଲୋ ତୋର କୋଉ ବାପ ଲୋ, ଆମର ଆଗରେ କୋଠା ପିଟିଲା । ଖୁଦ ମଲ୍ଲୁଖ ଖୋଇ ଝିଅକୁ ପୋଷିଲା ପାଳିଲା । ଆଇଥିଲା କେବେ ପଚାରି ? ଓଲଟି ସାହି ଜାଳିଦେଲା, ଉହି ଘରକରେ ବାଡ଼ି ଘେରେଇ ଦେଇ, କହିଲା—ଯା, ନିକଲ୍ । ସେଇଟା ଘରକୁ କାହିଁକି ମୁହିଁ ଦେଖେଇ ଯାଇଥିଲୁ କହିବୁଟି ମତେ । ନାହିଁ, ତୁ ଆଗ କହ, ନଇଲେ ତୋର ଆଗରେ ଦଉଡ଼ି ଦେଇ ମରିବି । ଆଲୋ ବଡା ।"

ସାହି ଲୋକେ ହସୁଥାନ୍ତି । ଆଉ ଗୋଟିଏ ବୁଢ଼ୀ ମଦଖୋଲରେ ଗେହ୍ଲେଇ ହେଉଥାଏ, "ଏ ପୁନି ମା, ତେମେ ଫେଣେ ଟୋକିଦେରେ କଥା କହୁଛ—ସତେରେ ମ । ହେ ତମ ଆଖି ଛୁଁ ଚ ।"

ଆସ୍ତେ ପୁନି ତା ବୋଉର ବେକକୁ କୁଣ୍ଢେଇ ଧରିଲା । ନଇଁପଡ଼ି କହିଲା—"ଛି, ଏମିତି ହଉଚୁ ବୋଉ ! ଆ, ଶୋଇପଡ଼ିବୁ ଆ । ତତେ ପରା ହଜାରେ ଥର ମନା କରିଚି, ଖାଲି ପେଟରେ ସେଗୁଡ଼ାକ ପିଇବୁ ନାହିଁ—"

"ହଉ ଗୁଡ଼୍ ଗୁଡ଼୍ । କୋଠାବାଲା ବାପ ବୋଲି ତାର ପଟ ନଉଚୁ । କାହିଁକି ନବୁ ନାହିଁ, ତାର ଅଇଗୁ ସବୁ । ମୋ ତିଅ ଖଣ୍ଡ ବ ସେ ଗିଳିଦେଲା । ମୋର ଆଉ କଣ ଅଛି ଯେ, ତୁ ମତେ ପଚାରିବୁ ?" ନିଶା ଖୋଲରେ ପୁନିବୋଉ ବାହୁନି ବସିଲା ।

ଉଗାରି ହସୁଥାନ୍ତି, ଟେହୁଥାନ୍ତି । କହୁଥାନ୍ତି—"ହଁ, ସେଇଠୁ କଣ ହେଲା ପୁନି ମା ?"

□ □

Digitized by srujanika@gmail.com

ସତାବନ

ଆଗ ଗଲା ଧନୀବୁଢ଼ା । ଫକେଇ ଫାଟି ନ ଥାଏ । ସକାଳକୁ ସେ ନାହିଁ । ସକାଳକୁ ଦଳ ଗ୍ଳଲେ । ସହରର ଆଉ କେଉଁ ଦୂରର ତଳରେ କବର ପାଖେ, ମଶାଣି ପାଖେ, ମଣିଷଛଡ଼ା ଧରମଛଡ଼ା ସନ୍ସନ୍ଆ ଭୂଇଁ । ସେଠି ନାଗଅଇର ବଣ ପ୍ରଚୁର । ବେତନାସୀ ଅଛୁ; ଆମ୍ବ, ଡମିଶ ତୋଟା ଅଛୁ । ସହର ବଢ଼ିବ, ଏମାନେ ତାହାର ଅଗ୍ରଦୂତ । ଆଗଚଲ୍ କୋଡ଼-ବାହୁଙ୍ଗୀ ଧର ବାହନା । ମଇଲା କାଢ଼ିବେ, ଅରମା ସଫା କରିବେ, ବସ୍ତି ବସେଇବେ । ତା ପରେ ପୁଣି ଉଠିଯିବେ ଆଉ କେଉଁଠିକୁ ।

ହେଁସ-ମସିଣା ମୁଣ୍ଡେଇ, କନ୍ଥା ବୁଜୁଲା କାନ୍ଧେଇ, ହାଣ୍ଡି ଟୋକେଇ ବୋହି ଗ୍ଳଲେ ସେ ବାହନା । ଜଙ୍ଗଲ ପରି ଗଡ଼ର ଗଡ଼ର କଥାର ସୁଅ, ଭସ୍ ଭସ୍ ପିକା ଧୂଆଁ, ଦୁମୁ ଦୁମୁ ଗ୍ଳଲ । ବୋଝରୁ ବୋହି ଜେମା ଗ୍ଳଲଛୁ, ହେଁସ ମୁଣ୍ଡେଇ ପୁଜ । ବାକି ଜିନଷ ସାହୁମଣିଷ ବୋହୁଛନ୍ତି । ଏକା ବାଟର ପନ୍ଥାର । ସେଠି ତୋର ମୋର ନାହିଁ, କୁନ୍ଥାକୁନ୍ଥି, ପେଲାପେଲି ନାହିଁ । ଏକା ରକ୍ତର ଧାର ସବୁଠି । ସେମାନେ ହରିଜନ ।

ସୂର୍ଯ୍ୟ ଉଁ'ଛୁ । ଦୋତାଲା କୋଠା ଆପଣାର ଦର୍ପରେ ସମ୍ଭ୍ରାନ୍ତ ହୋଇ ଠିଆ ହୋଇଛୁ । ପାଖେ ପୁରୁଣା ହାଡ଼ସାହିର ମୂଳଦୁଆ, ଗୋଟାଏ ଅଙ୍ଗାରର ପଡ଼ିଆ । ସେହି ଅଙ୍ଗାର ପାଉଁଶ ଉପରେ ଭୂଇଁକୁ ଯାପି ଧରି, ଲେପ୍‌ଟେଇ ପଡ଼ି କୋଠା ଆଡ଼କୁ କ୍ରୋଧରେ ଗ୍ଳହିଁ ରହିଛୁ, ଯେପରି କି କାହାର ବିଶାଳ କଳା-କୋଟଟ ରାକ୍ଷସ ରୂପ । ତାର ଜଳନ୍ତା ଦୃଷ୍ଟି ପରି କୋଠାମସ୍ତ ସହର ଉପରେ ନାଲି ସୂର୍ଯ୍ୟର କିରଣ ପଡ଼ିଛୁ ।

ନଦଭଙ୍ଗା ମନ୍ଦିର ଘଣ୍ଟା ଗ୍ଳେଲରେ ଶମ୍ଭୁ ନାମ କୀର୍ତ୍ତନ କରୁଛୁ । ଅଘୋରବାବୁ, ମାନମସ୍ତୀ କୋଠା ଉପରୁ ଦୃଶ୍ୟ ଦେଖୁଛନ୍ତି । ପ୍ରଭାତ ସୁନ୍ଦର ଖୋଲୁଛୁ । ଲାଲ ସୂର୍ଯ୍ୟ ଉଲୁସି ଉଠୁଛୁ ।

□ □

Digitized by srujanika@gmail.com